ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଡିସେମ୍ବର ୨୦୨୧ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

‘ଆହ୍ୱାନ’ ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ପବିତ୍ର ବଡ଼ଦିନ ପର୍ବ ଏବଂ ଇଂରାଜୀ ନବବର୍ଷ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୮** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୧୬ | ଅଶୋକ ବିଶ୍ୱାଳ | ୧୯ |
| କୁସୁମ | ବିଜୟ କୁମାର ପଣ୍ଡା | ୩୩ |
| ମହାନତା | ସ୍ନିଗ୍ଧା ଜି ମହାପାତ୍ର | ୩୬ |
| ଶ୍ରେଷ୍ଠ ଉପହାର | ନିତ୍ୟରଞ୍ଜନ ନନ୍ଦ | ୩୯ |
| ଶେଷ ଇଚ୍ଛାର ପ୍ରେମ | ଆଶୁତୋଷ ମେହେର | ୪୬ |
| ପ୍ରତିଯୋଗୀତା | କୁଞ୍ଜବିହାରୀ ସାହୁ | ୫୨ |
| ଭାଗ୍ୟ | କିଷାନ ମହାକୁର | ୫୬ |
| ଜରା ନିବାସ ଯାତ୍ରା ପ୍ରସ୍ତୁତି | ସୁଶାନ୍ତ ପୁରୋହିତ ପାର୍ଥ | ୬୦ |
| ନିଃସଙ୍ଗ ମଣିଷ | ବିନୟ ମହାପାତ୍ର | ୬୭ |
| ବାପା | ବିନତା ଜେନା | ୭୯ |
| ଫାଟକ | ଲିପ୍ସା ପଟେଲ | ୮୧ |
| ଦୀପ୍ ସିଲ୍କି | ସିଲ୍କସ୍ମିତା ନାଏକ | ୮୬ |
| ଜୀବନ ଏକ ଜୁଆଖେଳ | ପଙ୍କଜ କୁମାର ମଙ୍ଗଳ | ୯୬ |
| ସମୟର ଚକ ଯାଏ ଘୁରିଘୁରିକା | ସୁଧାଂଶୁ ଶେଖର ଦ୍ୱିବେଦୀ | ୯୯ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

## କବିତା ବିଭାଗ ୧୦୫


| | | |
|---|---|---|
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୧୦୬ |
| ତୁମ ଗାଁ - ଆମ ଗାଁ | ଶିବ ନାରାୟଣ ଦାଶ | ୧୦୮ |
| ଅମୃତ ସନ୍ତାନ | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୧୧୨ |
| କହୁଛି କଥାଟେ ଶୁଣ | ଅମରନାଥ ବାରିକ | ୧୧୭ |
| ଜିତିବି ମୁଁ | ହରେରାମ ପଣ୍ଡା | ୧୧୮ |
| ସମୟର ହୁଙ୍କାର | ସରୋଜିନୀ ମିଶ୍ର | ୧୧୯ |
| ଚାପୁଡ଼ା ବାଜିବ ଗାଲରେ | ଜୟନ୍ତ କୁମାର ମଲ୍ଲିକ | ୧୨୧ |
| ଗୁରୁଙ୍କୁ ନ ମଣିବ ନର | ରାମଚନ୍ଦ୍ର ପ୍ରଧାନ | ୧୨୨ |
| ଅବ୍ୟକ୍ତ | ପ୍ରତିମା ମେହେର | ୧୨୩ |
| ପ୍ରଥମ ପ୍ରେମ | ଦୀନବଂଧୁ ବେଜ | ୧୨୫ |
| ଭିଡ଼ ଭିତରେ ହଜିଗଲା | ସୁଦିପ୍ତା ବେହେରା | ୧୨୬ |
| ପ୍ରିୟାର ଓଢ଼ଣୀ | ବୀରକିଶୋର ନାୟକ | ୧୨୭ |
| ଫର୍ଦ୍ଦେ | ପୁଷ୍ପାଞ୍ଜଳୀ ପଣ୍ଡା | ୧୨୯ |
| ନିର୍ଦ୍ଦୟୀ ମାନବ | ସୁରେଶ ଚନ୍ଦ୍ର ପାଢ଼ୀ | ୧୩୦ |
| ପଥର ପଡ଼ିଲେ ସହି | ମନୋରଞ୍ଜନ ସୁରୁଜାଳ | ୧୩୨ |
| ପ୍ରେମର ମହକ | ସରୋଜ କୁମାର ସାହୁ | ୧୩୩ |
| ରସୁଣ ବଜାଏ ବାଜଣା | ଅଲେଖ ମେହେର | ୧୩୪ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| କଲା କରମର ଫଳ | ଶାନ୍ତନୁ କୁମାର ରାଉତ | ୧୩୬ |
| କବି ଓ କବିତା | ନିରଞ୍ଜନ ସାହୁ | ୧୩୭ |
| ଶେଷ | ସତ୍ୟ ନାରାୟଣ ମିଶ୍ର | ୧୩୮ |
| ଜନନୀ | ଦେବାର୍ଚ୍ଚନ ମେହେର | ୧୩୯ |
| ଗୋଲର ଧନ୍ଦା | ମନୋଜ କୁମାର ବାରିକ | ୧୪୦ |
| ଦୁର୍ବଳ ମୁହୂର୍ତ୍ତ | ସିଦ୍ଧେଶ୍ୱର ତ୍ରିପାଠୀ | ୧୪୧ |
| କଳ୍ପ କଲ୍ଲୋଳ | ବେଣୁଧର ସୁତାର | ୧୪୨ |
| ଖରା ଛାଇ | ଗୁପ୍ତେଶ୍ୱର ଚାନ୍ଦ | ୧୪୪ |
| କେତେ କାଳ ଆଉ | ସୁବ୍ରତ କୁମାର ଜେନା | ୧୪୬ |
| ଚାଲ ଯୋଡ଼ିଦେବା ମନକୁ ମନ | ଗୌରୀ ପଣ୍ଡା | ୧୪୯ |
| ନୂତନ ସମ୍ପର୍କ | ପଲ୍ଲବୀ ବାରିକ | ୧୫୦ |
| ଶିଳ୍ପୀଶିଳା | ବାଲାଜୀ ସେଠୀ | ୧୫୨ |
| ପବିତ୍ର ପ୍ରେମ | ଆଦରମଣି ପ୍ରଧାନ | ୧୫୪ |
| କେବଳ ଲେଖାଟିଏ ହେବି | ଦିନେଶ ମେହେର | ୧୫୫ |
| ଅତିରୁ ଇତି | ନାରାୟଣ ଚନ୍ଦ୍ର ସେନାପତି | ୧୫୬ |
| ଅତିରୁ ଇତି | ବିଦ୍ୟୁତପ୍ରଭା ମିଶ୍ର | ୧୫୮ |
| ହିମର ପରଶ | ବିଷ୍ଣୁ ପ୍ରସାଦ ମିଶ୍ର | ୧୫୯ |
| ଗାନ୍ଧୀବାଦ ଆଜି କବର ତଳେ | ନଳିନୀପ୍ରଭା ମିଶ୍ର | ୧୬୦ |
| ଗାନ୍ଧୀବାଦ ଆଜି କବର ତଳେ | ଭାରତୀ ସାହୁ | ୧୬୧ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଡାକିବାବେଳ ହୋଇଯିବ ଶେଷ | ଦେବାଶିଷ ସିଂହ | ୧୬୩ |
| ହାର ମାନୁଥିବା ବୟସ | ମନୋଜ କୁମାର ଦାସ | ୧୬୫ |
| ମୁଁ ନିମିତ୍ତ ମାତ୍ର | ସଂଯୁକ୍ତା ସାହୁ | ୧୬୬ |
| ମୋ ଗାଁ | ଶକ୍ତିଦା ବିଷୋୟୀ | ୧୬୭ |
| ନିଷ୍ପତ୍ତିର ଚଟାଣରେ | ତୃପ୍ତିରାଣୀ ପାତ୍ର | ୧୬୯ |
| ହୃଦୟର ପ୍ରୀତି ଜ୍ୟୋତି | ପଙ୍କଜିନୀ ଉପାଧ୍ୟାୟ | ୧୭୧ |
| ତୁମେ ଥିଲେ ପାଶେ | ଗୀତାଞ୍ଜଳୀ ଭୂୟାଁ | ୧୭୨ |
| ବେଳାଭୂମିର ଶିଳ୍ପୀଟିଏ ମୁଁ | ବୀଣା ସାହୁ | ୧୭୩ |
| ମୋ ଗାଆଁ ଆଜି ହସୁଛି | ପ୍ରତାପ କିଶୋର ରାଉତ | ୧୭୬ |
| ବ୍ୟବଧାନ | ଶୁଭଲକ୍ଷ୍ମୀ ସେଠୀ | ୧୭୮ |
| ଏକତା ଆମର ବଳ | ଭକ୍ତବନ୍ଧୁ ସାହୁ | ୧୮୦ |
| କେତେ କଥା ଏ ବନ୍ଧୁତ୍ୱର | ରୁଦ୍ର ନାରାୟଣ ଦାଶ | ୧୮୧ |
| ମୋ ବୋଉ | ଡଃ ମାଙ୍ଗଳିକା ମହାପାତ୍ର | ୧୮୩ |
| ଜହ୍ନ ଓ ତାରା | ଭାଗିରଥୀ ଯାନୀ | ୧୮୪ |
| ଓଟରେ ଓଟ | ନୀଳମଣି ଚାନ୍ଦ | ୧୮୫ |
| ପ୍ରେମ ଇତିହାସର ଅବୁଝା କଳ୍ପନା | ଲିଟନ କୁମାର ବେହେରା | ୧୮୬ |
| ରାଜଧାନୀରେ ଶୀତ | ମଞ୍ଜୁରାଣୀ ମିଶ୍ର | ୧୮୭ |
| ଶେଷଚିଠି ସ୍ମୃତିରେ ସ୍ମୃତିରେ | ହୃଷିକେଶ ମହାନ୍ତ | ୧୮୮ |
| ଡେଣାଟେ ପିନ୍ଧେଇ ଦେ | ଡା ନୀଳମାଧବ କର | ୧୯୨ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର | ପ୍ରଦୀପ କୁମାର ଜିଲିକାରା | ୧୯୩ |
| ତେଣ୍ଡାର ଆର୍ତ୍ତଚିତ୍କାର | ରାଧାମୋହନ ପୂଜାହାରୀ | ୧୯୫ |
| କଲମ | ଦଣ୍ଡାସି ପ୍ରଧାନ | ୧୯୮ |
| କିଏ ସେ ? | ଶ୍ରୀକ୍ଷେତ୍ର ସୁନ୍ଦର | ୨୦୧ |
| ଦୁଇଟି ପୃଥିବୀ | ସୁଧର୍ମା ଡାଙ୍ଗୁଆ | ୨୦୨ |
| ବାପା ମୋର | ଅନସୂୟା ପଣ୍ଡା | ୨୦୩ |
| ମେରୀ ଖ୍ରୀଷ୍ଟମାସ ଓ ସାନ୍ତା ଅଙ୍କଲ | ପ୍ରହ୍ଲାଦ ସାହୁ | ୨୦୭ |
| ରହସ୍ୟ | ନାରାୟଣ ଦାସ | ୨୧୦ |
| ଏଇ ତ ଭରସା | ଶୁଭମ୍ କୁମାର ସାହୁ | ୨୧୩ |
| ଜୀବନ | ବିନୟ ମିଶ୍ର | ୨୧୪ |
| ଅଲଗା କରନା ବାପାମାଆଙ୍କୁ | ଶିଶିର କୁମାର ପଣ୍ଡା | ୨୧୬ |
| ମାଆ | ରବି ନାରାୟଣ ସାହୁ | ୨୧୭ |
| କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର | ଶଙ୍କର ବିଶ୍ୱାଳ | ୨୧୯ |
| ରାଇର ଆଳାପ | ସ୍ମୃତିରଞ୍ଜନ ପାତ୍ର | ୨୨୦ |
| **ସଂବଲପୁରୀ ବିଭାଗ** | | **୨୨୨** |
| ଧୈର୍ଯ୍ୟ | ବିଶ୍ୱନାଥ ଭୁଏ | ୨୨୩ |
| ଧରମ ଭାଇ | ସତ୍ୟନାରାୟଣ ମିଶ୍ର | ୨୨୫ |
| "ଛିଚା" ମନ୍ | ସୁନିଲ୍ କୁମାର ଅଗସ୍ତି | ୨୨୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଆମେ ଗୁଟେ ଗୁଟେ ନାଟର୍ ପାଟ୍ | ସନ୍ତୋଷ କୁମାର ବେହେରା | ୨୨୯ |
| ଇସ୍କୁଲ୍ ଡାକୁଛେ ମତେ | ରାଧାମୋହନ ପୂଜାହାରୀ | ୨୩୦ |
| ଆମର୍ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ ! | ବିଶ୍ୱନାଥ ଭୁଏ | ୨୩୧ |
| **ପ୍ରବନ୍ଧ ବିଭାଗ** | | **୨୩୨** |
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୨୩୩ |
| ଉପକାରୀ ତୁଳସୀ | ରାଜୀବ ଲୋଚନ ପାଣିଗ୍ରାହୀ | ୨୬୪ |
| ପରମାତ୍ମା | ପଙ୍କଜ କୁମାର ପାଣିଗ୍ରାହୀ | ୨୬୮ |
| ଅରଣ୍ୟରୋଦନ | ଅନିଲ୍ ଦେ | ୨୭୪ |
| ନଭେମ୍ବର ବିପ୍ଳବ | ଅସିତ ମହାନ୍ତି | ୨୮୨ |
| ଓଡ଼ିଶାର ପ୍ରଥମ ବାଚସ୍ପତି | ଅକ୍ଷୟ କୁମାର ରାଉତ | ୨୮୬ |
| ଜ୍ୟେଷ୍ଠ ହିଁ ଶ୍ରେଷ୍ଠ | ସାଇ ପ୍ରସାଦ ସାହୁ | ୨୯୩ |
| ଆମେ ଓ ଆମ ଅଧୋଗତିର କାରଣ | ପ୍ରହ୍ଲାଦ ସାହୁ | ୨୯୮ |
| ପୁସ୍ତକ ସମୀକ୍ଷା 'ଆଶାର ବଳୟ' | | ୩୦୨ |
| ବିଶେଷ ସୂଚନା | | ୩୦୩ |


ଭବିଷ୍ୟତରେ ଆହ୍ୱାନ୍ ଇ-ପତ୍ରିକାରେ କେବଳ ସ୍ୱଳ୍ପ ଏବଂ ନିର୍ବାଚିତ କବିତା ହିଁ ସ୍ଥାନ ପାଇବ, ଯେଉଁ ସବୁ ବନ୍ଧୁ କବିତା ପ୍ରେରଣ କରୁଛନ୍ତି ସେମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ, କାରଣ କେବଳ କବିତା ନିମନ୍ତେ ଆହ୍ୱାନର ଏକ ବିଶେଷ ପତ୍ରିକା ପ୍ରତ୍ୟେକ ମାସରେ ପ୍ରକାଶିତ ହେବ । ଏବଂ ଏହି କବିତା ସବୁ ସିଧା ଆମ ୱେବ୍‌ସାଇଟରେ ପ୍ରକାଶିତ ହେବ । ଯାହା ଆପଣ ଅତି ସହଜରେ ନିଜ ବନ୍ଧୁମାନଙ୍କ ସହ ଶେୟାର୍ କରି ପାରିବେ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଅନେକ ଥର ଅନୁରୋଧ କରିବା ସତ୍ତ୍ୱେ କିଛି ବନ୍ଧୁ ମାସରେ ଅନ୍ୟୁନ ଦଶ କିମ୍ବା ଅଧିକ କବିତା ମୋ ଇମେଲରେ ପଠାଉଛନ୍ତି । କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପଠାନ୍ତୁ । ଯାହା ପ୍ରକାଶନ ଯୋଗ୍ୟ ବୋଲି ନିଜେ ଭାବୁଛନ୍ତି ସେହିଭଳି ଲେଖା ହିଁ ପଠାନ୍ତୁ । ଅଧିକ ଇମେଲ୍ ପଠାଇଲେ, ଗୁଗୁଲ୍ ଇମେଲ୍ ଆପଣଙ୍କ ଇମେଲ୍ ଠିକଣାକୁ ବନ୍ଦ କରିଦେଇ ପାରେ, ଏହାକୁ ସ୍ପାମ୍ ବୋଲି ନିଜେ ନିଜେ ଧରିନେଇ ଆପଣଙ୍କ ଇମେଲ୍ ସବୁକୁ ସ୍ପାମ୍ ଫୋଲ୍ଡରରେ ପକେଇ ଦେଇ ପାରେ । ତାପରେ ଆପଣଙ୍କ ଲେଖା ଆଉ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ ଦୟାକରି ଉପରୋକ୍ତ ତଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

ପ୍ରତ୍ୟେକ ମାସର ସଂସ୍କରଣ ପ୍ରକାଶନ ପରେ ହିଁ ନୂଆ ସଂସ୍କରଣ ପାଇଁ ଲେଖା ପଠାନ୍ତୁ । କେବଳ ଲେଖା ପଠାଇଲେ ଚଳିବ ନାହିଁ, ପତ୍ରିକାକୁ ନିଜ ବନ୍ଧୁଙ୍କୁ, ପରିଜନଙ୍କୁ ଦିଅନ୍ତୁ, ସେମାନଙ୍କୁ ଓଡ଼ିଆରେ ଲେଖିବା ଏବଂ ପଢ଼ିବା ପାଇଁ ଉତ୍ସାହିତ କରନ୍ତୁ । ଆସନ୍ତୁ ଆମେ ଆହ୍ୱାନ ପତ୍ରିକା ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର କରିବା । ଆମ ଭାଷା ସାହିତ୍ୟର ଉନ୍ନତିକୁ ଆମେ ସାକାର କରିବା ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ବର୍ଷ ୨୦୨୧ର ଶେଷ ସଂସ୍କରଣ ସହ ମୁଁ ଉପସ୍ଥିତ ପୁଣିଥରେ ଆପଣମାନଙ୍କ ଦ୍ୱାରା ପ୍ରେରିତ ସମସ୍ତ କଥାକାହାଣୀ, କବିତା ଓ ପ୍ରବନ୍ଧକୁ ଏକ ସମ୍ପାଦିତ ସଂସ୍କରଣ ଭାବରେ ଆପଣ ମାନଙ୍କୁ ଭେଟି ଦେବାପାଇଁ । ପ୍ରତ୍ୟେକ ମାସରେ ଆପଣ ମାନେ ଯେଉଁଭଳି ଭାବରେ ଉଚ୍ଛ୍ୱସିତ ସାହାଯ୍ୟ କରୁଛନ୍ତି ତାହା ଅତ୍ୟନ୍ତ ଆନନ୍ଦଦାୟକ । ବିଗତ ଦିନରେ ଲେଖିକାଲେଖକ ମାନେ ନିଜ କୃତିକୁ ଟାଇପ୍ କରି ପଠାଇବା ପରେ ପତ୍ରିକା ସମ୍ପାଦନରେ ଅର୍ଦ୍ଧେକ କଷ୍ଟ ଦୂର ହୋଇଗଲା, ହେଲେ ଏବେ ମଧ୍ୟ ସମସ୍ତ ଲେଖାରେ ବ୍ୟାକରଣଗତ ତ୍ରୁଟି ବହୁଳ ମାତ୍ରାରେ ଦେଖିବାକୁ ମିଳୁଛି, ହୁଏତ ଏହା ଟାଇପ୍ କରିବା ହେତୁ ହୋଇଥାଇପାରେ । ସେ ଯାହେଉ ଆମକୁ ଆମର ବ୍ୟାକରଣ ପ୍ରତି ଧ୍ୟାନ ଦେବାକୁ ହେବ । ଅନୁ୍ୟନ ତିନିଶହ ପୃଷ୍ଠାର ଏଇ ପତ୍ରିକାର ପ୍ରତ୍ୟେକ ପୃଷ୍ଠାରେ ବ୍ୟାକରଣଗତ ତ୍ରୁଟିକୁ ଖୋଜି ସଂଶୋଧନ କରିବା ମୋ ପାଇଁ ଅଧିକ କଷ୍ଟ ହେଉଛି । ଆଶା କରୁଛି ଆଗକୁ ଆମ ଲେଖିକା ଓ ଲେଖକ ମାନେ ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ ।

ଚଳିତ ମାସରେ ଅନେକ ଘଟଣା ଜାତୀୟ ମାନସପଟରେ ପ୍ରଭୂତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଭାବ ପକାଇଛି, ସେ ମଧ୍ୟରୁ କୃଷି କାନୁନର ରଦ୍ଦ ହେବା, ତିନିସେନାର ପ୍ରମୁଖଙ୍କ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁବରଣ କରିବା ଅନ୍ୟତମ ଏହା ସହିତ ଓଡ଼ିଶାରେ ଅନେକ ଘଟଣା ମଧ୍ୟ ଆମକୁ ଚିନ୍ତା କରିବାକୁ ବାଧ୍ୟ କରିଛି । ବିଗତ ଏକବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଭାରତୀୟ ସଂସଦରେ ସମର୍ଥିତ କୃଷିକାନୁନକୁ ଫେରାଇ ନେବାର ଦାବୀ କରି ଦେଶର କିଛି କୃଷକ ସଂଗଠନ ଏବଂ ଅନେକ ରାଜନୈତିକ ଦଳ ଯେଉଁଭଳି ଭାବରେ ଦେଶର ରାଜଧାନୀକୁ ଏକ ପ୍ରକାର ପଣବନ୍ଦୀ କରି ରଖିଥିଲେ ସେଇ ଅବ୍ୟବସ୍ଥାକୁ ଗୋଟିଏ ଘୋଷଣା କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶାନ୍ତ କରିଦେଲେ । କୃଷକମାନଙ୍କ ହିତରେ ଯେଉଁ କାନୁନ ଅଣାଯାଇଥିଲା ସେଇ କାନୁନ ବିରୋଧରେ ମୁଷ୍ଟିମେୟ ରାଜନୈତିକ ବ୍ୟକ୍ତିତ୍ୱଙ୍କ ଆନ୍ଦୋଳନ ଏହାକୁ ଫେରାଇ ନେବାକୁ ବାଧ୍ୟ କରିଥିଲା । ଏହି କାନୁନ ଦ୍ୱାରା ଯେ କୃଷକମାନଙ୍କୁ ଅନେକ ଲାଭ ହୋଇଥାନ୍ତା ତାହା ଦେଶର ଅନେକାଂଶରେ କୃଷକମାନେ ଜାଣି ସାରିଥିଲେ ସୁଦ୍ଧା ରାଜନୈତିକ ଏବଂ କୂଟନୀତିକ ମସୁଧା କରି କିଛି ଲୋକ ସରକାରଙ୍କୁ ଏହି କାନୁନ ଫେରାଇ ନେବାକୁ ବାଧ୍ୟ କରିଦେଲେ । ସରକାରଙ୍କ ବିଧିବଦ୍ଧ ଘୋଷଣା ପରେ ବି କୃଷକ ଆନ୍ଦୋଳନ ବନ୍ଦ ହେଇନାହିଁ, ଏହା ଦେଶର ସମସ୍ତ ନାଗରିକଙ୍କୁ ସଠିକ୍ ସନ୍ଦେଶ ଦେଉଛି, ଏହା କେଉଁଥିପାଇଁ ହେଉଛି । ଗୋଟିଏ ପରେ ଗୋଟିଏ ଜିନିଷର ଦାବୀ କରିବା ଏବଂ ଏହାକୁ ମନାଇବା ପାଇଁ ଦେଶର ରାଜଧାନୀକୁ ବନ୍ଧକ ରଖିବା ଭଳି ମସୁଧା କରୁଥିବା ବ୍ୟକ୍ତି ତଥା ସଂଗଠନକୁ ବରଖାସ୍ତ କରାଯାଇ ତ୍ୱରିତ ପ୍ରକ୍ରିୟାରେ ଦଣ୍ଡବିଧାନ ବ୍ୟବସ୍ଥା ନ କଲେ, ଆଗାମୀ ଦିନରେ ଏହିଭଳି ଅନେକ ଆନ୍ଦୋଳନ ଦେଶକୁ ଅସ୍ଥିର କରିଦେବ ଏଥିରେ ଦ୍ୱିମତ ନାହିଁ ।

ଚଳିତ ସପ୍ତାହରେ ତାମିଲନାଡୁଠାରେ ଏକ ମର୍ମନ୍ତୁଦ ହେଲିକପ୍ଟର ଦୁର୍ଘଟଣାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତିନିସେନା ପ୍ରମୁଖ (ସିଡିଏସ୍) ଜେନେରାଲ୍ ଶ୍ରୀ ବିପିନ୍ ରାବତ୍ ଏବଂ ତାଙ୍କ ଧର୍ମପତ୍ନୀଙ୍କ ସମେତ ତେରଜଣ ପ୍ରାଣ ହରାଇଛନ୍ତି । ଦେଶର ଜଣେ ବୀର ସୈନିକ ଯେ ଦେଶର ତିନି ସେନାର ପ୍ରମୁଖ ଭାବରେ ନିଯୁକ୍ତଥିଲେ ତାଙ୍କ ବିୟୋଗରେ ସମଗ୍ର ଦେଶ ଶୋକାକୁଳ ହୋଇ ପଡ଼ିଥିବା ବେଳେ କିଛି ବ୍ୟକ୍ତି ସାମାଜିକ ମାଧ୍ୟମରେ ଏହାକୁ ନେଇ ବ୍ୟଙ୍ଗାତ୍ମକ ଏବଂ ଅଶ୍ଳୀଳ ମନ୍ତବ୍ୟ ଦେବାକୁ ପଛାଇନାହାନ୍ତି । ସେମାନେ କିଏ ? ଯେଉଁମାନେ ଉରୀ ଆକ୍ରମଣ ହେଲେ, ଖୁସି ମନାନ୍ତି, ପୁଲବାମା ଆକ୍ରମଣ ପରେ ଖୁସି ମନାନ୍ତି, ପାକିସ୍ତାନ ଖେଳରେ ଜିତିଗଲେ ଖୁସି ମନାନ୍ତି ? ଏମାନେ କଣ ସତରେ ଭାରତୀୟ ? ଏମାନଙ୍କ ହୃଦୟରେ ଦେଶପ୍ରେମ ବୋଲି କିଛି ନାହିଁ । ଏହା ପ୍ରମାଣିତ ହୋଇ ଆସୁଛି । ତଥାପି ଆମ ଦେଶ ସହନଶୀଳ ନୀତି ନେଇ ସେମାନଙ୍କ ବିରୋଧରେ କୌଣସି କଡ଼ା ପଦକ୍ଷେପ ନେଉ ନାହିଁ, ଏହାହିଁ ଚିନ୍ତାର ବିଷୟ । ଯଦି ଆସନ୍ତା କାଲି ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୁଏ ସେତେବେଳେ ଏହି ବ୍ୟକ୍ତିମାନେ ଦେଶ ଭିତରର ପରିବେଶକୁ କଳୁଷିତ କରିବେ ନାହିଁ କି ? ଦେଶକୁ ଅସ୍ଥିରତା ଆଡ଼କୁ ଠେଲି ଦେବେ ନାହିଁ କି ? ତାହେଲେ ଏମାନଙ୍କୁ ଆଖି ଦୃଶିଆ ଦଣ୍ଡବିଧାନ କରାଯାଉନାହିଁ କାହିଁକି ?

ବିଗତ ଦିନରେ ଏକ ଘଟଣା ଓଡ଼ିଆ ଗଣମାଧ୍ୟମକୁ ବେଶ ପ୍ରସିଦ୍ଧି ପାଇଁ ଖୋରାକ ଯୋଗାଇଥିଲା ଆଉ ତାହା ଥିଲା ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରରେ ଜଣେ ନବବଧୁ ନିଜ ଶଶୁର ଘର ସମ୍ମୁଖରେ ଧାରଣା ଦେବା । ଏହି ଘଟଣା ସାମାଜିକ ଗଣମାଧ୍ୟମରେ ଏତେ ମାତ୍ରାରେ ପ୍ରସାରିତ ହେଲା ଯେ ଏହାକୁ ନେଇ ଅନେକ ବ୍ୟକ୍ତି ଉଭୟ ପକ୍ଷଙ୍କୁ ନିନ୍ଦିତ କରିବାକୁ ପଛାଇଲେ ନାହିଁ । ଘଟଣାର ସବିଶେଷ ବିବରଣୀ ନ ମିଳିଥିଲେ ସୁଦ୍ଧା, ଜଣାଯାଇଛି ଯେ ଜନୈକ ଡାକ୍ତର ଜଣେ କନ୍ୟା ସହ ପ୍ରେମ ସମ୍ପର୍କରେ ଥିଲେ ଏବଂ ତାଙ୍କୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିବାହ କରିବାକୁ ଚାହୁଁଥିଲେ, ଯାହାକୁ ତାଙ୍କ ପରିବାରରେ ସମର୍ଥନ ମିଳୁନଥିଲା, କାରଣ ସମ୍ପୃକ୍ତ ଡାକ୍ତରଙ୍କ ବଡ଼ଭାଇ ବର୍ତ୍ତମାନ ସୁଦ୍ଧା ବିବାହିତ ନଥିଲେ । ତେଣୁ ଡାକ୍ତର ଜଣକ ସେହି ଝିଅକୁ ସରକାରୀ ରେଜିଷ୍ଟ୍ରିଭୁକ୍ତ ବିବାହ କରିଥିଲେ । ଏବଂ ସେମାନେ କିଛିଦିନ ନିଜ ଘରେ ରହିବା ପରେ ଝିଅ ଜଣକ ପରିବାର ଉପରେ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦିଆଯାଉଥିବା ମାମଲା କୋର୍ଟରେ ଦାୟର କରି ଘର ଛାଡ଼ି ଦେଇଥିଲେ । ଏହାପରେ ପୁଣୀଥରେ ଆପୋଷ ସମାଧାନ କରି ନଭେମ୍ବର ମାସରେ ବିବାହ ପାଇଁ ଉଭୟ ପକ୍ଷ ରାଜି ହୋଇଥିବା ବେଳେ ଠିକ୍ ବିବାହ ପୂର୍ବରୁ ଡାକ୍ତରଙ୍କ ପରିବାର ଏଥିପାଇଁ ମାନିଲେ ନାହିଁ, ତେଣୁ ଝିଅ ଜଣକ ଜିଦ୍ କରି ଡାକ୍ତରଙ୍କ ଘର ସାମନାରେ ଧାରଣା ଦେଲେ । ସମ୍ବେଦନାର ସୁଅ ଝିଅଟି ପାଇଁ ଅନେକ ଆସିଥିବା ବେଳେ ସମ୍ପୃକ୍ତ ଡାକ୍ତର ଏବଂ ତାଙ୍କ ପରିବାର ପାଇଁ ଅନେକ ଅଭଦ୍ରୋଚିତ ମନ୍ତବ୍ୟ ସମେତ ଘୃଣା ସମ୍ବଳିତ ପୋଷ୍ଟ ସବୁ ଆସିବାକୁ ଲାଗିଥିଲା । ଅନେକ ଚେଷ୍ଟା ପରେ ମାନ୍ୟବର ଅଦାଲତ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ସାତଦିନ ପାଇଁ ଏକାଠି ରହିବାପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହା ସରକାରୀ ହସ୍ତକ୍ଷେପ ଦ୍ୱାରା ପାଳନ କରାଯାଇଥିଲା ଏବଂ ସପ୍ତାହ ଶେଷରେ ପୁଅ ଜଣକ ଚାଲିଯାଇଥିବା ବେଳେ ପୁଣିଥରେ ସେ ଫେରାର୍ ହୋଇଛନ୍ତି ବୋଲି କହି ଗଣମାଧ୍ୟମରେ ଝିଅ ଜଣକ ବକ୍ତବ୍ୟ ଦେଇଛନ୍ତି । ଏହାକୁ ନେଇ ପୁଣିଥରେ ଝିଅପାଇଁ ସମବେଦନାର ସୁଅ ଛୁଟି ଚାଲିଛି । ଏହି ସମସ୍ତ ଘଟଣାର ସତ୍ୟାସତ୍ୟ ଆମେ କିଛି ବି ଜାଣିନାହୁଁ । ତେଣୁ ଏଠି କିଏ ଠିକ୍ ଆଉ କିଏ ଭୁଲ କହିବା ଅନୁଚିତ ହେବ । କିନ୍ତୁ ଯେଉଁଭଳି ଭାବରେ ଜଣେ ଝିଅ ବୋଲି ତାଙ୍କ ପାଇଁ ସମବେଦନାର ଝରଣା ବହିଯାଉଛି ଏବଂ ପୁଅ ତଥା ତା ପରିବାରକୁ ନିନ୍ଦିତ କରାଯାଉଛି ତାହା କଣ ଉଚିତ ହେଉଛି କି ? ସୂଚନାଯୋଗ୍ୟ ଯେ ପୂର୍ବରୁ ଝିଅ ଜଣକ ତାଙ୍କ ଶାଶୁଶ୍ୱଶୁରଙ୍କ ପରିବାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରେ ମାମଲା ରୁଜୁ କରିଛନ୍ତି, ଯାହା ବର୍ତ୍ତମାନ ନ୍ୟାୟାଳୟରେ ବିଚାରାଧୀନ ରହିଛି, ଏହିଭଳି ସମୟରେ ପୁଣିଥରେ ତାଙ୍କ ଘର ସମ୍ମୁଖରେ ଧାରଣା ଦେବାର ଔଚିତ୍ୟ କେଉଁଠି ? ଅନ୍ତତଃ ଅଦାଲତର ରାୟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ ଥିଲା । ପୁଣି ଘର ବାହାରେ ବସି ଗୁରୁବାର ପୂଜା କରିବାର ନାଟକ କଣ ପାଇଁ ? ହଁ, ଧାରଣା ଦେଇଛ, ଠିକ୍ ଅଛି । କିନ୍ତୁ ଗୁରୁବାର ପୂଜା ? ଏହା କଣ ଗୁରୁବାର ପୂଜାର ଅପମାନ ନୁହେଁ କି ? ଏ କି ପ୍ରକାରର ପ୍ରହସନ ? ଗଣମାଧ୍ୟମଙ୍କ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ପ୍ରୋତ୍ସାହନରେ ଏ ସବୁ ହେଉନାହିଁ ବୋଲି କିଏ କହିବ ? ଏଭଳି ସବୁ କରିବା ପରେ କିଭଳି ଆଶା କରାଯାଉଛି ଯେ ଗୋଟିଏ ପରିବାର ସେ ଝିଅକୁ ସ୍ୱାଗତ କରିବ ? ପ୍ରେମ କରିବା ବେଳେ ତ ନିଶ୍ଚୟ ଭାବରେ ଉଭୟ ପକ୍ଷ ଏଥିରେ ସଂଶ୍ଳିଷ୍ଟ ଥିଲେ, ଯାହା ବି ନିଷ୍ପତ୍ତି ନେଉଥିଲେ ଉଭୟ ମିଳିମିଶି ନେଇଥିଲେ, ଏବେ ସମୁଦାୟ ଦୋଷ ପୁଅ ଉପରେ ଲଦି ଦେବାର ଅର୍ଥ କଣ ? ଏଇ ଦେଶରେ ମହିଳା ସୁରକ୍ଷା ଆଇନ ରହିଛି, ତେଣୁ ସମବେଦନା ଢାଳି ଦେଉଛନ୍ତି । ପୁଅଟିଏ ବୋଲି ସେ କାହିଁକି ଲାଞ୍ଛିତ ହେବ ? ଯଦି କାଲି ଅଦାଲତ ସେ ଝିଅ ବିପକ୍ଷରେ ରାୟ ଦିଅନ୍ତି ସେତେବେଳେ ଏହି ଯେଉଁ ବ୍ୟକ୍ତି ସବୁ ସାମାଜିକ ଗଣମାଧ୍ୟମରେ ସେଇ ପୁଅକୁ ଲାଞ୍ଛନା ଦେଇଥିଲେ ସେମାନେ କ୍ଷମା ମାଗିବେ ? ଏହା ଦ୍ୱାରା ସେ ପରିବାରର ପ୍ରତିଷ୍ଠା ଫେରି ଆସିବ ? କୌଣସି ବିଷୟରେ ମନ୍ତବ୍ୟ ଦେବା ପୂର୍ବରୁ ସବୁବେଳେ ଉଭୟ ପକ୍ଷର କାହାଣୀ ଶୁଣିବା ପରେ ହିଁ କିଛି କୁହନ୍ତୁ ।

ଆଜି ସଦ୍ୟପ୍ରାପ୍ତ ଖବର ଅନୁସାରେ, ବିଗତ ଏକବର୍ଷରୁ ଅଧିକ ସମୟ ଧରି ଦିଲ୍ଲୀ ସହରର ମୁଖ୍ୟ ସଡ଼କକୁ ବନ୍ଦ କରି ରଖିଥିବା ଏବଂ କୃଷକ ଆନ୍ଦୋଳନ ନାମରେ ଜନମାନସକୁ ଅସ୍ତବ୍ୟସ୍ତ କରିଦେଇଥିବା ନାଟକର ଅବସାନ ଘଟିଛି । ଆଜି ସକାଳୁ ସକାଳୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଠାରୁ ଲୋକମାନେ ନିଜ ନିଜ ରାଜ୍ୟକୁ ଫେରି ଯାଉଛନ୍ତି । ସୂଚନାଯୋଗ୍ୟ ଯେ ଏହି ଆନ୍ଦୋଳନରେ ପଞ୍ଜାବ, ହରିଆନା ଏବଂ ଉତ୍ତର ପ୍ରଦେଶର କୃଷକମାନେ ଭାଗ ନେଇଥିଲେ । ଦେଶରେ ଅନେକ ରାଜ୍ୟ ରହିଥିବା ବେଳେ ଅନ୍ୟ ରାଜ୍ୟମାନଙ୍କରୁ କୃଷକମାନେ କାହିଁକି ଏଠାରେ ଅଂଶ ଗ୍ରହଣ କରିନଥିଲେ ତାହା ନିଶ୍ଚୟ ଭାବରେ ସମସ୍ତେ ଚିନ୍ତା କରିବେ । ସେ ଯା ହେଉ, ଶେଷରେ ଦିଲ୍ଲୀର ରାଷ୍ଟ୍ରୀୟ ରାଜମାର୍ଗକୁ ଖୋଲି ଦିଆଗଲା । ସିଙ୍ଘୁ, ଟିକରି ଏବଂ ଗାଜିପୁର୍ ଠାରେ ନିର୍ମିତ ଅସ୍ଥାୟୀ ଟେଣ୍ଟ୍ ଏବଂ ଘରକୁ ବର୍ତ୍ତମାନ୍ ସଫା କରାଯାଉଛି । ଏହା ଫଳରେ ଅନ୍ତତଃ ଏହି ସବୁ ଅଞ୍ଚଳର ଲୋକମାନେ ଯେଉଁମାନେ ଦିଲ୍ଲୀ ଯିବାକୁ ହେଲେ ଅଗଣିତ ଅକଥନୀୟ ଅସୁବିଧା ଭୋଗୁଥିଲେ ସେମାନେ ତ୍ରାହି ପାଇଲେ ଏବଂ ରାଜମାର୍ଗ ଖୋଲିବା ପରେ ସମସ୍ତପ୍ରକାର ବାହନର ଚଳାଚଳ ସୁରୁଖୁରୁରେ ହୋଇ ପାରିବ । ମାନ୍ୟବର ଅଦାଲତଙ୍କ ବାରମ୍ବାର ଚେତାଇବା ସତ୍ତ୍ୱେ ଏହି ଆନ୍ଦୋଳନକାରୀ ମାନେ ରାସ୍ତାକୁ ବନ୍ଦ କରିଦେଇଥିଲେ ।

ବର୍ଷର ଶେଷ କେଇ ଦିନ ରହିଲା, କରୋନାର ନୂତନ ପ୍ରଜାତି ଓମିକ୍ରନ ବିଶ୍ୱର ଅନେକ ଦେଶରେ ଭୟାବହତା ଦେଖାଇ ଅସ୍ଥିରତା ସୃଷ୍ଟି କରିସାରିଲାଣି । ସମ୍ଭବତଃ ଭାରତରେ ଏହାର ପ୍ରଭାବ ଆଉ ଅଳ୍ପଦିନ ପରେ ଦେଖିବାକୁ ମିଳିବ । ହୋଇପାରେ ପୁଣିଥରେ ଆମକୁ ଘରେ ବନ୍ଦ ହୋଇ ରହିବାକୁ ପଡ଼ିପାରେ । ତେଣୁ ସାବଧାନତା ନିଶ୍ଚୟ ପାଳନ କରନ୍ତୁ । ମାସ୍କ ବ୍ୟବହାର ଅନିବାର୍ଯ୍ୟ ହେଉ, ହାତକୁ ବାରମ୍ବାର ସଫା କରନ୍ତୁ ଏବଂ ସମ୍ଭାବ୍ୟ ଜନଗହଳି ଠାରୁ ଦୂରରେ ରହନ୍ତୁ ।

ଭଗବାନ ଆପଣଙ୍କୁ ସୁସ୍ଥ ରଖନ୍ତୁ ।

ଧନ୍ୟବାଦ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍










## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

### ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୧୬



ଅଶୋକ ବିଶ୍ୱାଳ

ସେ ବନବିବିଙ୍କ ଉପଖ୍ୟାନ ଉପରେ ଗଭୀର ଚିନ୍ତା କରୁଥିଲେ । ତାଙ୍କ କପାଳରେ ମୋଟା ଗାର ସବୁ ତିଆରି ହୋଇ ଯାଇଥିଲା । ଲୋକଯୁକ୍ତି ଆଉ ଲୋକ ବିଶ୍ୱାସ ଭିତରୁ ଏକ ପ୍ରକୃତ ଯୁକ୍ତିକର ତଥ୍ୟ ବାହାରକୁ ଆଣିବା ପାଇଁ ଗାଢ ନୁହେଁ ପ୍ରଗାଢ ଚିନ୍ତନର ଆବଶ୍ୟକତା ଅଛି । ବାହାରେ ପକ୍ଷୀମାନଙ୍କ କୂଜନ ଶୁଣାଯାଉଥିଲା । ତାଙ୍କ ମନ ସେ ଆଡକୁ ଟିକିଏ ଟାଣି ହୋଇଗଲା ଭଳି ଲାଗୁଥିଲା । ସେ ଆଖି ବନ୍ଦ କରିଦେଲେ । ତାହେଲେ ବନବିବିଙ୍କ ଉପରେ ଲୋକଙ୍କ ଅଗାଧ ବିଶ୍ୱାସର ଦୃଢ ଭିତ୍ତିଭୂମି କଣ ହୋଇପାରେ ?

ଏକ କଳା କଜଳପାତି ଚୁପଚାପ ଗଛ ଡାଳରେ ବସି ରହିଥିଲା । ପଛରେ ଉଜ୍ଜ୍ୱଳ ସୂର୍ଯ୍ୟ । ସେଥିରୁ କଜଳପାତିର ଦୁଇକୋଣିଆ ଲମ୍ବା ଲାଂଜ ଯୋଗୁ ପକ୍ଷୀଟି କଜଳପାତି ବୋଲି ଜାଣି ହେଉଥିଲା । ଏ ପକ୍ଷୀଟି ଲୋକବସତିର ପାଖରେ ରୁହେ । ବହୁତ ସମୟରେ ପଶୁମାନଙ୍କ ଉପରେ ବସିଥାଏ । କିଛି ପୋକ ଜୋକ ପବନରେ ଉଡିଲେ ଝାମ୍ପ ମାରି ଧରିନିଏ । ସେ ଅନେକ ସମୟ ସେହି କଜଳପାତିକୁ ଦେଖୁଥିଲେ । ପାଓଲି ବି କିଛି ପ୍ରଶ୍ନ କରୁ ନଥିଲେ । ଦୁହେଁ ଆରାମରେ କିଛି ସମୟ ବିତାଇବାକୁ ଆସିଛନ୍ତି । ଏମିତି ଶାନ୍ତ ପରିବେଶ ସେମାନଙ୍କୁ ଭଲ ଲାଗୁଥିଲା । କିଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମୟପରେ ସପନବାବୁ କହିବାକୁ ଆରମ୍ଭ କଲେ ।

"ଦକ୍ଷିଣ ରାୟଙ୍କର କାଠ, ମହୁ, ଝୁଣା ଇତ୍ୟାଦି ଜଙ୍ଗଲଜାତ ଦ୍ରବ୍ୟ ଉପରେ ସଂମ୍ପୂର୍ଣ ଅଧିକାର ଅଛି । ଏହିଠାରେ ଏକ ସନ୍ଦେହ ଆସୁଛି । ଯଦି ବନବିବି ସଂମ୍ପୂର୍ଣ ସୁନ୍ଦରବନର ଅଧିଷ୍ଠାତ୍ରୀ ଦେବୀ ତାହେଲେ ତାଙ୍କର ଜଙ୍ଗଲ ଆଉ ଜଙ୍ଗଲଜାତ ଦ୍ରବ୍ୟ ଉପରେ ପୂର୍ଣ ଅଧିକାର ହେବା କଥା । କିନ୍ତୁ ଉପରୋକ୍ତ ଦ୍ରବ୍ୟ ଉପରେ ଦକ୍ଷିଣ ରାୟଙ୍କର କଣ ପାଇଁ ଏକଚାଟିଆ ଅଧିକାର ? କଣ ପାଇଁ ଦୁଃଖେ ଦକ୍ଷିଣ ରାୟଙ୍କୁ ଏସବୁ ପାଇଁ ପ୍ରାର୍ଥନା କରିବ ? ତେଣୁ  ବିଷୟ ଉପରେ କିଛି ଦ୍ୱିଧା ନିଶ୍ଚିତ ଭାବରେ ଅଛି ।"- ସପନବାବୁ ନିଜର ଭାବନା ଆଉ ଯୁକ୍ତିକୁ ପାଓଲିଙ୍କ ଆଗରେ ବୁଝିବା ଶୈଳୀରେ ଉପସ୍ଥାପନା କରୁଥିଲେ । ପାଓଲି ବିଦୂଷୀ ମହିଳା, ପ୍ରତି ଯୁକ୍ତିକୁ ଭଲ ଭାବେ ବୁଝି ପାରନ୍ତି । ପାଓଲି ମୁଣ୍ଡ ହଲାଇଲେ ।

"ଏକ ଅଧିଷ୍ଠାତ୍ରୀ ଦେବୀଙ୍କର ସବୁ ଦ୍ରବ୍ୟ ଉପରେ ସମ୍ପୂର୍ଣ ଅଧିକାର ହେବାର କଥା । କିନ୍ତୁ ପଢାଯାଉଥିବା ଗୀତ ଗୁଡିକରେ ଏମିତି ବର୍ଣନା ନାହିଁ । ତେଣୁ ଯୁକ୍ତି ଆଉ ଏକ ଭିନ୍ନ ଦିଗକୁ ମୋଡ ନେଉଛି । ଦକ୍ଷିଣରାୟ ବନବିବିଙ୍କ ଆଗରେ ନିଜର ଅଧିକାର ସ୍ୱଷ୍ଟ କରି ଦେଇଥିଲେ । ଜଙ୍ଗଲର ଲଘୁଜାତ ଦ୍ରବ୍ୟ, କାଠ ଉପରେ ତାଙ୍କର ପୂର୍ଣ ଅଧିକାର ଅଛି । ଏଥରେ ବନବିବି ନିଜର କିଛି ମତବ୍ୟକ୍ତ କରି ନାହାନ୍ତି ବା ଅମତ ହୋଇ ନାହାନ୍ତି । ତେଣୁ ଏହି ଅମତ ନ ହେବା ପ୍ରମାଣ କରୁଛି ଯେ ଜଙ୍ଗଲର ଅଧିଷ୍ଠାତ୍ରୀ ଦେବୀ ବନବିବି ନୁହନ୍ତି । ସେ ଜଙ୍ଗଲରେ ମଧ୍ୟ ଅଧିବାସ କରୁ ନାହାନ୍ତି । ଯଦି କରୁଥାନ୍ତେ ତାହେଲେ ତାଙ୍କର ଅଧିକାର ସାବ୍ୟସ୍ତ ହୋଇଥାଆନ୍ତା ।"- ସପନବାବୁ ନିଜର ଯୁକ୍ତିକୁ ଆହୁରି ଅଧିକ ସ୍ୱଷ୍ଟ, ବଳିଷ୍ଠ କରି ଦେଉଥିଲେ ।

"ସାଧାରଣ ଲୋକଙ୍କର ବିଶ୍ୱାସ ଯେ ବନବିବି ସୁନ୍ଦରବନ ଜଙ୍ଗଲର ଅଧିଷ୍ଠାତ୍ରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବୀ । ଲୋକଙ୍କର ବିଶ୍ୱାସ ଉପରେ ବହୁତ କିଛି କହି ହେବନାହିଁ । ବନବିବିଙ୍କ ଉପରେ ଯେଉଁ ସବୁ ପାଲା ଆଉ ଅଭିନୟ ପ୍ରଦର୍ଶନ ହେଉଛି ବା ତାଙ୍କର ତୁଷ୍ଟି ବା ମହିମା ଉପରେ ଯାହାସବୁ କାବ୍ୟ ଅଛି ସେ ସବୁ କିନ୍ତୁ ଆଉ ଏକ ଭିନ୍ନ ଦିଗକୁ ଲକ୍ଷ୍ୟ କରୁଛି । ଏଣୁ ବନବିବି କେବେହେଲେ ସୁନ୍ଦରବନର ସଂମ୍ପୂର୍ଣ ଅଧିଷ୍ଠାତ୍ରୀ ଦେବୀ ହୋଇ ନପାରନ୍ତି । ଜଙ୍ଗଲରୁ ଆସୁଥିବା ଲଘୁଜାତ ଦ୍ରବ୍ୟ ଉପରେ ତାଙ୍କର କିଛି ଏକଚାଟିଆ ଅଧିକାର ନାହିଁ । ବନବିବିଙ୍କର ନିଜ ବ୍ୟବହାର, ସେହି ଅଭିନୟ ସବୁ ଏକଥା ସ୍ୱଷ୍ଟ କରି ଦେଇଛି ।"- ତାଙ୍କର ଯୁକ୍ତି ଅକାଟ୍ୟ ଲାଗୁଥିଲା ।

ବନବିବି ପୂଜା ବିଷୟରେ ଜାଣିବାକୁ ହେଲେ ଅଶିତିପର କେଉଁ ବୃଦ୍ଧକୁ ପ୍ରଶ୍ନ ପଚାରିବାକୁ ହେବ । ସେ କେବଳ କହି ପାରିବେ କେଉଁ ପରିସ୍ଥିତିରେ ବନବିବି ପୂଜା ଆରମ୍ଭ ହେଲା । ଅନ୍ୟମାନେ ଠିକ ଭାବରେ କହି ପାରିବେ ନାହିଁ । ବନବିବିଙ୍କ ଠାରୁ ସେମାନେ କଣ ଆଶା କରୁଥିଲେ ? ବନବିବି ପୂଜାରୁ ସେମାନଙ୍କୁ କଣ ମିଳିଛି ? ଏଇସବୁ ବିଷୟରେ ଜ୍ଞାନ ବନବିବି ପୂଜାର ପ୍ରକୃତ ରହସ୍ୟ ଜଣାଇ ପାରିବ ।

"ଆପଣତ ଅନେକ ଲୋକଙ୍କୁ ପଚାରିଥିଲେ ?"- ପାଓଲି କହିଲେ ।

ସପନବାବୁ ମୁଣ୍ଡ ହଲାଇଲେ । ସେ ଏକଥା ଅନେକ ଲୋକଙ୍କୁ ପଚାରିଛନ୍ତି । ତାଙ୍କ ପାଖରେ ଅନେକ ବିବରିଣୀ ଅଛି ।

"ବୟସ୍କ ଲୋକମାନଙ୍କୁ ପଚାରିଲେ ଏତିକି ଜଣା ପଡୁଛି ଯେ ସେମାନେ ବନବିବିଙ୍କଠାରୁ କିଛି ଜନ ଧନ କାମନା କରନ୍ତି ନାହିଁ । ଯାହାକିଛି ସଂମ୍ପତି ଦରକାର ତାହା ସେମାନଙ୍କ ପାଖରେ ଅଛି ।" – ସେ କହିଲେ ।

"ତା'ହେଲେ ବନବିବିଙ୍କ ପାଖରୁ ସେମାନେ କଣ ଆବଶ୍ୟକ କରନ୍ତି ?"- ପାଓଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଚାରିଲେ ।

"କଥାଟା ଅତି ସରଳ । ମା ବନବିବି ସେମାନଙ୍କ ଜୀବନ ସୁନ୍ଦରବନ ଭିତରେ ବଞ୍ଚାନ୍ତି । ଜଙ୍ଗଲ ଯିବା ଆଗରୁ ସେମାନେ ବନବିବିଙ୍କ ଆଗରେ ପ୍ରାର୍ଥନା କରନ୍ତି । ମା ଯେମିତି ଛୁଆଙ୍କୁ ପଣତ ଘୋଡାଇ ରଖିଥାଏ, ସେମିତି ବନବିବି ଜଙ୍ଗଲରେ ସେମାନଙ୍କୁ ଘଣ୍ଟି ଘୋଡାଇ ରଖିଥାଆନ୍ତି । ସେମାନେ ବନବିବିଙ୍କ ସୁରକ୍ଷାରେ ରହି ଘରକୁ ନିରାପଦରେ ଫେରିଆସନ୍ତି । ସେମାନେ କିଛି ଧନ ବା ଜନ ପୂଜାରେ ମାଗି ନଥାନ୍ତି । କେବଳ ସୁରକ୍ଷା ମାଗି ଥାଆନ୍ତି । ସୁନ୍ଦରବନରେ ଅଗଣିତ ବିପଦ । ବାଘ, ସାପ କୁମ୍ଭୀର ଆଉ କେତେ କେତେ ବିପଦ । କ୍ଷଣିକରେ ଜୀବନ ଚାଲିଯିବ । ଏମିତି ବିପଦରୁ ବନବିବି ସେମାନଙ୍କୁ ରକ୍ଷା କରନ୍ତୁ । ଭଲରେ ଭଲରେ ଫେରିଆସି ପିଲା ଛୁଆଙ୍କର ମୁହଁ ଦେଖନ୍ତୁ । ଏତିକି ପ୍ରାର୍ଥନା ଥାଏ ।"– ସପନବାବୁଙ୍କ କଥାରେ ଲୋକବିଶ୍ୱାସ ଭିତରେ ଥିବା ନିହିତ ତଥ୍ୟ ଯୁକ୍ତି ସଙ୍ଗତ ଭାବେ ବାହାରକୁ ଆସୁଥିଲା । ପାଓଲି ମୁଣ୍ଡ ହଲାଉ ଥିଲେ । ପାଓଲି କିଛି ଆଉ କହିବାକୁ ଚାହୁଁଥିଲେ ।

"କିନ୍ତୁ ଆଉ କିଛି ଦ୍ୱିମତ ମଧ୍ୟ ଅଛି । ଅସିତ ସହ କଥାଟା ମନେ ପକାଅ ତ ? ଅସିତ ବନବିବିଙ୍କୁ ମୋଟେ ମାନେନି ।"- ପାଓଲି କହିଲେ । ଗବେଷଣା କରିବାକୁ ସେମାନେ ଭିନ୍ନ ଭିନ୍ନ ଗାଁ ବୁଲୁଛନ୍ତି । ଏମିତି ଏକ ଗାଁରେ ଅସିତ ସହ ସେମାନଙ୍କର ଦେଖା ହୋଇଥିଲା । ଅସିତକୁ ଯୁବକ କୁହାଯାଇ ପାରିବା ଶରୀର ବଳିଷ୍ଠ । ସେ ସୁନ୍ଦବନକୁ ଖାଲି ମାଛ କଙ୍କଡା ଧରିବାକୁ ଯାଉ ନଥିଲା । କଥାଟା ପ୍ରଥମେ ମୋଟେ ଖୋଲି କହିଲାନି । ସେମାନଙ୍କର ଚିହ୍ନା ପରିଚୟ କିଛିଦିନ ପାଇଁ ଚାଲିଲା । ତାପରେ ଅସିତ କିଛି କିଛି କହିବାକୁ ଲାଗିଥିଲା ।

ଅସିତ ଏକ ଚୋରା ହରିଣ ଶିକାରୀ । ଏକଥା ସମସ୍ତେ ଜାଣି ନାହାନ୍ତି । ଗାଁରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜାଣିଛନ୍ତି । ସେମାନେ ପ୍ରଥମେ କିଛି ଖୋଲି କହିବେନି ।

ପାଓଲି ସପନବାବୁଙ୍କୁ ସେହି କଥାସବୁ ମନେ ପକାଇ ଦେଉଥିଲେ । ସପନବାବୁ ମୁଣ୍ଡ ହଲାଇଲେ । ବନବିବିଙ୍କ ପ୍ରତିଷ୍ଠା ଉପରେ କିଛି ଅବିଶ୍ୱାସ ଅଛି ତ ନିଶ୍ଚୟ ।

ମାଗିବାକୁ ହେଲେ ରାଜାଙ୍କୁ ଶାନ୍ତ କରିବା ଦରକାର । ଯିଏ ରାଜା ବା ଅଧିଷ୍ଠାତ୍ରୀ ଦେବୀ ତା'କୁ ତୁଷ୍ଟି କରିବା ଆବଶ୍ୟକ ।- ଅସିତ କହିଥିଲା । ପାଖରେ ଥିବା ତା' ବୟସର ଲୋକମାନେ ମୁଣ୍ଡ ହଲାଇଥିଲେ । ସମସ୍ତେ ତା'ର ଦଳର ଲୋକ ।

"ସବୁ କେଉଟମାନେ ତାହେଲେ କାଳୀ ଆଉ ବନବିବିଙ୍କୁ ଏକ ମାନନ୍ତି ନାହିଁ? କାରଣଟା କଣ ହୋଇପାରେ ?"- ପାଓଲି କହିଲେ ।

"କାରଣଟା ହେଉଛି ମନର ବିଶ୍ୱାସ । କାଳୀ ତ ସଂହାରର ରୂପ । ଅପରପକ୍ଷେ ବନବିବି ହେଉଛନ୍ତି ଶାନ୍ତିର ସ୍ୱରୂପା । ଦକ୍ଷିଣ ରାୟ ହେଉଛନ୍ତି ହିଂସା ଆଉ ରକ୍ତପାତର ପ୍ରତୀକ । ଦକ୍ଷିଣ ରାୟ ନରବଳୀ ମାଗନ୍ତି ଆଉ ତାଙ୍କର ମା କିଏ ? ସେ ତ ନାରାୟଣୀ । ନାରୟଣୀ କାଳୀଙ୍କର ପ୍ରତିରୂପ । କିଛି ଦ୍ୱୀପବାସୀ ମନେ କରନ୍ତି ଦକ୍ଷିଣ ରାୟ ଆଉ କାଳୀଙ୍କର ପୂଜା କରିବା ବେଶି ଯୁକ୍ତଯୁକ୍ତ । ସେଥିରେ ଦକ୍ଷିଣ ରାୟ ଶାନ୍ତ ହେବେ ।"– ସପନବାବୁ କହିଲେ ।

"ଆମକୁ ମଧ୍ୟ ଦେଖିବାକୁ ହେବ ତାଙ୍କୁ ପ୍ରାର୍ଥନା କରିଥିବା ପ୍ରଥମ ଲୋକମାନେ କିଏ ?"– ସପନବାବୁ ବଡ଼ ଗମ୍ଭୀରତାର ସହ ଏକ ଗଭୀର ଚିନ୍ତନର ବିଷୟକୁ ଉପସ୍ଥାପନା କରୁଥିଲେ ।

"ସେଇ ଲୋକମାନେ ତାହେଲେ କିଏ ?"- ପାଓଲିଙ୍କ ମୁହଁରୁ ପ୍ରଶ୍ନ ବାହାରି ଆସିଲା । ପାଓଲି ନିଜକୁ ଏ ବିଷୟ ଭିତରେ ଏକଦମ ବୁଡାଇ ଦେଇଥିଲେ । ଏମିତି ବି ସପନବାବୁଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିବା ବିଷୟରେ ସେ ସପନବାବୁଙ୍କ ଭଳି ଗଭୀର ଚିନ୍ତା କରିବାରେ ଲାଗି ଯାଆନ୍ତି ।

"ପ୍ରଥମରୁ ପୂଜା କରୁଥିବା ଲୋକାମନେ ଦୁଃଖେ ଭଳି ଦୀନ ଦରିଦ୍ର । ଦୁଃଖେ ଭଳି ଲୋକମାନେ କେବଳ ନିଜର ବଞ୍ଚିବାପାଇଁ ଯେତିକି ଆବଶ୍ୟକ, ସେତିକି ନେବେ । ଏତିକିରେ ଦକ୍ଷିଣ ରାୟ ରାଜି ହୋଇଥିଲେ ।"– ସପନବାବୁ କହିଲେ ।

କିନ୍ତୁ ଏ ଲୋକମାନେ ଜଙ୍ଗଲକୁ ନିଜର ସ୍ୱାର୍ଥପାଇଁ ପଶନ୍ତି । ଲୋଭବଶତଃ ନିଜର ଦରକାରଠାରୁ ଅଧିକ ପରିମାଣର ଦ୍ରବ୍ୟ ନେଇଯାଆନ୍ତି । ଅନେକ ଶିକାରୀ ତ ବନବିବିଙ୍କୁ ପୂଜା କରିବାକୁ ଦ୍ୱିଧା କରନ୍ତି । ଆଉ ଏ ଅସିତ ଏକ ଚୋରା ହରିଣ ଶିକାରୀ ।

"ଅସିତର ସେ କହିବା କଥାଟା ମନ ପଡୁଛି ?"- ସପନବାବୁ କହିଲେ । ପାଓଲି ମୁଣ୍ଡ ହଲାଇଲେ । ଅସିତ ଆଖିରେ ବନବିବିଙ୍କ ପ୍ରତି ସଂମ୍ପୂର୍ଣ୍ଣ ଅବିଶ୍ୱାସ ଥିଲା । ସେ ସହଜରେ କିନ୍ତୁ ଜୋରରେ କିଛି କଥା କହିଥିଲା

ବନବିବିଙ୍କ ପାଖରେ ଜଙ୍ଗଲର ଅଧିକାର ଥିଲା କେବେ ? ଏ ଜଙ୍ଗଲରେ ବଞ୍ଚିବା ପାଇଁ ହେଲେ ଅସ୍ତ୍ର ଦରକାର । ବିନା ଅସ୍ତ୍ରରେ କେବଳ ପ୍ରାଣହାନୀ । ବନବିବି କୁଆଡୁ ଆସିବେ ରକ୍ଷାପାଇଁ ? ନହେଲେ କଣ ଏତେ ଜୀବନହାନୀ ଘଟନ୍ତା ?

ସେଇଥି ପାଇଁ କାଳୀଙ୍କୁ ପୂଜା କରିବା ଆବଶ୍ୟକ । ମା କାଳୀଙ୍କର ଦୟାହେଲେ ସବୁ ଯୁଦ୍ଧରେ ବିଜୟ ଘଟିବ ।

ବନବିବଙ୍କୁ ସୁମରଣା କଲେ ହରିଣ ଦୌଡି ପଳାଇବ । ହରିଣକୁ ଶିକାର କରିବା ଦରକାର । କାଳୀଙ୍କୁ ସୁମରଣା କଲେ ଭିତରେ କୁଆଡୁ ସାହାସ ମାଡିଆସେ । ମନରେ ଅଯଥା ଦୟା ଆସେନା । ଖାଲି ଦୟାକରି ହରିଣ ମାରି ହେବନି ।

ବନବିବିଙ୍କୁ ସୁମରଣା କରି ଜଙ୍ଗଲରେ ପଶିବା ହେଉଛି ଖାଲି ହାତରେ ଜଙ୍ଗଲକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯିବା । ଏମିତି ଯିବାରେ କିଛି ମୂଲ୍ୟ ଅଛି ? ଜଙ୍ଗଲକୁ ଯିବାର ଅର୍ଥ ହେଉଛି ଜଙ୍ଗଲରୁ କିଛି ଚୋରାଇ ଆଣିବ । ଆଜି ତ ନିଜ ଦରକାରଠାରୁ ଲୋକେ ବହୁତ ଅଧିକ ଜିନିଷ ନେଇଯାଉଛନ୍ତି । ତେଣୁ ବନବିବିଙ୍କୁ ସୁମରଣା କରି ମାଗିବାର କିଛି ଅର୍ଥ ନଥାଇପାରେ ।

ବନବିବି ହୁଏତ କଙ୍କଡା ଧରୁଥିବା ବା ଛୋଟ ମାଛୁଆଙ୍କ ପାଇଁ ଭଲ ବିବି ବା ଠାକୁରାଣୀ ହୋଇପାରନ୍ତି । କିନ୍ତୁ ହାତରେ ଯେ ଆଗ୍ନେୟାସ୍ତ୍ର ଅଛି । ସେଠି ଦୟା କାହିଁ? ତେଣୁ ସେ ସେ ସମୟରେ ସୁମରଣାର ପରିଧି ଭିତରକୁ ଆସନ୍ତି ନାହିଁ ।

ପାଓଲି ଆଉ ସପନବାବୁ ବନବିବିଙ୍କ ଉପରେ ଆଗରୁ ହୋଇଥିବା କଥାସବୁ ଆଲୋଚନା କରିବାକୁ ଲାଗିଲେ । ସେମାନେ ବହୁତ ଲୋକଙ୍କ ସହ କଥା ହୋଇଥିଲେ । ଅସିତ ସିନା ମୋଟେ ବନବିବିଙ୍କୁ ମାନୁନଥିଲା, କିନ୍ତୁ ଏକ ବିଷୟରେ ଏକମତ ହୋଇଥିଲା । ସେ ମଧ୍ୟ ଜଙ୍ଗଲକୁ ଏକ ପବିତ୍ର ସ୍ଥାନ ବୋଲି ମାନୁଥିଲା । କାରଣ ସହଜ । କାଳୀପୂଜା ପାଇଁ ରକ୍ତପାତ ଘଟୁଥିବା ସ୍ଥାନ ମଧ୍ୟ ପବିତ୍ର ।

"ଆପଣ ଯିଏ ବି ହୁଅନ୍ତୁ । ହାତରେ କିଛି ଶସ୍ତ୍ର ଥିଲେ ଆପଣ କାଳୀଙ୍କୁ ସୁମରଣା କରିବେ ।"- ଅସିତର ସେହି କଥା ସପନବାବୁଙ୍କ କାନରେ ଗୁଞ୍ଜରୁ ଥିଲା । ତା'ର କଥାକୁ ସମସ୍ତେ ମାନୁଥିଲେ । ତଥାପି ବି କିଛି ବିଶ୍ୱାସ ବନବିବିଙ୍କ ପ୍ରତି ଥିଲା ।

"କିନ୍ତୁ ଜଙ୍ଗଲର ଦେବୀ ହେଉଛନ୍ତି ବନବିବି । ତାଙ୍କୁ ଜଙ୍ଗଲରେ ସୁମରଣା କରିବାକୁ ପଡିବ । ଜଙ୍ଗଲରେ ଯେତେ କହିଲେ ବି ବାଘର ଭୟ ଅଛି । ବନବିବି ତ ବାଘଠାରୁ ବଞ୍ଚେଇବେ ।"– ବାପି କହିଥିଲା । ବାପି ଅସିତର ଗାଁର ଲୋକ । ସେ ଚୋରା ହରିଣ ଶିକାର କରିବାକୁ ଯାଏନା । ସେ ଏକ କେଉଟ । ମାଛ ଆଉ କଙ୍କଡା ଧରିବାକୁ ଜଙ୍ଗଲକୁ ଯାଏ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଓଲି ସେଦିନର କେତେଜଣ ଚିଙ୍ଗୁଡି ଧରାଳୀ ମହିଳାଙ୍କ କଥା ମନେ ପକାଇଲେ । ସେମାନେ ମାଛ ଧରି କିଛି ସମୟ ଏକାଠି ବସିଥିଲେ । ଏହି ମହିଳାମାନେ ବହୁତ ପରିଶ୍ରମ କରନ୍ତି । ଚିଙ୍ଗୁଡି ଧରିବା ଲୋକମାନଙ୍କ ପାଇଁ ଜଙ୍ଗଲରୁ ଆବଶ୍ୟକରୁ ଅଧିକା ଜିନିଷ ନେଇ ଯିବା ସହ ସମାନ । ଏ ଚିଙ୍ଗୁଡି ସେମାନେ ବେପାରୀଙ୍କୁ ବିକନ୍ତି । ଘରେ ବାଗଦା ଚିଙ୍ଗୁଡିକୁ ଖାଆନ୍ତି ନାହିଁ । ଅସିତ କଥାର ଅର୍ଥରେ ଏ ମହିଳାମାନେ ଲୋଭର ବଶବର୍ତ୍ତୀ ହୋଇ ଜଙ୍ଗଲକୁ ପଶନ୍ତି । ସେମାନେ ଦୁଃଖେ ଭଳି ଦୀନଦରିଦ୍ର ହିସାବରେ ଜଙ୍ଗଲ ଯାଆନ୍ତି ନାହିଁ । ଏଣୁ ଏମାନେ କାହାକୁ ପୂଜା କରନ୍ତି ? ପାଓଲି ସେହି ପ୍ରଶ୍ନ ସେଦିନ ସେ ମହିଳା ମାନଙ୍କୁ ପଚାରିଥିଲେ ।

ସେମାନେ ଜଙ୍ଗଲ ଧାରକୁ ଯାଆନ୍ତି । ବନବିବିଙ୍କୁ ସବୁବେଳେ ସୁମରଣା କରନ୍ତି । ଘରୁ ବାହାରିଲା ଆଗରୁ ସେମାନେ କାଳୀଙ୍କୁ ଘରେ ପୂଜା କରନ୍ତି ।

ସେମାନେ ଚୋର, ଡକାଏତ ନୁହଁନ୍ତି । ହାତରେ ଆଗ୍ନେୟାସ୍ତ୍ର ନାହିଁ । କିନ୍ତୁ କାଳୀଙ୍କୁ ପୂଜାକରି ଘରୁ ଚିଙ୍ଗୁଡି ଧରିବା ପାଇଁ ବାହାରନ୍ତି ।

"ବାଘ ଏକ ଶକ୍ତଶାଳୀ ଶତ୍ରୁ । ତେଣୁ ତା' ଠାରୁ ରକ୍ଷାପାଇଁ ଏକ ଶକ୍ତଶାଳୀ ଦେବୀ ଯଥା କାଳୀଙ୍କର ଆବଶ୍ୟକତା ଅଛି ।"- ଅସିତ ସେଦିନ କହିଥିଲା ।

ଅନେକ ଦ୍ୱିମତ ଅଛି । ଲୋକେ ନିଜର ବିଶ୍ୱାସ ହିସାବରେ ବନବିବି, କାଳୀ କିମ୍ବା ଦୁଇଜଣଙ୍କୁ ପୂଜା କରନ୍ତି ।

ବନବିବିଙ୍କର ମନ୍ଦିର ପାଖରେ ଥିଲା । ଟେକା ପକାଇଲେ ଯେତିକିଦୂର ଯିବ ସେତିକି ବାଟ । ବନବିବିଙ୍କର ମନ୍ଦିର ସେମିତି କିଛି ବଡ଼ ହୋଇ ତିଆରି ହୁଏନା । ବନବିବି କେବଳ ସୁନ୍ଦରବନ ଅଞ୍ଚଳର ଅଛନ୍ତି । ଲୋକେ ସାଧାରଣତଃ ଗରିବ । ତାଙ୍କ ମନ୍ଦିରରେ ସେମିତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିଛି କାରୁକାର୍ଯ୍ୟ ନାହିଁ ।ଅଧିକାଂଶ ଯାଗାରେ ତ ଚାଳିଆ ମନ୍ଦିର । ସପନବାବୁଙ୍କ ଘରପାଖ ମନ୍ଦିର ତ ଝାଟିମାଟିରେ ତିଆରି ହୋଇଥିଲା । କାନ୍ଥରେ କିଛି ଚିତ୍ର କରାଯାଇଥିଲା ।ଏକ ସ୍ୱସ୍ତିକ ମଝିରେ ଥିଲା, ତା' ଚାରିପାଖରେ ଏକ ପତଳା ଧଳା ଗୋଲ ଆକାର ଆଉ ସେହି ବୃତ୍ତର ଚାରି ପଟେ ଏକ ଲଟା ଆଉ ପତ୍ର ଆଙ୍କି ଦିଆଯାଇଥିଲା । ଏମିତି ସେହି ପୂର୍ଣ ଚିତ୍ରକୁ ଦୁଇଟି ଲତା ଧରି ରଖିଥିଲା ।

ସେପଟେ ମନ୍ଦିରରୁ ଘଣ୍ଟ ଧ୍ୱନୀ ଆସୁଥିଲା । ସପନବାବୁ ଆଖି ବନ୍ଦ କରିଦେଲେ । ସେ ଧ୍ୱନୀ ନିଜ ଭିତରେ ଅନୁଭବ କରୁଥିଲେ । ସେ କିଛିରେ ବିଶ୍ୱାସ କରନ୍ତୁ ବା ନକରନ୍ତୁ ଧ୍ୱନୀରେ କିଛି ଶକ୍ତି ଅଛି । ତାଙ୍କ ମନ କେମିତି ସବୁଛାଡି ସେଇ ଧ୍ୱନୀ ଶୁଣିବାକୁ ଚାହୁଁଥିଲା । ବର୍ଷ ବର୍ଷର ଅନୁଭୂତି ସେହି ଘଣ୍ଟ ଶବ୍ଦ ସହ ମନ ଭିତରେ ଚିତ୍ର ତୋଳୁଥିଲା । ସେ ସେମିତି ଆଖି ବନ୍ଦ କରି ଅନେକ ସମୟ ବସି ରହିଲେ ।

ଜୀବନଟା ସେମିତି । ଲୋକବିଶ୍ୱାସ ଆଉ ଇତିହାସ ତ ସେମିତି । କିଛି ସାଧାରଣ ବା ଅସାଧାରଣ ଘଟଣା ବିନା ଦିନ ଆଗକୁ ଯାଏନା । ଆଗକୁ ଜୀବନ ଗଡିଯିବାକୁ ହେଲେ କିଛି ରଚନା, କିଛି ନୂତନ ଭାବନା ଆଉ କିଛି ବିଶ୍ୱାସର ଆବଶ୍ୟକତା ଅଛି ।- ତାଙ୍କ କଣ୍ଠରୁ ଅବୁଝା ଭାଷା ବାହାରି ଆସୁଥିଲା ।

ସେ ପୁଣି ଆଖି ବନ୍ଦ କରିଦେଲେ । ସେପଟେ ବନବିବିଙ୍କ ମହାତ୍ମ୍ୟ କିଏ ପଢୁଥିଲା ।

--

ଏଇଟା ଅନେକ ପରର କଥା । ଅନେକ ପରେ ଏଇ ଦେଖାସାକ୍ଷାତ ଘଟିଛି ।

ପାଓଲି ଆଉ ସପନବାବୁ ବନବିବିଙ୍କ ପୂଜା ବିଷୟଟା ପାଇକବାବୁଙ୍କ ମୁହଁରୁ ବିସ୍ତୃତ ଭାବେ ଶୁଣିଥିଲେ । ପାଇକବାବୁ କ୍ୟାମ୍ପର ପୂଜକ । ବଡ଼ ନିଷ୍ଠାର ସହ ସବୁ କାମ କରନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାକିରୀ କରିକରି ସେ ବୁଢା ହେଲେଣି । ସେ ବନବିବିଙ୍କ ପୂଜା କରନ୍ତି । କ୍ୟାମ୍ପରେ ଏକ ନିୟମ । ବାହାରିବା ଆଗରୁ ବନବିବିଙ୍କ ପୂଜା କରି ଲୋକେ କାମକୁ ବାହାରିବେ । କାମଟା ମୁଖ୍ୟତଃ ଜଙ୍ଗଲର ନିରୀକ୍ଷଣ । ସବୁଯାଗା ବୋଟରେ ବୁଲିବେ । କେଉଁଠି କେଉଁଠି ଜଙ୍ଗଲରେ ପଶି କିଛି ଦେଖିବେ । ଛୋଟ ନଳାରେ ଗଲାବେଳେ ବିପଦର ସମ୍ଭାବନା ବଢିଯାଏ । ବାଘ କେଉଁଠୁ ଆକ୍ରମଣ କରିପାରେ । କ୍ୟାମ୍ପଟା ମଧ୍ୟ ଜଙ୍ଗଲ ଭିତରେ । ବାଘ ଚାରିଆଡେ ଘୁରି ବୁଲୁଛନ୍ତି । ଏଣୁ ବାଘ ଦାଉରୁ ରକ୍ଷାପାଇଁ କ୍ୟାମ୍ପରେ ବିଭିନ୍ନ ପ୍ରତିରକ୍ଷା ବ୍ୟବସ୍ଥା ତ ଅଛି । କିନ୍ତୁ ମନରେ ସାହାସ ପାଇଁ ବନବିଙ୍କର ପୂଜା ଆବଶ୍ୟକ ।

ପାଇକବାବୁ ଗେରୁଆ ରଙ୍ଗର ଧୋତି ପିନ୍ଧି ଆଉ ଆଉ ଗେରୁଆ ରଙ୍ଗର ଗାମୁଛା କାନ୍ଧରେ ପକାଇ ପୂଜା କରନ୍ତି । କିଛି ବିଶେଷ ପୂଜା ନୁହେଁ । ଘରେ ଯେମିତି ପୂଜା କରାଯାଏ ସେମିତି ପୂଜା । ସେ ନିତି ବଡ଼ ନିଷ୍ଠାର ସହ ସବୁ ଦେବାଦେବୀଙ୍କୁ ପୂଜା କରନ୍ତି । କ୍ୟାମ୍ପର ବାହାରେ ଗଛ ମୂଳରେ କିଛି ସିମେଣ୍ଟ ବେଞ୍ଚ କରାଯାଇଥିଲା । ଗଛମୂଳରେ ବସି ବାହାରକୁ ଅନାଇବାକୁ ଭଲ ଲାଗୁଥିଲା । ଚାରିଆଡେ ଘୋର ଜଙ୍ଗଲ । ଏକ ପୋଖରୀ ଖୋଳାଯାଇଛି । ପାଖରେ କିଛି ସାଇନେଜ ବା ଟିଣବୋର୍ଡରେ ବିଭିନ୍ନ ଜୀବଜନ୍ତୁଙ୍କର ଫଟୋ ମାରିଦିଆ ଯାଇଛି । ଟିକିଏ ଦୂରରେ ୱାଚ ଟାୱାର । ସେ ଆସି ବେଞ୍ଚରେ ବସି ପଡିଲେ । ଆଗରୁ ସପନବାବୁ ଆଉ ପାଓଲି ବସିଯାଇଥିଲେ । ଭଲ ଧୀର ପବନ । ଖରା ମଧ୍ୟ ବେଶି ନଥିଲା । ପାଗ ମଧ୍ୟ ଗରମ ହୋଇନି ।

"ଯେତେ ଦେବୀ ଅଛନ୍ତି ସେମାନେ ଦୁର୍ଗାଙ୍କ ଅଂଶ ।"- ପାଇକବାବୁ କହିଲେ । କ୍ୟାମ୍ପର ବନବିବିଙ୍କର ପୂଜକ କିଛି ଅଲଗା କଥା କହୁଥିଲେ । ଦର୍ଶନ ଆଉ ପୁରାଣର କଥା । ସେ ଟିକେ ସବୁଆଡେ ଆଖି ପକାଇନେଲେ । ଆଉ ଦୃଢଭାବେ କହିବାକୁ ଲାଗିଲେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଯେତେବେଳେ ପୃଥିବୀରେ କିଛି ସମସ୍ୟା ହେବ ସେତେବେଳେ ଦେବାଦେବୀ ଭିନ୍ନଭିନ୍ନ ରୂପରେ ଆବିର୍ଭାବ ହେବେ । ହିନ୍ଦୁମାନେ ଜଙ୍ଗଲରେ ରକ୍ଷାପାଇବା ପାଇଁ କାହାକୁ ପୂଜନ୍ତି ? ଦେବୀ ବିଶାଳାକ୍ଷୀଙ୍କୁ । ସେ ନିଜ ପଣତକାନିରେ ଜଙ୍ଗଲରେ ବିପଦରୁ ଲୋକଙ୍କୁ ରକ୍ଷା କରିବେ । ସେମିତି ମୁସଲାମାନେ କାହାକୁ ପୂଜା କରନ୍ତି ? ବନବିବିଙ୍କୁ । ସେ ସେମାନଙ୍କୁ ରକ୍ଷା କରିବେ । ଆଉ ସୁନ୍ଦରବନରେ ଧର୍ମ ନିଃର୍ବିଶେଷରେ ସମସ୍ତେ ବନବିବିଙ୍କୁ ପୂଜା କରନ୍ତି ।"

ପାଇକବାବୁ ଆଉ କାହାକୁ କିଛି କହିବାକୁ ନଦେଇ ବଡ଼ ସ୍ପଷ୍ଟ ଭାବରେ ଦୁର୍ଗାସ୍ତୁତି ଆବୃତ୍ତି କରିବାକୁ ଲାଗିଲେ ।

ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତାଃ
ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।

ତାଙ୍କ କଣ୍ଠରେ ବେଶ ଜୋର ଥିଲା । ସେ କେଉଁଠି ଟିକେ ଝୁଣ୍ଟୁ ମଧ୍ୟ ନଥିଲେ । ଏତେ ଦୂର କ୍ୟାମ୍ପର ଏକ ସାଧାରଣ କର୍ମଚାରୀ ଯିଏ ଅନ୍ୟ କାମଛଡା ବେଳେ ବେଳେ ପୂଜା ମଧ୍ୟ କରିନିଅନ୍ତି । ଭଲଭାବେ ସଂସ୍କୃତ ଶ୍ଳୋକ ଆବୃତ୍ତି କରିବା କିଛି ସାଧାରଣ କଥା ନଥିଲା । ନିଜ କଥା ଆଉ ଧାରଣ ଉପରେ ତାଙ୍କର ପ୍ରଗାଢ ନିଷ୍ଠା ଥିଲାଭଳି ଲାଗୁଥିଲା ।

ପାଓଲି ଆଉ ସପନବାବୁ ପାଇକବାବୁଙ୍କ ଉଚ୍ଚାରଣର ଦୃଢତା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସାଧାରଣ ବ୍ୟକ୍ତି । ସୁନ୍ଦରବନ ପାଖ କାକଦ୍ୱୀପ ଅଞ୍ଚଳରେ ଘର । ଏଠି ସୁନ୍ଦରବନର କ୍ୟାମ୍ପରେ ଜୀବନ କଟିଲାଣି । ନିଜର ମନ ଭିତରେ ସେ ପ୍ରଗାଢ ବିଶ୍ୱାସ ନେଇ ଆସିଛନ୍ତି । ତାଙ୍କର ଏହି ବାଚନିକ ଶୁଦ୍ଧତା ଆଉ ପୂଜା କରିବାରେ ଶୁଚିତାପାଇଁ ସେ ବନବିବିଙ୍କର ପୂଜା ସବୁବେଳେ କରନ୍ତି । ତାଙ୍କ ପୂଜାରେ ଲାଗେ ଯେମିତି କିଛି ଘଟୁଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ୟାମ୍ପରେ କିଛି ଅଘଟଣ ଘଟିନି । ବାଘ ଆକ୍ରମଣ ସବୁବେଳେ ବ୍ୟର୍ଥ ଯାଇଛି । କିଏ ଯେମିତି ପଣତକାନିରେ ଲୋକଙ୍କୁ ରକ୍ଷା କରିଛି । ସେ ନିଜ ହିସାବରେ ବନବିବିଙ୍କ ଉପାଖ୍ୟାନ କହି ଚାଲିଲେ ।

ବନବିବି କୁମାରୀକନ୍ୟା । ସୁନ୍ଦରବନରେ ଆଗରୁ ବଡ଼ ଅତ୍ୟାଚାର ହେଉଥିଲା । ଦକ୍ଷିଣ ରାୟ, କାଲୁ ରାୟଇତ୍ୟାଦି ଦେଶରେ ଅତି ଅନ୍ୟାୟ ଅତ୍ୟାଚାର କରୁଥିଲେ । ଏଣୁ ଏ ସ୍ଥାନରେ ପାପର ଭାରା ବଢିବାରୁ ଇଶ୍ୱର ବନବିବିଙ୍କୁ ପୃଥିବୀକୁ ପଠାଇଲେ । ସୁନ୍ଦରବନରେ ମଣିଷକୁ ଏମାନଙ୍କର ପ୍ରକୋପରୁ ରକ୍ଷା କରିବେ ।

ବନବିବିଙ୍କର ବାପାଙ୍କର ନାମ ଇବ୍ରାହିମ ଆଉ ମା'ଙ୍କର ନାମ ଗୁଲାଲବିବି । କିଛି ଘଟଣା ଘଟେ ପରିବାରରେ । ସଉତୁଣୀଙ୍କର ଶତ୍ରୁତା, କିଛି ଚକ୍ରାନ୍ତ ଘଟେ ଆଉ ବନବିବି ଜନ୍ମ ନିଅନ୍ତି ଅରଣ୍ୟରେ । ଅନେକ ଘଟଣାପରେ ବନବିବି ଆଉ ତାଙ୍କ ଭାଇ ଶାହା ଜଙ୍ଗଲୀ ସୁନ୍ଦରବନରେ ପହଞ୍ଚନ୍ତି । ଆଜାନ କରିବା ସମୟରେ ନାରାୟଣୀଙ୍କର ଆକ୍ରମଣ ଘଟେ । ନାରାୟଣୀ ପରାସ୍ତ ହୁଅନ୍ତି । ଆଉ ଏକ ସର୍ତ୍ତ ରହେ ପରାଜୟର ।

କେହି ଯଦି ମା ବନବିବି ମୋତେ ରକ୍ଷାକର କୁହେ ତେବେ ଜଙ୍ଗଲରେ କେହି ତାହାର କ୍ଷତି କରିବେନି ।

ଏ କଥା ଧିରେ ବ୍ୟାପିଲା । ସମୟକ୍ରମେ ଦୁଃଖେ ଜଙ୍ଗଲକୁ ଯାଏ ଆଉ ଦକ୍ଷିଣ ରାୟ ଦ୍ୱାରା ଆକ୍ରାନ୍ତ ହୋଇ ବନବିବିଙ୍କୁ ଡାକେ । ବନବିବି ଉଭାହୋଇ ଦୁଃଖେକୁ ରକ୍ଷା କରନ୍ତି । ସେ ଦୁଃଖେକୁ ଆଖି ବନ୍ଦ କରିବାକୁ କୁହନ୍ତି ଆଉ ଶେଙ୍କେ(କୁମ୍ଭୀର) ବାହାନଦ୍ୱାରା କ୍ଷଣକରେ ନିଜ ଘରକୁ ପଠାଇ ଦିଅନ୍ତି । କାନ୍ଦିକାନ୍ଦି ଅନ୍ଧହୋଇଯାଇଥିବା ମା ଆଖିରେ ଦୁଃଖେ ହାତ ବୁଲାଇଦିଏ ଆଉ ମା ସବୁ ଦେଖିପାରନ୍ତି । ଦୁଃଖେ ଧୋନାଇର ଝିଅକୁ ବାହାହୋଇ ଘର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂସାର କରେ । ସେ ବନବିବିଙ୍କର ମହାତ୍ମ୍ୟ ପ୍ରଚାର ପାଲା ମାଧ୍ୟମରେ ଗ୍ରାମରୁ ଗ୍ରାମ କରେ । ଲୋକମାନେ ପୂଜାପରେ ଶିରିଣି ପାଆନ୍ତି ।

ମା ବନବିବିଙ୍କୁ ପୂଜାଦେଲେ ବ୍ୟାଘ୍ର ବିପତ୍ତିରୁ ରକ୍ଷା ମିଳିବ । ଲୋକଙ୍କର ଏହି ବିଶ୍ୱାସ ।

"ଗ୍ରାମେ ପୂଜନ୍ତି ବିଶାଳାକ୍ଷୀ, ଅରଣ୍ୟେ ବନବିବି ।"– ସେ ବେଶ ଭଲଭାବେ ଶେଷ ବାକ୍ୟକୁ କବିତା ଆକାରରେ ଗାଇଲେ ।

"କାକଦ୍ୱୀପରେ ସ୍ଥିତ ଦେବୀ ବିଶାଳାକ୍ଷୀ ମନ୍ଦିରରେ ଦେବୀଙ୍କ ପାଦତଳେ ବ୍ୟାଘ୍ରର ମୁଣ୍ଡ ଅଛି । ମା ବାଘକୁ ନିଜ ବଶରେ ରଖିଛନ୍ତି । କେଉଁ ଯୁଗର ବାଘ ମୁଣ୍ଡ ଦେବୀଙ୍କ ପାଦତଳେ ଗଡୁଛି ।"– ସେ କଥାଟା ଟିକିଏ ବଢେଇ କରି କହିଲେ ।

"ଆପଣ ତ ବେଶ ଜାଣିଛନ୍ତି । ଏ ଜଙ୍ଗଲ ଭିତରେ ରହି ଏତେ ଜ୍ଞାନ କେମିତି ଆହରଣ କଲେ ?"- ପାଓଲି କହିଲେ । ବୁଢାଙ୍କର ମୁହଁରେ ହସ ଫୁଟି ଉଠିଲା । ଏକ ଭଦ୍ରମହିଳା ତାଙ୍କ ଜ୍ଞାନକୁ ପ୍ରଶଂସା କରୁଛନ୍ତି ଦେଖି ତାଙ୍କ ଭିତରେ ଲୁଚି ରହିଥିବା ଶବ୍ଦସବୁ ମନକୁ ମନ ଛୁଟି ଆସିଲା ।ନିଜର ସ୍ୱର୍ଗତ ପିତାଙ୍କ ପାଇଁ କିଛି ଶବ୍ଦ ଆଉ ସମ୍ମାନ ଥିଲା ।

ପିତା ଧର୍ମ ପିତା ସ୍ୱର୍ଗ ପିତାହି ପରମ ତପଃ

ପିତରି ପ୍ରିତିମାପନ୍ନେ ପ୍ରିୟନ୍ତେ ସର୍ବଦେବତା ।

ଅଜ୍ଞାନେ ତିମିରାକ୍ଷୀ.. . . . . .

"ଆପଣ ତାହେଲେ ବୈଷ୍ଣବ ?"– ସପନବାବୁ କହିଲେ । ପାଇକବାବୁ ମା ପିତାଙ୍କର ସ୍ମରଣ କରୁଛନ୍ତି । ବେକରେ ତୁଳସୀମାଳି ମଧ୍ୟ ପକାଇଛନ୍ତି ।

"ଆପଣ ବିଷ୍ଣୁ ଛଡା, କୃଷ୍ଣ ଛଡା ଅନ୍ୟର ପୂଜା ମଧ୍ୟ କରନ୍ତି ?"– ସପନବାବୁ ପ୍ରଶ୍ନକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଢ଼ାଉଥିଲେ ।

ତାପରେ ପାଇକବାବୁ ଅନେକ ଶ୍ଳୋକ ଗାଇଲେ । ସେମିତି ପରିଷ୍କାର ଅଭିବ୍ୟକ୍ତି । ସ୍ୱରରେ ସାମାନ୍ୟ କ୍ଳାନ୍ତି ନାହିଁ । ମୁହଁ ଝଲସୁଛି ।

"ବନବିବି ହେଉଛନ୍ତି ଦେବୀ । ସେ ଶକ୍ତିର ରୂପ । ତେଣୁ ମୁଁ ରକ୍ଷାର ଦେବୀଙ୍କୁ ପୂଜାକରେ । ସୁନ୍ଦରବନରେ ଏଇଟା ଯେ ଆବଶ୍ୟକ ।"- ପାଇକବାବୁ ନିଜର ଦୃଢ଼ମତ ପ୍ରକାଶ କରୁଥିଲେ ।

"ଓଁ ଶ୍ରୀବିଷ୍ଣୁ, ଓଁ ଶ୍ରୀବିଷ୍ଣୁ" କହି ପାଇକବାବୁ ନିଜର ଉଚ୍ଚାରଣ ବନ୍ଦକଲେ । ସେ ଆଖି ବନ୍ଦକରି ବିଷ୍ଣୁ ସୁମରଣା କରୁଥିଲେ । ତାଙ୍କର ହାତ ଯୋଡିହୋଇ ଛାତି ପାଖରେ ଲାଗିଥିଲା । ହୃଦୟରେ ଶ୍ରୀବିଷ୍ଣୁ ବାସ କରୁଛନ୍ତି ।

ପାଓଲି ଆଉ ସପନବାବୁଙ୍କୁ କିଛି ପଚାରିବାକୁ ନଥିଲା । ପାଇକବାବୁଙ୍କ ଦୃଢ଼ ବିଶ୍ୱାସ ଦେଖି ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲା । ସେ ସବୁ ଦେବାଦେବୀଙ୍କୁ ପୂଜା କରନ୍ତି । ତା'ର ଭିତରେ ବନବିବି ଆଉ ଏକ ଦେବୀ । ସୁନ୍ଦରବନରେ ପୂଜିତା ।

ଆକାଶଟା ଏକଦମ ନୀଳଥିଲା । ବର୍ଷା ଆସିବାକୁ ଅନେକ ବିଳମ୍ବ । ଜାଲି ସେପଟେ ଲୁଣାଗଛର ପତ୍ରମାନ ଚମକୁଥିଲା । ମୋଟେ ବେରଙ୍ଗୀ ହେଉନଥିବା ଗଛ ହେଉଛି ସୁନ୍ଦରବନର ଲୁଣାଗଛମାନ । ଏମିତି କିଛି ବିଶ୍ୱାସ ଲୋକଙ୍କ ମନରେ ରହିବ । ସୁନ୍ଦରବନରେ ପତ୍ର ରଙ୍ଗ ହରାଇ ବସିବନି । କିଛି ପକ୍ଷୀ ଉଡୁଥିଲେ । ବାଘର କେଉଁଠି ଦର୍ଶନ ନଥିଲା । ଯଦି ବାଘ ଛକିଥିବ, ଏ ଭିତରକୁ ଆସି ପାରିବନି । ବନବିବିଙ୍କର ସୁରକ୍ଷାର ଲକ୍ଷ୍ମଣରେଖାକୁ ବାଘ ପକ୍ଷରେ ଭେଦ କରିବା ସମ୍ଭବ ନୁହେଁ ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁସୁମ



ବିଜୟ କୁମାର ପଣ୍ଡା

ଏହା "କୁସୁମ" ଧାରାବାହିକ କାହାଣୀର ଚତୁର୍ଥ ଅଧ୍ୟାୟ । ଧାରାବାହିକ କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ଏହାର ପୂର୍ବ ଏବଂ ପରବର୍ତ୍ତୀ ଭାଗ ସବୁ ପଢ଼ି ମତାମତ ଦେବାକୁ ବିନୀତ ଅନୁରୋଧ ।

ପୂର୍ବ ଭାଗରେ ପଢ଼ିଥିଲେ..

ସକାଳୁ ସକାଳୁ ମାଲିକିଆଣିଙ୍କ ଗାଳି ଶୁଣି ବହୁତ କଷ୍ଟ ପାଇଥିଲା କୁସୁମ । ସବୁ ତାର ଏଇ ଅଧା ପୋଡ଼ା ମୁହଁ ପାଇଁ ବୋଲି... ସେ ନିଜ ଭାଗ୍ୟକୁ ନିନ୍ଦୁଥିଲା ।

ସେ କଣ ପୋଡ଼ାମୁହଁ ନେଇ ଜନ୍ମ ନେଇଥିଲା ? ଏଇ ସମାଜ ତାକୁ ଏମିତି ବନେଇଦେଲା... ଏଥିରେ ତାର ଅବା କି ଦୋଷ ?

ଭଗବାନ କଣ ତାର କଷ୍ଟ ଦେଖୁ ନାହାଁନ୍ତି ବୋଲି ସେ ବିଶ୍ୱନିଅନ୍ତାଙ୍କ ପାଖେ ଅଭିମାନ କଲା ମନେ ମନେ ।

ତାପରେ ପଢ଼ନ୍ତୁ କାହାଣିର ପରବର୍ତ୍ତୀ ଅଂଶ ଏହି ଚତୁର୍ଥ ଭାଗରେ ।

X X X X

କୁନିର କଲେଜ୍ ପାଇଁ ଟିଫିନ୍ ରେଡ଼ି କଲା କୁସୁମ ।

ସବୁଦିନ ପରି ଆଜି ବି ତାକୁ ନେଇ ଗେଟ ପାଖେ କଲେଜ୍ ବସ୍ ଷ୍ଟେ ପାଖରେ ଛାଡ଼ି ଆସିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ବି ଡ୍ରାଇଭର୍ ଟା ତାକୁ ସେମିତି ଜଳ ଜଳ କରି ଅନଉଥିଲା ।

"କିଛି ଖରାପ ଉଦ୍ଦେଶ୍ୟ ନାହିଁ ତ ଏ ଲୋକଟି ! ! ମୋତେ କାହିଁକି ସବୁଦିନ ଏମିତି ଜଳଜଳ କରି ଅନାଉଛି ସବୁଦିନ । ତା ମନରେ ବୋଧେ କିଛି ପାପ ଜାଗ୍ରତ ହେଲାଣି । ଏ ସମାଜକୁ ବିଶ୍ୱାସ ନାହିଁ । କେବେବି କିଛି ହେଇଯାଇପାରେ ।" କୁସୁମ କୁନିକୁ ବସ୍ ପାଖରେ ଛାଡ଼ି ଘର ଭିତରକୁ ଜଲ୍‌ଦି ଜଲ୍‌ଦି ପାଦ ପକେଇଲା ।

ଆଜି ବି ସବୁଦିନ ପରି ମାଳିଟା ତାକୁ ଘଡ଼ିଏ ଅନେଇ ଟିକିଏ ମୁରୁକି ହସିଦେଇ ପୁଣି ତା କାମରେ ଲାଗିଗଲା । ଭଲ ସ୍ୱଭାବର ଲୋକଟିଏ । ତା କାମରେ ସେ ମତଲବ୍ ରଖେ । ଠିକ୍ ସମୟରେ ଆସେ ସବୁଦିନ । ତା କାମସାରି ଚୁପ ଚାପ ପଳାଏ ।

ବାବୁଙ୍କ ବଗିଚାର ଭଲ ଯତ୍ନନିଏ ସେ, ନିଜର ପରି ।

କେତେ ରକମର ଫୁଲ ଫୁଟି ଉଠିଲାଣି ବଗିଚାରେ । ସେଇ ଯେଉଁ ମଲ୍ଲି ଫୁଲ ଗଛ ଗୁଡିକ..ଆହା କି ବାସ୍ନା !! ସବୁଦିନ କୁନିକୁ ସ୍କୁଲ୍ ବସ୍ ଚଢ଼େଇ ଦେବାକୁ ସେଇବାଟ ଦେଇ ଗେଟ ଆଡ଼କୁ ଚାଲିଗଲା ବେଳେ ଘଡ଼ିଏ ଠିଆ ହେବାକୁ ଇଛା ହୁଏ ତାର..କିନ୍ତୁ ତାର ସେ ପୋଡ଼ା ମୁହଁ ଅନ୍ୟ କାହା ନଜର୍ କୁ ଆସିଲେ ତାକୁ କଥା ଶୁଣିବାକୁ ପଡ଼ିବ ବୋଲି ସେ ସାହାସ କରେନି ସେଠାରେ ଘଡ଼ିଏ ଠିଆ ହେବାକୁ । ବଗିଚାଟି ରାସ୍ତାକୁ ଲାଗିକି ଅଛି । ରାସ୍ତାରେ କେତେ ଲୋକ ଯିବା ଆସିବା କରନ୍ତି ।

ଆଜି ବାବୁ ଅଫିସ୍ ଫେରିବା ବେଳେ ମିଠା ଧରି ଆସିଥିଲେ । ମାଲିକିଆଣୀ ଘର ଭିତରେ କଣ ସବୁ ଖାତା ପତ୍ର କାମରେ ବ୍ୟସ୍ତଥିଲେ । ସେ ତ ଚାକିରୀ କରନ୍ତିନି କିନ୍ତୁ ବାବୁ ଅଫିସ୍ ଗଲାପରେ ଦିନସାରା ଅନେକ ସମୟରେ କଣ ନା କଣ ଖାତା ବହିରେ ଲାଗି ରୁହନ୍ତି । କୁନି କଲେଜ୍ ରୁ ଫେରିଲା ବେଳକୁ ଚାରିଟା । ସେତେବେଳ ଯାଏଁ କଣ ସବୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାତାପତ୍ର ଦେଖନ୍ତି ।

"ନିଅ ..ଏଇ ମିଠା ଦୁଇଟା ଖାଅ ମା । ଆରେ ନେ ମା.. ଚାହିଁଛୁ କଣ ?" ପ୍ରଥମ ଥର ପାଇଁ ବାବୁ କୁସୁମକୁ ଡାକି କହିଲେ ।

କୁସୁମ କିଛି ବୁଝି ପାରୁନଥିଲା... କଣ ପାଇଁ ବାବୁ ଆଜି ଏତେ ଖୁସି ? ତାଙ୍କୁ ଦେଖିଲେ କୁସୁମକୁ ଜଣେ ଆତ୍ମୀୟ ଲୋକ ଭଳି ଭାବନା ଆସେ । ତା ବାପା କିଏ ସେ ଏଯାଏଁ ଜାଣିନି କି ଜୀବନରେ । କିନ୍ତୁ ଏଇ ଘରକୁ ଆସିବା ପରେ... ବାବୁଙ୍କୁ ଦେଖିଲେ ଲାଗେ ତା'ର ବାପା ଥିଲେ ବୋଧେ ବାବୁ ଯେମିତି କୁନିକୁ ସ୍ନେହଶ୍ରଦ୍ଧା କରନ୍ତି ସେମିତି ତାକୁ ବି ତା ବାପା ଭଲପାଇଥାନ୍ତେ ।

ଆଜି ମିଠା ଦେବାର କାରଣ କଣ ପଚାରିଦେବ ବୋଲି ତା ପାଟି ପାଖକୁ ଆସୁଥିଲା... କିନ୍ତୁ ଅଟକିଗଲା । ମାଲିକିଆଣି ଶୁଣିଦେଲେ କାଳେ ଦୁଇ ପଦ ଶୁଣେଇଦେବେ ।

(କ୍ରମଶଃ..)

ମୋ : ୮୭୯୮୧୨୪୩୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମହାନତା



ସ୍ନିଗ୍ଧା ଜି. ମହାପାତ୍ର

ସଂସ୍କୃତି ସବୁଦିନ ଟିକିଏ ରକ୍ଷଣଶୀଳ, କାରଣ ସେ ଯେଉଁ ଛୋଟ ସହର, ପରିବାର ପରିବେଶରେ ବଢିଛନ୍ତି ଆପଣା ଛାଏଁ ତାଙ୍କ ମନରେ ରକ୍ଷଣଶୀଳ ବୀଜଟିଏ ଅଙ୍କୁରୋଦଗମ ହୋଇ ଯାଇଛି । ନିଜକୁ ଯେତେ ଆଧୁନିକା ଭାବରେ ସଜାଇଲେ ମଧ୍ୟ ମନକୁ ପରିବର୍ତ୍ତନ କରି ପାରି ନାହାନ୍ତି ।

କିଛି ବର୍ଷ ଆଗରୁ ସେ ତାଙ୍କ ପରିବାର ସହ ଗୋଆ ଯାଇଥିଲେ । ଗୋଆର ବିଚ ଖୁବ ସୁନ୍ଦର । ପିଲାଙ୍କ ଖୁସି ପାଇଁ ସଂସ୍କୃତି ଯାଇଥିଲେ । ସେ ନିଜେ ବି ଶିକ୍ଷା ବିଭାଗରେ, ବ୍ୟସ୍ତ ଜୀବନରେ କେମିତି ଦିନ ସରେ ସେ ଜାଣି ପାରନ୍ତିନି । ଏଣୁ ବର୍ଷ ଶେଷରେ ତାଙ୍କ ସ୍ୱାମୀ ଓ ପିଲାମାନେ ସ୍ଥିର କରୁଥିବା ସ୍ଥାନକୁ ବୁଲିଯାଆନ୍ତି । ଗୋଆ ବିଷୟରେ ସେ ଆଗରୁ ଶୁଣି ଥିଲେ ବିଦେଶୀ ମାନେ ପ୍ରବଳ ଆସନ୍ତି ଏବଂ ଏହାର ଜୀବନ ଶୈଳୀ ପାଶ୍ଚାତ୍ୟ ଦେଶ ପରି । ସେ ଯାହା ହଉ ବିଚ ନିକଟରେ ହୋଟେଲରେ ରହିଲେ । ସେଠାକାର ସବୁ ହୋଟେଲରେ ରାତି ବାରଟା ପରେ ପାର୍ଟି ଆରମ୍ଭ ହୁଏ, ପର୍ଯ୍ୟଟକମାନେ ଡାନ୍ସ କରନ୍ତି, ଖୋଲା ଖୋଲିଭାବେ ସୁରା ପାନ କରନ୍ତି... ପୁଅଝିଅ ପାର୍ଟିକୁ ଯାଆନ୍ତି ସଂସ୍କୃତି ଅମଙ୍ଗ ହେଲେ ପିଲାମାନେ କହନ୍ତି ମମି ତମେ ବହୁତ କନଜର୍ଭେଟିଭ । ପୁଅ ଝିଅଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅବାଧ ମିଳାମିଶା, ପୋଷାକ ପରିଚ୍ଛଦରେ ଟିକିଏ ବି ଶାଳୀନତାର ଅଭାବ ଦେଖିଲେ ତାଙ୍କୁ ଭଲ ଲାଗେନା । ସେ କିନ୍ତୁ ଦିନଟିଏ ପାର୍ଟିକୁ ଗଲେ ନାହିଁ ।

ସଂସ୍କୃତି କିନ୍ତୁ ବିଚରେ  ବୁଲନ୍ତି ସୁନ୍ଦର ଶାଢ଼ୀ ପିନ୍ଧି ଫୋଟ ଉଠାନ୍ତି । କେଉଁଠି ବିଦେଶିନୀ ମାନେ ଭାରତୀୟ ବେଶରେ ଥିଲେ ତାଙ୍କ ସହ ଫୋଟ ଉଠାଇ ସୋସିଆଲ ମିଡ଼ିଆରେ ଛାଡ଼ନ୍ତି କିନ୍ତୁ ପାଶ୍ଚାତ୍ୟ ଜୀବନ ଶୈଳୀ ତାଙ୍କୁ ଭଲ ଲାଗେନି । ପିଲାମାନେ ଆଉ ତାଙ୍କ ସ୍ୱାମୀ ବେଶୀ ହସିଲେ ଯେତେବେଳେ ସେ ରହୁଥିବା ରୁମର ଫ୍ରିଜରେ ଆକର୍ଷଣୀୟ ମଦ ବୋତଲକୁ ଦେଖି କହିଥିଲେ ଏଇଟି କେଉଁ କୋଲ୍ଡ ଡ୍ରିଂକ୍ସ ବୋତଲଟି ଦେଖିଲେ ପିଇବାକୁ ଇଛା ହେବ । ମଦ ବୋଲି ଜାଣିବା ପରେ ସେ ଟିକିଏ ବିରକ୍ତ ହୋଇଥିଲେ । ଗୋଆ ଭଳି ସ୍ଥାନରେ ତାଙ୍କର ହରେକୃଷ୍ଣ ଜପ ପିଲାଙ୍କୁ ଏକ ପ୍ରକାର ଆମୋଦ ଦେଉଥିଲା । ସେ ଭାବୁଥିଲେ ଏ ସ୍ଥାନ ବୋଧହୁଏ ତାଙ୍କ ପରି ସଂକୀର୍ଣ୍ଣ ମହିଳାଙ୍କ ପାଇଁ ଠିକ ନୁହେଁ ।

ଏମିତି ଗୋଆରେ ବୁଲୁ ବୁଲୁ ସେମାନେ ଏକ କଫି ବାରକୁ ଗଲେ । ପିଲାମାନେ ସେଠାରେ ଭଲ ଆଇସକ୍ରିମ ଖାଇବେ ବୋଲି ବସିଥାନ୍ତି । ଏଇ ସମୟରେ ଜଣେ ଅତି ସୁନ୍ଦରୀ ବିଦେଶୀ ତରୁଣୀ ତିନୋଟି ପିଲାଙ୍କୁ ଧରି ସେ ଆସିଲେ । ସଂସ୍କୃତି ତାଙ୍କ ରୂପରେ ଏତେ ଅଭିଭୂତା ହୋଇ ଯାଇଥାନ୍ତି ଯେ ତାଙ୍କ ପୋଷାକ ପ୍ରତି ତାଙ୍କର ନଜର ପଡିଲା ନାହିଁ । ପ୍ରକୃତରେ ଦେଖିବାକୁ ସେ ଅତି ସୁନ୍ଦରୀ, ଲମ୍ବା ଘନ ମୁକୁଳା କେଶ, ପିନ୍ଧିଥାନ୍ତି ଏକ ସଟ ପ୍ୟାଣ୍ଟ ଓ ଏକ ଟପ... ଲମ୍ବା ଗୋଡ଼ ତାଙ୍କର ତାଙ୍କୁ ବେଶ ମାନୁଥାଏ । ତାଙ୍କ ସହ ଆସିଥିବା ତିନୋଟି ପିଲା ଇଂରାଜୀରେ କହୁଥାନ୍ତି ସେମାନେ କେଉଁ ଆଇସକ୍ରିମ ଖାଇବେ । କିନ୍ତୁ ଯେଉଁ ପିଲାଟିକୁ ସେ କୋଳରେ ଧରିଥିଲେ ସେ ଦେଖିବାକୁ କଳା ଏବଂ ଆକର୍ଷଣୀୟ ନଥିଲା । ସଂସ୍କୃତି ଫିସ ଫିସ କରି ତାଙ୍କ ସ୍ୱାମୀ ଓ ପିଲାମାନଙ୍କୁ କହୁଥାନ୍ତି କେତେ ରୁଚିହୀନ ଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁନ୍ଦରୀ ତରୁଣୀ ଭାରତକୁ ଆସି ପ୍ରେମରେ ପଡି ଏମିତି ଯୁବକଙ୍କୁ ବିବାହ କରିଥିବ ବୋଲି ତା ଭଳି ସୁନ୍ଦରୀଟିଏ ଏମିତି ସନ୍ତାନର ମାଆ... କିନ୍ତୁ ସେ ବହୁତ ଆଦରରେ ସେ ପିଲାଟିକୁ ବାବୁ ବାବୁ ବୋଲି କହି ଆଇସକ୍ରିମ ଖୁଆଇ ଦେଉଥାନ୍ତି ଓ ନିଜେ ସେଇ ଚାମଚରେ ଖାଉଥାନ୍ତି । କିନ୍ତୁ ଭାରତୀୟ ମାଆଙ୍କ ପରି ତାର ମାତୃତ୍ୱ... ଆକର୍ଷିତ କରୁଥାଏ ସଂସ୍କୃତିଙ୍କୁ ।

ଏମିତି ପିଲାଙ୍କ ସହ ଆଇସକ୍ରିମ ଓ କଫି ପିଇସାରି ସଂସ୍କୃତି ଉଠି ଆସୁଥିଲେ ଏକ୍ସକିଉଜ ମି ମାମ୍ ଡାକରେ ପଛକୁ ଚାହିଁଲେ ଦେଖିଲା ବେଳକୁ ସେଇ ବିଦେଶିନୀ ଜଣଙ୍କ ସଂସୃତି ଭୁଲି ଆସିଥିବା ଛୋଟ ପର୍ସଟିକୁ ତାଙ୍କୁ ହସ ହସ ବଦନରେ ବଢ଼ାଇ ଦେଲେ । ସଂସ୍କୃତି ତାଙ୍କୁ ଧନ୍ୟବାଦ ଦେଲେ... ଆଉ ତାଙ୍କ କୌତୁହଳକୁ ଚପାଇ ନପାରି ତାଙ୍କ ବିଷୟରେ ଜାଣିବା ଜୁ ଟିକିଏ ତାଙ୍କ ସହ ବାର୍ତ୍ତାଳାପ କଲେ । ସେ କେଉଁ ଦେଶର କେବେ ଠାରୁ ଆସିଛନ୍ତି ଏବଂ ଏ ପିଲାମାନେ କଣ ତାଙ୍କର ? ? ଉତ୍ତରରେ ସେ କହିଥିଲେ ଦୁଇଟି ପିଲା ତାଙ୍କର, ଆଉ ଗୋଟିଏ ତାଙ୍କ ବାନ୍ଧବୀଙ୍କର ସେ କୋଳରେ ଧରିଥିବା ପିଲାଟି ତାଙ୍କ ଚାକରାଣୀର... ଚକିତ ହୋଇଗଲେ ସଂସ୍କୃତି ତାଙ୍କ ଉତ୍ତରରେ ସତରେ କେତେ ମହାନ ସେ ବିଦେଶିନୀ ଜଣଙ୍କ । ସଂସ୍କୃତିଙ୍କ ପାଟିରୁ କଥା ବାହାରିଲା ନାହିଁ... ଫେରିବା ବାଟରେ ପୁଅ ସଂସ୍କୃତିଙ୍କୁ ପଚାରୁଥାଏ ମମି ପାରିବ ? ? ?

ନୀରବରେ ସଂସ୍କୃତି ଭାବୁଥାନ୍ତି ପୋଷାକ ପରିଛଦରେ ନ ଥାଏ  ମହାନତା... ମହାନତା ଥାଏ ହୃଦୟରେ ଆମେ ଆମ ଘରେ କାମ କରୁଥିବା ଲୋକଟିକୁ ଟିକିଏ ସାହାଯ୍ୟ କରି କେତେ ଆତ୍ମତୃପ୍ତି ପାଉ... କିନ୍ତୁ କେତେ ଛଳନା ଥାଏ ସେଥିରେ..

ବାରିପଦା

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରେଷ୍ଠ ଉପହାର



ନିତ୍ୟ ରଞ୍ଜନ ନନ୍ଦ

ବସରୁ ଓହ୍ଲାଇ ଏପଟ ସେପଟ ଦେଖିଲା ବୁଢ଼ୀ । ସମୟ ଅପରାହ୍ନ ଗୋଟାଏ ହେବ । ମୁଣ୍ଡ ଫଟା ଖରାରେ ଦେହଟା ଝିମ୍ ଝିମ୍ ହୋଇ ଯାଉଛି । ସୋମୁ କହିଥିଲା ତୁ ଗାଁ ବସରେ ଆସି ଷ୍ଟାଣ୍ଡରେ ଅପେକ୍ଷା କରିବୁ ମୁଁ ନଟିଆକୁ ପଠେଇ ଦେଇଥିବି ସେ ତୋତେ ମୋ ଘରକୁ ନେଇ ଆସିବ । ହେଲେ ଅଧାଘଣ୍ଟା ହେଲାଣି କେହି କେଉଁଠି ଦେଖାଯାଉ ନାହାଁନ୍ତି । ବୁଢ଼ୀର ତଣ୍ଟି ଶୁଖିଗଲା ଭଳି ଲାଗୁଛି । ସେ ତା'ର ପୁଟୁଳିଟିକୁ କାଖରେ ଜାକି ଆଗକୁ ବଢ଼ିଲା ।

ହେଲେ ଯିବ କୁଆଡେ ? ଇଏ ତ ସହର ଯାଗା ଚାରିଆଡେ ଖାଲି ଗାଡ଼ି ମଟର ପେଁ ପାଁ । ଯୁଆଡ଼େ ଚାହିଁବ ସିଆଡେ ଖାଲି ବଡ଼ ବଡ଼ କୋଠା । କିଏ କାହାକୁ ଚିହ୍ନୁଛି ଏଠି !! ବୁଢ଼ୀ ପାଇଁ ଏ ଟାଣ ଖରାଟା ପରା ଦାଉ ସାଧୁଛି । ଏତିକି ବେଳେ ପଛରୁ କେହି ଜଣେ ଡାକ ଦେଲା - ଏ ମାଉସୀ ଆ ଜଲଦି ଗାଡ଼ିରେ ବସ । ତେଣେ ମୋ'ର କେତେ କାମ । ବୁଢ଼ୀ ବୁଲି ଚାହିଁଲା ସୋମୁର ଡ୍ରାଇଭର ନଟିଆ । ବୁଢ଼ୀ କହିଲା - ମୁଁ ପରା କେତେ ବେଳଠୁ ଆସି ଛିଡା ହୋଇଛି । ଏ ଯୋଉଁ ଖରା ନା.... ବୁଢ଼ୀକୁ ଚୁପ୍ କରେଇଦେଇ ନଟିଆ କହିଲା - ଛିଡ଼ା ହେଲ ତ କ'ଣ ହେଲା ? ମୋର ଉପରେ ସିଆଡେ କେତେ ଦାୟିତ୍ୱ ମୁଁ ଏବେ କ'ଣ କରିଥାନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଟିକେ ଡେରି ତ ହେଇଗଲା । ନଟିଆର କଥା ଶୁଣି ବୁଢ଼ୀ ନିରବି ଗଲା । ଚୁପ୍ ଚାପ୍ ଯାଇ ଗାଡ଼ିରେ ବସିଗଲା । କିଛି ସମୟ ପରେ ଗାଡ଼ି ଯାଇ ଲାଗିଗଲା ଏକ ବଡ଼ କୋଠା ପାଖରେ । ଆଖି ଉପରକୁ ଉଠେଇ ଅନେଇଲା ବୁଢ଼ୀ ରଙ୍ଗ ବେରଙ୍ଗର ରଙ୍ଗୀନ କନାରେ ସଜ୍ଜିତ ଦ୍ୱିତଳ ପ୍ରସାଦ । ନଟିଆ କହିଲା ମାଉସୀ ଏଇ ତୁମ ପୁଅର ଘର ଏଥର ଯାଅ ଭିତରକୁ ।

ଚକ୍ ମକ୍ କପଡା ସବୁ ତଳେ ବିଛା ହୋଇଛି । ଗୋଡ଼ ଦେବା କ୍ଷଣି ତୁଳା ଭଳି ନରମ ନରମ ଯେମିତି ସତେ କି ଗୋଡ଼ ଗଳି ପଡିବ । ଚାରିପଟେ ଲୋକଙ୍କର ଭିଡ । ହେଲେ ସୋମୁ କାଇଁ ? ଘର କରିବା ଦିନଠାରୁ କେତେ ଥର କହିଛି ବୋଉ ଚାଲେ ଟିକେ ମୋ ଘର ଦେଖି ଆସିବୁ । ଇଛା ଥିଲେ ବି ବୋହୂର ଚିଡଚିଡା ପଣ ଯୋଗୁଁ ଆସିବାକୁ ଡରିଛି ସେ ।

ଗଲା ସନ ପୁଅ ଦେହ ଖରାପ ଶୁଣି ଦଉଡି ଆସିଥିଲା ଯେ ବୋହୂର ସେ ଦୁର୍ ଦୁର୍ ଭାବ ଆଉ ତା ଭାଷାରେ ଗାଉଁଲି ମଳି ମୁଣ୍ଡିଆ ବୁଢ଼ୀକୁ ଭାରି ବାଧିଥିଲା । ମନେ ମନେ ଭାବିଥିଲା ଯାହା ପଛେ ହେଇ ଯାଉ ଆଉ କେବେ ଏ ସହରରେ ପାଦ ପକାଇବ ନାହିଁ । ହେଲେ ସେଦିନ ଯେତେବେଳେ ସୋମୁ ଫୋନ୍ କଲା ବୋଉଲୋ ତୋର ନାତିଟେ ହୋଇଛି । ଆଉ ତୁ ଯେମିତି ହେଉ ଆସିବୁ । ପୁଅ ଠାରୁ ନାତି ହେବା ଖବର ଶୁଣି ବୁଢ଼ୀର ଗୋଡ଼ ତଳେ ଲାଗି ନଥିଲା । ସେ ପଡୋଶୀ ପୁଅ ବିଜୁ ହାତରେ ମିଠା ମଗାଇ ଶାଇ ପଡିଶାରେ ବାଣ୍ଟୁ ବାଣ୍ଟୁ ଖୁସିରେ ଗପି ଯାଉଥିଲା ଜାଣିଛ ମୋ'ର ନାତି ହୋଇଛି ! ମୋ ସୋମୁ ଆଜି ବାପ ହୋଇଛି । ଆଜି ଯଦି ସୋମୁର ବାପା ବଞ୍ଚିଥାନ୍ତେ କେତେ ଖୁସି ସେ ହୋଇ ନ ଥାନ୍ତେ ଭାଗ୍ୟ ତ ଭଗାରି ହେଲା ଆୟୁଷ ଥାଉ ଥାଉ ସେ କାଳ ଯମ ତାଙ୍କୁ ଛଡାଇ ନେଲା କହୁ କହୁ ତା ଆଖିରୁ ଝରି ପଡୁଥିଲା ନିଃସଙ୍ଗତା ର ଲୁହ ବୁନ୍ଦା ଗୁଡିକ !!!!

ବୋହୂଟା ବାଟରେ ବସିବା ଖବର ପାଇବା ଦିନଠାରୁ ବୁଢ଼ୀ ସଜେଇ ରଖିଥିଲା । ଏଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେମିତି ବୋହୂ ପାଇଁ ଗୁଆ ଘିଅ, ଶୁଖିଲା ଅଦା ଗୁଣ୍ଡ ବା ଶୁଣ୍ଠି, ପୁରୁଣା ସୁତା ଲୁଗା ଭଲରେ ଧୋଇ ଶୁଖେଇ ତାକୁ ଚିରି ଖଣ୍ଡ ଖଣ୍ଡ କରି ସାଇତି ରଖିଥିଲା । ଆଉ ନାତି ହେବା ଖବର ପାଇବା ପରେ ଜାମା ହଳେ କିଣି ଆଣି ରଖିଛି । ଗାଁ ସୁନାରୀକୁ ରୂପା କଢା ଦିଟା ତିଆରି କରିଛି । ହେଲେ ସୋମୁ ସେଦିନ ଫୋନ୍ କରି କହିଲା - ବୋଉ ତୁ ପୁଅ ଏକୋଇଶିଆ ପୂଜା ଦିନ ଆସିବୁ ଦିନେ ଅଧେ ରହିକରି ଯିବୁ ପଛେ । ଏତେ ଆଗରୁ ଆସି ଚାଲିଗଲେ ଭଲ ଲାଗିବନି । ନାତିକୁ ଦେଖି ଯିବ ବୋଲି ବୁଢ଼ୀ ବାୟାଣୀ ସାଜିଛି । ମନ ଆଉ କୋଉଥିରେ ନାଇଁ କେମିତି ଦିନ ସରିବ ଆଉ ବୁଢ଼ୀ ଟିକେ ନାତିକୁ ଦେଖି ଆସିବ ଏକୋଇଶିଆ ପୂଜା ଭୋଗ ସିରିଣି ପାଇଁ ବୁଢ଼ୀ ଚକିରେ ଚାଉଳ ଚୁରି ଚୁନା କରିଛି, ଘୋଳ ଦହିରୁ କିଛି ଛେନା ମଧ୍ୟ କରିଛି । ବାଡିରୁ ପାଚିଲା କଦଳୀ, ସୋମୁ ଭଲପାଏ ବୋଲି ହାତ ତିଆରି ବଢିରୁ କିଛି, କଲମୀ ଗଛର ଆମ୍ବରୁ ବଡ଼ ଫଡା ଆମ୍ବୁଲରୁ କିଛି, ବାଡି ନଡ଼ିଆ ଓ ମୁଗ ଡାଲି ସବୁଥିରୁ ଏମିତି କିଛି କିଛି ଗଣ୍ଠିଲିଟେ ବାନ୍ଧିଛି । ସୁଟ୍ ବୁଟ୍ ରେ ଏତେ ସବୁ ଲୋକ କାନ୍ଧରେ କେଡେ ସୁନ୍ଦର ବ୍ୟାଗ୍ ସବୁ ଦେଖି ବୁଢ଼ୀ ତା'ର ଗଣ୍ଠିଲିଟିକୁ ଲୁଚାଇବାକୁ ଚେଷ୍ଟା କରୁଥିଲା । ଏତେ ଲୋକଙ୍କର ସୁନ୍ଦର ପରିପାଟୀ ଦେଖି ଭିତରେ ଭିତରେ ନିଜକୁ ଛୋଟ ଅନୁଭବ କରୁଥିଲା ସେ ।

ଦୁଆର ମୁହଁ କୁଆଡେ ! ! ବାଟବଣା ହେଉଥିଲା ବୁଢ଼ୀ । ହେଇରେ ପିଲେ ମୋ ସୋମୁକୁ ଟିକେ ଡାକି ଦିଅନ୍ତନି । କିଏ ଜଣେ କହିଲେ ଏଠି କେହି ସୋମୁ ଫୋମୁ ରହୁ ନାହାନ୍ତି । ଆଉ ଜଣେ କହୁଥିଲା - ଆରେ ଆରେ ଗେଷ୍ଟ ମାନଙ୍କ ମଝିରୁ ସେ ବୁଢ଼ୀକୁ ବାହାର କର । ଏମାନଙ୍କର ଅଭ୍ୟାସ ଏଇଟା ! ! କେଉଁଠି କେଜାଣି ବାସ୍ନା ସୁଙ୍ଘି ସୁଙ୍ଘି ପଳେଇ ଆସନ୍ତି ସେମାନେ । ବୁଢ଼ୀ ଏସବୁ ଶୁଣିଲା ପରେ ମୁହଁକୁ ଲୁଚାଇ ପଛକୁ ପଛ ଫେରି ଯିବାକୁ ଉଦ୍ୟତ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଲାବେଳକୁ କେହି ଜଣେ ଧରି ନେଲେ । ବୁଢ଼ୀ ଶଙ୍କିତ ଅବସ୍ଥାରେ ବୁଲି ପଡ଼ିଲା ବେଳକୁ ବୋଉଲୋ କେତେ ବେଳଠୁ ତୋତେ ଅପେକ୍ଷା କରିଛି ଆଉ ତୁ...... ହେଉ ଆ.....ଆ...... ଭିତରକୁ ଆ....

ଆରେ ମୋନା ଦେଖ କିଏ ଆସିଲାଣି କହି କହି ସୋମୁ ଭିତରକୁ ଗଲା । ଅତିଥିମାନଙ୍କ ଚର୍ଚ୍ଚାରେ ବୋହୂ ବୋଧେ ବ୍ୟସ୍ତ ଥାଏ । ବୋହୂର ପରିବାର ଭରପୁର ହୋଇ ଆସିଥାନ୍ତି । ଭାର ଥୋଉରରେ ଘର ଭର୍ତ୍ତି ହୋଇଥାଏ । ନାତି ପାଇଁ କେତେ ରକମର ଡ୍ରେସ୍, ସୁନା ଚେନ, ଗଦି, ଝୁଲଣ ଇତ୍ୟାଦି ରେ ଘର ପୁରି ଥାଏ । ଏତେ ସବୁ ଦାମୀ ଜିନିଷ ଦେଖି ବୁଢ଼ୀ ତା'ର ପୁଟୁଳିଟିକୁ ସେ ଘରେ ଥିବା କବାଟ କଣକୁ ଲୁଚାଇ ଦେଲା । କ'ଣ ବା ଆଉ କରିଥାନ୍ତା । ପୁଅର ବଡ଼ ବଡ଼ ବନ୍ଧୁ ବାନ୍ଧବ ମାନଙ୍କର ସେ ମହଙ୍ଗା ଉପହାର ନିକଟରେ ନିଜର ଏଇ ଚିରା ଲୁଗାର "ଉପହାର ପୁଟୁଳି"ଟି ଭାରି ଘୃଣ୍ୟ ଆଉ ଛୋଟ ମନେ ହେଉଥିଲା । ଅନ୍ୟ ମାନଙ୍କର ବେଶଭୁଷା ପରିପାଟୀ ଆଗରେ ବୁଢ଼ୀ ନିଜର ଆଣ୍ଠୁ ଲୁଚା ଲୁଗାକୁ ପାଦ ଆଡ଼କୁ ଟାଣି ଦେଉଥିଲା । ବାହାରକୁ ଲୋକମାନଙ୍କ ସାମ୍ନାକୁ ନଆସି ବୁଢ଼ୀ ସେଇ ଘର ଭିତରେ ରହି ସବୁ ଦେଖୁଥିଲା ।

ବୋଉ...... ବୋଉ....... କୁଆଡେ ଗଲେ ? କହି କହି ଘର ଭିତରକୁ ପଶି ଆସିଲା ମୋନା । ଓଃ ! ଆପଣ ଏଇଠି କହି ମୁଣ୍ଡିଆ ମାରିଲା ମୋନା । ସେ କହିଲେ ବୋଉ ଆସିଲେଣି ଯାଅ ତା'ର ଖବର ବୁଝ ହେଲେ ବାହାର ଲୋକମାନେ ଆସୁଛନ୍ତି ତାଙ୍କୁ ଟିକେ welcome ନ କରିଲେ ସେମାନେ ଖରାପ ଭାବିବେ ବୋଲି ଆଗ ତାଙ୍କ ଚର୍ଚ୍ଚା ସାରି ଆପଣଙ୍କ ପାଖକୁ ଆସିବାକୁ ଲେଟ୍ ହୋଇଗଲା । ଠିକରେ ଆସିଲେ ତ ? ହଁ ମାଆ ମୁଁ ଭଲରେ ଆସିଲି ଆଉ ମୋ ନାତି କାଇଁ ? ବୁଢ଼ୀ କହିଲା । ହଁ ବୋଉ ତୁମେ ତୁମ ନାତିକୁ ତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଖିବ ଆଗେ ଚାଲ ତୁମେ ଧୁଆ ଧୋଇ ହୋଇପଡ । ବୁଢ଼ୀକୁ ଧରି ବାଥରୁମକୁ ନେଇ ଗଲା । ଗୋଡ଼ ହାତ ମୁହଁ ସାବୁନ୍ ଲଗାଇଦେଇ ଚିକ୍କଣ କରି ଗାମୁଛାରେ ପୋଛି ଦେଲା ବେଳେ ବୁଢ଼ୀ କହୁଥିଲା ଇଲୋ ମାଆ ଏ କ'ଣ କରୁଛୁ ? ମୁଁ ଗାଧେଇ ପାଧେଇ ଆସିଥିଲି ପରା । ତାପରେ ମୋନା ତାଙ୍କୁ ରୁମ୍ କୁ ନେଇ ଯାଇ ଏଇଟା ତୁମ ରୁମ୍ ବୋଉ ତୁମେ ଏଇଠି ରହିବ । ଆଲମାରୀରୁ ଗୋଟେ ସମ୍ବଲପୁରୀ ଶାଢ଼ୀ ବାହାର କରି ବୁଢ଼ୀକୁ ପିନ୍ଧାଇ ଦେଲା ମୁହଁରେ କ୍ରୀମ ପାଉଡର ଲଗାଇ ଦେଲା ବେଳେ ବୁଢ଼ୀ କହୁଥିଲା ଏଗୁରା କ'ଣ ବୋଳୁଛୁ ଲୋ ମାଆ ମୋ ମୁହଁରେ ? ବୁଢ଼ୀକୁ ସଜେଇ ଏକଦମ୍ ଟିପ୍ ଟପ୍ କରି ଦେଇଥିଲା । ଏଥର ବୁଢ଼ୀ ଆଉ ମଳି ମୁଣ୍ଡିଆ ଲାଗୁ ନଥିଲା । ଏତିକି ବେଳେ ସୋମୁ ଘର ଭିତରକୁ ପଶି ଆସି କହିଲା - ଆରେ ମୋନା ବୋଉ କୁଆଡେ ଗଲା ? ମୋନା ମିଛି ମିଛିକା ରାଗରେ କହିଲା - ମୁଁ କେମିତି ଜାଣିବି ତୁମ ବୋଉ କୁଆଡେ ଗଲେ ? ଅଭିମାନ ଭରା ସ୍ୱରରେ ସୋମୁ କହିଲା - ହଁ, ତମେ ବା କାଇଁ ଜାଣିବ ? ତୁମର ସେ କିଏ କି ? ଏତିକି କହି ସୋମୁ ଚାଲିଗଲା ବେଳେ ପଛରୁ ମୋନା ଡାକିଲା - ହେଇଟି, ଇଏ କିଏ ଦେଖିଗଲ..... ସୋମୁ ପଛକୁ ଫେରି ଦେଖିଲା ବେଳେ ସେପଟୁ ବୋଉ ମୁହଁକୁ ବୁଲାଇ ଦେଲା ମୋନା ବୋଉର ବେଶ ଭୁଷା ପରିପାଟୀ ଦେଖି ଥମ୍ ରହିଗଲା ସୋମୁ । ବୁଢ଼ୀ ହସି ହସି କହୁଥିଲା ଦେଖିଲୁ ମୋତେ କେମିତି ଲୁଗାପଟା ପିନ୍ଧାଇ ମୋ ମୁହଁରେ କ'ଣ ଗୁରା ବୋଳି ପକାଇଛି । ସୋମୁ ହସି ହସି ବୋଉ ସହିତ ମୋନାକୁ କୁଣ୍ଢେଇ ପକାଇଲା । ଧନ୍ୟବାଦ ମୋନା ତୁମକୁ ମୁଁ ଭୁଲ୍ ବୁଝିଥିଲି । ହଁ ଠିକ୍ କହିଲ ମୁଁ ଭୁଲ୍ ଥିଲି । କିନ୍ତୁ ନିଜେ ମାଆ ହେବା ପରେ ଆଜି ବୁଝି ପାରୁଛି ଗୋଟେ ମାଆର ମନ । ଛୁଆଟେ ପେଟରେ ରହିବା ଦିନଠାରୁ ଜନ୍ମର କଷ୍ଟ ଆଉ ତାପରେ ରାତି ରାତି ଉଜାଗରର ଯନ୍ତ୍ରଣା ମୁଁ ଏଇ ଏକୋଇଶି ଦିନ ମଧ୍ୟରେ ଶିଖି ସାରିଲିଣି । ଆଉ ଗୋଟେ ମାଆର ମନ ବୁଝିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରିବାନି । ହେଲେ ତାଙ୍କୁ ଖୁସି କରାଇବାକୁ ଚେଷ୍ଟା ତ କରି ପାରିବା । ଆଉ ବୋଉ ହିଁ ତାଙ୍କ ନାତିକୁ ଧରି ଗେଷ୍ଟ ମାନଙ୍କ ସାମ୍ନାକୁ ଯିବେ । ସୋମୁ ଖୁସିରେ କହୁଥିଲା - ମୁଁ ତୁମ ଚିନ୍ତା ଧରା ପାଇଁ ଗର୍ବିତ ମୋନା । ସବୁ ବୋହୂ ଯଦି ଏମିତି ତୁମ ପରି ହୋଇ ଯାଆନ୍ତେ । ତେବେ ଜନ୍ମ କଲା ବୁଢ଼ୀ ମାଆ ମାନେ ଏମିତି କଷ୍ଟ ଆଉ ପାଆନ୍ତେ ନାହିଁ !! ବୁଢ଼ୀ ଦୁଇ ଜଣଙ୍କ ମୁଣ୍ଡକୁ ଥାପୁଡେଇ କହୁଥିଲା ସର୍ବଦା ସୁଖୀ ରୁହ । ତୁମ ହସ ଖୁସି ସଂସାର ଦେଖି ମୋ ଜୀବନ ଚାଲିଯାଉ ।

ଏତିକିବେଳେ କେହି ଆସି ଡାକିଲା ନନା ଆସିଲେଣି ପୁଅକୁ ଆଣି ପୂଜା ସାମଗ୍ରୀ ରେଡି କର । ମୋନା କହିଲା ଆଛା ବୋଉ ତୁମେ ଚାଉଳ ଚୂନା ଆଣିଛ ତ ? ବୁଢ଼ୀ ଟିକେ ଥଙ୍ଗେଇ ମଙ୍ଗେଇ ମୁଁ....... ସେ..... କ'ଣ କଲ ତୁମର ସେ ପୁଟୁଳି କାଇଁ କେଉଁଠି ରଖିଛ ଦେଲ ମୋତେ କହିଲା ମୋନା । ବୁଢ଼ୀ ଆଡ ଆଡ ହୋଇ ତା ପୁଟୁଳି ଖୋଲିଲା । ଏତେ ସବୁ ନିଜ ବାଡିର ଜିନିଷ ସେ ପୁଣି ବୋଉର ହାତ ତିଆରି ଦେଖିବ କ'ଣ ସୋମୁ ପାଟିରୁ ଲାଳ ବାହାରୁଥିଲା । ମୋନା ହସି ହସି କହିଲା - ଆରେ ଆରେ ବୋଉଙ୍କ ପାଖରେ ତ ପୂଜା ସାମଗ୍ରୀ ସବୁ ଅଛି ଚୁନା, ଛେନା, ନଡ଼ିଆ, କଦଳୀ ସେ ପୁଣି ଆମ ଘରର । ଆଉ ବୋଉ ପୁଅ ପାଇଁ କ'ଣ ଆଣିଛ ? ଚିରି ଆଣିଥିବା ସେ ଖଣ୍ଡ ଖଣ୍ଡ ଚିରା ଲୁଗାକୁ ବୁଢ଼ୀ ଲୁଚାଇ ଦେଲା ବେଳେ ଧରିନେଲା ମୋନା । ଏଇଟା କ'ଣ କି ? ନାଇଁ କିଛି ନାହିଁ କହି ବୁଢ଼ୀ ପଛକୁ ରଖି ଦେଉଥିଲା । ହେଲେ ଜୋର କରି ପଚାରିବାରୁ ସବୁ ସତ କହିଲା ବୁଢ଼ୀ । ମୋନା କହିଲା ଯେଉଁ ଲୁଗାର ମୋହରେ ସୋମୁ ବୋଉ ବୋଉ ବୋଲି ବାଇଆ ହେଉଛନ୍ତି ସେଇ ଚିରା ଲୁଗାରେ ମୋ ପୁଅ ଶୋଇଲେ ମା ପ୍ରତି ମମତା ତା'ର ଅତୁଟ ରହିବ । ବୋହୂକୁ କୁଣ୍ଢେଇ ଧରି ଗେଲ କରି ପକେଇଲା ବୁଢ଼ୀ । ଆଖି ରୁ ତା'ର ଆନନ୍ଦାଶ୍ରୁ ଝରିଯାଉଥଲା ସେ କହୁଥିଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୋ ଭଳି ବୋହୂ ପାଇ ସତରେ ମୁଁ ଧନ୍ୟ । ତୁ ଅହି ସୁଲକ୍ଷଣୀ ହୋଇ ଥା ! ! ଆଉ ମୋନା କହୁଥିଲା ଆଜି ମିଳିଥିବା ନାମୀଦାମୀ "ଉପହାର ବାକ୍ସ" ମଧ୍ୟରେ ବୋଉ ଆମର ଆଣିଥିବା ଏ ଉପହାର ପୁଟୁଳି ଟି ଅଧିକ ଦାମୀ ଓ ଏହା ଆମ ପାଇଁ ସର୍ବ ଶ୍ରେଷ୍ଠ ଉପହାର ଅଟେ ! ! !

ଡି.ଏଲ.ଏ.-୧୨, ଭି.ଏସ.ଏସ. ନଗର
ଭୁବନେଶ୍ୱର - ୭୫୧୦୦୪
ମୋ - ୯୪୩୭୧୭୮୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷ ଇଚ୍ଛାର ପ୍ରେମର



ଆଶୁତୋଷ
ମେହେର

ତାକୁ ଏମିତି ଭାବରେ ଭେଟିବି...ତା ପୁଣି ଚାଳିଶ ବର୍ଷ ପରେ...ମୋ ଭାବନା ବାହାରେ ଥିଲା ।

ସେ ଦମୟନ୍ତୀ... ମୋର ସହପାଠୀ ସ୍ନାତକ ଓ ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ... ପ୍ରଥମେ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ଓ ତା ପରେ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ର କେମ୍ପସ୍ ରେ ।

ଆମେ ଦୁହେଁ ବଲାଙ୍ଗୀର ଜିଲ୍ଲାର । ସେ ବଲାଙ୍ଗୀର ସହରର ଝିଅ... ତେଣୁ ରାଜେନ୍ଦ୍ର କଲେଜର ମୂଳ ଛାତ୍ରୀ ଆଉ ମୁଁ ତୁଷରା କଲେଜରୁ ଆଇ ଏସ୍ ସି ପାସ୍ କରି ନାଁ ଲେଖାଇଥିଲି ସ୍ନାତକ ବିଜ୍ଞାନ ରାସୟନଶାସ୍ତ୍ର ଅନର୍ସରେ ରାଜେନ୍ଦ୍ର କଲେଜକୁ ଆସି ।

ତେବେ ଗୋଟାଏ ଛୋଟ ଘଟଣା ଯେମିତି ବାଟ ଦେଖୁଥିଲା ଆମ ଦୁହିଁଙ୍କ ଭିତରେ ଏକ ଆଜଣା ଯୋଗସୂତ୍ର ବାନ୍ଧି ଦେବାକୁ । ସେଇଯା ବି ଘଟିଲା । ସେ ଦିନ ମୋର ପ୍ରାକଟିକାଲ୍ କ୍ଲାସକୁ ଡେରି ହେଇ ଯାଉଥିବାରୁ ମୁଁ ଯୋର୍ ରେ ଧାଇଁଯାଉଥିଲି ବରଣ୍ଡାରେ....ଆଉ କେମିଷ୍ଟ୍ରି ଲାବ୍ ଟା ସେଇ ବରଣ୍ଡା ଶେଷ ବୁଲାଣି ପାଖରେ । ପରେ ମୁଁ ଶୁଣିଥିଲି ସେ ବୁଲାଣୀ କୁଆଡେ ଥିଲା ଆମ କଲେଜର ଏକ ପ୍ରେମ ବ୍ଲାକ୍ ସ୍ପଟ୍ ଓ ଅନେକ ପ୍ରେମିକପ୍ରେମୀ ଯୁଗଳ ସୃଷ୍ଟି କରି ପାରିଥିବା ଯାଗା । ସେଦିନ ତରବରେ ଯିବାର ର ଫଳ ବି ମତେ ଭୋଗିବାକୁ ହେଲା ଯେବେ କୌଣସି ଜଣେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋମଳାଙ୍ଗୀ ସହ ହଠାତ୍ ମୁହାଁମୁହିଁ ଧକ୍କାରେ ବରଣ୍ଡା ର ବୁଲାଣୀରେ...ସେ ତଳେ ଓ ମୁଁ ବି ତଳେ ।ଟିକିଏ ସଷ୍ଟାମ ହେଲା ବେଳକୁ... ବରଣ୍ଡା ଛଟାଣରୁ ଉଠିବା ପୂର୍ବରୁ... ମୋ ଆଖିରେ ପଡିଗଲା ସେ ଝିଅ ଟାର ଗୋଲ ଗୋରା ମୁହଁ... ନାଲି ଓଠ ଓ ତା ଉପରରେ ଦାଉଦାଉ ହେଉଥିବା କଳାଜାଇ ଟା ଉପରେ ! !

ସେଦିନ କେମିଷ୍ଟ୍ରିଲାବରେ ଅନ୍ୟମନସ୍କ ହୋଇ ଭୁଲ ରସାୟନ ମିଶାଇ ଦେଇ ଟେଷ୍ଟଟିଉବ୍ ରେ ନିଆଁ ବି ଲାଗିଲା ଓ ଅଧ୍ୟାପକଙ୍କ ନାଲି ଆଖି ଦେଖିବାକୁ ପଡିଲା । ହେଲେ ମୁଁ ସେଦିନ ଠୁଁ ପଡିଗଲି ସେ ଦପ୍ ଦପ୍ ନାଲି ଓଠ ଓ କଳାଜାଇ ର ମୋହରେ । ଆଉ ସେ ମୋହ ଯେ ଏକତରଫା ନ ଥିଲା ତାହା ମୁଁ ଜାଣିଗଲି... ଯେଉଁ ଦିନ ଦମୟନ୍ତୀ ମୋତେ ମାଗିଥିଲା କେମିଷ୍ଟ୍ରି ନୋଟ ଖାତା ଓ ତାହା ଫେରିଲା ବେଳେ ସେ ଛୋଟ ଚିଠି ଖଣ୍ଡିକ ଯେଉଁଠି ଲେଖାଥିଲା... ପ୍ରଭାତ ବାବୁ ମୋତେ କ୍ଷମା କରିବେ । ମୋ ଭୁଲ ଯୋଗୁଁ ଆପଣ ସେ ଦିନ କଷ୍ଟ ପାଇଲେ । କିଛି ଧରିବେନି ବୋଲି ଆଶା ! ! ଦମୟନ୍ତୀ

ତାହା ହେଲେ ମୋ ନାଁ ଟା ବି ଯୋଗାଡ କରିଦେଇଥିଲା ସେ ଏ ଭିତରେ ।

ହଁ... ସେ ଦମୟନ୍ତୀ ଓ ମୁଁ ପ୍ରଭାତ... ଦୁଇ ବର୍ଷ ସମୟରେ ପ୍ରଥମ ଶ୍ରେଣୀ ଅନର୍ସ ସହ ପାସ୍ ହେଲୁ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାରର ସ୍ନାତକୋତ୍ତରେ ଅଧ୍ୟୟନ ଆରମ୍ଭ କରିଥିଲୁ । ଆମ ଭିତରେ ଥିବା ରସାୟନ ପ୍ରକ୍ରିୟା ମଧ୍ୟ ଧୀରେ ଧୀରେ ବଦଳିବାକୁ ଲାଗିଥିଲା । ଜ୍ୟୋତିବିହାରର ସବୁଜିମା ଭରା ପରିବେଶ, ମହାନଦୀ ପଥରଭରା ବକ୍ଷ ଓ କାଚକେନ୍ଦୁ ପାଣି, ହୀରାକୁଦ୍ ବନ୍ଧ ଓ ନେହେରୁ ମୀନାର ଫୁଲ ବଗିଚା, ପାଖ ସହର ସମ୍ବଲପୁରର ଅଶୋକା, ଲକ୍ଷ୍ମୀ ଓ ଗେଇଟି ଟକିଜ୍ ରେ ଫିଲ୍ମ ଦେଖା ଏବଂ ବୁର୍ଲାକୁ ଆସୁଥିବା ଶେଷବସ୍ କୁ ଧରିବାରର ଛକାପଞ୍ଝା ଭିତରେ... କେତେ ଜଲଦି ସେ ସ୍ନାତକୋତ୍ତର ଦୁଇବର୍ଷ ସରିବାକୁ ଲାଗିଲା ଜଣା ପଡିଲାନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ତେବେ ଆମ ଦୁହିଁଙ୍କ ଭିତରେ ତିଆରି ହେଉ ଥିବା ସମ୍ବନ୍ଧ... ଅନେକ ରସାୟନ ପ୍ରକ୍ରିୟାପରି... ଅନିଶ୍ଚିତତା ର ଫଳ ଯେ ଭୋଗିବ ତାହା ଥିଲା ମୋ ଚିନ୍ତା ପରିଧି ବାହାରେ ।

ପରୀକ୍ଷାଫଳ ବାହାରିବା ପରେ ସମସ୍ତେ ଖୁସି ର ମାହୋଲରେ ଥିବା ବେଳେ ଦମୟନ୍ତୀ ଆମ ସମ୍ବନ୍ଧରେ ବମ୍ ଫୁଟାଇ କହିଥିଲା... ମୋତେ ଭୁଲ ବୁଝିବନି ପ୍ରଭାତ... ପରିବାର ବିରୁଦ୍ଧରେ ଯିବା ସାହସ୍ ମୋର ନାହିଁ ... ତୁମ ସହ ମୋର ମାନସିକ ସଂପର୍କ କଥା ଘରେ ମୁଁ ଜଣାଇଥିଲି ହେଲେ ସେମାନେ ବୁଝିବାକୁ ନାରାଜ । ବାଧ୍ୟ ହୋଇ ମୁଁ ଘରେ ଠିକ୍ କରଥିବା ପ୍ରସ୍ତାବ ଅନୁଯାୟୀ ବିବାହ କରିନେବି ଆଉ ଦୁଇମାସ ଭିତରେ ।

ମୋ ଆଖିରେ ଦୁଃଖ ଦେଖି ପାରିଥିଲା ସେ... କହିଥିଲା... ତୁମେ ଯେ ଦୁଃଖିତ ମୁଁ ଜାଣି ପାରୁଛି । ହେଲେ ତୁମ ପ୍ରତି ମୋର ପ୍ରତିବଦ୍ଧତାକୁ ସଂପର୍କରେ ବଦଳାଇ ପାରିଲିନି ସିନା... ଆଜି ତୁମଠୁଁ ବିଦାୟ ନେବା ପୂର୍ବରୁ କଥା ଦେଉଛି... ତୁମେ ମୋ ଠାରୁ ଶେଷଇଚ୍ଛା ଭାବେ ଯାହା କିଛି ମୋ ଠାରୁ ଆଶା କରି ମାଗିବ... ମୁଁ ତାହା ଦେବାକୁ ରାଜି... ଏକଦମ ରାଜି ।

ଏ କଣ କହୁଛି ଦମୟନ୍ତୀ... ଯାହାକୁ ମୁଁ ଏତେ ଭଲ ପାଇଛି... ଆଉ କିଛିଦିନରେ ପରେ ସେ ଆଉ କାହାର ଜୀବନସାଥୀ ହେବ...ହେଲେ ଏ କଣ କହୁଛି ସେ ?

ମୋ ଭିତରୁ କିଏ ଯେମିତି କହିଲା... ପ୍ରେମରେ ତ୍ୟାଗଠୁଁ ବଳି କିଛି ନ ଥାଏ... ଆଉ ନିଜର ପ୍ରେମ ସାଥୀର ତ୍ୟାଗକୁ... ଆହୁରି ଗୋଟାଏ ବଡ ଚରମ ତ୍ୟାଗ ବଦଳରେ ହିଁ କେବଳ ଜିଣି ହୁଏ... କାମନା ବାସନା ମୋହ ଦେଇ ନୁହେଁ ।

କହିଥିଲି... ମୋତେ ତୁମର ଫଟୋଟିଏ ହିଁ ଦରକାର କେବଳ... ହୃଦୟରେ ଲଗାଇ ରଖିବାକୁ ।

ତା ପରଦିନ ହିରାକୁଦ ରେଳଷ୍ଟେସନରେ ଦମୟନ୍ତୀକୁ ରଙ୍ଗବତି ପାସେଞ୍ଜର ଗାଡିରେ ବଲାଙ୍ଗୀର ଯିବାପାଇଁ ବିଦାୟ ଦେବା ବେଳ ସେ ବଢାଇ ଦେଇଥିଲା ତାର ସୁନ୍ଦର ଏକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରଙ୍ଗୀନ ପାସପୋର୍ଟ ସାଇଜର ଫଟୋ । କହିଥିଲା... ଏଇ ନିଅ ତୁମ ଶେଷ ଇଚ୍ଛାର ଜିନିଷ । ଟ୍ରେନ୍ ଟା ଧୂଆଁ ଛାଡି... ଆଖି ପାହାନ୍ତା ଓଭରବିଜ୍ ଡେଇଁଲା ଯାଏ ସେମିତି ଠିଆ ହୋଇଥିଲି ପ୍ଲାଟଫର୍ମରେ ।

ସେଇ ଫଟୋ ଖଣ୍ଡିକ ସେଦିନରୁ ଆସ୍ଥାନ ଜମାଇ ରଖିଲା ମୋ ପର୍ସର ପାରଦର୍ଶୀ ଝିଡିକି ଭିତରେ ।

ସେ ଥିଲା ଆମର ଶେଷ ଦେଖା ସାକ୍ଷାତ ।

ମୁଁ ବି ମୋର ସ୍କଲାରସିପ୍ ପାଇ ଉଚ୍ଚତର ଗବେଷଣା ପାଇଁ ଚାଲିଯାଇଥିଲି ଜର୍ମାନ ବର୍ଲିନ ବିଶ୍ୱାବିଦ୍ୟାଳୟକୁ ଓ ପରେ ପରେ ସେଇଠି ଚାକିରୀ କରି ରହିଯାଇଥିଲି ସେ ବିଦେଶୀ ବିଶ୍ୱବିଦ୍ୟାଳୟରେ । ଜୀବନସାଥୀ ଖୋଜିବା ଦରକାର ପଡିଲାନି ନିଜ ରିସର୍ଚ୍ଚ କାମ ଓ ପାଠ ପଢାଇବାରେ ବୁଡିରହି ।

ବାପା ମାଁଙ୍କ ଆକଟପଣ ହାର ମାନିଥିଲା ମୋର ଜିଦ୍ ଆଗରେ । ସେ ଦୁହେଁ କହିଥିଲେ ତୋର ବିଦେଶରେ ଅର୍ଜିତ ଧନସମ୍ପତ୍ତିରେ ଆମର ଟିକିଏ ବି ମୋହ ନାହିଁରେ । ତୋର ପିଲାଛୁଆ... ଆମର ନାତି କି ନାତୁଣି ଦେଖି ମରିଥିଲେ ମନରେ ଟିକିଏ ଶାନ୍ତ ପାଇଥାଆନ୍ତୁ । ହେଲେ ତାଙ୍କରି ଶେଷ ଆଶା ଦବି ରହିଗଲା... ମୋର ଶେଷଇଚ୍ଛା ର ଛାଇ ଆଢୁଆଳରେ ।

କୋଡିଏ ବର୍ଷ ପରେ  କୌଣସି ଏକ ବିଜ୍ଞାନ ସେମିନାରରେ ଯୋଗ ଦେବାର ସୁଯୋଗ ଜୁଟିଲା ଦିଲ୍ଲୀରେ... ସେଇଠି ଖବର ପାଇଥିଲି ଦମୟନ୍ତୀ ଏବେ ସରକାରୀ କଲେଜରେ ଅଧ୍ୟାପିକା ଓ ତା ସ୍ୱାମୀ ଓଡିଶା ପ୍ରଶାସନିକ ବିଭାଗରେ ଅଧିକାରୀ । ଆଉ ଅଧିକା ଜାଣିବା ଉଚିତ ଭାବିନଥିଲି ।

ଗାଁରେ ପହଞ୍ଚି ବାପାମାଁଙ୍କ ଠୁଁ ଶୁଣିଲି ସେଇ ପୁରୁଣା କଥା । ତାଙ୍କ ମନ ବୁଝାଇବାକୁ କହିଲି... ଜନ୍ମ କଲା ନାତିନାତୁଣୀ ତ ଦେଇ ପାରିବିନି... ତେବେ ଠିକ୍ କରିଛି... ମୋର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅର୍ଜିତ ପଇସାରେ ତୁମ ଦୁଇଜଣଙ୍କ ନାମରେ ଗୋଟାଏ ଫାଉଣ୍ଡେସନ୍ ଖୋଲି ଆମ ଏରିଆର ଗରିବ ଅନାଥ ପିଲାଙ୍କୁ ମଣିଷ କରିବାର ସଂସ୍ଥା ଗଢିବା କାମ କରିବି । ସେମାନେ ହେବ ତୁମ ଦୁହିଁଙ୍କ ପାଳିତ ପାଳିତା ନାତି ନାତୁଣୀ । ଆଉ କିଛି ବର୍ଷ ପରେ ଏଇ ଗାଁ ମାଟିକୁ ହିଁ ଫେରି ଆସିବି ସେମାନଙ୍କ ମୂଳଦୁଆ ଆହୁରି ଶକ୍ତ କରିବାକୁ ।

ଏଇ ତ... ପୁଣି କୋଡିଏ ବର୍ଷ ପରେ... ଜର୍ମାନରୁ ଫେରିତ ଆସିଲି... ଗାଁକୁ ଯାଉଛି ସେଇ ଫାଉଣ୍ଡେସନକୁ ଆଗେଇ ନେବାକୁ... ସବୁଦିନ ପାଇଁ... ବଞ୍ଚିଥିବା ଯାକେ । ଜର୍ମାନରୁ ଦିଲ୍ଲୀ... ଦିଲ୍ଲୀରୁ ଭୁବନେଶ୍ୱର ଓ ଆଜି ସକାଳୁଁ ଭୁବନେଶ୍ୱର-ବଲାଙ୍ଗୀର ଇନଟରସିଟି ଟ୍ରେନରେ... ଅପରାହ୍ନରେ ବଲାଙ୍ଗୀର ରେଳ ଷ୍ଟେସନ ର ଏକ ନମ୍ବର୍ ପ୍ଲାଟଫର୍ମରେ ।

ଏସି ଚେୟାରକାର୍ ଭିତରୁ ଓହ୍ଲାଇବା ଗେଟ ପାଖରେ ଯେଉଁ ଭଦ୍ରମହିଳା ଠିଆ ଦେଖିଲି... ସେ ଯେ ଦମୟନ୍ତୀ ତିଳେ ବି ଶଙ୍କା ନଥିଲା ମନରେ । ସେଇ ଯେ... ସେଇ କଳାଜାଇ... ସେମିତି ଝଟକୁଥିଲା... ବୟସର ଉତ୍ତର ଅପରାହ୍ନରେ ମଧ୍ୟ ! ! !

ଦମୟନ୍ତୀ ପାଖରେ ଠିଆ ଭଦ୍ରବ୍ୟକ୍ତି ତା ସ୍ୱାମୀ ନିଶ୍ଚୟ, ଆଉ ତାଙ୍କ ପାଖରେ ଠିଆ ଯୁବକ ବେଧେ ତାଙ୍କ ପୁଅ । କାଖରେ ସେ ଗୁଲୁଗୁଲିଆ ଛୁଆଟା ତା ନାତି କି ନାତୁଣୀ ହୋଇଥିବ ନିଶ୍ଚେ ! ସେ ବି ବେଧଡକ ଚିହ୍ନିଲା ମତେ । ସ୍ୱାମୀ ଓ ପୁଅ ସହ ପରିଚୟ ବି କରିଦେଲା । ଖୁସି ହେଲା ଜାଣି ଯେ ମୁଁ ବିଦେଶର ସବୁଦିନ ପାଇଁ ଫେରି ତୁଷରା ପାଖ ନିଜ ଗାଁରେ ରହିବି ଏଥର । କହିଲା... ଭୁବନେଶ୍ୱର ଯାଉଛି ଝିଅ ଘରକୁ । ମାସକ ପରେ ଫେରିବି । ଏଇଟା ମୋ ପୁଅର ଝିଅ... ନାତୁଣୀ... ପୁଅ ବଲାଙ୍ଗୀରରେ ବ୍ୟବସାୟରେ... ହେଇ ତା ବାପା ପାଖରେ । ହେଲେ ତୁମେ ଯେ ଏକା... ତୁମ ପଲଟଣ କାହିଁ... ଦେଖାଯାଉ ନାହାନ୍ତି ତ ! !

ହସି କି କହିଲି... ସମୟ ହେଲାନି ସେ କାମ ପାଇଁ... ପ୍ରେମରେ ମସଗୁଲ୍ କାରିଗର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେବେ ତା ନର୍ତ୍ତକୀର ମୂର୍ତ୍ତି ଗଢା ଶେଷ କରି ପାରେନା !!

ଦମୟନ୍ତୀ ହସିଲା... ବୁଝିଲା ବୋଧେ... କହିଲା... ହଉ ଏଥର ତ ପାଖରେ ରହିବ । ତୁଷରା ଆସି ଦେଖା କରିବି ଯେ । ଦେଲ ତୁମ କାର୍ଡ ଖଣ୍ଡେ ଦିଅ... ଟ୍ରେନ୍ ଟାଇମ୍ ହେଲାଣି । ଫେରିଲେ ତୁଷରାରେ ତୁମ ଫାଉଣ୍ଡେସନ୍ ବୁଲିବାକୁ ଆସିବୁ ଆମେ ।

ଦମୟନ୍ତୀର ମିଷ୍ଟର୍ ନାତୁଣୀକୁ ପୁଅ ହାତକୁ ଦେଇ... ବଗିରେ ଉଠି ସାରିଥିଲେ । ମୁଁ ପେଣ୍ଟର ପଛ ପକେଟ୍ ରୁ ପର୍ସଟା କାଢି... ଖୋଲି ଧରି... ଭିତରୁ ପରିଚୟ କାର୍ଡଟା ବଢାଇ ଦେଲି ଦମୟନ୍ତୀ ହାତକୁ ।

କଣ ତା ଆଖିରେ ପଡିଲା କେଜାଣେ... ଟ୍ରେନ୍ ରେ ଚଢୁ ଚଢୁ କହିଲା... ପ୍ରଭାତ... ଶେଷ ଇଚ୍ଛାକୁ ସେମିତି ସାଇତି ରଖି ପାରିଛ ତ !!

ମୋର ଆଉ କିଛି କହିବାର ନ ଥିଲା ।

ମୁଁ ଖାଲି ଦେଖୁଥିଲି ଦମୟନ୍ତୀର ପାକଳା ମୁହଁରେ ଓଠ ଉପରକୁ ଦାଉଦାଉ ଝଟକୁଥିବା କଳାଜାଇଟିକୁ !!

ଫେରନ୍ତା ବଲାଙ୍ଗୀର-ଭୁବନେଶ୍ୱର ଇନଟରସିଟି ଟ୍ରେନ୍... ହ୍ୱିସିଲ୍ ଦେବା ଆରମ୍ଭ କରି ବଲାଙ୍ଗୀର ଷ୍ଟେସନର ପ୍ଲାଟଫର୍ମ ଛାଡୁଥିଲା ।

୫୪ ଆର୍ଯ୍ୟପଲ୍ଲୀ, କିଟଛକ,ପଟିଆ
ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତିଯୋଗୀତା



କୁଞ୍ଜବିହାରୀ ସାହୁ

ଠେକୁଆ ମନରେ ଗର୍ବ, ଅହଂଭାବ ଚରିଯାଇଛି ଗୋଟାପଣେ । ନିଜର ଅସଲି ପ୍ରକୃତିକୁ ଭୁଲିଯାଇଛି । ଅନ୍ୟ ସହ ପ୍ରତିଯୋଗିତା କରିବାକୁ ଯେମିତି ଆଗଭର ହୋଇଉଠୁଛି  ନିଜ ହିତାହିତ ଜ୍ଞାନ ପାଶୋରି ଦେଇଛି । କାନଦୁଇଟାକୁ ଟେକି ସବୁ ଶୁଣିପାରୁଛି  ।

ସକାଳୁ ସକାଳୁ ଦେଖା ହେଇଗଲା କଇଁଛ ସହ । ହାନିଲାଭ କଥା ବୁଝିଲା । ଏତେ ଦିନପରେ ଦେଖାହେଇଛି ଯେଣୁ ମନ କଥାଟା କହିଦେଲେ ଭଲ । ପେଟ ଭିତରେ କଥାଗୁଡ଼ାକ ଗୁଡ଼େଇ ତୁଡ଼େଇ ହେଲେ କେମିତି ଯେ ସମ୍ଭାଳିବ । ତା ମନ ଯେମିତି ପ୍ରକୃତି ବି ସେମିତି  ।

ସାଦରରେ କହିଲା - "ଆଛା କଇଁଛ, ତୁ କୁଆଡ଼େ ପଳେଇଯାଉଛୁ ଯେ ଥରେ ଗଲେ ଆଉ ପତ୍ତା ମିଳୁନି । ତୋ ସହ ଗପିବାକୁ ଇଛା ହେଉଛି ।"

କ'ଣ ଗପିବୁ କି ମୋ ସାଥୀରେ । କଇଁଛ ଆଗ୍ରହରେ ପଚାରିଲା ।

ନାହିଁ ସେମିତି କିଛି ନାହିଁ । ତଥାପି ମୋ ମନ କହୁଛି ଆମେ ଦି ଜଣ ଏକାଠି ଧାଇଁଲେ କେମିତି ହେବ । ଗୋଟେ ବରଗଛକୁ ଯିଏ ଆଗ ଛୁଇଁବ ସିଏ ପ୍ରଥମ ହେବ ।  କହିଲୁ କହିଲୁ ପ୍ରସ୍ତାବ ଆଗତକଲି ଯେ ତୋ ମନ ପାଉଛି ତ ?

ଠେକୁଆ ଚାଲାକିପଣରେ କହିପକେଇଲା  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠେକୁଆ ମନରେ ପରଶ୍ରୀକାତର ଗୁଣଟା ଆଦୌ ଶୋଭାପାଏନି । ମିଛ ବାହାନା କରି ଦୌଡ଼ ପ୍ରତିଯୋଗିତା କରିବାକୁ ଯାଉଛି ବୋଲି କଇଁଛ ଜାଣିପାରିଲା । ସେ ଅନୁଭବ କଲା ଯେ ଠେକୁଆ ଧାଇଁ ଧାଇଁ ଗଛପାଖରେ ପହଞ୍ଚିଯିବ । ପ୍ରତିଯୋଗିତାରେ ପ୍ରଥମ ହେବ । ମୋର ସେଥିରେ ଯାଏ ଆସେ କେତେ ! କ'ଣ ବା ମିଳିବ ଏ ପ୍ରତିଯୋଗିତାରୁ ଓହରିଯିବା । ନିଜକୁ ପର ଆଗରେ ସମର୍ପଣ କରିବା ହିଁ ବୋକାମିର ପରିଚୟ । ଆତ୍ମଗର୍ବୀଙ୍କ ସହ ଚାଲେଞ୍ଜ କଲେ ସିନା ଗର୍ବ ଅହଙ୍କାର ଚୁନା ହେବ ।

ଠିକ୍ ଅଛି ଠେକୁଆ ।  ଆଜି ସଞ୍ଜ ହେଇଆସିଲାଣି । ତୁ ଯଦି କହୁଛୁ କାଲି ଆମେ ଦୁଇଜଣ ଧାଇଁବା । ସକାଳୁ ସକାଳୁ ସୁଲୁସୁଲିଆ ପବନ ବୋହୁଥିବ । ଧାଇଁଲେ ଭଲ ଲାଗିବ ।

କଇଁଛ ନିର୍ଭୟରେ କହିଦେଲା ।

ଠେକୁଆ କଇଁଛର କଥାଟିକୁ ହଠାତ ବିଶ୍ୱାସ କଲାନି । ତା ମନ ଭିତରେ ଥିଲା ସତରେ କାଲି କହିକି ଠକିଦେବନି ତ ! ନା କେବେ ନୁହେଁ କଇଁଛ କାହିଁକି ଠକିବ । ସେ ବହୁତ ନୀରିହ ଜଣାପଡୁଛି । ନୋହିଲେ ମୁଁ କହୁ କହୁ ରାଜି ହେଇଗଲା ଏକାଥରକେ ।

ରାତି ପାହି ସକାଳ ହେଲା । ଉତ୍ତରଦିଗରୁ ସୁଲୁସୁଲିଆ ପବନ ବୋହିଲା । କଇଁଛ ଠିକ୍ ସମୟରେ ପହଞ୍ଚିଗଲା । ଠେକୁଆ ତ ଆଗରୁ ପ୍ରସ୍ତୁତ ହେଇଥିଲା । କଇଁଛକୁ ଦେଖି ଖୁସି ହେଇଗଲା । ତା ମନରେ ଗର୍ବ ଦ୍ୱିଗୁଣ ବଢ଼ିଗଲା । ଏଇଟା ହିଁ ଗୋଟେ ସୁଯୋଗ । କଇଁଛକୁ ହରେଇ ଜିତାପଟ ମାରିଦେବ । ତେବେ ଏ ପ୍ରତିଯୋଗିତାକୁ କିଏ ପରିଚାଳନା କରିବ ।

କଇଁଛ କହିଲା- କ'ଣ କିଛି ଭାବୁଛୁ କି ଠେକୁଆ ।

ନାହିଁ ଯେ..

ଆରେ ଯେ ପୁଣି କଅଣ .. !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ ପ୍ରତିଯୋଗିତାକୁ କିଏ ଜଣେ ପରିଚାଳନା କରିବା ଦରକାର ?

କଇଁଛ କହିଲା - ଏଥିପାଇଁ ଏତେ ଚିନ୍ତା କାହିଁକି ? ବିଲୁଆକୁ ନିମନ୍ତ୍ରଣ କରିବା । ସେ ବହୁତ ଚାଲାକ । ଠିକ୍ ଠାକ୍ ଭାବେ ପ୍ରତିଯୋଗିତାକୁ ଚଳେଇନେବ ।

ଠେକୁଆ ସହଜରେ ରାଜି ହେଇଗଲା କଇଁଛ କଥାରେ ।

ଦୁହିଁଙ୍କ କଥାନୁଯାୟୀ ଠେକୁଆକୁ ନିମନ୍ତ୍ରଣ କରାଯିବା ଭାବିଲାବେଳକୁ ବିଲୁଆ ସେଇଠି ହାଜର । ଠେକୁଆ କଇଁଛର କଥା ଶୁଣିଲା । ଠେକୁଆ ଯେ ଆତ୍ମଗର୍ବରେ କଇଁଛକୁ କହୁଛି ଦୌଡ଼ରେ ଭାଗ ନେବାପାଇଁ । ମନେମନେ ଭାବିଛି, ଠେକୁଆ ଧାଇଁ ଧାଇଁ ଆଗରେ ପହଞ୍ଚିଯିବ, କଇଁଛ ପଛରେ ପଡ଼ିଯିବ । ବିଲୁଆ ତା ମନକଥାକୁ ଲୁଚେଇ ରଖିଲା ।

ପ୍ରତିଯୋଗିତାର ନିୟମ ବତେଇଦେଲା ବିଲୁଆ । ଯିଏ ନିର୍ଦ୍ଧିଷ୍ଟ ସମୟରେ ଗଛ ପାଖରେ ପହଞ୍ଚିଯିବ, ସେ ହିଁ ପ୍ରଥମ ହେବ । ଦୁହେଁ ରାଜି ହେଇଗଲେ ବିଲୁଆ କଥାରେ ।

ବିଲୁଆ ପାଟିରେ ହ୍ୱିସିଲ୍ ମାରିଲା । କଇଁଛ ଓ ଠେକୁଆ ଦୌଡ଼ିବା ଆରମ୍ଭ କଲେ । ଅତି ସିଆଣା ଭାବି ଠେକୁଆ ଧାଇଁଗଲା ଆଗକୁ । ବାଟ ଅଧରେ ଥକ୍କିଗଲା । ଭାବିଲା ଟିକେ ବିଶ୍ରାମ ନେଇ ସେ ତା ଲକ୍ଷ୍ୟସ୍ଥଳରେ ପହଞ୍ଚିଯିବ । ସୁଲୁସୁଲିଆ ପବନରେ ତା ଆଖିକୁ ନିଦ ଆସିଲା । ସହଜରେ ଧାଇଁ ଆସିବା ଯୋଗୁଁ ଥକ୍କିଯାଇଥିଲା । କାଲୁଆ ପବନରେ ଆରାମରେ ଶୋଇପଡ଼ିଲା । ପ୍ରତିଯୋଗିତାରେ ଭାଗ ନେଇଛି ବୋଲି ଭୁଲିଗଲା ।

ବିଚରା କଇଁଛ ତ ଧିରେ ଧିରେ ଚାଲେ । ସେ କଅଣ ଠେକୁଆ ପରି ଧାଇଁଯିବ ଗୋଡ଼କାଢ଼ି । ଆରାମରେ ତା ନିଜସ୍ୱ ଠାଣିରେ ଚାଲିଲା । କଥାରେ ଅଛି ମନୋବଳ ଦୃଢ଼ ଥିଲେ ଅସାଧ୍ୟ କାମ ତା ଆପେ ଆପେ ହେଇଯିବ । ଯେତେ ଦୂରବାଟ ହେଉପଛକେ ଆଗେଇ ଯାଇହେବ । ସେୟାହିଁ ହେଲା । ଧୀର ଗତିରେ ଚାଲିଚାଲି କଇଁଛ ତା ଲକ୍ଷ୍ୟସ୍ଥଳରେ ପହଞ୍ଚିଗଲା । ବିଲୁଆ ଦେଖିଲା କଇଁଛ ଆରାମରେ ପହଞ୍ଚିଯାଇଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଛାନ୍ଦିକ୍ସ

 Magazine Downloaded from www.aahwaan.com

ନିଦ ଭାଙ୍ଗିଗଲା ଠେକୁଆର କ୍ଲାନ୍ତି ମେଣ୍ଟିବାପରେ । ପଛକୁ ନଚାହିଁ ଧାଇଁଲା ଆଗକୁ । ଗଛ ମୂଳରେ ପହଞ୍ଚୁ ପହଞ୍ଚୁ ଦେଖିଲା କଇଁଛ ଆଗତୁରା ଗଛ ମୂଳରେ ବସି ଖିଲିଖିଲି ହସୁଛି । ତା'  ହସ ଦେଖି ଠେକୁଆର ମନ ମରିଗଲା । ନିଜକୁ କେମିତି ବୁଝେଇବ ବୁଝିପାରିଲାନି । ନିଜ ଅହଂଭାବ ଓ ଅଳସପଣର ମୂଲ୍ୟ ବୁଝିପାରିଛି  ।

ବିଲୁଆ ଘୋଷଣାକଲା ଆଜିର ଏ ଦୌଡ଼ ପ୍ରତିଯୋଗିତାରେ କଇଁଛ ପ୍ରଥମ ହୋଇ ଜିତି ଯାଇଛି । ଠେକୁଆ ହାରିଯାଇଛି । ହାରିଯିବାରେ ଠେକୁଆ ନିଜ କର୍ତ୍ତବ୍ୟବୋଧତାକୁ ବୁଝିପାରିନି । ଆତ୍ମଗର୍ବର ଆସ୍ଫାଳନରେ ନିଜେ ହାରିଯାଇଛି । କୌଣସି ଜୀବକୁ ଈର୍ଷା କରି ମିଛଟାରେ ଅପମାନ ଦେବା ସମୀଚୀନ ନୁହଁ । ଯିଏ ଯୋଉ ସ୍ଥାନରେ ଅଛି ଠିକ୍ ଅଛି । ଦୈବବିଧାତା ଯାହାକୁ ଯେମିତି ଗଢ଼ିଛି, ସେଥିରେ ଆତ୍ମସନ୍ତୋଷ ପାଇବା ଉଚିତ ।

ଏ ବଣ ମୁଲକରେ ଏକାଠି ଆତ୍ମୀୟସ୍ୱଜନ ପରି ରହିବା ହିଁ ଭାଇଚାରାର ପ୍ରତୀକ  ।

ନିଜ ଆତ୍ମଗ୍ଲାନିରେ ଛଟପଟ ହେଲା ଠେକୁଆ । ଆଉ ଅହଂଶୂନ୍ୟ, ନୀରିହପଣରେ ଝଲସିଉଠିଲା କଇଁଛ  ।

ବିଲୁଆ ବିଦାୟ ନେଲା ନିଜ ବାଟରେ  ।

ଠେକୁଆ ନିଜ ଆତ୍ମବଡ଼ିମାକୁ ଲୁଚାଇ ଛୋଟ ଜୀବ କଇଁଛକୁ ପ୍ରଣାମ କଲା  । କଇଁଛ କିନ୍ତୁ ମୁଣ୍ଡ ନୁଆଁଇଦେଲା ଚିରାଚରିତ ଢଙ୍ଗରେ  ।

ସଞ୍ଜ ହେବାପୂର୍ବରୁ ଦୁହେଁ ଫେରିଗଲେ ଆପଣା ଘରକୁ  ।

ଠେକୁଆ ଭାବୁଥିଲା ଆମ ଜୀବଜଗତ ଭିତରେ ପ୍ରତିଯୋଗିତା କଅଣ ପାଇଁ  !

ଏଲ୍.ଆଇ.ଜି - ୧୫  ନୟାପଲ୍ଲୀ
ବ୍ରିଟ୍ କଲୋନୀ , ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାଗ୍ୟ



କିଷାନ ମହାକୁର

ରାଧେକୃଷ୍ଣ ଓ ହରେକୃଷ୍ଣ ଦୁଇ ଭାଇ । ଦୁଇ ଭଉଣୀ । ଏ ମାନଙ୍କ ଭିତରେ ଭଉଣୀ ଦୁହେଁ ବଡ଼ । ସବା ସାନ ଭାଇ ହରେକୃଷ୍ଣ ।

ହରେକୃଷ୍ଣଙ୍କୁ ଯେତେବେଳେ ଚାରି ବର୍ଷ ତାଙ୍କ ପିତା ବୈରାଗୀ ବେହେରାଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିଲା । ବିଧବା ମାଆ ଖୁଲଣା ଦେବୀ ଅଭାବୀ ତେଲ ଲୁଣ ସଂସାରକୁ ବହୁ କଷ୍ଟରେ ମୁଣ୍ଡରେ ମୁଣ୍ଡାଇ ଆଗକୁ ନେଲେ । ଜମିବାଡ଼ି କିଛି ଥାଏ । ସେଥିରୁ ବର୍ଷକର ଦାନାପାଣି ଭଲରେ ମିଳିଯାଏ । ଘରବାଡ଼ି ମଧ୍ୟ ଥାଏ । ବାଡ଼ିରେ ପନିପରିବା ଚାଷ କରି ଗାଁ ପାଖ ହାଟରେ ବିକ୍ରିକରି ଦିପାଇସା ପାଆନ୍ତି ।

ଖୁଲଣା ଦେବୀ କଷ୍ଟେମଷ୍ଟେ ପିଲାମାନଙ୍କୁ ପାଠ ପଢାଇ କାହାକୁ ମାଇନର ତ କାହାକୁ ହାଇସ୍କୁଲ ମାଟ୍ରିକ ପର୍ଯ୍ୟନ୍ତ ନେଇଛନ୍ତି । କିନ୍ତୁ ସାନ ପୁଅ ଷଷ୍ଠଶ୍ରେଣୀ ଅଧାରୁ ପାଠ ଛାଡିଦେଲା । ଆଡେ ଦୁଇ ଭଉଣୀ ଓ ବଡ଼ ଭାଇଙ୍କ ଖର୍ଚ୍ଚ ବଢ଼ିଚାଲିଲା ।

ଭଉଣୀକୁ ବିବାହଦେବା ପାଇଁ ରାଧେକୃଷ୍ଣ ସ୍ଥିର କଲେ । ସେତେବେଳକୁ ବଡ଼ ଭାଇ ଏକ ମିଲରେ ଅପରେଟର ଭାବେ କାର୍ଯ୍ୟ କରୁଥାନ୍ତି । ସ୍ୱଳ୍ପ ବେତନ ମିଳୁଥାଏ ।

ଝିଅଙ୍କ ବିବାହ ଠିକ ହୋଇଗଲା । ଏକାଥରେ ଦୁଇଜଣଙ୍କର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୈତୃକ ସମ୍ପତ୍ତିରୁ ସେ ସମୟରେ କିଛି ବିକ୍ରି କରିଦେଇ, ସେଇ ଟଙ୍କାରେ ବାହାକାମ ସାରିଦେଲେ । କିଛି ବର୍ଷ ମାଆ ଦୁଇ ପୁଅଙ୍କୁ ନେଇ ସଂସାରର ମଙ୍ଗ ଧରିଲେ ।

ବଡ଼ ପୁଅ ରାଧେକୃଷ୍ଣ ଦି ପାଇସା କମାଇବାରେ ସକ୍ଷମ ହେଲା । ହରେକୃଷ୍ଣ କିଛି କରୁ ନଥାଏ । ମାଆକୁ ଘର କାମରେ ସହଯୋଗ କରେ । ଖୁଲଣାଦେବୀଙ୍କ ବୟସ ବଢ଼ି ଚାଲିବାରୁ ମଝିରେ ମଝିରେ ଦେହ ଖରାପ ହେଉଥାଏ । ବେଳେବେଳେ ରୋଷେଇ ବାସ ହୋଇ ପାରେନା । ଚୁଡା ମୁଡି ଖାଇ ମାଆ ପୁଅ ଦିନ କଟାଇ ଦିଅନ୍ତି ।

ରାଧେକୃଷ୍ଣଙ୍କ ବିବାହ ପାଇଁ ପ୍ରସ୍ତାବ ଆସିଲା । ଭଲ ମନ୍ଦକୁ ଆଖିଆଗରେ ରଖି ଯେଉଁ ବୋହୂଟେ ଆସିବ ଯେମିତି, ଆମ ଘର ଚଳାଇବ । ଭାଗ୍ୟକୁ ସେମିତି ଗୋଟେ ବୋହୂ ମିଳିଲା । ପରିବାର ହସ ଖୁସିରେ ଚାଲିଲା ।

ସାନ ଭାଇ ବେକାର ଥିବାରୁ ଭାଇ ପ୍ରାୟ ସମୟରେ ବିରକ୍ତ ହୁଅନ୍ତି । ଖାଲି ବସି ଖାଉଛୁ । ଆସିବ କେଉଁଠୁ । ଏହା ଶୁଣି ଚିନ୍ତା କଲେ, ହରେକୃଷ୍ଣ ।

ବୟସ ପାଖାପାଖି କୋଡିଏ । ବାହାରକୁ ଯିବପାଇଁ ମନସ୍ଥିର କରିନେଲେ । ପେଟପାଇଁ କିଛି କରିବାକୁ ପଡିବ । ଏଥି ସହିତ ରୋଗୀଣା ମାଆର ଯାବତୀୟ ଖର୍ଚ୍ଚ ଦେଖିବାକୁ ପଡିବ ।

ହରେକୃଷ୍ଣ ବାଙ୍ଗାଲୋର ଚାଲିଗଲେ । ହୋଟେଲରେ ବୟ ଭାବେ କାମ କରିଲେ । ନିଜେ ଚାଲିଲେ, ମାଆ ପାଇଁ କିଛି ଟଙ୍କା ପଠାଇଲେ । ବଡ଼ପୁଅ ବୋହୂ ପାଖରେ ମାଆ ।

ସେଠାରେ ପାଞ୍ଚ ସାତ ବର୍ଷ ରହି କାମ କରିବାରେ କିଛି ଅର୍ଥ ସଂଚୟ କରି ପାରିଥିଲେ । ମାଆ ଦିନକୁ ଦିନ ଅସୁସ୍ଥ ହୋଇ ପଡୁଥିଲେ । ତାଙ୍କର ଶେଷ ଇଚ୍ଛା । ମୋ ସାନ ପୁଅର ବିବାହ କାର୍ଯ୍ୟ କେମିତି ସରିବ । ତା ପରେ ମୋ ବିଦାୟ ବେଳା ।

ହରେକୃଷ୍ଣ ବିବାହ କରିନେଲେ । ସାନ ବୋହୂ ଘରେ ରହିଲେ । ଶାଶୁସେବା ଯେମିତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଲରେ କରିବେ । ତାହାହିଁ ହେଲା ।

ବଡ ଭାଇ ତାହାରି ଭିତରେ ବାପାଙ୍କ ନାମରେ ଥିବା ଜମିରୁ କୌଶଳକ୍ରମେ ହାତେଇନେଲେ ।

ସାନ ଭାଇ ଜମିବାଡ଼ି ହିସାବ କିଛି ରଖନ୍ତି ନାହିଁ । ସେ ସବୁବେଳେ ବାହାରେ । ଦୁଇ ଭାଇଙ୍କ ପିଲାଛୁଆରେ ଘର ଫାଟୁଥାଏ । ବୁଢ଼ୀ ମାଆର ଖୁସି କହିଲେ ନସରେ । ସେହି ରୋଗ ବିଛଣାରେ ପଡିପଡି ବୁଢ଼ୀ ଆରପାରିକୁ ଚାଲିଗଲା । କର୍ମ ସରିଲା । ସାନ ପୁଅ ତା ସ୍ତ୍ରୀ, ପିଲାଙ୍କୁ ଧରି ବିଦେଶ ଗଲା । ତା ହୋଟେଲ କାମରେ । ଘରେ ବଡ଼ ଭାଇଭାଉଜ ।

ବାଙ୍ଗାଲୋରରେ ତିନି ବର୍ଷ ପରିବାର ସହ ରହିଛନ୍ତିକି ନାହିଁ, ସ୍ତ୍ରୀ ଦେହ ଖରାପ ହେଲା । ଏମିତି ହେଲା ଯେ, ଡାକ୍ତର କହିଲେ ବ୍ଲଡ଼ କ୍ୟାନସର । ବହୁ ଟଙ୍କା ଖର୍ଚ୍ଚ ହେଲା । ବଡ଼ ଭାଇ କିଛି ସହଯୋଗ କରିଥିଲେ । ଫଳ କିଛି ହେଲା ନାହିଁ । ସେଠାରେ ଚାଲିଗଲେ । ଘରକୁ  ଶବ ଆଣିପାରିଲେ ନାହିଁ ।  ସଂସ୍କାର ସେଇଠି କରିଦେଲେ ।

ମାନସିକ ଅବସ୍ଥା ଠିକ ରହିଲା ନାହିଁ । ପୁଅ ଝିଅକୁ ଧରି ଫେରିଆସିଲେ ଘରକୁ ଚାକିରୀ ଛାଡିଦେଲେ । ସବୁ  ଭାଗ୍ୟକୁ କଣ ଏଇୟା ଥିଲା ।

ବଡ଼ ଭାଇ  ଆଗଭଳି ସାନ ଭାଇକୁ ସହଯୋଗ କଲା ନାହିଁ ।

ଅଲଗା ହୋଇଗଲେ । ଜମିବାଡ଼ି ବଣ୍ଟହେଲା ବେଳକୁ ସବୁ ଜଣାପଡିଲାଯେ, ଭାଇ କିଛି ହଡପ କରି ନେଇଛି । ଯାହା କରିଛି, ହରେକୃଷ୍ଣ ପିଲାଥିଲା ବେଳେ । ତା ନାମରେ । ରେଜେଷ୍ଟ୍ରିଖାନରେ  ମିଛସତ କହି ।

ଗାଁକୁ ଆସିବାରୁ ସବୁ ଜାଣିବାକୁ ପାଇଲା । ସେତେବେଳକୁ ଭାଇ ପାଇଁ କିଛି ନାହିଁ । ଘରପାଖ ଖଣ୍ଡିଏ ଜମି । ଢ଼ିଅବାଡ଼ି । ସେଇ ଜମିବାଡ଼ିକୁ  ନିଜର ପୈତୃକ ସମ୍ପତ୍ତିରେ ଦାନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୋଲି ଭାବିବାକୁ ପଡିଲା ।

ସବୁ ଈଶ୍ୱରଙ୍କ ଇଚ୍ଛା । ପକାଇଲା ଛେପ ଢ଼ୋକିବା କାହିଁକି । ବୁଝୁ ବୁଝୁ, ମୋ ସ୍ତ୍ରୀ ପାଇଁ ଦେଇଥିବା ଟଙ୍କା ପାଇଁ ଜମି ହଡପ କରିନେଇଛି । ଖୁବ ଭଲ କରିଛ ଭାଇ । ସବୁ ମୋ ଭାଗ୍ୟ ।

ଭାଗ୍ୟ ଛଡା ଅନ୍ୟଗତି  ନାହିଁ ।

ଯେମିତି ବାପା, ମାଆ ଏବଂ ସ୍ତ୍ରୀ ଚାଲିଗଲେ । ମୋ ଭବିଷ୍ୟତ ଭାଗ୍ୟ କଣ ସେମିତି ହେବନି ତ । ସେ ଯାହା ହେଉ, ପୁଅ ଝିଅ କୂଳରେ ଲାଗିଯାନ୍ତୁ ।  ସବୁ  ସେହି ଭାଗ୍ୟ ଉପରେ ।

ନୂଆଁପାଲି , ସୁବର୍ଣ୍ଣପୁର
୮୨୬୦୭୨୬୨୬୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜରାନିବାସ ଯାତ୍ରା ପ୍ରସ୍ତୁତିରେ



ସୁଶାନ୍ତ ପୁରୋହିତ ପାର୍ଥ

{ ଜଣେ ବର୍ଷୀୟାନ ଇଂରେଜୀ ଲେଖିକାଙ୍କ ଚିନ୍ତନ ଆଧାରରେ }

ଭାବାନୁବାଦ ଓ ଉପସ୍ଥାପନା : ସୁଶାନ୍ତ ପୁରୋହିତ ପାର୍ଥ

ଜୀବନର ଅପରାହ୍ନ ତ ସମସ୍ତଙ୍କର ଆସେ, ନିଶ୍ଚିତ ଭାବେ । ଦେଖୁ ଦେଖୁ କର୍ମବହୁଳ ଜୀବନର ପରିସମାପ୍ତି ଘଟି ଜୀବନର ଅପରାହ୍ନ ମାଡି ଆସେ, ସେ ଅପରାହ୍ନ ବି ସ୍ୱର୍ଣିମ ହିଁ ହୋଇଥାଏ ବନ୍ଧୁବାନ୍ଧବୀ ମାନେ, ନା ଥାଏ କାମକୁ ଯିବାର ଝିନ ଝଟ୍, ନା କୁଆଡେ ଯିବାକୁ ବାଧା ବା ବନ୍ଧନ । କିନ୍ତୁ ଏହି ଅପରାହ୍ନ ପରେ ପରେ ଜୀବନର ସନ୍ଧ୍ୟା ମଧ୍ୟ ଆଗକୁ ଆସେ, ଶରୀର ଦୁର୍ବଳ ହୋଇ ଚାଲେ, ନିଜ କାମ ନିଜେ କରିବାକୁ ଅସୁବିଧା ହୁଏ, ଦରକାର ହୁଏ କାହାରି ସାହାଯ୍ୟ । ସମସ୍ତେ ହୁଏତ ସେପରି ଭାଗ୍ୟବାନ ହୋଇ ନଥାନ୍ତି, ଯାହାଙ୍କ ପୁଅବୋହୁ ଆଦି ତାଙ୍କ ଜୀବନର ଏପରି ସମୟରେ ସେବା ଯତ୍ନ ନେବାକୁ ସଦାସର୍ବଦା ଉପଲବ୍ଧ ଥାନ୍ତି । ଆଜିକାଲିର ଜୀବନ ତ ବହୁତ ବହୁତ ବ୍ୟସ୍ତ ବହୁଳ, ସମସ୍ତେ ବ୍ୟସ୍ତ ନିଜ ନିଜର ଜୀବନ ଜୀବିକା ଆଦି ନେଇ । ହୁଏତ ଅନେକଙ୍କର ପୁଅ, ବୋହୁ, ନାତି, ନତୁଣୀ ଆଦି ବହୁତ ଦୂର ସହରରେ ରହୁଥିବେ, ଏପରିକି ସୁଦୂର ବିଦେଶରେ ମଧ୍ୟ, ଆଉ ପୈତୃକ ଘରଟିରେ ବୁଢାବୁଢୀ ଦୁଇଜଣ ବା କେତେକ କ୍ଷେତ୍ରରେ ଏକା ଜଣେ ହିଁ ଥିବେ, ସାହାଯ୍ୟ ପାଇଁ ହୁଏତ ଟାକର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାକର ଥିବେ, କିନ୍ତୁ ତଥାପି ସେମାନେ ତ ନିଜର ନୁହନ୍ତି ଅନେକ କ୍ଷେତ୍ରରେ । ଏକାକିତ୍ୱର ଜୀବନ ଏଇ ସନ୍ଧ୍ୟା କାଳ, ଜୀବନର ସାୟହ୍ନଟି ।

ଏପରି ବି ହୁଏ, ବାର୍ଦ୍ଧକ୍ୟ ଗ୍ରସ୍ତ ବାପ, ମା ବା କେହି ଜଣେଙ୍କୁ ଜରାନିବାସର ଆଶ୍ରା ନେବାକୁ ହୋଇଥାଏ । ଯଦିଓ ଆମ ଦେଶରେ, ଆମ ସମାଜରେ ଏହା ବ୍ୟାପକ ନୁହେଁ ତଥାପି ଉଦାହରଣ ତ ରହିଛି ପୁଅ, ଝିଅ ତାଙ୍କ ବାପାମା'ଙ୍କ ସେବା ଯତ୍ନ କରିପାରିବା ଅବସ୍ଥାରେ ନ ଥିବାରୁ ବା ନ ଚାହିଁବାରୁ ତାଙ୍କୁ ଛାଡି ଦିଅନ୍ତି ଜରାନିବାସରେ ଯେଉଁଠି ହୁଏତ ଭଲ ସୁବିଧା ମଧ୍ୟ ହୁଏତ ଥାଏ । କିନ୍ତୁ ପଶ୍ଚିମ ଦେଶମାନଙ୍କର ଏହି ସମସ୍ୟା ଅତି ସାଧାରଣ । ସେଠାରେ ଆମ ଭାରତୀୟ ସଂସ୍କୃତି ପରି ଯୁଗ୍ମ ପରିବାର ପ୍ରଥା ମଧ୍ୟ ବିରଳ । ପୁଅ, ଝିଅ ବଡ ହୋଇ ନିଜେ ରୋଜଗାରକ୍ଷମ ହୋଇଗଲା ପରେ ହିଁ ଚଡେଇ ଶାବକ ବଡ ହେଲେ ଯେପରି ବସା ଛାଡି ନିଜ ବସା ବାନ୍ଧେ ସେହିପରି ସେମାନେ ବି ଅଲଗ୍ ହୋଇ ଯାନ୍ତି, ଏତେ ବ୍ୟସ୍ତ ରହନ୍ତି ନିଜ ଜୀବିକା, ନିଜ ପରିବାର ପାଇଁ ଯେ ସେମାନଙ୍କ ପାଖରେ ସମୟ ନ ଥାଏ ବୃଦ୍ଧ ବାପାମା'ଙ୍କୁ ନିଜ ପାଖରେ ରଖି ଯତ୍ନ ନେବାକୁ । ତେଣୁ ପ୍ରାୟତଃ ଅନେକ ବୟସ୍କ ଜୀବନର ଅପରାହ୍ନରେ ଉପନୀତ ହେଲେ ଚାଲିଯାଇଥାନ୍ତି ଜରାନିବାସକୁ, ଯାହାକୁ ପଶ୍ଚିମ ଦେଶ ଗୁଡିକରେ ସଦାହରଣତଃ ନର୍ସିଙ୍ଗ ହୋମ କୁହାଯାଇଥାଏ, କିନ୍ତୁ ପ୍ରକୃତରେ ବୃଦ୍ଧାଶ୍ରମ ସେସବୁ । ଏହିପରି ଜଣେ ମହିଳା, ଯିଏ ଜଣେ କୃତବିଦ୍ୟ ଲେଖିକା ମଧ୍ୟ ଥିଲେ, ତାଙ୍କର ଜରାନିବାସକୁ ଗମନ କରିବାର ସମୟ ଉପନୀତ ହୁଅନ୍ତେ ଏକ ଭାବମୟ ଲେଖା ଚିନ୍ତନ ଭାବରେ ଦେଇଥିଲେ । ଜୀବନର ସତ୍ୟକୁ ସେ ପ୍ରାଞ୍ଜଳ ଭାବରେ ଦେଇଥିଲେ ଯାହା ପଢିଲେ ଭାବମୟ ହୋଇଯିବେ । ଲେଖାଟି ସାରା ବିଶ୍ୱରେ ନେଟ ମାଧ୍ୟମରେ ବହୁ ପ୍ରସାରିତ ହୋଇଥିଲା । ଆସନ୍ତୁ, ବନ୍ଧୁବାନ୍ଧବୀ ମାନେ, ଆମେ ସେପରି ଅବସ୍ଥାରେ ଥାଉଁ ବା ନ ଥାଉଁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାର୍ଦ୍ଧକ୍ୟର ପରିସୀମାକୁ ଆସିଥାଉଁ ବା ତାହା ଆହୁରି ଦୂର ଥାଏ, ଆଲୋଚନା କରିବା ସେ ବିଷୟ, ଲେଖିକାଙ୍କ ନିଜ ବର୍ଣନା ଆଧାରରେ, ଅବଶ୍ୟ ଆମ ନିଜ ଭାଷା ରେ ......

"ମୁଁ ଶେଷରେ ଜରାନିବାସକୁ ଯିବାକୁ ପ୍ରସ୍ତୁତ ହଉଛି । ଯିବାକୁ ହିଁ ତ ହେବ ........"

"ଜୀବନର ଯେବେ ଏହି ସମୟ ଉପନୀତ ହୁଏ, ଅପରାହ୍ନର ସ୍ୱର୍ଣିମ ଆଭା ବି ମଳିନ ପଡି ପଡି ବସେ, ଦେହ ଆଉ ସକ୍ଷମ ନ ଥାଏ ନିଜର ଦୈନନ୍ଦିନ କର୍ମ ସମ୍ପାଦନ କରିବାରେ, ଯେବେ ତୁମର ପିଲାମାନେ ନିଜ କର୍ମରେ ବ୍ୟସ୍ତ ରହନ୍ତି, ତାଙ୍କ ପିଲା ଛୁଆଙ୍କ ଯତ୍ନ ନେବାରେ ତାଙ୍କର ସମୟ ନିଅଣ୍ଟ ହୁଏ, ଯାହା ଆମେ ମଧ୍ୟ ଅନୁଭବ କରୁଥିଲେ ଆମ ଯୌବନ କାଳରେ, ସେତେବେଳେ ହୁଏତ ଆମର ଯତ୍ନ ନେବାକୁ ଆଉ କାହାରି ସମୟ ନ ଥାଏ, ସେହି ଅବସ୍ଥାରେ ଜରାନିବାସରେ ଯାଇ ରହିବା ହିଁ ଏକମାତ୍ର ବିକଳ୍ପ ହୋଇଯାଏ, ଯାହା ମୋ କ୍ଷେତ୍ରରେ ମଧ୍ୟ ହୋଇଛି । ମୋତେ ଏବେ ଯିବାକୁ ହେବ ଜରାନିବାସ ଶୀଘ୍ର ...."

"ମୋ ସହରରେ ଥିବା ଜରାନିବାସଟି ଖୁବ ଭଲ ଅବସ୍ଥାରେ ରହିଛି କୁହାଯାଇପାରେ । ପ୍ରତ୍ୟେକ ଆବାସୀଙ୍କ ପାଇଁ ଗୋଟିଏ ସଫାସୁତୁରା କୋଠରି ସହିତ ସ୍ନାନାଗାର ମଧ୍ୟ ଉପଲବ୍ଧ, ସବୁ ସର୍ବନିମ୍ନ ସୁବିଧା ସହିତ । ମନୋରଞ୍ଜନ, ବଗିଚା, ସୁଷମ ଓ ସ୍ୱାଦିଷ୍ଟ ଖାଦ୍ୟ ଉପଲବ୍ଧ ହେବା ସହିତ ଚିକିତ୍ସାର ମଧ୍ୟ ଉତ୍ତମ ସୁବିଧା ଅବଶ୍ୟ ରହିଛି । ସେବାକାରୀ ମାନଙ୍କ ସେବା ମଧ୍ୟ ଖୁବ ଭଲ ବୋଲି କହନ୍ତି ସମସ୍ତେ । କିନ୍ତୁ ମାସିକ ଦେୟ ମଧ୍ୟ କିଛି କମ ନୁହେଁ । ମୋର ଖୁବ କମ ଥିବା ପେନସନ ହୁଏତ ଏଥିପାଇଁ ଯଥେଷ୍ଟ ହେବ ପରି ଲାଗୁ ନାହିଁ । ଔଷଧ ଆଦି ଖରଚ ତ ପୁଣି ମତେ ତ ଦେବାକୁ ହେବ ନା ! ! ! ତେବେ ହଁ, ମୋର ନିଜ ନାମରେ ଘରଟିଏ ଅଛି । ଏହାକୁ ବିକ୍ରି କରିଦେଲେ ଆଉ ପଇସାର ଅଭାବ ରହିବ ନାହିଁ । ପୁଅ ମଧ୍ୟ ବୁଝେ ସେ କଥା, କୁହେ, "ମା, ତୁମର ଟଙ୍କା ତୁମର ସମ୍ପତ୍ତି ତୁମେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟବହାର କରିପାର, ଆମ ପାଇଁ ଚିନ୍ତା କରିବାର ଆବଶ୍ୟକ ନୁହେଁ ।" ଘରଟି ଖାଲି ବିକ୍ରି କରିଦେଇ ବାକି ସମ୍ପତ୍ତି ବାଡି ସେମାନଙ୍କୁ ଉତ୍ତରାଧିକାରୀ ଭାବରେ ଦେଇ ଦେଲେ ହେବ, ତେଣିକି ସେମାନେ ଯାହା କରନ୍ତୁ ସେସବୁକୁ ନେଇ । ତେଣୁ ମୁଁ ଚେଷ୍ଟାରେ ଲାଗି ଘର ବିକି ବାକି ସମ୍ପତ୍ତି ଛାଡି ଜୀବନର ବାକିଥିବା ସମୟ ପାଇଁ ଜରାନିବାସ ଯିବାକୁ ପ୍ରସ୍ତୁତି ହେବାକୁ ହେବ ।"

"କିନ୍ତୁ ବଡ ଘରଟିଏ ଛାଡି, ଗୋଟିଏ କୋଠରିକୁ ସବୁଦିନ ପାଇଁ ଯିବା କଣ ସହଜ କଥା କି ? ଘରେ ଥିବା ସବୁ ଜିନିଷ ତ ମୋର ପ୍ରିୟ ଥିଲା, ସବୁରି ସହିତ ଜଡିତ ଯୁଗ ଯୁଗର ସ୍ମୃତି । ସେଇ ମେହଗାନି କାଠର ସୁନ୍ଦର ପଲଙ୍କ ଏବେ ତ ଆଉ ବ୍ୟବହାର ହଉନି, ପିଲାଙ୍କର ଆଧୁନିକ ଷ୍ଟାଇଲର ବେଡ ଦରକାର, ତାକୁ ତ କେହି ବି ବ୍ୟବହାର କରିବେନି । ଆଉ ମୋର ସ୍ୱର୍ଗତ ସ୍ୱାମୀଙ୍କ ସେଇ ଝୁଲା ଚୌକିଟି, ଯହିଁରେ ମୁଁ ମଧ୍ୟ ଏବେ ବସେ ତାହା ତ ଏ ଯୁଗର ଘର ମାନଙ୍କୁ ଖାପ ଖାଇବନି । ସେଇ ଚୌକିକୁ ଦେଖିଲେ ତ ମୋର ତାଙ୍କର ଶାନ୍ତ, ହସ ହସ ମୁହଁ ମନେ ପଡିଯାଏ ଏତେ ବରଷ ପରେ ବି । କିନ୍ତୁ ତାହା ବି ତ ଜରାନିବାସର କୋଠରିକୁ ନେଇଯିବା ସମ୍ଭବ ନୁହେଁ । ସେସବୁ ଦେଲେ ବି ପିଲାମାନେ ତାହାକୁ କବାଡିକୁ ଦେଇ ଦେବେ । ଆଉ ଲୁଗା ପଟା ? ତାହା ତ ଅଜସ୍ର, ସେ ସବୁ ମଧ୍ୟ ହୁଏତ ଫିଙ୍ଗା ଯିବ । ମୁଁ ସେରାମିକ ନାରଙ୍ଗି ରଙ୍ଗର ବହୁତ ବାସନ କିଣି ରଖିଥିଲି ସଉକିରେ । ସବୁ ତ ନେଇ ହେବନି । ବହୁତ କିଛି ଛାଡିବାକୁ ହେବ । ଶୋଇଲା ଘରେ ଗୋଟିଏ କାନ୍ଥରେ ତ ବଡ ବଡ ଆଲମୀରା ସବୁ ରହିଛି, ଆଉ ମୋର ପ୍ରିୟ ବହି ଶହ ଶହ ସଂଖ୍ୟାରେ ରହିଛି । କିଛି ତ ନେଇ ହେବ, କିନ୍ତୁ ବାକି ସବୁକୁ ରଦି କାଗଜ ପରି ଦେଇଦେବାକୁ ହେବ, ଆଜିକାର ପିଲାଙ୍କ ପାଇଁ ବହି ପଢିବାକୁ ସମୟ ବା ଦରକାର କାହିଁ ? ସେମାନେ ତ ତାଙ୍କ ଲାପଟପ ଓ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋବାଇଲରେ ନେଟରୁ ସବୁ ପାଇଲେଣି । ବଡ ରୋଷେଇଘରେ ବାସନପତ୍ର ତ ଭର୍ତି, ଯୁଗ ଯୁଗ ଧରି ମୁଁ ଯାହାକୁ ବିଭିନ୍ନ ସହରରୁ ସଉକରେ ଆଣିଥିଲି, ଯତ୍ନରେ ରଖିଥିଲି ସଜେଇକି, ସେ ସବୁର ମୂଲ୍ୟ ତ ଆଜି ଆଉ ନାହିଁ ମୋର ଏହି ଜରାନିବାସ ଯିବାର ସମୟ ଉପନୀତ ହେବା ସମୟରେ । ହଁ, ଦୁଇ ଚାରିଖଣ୍ଡ ବାସନ ମତେ ନେବାକୁ ହେବ କାରଣ ଜରା ନିବାସରେ ମୋ କୋଠରିରେ ଇଣ୍ଡକ୍ସନ କୁକର ଓ ଫ୍ରିଜ୍‌ଟିଏ ବି ଥିବ । ସ୍ୱାମୀ ଥିଲା ବେଳେ ଆମ ଦୁହିଙ୍କର ବହୁତ ଫୁଲ ଗଛର ସଉକି ଥିଲା । ରଙ୍ଗ ବିରଙ୍ଗର କେତେ ଗଛ କରିଡର ଓ ବେଲକାନିରେ ଏବେ ବି ରହିଛି । ସେଥିରୁ କିଛି ଜରାନିବାସକୁ ନେଇକି ଦେଇ ଦେଲେ ବି ହେବ, ପିଲାମାନେ ତ ନେବାକୁ ଚାହିବେନି ।”

“ଏତେ ଏତେ ଜିନିଷ ସବୁ ମୋ ଘରେ, କିନ୍ତୁ ଏବେ ମୋତେ ଅନୁଭବ ହଉଛି କିଛି ବି ତ ମୋର ନୁହେଁ, ବହୁତ କିଛି ତ ମୁଁ ମୋର ଜୀବନର ଶେଷ ସମୟ କାଟିବାକୁ ଯାଉଥିବା ଜରାନିବାସକୁ ବି ନେଇପାରିବି ନାହିଁ । ଆଉ ଯେବେ ଅନ୍ତିମ ସମୟ ଆସିବ ସେତେବେଳେ ତ କିଛି ବି ସାଙ୍ଗରେ ନେଇକି ଯିବାର ନୁହେଁ । ଏବେ ମତେ ଲାଗୁଛି କାହିଁକି ଏତେ ପରିଶ୍ରମ କରି ଜୀବନସାରା ଏତେ ସବୁ ଜିନିଷ ଠୁଳେଇ ଥିଲୁ ଆମେ ? ? ଗୋଟିଏ ବଖୁରିଆ ଘରକୁ ଗଲାବେଳେ ତ  ଖୁବ କମ ହିଁ ଜିନିଷ ନେଇକି ଯିବି । ଅନୁଭବ ଭଲ ଭାବରେ ଏବେ କରି ହଉଛି, ଆମେ ଯାହା ବି ପାଇଛୁ ସବୁ ଏହି ପୃଥିବୀର, ଆମେ କାହାର ବି ମାଲିକ ନୁହେଁ, କେବଳ କିଛି ସମୟ ପାଇଁ ସେ ସବୁ ଆମକୁ ବ୍ୟବହାର କରିବାକୁ ମିଳିଥାଏ । ମନେ ପଡିଲା ସେଇ ପୁରୁଣା କାଳର ରାଜାଙ୍କ କଥା, ତାଙ୍କ ନିଷିଦ୍ଧ ବିଶାଳ ରାଜମହଲର କଥା, ସାରା ଦୁନିଆରୁ ମୂଲ୍ୟବାନ ସମ୍ପଦ ସେ ଠୁଳେଇ ଆଣିଥିଲେ, ସଜାଡି ରଖିଥିଲେ । କାହିଁ ସେ ସବୁ ତ ଆଜି ସର୍ବସାଧାରଣ ସଂଗ୍ରହାଳୟ ହୋଇ ରହିଛି ତାଙ୍କ ପରଲୋକ ପରେ, କିଛି ବି ତ ସେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଇ ପାରିନଥିଲେ, କିଛି ବି ସତରେ ତାଙ୍କର ନ ଥିଲା ।"

"ଖାଲି ଭାବିଲେ ତ ହେବ ନାହିଁ, ଏବେ ଯାଉଛି କିଛି ପ୍ରିୟ ପୋଷାକ ସହିତ ଦୈନିକ ବ୍ୟବହାର ଲୁଗାପଟା, କିଛି ବଛା ବଛା ବାସନ, କିଛି ଖୁବ ପସନ୍ଦର ବହି, ମୋର ଆଇଡି କାର୍ଡ, ଇଂସୁରେନ୍ସ କାଗଜପତ୍ର, ମୋ ଲେଖା କେତେକ ଅପ୍ରକାଶିତ ପାଣ୍ଡୁଲିପି ସହିତ ପ୍ରକାଶିତ ବହି ସବୁ, କିଛି ଲେଖିବା ପେଡ ମୋବାଇଲଟି ଓ ବେଙ୍କ କାର୍ଡ, ବାସ୍ ଏତିକି ମୁଁ ଭରିନେବି ଦୁଇଟି ସୁଟକେଶରେ... ମୋର ଅବଶିଷ୍ଟ ଜୀବନପାଇଁ ଯାହା ଆବଶ୍ୟକ... ଏତିକି ମାତ୍ର, ଆଉ କିଛିର ଆବଶ୍ୟକ ହେବନି । ଆଉ ହଁ, ମୋ ସ୍ୱାମୀଙ୍କ ସହ ଆମ ଯୁବା ବୟସର ସବୁ ଫଟୋ ତ ନିଶ୍ଚୟ ନେବାକୁ ହେବ, ସେଠିକା ହିନ ତ ଦେଖି ଦେଖି, ପୁରୁଣା ଦିନର ସୁନ୍ଦର ସ୍ମୃତି କଥା ମନେ ପକେଇ ପକେଇ ଶଯ୍ୟା ଉପରେ ବିତିଯିବା ବାକି ଥିବା କେଇ ବର୍ଷ, ହୁଏତ ମଦ ବି ହୋଇପାରେ, ତାହା ତ ଆମ ହାତରେ ନାହି ।"

"ଖୁବ ଶୀଘ୍ର ମୁଁ ମୋର ସବୁ ପଡୋଶୀମାନଙ୍କ ଘରକୁ ଯାଇ ବିଦାୟ ନେବି, ହୁଏତ କିଛି ମତେ ପରେ ମଧ୍ୟ ଭେଟିବାକୁ ବି ଯିବେ, କିନ୍ତୁ ଆଉ କେତେକଙ୍କ ସହିତ ଆଉ କେବେ ଦେଖା ହେବ କି ନାଇଁ ତାହା ତ କହି ହେବନହିଁ । ହଁ, ମୁଁ ଗଲା ବେଳେ ନାତି ନତୁଣୀମାନେ ହୁଏତ ମତେ ଧରି ରାହା ଧରି କାନ୍ଦିବେ, ଅଝଟ ହେବେ ମୁଁ ନ ଯିବା ପାଇଁ । ପୁଅ ବୋହୁ ବି ହୁଏତ ମୁହଁ ଶୁଖେଇବେ, ପଶ୍ଚାତ୍ତପ କରିବେ, କିନ୍ତୁ ତଥାପି ତ ମତେ ଯିବାକୁ ହେବ... ମୁଁ ମୋର ଦୁଇଟି ବେଗ ଧରି ଯେଉଁ ଦିନ ଘରୁ ବିଦାୟ ନେବି, ଘର ଦୁଆର ପାରି ହେଲା ପରେ ନିଶ୍ଚୟ ଆଣ୍ଠୁ ମାଡି ଘର ଆଡେ ଦେଖି ପ୍ରାର୍ଥନା କରିବି, ଯୁଗ ଯୁଗର ମୋର ସ୍ମୃତି ସହିତ ଘରଟିକୁ ମୁଁ ଫେରେଇ ଦେବି ସମାଜକୁ... ଜରାନିବାସ ଆଡକୁ ଆଗେଇ ଯିବି ମୁଣ୍ଡ ନୁଏଁଇ କାଳେ ନଜର ପଡିଯିବ ପ୍ରତି ପଡୋଶୀଙ୍କ ଆଖିରୁ ଲୁହ ଝରୁଥିବା ମୁହଁ ଆଡେ, ଝରକା ଦେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଶ୍ରୁଳ ନୟନରେ ଅନାଉଥିବା ମୋର ପ୍ରିୟା ନାତି ନତୁଣୀଙ୍କ ଆଡେ, ଦାଣ୍ଡଯାଏ ବଲେଇ ଦେବାକୁ ଆସିଥିବା ମୋ ପୁଅର ନିରୀହ ଚେହେରା ଆଡେ... ଆଉ ମୁଁ ହୁଏତ ତାହା ସହି ପାରିବା ଅବସ୍ଥାରେ ରହିବିନି, ଫେର ବି ଆଗକୁ ବଢିଯିବି କାହିଁକି ନା ମତେ ତ ଜରାନିବାସ ଯିବାକୁ ହେବ .........”

ପାର୍ଥର ଆଉ ପଦେ ଅଧେ ......

ବୟସର ମଧ୍ୟାହ୍ନରେ ଥିବା ମୋର ଯୁବ ବନ୍ଧୁବାନ୍ଧବୀଙ୍କୁ ମୋର ପଦେ ବିନତି । ଯଦି ଆପଣଙ୍କ ବାପାମା ଅଛନ୍ତି, ତାଙ୍କୁ ଖୁବ ଖୁବ ଯତ୍ନ ନିଅନ୍ତୁ, ଏହି ପରି ଜରାନିବସ ଯିବା ପରି ଅବସ୍ଥା କସ୍ମିନ କାଳେ ନ ହଉ । ଭାରି କଷ୍ଟକର ଏହି ଅବସ୍ଥା ବାପାମାଙ୍କ ପାଇଁ, ସମାଜ ପାଇଁ ଆଉ ଆପଣମାନଙ୍କ ପାଇଁ ମଧ୍ୟ ପରିଶେଷରେ । ମନେ ପକାନ୍ତୁ, ଯେତେବେଳେ ଆପଣ ଛୋଟଥିଲେ କେତେ ଯତ୍ନ ନଉଥିଲେ ବାପା ମା । ମଳମୂତ୍ର ସବୁ ପୋଛୁଥିଲେ ଚନ୍ଦନ ପରି, ଆପଣ ମୁତି ଦେଉଥିବା ଶେଯରେ ନିଜେ ଓଦାରେ ଶୋଇଯାଇ ଆପଣଙ୍କୁ ଶୁଖିଲା ଜାଗା ଦଉଥିଲେ, ନ ଖାଇ ନ ପିନ୍ଧି ବି ନିଜ ଛୁଆମାନଙ୍କ ସେବା କରନ୍ତି ସବୁ ବାପାମା, ଆଉ ସବୁଦିନେ ସେମାନେ ପୁଅଝିଅ ମାନଙ୍କ ମଙ୍ଗଳ ହିଁ ମନାସି ଥାନ୍ତି, ବୟସର ଭାରରେ ନଇଁ ଗଲା ବେଳେ ସେମାନେ ଟିକିଏ ପ୍ରତ୍ୟୟର ହାତଟିଏ, ଯତ୍ନରେ କଥା ପଦିଏ ତ ଚାହାନ୍ତି, ଆଉ ତ ବେଶି ନୁହେଁ । ତାଙ୍କୁ ତାହା ନିଶ୍ଚୟ ପ୍ରାପ୍ତ ହେଉ ଜୀବନାବସାନ ଯାଏ ....

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଃସଙ୍ଗ ମଣିଷ



ବିନୟ ମହାପାତ୍ର

ଅପ୍ରେଲ ମାସର ଉଦୁଉଦିଆ ଖରା ବେଳ, ନାତି ନାତୁଣୀ ମାନଙ୍କର ସ୍କୁଲ କଲେଜ ସବୁ ଛୁଟି । ଲଞ୍ଚ ପରେ ପରେ ସେମାନେ ନିଜ ନିଜ ରୁମରେ ମୋବାଇଲ ଉପରେ ଆଖି ଗଡେଇ ବସି ଥାଆନ୍ତି । ଜେଜେମା ସୁନୀତି ଦେବୀ, ଘର କାମ ସାରି ହାତ ପୋଛୁ ପୋଛୁ ଛୁଆ ଦୁଇଟା କଣ କରୁଛନ୍ତି ଦେଖି ଆସିବେ ବୋଲି ନାତି ନାତୁଣୀଙ୍କ ରୁମ ଆଡ଼୍ରୁ ଘେରାଏ ବୁଲି ଆସିଲେ । ଏଇ ବୟସରେ ଟିକିଏ ମନ ହୁଏ ପିଲାଙ୍କ ପାଖରେ ଦିଘଡି ବସି ଯିବା ପାଇଁ, ଦି ପଦ କଥା ବାର୍ତ୍ତା ହେବାକୁ, ସେମାନଙ୍କ ସହିତ ଟିକିଏ ହସି ଖେଳି ଦେଲେ ମଣିଷ ନିଜର ବୟସ ଭୂଲିଯାଏ । ପିଲାଙ୍କ ସାଥିରେ ପୁଣି ପିଲାଟିଏ ହୋଇଗଲା ପରି ଲାଗେ । ନିଜର ଏବଂ ନିଜ ପୁଅ ଝିଅଙ୍କର ପିଲା ଦିନର ସ୍ମୃତି ପୁଣି ଆଖି ଆଗରେ ନାଚି ଯାଏ । କିନ୍ତୁ ଆଜି କାଲିକା ପିଲାଙ୍କ ପାଖରେ ସମୟ କାହିଁ ? ଖରା ଛୁଟିରେ ବି ସ୍କୁଲର ହଲିଡେଜ୍ ହୋମୱାର୍କ ମିଳିଯାଏ । ପିଲାଏ କିଛି ସମୟ ପଢାପଢି କରି ଦିଅନ୍ତି, ତାପରେ ଦିନ ସାରା ଟିଭି ନହେଲେ ମୋବାଇଲ ସାଙ୍ଗରେ ବିଜି ହୋଇ ଯାଆନ୍ତି । ଘରୁ ବାହାରି ସାଙ୍ଗ ସାଥୀଙ୍କ ସାଥିରେ ଖେଳ କୁଦ କରିବା ଅବା ବୁଲା ବୁଲି କରି ଦେହ ମନ ଟିକିଏ ଫୁର୍ତ୍ତି କରିବାକୁ ବି ସେମାନଙ୍କ ପାଖରେ ସମୟ ନାହିଁ, ଆଉ ଏ ବୁଢା ବୁଢିଙ୍କ ପାଇଁ ସମୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେଉଁଠୁ ଆସିବ ?

ଜେଜେ ରିଟାୟାର୍ଡ ହେଡକ୍ଲର୍କ, ନାତି ନାତୁଣୀଙ୍କର ସ୍କୁଲ ହୋମୱାର୍କରେ କେବେ କିଛି ହେଲ୍ପ ଆବଶ୍ୟକ ହେଲେ ନାତି ନାତୁଣୀ ଜେଜେଙ୍କୁ ପଚାରି ନିଅନ୍ତି, ବାସ କେବଳ ସେତିକି ସମ୍ପର୍କ । ନିଜ ଜୀବନର ଅଭିଜ୍ଞତା ପିଲାଙ୍କ ସାଥିରେ ବାଣ୍ଟିବା କି ସେମାନଙ୍କ ସହିତ ଟିକିଏ ହସି ଖେଳି ସମୟ କାଟିବାକୁ କଣ ତାଙ୍କର ମନ ହୁଏନି ! ବହୁତ ମନ ହୁଏ, କାହା ସାଥରେ ବସି ଢେର ସାରା ଗପିବାକୁ, ଜୀବନର ଖଟା ମିଠା ଅନୁଭୂତି କାହା ସହିତ ବାଣ୍ଟିବାକୁ, ହେଲେ କାହା ପାଖରେ ଏତେ ସମୟ ଅଛି, ବୁଢାଟା ସାଙ୍ଗରେ ବସି କିଏ ଗପସପ୍ କରିବ ? ଜେଜେ ମାଆ କେବଳ ଖୋଜା ପଡେ ଲଞ୍ଚ ସମୟ ହେଲେ, ଅବା ଆଉ କିଛି ଦରକାର ପଡିଲେ । ବାପା ମାଆ ଦୁଇ ଜଣ ଅଫିସରେ, ବୁଢା ବୁଢିଙ୍କ କାମ କେବଳ ଘର ଜଗିବା । ଦୁଇ ଚାରି ଦିନ ଏପରି ବି ଚାଲି ଯାଏ, ଯେବେ ନା' ନାତି ନାତୁଣୀ ନା' ପୁଅ ବୋହୂ କାହା ସହିତ କଥା ପଦେ ହେବାର ସୁଯୋଗ ମିଳେନି । ସମସ୍ତେ ନିଜ ନିଜ କାମରେ ବହୁତ ବ୍ୟସ୍ତ ।

ସକାଳେ ଘର କାମ କାମ କରିବାକୁ ଆସୁଥିବା ମାଳତି ନିତି ନମସ୍କାରଟିଏ କରି ବୁଢା ବାବୁ ଆଉ ମାଆଙ୍କର ଦେହ ପାଆ କଥା ପଚାରି ନିଏ । ତଥାପି ଅନାଦି ବାବୁ ନିଜକୁ ବଡ ଭାଗ୍ୟବାନ ମନେ କରନ୍ତି, ଗର୍ବ ବି ଅନୁଭବ କରନ୍ତି । ଆଜି କାଲିକା ଯୁଗରେ ପିଲାଏ ବୁଢା ବାପା ମାଆକୁ ଏକୁଟିଆ ଛାଡି ଅଲଗା ରହୁଛନ୍ତି, କିନ୍ତୁ ପୁଅ ବୋହୂ ତାଙ୍କ ସାଙ୍ଗରେ ତ ଅଛନ୍ତି । କିଛି ନହେଲେ ପିଲାଙ୍କୁ ଆଖି ସାମ୍ନାରେ ଦେଖୁଛନ୍ତି । ନହେଲେ ଏ ବୟସରେ ଏକୁଟିଆ ରହିବା କେତେ ଯନ୍ତ୍ରଣାଦାୟକ ହୋଇ ଯାଆନ୍ତା ସତେ । ଏତିକି ଭରସା ତ ଅଛି, ପିଲାଏ ପାଖରେ ଅଛନ୍ତି ଦେହ ପାଆ କେବେ କିଛି ଅସୁବିଧା ହୋଇ ଗଲେ ଦେଖା ଶୁଣା କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାରିବେ । ଦି ଓଳି ଦି ବକତ ଠିକ୍ ସମୟରେ ଖାଇବାକୁ ମିଳି ଯାଉଛି । ନହେଲେ ଏ ବୟସରେ ଏସବୁ କାମ ନିଜେ ନିଜେ କରିବା କେତେ କଷ୍ଟକର ହୋଇ ଯାଆନ୍ତା ।

ପୁଅ ବୋହୁଙ୍କର ଅବା ଦୋଷ କଣ, ଆଜି କାଲି ଯୁଗରେ ଘର ଚଳେଇବା, ପିଲାଙ୍କୁ ପାଠ ପଢେଇବା, ସମାଜର ଅନ୍ୟ ମାନଙ୍କ ସହିତ ଷ୍ଟାଟସ୍ ପ୍ରତିଯୋଗିତାରେ ସମସ୍ତଙ୍କ ଆଗରେ ରହିବା, ଏସବୁ ପାଇଁ ବହୁତ ପଇସା ଦରକାର । ପୁଅ ବୋହୁ ଦିଜଣ ଲାଗି ପଡିଛନ୍ତି ପଇସା ରୋଜଗାରରେ । ହେଲେ ଅନାଦି ବାବୁ ବି ଘର ସଂସାର କରି ଥିଲେ, ପିଲାଙ୍କୁ ପାଠ ପଢେଇ ଝିଅକୁ ଡାକ୍ତର, ପୁଅକୁ ଇଞ୍ଜିନିୟର କରିଲେ । ଅନେକ ଘରଜଞ୍ଜାଳ ସତ୍ତ୍ୱେ ସମସ୍ତଙ୍କ ପାଇଁ ସମୟ ଥିଲା ତାଙ୍କ ପାଖରେ । ବାପା ମାଆ, ଭାଇ ଭଉଣୀ ବନ୍ଧୁ ବାନ୍ଧବ ସାଙ୍ଗ ସାଥି ସମସ୍ତଙ୍କୁ ସମୟ ଦେଉ ଥିଲେ । ସଂଧ୍ୟାରେ ଅଫିସରୁ ଫେରିଲା ପରେ ବାପା ମାଆଙ୍କ ପାଖରେ ଘଣ୍ଟାଏ ଅଧ ଘଣ୍ଟାଏ ବସି ଯାଉଥିଲେ, ଦେହପା କଥା ପଚାରୁଥିଲେ କିଛି ନହେଲେ ପୁରୁଣା ଦିନର କଥା ମନେ ପକାଇ ଗପ ସପ କରି ହସି ହସି ଗଡି ଯାଉଥିଲେ । ପିଲାଙ୍କ ସହିତ ବସି ସେମାନଙ୍କ ପାଠ ପଢା ଦେହ ପାଆ କଥା ବୁଝୁଥିଲେ, ସେମାନଙ୍କର ସବୁ ସମସ୍ୟାରେ ତାଙ୍କ ସାଥିରେ ଠିଆ ରହୁଥିଲେ, ସେମାନଙ୍କର ସବୁ ସନ୍ଦେହ ଦୂର କରୁ ଥିଲେ, ସମାଜରେ ଜଣେ ଭଲ ମଣିଷ ହୋଇ ରହିବା ପାଇଁ ଶିଖାଉ ଥିଲେ, ରାତିରେ ସମସ୍ତେ ଏକାଠି ବସି ଖାଉ ଥିଲେ ।

ଅସଲ କଥା ହେଲା, ଅନାଦି ବାବୁ ଯେଉଁ ସମୟର ମଣିଷ, ସେ ସମୟରେ ମଣିଷର ଆବଶ୍ୟକତା ବହୁତ କମ୍ ଥିଲା । ସମସ୍ତେ ଅଳ୍ପକେ ସନ୍ତୁଷ୍ଟ ରହୁ ଥିଲେ, ଯାହା ଯେତିକି ମିଳି ଗଲା ସେଥିରେ ଖୁସି ହୋଇ ଯାଉଥିଲେ । ବସ୍ତୁ ଅପେକ୍ଷା ମାନବୀୟ ସମ୍ବେଦନା ତଥା ମାନବିକ ସମ୍ପର୍କକୁ ଅଧିକ ମହତ୍ୱ ଦେଉଥିଲେ । ଏପରି ନୁହେଁ ଯେ ସେତେ ବେଳେ ବେଡ ପଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଖେଇ ହେବାର ପ୍ରତିଯୋଗିତା ନଥିଲା । ହେଲେ ସେ ପ୍ରତିଯୋଗିତା ଭଲ ମଣିଷ ପଣିଆର ପ୍ରତିଯୋଗିତା ଥିଲା । କିଏ କେତେ ଭଦ୍ର, କେତେ ନମ୍ର, କେତେ ବନ୍ଧୁବତ୍ସଳ କେତେ ପରୋପକାରୀ, ସେଥିରୁ ମଣିଷର ବଡ ପଣିଆ ପରଖା ଯାଉଥିଲା । କିନ୍ତୁ ଆଜିର ବସ୍ତୁ ସର୍ବସ୍ୱ ଦୁନିଆରେ ନିଜର ବସ୍ତୁ ପ୍ରଦର୍ଶନର ପ୍ରତିଯୋଗିତାରେ କାହା ପାଖରେ କେତେ ଧନ ଅଛି, କାହାର କେତେ ବଡ ଘର, କାହାର କେତେ ବଡ ଗାଡି ଏ ସବୁର ମୂଲ୍ୟାଙ୍କନ ହେଉଛି । ମଣିଷ ପଣିଆ ସତେ ମରି ଯାଇଛି ସମସ୍ତଙ୍କ ହୃଦୟରେ । ଏଇ 'ଆବଶ୍ୟକତା' ଆଜି ଏକ ମହାମାରୀ ପରି ବଢି ବଢି ଚାଲିଛି । ତାର ଏମିତି ଘର ତ ମୋର ତା ଠାରୁ ବଢିଆ ହେବା ଦରକାର, ସେ ଅମୁକ ଗାଡି ଚଢୁଛି ତ ମୋର ତା ଠାରୁ ଭଲ ଗାଡି ହେବା ଦରକାର, ତା ପୁଅ ଝିଅ ଅମୁକ ସ୍କୁଲରେ ପଢୁଛନ୍ତି ତ ମୋ ପିଲାଏ ତା ଠାରୁ ମହଙ୍ଗା ସ୍କୁଲରେ ପଢିବେ । ସତରେ ଯେପରି ଗୋଟାଏ ପ୍ରତିଯୋଗିତା ଚାଲିଛି । ସମସ୍ତେ ସମସ୍ତଙ୍କ ଠାରୁ ଉଚ୍ଚା ଦେଖେଇ ହେବା ପାଇଁ ପାରୁ ପର୍ଯ୍ୟନ୍ତ ପ୍ରୟାସରତ, ମଣିଷର ଅନ୍ୟ ମଣିଷଙ୍କ ପାଇଁ ସମୟ କାହିଁ ?

ସଂଧ୍ୟାରେ ପୁଅବୋହୂ ଅଫିସରୁ ଫେରିଲା ବେଳକୁ ବହୁତ ଥକି ଯାଆନ୍ତି, ତଥାପି ବୋହୂ ରାତିର ଖାଇବା ପ୍ରସ୍ତୁତ କରିବା ପାଇଁ ସେ ତାର ରୋଷେଇ ଘରେ ବ୍ୟସ୍ତ ହୋଇଯାଏ । ପୁଅ ଟିଭିରେ ନିଉଜ ଚାନେଲ ଲଗାଇ ଦେଇ, ଲାପଟପ୍ ନେଇ ବସିଯାଏ, ତଥାପି ତାର କାମ ସରେନା । ପିଲାମାନେ ନିଜ ନିଜ ରୁମରେ ପାଠପଢା, ନହେଲେ ମୋବାଇଲରେ ବ୍ୟସ୍ତ । ବୁଢା ବୁଢି ଦିଜଣ ନିଜ ରୁମରେ ଏକୁଟିଆ । କିଏ କେତେବେଳେ ଖାଏ ତାର କିଛି ଠିକଣା ନାହିଁ, ରାତି ସାଢେ ନଅଟା ବେଳେ ଅନାଦି ବାବୁଙ୍କର ଖାଇବା ଅଭ୍ୟାସ, ତେଣୁ ଘଣ୍ଟା କଣ୍ଟା ଏପଟ ସେପଟ ହୁଏନି, ଠିକ୍ ସମୟରେ ବୋହୂ ଖାଇବା ବାଢି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦିଏ, ବୁଢା ବୁଢି ଦିଜଣ ଖାଇ ନିଅନ୍ତି । ଆଜିକାଲି ବାପାମାଆଙ୍କ ପାଖରେ ସମୟ ନାହିଁ ନିଜ ପିଲାମାନଙ୍କୁ ପାଖରେ ବସେଇ ଦିପଦ କଥା ହେବେ, ସେମାନଙ୍କ ପଢା ପଢି, ଦେହପା ବିଷୟରେ ଖବର ନେବେ କି ସେମାନଙ୍କୁ କିଛି ଭଲ କଥା ଶିଖେଇବେ, କିନ୍ତୁ କେହି ଏହାକୁ ଆବଶ୍ୟକ ବୋଲି ମନେ କରନ୍ତି ନାହିଁ । ପିଲାଏ ତ ଦାମିକା ସ୍କୁଲରେ ପଢୁଛନ୍ତି, ସବୁ କିଛି ସେଇଠୁ ଶିଖି ନେବେ । ତା ଛଡା, ଟିଭି, କମ୍ପୁଟର ଅଛି, ସବୁ ଜ୍ଞାନର ଭଣ୍ଡାର, ସବୁଠାରୁ ବଡ କଥା ପିଲାଙ୍କ ପାଖରେ ମୋବାଇଲ ଅଛି, ନେଟ ପ୍ୟାକ୍ ଅଛି, ସାରା ଦୁନିଆର ଜ୍ଞାନ ନିଜ ନିଜର ଆଙ୍ଗୁଠି ମୁନରେ । ହେଲେ ପିଲାଏ କଣ ଦେଖୁଛନ୍ତି, କେଉଁ ପ୍ରକାରର ଜ୍ଞାନ ଆହରଣ କରୁଛନ୍ତି ତାର ଖବର କିଏ ରଖୁଛି ?

ରାତି ଖାଇବା ସରିଲା ପରେ ଅନାଦି ବାବୁ ବେଡରୁମରେ ଖଟ ବାଡକୁ ଆଉଜି କଣ ଗୋଟାଏ ବହି ପଢିବାରେ ମଗ୍ନ ହୋଇ ଯାଇଥାନ୍ତି, ସେତିକି ବେଳେ ସୁନୀତି ଦେବି ଖାଇବା ଟେବୁଲରୁ ଅଇଠା ବାସନ ଉଠାଇ ରୋଷେଇଘର ସିଙ୍କରେ ଥୋଇ ବେଡରୁମକୁ ଆସିଗଲେ । ହାତ ପୋଛୁ ପୋଛୁ ବେଡ ଉପରେ ଅନାଦି ବାବୁଙ୍କ ପାଖରେ ଗଡି ପଡି କହିଲେ, ତୁମେ ଆଜି ଯାଏ ସେଇ ପୁରୁଣା ଯୁଗରେ ରହିଗଲ । ଆଶୁ କହୁଥିଲା, ସାରା ଦୁନିଆର ଖବର, ସବୁ ପ୍ରକାରର ବହି, ସିନେମା, ସବୁ ଅଛି ମୋବାଇଲରେ, ଆଉ ତ ଆଉ ପୁରା ପୁରା ସିନେମା ବି ଦେଖି ହେବ ଆମର ଏ ମୋବାଇଲରେ । କିନ୍ତୁ ତୁମେ ଅଟକି ଗଲ ସେଇ ବହି ଭିତରେ, ମୋବାଇଲ ଛାଡି ଏଇ ବହିରେ ହଜିଯାଉଛ । ତୁମେ ମୋବାଇଲରେ ବହି ପଢୁନ ? ବେଳେ ବେଳେ ମୋତେ ବି ଟିକିଏ ସିନେମା ଦେଖେଇ ଦିଅନ୍ତ, ହଲରେ ଯାଇ ସିନେମା ଦେଖିବାରେ ଯୁଗେ ବିତି ଗଲାଣି । ପିଲାମାନଙ୍କର ଜନ୍ମ ପୂର୍ବରୁ ଆମେ କେତେ ସିନେମା ଦେଖୁଥିଲେ । ତୁମେ ଅଫିସ ଗଲା ବେଳେ କହି ଦେଇ ଯାଅ, ଚାଲ ଆଜି ସଂଧ୍ୟାରେ ସିନେମା ଦେଖିଯିବା,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାପରେ ବାହାରେ କେଉଁ ହୋଟେଲ ଖାଇ ଦେଇ ଆସିବା । ସଂଧ୍ୟାରେ ମୁଁ ଅଫିସରୁ ସିଧା ହଲ ପାଖରେ ପହଞ୍ଚି ଯାଇଥିବି, ନିତିଆକୁ କହି ଦେଇଥିବି, ସେ ତା ରିକ୍ସାରେ ତୁମକୁ ହଲ ପାଖରେ ପହଞ୍ଚାଇ ଦେବ, ମୁଁ ସେଇଠି ତୁମର ଅପେକ୍ଷା କରିଥିବି । ଠିକ୍ ସାଢେ ପାଞ୍ଚଟା ବେଳକୁ ତୁମେ ରେଡି ହୋଇ ଯାଇଥିବ ।

ଅନାଦି ବାବୁ ଆଖି ବନ୍ଦ କରି ସେଇ ପୁରୁଣା ଦିନକୁ ସତେ ଆଉ ଥରେ ଦେଖୁଥିଲେ, ଆଖି ଖୋଲି ଟିକିଏ ରୋମାଣ୍ଟିକ ହୋଇ ସୁନୀତି ଦେବୀଙ୍କୁ ପାଖକୁ ଟାଣି ନେଇ କହିଲେ, ପୁରୁଣା ଦିନ ମନେ ପକେଇ ଦେଲ, ସେ ବିତିଗଲା ସୁନେଲିଦିନ ଗୁଡିକ ଆଉ ଥରେ ଫେରି ଆସନ୍ତାନି ! ମୋତେ ବଡ ଆଷ୍ଚର୍ଯ୍ୟ ଲାଗେ, ବିନା ମୋବାଇଲରେ ବି ଆମ ଭିତରେ ଯୋଗସୂତ୍ର ସତରେ କେତେ ପ୍ରଖର ଥିଲା । ତୁମେ ଯେତେ ବେଳେ ରିକ୍ସାରୁ ଓହ୍ଲାଅ, ମୁଁ ଚକିତ ରହିଯାଏ, ତୁମେ ମୋ ମନ କଥା କେତେ ସହଜରେ ଜାଣି ନିଅ, ମୋ ପସନ୍ଦ ନାପସନ୍ଦ ସବୁ ତୁମକୁ ଜଣା ଥାଏ, ମୁଁ କଣ ଭାବୁଛି କଣ ଚାହୁଁଛି ତାହା କହିବା ଆଗରୁ, ସବୁ ତୁମେ ଆଗୁଆ ଜାଣି ନିଅ । ସିନେମା ହଲ ପାଖରେ ମୁଁ ତୁମକୁ ଯେଉଁ ଶାଢୀରେ ଦେଖିବାକୁ ଭାବି ଥାଏ, ତୁମେ ଠିକ୍ ସେଇ ଶାଢୀ ପିନ୍ଧି ଆସି ଥାଅ, ସତ କୁହ, ମୋ ମନ କଥା ତୁମେ କେମିତି ଜାଣି ଯାଅ ?

ସୁନୀତି ଦେବୀ ଅନାଦି ବାବୁଙ୍କ ବାହୁ ବନ୍ଧନରୁ ମୁକୁଳି ଯାଇ ଫିକକିନା ହସି ଦେଲେ, ଯେତେ ବେଳେ ନୁଆ ବୋହୁଟିଏ ହୋଇ ଆସିଥିଲେ ସେତେବେଳେ ଯେମିତି ଦୁଷ୍ଟାମୀର ହସ, ଠିକ୍ ସେମିତି ମିଠା ହସ ଧାରେ ମୁହଁରେ ତାଙ୍କର ଝଲସି ଉଠୁଥିଲା । ଫରକ ଖାଲି ଏତିକି ଥିଲା, ସେତେ ବେଳେ ତାଙ୍କ ମୁହଁରେ ମୁକ୍ତା ପରି ବତିଶ ଦାନ୍ତ ଥିଲା, ଆଉ ଏବେ, ଆଗ ପଛ ଉପର ତଳ ସବୁ ମିଶେଇ ଦଶଟା ବି ବଞ୍ଚିନି, ତଥାପି ପାକୁଆ ପାଟିର ଏଇ ହସରେ ଏବେ ବି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେତିକି ମିଠା ଅଛି, ଯେତିକି ଆଗରୁ ଥିଲା । ସେମିତି ହସ ହସ ମୁହଁରେ ସୁନୀତି ଦେବୀ କହିଲେ ବୁଝିଲ, ଆମ ସମୟରେ ମୋବାଇଲ ନଥିଲା ପରା । ଛାଡ ସେ କଥା, ସିନେମା ନହେଲେ ନାହିଁ, ତୁମେ ତୁମ ମୋବାଇଲରେ ବହି ପଢିବା ଆରମ୍ଭ କଲେ ମୋର ଅଧା କାମ କମ୍ ହୋଇ ଯାଆନ୍ତା, ଚଷମାର କାଚ ପୋଛୁ ପୋଛୁ ଅନାଦି ବାବୁ ଆଶ୍ଚର୍ଯ୍ୟ ହୋଇ ସୁନୀତି ଦେବୀଙ୍କ ମୁହଁକୁ ଚାହିଁ ପଚାରିଲେ ମୋବାଇଲରେ ବହି ପଢିଲେ ତୁମର ଅଧା କାମ କେମିତି କମ୍ ହୋଇ ଯିବ ? ସୁନିତି ଦେବୀଙ୍କ ପାଖରେ ଉତ୍ତର ଯେପରି ଆଗରୁ ପ୍ରସ୍ତୁତ ଥିଲା, ସାଙ୍ଗେ ସାଙ୍ଗେ କହିଲେ, ତୁମେ ବୁଢା ହୋଇ ଗଲଣି, ସବୁ କିଛି ଜଲ୍‌ଦି ଭୁଲି ଯାଉଛ । ବହି ପଢି କେତେ ବେଳେ ବାରଣ୍ଡାରେ ଆରାମ ଚୌକୀ ଉପରେ ତ କେତେ ବେଳେ ବୈଠକର ସୋଫାରେ, କେବେ ଖାଇବା ଟେବୁଲ ଉପରେ ଛାଡି ଭୁଲି ଯାଉଛ, ପଛରେ ସୁନି, ସୁନି କରି ଡାକ ପକେଇବ, ବହିଟା କୋଉଠି ରହିଲା ବୋଲି ପଚାରି ହେବ । ଖୋଜିବା କାମ ତ ମୋର ନା ? ଏଠୁ ସେଠୁ ବହି ଉଠାଇ ପଢା ଟେବୁଲ ଉପରେ ସାଇତିବାରେ ମୋର ଅଧା ଦିନ ଚାଲି ଯାଉଛି ।

ଅନାଦି ବାବୁ ଟିକିଏ ହସି କହିଲେ, ଆଗୋ ସେଇ ପୁରୁଣା ଲ୍ୟାଣ୍ଡ ଲାଇନ ଫୋନଟାର ଅଭ୍ୟାସ ଭୁଲି ହେଉନି ଆଜି ଯାଏ, ତା ଛଡା ଫୋନର କାମ ବା କଣ ? କେବଳ ଦରକାର ହେଲେ କାହା ସାଙ୍ଗେ ଦୁଇ ପଦ କଥାବାର୍ତ୍ତା ହୋଇଯିବା, ବାସ୍ ଏତିକି । ଅଧାରୁ ଅଧିକ ସାଙ୍ଗ ସାଥୀ, ବନ୍ଧୁ ବାନ୍ଧବ ତ ଆର ପୁରକୁ ଚାଲି ଗଲେଣି, ଆଉ ଏଇ ମୋବାଇଲ ଫୋନର ନେଟୱାର୍କ ବି ସେଯାଏ ପହଞ୍ଚି ପାରିବନି । ବାକି ଯୋଉ କେତେ ଜଣ ଅଛନ୍ତି, ମଝିରେ ମଝିରେ ସେମାନଙ୍କ ସାଙ୍ଗରେ କଥା ହେଇ ଯାଉଛି । ମୋବାଇଲରେ ବହି ପଢିବା କଥା କହୁଛ ଯେ, ବହି ପଢିବାର ମଜା ଏଇ ଫୋନରୁ କଣ ମିଳି ପାରିବ ? ପୃଷ୍ଠା ପରେ ପୃଷ୍ଠା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଲଟେଇ ସେଇ ଛପା ଅକ୍ଷର ଭିତରେ ବହିର କଥା କହାଣୀ ଚରିତ୍ର ସବୁ ଯେମିତି ସତ ସତକା ନିଜ ନଜର ସଂଳାପ ନିଜେ ଆବୃତ୍ତି କଲା ପରି ଲାଗନ୍ତି । ଏଇ ଛୋଟ ମୋବାଇଲର ଛୋଟ ଛୋଟ ଅକ୍ଷର ଭିତରେ କାହାକୁ ନା'ଦେଖି ହୁଏ, ନା' ଅନୁଭବ କରି ହୁଏ । ବହିର ମଜା ଯିଏ ପାଇଛି, ସେ କଣ କେବେ ମୋବାଇଲ କଥା ଭାବିବ ? ବହି ସହିତ ପାଠକର ବନ୍ଧୁତା ହୋଇଯାଏ, ପାଠକ ବହି ପଢେ, ସାଇତି ରଖେ ସେମାନଙ୍କର ଯତ୍ନ ନିଏ, ଯେତେ ବେଳେ ଏକୁଟିଆ ଅନୁଭବ କରେ ବହି ମାନଙ୍କ ସହିତ ବସି ଯାଏ, ଯେପରି ପୁରୁଣା ବନ୍ଧୁଟିଏ । କିନ୍ତୁ ଆଜିର ମଣିଷ ସତେ ଯେପରି ନିସଙ୍ଗ ହୋଇ ଯାଇଛି, କେବଳ ନିଜ ସହିତ ବନ୍ଧୁତା କରି ନେଇଛି । ନିଜ ବ୍ୟତୀତ ଆଉ କାହା ସହିତ ତାର ସମ୍ପର୍କ ନାହିଁ ।

ଏବେ ମଣିଷର ସବୁ ସମ୍ପର୍କ ବେତାର ହୋଇ ଯାଇଛି । ହୃଦୟ ସହିତ ହୃଦୟର ଯୋଗା ଯୋଗ ନାହିଁ । ନ କହିଲେ କେହି ଶୁଣୁନି, ବୁଝେଇ ନକହିଲେ କେହି ବୁଝୁନି, କାହା ସହିତ ବସିବା ଉଠିବା, ଦି'ପଦ କଥା ହେବା, ଦୁଃଖ ସୁଖ ବାଣ୍ଟିବା, ମଣିଷ ପୁରା ଭୂଲି ସାରିଲାଣି । ଆଜି କାଲି ମଣିଷର ଏକ ମାତ୍ର ବନ୍ଧୁ ମୋବାଇଲ, ସେ ସାଥିରେ ଥିଲେ ଆଉ କାହା କଥା ମନେ ପଡେନା । କିନ୍ତୁ ସେତେ ବେଳେ ଆମ ପାଖରେ ମୋବାଇଲ ନଥିଲା, ତଥାପି ନ କହିବି ଅନେକ କଥା ଶୁଣି ହେଉ ଥିଲା, ନଶୁଣି ବି ଅନେକ କଥା ବୁଝି ହେଉ ଥିଲା । କାରଣ ସେ ସମ୍ପର୍କ ପାଇଁ କିଛି ନେଟୱାର୍କର ଆବଶ୍ୟକତା ନଥିଲା । ହୃଦୟ ସହିତ ହୃଦୟ ଯୋଡି ହୋଇ ରହିଥିଲା । ସମ୍ପର୍କ ସବୁ ଆତ୍ମାର ଥିଲା । ସବୁଠାରୁ ମଜା କଥା କଣ ଜାଣିଛ ? ମୋବାଇଲ କମ୍ପାନୀର ଆଡଭର୍ଟାଇଜ୍ ରେ ସେମାନେ ଲେଖନ୍ତି 'connecting people' ମାନେ ଆମେ ମଣିଷ ସହିତ ମଣଷର ସମ୍ପର୍କକୁ ଦୃଢ କରୁ, କିନ୍ତୁ ବାସ୍ତବରେ ମୋବାଇଲ କଣ ମଣିଷର ସମ୍ପର୍କକୁ ଦୃଢ କରୁଛି ? ମାଆ ମୋବାଇଲ ଭିତରେ ଏପରି ହଜି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାଉଛି ଯେ ଛୋଟ ଛୁଆ ଭୋକରେ କାନ୍ଦୁଥିଲେ ବି ମାଆ ଜାଣି ପାରୁନି । ପାଖ ବଖରାରେ ଶୋଇଥିବା ବୁଢ଼ାବାପା ମାଆ କାଶି କାଶି ବେଦମ ହୋଇଗଲେ ବି କାହାକୁ ଶୁଣାଯାଉନି । ଫେସବୁକ୍ ଟୁଇଟର ଏବଂ ଅନ୍ୟ ଅନେକ ସୋସିଆଲ ସାଇଟରେ ହଜାର ହଜାର ବନ୍ଧୁ, ଫଲୋୟରସ ଥାଆନ୍ତି, କିନ୍ତୁ ବାସ୍ତବରେ ସେମାନେ କଣ ଏତେ ନିଜର ହୋଇ ପାରନ୍ତି ? ବେଳ ଅବେଳରେ ଦରକାର ପଡିଲେ ପାଖରେ ଠିଆ ହୋଇ ପାରନ୍ତି ?

ସୁନୀତା ଦେବୀ କଥା ମଝିରେ କହିଲେ, ସତ କଥାଟିଏ କହିଲ, ସେତେ ବେଳେ ମଣିଷର ସବୁ ଧ୍ୟାନ ମଣିଷ ଉପରେ ଥିଲା, ଜଣେ ଆଉ ଜଣଙ୍କ କଥା ଭାବୁଥିଲା, ଆଜି ପାଖରେ ଥାଇ ବି ମଣିଷ ମଣିଷ ଠାରୁ କେତେ ଦୂର ହୋଇ ଯାଉଛି । ପତି ପତ୍ନୀ ଗୋଟିଏ ଘରେ ରହନ୍ତି, ଗୋଟିଏ ବେଡରେ ଶୁଅନ୍ତି, ହେଲେ ପରସ୍ପର ସହିତ କେତେ ସମୟ କଥା ହୁଅନ୍ତି ? ଦିନ ସାରା କାମ, କାମ ସରିଲା ପରେ ମୋବାଇଲ, ସମସ୍ତେ ହଜି ଯାଆନ୍ତି ସେଇ ବୁଢିଆଣୀ ଜାଲ ଭିତରେ । କାହା କଥା ଟିକିଏ ଭାବିବାକୁ, କାହାର ମନର ଭାବ ପଢିବାକୁ କାହା ପାଖରେ ସମୟ ନାହିଁ । ଆଜି ପୁଅ ବୋହୁ ସାଥି ହୋଇ ତ ରହନ୍ତି କିନ୍ତୁ କଥା ନୁହେଁ, ହ୍ୱାଟସପ କରନ୍ତି ପରସ୍ପର ସ୍ନେହ କମ୍ କିନ୍ତୁ ଟ୍ୟାଗ୍ କରନ୍ତି, ପ୍ରେମର କେମିଷ୍ଟ୍ରି ଭୂଲି ଯାଆନ୍ତି କିନ୍ତୁ ଅନ୍ୟର ପୋଷ୍ଟରେ ଲାଇକ୍ କରନ୍ତି, କମେଣ୍ଟ ଦିଅନ୍ତି । ଲଭ୍ ଥାଉକି ନଥାଉ ଲାଇକ୍ କରନ୍ତି ମିଠା ମିଠା ଥଟ୍ଟା ମଜା ସହି ହୁଏନା, ସିଧା ଅନଫ୍ରେଣ୍ଡ କରି ଦିଅନ୍ତି ।

ତୁମେ ଯେତେବେଳେ ଚାକିରୀ କରୁଥିଲ, ମୁଁ ଜାଣି ନଥାଏ ତୁମେ ଅଫିସରୁ ଡେରିରେ ଫେରିବ କି ସହଳ, କିନ୍ତୁ ସବୁଦିନ ସଂଧ୍ୟାରେ ମୁଁ ଯେତେବେଳେ ପାଣି ଗ୍ଲାସଟିଏ ନେଇ କବାଟ ପାଖରେ ପହୁଞ୍ଚେ, ଠିକ୍ ସେତିକି ବେଳେ ତୁମେ କବାଟ ଠକ୍ ଠକ୍ କର, ମୁଁ କବାଟ ଖୋଲେ ଆଉ ତୁମେ ମୋ ହାତରୁ ପାଣି ଗ୍ଲାସ ନେଇ ବୈଠକର ସେଇ କାଠ ଚଉକିଟାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବସି ପଡି ପାଣି ପିଅ । ଅନାଦି ବାବୁ ସୁନିତାଙ୍କ ମୁହଁକୁ ଚାହିଁ କହିଲେ, ହଁ ଏଇଟା ସତ କଥା, ମୁଁ ତିରିଶ ବର୍ଷ କାଳ ଚାକିରୀ କରିବା ଭିତରେ କେବେ ବି ବୁଝି ପାରିଲିନି, ମୁଁ ଆସୁଛି ବୋଲି ଜାଣିପାରି ତୁମେ ପାଣି ନେଇ ଚାଲିଆସ, ଅବା ତୁମେ ପାଣି ଗ୍ଲାସ ନେଇ ମୋର ଅପେକ୍ଷା କରିଛ ବୋଲି ମୁଁ ଘରକୁ ଚାଲି ଆସେ ? ସୁନୀତି ଦେବୀ କହିଲେ, ଆଜି ବି ମୋର ମନେ ପଡେ ରିଟାୟର୍ଡ ଆଗରୁ, ସେତେ ବେଳେ ତୁମେ ଡାଇବେଟିକ୍ ନଥିଲ, ଯେତେ ବେଳେ ଖାଇ ସାରିବା ପରେ ମୁଁ ତୁମ ମନଲାଖି କ୍ଷୀରି ପରଶି ଦିଏ, ତୁମେ ଟିକିଏ ହସି ଦିଅ ଆଉ କୁହ, 'ଜାଣିଛ, ଆଜି ଦି' ପହରରେ ମନ ହେଉଥିଲା, ରାତି ଖାଇବାରେ ମିଠା ଖିରି ଟିକିଏ ମିଳି ଗଲେ ସତରେ ବହୁତ ମଜା ଆସି ଯାଆନ୍ତା । ଅନାଦି ବାବୁ ସଙ୍ଗେ ସଙ୍ଗେ ପଚାରିଲେ କିନ୍ତୁ ତୁମେ ମୋ ମନ କଥା କେମିତି ଜାଣି ଯାଅ ? ଅଫିସ୍ ରୁ ଫେରିଲା ବେଳେ ମୁଁ ଯାହା କିଛି ଖାଇବାକୁ ମନେ ମନେ ଭାବି ଥାଏ, ଘରେ ପହଞ୍ଚିଲା ପରେ ସବୁ କିଛି ଠିକ୍ ଠିକ୍ ସେମିତି ଖାଇବାକୁ ମିଳି ଯାଏ । ସୁନୀତି ଦେବୀ ଟିକିଏ ମୁରୁକି ହସି କହିଲେ, ଆଗୋ ସେତେ ବେଳେ ମୋବାଇଲ ନଥିଲା ସିନା କିନ୍ତୁ ସାରା ପରିବାରର ସମସ୍ତଙ୍କର ରୁଚି ଅରୁଚି ଆଉ ମନ କଥା ଜାଣି ବୁଝି ହୋଇ ଯାଉ ଥିଲା ।

ତୁମର ମନେ ଅଛି, ପୁଅ ଜନ୍ମ ବେଳେ, ବାପା ମୋତେ ଆମ ଘରକୁ ଡାକି ନେଇଥିଲେ, ମୁଁ ବାପ ଘରେ ଥିଲି, ଯେତେ ବେଳେ ମୋର କଷ୍ଟ ଆରମ୍ଭ ହେଲା, ମନେ ମନେ ଭାବୁଥିଲି, ତୁମେ ମୋ ପାଖରେ ଥାଆନ୍ତ କି ହେଲେ, ଥର ଟିଏ ତୁମକୁ ଦେଖନ୍ତି । ମୋ ଡାକ ଭଗବାନ ଶୁଣି ପାରିଲେ, ବଡ ଚମତ୍କାର ହୋଇଗଲା, ଅଧ ଘଣ୍ଟା ଭିତରେ ତୁମେ ମୋ ପାଖରେ ପହଞ୍ଚି ଯାଇଥିଲ, ମୋ ମଥାରେ ହାତରଖି ଟିକିଏ ହସି ଦେଇ କହିଲ, କିଛି ଡର ନାହିଁ ମୁଁ ତୁମ ପାଖେ ପାଖେ ଅଛି, ସବୁ କିଛି ଭଲରେ ଭଲରେ ହୋଇଯିବ । ଅନାଦି ବାବୁ କହିଲେ ହଁ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାହିଁକି କେଜାଣି, ସେଦିନ ତୁମକୁ ଥରେ ଦେଖିବାକୁ ମୋର ଭାରି ମନ ହେଉଥିଲା, ସବୁ କାମ ଧନ୍ଧା ଛାଡି, ସେଥି ପାଇଁ ଏ ଅଧମ ପତି ତୁମ ପାଖରେ ହାଜର ହୋଇ ଯାଇଥିଲା । ଏସବୁ ଅପୂର୍ବ ସଂଯୋଗ, ଅବା ପରସ୍ପର ପ୍ରତି ପ୍ରେମର ପ୍ରତିଫଳନ ଜାଣି ହୁଏନା କିନ୍ତୁ ଏକଥା ସତ, ସମ୍ପର୍କର ଗଭୀରତା ଜଣେ ଆଉ ଜଣକୁ ଏମିତି ପାଖକୁ ଟାଣି ନିଏ ।

ସୁନିତି ଦେବୀ ସେଇ ପୁରୁଣା ଦିନ ଭିତରେ ସତେ ଯେପରି ହଜି ହଜି ଯାଉ ଥିଲେ, ଅନାଦି ବାବୁଙ୍କ ମୁହଁକୁ ଅନେଇ କହିଲେ, ତୁମର ମନେ ଅଛି, ଦିନେ ଦି'ପହର ରୋଷେଇ କରୁ କରୁ ଗରମ ତେଲ ପଡି ମୋର ହାତ ଜଳି ଯାଇଥିଲା, ଆଉ ସେଇ ଦିନ ସଂଧ୍ୟାରେ ତୁମେ ଯେତେ ବେଳେ ଅଫିସରୁ ଫେରିଲ, ତୁମ ହାତରେ ବର୍ଣ୍ଣୋଲର ଟ୍ୟୁବ ଥିଲା । ମୁଁ ଯେତେ ବେଳେ ପଚାରିଲି, ମୋ ହାତ ପୋଡିଗଲା ବୋଲି ତୁମେ କେମିତି ଜାଣିଲ ! ତୁମେ ଆଶ୍ଚର୍ଯ୍ୟ ହୋଇ ମୋ ମୁହଁକୁ ଚାହିଁ ରହିଲ, ଆଉ କହିଲ ମୋ ହାତ ଜଳିଯିବା କଥା ତୁମେ ଜାଣିନ, କିନ୍ତୁ ତୁମକୁ ଲାଗିଲା, ଘରେ ବର୍ଣ୍ଣୋଲ ସରି ଯାଇଥିବ, ପୁଣି କେତେ ବେଳେ ଏମରଜେନ୍ସିରେ କାଳେ ଦରକାର ପଡିଯିବ ! ସେକଥା ଭାବି ବଜାରରୁ କିଣି ଆଣିଥିଲ ।

ଜେଜେ ମା ମୁରୁକି ହସିଲେ, ଲାଜେଇ ଲାଜେଇ ଜେଜେଙ୍କ ହାତକୁ ଧରିଲେ କହିଲେ- ହଁ, ଆମ ସମୟରେ ଖାଲି ପ୍ରେମ ଥିଲା ହେଲେ ମୋବାଇଲ ନଥିଲା । କେବଳ ତୁମେ ଥିଲ, ମୁଁ ଥିଲି ଆଉ ଆମ ଭିତରେ ଗଭୀର ପ୍ରେମ ଭରିଥିଲା । ଅନାଦି ବାବୁ ସୁନୀତି ଦେବୀଙ୍କ ଆଖିରେ ଆଖି ମିଳେଇ କହିଲେ, ଆଜି ସମୟ ବହୁତ୍ ଆଧୁନିକ ହୋଇ ଯାଇଛି ସବୁ କିଛି ବଦଳି ଯାଇଛି । ଆମର ବୟସ ସରି ସରି ଆସୁଛି, ଏବେ ଆମେ ଭାଇବ୍ରେସନ ମୋଡରେ ବଞ୍ଚିଛେ, ଜୀବନ ବ୍ୟାଟେରୀର ଚାର୍ଜ ମଧ୍ୟ ସରି ସରି ଆସୁଛି, ଜୀବନ ରେଖା ଏବେ ଗୋଟିଏ ଗାରରେ ଝୁଲୁଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁନିତି ଦେବୀ କହିଲେ, ହେଇ ଦେଖିଲଣି, ଗପ ସପ କରୁ କରୁ ରାତି ସାଢ଼େ ଦଶଟା ବାଜିଲାଣି, କଥା ଭୋଳରେ ମୁଁ ତୁମ କ୍ଷୀର କଥା ଭୂଲି ଯାଇଛି । ରୁହ ତୁମ ପାଇଁ ଖିର ଗରମ କରି ନେଇ ଆସୁଛି, ଭାବୁଛି, ବିନା ଚିନିରେ ଖିର ପିଇ ପିଇ ତୁମେ ବୋର ହୋଇ ଯିବଣି, ଆଜି ଖିରରେ ଟିକିଏ ମହୁ ମିଶେଇ ନେଇ ଆସିବି, ତୁମର ଟେଷ୍ଟ ଟିକିଏ ବଦଳି ଯିବ । ଅନାଦି ବାବୁ ସୁନୀତି ଦେବୀଙ୍କ କଥା କାଟି କହିଲେ ଆରେ, ତୁମେ କେମିତି ଜାଣିଲ, ମୁଁ ଏବେ ସେଇ କଥା ତୁମକୁ କହିବି ବୋଲି ଭାବୁ ଥିଲି, ବିନା ମିଠାରେ ଖୀର ପିଇବାକୁ ଭଲ ଲାଗୁନି, ହେଲେ ତୁମେ ମୋର ମନ କଥା କହିଦେଲ ।

ସୁନୀତି ଦେବୀ ପାକୁଆ ପାଟିରେ ଟିକିଏ ହସି ଦେଇ କହିଲେ, ଆମ ସମୟରେ ମୋବାଇଲ ନଥିଲା, ହେଲେ ମନ ପଢିବାକୁ ଉଚ୍ଚ ଶକ୍ତିଶାଳୀ ସିକ୍ସଥ୍ ସେନ୍ସ୍ ଥିଲା । ବୁଢା ବୁଢି ଦୁଇ ଜଣ ପରସ୍ପର ମୁହଁକୁ ଚାହିଁ ହୋ ହୋ ହୋଇ ହସି ଉଠିଲେ ।

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବାପା



ବିନତା ଜେନା

ରାତିର ତୋଫା ଜହ୍ନକୁ ଚାହିଁ ତା ଭିତରେ ଖୋଜୁଥିଲା ତା' ମନର ମଣିଷକୁ । ଆଖିରୁ ଥପ୍ ଥପ୍ ବହି ଯାଉଥିଲା ଶ୍ରାବଣୀ ଧାରା । କାନ୍ଧରେ କାହାର ସ୍ପର୍ଶ ଅନୁଭବ କରି ପଛକୁ ଚାହିଁଲା ସେ । ଲୁହ ସଡବଡ ଆଖିରେ କିଛି ସ୍ପଷ୍ଟ ଦେଖି ପାରୁନଥିଲେ ବି ଅନୁଭବ କରୁଥିଲା କାହାର ସ୍ନେହ ସ୍ନିଗ୍ଧ କୋମଳ ସ୍ପର୍ଶ ଛୁଇଁ ଯାଉଥିଲା ତା କାନ୍ଧରୁ ହୃଦୟ ପର୍ଯ୍ୟନ୍ତ । କିଏ....... ! ଏ ଅସମୟରେ କାହାର ଏ ମନୋରମ ସ୍ପର୍ଶ.... ? ?

ଯାହାକୁ ସେ ମନ ପ୍ରାଣ ଦେଇ ଭଲ ପାଉଥିଲା... ଯାହା ପାଇଁ ବାପା ମାଆ ଜ୍ଞାତିକୁଟୁମ୍ବଙ୍କୁ ପର କରି ଦେଇଥିଲା... ଯାହା ହାତ ଧରି ସାତ ଜନ୍ମର ସ୍ୱପ୍ନ ଦେଖିଥିଲା... ତା ସହ ସାତ ଜନ୍ମ କ'ଣ ଗୋଟିଏ ଜନ୍ମ ବି ଏକାଠି ରହି ପାରିଲାନି । ଅଧା ବାଟରେ ଛାଡି ଚାଲିଗଲା ସେ ।

ହଁ, ଅଭିଳାଶ କଥା ମନେ ପଡୁ ପଡୁ ତା ଆଖିରୁ ଶ୍ରାବଣର ମୂଷଳ ଧାରା ନିଗିଡି ପଡିଲା । ପ୍ଲସ ଟୁ ପଢିବା ସମୟରେ ଅଭିଳାଶ ସହ ତାର ଦେଖା ହୋଇଥିଲା । ବାହାରକୁ ସେ ଏତେ ଧୀର, ନମ୍ର ଲାଗୁଥିଲା ଯେ, ଯେ କେହି ତା ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ । ଏମିତି କେତେଥର ତାକୁ ପ୍ରେମ ନିବେଦନ କରି ନିରାଶ ହେବା ପରେ, ଲେଡିଜ ହଷ୍ଟେଲ ସାମ୍ନାରେ ସାରା ରାତି ଭିଜିଥିଲା ଝଡ ତୋଫାନକୁ ଖାତିର ନକରି । ସେତିକିରେ ମନ ଦେଇଦେଲା ତାକୁ । ଦୁଇଜଣଙ୍କ ସମ୍ପର୍କ ହାଟରେ ପଡି ଦାଣ୍ଡରେ ଗଡ ଗଡେଇଲା । ଅଧ୍ୟାପକ ବାପା ତାର ସବୁକଥା ଜାଣି ଅଭିଳାଶ ସହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଳାମିଶା କରିବାକୁ ମନାକରି ଥିଲେ । ସେ ଯାଣିଥିଲେ ଅଭିଳାଶ ଏକ ନଷ୍ଟ ଚରିତ୍ର ପିଲା । ହେଲେ ସେ ଅଭିଳାଶ ପ୍ରେମରେ ଏମିତି ଅନ୍ଧ ଥିଲାଯେ ବାପାଙ୍କର କୌଣସି କଥା ନଶୁଣି ଦିନେ ଅଧରାତିରେ ଲୁଚିକି ତା ସହ ଚାଲିଗଲା ଓ ମନ୍ଦିରରେ ବାହା ହୋଇପଡିଲା । ଅଭିଳାଶ ସହ ବେଶ୍ ହସ ଖୁସିରେ କଟିଗଲା ଗୋଟିଏ ବର୍ଷ । ତା ପରେ ତାର ଅସଲ ରୂପ ଦେଖିଲା ସେ । ଧୀରେ ଧୀରେ ଅଭିଳାଶ ତାଠାରୁ ଦୁରେଇ ଯାଉଥିଲା... ଚିଡିଚିଡି ହେଉଥିଲା... ମୋବାଇଲ ସବୁବେଳେ ଏନଗେଜ ରହୁଥିଲା... କଥା କଥାରେ ହାତ ଉଠେଇ ଦେଉଥିଲା । ସବୁ ସହିଯାଉ ଥିଲା ସେ । ହେଲେ ଯେତେବେଳେ ସେ ତା'ନିଜ ବେଡରୁମରେ ଅଭିଳାଶ ସହ ଏକ ଝିଅକୁ ଅସଂଯତ ଅବସ୍ଥାରେ ଦେଖିଲା, ତାର ସବୁ ଧୈର୍ଯ୍ୟବନ୍ଧ ଭାଙ୍ଗିଗଲା । ତାର ଏ ଅବସ୍ଥା ପାଇଁ ସେ ନିଜେ ଦାୟୀ । ବାପାଙ୍କ କଥା ଯଦି ମାନିଥାନ୍ତା, ତାକୁ ଆଜି ଏ ଦିନ ଦେଖିବାକୁ ପଡି ନଥାନ୍ତା । ଛି ..... !ଏମିତି ଚରିତ୍ରହୀନ ପିଲା ସହ ଆଉ ଗୋଟିଏ ମୁହୂର୍ତ୍ତ ବି ରହି ପାରିବନି ସେ । ଯେଉଁ ଅନ୍ଧାରରେ ଅଭିଳାଶର ହାତଧରି ଚାଲି ଆସିଥିଲା ସେଇ ଅନ୍ଧକାରରେ ଧୀରେ ଧୀରେ ମିଳେଇ ଗଲା ଅଭିଳାଶର ହାତଛାଡି । ହେଲେ ଯିବ ବା କୁଆଡେ ? ଅଧାରୁ ପାଠପଢା ବନ୍ଦ... ଭବିଷ୍ୟତ ଅନ୍ଧାର । ଅତୀତ ଲୁକ୍କାୟୀତ... ବାପଘରର ରାସ୍ତା ବନ୍ଦ ! ଜହ୍ନ ଆଲୁଅର ତୋଫା ଜୋସ୍ନାରେ ସେ ଅସ୍ପଷ୍ଟ ଦେଖୁଥିଲା ତାର ସବୁ ଇଛାକୁ ପୁରଣ କରୁଥିବା, କହିବା ଆଗରୁ ମନକଥା ବୁଝି ପାରୁଥିବା ତା' "ବାପା"ଙ୍କୁ । ଆଶା ! ! କାହାର ଏ କଣ୍ଠସ୍ୱର ! ! ପ୍ରକୃତିସ୍ଥ ହେଲା ସେ । ଦେଖିବା ଦରକାର ନାହିଁ । ଏ ସ୍ୱର ତାର ଚିର ପରିଚିତ । ଏ ଅସମୟରେ କିଏ ତାକୁ ଛାତିରେ ଚାପି ଧରିବ ? "ବାପା.... !" ହଁ ଏଇ ମହାନ ବ୍ୟକ୍ତି କେବଳ ବାପା ହିଁ ହେଇ ପାରନ୍ତି । ଲୁହ ସିଙ୍ଘାଣି ଏକାକାର ହୋଇଗଲା ତାର । ବାପାଙ୍କ ଛାତିରେ ମୁଣ୍ଡ ଗୁଞ୍ଜି କଇଁ କଇଁ କାନ୍ଦୁଥିଲା ଆଶା । ଆଉ ବାପା ତା ମୁଣ୍ଡରେ ଆଶ୍ୱାସନାର ବୋକ ଦେଉଥିଲେ ।

ବାଗୁରାଇ, ଭଦ୍ରକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫାଟକ



ଲିପ୍ସା ପଟେଲ

ଦିନ ପ୍ରାୟ ବାରଟା । ମୁଣ୍ଡ ଉପରେ ଖରା, ସେ ପୁଣି ଜ୍ୟେଷ୍ଠ ମାସର ଖରା । ରଘୁନାଥଙ୍କର ମୁଣ୍ଡ ବୁଲାଇ ଦେଉଥିଲା, ତଥାପି ସେ ଆଗକୁ ଆଗକୁ ପାଦ ବଢାଉଥିଲେ । ପୁଅକୁ ତାଙ୍କର ଆସିବା ଖବରଟା ସେ ଆଗୁଆ ଦେଇସାରିଥିଲେ । ତେଣୁ ସେ ଭାବୁଥିଲେ, କାଳେ ପୁଅ ତାଙ୍କୁ ନେବା ପାଇଁ ବସଷ୍ଟାଣ୍ଡ ବାହାରିଥିବ । ଏଇ କାରଣରୁ ସେ ଆଉ ରିକ୍ସା କିମ୍ବା ଅଟୋ ନକରି ଚାଲିବା ଆରମ୍ଭ କଲେ । ରିକ୍ସା ଅବା ଅଟୋରେ ବସିଗଲେ ସେ ଆଉ ପୁଅକୁ ଦେଖି ପାରିବେ ନାହିଁ, ଅଯଥାରେ ପିଲାଟା ହଇରାଣ ହେବ । ଆଜି ସେ ମନେ ମନେ ଭାବୁଥିଲେ ଗାଁର ପାନ ଦୋକାନୀ ଜଟିଆ ସବୁବେଳେ ତାଙ୍କୁ ମୋବାଇଲର ଉପଯୋଗିତା ବୁଝାଉଥିଲା ଓ ବ୍ୟବହାର କରିବାକୁ ମଧ୍ୟ କହୁଥିଲା । କିନ୍ତୁ ରଘୁନାଥ ଭାବୁଥିଲେ, ସେ ପ୍ରତି ମାସରେ ରିଚାର୍ଜ ଜରିଆରେ ତାଙ୍କ ଠାରୁ ପଇସା ନେଇ ନିଜ ଆୟର ସୂତ୍ର ଖୋଜୁଛି ।

ରଘୁନାଥ ଚାଲି ଚାଲି ସଠିକ୍ ଠିକଣାରେ ପହଞ୍ଚି ସାରିଥିଲେ । ସରକାରୀ କ୍ୱାର୍ଟର ଓ ସାମ୍ନାରେ ଏକ ବଡ ଫାଟକ । ଫାଟକର ଡାହାଣ ଓ ବାମ ଦୁଇକଡରେ ଲେଖାଅଛି ତାଙ୍କ ପୁଅର ନାଁ, ପଦବୀ ଓ ଠିକଣା । ଆଖି ପୂରାଇ ସେ ଏହାକୁ ଥରେ ଦେଖିନେଲେ । ଆଖି ଛଳଛଳେଇ ଯାଉଥିଲା । ଫାଟକର ଗୋଟିଏ କୋଣରେ ଥିଲା କଲିଂବେଲ୍ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ଏହାକୁ ବଜାଇଲା କ୍ଷଣି ଭିତରୁ କାହାର ସ୍ୱର ଭାସିଆସିଲା, ଆଜି ବାବୁ କାହାକୁ ଦେଖା କରିବେନି । କାଲି ସିଧା ଅଫିସକୁ ଆସିବ ।

- ରଘୁନାଥ ଉତ୍ତର ଦେଲେ, ଫାଟକ ଖୋଲ । ମୁଁ ତୁମ ବାବୁଙ୍କର ବାପା, ହରିଦାସପୁରରୁ ଆସିଛି ।

- ପୁଣି ଦରଵାନ କହିଲା, ଛୁଟିଦିନରେ ଏମିତି ଅନେକ ବାହାନା କରି ଲୋକ ଆସନ୍ତି । ଫାଟକ ଖୋଲା ହେବନି ।

- ରଘୁନାଥ ଟିକିଏ ଗମ୍ଭୀର ସ୍ୱରରେ କହିଲେ, ତୁମ ବାବୁ ତୁମର ଏପରି ବ୍ୟବହାର ବିଷୟରେ ଜାଣିଲେ ନିଶ୍ଚୟ ତୁମକୁ ଗାଳିଦେବ । ଶୀଘ୍ର ଫାଟକ ଖୋଲ । ପୁଣି ଦୋହରାଇଲେ, ମୁଁ ତୁମ ବାବୁଙ୍କର ବାପା ।

ତଥାପି ଫାଟକ ଖୋଲିଲା ନାହିଁ । ସେଇଠି ରଘୁନାଥ ଥକ୍କା ମାରି ବସିଗଲେ । ଚାଲିବାକୁ ଆଉ ବଳ ପାଉନାହିଁ, ପାଟି ଅଠା ଅଠା ହୋଇଗଲାଣି । ତାଙ୍କୁ ଭୀଷଣ ଶୋଷ ଲାଗୁଥିଲା । ଆଖପାଖରେ ଗଛ ଛାଇ ଟିକେ ଖୋଜିଲେ, ତାହା ବି ମିଳିଲାନି । ନିଜ ବ୍ୟାଗକୁ ଅଣ୍ଡାଳିଲେ । ଧେତ୍ ! ପାଣି ବୋତଲ ତ ସେ ବସରେ ଛାଡିଦେଇଛନ୍ତି । ଟିକିଏ ଏପଟ ସେପଟ ଦେଖି ପୁଣି ଫାଟକରେ ହାତ ବାଡେଇଲେ । ଶୁଣାଗଲା ଦରଵାନର ସ୍ୱର ଓ ପରେ ପରେ ରଘୁନାଥଙ୍କ ପୁଅ ସତ୍ୟଜିତର ସ୍ୱର ।

- କିଏ ଏମିତି ଫାଟକ ବାଡଉଛି ?

- ଜାଣିନି ସାର୍ । ସେତେବେଳୁ କିଏ ଜଣେ ଆପଣଙ୍କୁ ଦେଖା କରିବାକୁ ଆସିଛନ୍ତି ।

- ନା, ଛୁଟିଦିନରେ ମୁଁ କାହା ସହ ଦେଖା କରେନି ବୋଲି ତୁମେ ଜାଣ । ତାଙ୍କୁ ମନା କରିଦିଅ । ସେ କାଲି ଅଫିସରେ ଆସି ଦେଖା କରିବେ ।

- ରଘୁନାଥ ପୁଅର ନାଁ ଧରି ଡାକିବାକୁ ଅସଫଳ ହେଲେ । ତଥାପି କ୍ଷୀଣ ସ୍ୱରରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହୁଥିଲେ, ସିତୁ........ ସିତୁ ! ମୁଁ ଆସିବା ଖବର ତ ତୋତେ ଦେଇଥିଲି । ଫାଟକ ଖୋଲି ଦେ' । ମୋତେ ଭୀଷଣ ଶୋଷ ହେଉଛି, ଭୋକ ମଧ୍ୟ ଲାଗିଲାଣି ।

ଏଇ ଭିତରେ ଶୁଭିଲା କାହାର କଅଁଳିଆ ସ୍ୱର । ସତ୍ୟଜିତକୁ ଖାଇବା ପାଇଁ ଡାକୁଥିଲେ । ରଘୁନାଥ ଅନୁମାନ କରୁଥିଲେ ଇଏ ନିଶ୍ଚୟ ବୋଉମା' । ସେ ତ ଆଜି ପର୍ଯ୍ୟନ୍ତ ନିଜ ବୋହୂ ଓ ନାତିନାତୁଣୀଙ୍କୁ ଦେଖିବାର ସୁଯୋଗ ପାଇପାରି ନଥିଲେ । ପୁଅର ଅଫିସର ଟ୍ରେନିଂ ସମୟରେ ହିଁ ତା'ର ବୋହୂ ସହ ଦେଖା ହୋଇଥିଲା ଓ ପରେ ପରେ ସେମାନେ କୋର୍ଟ ମ୍ୟାରେଜ୍ କରିନେଲେ । ଏତିକି ଖାଲି ସିତୁ ଚିଠିରେ ଲେଖିଥିଲା । କେବେ ଆଉ ବୋହୂକୁ ନେଇ ଗାଁକୁ ଯାଇନି । ଜାତି, ଅଜାତି, ବାଛବିଚାର ପାଇଁ ସେ ଗାଁକୁ ଯାଇନି ବୋଲି ବୁଢାବୁଢୀ ଧାରଣା କରିନେଇଥିଲେ । ବୁଢୀ ମଲା ବେଳକୁ ଜଟିଆ ଦୋକାନରୁ ତାକୁ ଫୋନ୍ କରିଥିଲେ । ଜଗି ଜଗି ମଢା ବାସି ହୋଇଯିବ କହି ଦାହ ସଂସ୍କାର ହେଲା । ନିଜେ ରଘୁନାଥ ପୁରୀ ସମୁଦ୍ରରେ ଅସ୍ଥି ବିସର୍ଜନ କଲେ ।

କିଛିଦିନ ପରେ ସିତୁ ଚିଠି ଲେଖିଥିଲା, ଗାଁ ଘରଜମି ବିକ୍ରି କରି ସବୁ ଟଙ୍କା ତା' ଖାତାରେ ଜମା କରିଦେଇ ସେ ଆସି ସହରରେ ତାଙ୍କ ସହ ରହିଯିବେ । ଖୁସିରେ ଗଦ୍ ଗଦ୍ ହୋଇଯାଉଥିଲେ ରଘୁନାଥ । ସିତୁ କହିବା ମୁତାବକ ସେ ସବୁ ବିକ୍ରି ଟଙ୍କା ପୁଅର ଖାତାରେ ଜମା କରିଦେଇ ଏବେ ସହରକୁ ଆସିଛନ୍ତି । ତାଙ୍କ ଭଳି ଜଣେ ସାଧାରଣ ଚାଷୀ ନିଜ ପୁଅକୁ ପାଠ ପଢାଇ ଭାରତୀୟ ରାଜସ୍ୱ ଅଧିକାରୀ କରିପାରିଛନ୍ତି ଏତିକି ହିଁ ଯଥେଷ୍ଟ । ବୁଢୀ ନିଜର ସବୁ ସୁନାଗହଣା ବିକ୍ରି କରି ଏଇ ପୁଅ ପଛରେ ଟଙ୍କା ଖର୍ଚ୍ଚ କରିବାକୁ ବଢାଇ ଦେଇଥିଲା । ସିତୁ ବାହାଘର କଥା ଶୁଣି ବାଛୁରୀ ବିକ୍ରି କରି ହଳେ ପାଉଁଜି କିଣେଇଥିଲା । ଏବେ ମଧ୍ୟ ବ୍ୟାଗରେ ରଘୁନାଥ ତାକୁ ସମ୍ଭାଳି ରଖିଛନ୍ତି ।

ତାଙ୍କ ତଣ୍ଟି ଶୁଖିଯାଉଥିଲା । ପୁଣି କଲିଂବେଲ ବଜାଇ ପାଣି ଟିକେ ଦେବାକୁ ଗୁହାରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥିଲେ । ସେପଟୁ କିନ୍ତୁ କିଛି ଉତ୍ତର ଆସୁନଥିଲା । ରଘୁନାଥ ରାସ୍ତା ଉପରେ ଛିଡା ହୋଇ ଟିକିଏ ନଜର ବୁଲାଇଲେ । ଖଣ୍ଡେ ଦୂରରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି । ସେ ଆତୁର ହୋଇ ଧାଇଁଲେ । ସେଇଠି ପାଣି ପିଇ ମୁହଁରେ ଛାଟିଲେ । ପାଖରେ ଥିବା ପିଲାଟି ରୁକ୍ଷ ସ୍ୱରରେ କହିଲା, ଏଇଠି ପାଣି ପିଇବା ପାଇଁ ରଖାଯାଇଛି । ଏମିତି ହାତ ମୁହଁ କାହିଁକି ଧୋଉଛ ? ତା' ମୁହଁକୁ ଚାହିଁ ସମୟ ପଚାରିଲେ । ସେ କହିଲା, ଗୋଟାଏ ପଇଁଚାଳିଶ । ସେଇଠି ଟିକିଏ ଥକ୍କା ମାରିବାକୁ ବସି ପଡିଲେ ସିନା ତାଙ୍କ ନଜରଟା ସେଇ ଫାଟକ ପଟେ ହିଁ ଥିଲା ।

ଭୋକରେ ରଘୁନାଥଙ୍କର ପେଟ ଲାଖିଯାଉଥିଲା । ତଥାପି ଆପ୍ରାଣ ଚେଷ୍ଟା କରି ସେ ଫାଟକ ପାଖକୁ ଆସିଲେ । ଠିକ୍ ଏତିକିବେଳେ ଦରୱାନ ଫାଟକ ଖୋଲି ସାଇକେଲ କାଢୁଥିଲା । ସେ ହାତ ଯୋଡି ତାଙ୍କୁ ଭିତରକୁ ଛାଡିଦେବା ପାଇଁ କାକୁତିମିନତି ହେଲେ । ଖୁବ୍ ଲଜ୍ଜିତ ହେଲା ଭଳି ଦେଖା ଯାଉଥିଲା ଦରୱାନର ମୁହଁ । ସେ ସ୍ପଷ୍ଟୀକରଣ ଦେଇପାରୁ ନଥିଲା । ରଘୁନାଥ ବାରମ୍ବାର ଦୋହରାଉଥିଲେ ଯେ ସେ ତା' ସାହେବର ବାପା । ସେ ରଘୁନାଥଙ୍କ ହାତ ଧରି କହିଲା, ମୁଁ ଆପଣଙ୍କ ଅସହାୟତାକୁ ବୁଝୁଛି; କିନ୍ତୁ ଏଇ ଚାକିରିରେ ମୋର ପରିବାର ଚଳୁଛି । ମୁଁ ବାବୁଙ୍କର ଖିଲାପ୍ କରିପାରିବି ନାହିଁ । ମୋର ସେତିକି ସାମର୍ଥ୍ୟ ନାହିଁ ।

ଦରୱାନ ରଘୁନାଥଙ୍କର ବ୍ୟାଗକୁ ନେଇ ସାଇକେଲରେ ଝୁଲାଇଦେଲା । ତାଙ୍କୁ ସାଇକେଲରେ ବସାଇ ପେଡାଲ୍ ମାରିଚାଲିଲା । ରଘୁନାଥଙ୍କର ମୁଣ୍ଡ ବୁଲାଇ ଦେଉଥିଲା । ସେ କିଛି ବୁଝିବା ପୂର୍ବରୁ ହିଁ ଦରୱାନ ତାଙ୍କୁ ତା' ଘରକୁ ନେଇ ଆସିଥିଲା । ସେଇ ଅପରିଚିତ ଦରୱାନ ଭିତରେ ସେ ଦେଖିପାରୁଥିଲେ ଜଣେ ଆତ୍ମୀୟକୁ, ତାଙ୍କ ପୁଅକୁ । ସାଧାରଣ ଟାଇଲ ଘର ସାମ୍ନାରେ କିଏ ଜଣେ ମହିଳା ଅପେକ୍ଷା କରିଥିଲା । ସେ କିଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଚାରିବା ପୂର୍ବରୁ ହିଁ ଦରୱାନ ହାତଠାରି କହିଲା, ବାପା ଆସିଛନ୍ତି । ଶୀଘ୍ର ଆମ ଦୁଇଜଣଙ୍କ ପାଇଁ ଖାଇବା ବାଢ । ନିଜେ ଗ୍ଲାସରେ ପାଣି ଆଣି ତାଙ୍କୁ ଦେଲା । ଲୁଗା ବଦଳାଇ ଦୁହେଁ ପେଟ ଭର୍ତ୍ତି ଖାଇଲେ । ରଘୁନାଥ ଦୁଃଖ ଓ ଅପମାନରେ କାନ୍ଦି ପକାଇଥିଲେ । ଯେଉଁଠି ତାଙ୍କ ପୁଅ ଏତେ ବଡ ଅଫିସର, ସେଇଠି ସେ ତା'ର ଦରୱାନ ଘରେ ଅତିଥି ସାଜିଛନ୍ତି ।

ଖାଇ ସାରି ବିଶ୍ରାମ କରିବେ ବୋଲି ଦରୱାନ ରଘୁନାଥଙ୍କ ପାଇଁ ବିଛଣା ସଜାଡି ଦେଉଥିଲା । ରଘୁନାଥ ବ୍ୟାଗରୁ ସେଇ ରୂପା ପାଉଁଜି କାଢି ଦରୱାନର ସ୍ତ୍ରୀ ହାତରେ ଧରାଇଦେଲେ । ବୁଢୀର ଇଚ୍ଛା ଥିଲା, ତା' ବୋହୂ ଏଇ ପାଉଁଜି ହଳକ ପିନ୍ଧୁ । ତୁ ଏଇଟା ପିନ୍ଧିଲେ ସେ ଖୁସି ହେବ । ଆଜି ଯାହାସବୁ ଘଟିଲା ସେସବୁ ଦେଖି ବୁଢୀର ଆତ୍ମା ବି ଛଟପଟ ହେଉଥିବ । ତୁ ଏଇଟା ରଖ । ମନା କରନା ମା' । ଦରୱାନକୁ ସେ କୌଣସି ବୃଦ୍ଧାଶ୍ରମରେ ତାଙ୍କ ବ୍ୟବସ୍ଥା କରିଦେବା ପାଇଁ କହିଥିଲେ । ସେ କିନ୍ତୁ ଏଇ ଘରେ ରଘୁନାଥ ଆରାମରେ ରହି ପାରିବେ ବୋଲି ଆଶ୍ୱାସନା ଦେଉଥିଲା । ନିଜ ଡ୍ୟୁଟି ପାଇଁ ପୁଣି ପ୍ରସ୍ତୁତ ହୋଇ ଦରୱାନ ତା'ପରେ ସାଇକେଲ ନେଇ ବାହାରିଗଲା । ଫାଟକ ପାଖରେ ପହଞ୍ଚି ଭାବୁଥିଲା, ସବୁ ଦୋଷ ଏଇ ଫାଟକର । ଏଇ ଫାଟକ ଦେଇ ପଶି ଆସୁଥିବା ମଣିଷ, ତା'ର ବାବୁ ଜଣେ ଭିନ୍ନ ମଣିଷ ପାଲଟି ଯାଇଛନ୍ତି ଯିଏ ନିଜ ବାପାଙ୍କୁ ଚିହ୍ନି ପାରୁନାହାନ୍ତି । ଏଇ ଫାଟକ ହିଁ ବାପ, ପୁଅ ଭିତରେ ପାଚେରୀ ଭଳି ଛିଡା ହୋଇଗଲା; ଆଉ ସବୁଠୁ ବଡ ଦୁର୍ଭାଗ୍ୟ ଯେ ଏଇ ଫାଟକକୁ ଜଗି ରହିବା ହିଁ ତା'ର କର୍ତ୍ତବ୍ୟ !

ଭବାନୀପାଟଣା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୀପ୍ ସିଲ୍କି



ସିଲ୍କସ୍ମିତା ନାଏକ

କିଛି ବର୍ଷ ତଳର କଥା,

ଦୁଇଟି କୋମଳ ହୃଦୟର କାହାଣୀ । ପୁଅଟିର ନାମ ଥିଲା ଦୀପ୍ ଓ ଝିଅଟିର ନାମ ଥିଲା ସିଲ୍କି । ସେତେବେଳେ ଦୁହିଁଙ୍କ ବୟସ ୧୭ ଓ ୧୫ ବର୍ଷ ଥିଲା । ଯେଉଁ ସମୟରେ ସେମାନଙ୍କୁ ଜଣାନଥାଏ ପ୍ରେମ କ'ଣ ? ପ୍ରେମ କ'ଣ ଅଜଣା ଥିବା ଏ ଦୁହେଁ ଏମିତି ଭାବରେ ପ୍ରେମ ବନ୍ଧନରେ ବାନ୍ଧି ହେଲେ ଯେଉଁଠାରୁ ଫେରିବା ସେମାନଙ୍କ ପାଇଁ ଅସମ୍ଭବ ହୋଇଗଲା ।

ଆପଣମାନେ ହୁଏତ ଅନେକ ପ୍ରେମ କାହାଣୀ ଶୁଣିଥିବେ ବା ପଢିଥିବେ କିନ୍ତୁ ଏ ପ୍ରେମ କାହାଣୀ ଟିକେ ଅଲଗା ପ୍ରକାରର । ଆପଣମାନେ ଯଦି ଦୀପ୍ ଓ ସିଲ୍କିଙ୍କ ସଂପୂର୍ଣ୍ଣ ପ୍ରେମ କାହାଣୀ ଜାଣିବାକୁ ଚାହୁଁଛନ୍ତି ତେବେ କାହାଣୀଟିକୁ ଶେଷ ଯାଏଁ ପଢନ୍ତୁ ।

ଗୋଟିଏ ଦିନ ଯାହା ଥିଲା ଜୁନ୍ ମାସର କଥା । ଦୀପ୍ ସିଲ୍କିର ଗାଁକୁ ଯାଇଥାଏ । ସେହିଠାରେ ହିଁ ସେମାନଙ୍କର ପ୍ରଥମ ଦେଖା ହୋଇଥିଲା । ପ୍ରଥମ ଦେଖାରେ ଦୀପ୍ ଓ ସିଲ୍କି ଦୁହେଁ ଦୁହିଁଙ୍କୁ ଭଲପାଇ ବସିଥିଲେ କିନ୍ତୁ ଏ କଥା ସେ ଦୁହିଁଙ୍କୁ ଜଣା ହିଁ ନଥିଲା । ସେ ଦୁହେଁ ପରସ୍ପର ସହ ଏମିତି ଭାବରେ କଥା ହେଉଥିଲେ ଯେମିତି ସେ ପରସ୍ପରକୁ ବହୁତ ଆଗରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣିଲେ । ସେମାନେ ଏମିତି ପରସ୍ପର ଭିତରେ ହଜିଯାଇଥିଲେ ଯେ କେତେବେଳେ ୧୨ ଟାରୁ ୪ ଟା ହୋଇଯାଇଥିଲା ସେମାନଙ୍କୁ ଜଣା ହିଁ ପଡିଲାନି । ପରେ ଦୀପ୍ ସିଲ୍କିକୁ ନିଜ ଫୋନ୍ ନଂ ଦେଇ କହିଲା ରଖିଥା । ଏପଟେ ସିଲ୍କି ଫୁଲ୍ ବୋକିଟାଏ ଥିଲା ସେ ସାଙ୍ଗେ ସାଙ୍ଗେ ଉତ୍ତର ଦେଲା ତୋ ଫୋନ୍ ନମ୍ବର ମୋର କ'ଣ ହେବ ? କିନ୍ତୁ ଦୀପ୍ ବହୁତ୍ ଚାଲାକ୍ ଥିଲା କହିଲା, ରଖିଥା କାମ ପଡିଲେ ଫୋନ୍ କରିବୁ । ଆପଣମାନେ ନିଶ୍ଚିତ ଭାବେ ଜାଣିଥିବେ ସାଧାରଣତଃ ୧୫-୧୬ ବର୍ଷର ଝିଅମାନେ ବହୁତ୍ ଚଗଲାମି ପ୍ରକୃତିର ହୋଇଥାନ୍ତି କିନ୍ତୁ ସିଲ୍କି ପୂରା ବିପରୀତ, ଯେମିତି ସେ ଝିଅ ନୁହେଁ ପୁଅ, ପୁଅମାନଙ୍କୁ ଦେଖି ଯେମିତି ତା ଭିତରେ କିଛି ଅନୁଭବ ହିଁ ହେଉନଥିଲା । ତେଣୁ ସିଲ୍କି ପୁଅପିଲା ଓ ଫୋନ୍ ଠାରୁ ଦୂରେଇ ରହିବାକୁ ପସନ୍ଦ କରୁଥିଲା । ଏମିତିକି ତାର ନିଜର ଫୋନ୍ ମଧ୍ୟ ନଥିଲା । କିନ୍ତୁ ପ୍ରଥମ ଥର କୌଣସି ପୁଅ ସହ ଏତେ ସମୟ କଥା ହେଲା । ଏଣିକି ଦୀପ୍ ସବୁବେଳେ ସିଲ୍କିର ଘର ଫୋନ୍ କୁ ଫୋନ୍ କରେ ଆଉ ସିଲ୍କି ଫୋନ୍ ଉଠାଇ ଘଣ୍ଟା ଘଣ୍ଟା ଧରି ଗପିବା ଆରମ୍ଭ କଲାଣି ।

ଗୋଟିଏ ଦିନର କଥା, କ'ଣ ହେଇଛି ନା ଦୀପ୍ ଫୋନ୍ କରିବା ସମୟରେ ମୋବାଇଲ୍ ରିଙ୍ଗ୍ ହେଇ ହେଇ ପାଣି ମାଠିଆ ଭିତରେ ଖସି ପଡ଼ିଲା । ସିଲ୍କି ଆସି ଦେଖେ ତ ମୋବାଇଲ୍ ବ୍ୟାଟେରୀ ବେଙ୍ଗ ଫୁଲା ପରି ଫୁଲି ଯାଇଛି । ଘରେ ଯେତେବେଳେ ପଚାରିଲେ ମୋବାଇଲ୍ ଏମିତି କେମିତି ହେଲା ? ଆପଣମାନେ ଜାଣନ୍ତି ସିଲ୍କି କ'ଣ ଉତ୍ତର ଦେଲା ? ପ୍ରଥମ ଥର ପାଇଁ ସିଲ୍କି ନିଜ ଘର ଲୋକଙ୍କୁ ମିଛ କହିଲା । ଜାଣନ୍ତି ଏମିତି କାହିଁକି ହେଲା ? କହିଥିଲି ପରା ପ୍ରେମ ସବୁ ଶିଖାଇଦିଏ ଯେମିତି ସିଲ୍କିକୁ ମିଛ କହିବା ଶିଖେଇଦେଲା । ଆଗରୁ ସିଲ୍କି ଏପରି ନଥିଲା ଯାହା ଠିକ୍ ହେଉ ବା ଭୁଲ୍ ଘର ଲୋକଙ୍କୁ ନ ଡରି ସବୁ ନିର୍ଭୟରେ କହୁଥିଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିନ୍ତୁ ଏବେ ସେ ଧୀରେ ଧୀରେ ଡରିବା ଆରମ୍ଭ କଲାଣି, ମିଛ କହିବା ଆରମ୍ଭ କଲାଣି ।

ଆଚ୍ଛା, ଆପଣମାନେ ଟିକିଏ ଭାବିଲେ, ସିଲ୍କି ପାଖରେ ଫୋନ୍ ତ ନାହିଁ ତା ପରେ ଦୀପ୍ ଆଉ ସିଲ୍କି କିପରି କଥା ହେଉଥିବେ ?

ଭାବୁଛନ୍ତି ନା ଦୀପ୍ ସିଲ୍କିକୁ ଫୋନ୍ କିଣି ଦେଇଥିବା କିନ୍ତୁ ନା ଏମିତି କିଛି ବି ହେଇନି । ସେ ସମୟରେ ନିଜ ପ୍ରେମିକାକୁ କୌଣସି ବି ଜିନିଷ ଦେବା ପାଇଁ ମନରେ ସାହସ ନଥାଏ । ଏହି ସମୟରେ ଜଣେ ପଡୋଶୀ ନିଜ ଫୋନ୍ ବିକିବାକୁ ସିଲ୍କିକୁ ପଚାରିଲା । କୁହନ୍ତି ନା ପ୍ରଭୁ ମନ ଜାଣି ଫଳ ଦିଅନ୍ତି ଠିକ୍ ସେଇୟା ହେଲା ।

ଆଚ୍ଛା, କହିଲେ ଦେଖି ସିଲ୍କି ମୋବାଇଲ୍ କିଣିବାର କାରଣ କ'ଣ ?

ଯେଉଁ ଝିଅଟି ଫୋନ୍ ଠାରୁ ଦୂରେଇ ରହୁଥିଲା ଆଜି ସିଏ ନିଜେ ଫୋନ୍ ଦରକାର କରୁଚି । କାରଣ ଥିଲା ସେଇ ଗୋଟିଏ କେବଳ ଦୀପ୍ ସହ କଥା ହେବାକୁ । କାରଣ ସିଲ୍କି ଦୀପ୍ କୁ ଏତେ ଭଲପାଇ ଯାଇଥିଲା ଯେ ସେ ଗୋଟିଏ ମୁହୂର୍ତ୍ତ ବି ଦୀପ୍ ସହ କଥା ନ ହୋଇ ରହିପାରୁ ନଥିଲା ।ଏମିତି ଦୀପ୍ ଓ ସିଲ୍କି ଧୀରେ ଧୀରେ ଫୋନରେ ହିଁ ଦୀପ୍ ସିଲ୍କି ହୋଇଗଲେ ସେମାନେ ନିଜେ ବି ଜାଣିନାହାନ୍ତି । ସେମାନେ ଦୁହେଁ ଦୁହିଁଙ୍କ କଥାରୁ ବୁଝିଯାଇଥିଲେ ସେ ଦୁହେଁ ପରସ୍ପରକୁ ବହୁତ୍ ଭଲପାଆନ୍ତି । ସେ ପର୍ଯ୍ୟନ୍ତ ବି ସେମାନେ କେହି କାହାକୁ ପ୍ରପୋଜ୍ କରିନଥିଲେ ।

ଦେଖୁ ଦେଖୁ ଛୁଟି ସରିଗଲା କଲେଜ୍ ଖୋଲିଲା । ସିଲ୍କି ଚାଲିଗଲା ଦୂର ଗାଁକୁ ଆଉ ଦୀପ୍ ର କଲେଜ୍ ଘର ପାଖରେ ଥାଏ । ଦୁହେଁ ବେଶି ସମୟ ଆଉ କଥାବାର୍ତ୍ତା ହୋଇ ପାରନ୍ତିନି ।

ଆପଣମାନେ ଟିକିଏ ଭାବନ୍ତୁତ କଲେଜ୍ ରୂପରେ ଭିଲିଆନ୍ ର ଏଣ୍ଟ୍ରି ହେଇଗଲା ଦୁହେଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେ କ'ଣ କରିଥିବେ ?

ସିଲ୍କିର ଉମେନ୍ସ କଲେଜ ଥାଏ କିନ୍ତୁ ଦୀପ୍ ର ଜେନେରାଲ୍ । ଦୀପ୍ ଉପାୟ ଚିନ୍ତା କରି କହିଲା, ମୁଁ ସିନା ତୋ କଲେଜକୁ ଯାଇପାରିବିନି ହେଲେ ତୁ ତ ମୋ କଲେଜ୍ କୁ ଆସିପାରିବୁ । ଶେଷରେ ସିଲ୍କି ଘର ଲୋକଙ୍କୁ ମିଛସତ କହି ମନେଇ ଦୀପ୍ ର କଲେଜ୍ କୁ କ୍ଲାସ୍ କରିବାକୁ ଗଲା । ଦୁହେଁ ନିତିଦିନ କଲେଜ୍ ରେ ଭେଟ ହେଉଥିଲେ କ୍ଲାସ୍ ସରିବାଯାଏଁ ଦୁହେଁ ଦୁହିଁଙ୍କୁ ଅପେକ୍ଷା କରୁଥିଲେ । କ୍ଲାସ୍ ସରିଗଲା ପରେ ଦୁଇଜଣ ପ୍ରାୟ ୧୦ କି.ମି ଚାଲି ଚାଲି ଏକାଠି ଘରକୁ ଫେରୁଥିଲେ । ସିଲ୍କି ପାଖରେ ଗୋଟିଏ ସାଇକେଲ୍ ଥାଏ କିନ୍ତୁ ଦୀପ୍ ବସ୍ ରେ ଯିବାଆସିବା କରୁଥିଲା । ଦୀପ୍ ସବୁବେଳେ ସିଲ୍କିର ସାଇକେଲକୁ ଗଡେଇ ଗଡେଇ ଆସେ କିନ୍ତୁ ଜାଣନ୍ତି ସିଲ୍କିକୁ କ'ଣ ଲାଗେ ?

ସିଲ୍କି ଭାବୁଥିଲା ଦୀପ୍ ତାକୁ ନୁହେଁ ତା ସାଇକେଲ୍ କୁ ଭଲପାଉଛି କାରଣ ଦୀପ୍ ସିଲ୍କିର ହାତକୁ ବି ଛୁଉଁନଥିଲା । ଆଉ ତା ସହ ହାତ ଧରାଧରି ହୋଇ ଚାଲିବ କ'ଣ ? ଏମିତି ଥିଲା ସେତେବେଳର ପବିତ୍ର ପ୍ରେମ । କିନ୍ତୁ ଆଜିକାଲି ସେମିତି କିଛି ହଉନି । ପୁଅ ଝିଅକୁ ପ୍ରପୋଜ୍ କରିବା ମାତ୍ରେ ସିନେମା ସପିଙ୍ଗ୍ ଏସବୁ ପଳେଇଆସେ ।

ଏମିତି ଗୋଟେ ଦିନ ସିଲ୍କି ଦୀପ୍ ସାଙ୍ଗରେ ଆସୁଥିଲା ବେଳେ ସିଲ୍କିର ସାଙ୍ଗ ଦେଖି ଘରେ ଆସି କହିଦେଲା । ଘରଲୋକେ ରାଗରେ ଗରଗର ।

ଆଚ୍ଛା କହିଲେ ଦେଖି, ଯଦି ପ୍ରେମ କାହାଣୀ ଥିବ, ହିରୋ ଆଉ ହିରୋଇନ୍ ଥିବେ ଆଉ ଯଦି ଭିଲିଆନ୍ ନଥିବେ ତେବେ କ'ଣ କାହାଣୀ କାହାଣୀ ଭଳି ଲାଗିବ ନାହିଁ ନା ?

ଠିକ୍ ସେମିତି ପ୍ରେମ କାହାଣୀରେ ଏଇଠୁ ଏଣ୍ଟ୍ରି ହେଲେ ଭିଲିଆନ୍ । ଆଉ ସେ ଭିଲିଆନ୍ କିଏ ଜାଣନ୍ତି ? ସିଲ୍କିର ବଡ ଭଉଣୀ ଆଉ ଦୀପ୍ ର ମା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହଠାତ୍ ସିଲ୍କିର ବଡ ଭଉଣୀ ଦୀପ୍ ବିଷୟରେ ଶୁଣି ସିଲ୍କିକୁ କିଛି ନ ପଚାରି ଦୀପ୍ ପାଖକୁ ଫୋନ୍ କରି ତା ମାକୁ ଦେବାକୁ କହିଲା । ଦୀପ୍ ମଧ୍ୟ କିଛି ନ ପଚାରି ସିଧା ନେଇ ମାକୁ ଫୋନ୍ ଧରେଇଦେଲା । ଦୁହେଁ କଜିଆ ଲାଗିଲେ ଯିଏ ଯାହାକୁ ପାରିଲା । ଆଉ ଏଇଠୁ ହେଇଗଲା ଦୀପ୍ ଓ ସିଲ୍କିଙ୍କ ଭିତରେ ବ୍ରେକ୍‌ଅପ୍ । ବିନା କାରଣରେ ଦୁଇଟି ନିରୀହ ପ୍ରେମପକ୍ଷୀ ସଜ୍ଜା ଭୋଗିଲେ ।

ଦୀପ୍ କୁ ତ ଜଣାଥିଲା ଯେ ତା ମା ଆଉ ସିଲ୍କିର ବଡଭଉଣୀ ଝଗଡ଼ା ଲାଗିଛନ୍ତି କିନ୍ତୁ ସିଲ୍କିକୁ ଏକଥା ବିଲକୁଲ ବି ଜଣାନଥିଲା । ଦେଖୁ ଦେଖୁ ଦୀପ୍ ସିଲ୍କିକୁ ଫୋନ୍ କରିବା ବନ୍ଦ କରିଦେଲା । ସିଲ୍କିଠାରୁ ତା'ର ଘର ଲୋକ ଫୋନ୍ ଛଡାଇନେଲେ । କିନ୍ତୁ ସିଲ୍କି ସେ ପର୍ଯ୍ୟନ୍ତ କିଛି ବୁଝିପାରୁନଥିଲା କାହିଁକି ଏମିତି ଘଟୁଛି ? ଦୀପ୍ ମନେ ମନେ ଭାବୁଥାଏ ଯେ ସିଲ୍କି ହିଁ ଘରେ ସବୁକଥା କହିଛି ସେଥିପାଇଁ ତା'ର ସିଲ୍କି ଉପରେ ରାଗ ବଢିଥାଏ । ଏପଟେ ସିଲ୍କି ଯେତେବେଳେ ଝଗଡା କଥା ଜାଣିଲା, ଦୀପ୍ ଏମିତି କେମିତି ତା'ମାକୁ ଫୋନ୍ ଧରେଇଦେଲା ଥରେ ହେଲେ ତ ମୋତେ ପଚାରି ପାରିଥାନ୍ତା କ'ଣ ହେଇଛି ? ଏମିତି ଭାବି ତା'ର ମଧ୍ୟ ଦୀପ୍ ଉପରେ ରାଗ ବଢୁଥାଏ ।

ଏମିତି ଦୁହିଁଙ୍କ ଭିତରେ ବ୍ରେକ୍‌ଅପ୍ ହେବାର ୬ ମାସ ପୂରିଯାଇଥାଏ । ସିଲ୍କିର ଯୁକ୍ତ୨ ପରୀକ୍ଷାର ଶେଷଦିନ ଥାଏ । ସିଲ୍କି ବସ୍ ଷ୍ଟାଣ୍ଡରେ ବସ୍ କୁ ଅପେକ୍ଷା କରିଥାଏ । ମନରେ ଭାବୁଥାଏ ଆଜି ପରେ ପୁଣି ତାକୁ ଘରେ ରହିବାକୁ ହେବ ପୁଣି ମୋ ଠାରୁ ଫୋନ୍ ନେଇଯିବେ । ଯଦି ଦୀପ୍ ସହ ଟିକେ କଥା ହୋଇପାରନ୍ତି ଏମିତି ଭାବି ଦୀପ୍ କୁ ଫୋନ୍ କରି କାଟିଦେବା । ସତେ ଯେପରି ଭଗବାନଙ୍କ ଦୟା ହେଲା କି କ'ଣ ସାଙ୍ଗେ ସାଙ୍ଗେ ଦୀପ୍ ଫୋନ୍ କଲା । ପୁଣି ଥରେ ଦୀପ୍ ଓ ସିଲ୍କି ପୂର୍ବପରି ଭଲରେ କଥା ହେଲେ । ସେହି ଗୋଟିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୋନ୍ କଲ୍ ରେ ଦୁହିଁଙ୍କର ରାଗ ଯେମିତି କୁଆଡେ ଉଭେଇଗଲା । ଦୀପ୍ ସାଙ୍ଗେ ସାଙ୍ଗେ ସିଲ୍କିକୁ ଦେଖା କରିବାକୁ ପ୍ରାୟ ୪୦ କି.ମି ଦୂର ଯିବାକୁ ବି ବାହାରିଗଲା । ସିଲ୍କିର ପରୀକ୍ଷା ସରିବା ପରେ ଦୁହେଁ ପୁଣି ସାଙ୍ଗ ହୋଇ ଘରକୁ ଫେରୁଥିଲେ ବାଟରେ ଦୀପ୍ ସିଲ୍କିକୁ ଗୋଟିଏ ବ୍ରେସ୍ଲେଟ୍ ଗିଫ୍ଟ କଲା ।

ଆପଣମାନେ ଭାବୁଥିଲେ ନା ନୂଆଁ ବ୍ରେସ୍ଲେଟ୍ କିଣି ଦୀପ୍ ଗିଫ୍ଟ  କରିଥିବ ବୋଲି କିନ୍ତୁ ନା ନୂଆଁ ନୁହେଁ । ଦୀପ୍ ତା ନିଜ ହାତରେ ପିନ୍ଧିଥିବା ପୁରୁଣା ବ୍ରେସ୍ଲେଟ୍ ସିଲ୍କିକୁ ଦେଇଥିଲା ଆଉ ସିଲ୍କି ତାକୁ ନ ବାହୁନି ଖୁସି ମନରେ ଗ୍ରହଣ କରିଥିଲା ଆଉ ଜାଣନ୍ତି  ଆଜିଯାଏଁ ବି ସାଇତି ରଖିଛି ।

କିନ୍ତୁ ଆଜିକାଲିର ଆଧୁନିକ ଝିଅପୁଅମାନେ ଉପହାରର ମୂଲ୍ୟ ବୁଝନ୍ତିନି । ଯଦି ଦାମୀ ଉପହାର ହେଇଥିବ ପୁଣି ସେମାନଙ୍କ ମନ ପସନ୍ଦର ହେଇଥିବ ତାହେଲେ ସେମାନେ ଗ୍ରହଣ କରନ୍ତି ନଚେତ୍ ସାମ୍ନାଲୋକକୁ  କେମିତି ଲାଗିବ ତାହା ନ ଭାବି ଉପହାର ଫେରାଇ ଦିଅନ୍ତି ।

ସିଲ୍କି ଜୀବନରେ ଏହା ଥିଲା ତାର ଘର ଲୋକଙ୍କ ବ୍ୟତୀତ ଜଣେ ବାହାର ଲୋକଠାରୁ ପ୍ରଥମ ଉପହାର । ଦୁହେଁ ନିଜ ନିଜ ଘରକୁ ଫେରିଲେ ପୁଣି ସିଲ୍କିଠାରୁ ଫୋନ୍ ଛଡାଇ ନିଆଗଲା । କିନ୍ତୁ ଦେଖୁ ଦେଖୁ ସିଲ୍କି ଭଲପାଇବା ବିଷୟରେ ସବୁ ଜାଣି ଯାଇଥିଲା । କେମିତି ମିଛ କହିବାକୁ ହୁଏ, କେଉଁ କଥା ଲୁଚାଇ ରଖିବାକୁ ହୁଏ, ଏସବୁ ବିଷୟରେ ଧୂରନ୍ଧର ହୋଇସାରିଥିଲା ।

ଦୀପ୍ ସହ ଫୋନ୍ ରେ କଥା ହେବାକୁ ସିଲ୍କି ବ୍ଲାକଲିଷ୍ଟ ବ୍ୟବହାର କରୁଥିଲା। ଆପଣମାନେ ଜାଣିବାକୁ ଚାହୁଁଛନ୍ତି ନା କିପରି ତେବେ ଆଗକୁ ପଢନ୍ତୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିଲ୍କି ଲୁଚି ଲୁଚି ଦୀପ୍ କୁ ମିସ୍ କଲ୍ କରୁଥିଲା ଦୀପ୍ ସାଙ୍ଗେ ସାଙ୍ଗେ କଲ୍ କରୁଥିଲା ଦୁହେଁ କଥା ହୁଅନ୍ତି । କହିଥିଲି ନା ସିଲ୍କି ଚାଲାକ୍ ହୋଇଯାଇଥିଲା । ସିଲ୍କି ଦୀପ୍ କୁ ଆଗରୁ କହିଥାଏ ଯେ, ଯଦି କେହି ଆସିବେ ତେବେ ମୁଁ ଫୋନ୍ କାଟିଦେବି ତୁମେ ଆଉ ଫୋନ୍ କରିବନି ଦୀପ୍ ମଧ୍ୟ ସେଇଆ କରେ । କଥା ହେଇସାରି ସିଲ୍କି ଦୀପ୍ ର ନମ୍ବରକୁ ବ୍ଲାକଲିଷ୍ଟରେ ପକେଇଦିଏ । ଦୀପ୍ ର ଯେବେ କଥା ହେବାକୁ ଇଚ୍ଛା ହୁଏ ସେ କଲ୍ କରେ ଆଉ ସିଲ୍କି ସବୁବେଳେ ବ୍ଲାକଲିଷ୍ଟ ଚେକ୍ କରୁଥାଏ କାଳେ ଦୀପ୍ ର କଲ୍ ଆସିଥିବ ଆଉ ଯଦି କଲ୍ ଆସିଥାଏ କେହି ଦେଖିବା ଆଗରୁ ଡିଲିଟ କରେ ଆଉ କଥା ହେବାକୁ ସୁଯୋଗ ଖୋଜେ । ଏଇଟା ସିଲ୍କିର ନିତିଦିନିଆ କାମ ହୋଇଯାଇଥିଲା ।

ଦେଖୁ ଦେଖୁ କିଛିଦିନ ବିତିଯିବା ପରେ ସିଲ୍କି ସେହି କମ୍ପ୍ୟୁଟର ସେଣ୍ଟର୍ ରେ ଆଡମିସନ୍ ନେଲା ଯେଉଁଠି ଦୀପ୍ ଆଗରୁ କ୍ଲାସ୍ କରୁଥିଲା । ପୁଣି ଥରେ ଦୁହେଁ ଏକାଠି ଯିବାଆସିବା କରୁଥିଲେ କିନ୍ତୁ ଏଥର ଆଗଭଳି ନୁହେଁ ଦେଖିଚାହିଁ କାରବାର୍ କରୁଥିଲେ ।

ଦୀପ୍ ସିଲ୍କି କେବଳ ଭଲପାଉଥିଲେ ତାହା ନୁହେଁ । ଦୁହେଁ ଦୁହିଁଙ୍କୁ ଅନ୍ୟ କେହି ଭାବୁନଥିଲେ ନିଜେ ବୋଲି ଭାବୁଥିଲେ । ଜଣେ ଅସୁବିଧାରେ ଥିଲେ ଅନ୍ୟ ଜଣେ ଭଲରେ ରହିପାରୁନଥିଲା । ଦୁହେଁ ଦୁହିଁଙ୍କ ପାଇଁ ଜୀବନ ବି ଦେବାକୁ ପଛଉନଥିଲେ ।

ଦୀପ୍ ସିଲ୍କିକୁ କେବଳ ଭଲପାଉଥିଲା ତାହା ନୁହେଁ । ସିଲ୍କିକୁ ଜିଇଁବା ଶିଖେଇଥିଲା, ସେ କିପରି ଆଗକୁ ବଢିବ ସବୁ ପ୍ରକାର ସାହାଯ୍ୟ କରୁଥିଲା । କିଛି ପାଇବାକୁ ଆଶା ନକରି ଏହିପରି ନିଃସ୍ୱାର୍ଥପର ସାହାଯ୍ୟ ସିଲ୍କିକୁ ଦୀପ୍ ର ଆହୁରି ନିକଟତର କରିଥିଲା । ଗୋଟିଏ ଦିନ ଦୀପ୍ ସିଲ୍କିକୁ ନିଜ ସ୍ତ୍ରୀ ଭଳି ବ୍ୟବହାର ଦେଇଥିଲା । ସେଦିନ ସିଲ୍କିର ଜନ୍ମଦିନ ଥାଏ । ଆପଣମାନେ ଭାବୁଥିଲେ ନା ସବୁ ପ୍ରେମିକ ମାନଙ୍କ ପରି ଦୀପ୍ ନିଶ୍ଚିତ ଭାବରେ ଡ୍ରେସ୍ କିମ୍ବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶାଢୀ ଉପହାର ଦେଇଥିବ । କିନ୍ତୁ ନା ଏସବୁ ଉପହାର ତ ପ୍ରେମିକାକୁ ଦିଆଯାଏ । ଦୀପ୍ କିନ୍ତୁ ସିଲ୍କିକୁ ପ୍ରେମିକା ନୁହେଁ ନିଜ ସ୍ତ୍ରୀ ବୋଲି ଭାବୁଥିଲା ଆଉ ସେଥିପାଇଁ ଦୀପ୍ ସିଲ୍କି ପାଇଁ ନାକରେ ଲଗାଇବାକୁ ସୁନାର ବୁଟ ଆଣିଥିଲା ଯଉଟା ଆଜିଯାଏଁ ମଧ୍ୟ ସିଲ୍କି ପିନ୍ଧିଛି । ଦୀପ୍ ଓ ସିଲ୍କି ଦୁହେଁ ଦୁହିଁଙ୍କୁ ମନରୁ ସ୍ୱାମୀ ସ୍ତ୍ରୀ ବୋଲି ଭାବୁଥିଲେ କେବଳ ସମାଜ ପାଇଁ ସିନ୍ଦୂର ଓ ମଙ୍ଗଳସୂତ୍ରର ଅଭାବ ଥିଲା । ସେଥିପାଇଁ ଦୁହେଁ ଦୁହିଁଙ୍କ ପାଇଁ ଜୀବନ ଦେବାକୁ ବି ପଛଉ ନଥିଲେ । ଜଣେ ଅସୁବିଧାରେ ଥିଲେ ଆଉ ଜଣେ ତାକୁ ନିଜ ଅସୁବିଧା ଭାବି ସମାଧାନ କରୁଥିଲା ।

ଦେଖୁ ଦେଖୁ ଭଲପାଇବା ୪ ବର୍ଷ ପୂରିଗଲାଣି । ସବୁ ପ୍ରେମିକାମାନଙ୍କ ପରି ସିଲ୍କିର ଇଚ୍ଛା ଥାଏ ଦୀପ୍ ସହ ସିନେମା ଯିବ, ବୁଲିବାକୁ ଦୂର ଜାଗାକୁ ଯିବ, ହାତ ଧରାଧରି ହୋଇ ଟିକେ ଚାଲିବାକୁ କିନ୍ତୁ ତାହା ସମ୍ଭବ ହେଉନଥାଏ । ଗୋଟିଏ ଦିନ ସିଲ୍କି ମୁହଁ ଖୋଲି ଦୀପ୍ କୁ ସିନେମା ଯିବାକୁ କହିଲା ଆଉ ଦୀପ୍ ମଧ୍ୟ ମାନିଗଲା । ଦୁହେଁ ଉପାୟ ଚିନ୍ତା କଲେ ସିନେମା ଯିବେ କେମିତି ?

କହିଥିଲି ନା ଦୀପ୍ ବହୁତ୍ ଚାଲାକ୍ ଥିଲା ବୋଲି, ଶେଷରେ ଦୀପ୍ ସିଲ୍କି କମ୍ପ୍ୟୁଟର କ୍ଲାସ୍ ନାଁରେ ସିନେମା ଗଲେ । ସେଦିନ ଫେରୁ ଫେରୁ ଅଧିକ ଡେରି ହୋଇଗଲା । ଦୀପ୍ ଭାବିଲା ଯଦି ଗାଁ ମୁଣ୍ଡରେ ଛାଡିବି ତେବେ ସିଲ୍କିକୁ ଘରେ ପହଞ୍ଚିବାକୁ ଆହୁରି ଡେରି ହେଇଯିବ ତେଣୁ ସେ ସିଲ୍କିକୁ ଘରପାଖ ବରଗଛଠାରେ ଛାଡିଲା । ଆଉ ସିଲ୍କିର ସାହିଲୋକ କେହି ଦେଖି ତା ବାପାକୁ କହିଦେଲା । ସେଦିନ ସିଲ୍କିର ବାପା ଫୁଲ୍ ରାଗରେ ଥାନ୍ତି । ବାପା ଆସି ସିଲ୍କିକୁ ପଚାରିଲେ ସିଲ୍କି ମଧ୍ୟ କିଛି ନ ଲୁଚେଇ ସବୁ ସତ ସତ ମାନିଲା, ସିଲ୍କି କହିଲା ବାପା, ମୁଁ ଦୀପ୍ କୁ ଭଲପାଏ ଆଉ ତାକୁ ହିଁ ବାହା ହେବାକୁ ଚାହେଁ । ଏହି କଥା ଶୁଣି ବାପା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାକୁ ବହୁତ୍ ମାରିଲେ ଏମିତିକି ଜୀବନରୁ ମାରିଦେବାକୁ ବି ପଛେଇଲେନି ।

ଆପଣମାନେ ଜାଣନ୍ତି ଏମିତି କେତେବେଳେ ହୁଏ ? ଯେତେବେଳେ ବାପା, ମାଙ୍କ ପାଇଁ ତାର ପୁଅଝିଅଙ୍କ ଖୁସି ନୁହେଁ ସମାଜରେ ନିଜର ଇଜତ୍ ରହିବନି ବୋଲି ଡରଥାଏ । ବାପା, ମାଙ୍କ ପାଇଁ ଆଗେ ସମାଜ ପରେ ପୁଅଝିଅଙ୍କ ଖୁସି ।

ଦୀପ୍ ସିଲ୍କିକୁ ଏତେ ଭଲପାଉଥିଲା ଯେ, ସେ ସିଲ୍କିକୁ ଅଲଗା କେହି ବୋଲି ଭାବୁନଥିଲା ସେ ନିଜେ ବୋଲି ଭାବୁଥିଲା । ସିଲ୍କିକୁ ଖୁସି କରିବାକୁ ଦୀପ୍ ନିଜକୁ ବି ବାଜି ଲଗାଇବାକୁ ପଛଉନଥିଲା । ସିଲ୍କିର ସବୁ ସ୍ୱପ୍ନ ତାକୁ ତା ନିଜ ସ୍ୱପ୍ନଭଳି ଲାଗୁଥିଲା ଆଉ ସେ ସ୍ୱପ୍ନକୁ ପୁରଣ କରିବାକୁ ଦୀପ୍ କିଛି ବି କରିଯାଉଥିଲା ।

ସିଲ୍କି ମାଡଖାଇବା କଥା ଦୀପ୍ ଜାଣିପାରିଲା । ସିଲ୍କିକୁ ଘରଛାଡି ଆସିବାକୁ କହିଲା କିନ୍ତୁ ସିଲ୍କି ରାଜିହେଲାନି । ସେ ତା ବାପାକୁ ରାଜି କରେଇବାକୁ ସବୁଦିନ କିଛି ନା କିଛି ଚେଷ୍ଟା କଲା କିନ୍ତୁ ବାପା ମାନିବାକୁ ନାରାଜ । ଦେଖୁ ଦେଖୁ ଭଲପାଇବା ୪ ବର୍ଷ ୬ ମାସ ପୂରିଗଲାଣି । ଏପଟେ ଲୋକମାନେ ଟୁପୁରୁ ଟାପୁରୁ ହେଲେଣି । କଥାରେ କୁହନ୍ତି ନା ଫୁଲଟା ଫୁଟିଲେ ବାସ୍ନାଟା ନିହାତି ହୁଏ । ଠିକ୍ ସେହିପରି ଲୋକମାନେ ନ ଘଟିଥିବା କଥା ଯୋଡି କହିବା ଆରମ୍ଭ କରିଦେଲେ । ଏପଟେ ବାପା ବାହାଦେବାକୁ ରାଜି ହେଉନାହାନ୍ତି ଅନ୍ୟ ପଟେ ଦୀପ୍ ସିଲ୍କିକୁ ଆପଣେଇବାକୁ ପ୍ରସ୍ତୁତ ଅଛି । ଶେଷରେ ଆଉ କିଛି ଉପାୟ ନ ପାଇ ସିଲ୍କିକୁ ଘର ଛାଡିବାକୁ ପଡିଲା । ଦୀପ୍ ଓ ସିଲ୍କି ବାହାଘର ହେଲେ । ଦୀପ୍ ସିଲ୍କିର ସବୁ ସ୍ୱପ୍ନ ପୂରଣ କଲା ଜଣେ ବାପା ହେଇ, ସବୁ ହସଖୁସି ଦେଲା ଜଣେ ସାଙ୍ଗ ହେଇ, ତାକୁ ସବୁବେଳେ ରକ୍ଷା କଲା ଜଣେ ଭାଇ ହେଇ ଆଉ ତାକୁ ସବୁ ଖୁସି ଓ ଭଲପାଇବା ଦେଲା ଜଣେ ସ୍ୱାମୀ ହେଇ । ଅବଶ୍ୟ ପରେ ସିଲ୍କିର ଘରଲୋକେ ତାକୁ ଆପଣେଇଥିଲେ କିନ୍ତୁ ଦୀପ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେବେ ବି ସିଲ୍କିର ହାତ ଛାଡ଼ିନଥିଲା ।

ଇଏ ଥିଲା ଦୀପ୍ ଓ ସିଲ୍କିଙ୍କ ପ୍ରେମଠାରୁ ବାହାଘର ପର୍ଯ୍ୟନ୍ତ ଯାତ୍ରା । ଆପଣମାନେ ଏଇଠୁ ନିଶ୍ଚୟ ବୁଝିଯାଇଥିବେ ସତ ପ୍ରେମ ସହଜ ହୋଇନଥାଏ ଅନେକ ବାଧାବିଘ୍ନ ସାମ୍ନା କରିବାକୁ ପଡିଥାଏ । ପ୍ରତିଟି ମୋଡରେ କଷ୍ଟ ଥାଏ ଆଉ ସେହି କଷ୍ଟରେ ଥାଇ ମଧ୍ୟ ସେ ହିଁ ଜୟ କରିଥାଏ ଯିଏ ବାଧାବିଘ୍ନକୁ ସାହସ ଓ ଧୈର୍ଯ୍ୟର ସହ ସାମ୍ନା କରିଥାଏ ।

ଆପଣମାନେ ଆଉ ଗୋଟିଏ କଥା ଜାଣଛନ୍ତି ଯେଉଁ ଜିନିଷ ଯେତିକି ସହଜରେ ଆମକୁ ମିଳିଯାଏ ନା ସେତିକି ସହଜରେ ସେ ଜିନିଷ ଆମଠୁ ଦୂରେଇବି ଯାଏ । ଆମେ କଷ୍ଟକରି ପାଇଥିବା ଜିନିଷ ଆମଠୁ ଦୂରେଇବା ପାଇଁ ସେତିକି ହିଁ କଷ୍ଟ ଲାଗେ ସହଜରେ ଦୂରେଇ ହୁଏନା ।

ଅଁଳାକଟା, ଢେଙ୍କାନାଳ

ମୋ-୯୭୭୬୬୯୮୬୬୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ଏକ ଜୁଆଖେଳ



ପଙ୍କଜ କୁମାର ମଙ୍ଗଳ

ରବୀନ୍ଦ୍ର ବାବୁ ଶିଳ୍ପ ମାଲିକ ହେବା ପରେ ଘରଟି ଦରିଦ୍ରତାର ଅଭିଶାପରୁ ମୁକ୍ତ ହୋଇ ସୁଖ ସମୃଦ୍ଧି ପୁର୍ଣ୍ଣ ହୋଇ ଉଠିଲା । ଏ ସବୁ ସମ୍ଭବ କେବଳ ରବୀନ୍ଦ୍ର ବାବୁଙ୍କ ପ୍ରଚେଷ୍ଟା ପାଇଁ ଯାହାକି ତାଙ୍କ ବ୍ୟତୀତ ଅନ୍ୟ କେହି ହୃଦୟଙ୍ଗମ କରିନାହାନ୍ତି । ଏତେ ବଡ଼ ଘର ରହିବା ପାଇଁ ବାପା, ମାଆ, ଭଉଣୀ ଓ ରବୀନ୍ଦ୍ର ବାବୁ ନିଜେ । ପ୍ରାପ୍ତ ବୟସରେ ଭଉଣୀର ବିବାହ ସମାପନ କରି ପିତାମାତାଙ୍କ ସ୍ୱୀକୃତିରେ ନିଜେ ବିବାହ କଲେ । ସମୟର ଗର୍ଭରୁ ବଂଶର ପ୍ରଦିପ ଗୋପାଳର ଜନ୍ମ ହେଲା । ଗୋପାଳ ବାଲ୍ୟକାଳରୁ ମେଧାବୀ ଦେଖି ରବିନ୍ଦ୍ର ବାବୁ ବହୁତ ଖୁସି ପିଲାର ଭବିଷ୍ୟତ ପାଇଁ ଜଣେ ବାପା ହିସାବରେ ସେ କିଛି ଉଣା କଲେନାହିଁ । ଗୋପାଳକୁ ଉଚ୍ଚ ଶିକ୍ଷା ପାଇଁ ସେ ବିଲାତ ପଠାଇଲେ । ବାହାରେ ପିଲା ରହିଲେ ସେମାନଙ୍କ ପାଖରେ ଦୁଇଟି ବାଟ ଥାଏ ଭଲ ବାଟରେ ଯାଇ ଭଲ ମଣିଷ ହେବେ ଓ ମନ୍ଦ ରାସ୍ତା ବାଛି ନେବେ । ଗୋପାଳ ଲଣ୍ଡନରେ ପଢ଼ି ଉଚ୍ଚ ତମ ଡିଗ୍ରୀ ପାଇଲା କିନ୍ତୁ ଭଲ ମଣିଷଟିଏ ହୋଇପାରିଲା ନାହିଁ । ପିଲାଙ୍କୁ ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ ଦେଲେ ସେମାନେ ଟଙ୍କାର ଅପବ୍ୟୟ କରନ୍ତି ସେମିତି ଗୋପାଳ ମଧ୍ୟ କଲା ।

ସେ ଜୁଆ ଖେଳ ଆରମ୍ଭ କଲା ଯଉଁଥିରେ କେତେବେଳେ ଲାଭ ହୁଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତ କେତେବେଳେ କ୍ଷତି । ଗୋପାଳ କିନ୍ତୁ ଅଧିକ ପାଇବା ଆଶାରେ ଜୁଆର ଚକ୍ରବ୍ୟୁହରୁ ନିଜକୁ ବାହାର କରିପାରିଲା ନାହିଁ । ପରିଣତ ବୟସରେ ରବିନ୍ଦ୍ର ବାବୁ ଗୋପାଳର ବିବାହ କରିଦେଲେ ଭାବିଲେ କି ବିବାହ ପରେ ପୁଅ ସୁଧୁରିଯିବ । ପୁଅକୁ ସୁଧାରିବା ପାଇଁ ଗୋଟିଏ ନିରିହ ଝିଅର ଜୀବନ ନଷ୍ଟ ହେଲା ସେନା ହେଲେ ପୁଅ ଯେମିତିକୁ ସେମିତି ।

"ପୁତ୍ର ଯଦି ସୁପୁତ୍ର ହୁଏ ଧନ ସଞ୍ଚି କି ଲାଭ,

ପୁତ୍ର ଯଦି କୁପୁତ୍ର ହୁଏ ଧନ ସଞ୍ଚି ଲାଭ" ।

ବାପା ଓ ମାଆ ପୁଅର ଚିନ୍ତାରେ ଆରପାରିକୁ ଚାଲିଗଲେ ଏଥର ଗୋପାଳକୁ କହିବା ପାଇଁ କେହି ନଥିଲେ । ପତ୍ନୀର କଥାକୁ ଗୋପାଳ ମାନିଲା ନାହିଁ ପ୍ରତିଦିନ ଜୁଆ ଖେଳିଲା । ଯେପରି ବସି ଖାଇଲେ ନଈ ବାଲି ସରେ ସେପରି ଧିରେ ଧିରେ ସବୁ ଟଙ୍କା ଓ ସମ୍ପତ୍ତି ସରିଗଲା । ଏଥରକ ଗହଣା ପାଳି ନିଜ ସହ ସ୍ତ୍ରୀର ସବୁ ଗହଣାକୁ ଜୁଆରେ ଲଗାଇଦେଲା ଏହି ଲାଳସାରେ କି ଏଥିରୁ ଲାଭ ମିଳିଲେ ସେ ପୁଣି କିଣିବ ଯାହା ହରାଇଚି । ପାଣ୍ଡବ ଯେମିତି ସବୁ ହରାଇଥିଲେ ଗୋପାଳ ଅନୁରୁପ ସବୁ ହରାଇଲା । ଏକ ଟଙ୍କାରୁ କର୍ମ ବଳରେ ଯେମିତି ସବୁକିଛି ପାଇଥିଲେ ରବିନ୍ଦ୍ର ବାବୁ ଗୋପାଳ ନିଜର ଅଯୋଗ୍ୟତା କାରଣରୁ ସବୁ ହରାଇ ଦେଲେ ।

କହିବାର ତାତ୍ପର୍ଯ୍ୟ ଏହା ଯେ ଜୁଆରେ ଯେମିତି ଏକରୁ ବଢ଼ି ବଢ଼ି ସବୁ ମିଳିଥାଏ ପୁଣି ଖରାପ ସମୟ ଥିଲେ ଗୋଟେ ପରେ ଗୋଟେ ସବୁ ଚାଲିଯାଏ କେବଳ ଶେଷରେ ରହେ ତ ବକ୍ତି ଏକା । ଆମେ ସେହିପରି ଜନ୍ମ ହେଲୁ ଭାଗ୍ୟ ସାଥିରେ ଆସିଲୁ । ମାଆ କୋଳରେ ବଡ଼ ହେଲୁ ପାଠ ପଢ଼ିଲୁ ସାଙ୍ଗ ସାଥି ହେଲେ ଯେତିକି ଅଧିକ ଅଧିକ ପଢ଼ିଲୁ ସାଙ୍ଗ ସାଥି ଆତ୍ମୀୟସ୍ୱଜନ ବଢ଼ିଲେ ପରିଣତ ବୟସରେ ବିବାହ ହେଲା ପୁଣି ସଂସାର ବଢ଼ିଲା । ଦେଖୁ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଦେଖୁ ଏକରୁ ଅନେକ ଭଳି ଆମର ସମ୍ପର୍କୀୟ ବଢି ଚାଲିଲେ । କାଳର ଗର୍ଭରେ ଧିରେ ଧିରେ ଆମକୁ ଛାଡି ସହୋଦର ବିଦାୟ ନେଲେ ବାର୍ଧକ୍ୟ କବଳରେ କବଳିତ ହୋଇ ଆମେ କୁଆାଡେ ଯାଇ ପାରିଲୁ ନାହିଁ । ଶେଷରେ ନିଃସହାୟ ପରି ସେହି ଏକା ରହି ମୃତ୍ୟୁକୁ ଅପେକ୍ଷା ଛଡ଼ା ଆମ ପଖେ ବାଟ ନଥାଏ । କେହି କେହି ଇଶ୍ୱର ଚିନ୍ତା କରନ୍ତି ତ କେହି କରନ୍ତି ନାହିଁ । ଯେ ଆମକୁ ଏ ଧରାକୁ ପଠାଇଥିଲେ ତାଙ୍କୁ ଭୁଲିଗଲୁ ଯଉଁ ଆତ୍ମୀୟସ୍ୱଜନ ପାଇଁ ପୁଣି ସେମାନଙ୍କ ବିରହରେ ଏକା ହୋଇ ରହିଗଲୁ ।

ବଡ଼ପାହି , ଭୋଗରାଇ, ବାଲେଶ୍ୱର
ଫୋନ-୭୭୪୯୯୩୬୬୮୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରିଘୁରିକା



ସୁଧାଂଶୁ ଶେଖର ଦ୍ୱିବେଦୀ

ନାଟକ:- (୫ମ ଭାଗ)

। । ୧୪ଶ ଦୃଶ୍ୟ । ।

(ଥାନା: ଅସିତ, ଅଭିଜିତ ଓ ଦୁଇଜଣ କନେଷ୍ଟବଳ ତଳକୁ ମୁହଁ ପୋତି ଛିଡା ହୋଇଥାନ୍ତି । ସମ୍ମୁଖରେ ଏସ.ପି ପଣ୍ଡା ରାଗରେ ଫଁ ଫଁ ହେଉଥାଆନ୍ତି ।)

ମି: ପଣ୍ଡା- ହ୍ୱାଟ ନନସେନ୍ସ..? ଏସବୁ କଣ ହେଉଛି ଅସିତ ମୁଁ ତ କିଛି ବୁଝିପାରୁନି । ତୁମେ ଏ କେସ୍‌କୁ ହେଣ୍ଡଲ କରି ପ୍ରକୃତ ଦୋଷୀକୁ ଆଇନର ହାତକଡ଼ାରେ ବନ୍ଦୀ କରିବ ବୋଲି ମୋତେ ସେଦିନ କଥା ଦେଇଥିଲ କିନ୍ତୁ ମୁଁ ଦେଖୁଛି ତୁମ ଆଇନର ହାତ ଧିରେ ଧିରେ ଛୋଟ ହୋଇପଡୁଛି । ମାଫିଆ ଗେଙ୍ଗର ଅନ୍ୟତମ ଲିଡ଼ର ଦେବ କୁମାରକୁ କେହି ଦୁର୍ବୃତ୍ତ ମର୍ଡର କଲା ଅଥଚ ତୁମ ଆଇନ ତା'ର କୂଳ କିନାରା ପାଇଲା ନାହିଁ । ମାଫିଆମାନେ ସାରା ସହରରେ ରେପ୍, ମର୍ଡର, ଲୁଟମାର କରି ଚାଲିଛନ୍ତି । ଏପର୍ଯ୍ୟନ୍ତ ସେମାନଙ୍କୁ ଆଇନ ଦ୍ୱାରା ଅକ୍ତିଆର କରିପାରିଲ ନାହିଁ । ଖାଲି କଥାରେ କହିଦେଲେ କିଛି ସମାଧାନ ହୋଇଯାଏନା ଅସିତ, କାମ କରି ଦେଖାଇବାକୁ ପଡିବ । ଏଭଳି ରେସପନ୍ସ ବିହୀନ କାମ କଲେ ଚାକିରିରୁ ଇସ୍ତଫା ନେଇ ଘରେ ବସ । କଣ ପାଇଁ ଏମିତି ଭୈଳିକି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖାଇ ମୋତେ ଅସୁବିଧାରେ ପକାଉଛ ? ତୁମେ ଜାଣ ଆମେ ସବୁ ଅପାରଗତା ପୋଲିସ ବୋଲି ଉପର ମହଲରୁ ବାରମ୍ବାର ଧମକ ଶୁଣିବାକୁ ମିଳୁଛି ।

ଅସିତ- ଆଇ ଏମ ଏକ୍ସଟ୍ରିମଲି ସରି ସାର । ସବୁ ପ୍ରମାଣ ସହିତ ଆମେ ମାଫିଆ ଗେଙ୍ଗର ଲିଡ଼ର ଦେବ କୁମାରକୁ ଆଇନର ହାତକଡ଼ାରେ ବନ୍ଦୀ କରିପାରି ଥାଆନ୍ତୁ କିନ୍ତୁ...

ମି:ପଣ୍ଡା- ସେ କିନ୍ତୁ ପରନ୍ତୁ ମୋତେ ଆଉ ଶୁଣାଅନି ଅସିତ । ପ୍ଲିଜ...

ଏଇ ଧର ତୁମ ସସପେଣ୍ଡ ଲେଟର । ବହୁତ ହେଇଗଲା । ବହୁତ ସହିଲି । କଣ ପାଇଁ ସେମାନଙ୍କଠାରୁ ଏତେ ନିମ୍ନ ଧରଣର ଗାଳି ଶୁଣିବି ? କଣପାଇଁ ସେମାନେ ଜନଗହଳି ଶୂନ୍ୟ ଅପନ୍ତରା ଅଞ୍ଚଳକୁ ଟ୍ରାନ୍ସଫର କରିବାକୁ ଧମକ ଦେବେ ? ଗୋଟେ ଜିଲ୍ଲାର ପୋଲିସ ସୁପରିଟେଣ୍ଡେଣ୍ଟ ହେବାର ପରିଣତି କଣ ଏହିଭଳି ?

ଅସିତ- ସାର ମୋତେ ବିଶ୍ୱାସ କରନ୍ତୁ ଆଉ ଏଭଳି ଭୁଲ ହେବନାହିଁ । ମୁଁ ଯେମିତି ହେଉ ଏ କେଶର ସମାଧାନ କରିବି ।

ମି: ପଣ୍ଡା- ମିଛ ଆଶ୍ୱାସନା ଦେଇ ଦେଇ କେତେଦିନ ଯାଏ ଏମିତି ମୋ ସହିତ ଖେଳିବ ଅସିତ ? ନିଅ ଧର ତୁମ ସସପେଣ୍ଡ ଲେଟର । ଦରକାର ନାହିଁ ତୁମଭଳି ପୋଲିସ ଅଫିସର ।

ଅସିତ- ସାର ଏଇଟା କଣ ସମାଧାନର ରାସ୍ତା ? ମୋର ଏଥିରେ କୋଉଠି ଭୁଲ ରହିଲା ? ମୁଁ କଣ ପ୍ରୟାସ କରିନାହିଁ ? ସବୁକିଛି ସମାଧାନ ହେବା ବେଳେ ସେଇ ଦୁବୃତ୍ତ ଦ୍ୱାରା ଦେବ କୁମାର ମର୍ଡର ହୋଇ ଅସମାଧାନ ହୋଇଗଲା ।

ମି: ପଣ୍ଡା- ସେସବୁ ମୁଁ ଆଉ କିଛି ଶୁଣିବାକୁ ଚାହେଁନା । ଆଉ କେହି ପୋଲିସ ଅଫିସର ଆସିଲେ ହୁଏତ ଏ କେଶ ନିଶ୍ଚିତ ସଲଭ ହୋଇଯିବ ।

ଅସିତ- ତାହାତ ନିଶ୍ଚୟ କିନ୍ତୁ ଆଉ ଥରେ ମାତ୍ର ଚାନ୍ସ ଦିଅନ୍ତୁ ସାର । ଏଥର ଯଦି ମୁଁ ଏ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେଶର ସମାଧାନ କରି ନପାରିବି ତାହେଲେ ନିଜେ ରେଜିଗନେଶନ ଲେଟର ଦେବି ।

ଅଭିଜିତ- ହଁ ସାର ଆମକୁ ଏଇଥର ଖାଲି ଚାନ୍ସ ଦିଅନ୍ତୁ ଆମେ ସବୁ ଉପାଡି ଆଣିବୁ ।

ମି:ପଣ୍ଡା- ବି ସିରିୟସ ଅଭିଜିତ । କଥା ଯାଇ ୭ ତାଳ ପାଣି ଧରିଲାଣି ଏତେ ବିପତ୍ତି ସମୟରେ ଟିକେ ସିରିୟସ ହୋଇ କାମ କର । ଓକେ ଅସିତ ମୁଁ ତୁମକୁ ଲାଷ୍ଟ ଚାନ୍ସ ଦେଲି । ଏହାପରେ ମୁଁ ଯାହା କରିବି ତୁମେ ମୋତେ ଭୁଲ ବୁଝିବ ନାହିଁ ।

ଅସିତ- ଇଏସ ସାର ।(ସେଲ୍ୟୁଟ ମାରେ)

(ମଞ୍ଚ ଅନ୍ଧାର)

।।୧୫ଶ ଦୃଶ୍ୟ ।।

(ଏକ ନିକାଞ୍ଚନ ସ୍ଥାନ । ଧରାଯାଉ ମନ ମୁଗ୍ଧକର ପାର୍କଟିଏ । ଅନୁଶ୍ରୀ ହାତରେ ଟଙ୍କା ବଣ୍ଡିଲ ଧରି ଅପେକ୍ଷା କରିଥାଏ । ବେଳେ ବେଳେ କାହାର ଆସିବା ପଥକୁ ଏପଟ ସେପଟ ନିରୀକ୍ଷଣ କରୁଥାଏ ।)

ବିକ୍ରମ- (ପ୍ରବେଶୀ) ହାଲୋ ଅନୁ ଡାର୍ଲିଙ୍ଗ ! କାହାକୁ ଏମିତି ଖୋଜିହେଉଛ ?

ଅନୁ- ଦେଖ ବିକ୍ରମ ତୁମ କଥା ଅନୁସାରେ ଏତକ ଟଙ୍କା ଆଣିଛି । ଆଉ ଅଧିକ ଟଙ୍କା ମୁଁ ତୁମକୁ ଦେଇପାରିବି ନାହିଁ ।(ଟଙ୍କା ବଣ୍ଡିଲ ଦିଏ)

ବିକ୍ରମ- ଟଙ୍କା ତ ତୁମକୁ ଦେବାକୁ ପଡିବ ଅନୁ ଡାର୍ଲିଙ୍ଗ କେବଳ ଏଇ କେତେକ ଟଙ୍କା ପାଇଁ ତୁମ ଚରିତ୍ରର ଗୁପ୍ତ ରହସ୍ୟ ଏକ୍ସପୋଜ ହେବାରୁ କ୍ଷାନ୍ତ ହେବ । ନହେଲେ ସାରା ଦୁନିଆରେ ତୁମ ଇଜ୍ଜତର ନାଗରା ବାଜିବ ।

ଅନୁ- ବିକ୍ରମ ! ତୁମେ ଏ କଣ କହୁଛ ?

ବିକ୍ରମ- ବାସ୍ତବିକ କଥା । ଏତେ ବଡ଼ ଘରର ଝିଅ ହୋଇ ଲୋକ ଲଜ୍ଜାରେ ମୁଣ୍ଡ ତଳକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯିବ । ସେସବୁ ସହି ବଞ୍ଚି ପାରିବତ ?

ଅନୁ- ପ୍ଲିଜ ବିକ୍ରମ ମୁଁ ତୁମକୁ ନେହୁରା ହେଉଛି ତୁମେ ମୋ ପ୍ରତି ଏତେ ନିର୍ଦ୍ଦୟ ହୁଅନା ।

ବିକ୍ରମ- ଛେଳି ବଞ୍ଚିବା ପାଇଁ ବାଘର ଗୋଡ଼ ଧରିଲେ ବାଘ ଖାଇବ କଣ ? ତାର ତ ପେଟ ପାଟି ଅଛି । ତା'ର ତ ଗୋଟେ ଜୀବନ ଅଛି ।

ଅନୁ- ତାମାନେ ତୁମେ ମୋତେ ବ୍ଲାକମେଲ କରି ତୁମ ମନ ଇଚ୍ଛା ମୋଠାରୁ ଟଙ୍କା ନେବ ।

ବିକ୍ରମ- ତାହା ତ ବିକ୍ରମର ଅସୁଲ । ଆଉ ସେଇଥିପାଇଁ ବିକ୍ରମ ସବୁଠି ବ୍ଲାକର ଭାବେ ପରିଚିତ ।

ଅନୁ- ମୁଁ ଯଦି ସେଦିନ ତୁମକୁ ଠିକ ଚିହ୍ନିପାରି ଥାଆନ୍ତି ତାହେଲେ....

ବିକ୍ରମ- ବିକ୍ରମକୁ ଚିହ୍ନିବାକୁ ପଡେନାହିଁ । ବିକ୍ରମ ସମସ୍ତଙ୍କୁ ଚିହ୍ନେ । ସେଇ ଚିହ୍ନା ପରିଚୟ ଭିତରେ ସେ ତା କାମ ହାସଲ କରେ ।

ଅନୁ- ଇଉ ହିପୋକ୍ରେଟ, ରାସକେଲ...

ବିକ୍ରମ- ଦୁନିଆ ସାରାରେ ଯେତେପ୍ରକାର ଗାଳି ଅଛି ମୋତେ ଗାଳିଦିଅ ହେଲେ ବିକ୍ରମ ଉପରେ ତାର କୌଣସି ପ୍ରଭାବ ପଡିବ ନାହିଁ । ବିକ୍ରମର କାମ ତ ଗାଳି ଶୁଣିବା । ଇଏସ ଡାର୍ଲିଙ୍ଗ କାଲି ସନ୍ଧ୍ୟା ଠିକ ଏଇ ସମୟରେ ତୁମକୁ ଆଉ ୫୦,୦୦୦ ଟଙ୍କା ଦେବାକୁ ହେବ ।

ଅନୁ- ଏତେ ଟଙ୍କା ମୁଁ ପାଇବି କୋଉଠୁ ?

ବିକ୍ରମ- ତାହା ତୁମ ନିଜସ୍ୱ କଥା ।

ଅନୁ- ତୁମକୁ ଦେଇ ଦେଇ ମୁଁ ପୂରା କପର୍ଦ୍ଦକ ଶୂନ୍ୟ ହୋଇ ଗଲିଣି । ମୋ ନାମରେ ଯାହା ବ୍ୟାଙ୍କ ବାଲାନ୍‌ସ ଥିଲା ସବୁ ନିଲ ।

ବିକ୍ରମ- ସେସବୁ ବିଷୟରେ ମୁଁ ମୁଣ୍ଡ ପୂରେଇବାକୁ ଚାହେଁନା । ତୁମର ଚରିତ୍ର ଦରକାର ଆଉ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ମୋର ତୁମ ଚିରିତ୍ରକୁ ବଞ୍ଚେଇ ରଖିବା ଲାଗି ଟଙ୍କା ଦରକାର । କାଲି ସନ୍ଧ୍ୟା । ଯେମିତି ହେଉ ୫୦,୦୦୦ ଦେବ ନହେଲେ ପୂରା ସହରରେ ତୁମ ନଗ୍ନତାର ପୋଷ୍ଟର ଲାଗିଯିବ । ମାଇଣ୍ଡ ଇଟ । (ପ୍ରସ୍ଥାନ ସମୟରେ ସମ୍ବିତ ସହ ଧକା ହୁଏ ।)

ବିକ୍ରମ- ଆବେ ତୋତେ ଦେଖାଯାଉନି କି ?

ସମ୍ବିତ- ସବୁ ଦେଖିଛି ସବୁ ଜାଣିଛି । (ଅନୁ ସମ୍ବିତକୁ ଦେଖି ମୁଣ୍ଡରେ ଉତ୍ତରି ଢାଙ୍କିନିଏ)

ବିକ୍ରମ- କଣ ଜାଣିଛ ?

ସମ୍ବିତ- ତୁ ଗୋଟେ ନମ୍ବର ୱାନ ବ୍ଲାକର । ଏ ସହରର ଧନୀ ଝିଅମାନଙ୍କୁ ଫସେଇ ମାଫିଆ ଗେଙ୍ଗକୁ ସପ୍ଲାଇ କରୁ । ତା ବଦଳରେ ତୁ ଡବଲ ଇନକମ କରୁ ମାଫିଆ ଗେଙ୍ଗରୁ କିଛି ପାଇଯାଉ ପୁଣି ଝିଅମାନଙ୍କୁ ବ୍ଲାକମେଲ କରି କିଛି ମିଳିଯାଏ ।

ବିକ୍ରମ- ତାହା ତ ମୋର କ୍ରେଡିଟ ।

ସମ୍ବିତ- (ଠାଏ କରି ଗୋଟେ ଚାପୁଡ଼ା ମାରେ) ସେ ଝିଅ ପାଖରୁ ଯେତେ ଟଙ୍କା ନେଇଛୁ ସବୁ ଫେରା ।

ବିକ୍ରମ- ତୁ ଜାଣୁ ମୁଁ କିଏ ? ମାଫିଆ ଗେଙ୍ଗର ଲୋକ । ଚାହିଁଲେ ତୋତେ ଏଇ ସାଙ୍ଗେ ସାଙ୍ଗେ ଖତମ କରିଦେବି ।

ସମ୍ବିତ- ହଉ ତୁ ଆଗେ ସବୁ ଟଙ୍କା ଫେରେଇସାର ତାପରେ ମୋତେ ଖତମ କରିବୁ ।

ବିକ୍ରମ- ଯଦି ନ ଫେରାଏ ?

ସମ୍ବିତ- (ପୁଣି ଠାଏ କରି ଆଉ ଏକ ଚାପୁଡ଼ା ମାରେ)

ବିକ୍ରମ- ଢେଙ୍କିକୁ କାଠ ଭାବିଛୁ ନୁହେଁ । ହାରାମଜାଦା ମୁଁ ତୋତେ ଛାଡ଼ିବିନି । (ଛୁରୀ ମାରିବାକୁ ଆଗେଇ ଆସେ, ସମ୍ବିତ ସଜୋରେ ଧରିନିଏ । ଦୁହିଁଙ୍କର ତୁମୁଳ ସଂଘର୍ଷ ହୁଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶେଷରେ ବିକ୍ରମ ହାରିଯାଏ)

ସମ୍ବିତ- (ବିକ୍ରମକୁ କବ୍ଜା କରି) ବାହାର କର ସବୁ ଟଙ୍କା । (ବିକ୍ରମ ନିରୁପାୟ ହୋଇ ପକେଟରୁ ଟଙ୍କା ବାହାର କରେ)

ଯା ସେ ଝିଅକୁ ସବୁ ଟଙ୍କା ଫେରା ।

(ବିକ୍ରମ ଟଙ୍କା ଫେରାଇବାବେଳେ ସମ୍ବିତ ଅନୁକୁ ଚିହ୍ନିପାରି) ଅନୁ ତୁ ?

ଅନୁ- ହଁ ସମ୍ବିତ ଭାଇ ମୁଁ....

ସମ୍ବିତ- ଆରେ ତୁ ଏଇଟାକୁ ଟଙ୍କା କଣପାଇଁ ଦେଉଛୁ ?

ଅନୁ- ମୁଁ କିଛି କହିପାରିବିନି ସମ୍ବିତ ଭାଇ । ପ୍ଲିଜ ମୋତେ ଯିବାକୁ ଦିଅ(ଦୌଡ଼ି ପଳାଏ)

ସମ୍ବିତ- ଅନୁ ଆରେ ଶୁଣ (ପଛେ ପଛେ ଅନୁସରଣ କରେ)

ବିକ୍ରମ- ଓଃ ମଣିଷ ବଞ୍ଚିଗଲା । ଶଳା ହାତଟାକୁ ଏମିତି ମୋଡି ଦେଇଛି ଯେ ସିଧା କରିହେଉନି । ହଉ ଆଜି ସିନା ଅନୁକୁ ମୋ କବଳରୁ ଉଦ୍ଧାର କରି ନେଇଗଲୁ ହେଲେ ଏକା ମାଘରେ ଶୀତ ସାରିଯାଏନି । ପୁଣି ମାଘ ଆସିବ । ସେଇଦିନ ବିକ୍ରମ ମନ ଖୋଲା ହସ ହସିବ (ହସିବା ମଧ୍ୟରେ କ୍ଷତର ଯନ୍ତ୍ରଣାରେ ଚିତ୍କାର କରେ ।)

(ମଞ୍ଚ ଅନ୍ଧାର)

କ୍ରମଶଃ........

email- dwibedysudhansu@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ଦ୍ୱିତୀୟ ଅଧ୍ୟାୟ ଭାଗ "୭"

ଅଳୀକ ଏ କହି କବି ତାଙ୍କୁ ଚାହିଁ
କହନ୍ତି କାହିଁକି ହେବେ,
ଅତି ବଳି ପ୍ରେମ ମାତାଙ୍କର ଶ୍ରମ
ତାକୁ କି ଭୁଲି ପାରିବେ ।
ଅନେକ ବରଷ ପୂରୁବୁ ଯେ ଝାସ
ଦେଇଲେ ପ୍ରଥମ ପାଇଁ,
ଅଲୋଡ଼ା ଦ୍ୱିତୀୟ ସ୍ତ୍ରୀ ପାଇଁ ତ ଭୟ
କରନ୍ତି ଦୂରରେ ଥାଇ ।
ଅଳିଅଳି ବାଳା ଏଣିକି କହିଲା,
"ଅଲୋଡ଼ା ଦ୍ୱିତୀୟ ନାହିଁ,
ଅଦ୍ୱିତୀୟ ମାତା ମୋହର ପୂଜିତା
ଦୂରରେ ନିଜର ଥାଇ ।
ଅନୁରୋଧ ଏହି ପୁଣି ବାହା ହୋଇ
କନ୍ୟା ଚାହିଁବେନି କୋଳେ,
ଅପୁତ୍ରିକ ଯଦି ରହିବେ ତ କ୍ଷତି
ହେବନି ଜଗେ ଶୁଣିଲେ ।
ଅବୁଝା ଯେ ହେଇ କନ୍ୟାକନ୍ୟା କହି
ଅଝଟ କରିବେ ନାହିଁ,
ଅରଣ୍ୟ ସଂସାର ଭାରି ଭୟଂକର
ଅନେକ ହିଂସ୍ର ବୋଲାଇ ।
ଅଭିଷ୍ଟ ରଖିବେ ପୁତ୍ର ହିଁ ଚାହିଁବେ
ପୁଣି ନିଜେ ଜନ୍ମ ନେବି,
ଅଜିତ ରୂପରେ ପାପୀ ନାଷନରେ
ଜୀବନ ବିତେଇ ଦେବି ।"
ଅଚିନ୍ତ ପୂର୍ବ ଏ ବାଳା ଯାହା କହେ
କବି ତ ବିସ୍ମିତ ଥିଲେ,
ଅଚାନକ ପୁଣି ଅଂସେ କିଏ ଛୁଇଁ
ହାତ ଯେ ତାଙ୍କର ଦେଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

"ଅଧିକା ସମୟ ନେଇଗଲ" କହି
କବିଙ୍କୁ ଟାଣେ ପଛରୁ,
ଅଦୂରେ ଯେ ବାଳା କହି ଦଉଡିଲା
"ବାପା ନଯାଅ ପାଖରୁ" 
"ଅନେକ ଦୁର୍ଦାନ୍ତ ଏଠାରେ ରକ୍ଷକ
ଭକ୍ଷକ ହିଂସ୍ର ଦାନବ,
ଅଟକିଲେ ବାପା ଯିବି ତୁମ ସଙ୍ଗେ
ଏଠି କିଏ ବା ରହିବ ।"
ଅଶ୍ରୁ ମିଶା ଦୁଇ ବାକ୍ୟ ବାଳା କହି
କବିଙ୍କ ପାଖକୁ ଆସେ,
ଅମଣିଷ ସିଏ ତାକୁ ଟାଣୁଥାଏ
ଅଚେତନ ବାଳା ପାସେ ।
ଅଧରୁ କବିର ଏଣୁ ବାଳା ସ୍ୱର
କହି କମ୍ପେଇ ଦେଇଛି,
ଅଚାନକ ପୁଣି ନିଦ କବିଙ୍କର
ନିଶିରେ ଆସି ଭାଙ୍ଗିଛି ।
ଅନେଇଲେ ସିଏ ଆଖି ଖୋଲା ଥାଏ
ଦେଖିଲେ ନିଶି ତିମିର,
ଅକାଳରେ ଏହି ସ୍ୱପ୍ନ ଦେଖି କାହିଁ
କବି ଚିନ୍ତିତ ଏଥର ।
ଅଳିଆ ମଧ୍ୟରେ ଝିଅ ଥିଲା ଦୂରେ
କାହିଁକି କେଜାଣି ବୋଲି,
ଅନେକ ପ୍ରକାର ଦ୍ୱନ୍ଦ୍ୱରେ ଅନ୍ତର
ପୁରିଲା ଚିନ୍ତିଲେ ଖାଲି ।
ଅଦୂରରେ ଥିଲେ ବାଳା ଦୂରେଇଲା
ଅଚେତନ ହେଲା ତେବେ,
ଅମଣିଷ କିଏ ମତେ ଟାଣୁଥାଏ
ଶେଷରେ କାହିଁକି ଯେବେ ।
ଅମଣିଷ ସିଏ କାହିଁ ଟାଣୁଥଏ
ବାଳାକୁ ଦୂରାଏ ମୋର,
ଅସୁବିଧା କିଛି ତାହାର ହୋଇଛି
ଏମନ୍ତ ଗୋଟି ପ୍ରକାର ।
ଅଦୂରରେ ରହି ବାଳା କାହିଁ ପାଇଁ
ଅଦ୍ୱିତୀୟ ମାତା କହେ,
ଅଭିଷ୍ଟ କୁମର କରିବ ଏଥର
କାହାର ଗରଭେ ଇଏ ?

(କ୍ରମଶଃ)

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ତୁମ ଗାଁ - ଆମ ଗାଁ



ଶିବ ନାରାୟଣ ଦାଶ

ମୋ ଗାଁ ଦିଗନ୍ତେ ସିନ୍ଦୂରା ଫାଟିଲେ ତୁମ ଗାଁ ସତେ ଦିଶେ,
ମୋ ଗାଁ ଆକାଶେ ସୂରୁଜ ଉଇଁଲେ ତୁମ ମୁହଁ ପୁଣି ହସେ ।
ଆମ୍ବତୋଟା ମାଳେ ମୋ'ରି ଗାଁ'ରେ କୋଇଲି ଡାକଇ ଯେବେ,
ଦୂର ତାଳବଣେ ତୁମରି ଗାଁ'ର କୁମ୍ଭାଟୁଆ ଗାଏ ତେବେ ।
ତୁମ ନିଦ ଆଖି ଅଳସ ଭାଙ୍ଗିବା ପାଇଁ,
ଆମ ଗ୍ରାମପଥେ କୁକୁଡ଼ା ଡାକଇ ଅବା କେବେ ରହି ରହି ।

ସଞ୍ଜ ନଏଁ ଯେବେ ଆମରି ଗାଁ'ର ନଡ଼ିଆ ବଣର ଫାଂକେ,
ଆଡରୁଷା ଜହ୍ନ ତୁମ ଅନ୍ଧାରୁଆ ଗୋହରୀରୁ ମୁଣ୍ଡ ଟେକେ ।
ଗାଈ-ଗୋଠ ଘେନି ଗାଈଆଳ ଛୁଆ ଆମ ଗାଁ ଦାଣ୍ଡେ ଫେରେ,
ଘରମୁହାଁ ହୋଇ ଚଢେଇର ମାଳ ତୁମ ତାଳବଣେ ହଜେ ।
ତୁମେ ଜାଳ ଯେବେ ସଞ୍ଜ ସଳିତା ଦୀପ,
ଆମ ଗାଁ ମନ୍ଦିରେ ଘଣ୍ଟା ବାଜଇ, ବାଜିଉଠୁଥାଏ ଶଙ୍ଖ ।

ଝାଞ୍ଜିପିଟା ଖରା ଗ୍ରୀଷମ ପ୍ରଭାହେ ମୋ ଗାଁ ଉଠିଲେ ତାତି,
ତୁମରି ଗାଁ'ର ନଈ-ନାଳ ସବୁ ଖରାଦିନେ ଯାଏ ଶୁଖି ।
ପଣସ ପାଚଇ ଦିଗ ଚହଟାଇ ଆମ ବାଡ଼ି ବଗିଚାରେ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୁମରି ଗାଁ'ର ତୋଟା ଗହଳିରେ ବେଲ, ଆମ୍ବ ପାଚି ଭରେ ।
ତୁମରି ଦେହକୁ କଂଟୁଥିଲେ ସ୍ୱେଦ ବାରି,
ମୋ ଗାଁ କୁଆଁରୀ ଲେପିଦେଉଥାଏ ଶୀତଳ ଚନ୍ଦନ ଘୋରି ।

ମୋ ଗାଁ ଆକାଶେ ବଉଦ ଢାଙ୍କିଲେ ଘଡଘଡି ମାରେ ଯେବେ,
ବିଜୁଳି ଆଲୁଏ ବରଷା ଗରଜି ତୁମ ଗାଁ ଦାଣ୍ଡ ଭିଜେ ।
କାଗଜର ଡ଼ଙ୍ଗା ପାଣିରେ ଭସାଇ ଦେଉଥାଏ ଯେବେ ମୁହିଁ,
ତୁମେ ଗାଉଥାଅ ବରଷା ରାଗିଣୀ କଳା ବାଦଲକୁ ଚାହିଁ ।
ତୁମ ଗୀତ ସାଥେ ତାଳ ମେଳିଦେବା ପାଇଁ,
ଆମରି ଗାଁ'ର ଝିଙ୍କାରି ଶୁଣାଏ ପବନରେ ସାଇଁ ସାଇଁ ।

ତୁମ ଆମ ଗାଁ ମଝିରେ ବହଇ ଭରା ବୈତରଣୀ ନଈ,
ଆମରି ଘାଟରେ ନାଆ ମେଲିଦେଲେ ତୁମ ଘାଟେ ଯାଏ ବହି ।
ସୁଲୁସୁଲୁ ବାଆ ଅଝାଳ ବାହଇ ଆମ ଘାଟେ ଧୀରେ ଧୀରେ,
ତୁମ ଘାଟେ ମାଝି ଆହୁଲା ମାରଇ ଧାରା ଶ୍ରାବଣର ସୁରେ ।
ତୁମ ଆଖି ତଳେ ଉଜାଣି ଯମୁନା ଆସି,
ଆମ ଗାଁ ମୁଲକ ବନ୍ୟା ଜଳରେ ଥଳକୂଳ ଯାଏ ଭାସି ।

ମୋ ଗାଁ ଶାରଦ ଆକାଶରେ ଯେବେ ପୁନେଇଁର ଜହ୍ନ ଉଠେ,
କାଶତଣ୍ଡୀ ବଣେ ତୁମରି ଗାଁ'ରେ ଜୋଛନା -ଜୁଆର ଛୁଟେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାନ୍ଦିନୀ ରାତିର ଜହ୍ନ ଆଲୁଅରେ ମୋ ଗାଁ  ପଡିଲେ ଶୋଇ,
ଆମରି ଅଗଣା ଦୁଆରେ ପଡଇ ତୁମ ଚାନ୍ଦ-ମୁହଁ ଛାଇ ।
ତୁମରି ଲାଜୁଆ ଆଖିର ଅକୁହା କଥା,
କିଛି ନ କହି ବି କହିଦେଉଥାଏ ହୃଦୟ ତଳର ବ୍ୟଥା ।

ଜାଙ୍ଗୁଲୁ ଜାଙ୍ଗୁଲୁ ରାତି ନ ପାହୁଣୁ ଆମ ଚଷାପୁଅ ଉଠେ,
ସାଙ୍ଗ ସାଥି ମେଳେ ତୁମ ଚଷା ଭାଇ ପାଚିଲା ଫସଲ କାଟେ ।
ମଗୁଶୀର ମାସ ଗୁରୁବାର ଓଷା ଆମ ଗାଁ ଘରେ ଘରେ,
କୁଳ ଭୂଆସୁଣୀ ତୁମରି ଗାଁ'ର ମୁରୁଜରେ ଚିତା ଆଂକେ ।
ତୁମେ ଯେବେ ଆଙ୍କ ଝୋଟିରେ ଲକ୍ଷୀମି ପାଦ,
ଆମ ଗାଁ ବୋହୁ ପଢୁଥାଏ ବସି ଶ୍ରୀୟା ଚଣ୍ଡାଳୁଣୀ ପାଠ ।

ମାଘ ମାସ ଶୀତ ବାଘ ପରି ଲାଗେ ମୋ ଗାଁ ଉଠଇ ଥରି,
କାଲୁଆ କୁହୁଡି ପୋଖରୀ ତୁଠରେ ତୁମ ଗାଁ ଯାଏ ଭରି ।
ଶୀତୁଆ ସଂଜରେ ମୋ ଗାଁ ପିଲାଏ ଦାଣ୍ଡରେ କରନ୍ତି ମେଳି,
ପୋଉଁଥାନ୍ତି ନିଆଁ ବୁଢା ବୁଢ଼ୀ ତୁମ ଗାଁ'ରେ ଉଂଭେଇ ଜାଳି ।
ତୁମେ ଯେବେ ରୁହ ଶୀତ ସକାଳକୁ ଚାହିଁ,
ମୋ ଗାଁ ନରମ କଅଁଳିଆ ଖରା ତୁମ ଦେହ ଯାଏ ଛୁଇଁ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବସନ୍ତ ଆସଇ, କୋଇଲି ଡାକଇ ଆମ ଗାଁ ତୋଟା ମାଳେ,
ମେଳଣ ଯାତରା ତୁମରି ଗାଁ'ରେ ଅବିରର ହୋରି ଖେଳେ ।
ଛନ ଛନ ଘନ କଅଁଳ ପତର ତରୁ-ଲତା ଆମ ଶୋଭେ,
ତୁମ ଗାଁ ପୋଖରୀ କଇଁ, ପଦୁଅଁରେ ଭାରି ମନଲୋଭା ଦିଶେ ।
ତୁମେ ଚାଲିଗଲେ ପାଦରେ ଅଳତା ଭରି,
ଶିମିଳିର ଫୁଲ ଆମରି ଗାଁ'ରେ ଲାଜରେ ପଡଇ ଝରି ।


ଗାଁ କଥା ଆଜି ମନେ ପଡେ ଭାରି ଗାଁ ଠାରୁ ଦୂରେ ଥାଇ,
ଯେବେ ବି ଜାଣିଛି ଗାଁକୁ ଫେରିଲେ ତୁମ ଦେଖା ହେବ ନାହିଁ ।
ତୁମେ ଅଛ କେଉଁ ସପନ ସହରେ, ମୁଁ ଅବା ରହିଛି କାହିଁ,
ଆମରି ଗାଁ'ର ମଧୁଭରା ଦିନ ହୃଦୟେ ରହିଛି ଜୀଇଁ ।
ତୁମେ ନାହଁ, ମୁଁ ଯେ ନାହିଁ,
ଦେଖାହେବ କେବେ ଗାଁ'ରେ ଆମରି ଦୁହେଁ ରହିଅଛେ ଚାହିଁ ।

ଅବସରପ୍ରାପ୍ତ ମହା ପ୍ରବନ୍ଧକ (ବିତ୍ତ)
ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍ - ନୂଆ ଦିଲ୍ଲୀ
ଇମେଲ୍ : dasshibanarayan61@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅମୃତ ସନ୍ତାନ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

(୧)

ଏ ଜୀବନ ଉଦୟର
କେଉଁ ଏକ ବିସ୍ମୃତ ସକାଳ
ମାଆର ମମତା-ମଧୁ ସ୍ୱପ୍ନ କୋଳାହଳ
ହଜିଗଲା ଇତିହାସ କେତେ
କ୍ଷୟ-କ୍ଲାନ୍ତ ଜୀବନରେ ଆଜି
ମନେପଡେ ମଧୁର ବେଦନାଭରା
ଅତୀତର ଅସୁମାରି ଦିଗହରା ପଥ,
ତଥାପି ପଥିକ ମୁଁ ଯେ
ଆଗେଚାଲେ ଧୀର ପଦପାତେ
ଖୋଜି ଖୋଜି ଜୀବନ ମହତ ।
ଲକ୍ଷର ଅରକ୍ଷ ଏକ ଭିକ୍ଷୁକ ମୁଁ
ଅବିନ୍ୟସ୍ତ ଅନେକ ଆହତ
ଆଲୋକରେ ଚାହେ ଭିଜିବାକୁ,
ହସର ଲୋତକେ ପୁଣି
ଉଷୁମାଇ ସମର୍ପିତ ଦେହ
ଉଦଣ୍ଡ ଆବେଗେ ଥରେ
ଅମୃତର ଗୀତ ଗାଇବାକୁ ।
କିନ୍ତୁ ଏବେ ତ ଉଜାଣି ବହେ
ଉଛୁଳା ମୋ' ଜୀବନ ଯମୁନା;
ଚିନ୍ତା ଆଉ ଚେତନାରେ ରୁନ୍ଧି ହୋଇଯାଏ
କେତେ ମଧୁ ବୃନ୍ଦାବନ ଗୋପ ଗୋପାଙ୍ଗନା !
ବେଦନା ବିଧୁର ପ୍ରାଣ
ପତିତର ପଙ୍କରେ ବିହରି
ଖୋଜେ ଆଜି ଆଶାୟୀ ମୁଁ
ଆତ୍ମାର ଆନନ୍ଦଘନ ଆଲୋକ ପରଶ,
ବେଦନା ଦିଅଇ ସିନା
ମୃତ୍ୟୁ ପଥେ ଅମୃତ ସନ୍ଦେଶ -
ଯନ୍ତ୍ରଣା ତ ଜୀବନର
ଅଭ୍ୟୁଦୟ ଆତ୍ମ-ପରକାଶ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(୨)

ମୁଁ ଅତୀତ ହଜିତ ଯାଇଛି କେତେ
ଅପନ୍ତରା ଉପାନ୍ତରେ
ସାଉଁଟିବାକୁ ସରାଗେ
ତିତିକ୍ଷାର ତିକ୍ତ ହୃଦୟକୁ
ମରୁର ମରୀଚିକାରେ ଭିଜାଇବି ବୋଲି
ତାପିତ ମୋ' ତୃଷିତ ଅନ୍ତର,
କେବେ ଅବା ଅବାନ୍ତର ବଡ଼ପଣେ
ଜୟଶୀଳ ଲୟହୀନ  ଗୀତ ଗାଇବାକୁ ସ
କୁମାରୀ କଦମ୍ବ ଆଜି ଆଉ ଫୁଟେ ନାହିଁ;
ସ୍ନାୟୁରେ କୀଟର ନୀଡ
ରୋମାଞ୍ଚର ବେଳ ଗଡିଯାଏ,
ମୁଁ ଏକା ନାଉରୀ ମୋର ଭଗ୍ନ ନାଆ
ଚମକି ମୁଁ ରହିଯାଏ କ୍ଷଣେ
ହାତର ଆହୁଲା ପୁଣି ହୁଗୁଳି ବି ଯାଏ,
ଏ କାହାର ପ୍ରତିବିମ୍ବ ଦେଖଇ ମୁଁ
ପାବନ ମୋ' ହୃଦୟର ଜଳେ !
ମୃତ ପୁଣି ଜୀଇଁ ଉଠେ ପୁଲକ ବିସ୍ମୟେ ।

(୩)

ବିଲୟର ଇତିହାସ
ମୋ' ଆଖିର ଅନ୍ଧପୋଟଳୀଟା
ଖୋଲିଦେଇ କହିଯାଏ ଅବା
ଆସକ୍ତି ତ କିଛିନୁହେଁ; ମାୟାର ମହକ,
ଦେହର ଆଗ୍ନେୟ ଲାଭା
ଏଠିସବୁ ରୂପ ପାଲଟିଛି
ଅରୂପରୁ ଅଙ୍କୁରି ଉଠିଛି
ଯେତେସବୁ ଗ୍ଲାନିର ଗୌରବ,
କାଳର କରାଳ ହାତ
କ୍ଷଣକେ ଲିଭାଇଦେବ ଏ ସମସ୍ତ
ଶିଶୁର ସିଲଟରେ ଲେଖା
'ଅ-ଆ' ଲିଭିଗଲା ପରି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(୪)

ମୋ' ଅନ୍ଧାର ଜଗତର ଜଗନ୍ନାଥ
ହଜିଗଲା ବଡଦାଣ୍ଡ ଶରଧା ବାଲିରେ,
ମୁଁ ପତିତ ପାଇବିକି ପାବନ ମୋ' ଆତ୍ମା
ଭିତରେ ନ ଖୋଜି ଖାଲି ଖୋଜି ଖୋଜି
ବାହାରେ ବାହାରେ ଯେତେ ସ୍ନେହ
ଶରଧାରେ !
ଆସକ୍ତି ମମତା ସ୍ନେହ
ସବୁ ଖାଲି ମନର ବିକାର,
ଦିଆ ନିଆ ପ୍ରୀତିର ପରାଣ
ବିଦ୍ରୋହର ଯେତେ ବଡ଼ପଣ
ସୌଜନ୍ୟର ମିଥ୍ୟା ଘୃଣ୍ୟଗନ୍ଧ
ଜୀବନକୁ ପଥଭ୍ରଷ୍ଟ କରି
କରିଦିଏ ଭୋଗେ ଓଜନିଆ
କରିଦିଏ ହୃଦୟ କଠିନ ।

(୫)

ଏଠିସବୁ ସ୍ୱାର୍ଥର ସଂଗୀତମାନେ
ମୁଖରିତ ଜୀବନର ଚର୍ଯ୍ୟାଗୀତି ଗାଇ,
ସୁଖ ଏଠି ବ୍ରୀଡ଼ାକରି ପୀଡାଦିଏ
ଜୀବନକୁ ଭ୍ରାନ୍ତି ଆଉ କ୍ଳାନ୍ତିରେ ଖେଳେଇ ।
ଅତୀତର ଅନେକ ଶ୍ରମସାଧନା
ଜୀବନ ବେଦର କେବେ
ଲେଖେନାହିଁ ଆତ୍ମଲେଖାଟିଏ
ଅବା କେବେ ମାନସପଟରେ
ଟାଣେନାହିଁ ଆଲୋକର ବର୍ଣରେଖାଟିଏ,
ଭାବିତବ୍ୟ ହା-ହା କାର କରେ
ଦେହର ଦହନେ ଏଠି ମରିବାକୁ ମାଟିରେ
ମିଳେଇ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

(୬)

ଜୀବନ ସାଗରେ ତେଣୁ କ୍ଳାନ୍ତିର ଢେଉମାନେ
ସମୟର ବାଲୁକାରେ ଢାଳିଦେଇ ପ୍ରୀତିର ସିକ୍ତ
ଚୁମ୍ବନ
ବିଦଗ୍ଧ ବିରହେ ପୁଣି
ଫେରିଯାନ୍ତି ମଥାପିଟି ଅତଳ ଗର୍ଭକୁ ଓ
ମୋ' ବେଳାରେ ଅଜସ୍ର ଅସଂଖ୍ୟ ଲୋକ
ଅଙ୍ଗନ୍ୟାସ ପାଇଁ ଭିଡ କରୁଥାନ୍ତି
ଅବିରାମ ଧାରଣା ଦିଅନ୍ତି
ବସିବାକୁ ହସିବାକୁ ଗୀତ ଗାଇବାକୁ
ଲୁଚି ଛପି ପ୍ରୀତି କରିବାକୁ
ରତିକ୍ଳାନ୍ତ ଦେହଟାକୁ ଲୋଟାଇ ଦେବାକୁ
ସୈକତର ଶୀତଳ ତନୁରେ ।
ଅଙ୍କ ଅକିଞ୍ଚନ ଏକ ସ୍ନେହର ଭିକାରୀ ମୁହିଁ
ଅଙ୍ଗରାଗ ଅନ୍ତରେ ନ ବାରି
ତଥାପି ତ ଚାହେ ଭିଜିବାକୁ
ବାରବାର ସ୍ନେହର ବାରିରେ,
ସ୍ନେହ ଏକ ଭିକ୍ଷା ହୃଦୟର
ବେଶୀ ଦେଇ ଅଳ୍ପ ପାଇବାର
ଆତ୍ମ ସନ୍ତୋଷରେ ।

(୭)

ଆତ୍ମାର ଆହ୍ୱାନ ପୁଣି ଶୁଣେ ଅନ୍ତରରୁ
କେତେ ଅନ୍ଧ ରଜନୀର
ଗର୍ଭ ବିଦାରଣ କରି ଆଲୋକ ଆସିଛି ଉଇଁ
ଦେବାପାଇଁ ପ୍ରେମ ଆଲିଙ୍ଗନ
ଉଷା ଅନ୍ତେ ସୁବର୍ଣ୍ଣ ସକାଳ
ଉଲ୍ଲସିତ ପ୍ରଭାଦୀପ୍ତ ମହିମା ମଣ୍ଡିତ
ଜୀବନର ଜାଗରଣ ଈଶ୍ୱର ଈକ୍ଷଣ ।
ଏବେ କି ହୋଇନି ବେଳ
ତୁମପାଇଁ ଉଠିବାକୁ ଚେଇଁ
ସଚକିତେ ଚେତନା ତତ୍ତ୍ୱରେ !
କେଉଁଯୁଗରୁ ତ ଚାଲିଗଲେଣି ସେମାନେ
ରାଜା ବାଦସାହମାନେ ଓ ପ୍ରେମିକ ଓମର
ଖୟମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେତେ ସାଧୁସନ୍ଥ କେତେ ଅସାଧୁ ବଣିକ,

ଜୀବନର ଆୟୁ ଯେତେ ବଢୁ

ଯେତେ ବଢୁ ଇତିହାସ ଭୋଗ ବିଳାସର

ଅଚେତନ ଜୀବନ ବଣିଜ ଅସତ୍ୟ କ୍ଷଣିକ,

ଭବେ ଭବ୍ୟ ଆତ୍ମାର ଉନ୍ମେଷ,

ଅନ୍ଧକାର ଏ ଜନ୍ମର ଏହିଠାରୁ ଏବେ ହେଉ

ଶେଷ ।

ହେ ଅଜ୍ଞାନ ଗତାୟୁ ଅତୀତ !

ପୁଣିଥରେ ମାତୃଗର୍ଭେ ରହି

ଭୋଗିବାକୁ ଚାହେନାହିଁ ଜନମ ଯନ୍ତ୍ରଣା,

ତେଣୁ ଆଜି ଆତ୍ମ ଦର୍ଶନର

କରୁଛି ମୁଁ ଅମୃତ ମନ୍ତ୍ରଣା

ପ୍ରକାଶର ବିକାଶର ସ୍ୱରୂପ ସତ୍ୟର;

ଆଲୋକର ସନ୍ଧାନୀ ମୁଁ

ସନ୍ତାନ ମୁଁ ଅଟେ ଅମୃତର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କହୁଛି କଥାଟେ ଶୁଣ



ଅମରନାଥ ବାରିକ

ବସନ୍ତ ଆମର ଭଲ ପିଲାଟିଏ
ପଢୁଥାଏ ନିତି ପାଠ
ନିଦରୁ ସଅଳ ଉଠିଯାଏ ସିଏ
କରେ ନାହିଁ କେବେ ମଠ ।

ସକାଳୁ ଗାଧୋଇ ପୂଜା ଭକତିରେ
ବାପାଙ୍କ ସାଙ୍ଗରେ ବସେ
ଫୁଲ ସଜା ଆଉ ଚନ୍ଦନ ଘୋରିବା
କରୁଥାଏ ସେ ହରଷେ ।

ରୋଷେଇ ଶାଳରେ ମାଆଙ୍କ ପାଖରେ
କରେ ଛୋଟ ଛୋଟ କାମ
ସନ୍ଧ୍ୟାବତୀ ଦେଲେ ଚଉଁରା ମୂଳରେ
ହାତ ଯୋଡ଼ି କରେ ନମଃ ।

ଦୁଷ୍ଟାମି ନଥାଏ ଅତି ସରଳିଆ
କହୁଥାଏ କୁନି କଥା
କରେ ସନମାନ ଗୁରୁଜନଙ୍କୁ ଯେ
ନଦିଏ କା' ମନେ ବ୍ୟଥା ।

ପାଉଥାନ୍ତି ଭଲ ସଭିଏଁ ତାହାକୁ
କରନ୍ତି କେତେ ଆଦର
କିଏ ହେବ ଆମ ବସନ୍ତ ପରିକା
ପିଲାଟି ଭାରି ଚତୁର ।

ହୁଅରେ ପିଲାଏ ବସନ୍ତ ଭଳିଆ
ଦୁନିଆରେ ହେବ ବଡ଼
ଖଳଠାରୁ ରୁହ ଦୂରେଇ ଜୀବନେ
ମନ୍ଦ କରମକୁ ତଡ଼ ।

କଯ୍ଡ଼ାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜିତିବି ମୁଁ



ହରେରାମ ପଣ୍ଡା

ଆଖି ଆଗେ ଅନନ୍ତ ସାଗର -
ଦୀଗନ୍ତ ବିସ୍ତାରୀ ନୀଳ ଜଳରାଶି ,
ଅନନ୍ତ ସାଗର ସାଥେ ଏକାକାର ସତେ ।

ଉଦ୍ ବେଳିତ ନୀଳ ବିଚିମାଳା
ମନେଭରି କିବା ଆଶା ବା ପ୍ରତ୍ୟାଶା ,
ନତୁବା କିଛି ଦୁର୍ବାର ପିପାସା ,
ମଥାପିଟେ ବେଳାଭୂମି ପରେ ।

ମୁଁ କିନ୍ତୁ ଅପରାଜିତ -
ଆଖିରେ ଇନ୍ଦ୍ରଧନୁର ଛଟା ,
ଅନନ୍ତ ସାଗର ଲଙ୍ଘି -
ଆକାଶକୁ ଛୁଇଁବାକୁ
ମନେ ମୋର ଦୁର୍ବାର ପିପାସା ।

ନ ରଖି ବିଷାଦ ଅବା ଅବସାଦ -
ଜୀବନର କାନ୍ ଭାସ୍ ପରେ
ଆଙ୍କିଯିବି -
ସଫଳ ଏକ ଜୀବନର ଛବି ।

ନିର୍ଭୀକ ମୁଁ -
ଶ୍ରେୟାଂଶ ମୁଁ -
ଜିତିବି ମୁଁ -
ହାରିବା ଯାର ଭାବନାରେ ନାହିଁ ।

କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ଆଳାପ - ୯୪୩୮୦୬୫୧୯୫ .

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟର ହୁଙ୍କାର



ସରୋଜିନୀ ମିଶ୍ର

ଜାଗ୍ରତ ହୁଅ
ସୁପ୍ତ ମାନବ
ସମୟ ଦିଏ ହୁଙ୍କାର
ଶୁଣିକି ପାରୁନ ତୁମେ
ଭାରତ ମାତାର
କରୁଣ ଚିତ୍କାର ?
ସ୍ୱାଧୀନତା
ଆଜି କ୍ରନ୍ଦନ ରତ
ନଗ୍ନ, ଲାଂଛିତ, ପୀଡିତ, ମୃତ
ସ୍ୱାଧୀନତାର ଅହଂକାର
ଚୁର୍ଣ୍ଣ ବିଚୁର୍ଣ୍ଣ
ସ୍ୱାଧୀନତାର ବିବଶତାରେ
ଜନନୀ ତୋ କରଇ ରୋଦନ ।

ନଗ୍ନ ମାନସିକତା
ବିକଟାଳ ବୁଭୁକ୍ଷତା
ଅବଚେତନାର ଅପରିପକ୍ୱତା
ଅନ୍ୟାୟ, ଅନୀତି
ଅତ୍ୟାଚାରର ଲେଲିହାନ ଶିଖା
ଧ୍ୱଂସ ସ୍ତୁପେ ପରିଣତ କଲା
ସମଗ୍ର ସମାଜ
ମୃତ ଆଜି
ସଂସ୍କାର ସଂସ୍କୃତି
ଅଶ୍ରୁର ଶ୍ରାବଣେ ବିଧୌତ
ମନୀଷୀ ଗଣ
ଜୀବନ ଅଛି
ନାହିଁ ପ୍ରାଣ
ମନୀଷୀଙ୍କ ଦୁଃଖରେ ଦୁଃଖିତ
ଜନନୀ ତୋ କରଇ ରୋଦନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଦ ଆଜି
ପିଇବାର ପାଣି
ଘରେ ଘରେ ଜାଳିଦିଏ
ଅଶାନ୍ତିର ବହ୍ନି
ଭଗ୍ନ ହୃଦୟ ନେଇ ସ୍ୱାଧୀନତା
କରଇ ବିଳାପ
ହେବେକି ଅବଳା ସତେ
ସଭିଙ୍କ ଭଗିନୀ ?
ପାଇବେକି ପୂର୍ଣ୍ଣ ସ୍ୱାଧୀନତା ?
ଗାନ୍ଧିଜୀଙ୍କ ରାମରାଜ୍ୟ
ହୋଇବକି ସତ୍ୟ ?
ଭାରତ ମାତାର ସ୍ୱର୍ଣ୍ଣିମ ଆକାଶେ
ଉଇଁବେକି ନୂତନ ସୂରୁଜ ?
ଦୁଃଖିନୀର ଦୁଃଖରେ ଅଧିରା
ଜନନୀ ତୋ କରଇ ରୋଦନ ।

ମାନବିକତା ଆଜି
ମୃତ୍ୟୁର ଗହ୍ୱରେ
ପୁତ୍ରମୋହେ କନ୍ୟା ଭ୍ରୂଣ
ଶୋଇଯାଏ ମାତାର ଗର୍ଭରେ
ସ୍ୱପ୍ନହୁଏ ନବ ସୂର୍ଯ୍ୟାଲୋକ
ନର ପିଶାଚଙ୍କ ଦୌରାତ୍ମ୍ୟରେ
ଅକାଳରେ ବୃନ୍ତଚ୍ୟୁତ
ଅଫୁଟା କଳିକା
ନବ ବିବାହିତା ଜଳେ
ଯୌତୁକ ଯୁଇରେ
ଗଣତନ୍ତ୍ର ପରିଣତ
'ମୁଁ ' 'ମୋ ' ତନ୍ତ୍ରରେ
ଗରୀବର ପେଟପୁରେ
ଆମ୍ବ କୋଇଲିରେ
ବୃଦ୍ଧ ବୃଦ୍ଧାଙ୍କ ମନ୍ଦିର
ହେଲା ଜରାଶ୍ରମ
ଅସହ୍ୟ ହୋଇଲା ଦୁଃଖ
ଜନନୀ ତୋ କରଇ ରୋଦନ
ଜନନୀ ତୋ କରଇ ରୋଦନ
ଜନନୀ ତୋ କରଇ ରୋଦନ ।

ଆଲୋକ ନଗର, ଆମ୍ବପୁଆ, ବ୍ରହ୍ମପୁର, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାପୁଡ଼ା ବାଜିବ ଗାଲରେ



ଜୟନ୍ତ କୁମାର ମଲ୍ଲିକ

ହରିହର ବାବୁ ବଜାରକୁ ଯାଇ
ନୂଆ ମୋବାଇଲ କିଣିଲେ
ଆଜିକା ରେଏଟ ଜାଣିତ ନ ଥିଲେ
ପକେଟରୁ ନୋଟ ଗଣିଲେ ।

ଫେସବୁକ ଖୋଲି ଚାଟିଙ୍ଗି କରିବେ
ଥିଲେ ସିଏ ଏଇ ଆଶାରେ
ନୂଆ ନୂଆ ତାଙ୍କୁ ଭଲ ତ ଲାଗିଲା
ପଡ଼ିଗଲେ ଝିଅ ଫସାରେ ।

ଚାଟିଙ୍ଗି କରିଲେ ବୁଢ଼ୀକୁ ଲୁଚେଇ
ଉଜାଗର ହୋଇ ରାତିରେ
ଖାଇବା ପିଇବା ସବୁ ଭୁଲିଗଲେ
ମୋବାଇଲ ଥିଲେ ସାଥିରେ ।

ଧିରେ ଧିରେ ବୁଢ଼ୀ ସନ୍ଦେହ ବଢ଼ିଲା
ବୁଢ଼ାକି ରାତିରେ ଶୋଉନି
ମୋବାଇଲ ହାତେ ଆସିବା ଦିନଠୁ
ମୋ ସାଥେ ଗେହ୍ଲେଇ ହଉନି ।

ସେଦିନ ଚାଟିଙ୍ଗ କରୁ କରୁ ବୁଢ଼ା
ପଡିଗଲା ବୁଢ଼ୀ ପାଲରେ
ବୁଢ଼ୀ କହେ ତୁମେ ଏମିତି କରୁଛ
ଚାପୁଡ଼ା ବସିବ ଗାଲରେ ।

ଏହି ବୟସରେ ଏମିତି ହଉଛ
ଏକଥା କାହାକୁ କହିବି
ଆଉ ଦିନେ ଯଦି ଏପରି କରିବ
ବାପ ଘରେ ଯାଇ ରହିବି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁଙ୍କୁ ନ ମଣିବ ନର



ରାମଚନ୍ଦ୍ର ପ୍ରଧାନ

ଗୁରୁଙ୍କୁ ନ ମଣିବ ନର
ଗୁରୁ ହିଁ ଜୀବନ୍ତ ଠାକୁର ।
ଗୁରୁଙ୍କ ଠାରୁ ଲଭି ଶିକ୍ଷା
କରନାହିଁ କେବେ ଉପେକ୍ଷା ।
ଗୁରୁଙ୍କ ନାମ ତୁଣ୍ଡେ ଧରି
ପଙ୍ଗୁ ବି ପାରେ ଲଙ୍ଘି ଗିରି ।
ଗୁରୁଦେବଙ୍କ କୃପା ବଳେ
ସବୁ ସମ୍ଭବ ମହି ତଳେ ।
ଭକତି ଚିତ୍ତେ କଲେ ଧ୍ୟାନ
ଅଜ୍ଞାନୀ ପାଏ ଦିବ୍ୟଜ୍ଞାନ ।

ଗୁରୁ ପରା ବିଦ୍ୟା ଅମାର
ଆଦର୍ଶର ପୁଣ୍ୟ ମନ୍ଦିର ।
ଗୁରୁ ଅଟନ୍ତି ବିଦ୍ୟାଦାତା
ସର୍ବତ୍ର ଥାଏ ତାଙ୍କ ସତ୍ତା ।
ବିନମ୍ରେ ଯୋଡ଼ି ବେନି ହାତ
ଗୁରୁ ଚରଣେ ପ୍ରଣିପାତ ।
ଗୁରୁ ଥିଲେ ମିଳେ କରୁଣା
ଗୁରୁ ନ ଥିଲେ ବାଟବଣା ।
ହେ ଗୁରୁ ପରମ ଈଶ୍ୱର
ଘେନ ବାରେ ମୋ ନମସ୍କାର ।

ରାମ ଚନ୍ଦ୍ର ପ୍ରଧାନ, ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୬୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବ୍ୟକ୍ତ



ପ୍ରତିମା ମେହେର

ଏମିତି ହଜିଯିବ କାଳ କାଳକୁ ଜୀବନଟିଏ

ସମୟ ସୁଅରେ, ପୁଣି, ସ୍ୱଚ୍ଛ ହୃଦୟଟିଏ

ବେନାମ ଗଳିର ଅନ୍ଧାରୁଆ ଜାଗାରେ

ଜଳିଯିବ ବୟସ  ନିଃଶବ୍ଦରେ

ତଥାକଥିତ ଶବ୍ଦର ପ୍ରହାରରେ ମରିଯିବ ମାନବତ୍ୱ

ତାଳି କରତାଳି ବଦଳରେ ମିଳିବ

ଉପହାର -ନାମ ହେବ ବଦନାମ

ନିଛାଟିଆ ବଣ ଜଙ୍ଗଲରେ  ବଳିପଡ଼ିବ ମାତୃତ୍ୱ

ଆବାହକ, ଆବାହନ, ସ୍ଲୋଗାନ୍ କାଳାନ୍ତରେ ମିଳେଇଯିବ

ଗଳି କନ୍ଦିର କର୍ଦ୍ଦମାକ୍ତ ଧୂଳି ଧୂସରିତ ସନ୍ଧ୍ୟାରେ

କେତେ ଦୂରେ ସଫଳତା

ଆକାଶର ଦୂରତାରେ ଅବା ସାଗରର ଗଭୀରତାରେ

ଖୋଜୁଥିବ ବସି ଭାବୁକ ମନ

ଆଙ୍କିବ କ'ଣ ଭାବନାର କାନଭାସରେ

ବହିଷ୍କୃତ ବୃଦ୍ଧାବସ୍ଥା, ନିଷ୍ପେସିତ କନ୍ୟା,

ଉପାଧିଯୁକ୍ତ ବେକାର ଯୁବକ ଅଥବା ରାଜ୍ୟ ସମାଚାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଣୁଥିବ ଅବାନ୍ତର ଭାବନା

ଅନ୍ତର ଟା ଜଳିପୋଡି ଛାରଖାର

ମିଳିବନି ସମାଧାନର ପନ୍ଥା

ବୁକୁ ଫଟା ଚିତ୍କାର, କେତେ ଫୁଲର ଅଧୂରା ବାସ୍ନା

ରହିଯିବ ଅବ୍ୟକ୍ତ, ଅକୁହା

ଚିରଦିନ ଚିରକାଳ

ପ୍ରତିମା ମେହେର, ପାଟଣାଗଡ଼

ଜି. ବଲାଙ୍ଗିର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଥମ ପ୍ରେମ



ଦୀନବଂଧୁ ବେଜ

କୈଶରରୁ ଶ୍ମଶ୍ରୁ ଗଜୁରିବାର
ଠିକ ପୂର୍ବରୁ ଝଡ଼ଟିଏ
ମୋ ମନର ଫାଟକକୁ
ଠକଠକ କରିଥିଲା.......
ବନ୍ଧାକୋବି କିଆରୀର
ହିଡ଼ମୁଣ୍ଡରେ ବସି
ପଢୁଥିବା ମୋ ଶରୀରକୁ .... ।
ନିବେଦନ କରିଥିଲା
ମୋ ପ୍ରେୟସୀର ଅପରୂପ
ମୋ ପ୍ରଥମ ପ୍ରେମ ......
ପ୍ରେମ ପାଠର ଦୁର୍ବଳ ଶିକ୍ଷାର୍ଥୀ
ବିନା ସାଧନରେ
ବିନା ମାଟିଗୋଡି ରେ
ବିନା ପାଣି ପବନରେ
ଗଢ଼ିଥିଲା ପ୍ରେମର କୋଣାର୍କ ।

ଛାତିର ବିନା ଯୁ ରେ
ଶରୀର ବିନା ବଳରେ
ମନର ସମର୍ଥନ ବଳ
ଶିହରଣ ଖେଳାଇ ଥିଲା
ଶରୀରର ଅଷ୍ଟଅଙ୍ଗ ପ୍ରତ୍ୟେଙ୍ଗକୁ ।
ବିଭିଷିକା ଘଟିଥିଲା
ଶୁଷ୍କ ମରୁଭୂମି ବାଲିଝଡ଼ ପରି
ତଥାପି ଲାଚାର ଥିଲି ମୁଁ
କାହିଁକିନା ହାତଠାରା ଡାକ
ମତେ ମୁଗ୍ଧ କରିଥିଲା
ଶୁଷ୍କ ତରୁରେ ପ୍ରାଣ ସଂଚରଣ
ସହ ଅନାବୃଷ୍ଟି ଇଲାକାରେ
ପ୍ଲାବନ ଖେଳାଇ ଥିଲା
ମୋ ପାଇଁ ମୋ ପ୍ରଥମ ପ୍ରେମ ।

ଏମଭି-୧୯, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭିଡ଼ ଭିତରେ ହଜିଗଲା



ସୁଦିପ୍ତା ବେହେରା

ସେଇ ନିଷ୍ପାପ ଜୀବନଟା
ଦଳିଚକଟି ପାଦରେ
ମଛି ହୋଇଗଲା କେଇ ମୁହୂର୍ତ୍ତରେ
ହୋ ହାଲ୍ଲା ତ ବହୁତ ହେଲା
ଥାନା, ମିଡିଆ, ଖବର କାଗଜ
ସବୁଠି.. ସବୁଠି...

ଚିରା ହୃଦୟର ଚିତ୍ର
କ୍ଷତାକ୍ତ ଆତ୍ମାର ସଦଗତିର ଦାବି ପତ୍ର
ଅପରାଧୀ ବି ହାତ ମୁଠାରେ
ବାନ୍ଧିଲେ ରହିବ.....

ଆଉ ଖସାଇଲେ ଖସି ଯିବ
ଦେଖାଣିଆ ଫେସନ୍ ସୋ ପରି
ନ୍ୟାୟର ନାରୀ ମୂର୍ତ୍ତୀ
ଆଖିରେ କଳା କନା ବାନ୍ଧି
ମୁହଁ ବୁଲେଇ ଦେଇଥିଲେ
ନିକିତି ଧରିଥିବା ହାତକୁ ପଛକୁ କରି
ଆଇନ୍ ର ବହି ସବୁ ଓଲଟି
ଓଲଟା ପୃଷ୍ଠା ସବୁ ଓଲଟୁ ଥିଲା....

ବିଡ଼ା ବିଡ଼ା ନୋଟର ଧାସରେ
ଆଉ ନ୍ୟାୟ ଖୋଜୁଥିବା ଆଖି
ଧୀରେ ଧୀରେ ନଇଁ ଆସୁଥିଲା
ଭିଡ ଭିତରୁ....

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରିୟାର ଓଢ଼ଣୀ



ବୀରକିଶୋର
ନାୟକ

ପ୍ରିୟାର ଓଢଣୀ ସଂସ୍କୃତି ବଞ୍ଚାଇ
ସଜାଏ ଯେ ଓଡ଼ିଆଣୀ,
ଓଡ଼ିଆ ଜାତିର ଗରବ ଏଇତ
ବଞ୍ଚାଇଛି ସିମନ୍ତିନୀ ।
ଲଜ୍ଜାବତୀ ସିଏ ପ୍ରୀତିମୟୀ ସିଏ
ମଧୁର କଅଁଳ ଭାଷ,
ଓଢଣା ଫାଙ୍କରେ ଚୋରା ଚାହାଣିରେ
ଢାଳିଦିଏ ପ୍ରୀତି ରସ ।
ପ୍ରିୟା ମୋ ସୁନ୍ଦର ହସିଦିଏ ଯେବେ
ସରୁ ଓଢଣାର ଧାରେ,
କେତେ ଯେ ମମତା ଝରିପଡ଼େ ସତେ
ସାଇତା ତା ହୃଦୟରେ ।

ଗଢିଛି ବିଧାତା ନାରୀକୁ ଜଗତେ
ଭରିଛି ଦେହେ ତା ଯାଦୁ,
ସମ୍ମୋହନେ ସିଏ ପରକୁ ଆପଣା
କରେ ତ୍ୟାଗ କରି ସବୁ ।
ଯେତେ ଦେଖିଲେ ବି ମନ ପୁରେ ନାହିଁ
ଲିଭେନି ପ୍ରୀତିର ନିଆଁ,
ଓଢଣା ତଳେ ସେ ଆହୁରି ସୁନ୍ଦର
ଲାଗେ ସଦା ନୂଆ ନୂଆ ।
ବାହା ବେଦୀ ପରେ ଓଢଣା ଭିତରେ
ପାଇଲି ଯେବେ ପରଶ,
କଉଡ଼ି ଖେଳରେ ପ୍ରୀତି ଭରିଥିଲା
ମନେ ଭରି ନୂଆ ବାସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରିୟା ର ଓଢଣୀ ଦେହେ ଭରିଦିଏ
 ପିପାସିତ ତାରୁଣ୍ୟତା,
ଆନମନା ହୁଏ ନୀରବିତ ମନ
 ସ୍ପର୍ଶ ପାଇଁ ବ୍ୟାକୁଳତା ।
ଗଭୀର ପ୍ରଣୟ ଭରି ରହିଥାଏ
 ପ୍ରିୟାର ଓଢଣୀ ତଳେ,
ନଥାଏ ବିରହ ପ୍ରୀତି ଆସ୍ୱାଦନେ
 ଅଧୀର କାମନା ଜଳେ ।
ମୋ ପ୍ରିୟା ଓଢଣୀ ସ୍ୱାଭିମାନ ତାର
 ପରିଚୟ ବିବାହିତା,
ପାପ ନୟନରେ ଚାହିଁବେନି କେହି
 ଅନ୍ୟର ସେ ବାଗଦତ୍ତା ।
ପ୍ରିୟାର ଓଢ଼ଣୀ ଖସିଯାଏ ଯେବେ
 ଜିଭ ସେ କାମୁଡି ଦିଏ,
ଦେଖିଦେଲେ କେହି ଲଜ୍ଜା ଅବନତେ
 ଓଢଣାକୁ ଢାଙ୍କିଦିଏ ।

ଖଣ୍ଡବନ୍ଧ, ଢେଙ୍କାନାଳ ।
ଫୋନ : ୮୮୪୭୮୪୨୨୯୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫର୍ଦ୍ଦ



ପୁଷ୍ପାଞ୍ଜଳୀ ପଣ୍ଡା

ଅତୀତ ପୃଷ୍ଠାର
ଫର୍ଦ୍ଦଟିଏ ତମେ
ନିହାତି ନିଜର ମୋର ।।

ଚାରି ଭାଙ୍ଗ ଦେଇ
ହୃଦୟ ଭିତରେ
ସାଇତିଛି କରି ଘର ।।

ଘରଠୁ ବାହାର
ହୋଇଲେ ଲାଗୁଛି
ସ୍ପନ୍ଦନ ହୀନ ଏ ପ୍ରାଣ ।।

ତମେ ଅଛ ବୋଲି
ଉତାରୁଛି ଖାଲି
ଆୟୁଷର ଆସ୍ତରଣ ।।

ଜୀବନ ରାସ୍ତାରେ
ଆଗେଇ ଚାଲିଛ
ଅତୀତକୁ ପଛକରି ।।

ହେଲେ ଯେବେ ଯିବି
ମଶାଣି ଭୂଇଁ କୁ
(ସେ )ଶେଷ ଫର୍ଦ୍ଦ ଥିବି ଧରି ।।।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିର୍ଦ୍ଦୟୀ ମାନବ



ସୁରେଶ ଚନ୍ଦ୍ର
ପାଢ଼ୀ

ବେଙ୍ଗ କହେ ବେଙ୍ଗୁଲିକୁ ଅମୁଲ୍ୟ ଆମ ଜୀବନ,
ହେଲେ ମଣିଷ ଆଜି ଏତେ ନିରଦୟି
କରିଦିଏ କେତେ ଜୀବଙ୍କୁ ନିଧନ ।
ପାଣିରେ ମାଛ କେତେ ଶରଧାରେ ଖେଳୁଥାଏ,
ପୁଣି ନାରାୟଣଙ୍କ ପ୍ରଥମ ଅବତାର ମାଛ ରୂପ ଇଏ ।
ମଣିଷ ମାଛକୁ ଆଜି କରିଛି ନିଜ ଆହାର,
ମାଛକୁ ଛଟପଟ କରି ମାରିଦିଏ
ମେଣ୍ଟାଇବା ଆଶେ  କ୍ଷୁଧାକୁ ତାର ।
ଛେଳିଟିଏ ମେ ମେ କହି ନୀତି ଘାସ ପତ୍ରକୁ ଖାଇ ବୁଲେ,
ସାଥି ସାଙ୍ଗ ମେଳେ ଚରିବାକୁ ଯାଇ ଖୁସିରେ ଖେଳେ ।
ସେହି ଛେଳି ମାଂସ ଖାଇବା ଲୋଭରେ ମଣିଷ ତାର ଘାତକ ସାଜେ,
ଚିତ୍କାର କରୁଥାଏ ସେ ଯେବେ ନିର୍ଦ୍ଦୟୀ ମଣିଷର କାତିର ଚୋଟ ତା ବେକରେ ବାଜେ ।
କେତେ ଜଙ୍ଗଲି ଜନ୍ତୁ ଆଜି ଦେଖିବାକୁ ସପନ ଲାଗନ୍ତି,
ନିର୍ଦ୍ଦୟୀ ମଣିଷ ଶିକାର କରି କେତେ
କେତେ ଅମୁଲ୍ୟ ଜୀବନକୁ ନିଅନ୍ତି ।
ପକ୍ଷୀଗଣ ସବୁ ଦିନ ମୁକ୍ତ ଆକାଶରେ ବୁଲନ୍ତି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଜ ସ୍ୱର ନିଜ ରୂପରେ ସବୁରି ମନକୁ ଖୁସି ଭରନ୍ତି ।

କେତେ ନିର୍ଦ୍ଦୟୀ ମାନବ ପକ୍ଷୀକୁ ଶିକାର କରି ମାରି ଦିଅନ୍ତି,

କେବେ ଜାଲ ପକାଇ କେବେ ପୁଣି ବାଟୁଳୀ ମାରି ନିରୀହ ଜୀବନ ନିଅନ୍ତି ।

ଈଶ୍ୱର ସଭିଙ୍କୁ ନେଇ ସୃଷ୍ଟି ନିର୍ମାଣ କରିଛନ୍ତି,

କିନ୍ତୁ ନିର୍ଦ୍ଦୟୀ ମାନବ ଈଶ୍ୱରଙ୍କ ସୃଷ୍ଟିକୁ  ବିନାଶ କରି ଜାଣେନା କି ସୁଖ ପାଉଛନ୍ତି ।

ନିଜ ସ୍ୱାର୍ଥକୁ ପୂରଣ କରିବାକୁ ମଣିଷ ଆଜି ନିର୍ଦ୍ଦୟ ସାଜିଛି,

କେତେ ଜୀବନକୁ ନେଇ ଦୟା କ୍ଷମା ଗୁଣ କୁ ହରାଇ ଦେଇଛି ।

ଛାଡ଼ ଖାଇ ନାମେ ପଶୁ ପକ୍ଷୀଙ୍କୁ ମାରି ଖାଉଛି,

ଜୀବନ ଯଦି କାହାକୁ ଦେଇ ନ ପାରିବ କାହିଁକି ସେ ନିରୀହ ଜୀବନ ନେଉଛି ।

କେବେ ମଣିଷ ତାର ନିର୍ଦ୍ଦୟତା ଛାଡିବ ,

ପୁଣି କେବେ ନିରୀହ ଜୀବ ଜନ୍ତୁଙ୍କୁ ସେ ସୁରକ୍ଷା ଦେବ ।

ବୁଗୁଡ଼ା, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପଥର ପଡ଼ିଲେ ସହି



ମନୋରଞ୍ଜନ ସୁରୁଜାଳ

ଅଳିକ ସଂସାର ଜୀବନ ଜଞ୍ଜାଳ
ମାୟା ଜୀବ ହୁଏ ଛନ୍ଦି,
ଜଗିଛି ଶମନ ବାଟେ ବାୟା ମନ
ମିଛରେ ହଉଛୁ ଧନ୍ଦି ।
କେଉଁ କାର୍ଯ୍ୟ ପାଇଁ ଶିରେ ଆଜ୍ଞା ବହି
ଧାଇଁ ଗଲୁ ମର ପୁରୀ,
ମାତା ପିତା ଭ୍ରାତା ପୁତ୍ର ଦାରା ସୁତା
ଖେଳୁଛୁ ଅମନ ପୁରୀ ।
ଭାଗ୍ୟ ଡୋର ଧରି ଆସିଛୁ ଏଇଠି
ଭୁଞ୍ଜୁ ଫଳ କର୍ମ ଜାଣି,
ତୁଚ୍ଛା ରେ ଦଇବ ନିନ୍ଦା ଦଉ ସିନା
କଟାକ୍ଷ ପଦରେ ହାଣି ।

ସୃଷ୍ଟି ର ରହସ୍ୟ ଗହନ ବିଷୟ
ଭେଦିବା ନୁହେଁ ସହଜ,
ଏକା ଥକା ମନ ଠକି ଯାଉ କିଆଁ
ଲାଗେ ସଂସାର ମଉଜ ।
ହଂସ ସମସରି ପିଣ୍ଡ ଗୋଟି ପାରି
ସାଂସାରି ପୋଖରୀ ଜଳ,
ବୁଡି ଯିବୁ ମାତ୍ର ନ ଲାଗିବ ଲେସ
କାଟିବୁ ମନ ଜଞ୍ଜାଳ ।
ହରି ଆଶ୍ରେ କରି ଭବ ଜଳ ପାରି
ବିଭୁ ନାମ ଗାଇ ଗାଇ,
ଭାଗ୍ୟ ଲେଖା ବୋଲି କରିଯା କରମ
ପଥର ପଡିଲେ ସହି ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମର ମହକ



ସରୋଜ କୁମାର ସାହୁ

ମନେପଡେ ଭାରି ତୁମକଥା ପ୍ରିୟା
ଆକାଶେ ଦିଶିଲେ ଜହ୍ନ
ଧିରେଧିରେ କରି ହୁଅଇ ଅଧିର
ଛାତିତଳେ ଥିବା ମନ ।

କ୍ଷଣିକେ ଭାଙ୍ଗିଣ ମନ ନିରବତା
ଗୁଣୁଗୁଣୁ ଗାଏ ଗୀତ
ଛୁଟିଆସେ ପାଶେ ପ୍ରେମର ମହକ
ମିଛ ନୁହେଁ ଲାଗେ ସତ ।

ସବୁ ଋତୁ ଲାଗେ ପ୍ରେମଋତୁ ପରି
ଅମାନିଆ ହୋଇ ପାଶେ
ଦେଖି ନୀରବରେ ତୁମ ରୂପକାନ୍ତି
ଚୁପିଚୁପି ଓଠ ହସେ ।

ଆଠଗଡ଼ ,କଟକ
୯୩୪୮୪୭୫୨୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରସୁଣ ବଜାଏ ବାଜଣା



ଅଲେଖ ମେହେର

ଚନ୍ଦନ ସୁବାସ ତୁଲରେ  ହେବାକୁ ସମତୁଲ,
ରସୁଣ ବଜାଏ ବାଜଣା ଶଙ୍ଖ ଘଣ୍ଟ ମାର୍ଦ୍ଦଳ ।
ଶୁଭ୍ର ପରିଚ୍ଛଦ ଶରୀର ବିକ୍ଷଣେ  ମନୋହର,
ଗରବରେ ଶିର ଉଠାଇ  ମାରେ ଘୋର ଟଙ୍କାର ।
ଆପଣେ ବିଚାରେ ସୁଗନ୍ଧ ରାଇଜର ସେ ରାଜା,
ଗଳସ୍ତନେ ଦୁଧ ଭରିଛି ସତେ ଆଜ କି ଅଜା ।
କାଚ କି ସାଜିବ ମର୍କତମଣି ହେଲେ ସଜେଇ,
ଶୁଭ୍ରାପାଙ୍ଗୀ ଗଳେ ଜତନେ ଯେତେ ହେଲେ ସଜେଇ  ।
ଅସନ ସାଥିରେ ଶିମୁଳି  ଯେବେ କରେ ବଡାଇ ,
ପରିହାସ ସିନା ଲଭଇ କଣ୍ଟା କାୟା ଦେଖାଇ ।
ରାସଭ ଧାମଇ ବେଗରେ  ତୁରଙ୍ଗକୁ ହରାଇ,
ସଂସାର ପୃଷ୍ଠରେ କି ଅବା କେବେ ଦେଖିଛ  ଭାଇ  ?
ମାନମହତକୁ ଚୂଲିରେ  ଜାଳେଣୀ କରି ହସେ,
ବକ୍ତ୍ରରେ ପଡିଲେ ବାସଇ ପୁତିଗନ୍ଧମୟ ସେ ।
ଅହିନକୁଳର ସମ୍ପର୍କ ହୃଦ ପଟଳେ ଭରି ,
ମଣିଛି ନିମିଷ ମାତ୍ରକେ  ଦେବି ବିନାଶ  କରି ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଶୀତଳ ସ୍ୱରସେ ଯାହାର ମନେ ଆସଇ ଶାନ୍ତି,

ମିଛ ପ୍ରଗଳଭ ବଚ କି ତାରେ ସ୍ପର୍ଶ କରନ୍ତି ।

ନିଦାଘର ଅନ୍ତ ଘଟାଇ ଆସେ ବରଷା କାଳ,

ଉର୍ବୀ ପୃଷ୍ଠେ ସିନା ବୁହାଇ ପାରେ ସୁଧା କଲ୍ଲୋଳ ।

ଶିଶିର ବିନାଶ ଘଟାଇ ରାଜେ କୁସୁମାକର ,

ପ୍ରସୂନେ ଭରଇ କାନନ ଲାଗେ ସରଗପୁର ।

ଟୀକା- ଅସନ- ବୃକ୍ଷବିଶେଷ, ଅଜା-ଛେଳି, ରାସଭ- ଗଧ, ତୁରଙ୍ଗ- ଘୋଡା, ବକ୍ତ୍ର- ମୁଖ, ଉର୍ବୀ-ପୃଥିବୀ ପ୍ରସୂନ-ଫୁଲ ।

ସୋହେଲା ବରଗଡ
ମୋ-୬୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳା କରମର ଫଳ



ଶାନ୍ତନୁ କୁମାର ରାଉତ

ଦି ଦିନର ଏଇ ଜୀବନ ଭିତରେ
ଅଭିନୟ କାଳ ବଳ
କାଲି ଜାର ଥିଲା ଅସରନ୍ତି ଖୁସି
ଆଜି ଅଶାନ୍ତି ଘେରେ କେବଳ !!

ସମୟ ଚାଲିଛି ତା ନିଜ ବାଟରେ
କେବେ ଲୁହ କେବେ ହସ
କାଲି ଯାର ଥିଲା ଐଶର୍ଯ୍ୟ ବିଳାସ
ଆଜି ସାଜେ କ୍ରୀତଦାସ !!

ଯୌବନ ସମୟେ କେତେ ଗର୍ବ ଥିଲା
ହାଣି ମାରିବାର ବଳ
ଶେଷ ସମୟରେ କିଛିତ ରହେନି
ହରିନାମ ଟି କେବଳ !!

ବାଆ କୁ ବତାସ ବୃକ୍ଷ ତଳ ଛାୟା
ନୁହଁ କେବେ ଚିରସ୍ଥାୟୀ
ଜୀବନର ଯୁଦ୍ଧ ତା ହାତ ମୁଠାରେ
କିଏ ବା ହବ ବିଜୟୀ !!

କି ସୁନ୍ଦର ଥିଲା ଏ ଚେହେରା ମୋର
ଆଜି ପୂଜ ପୋକ ହଳ ହଳ
ବୁଝୁଛି ମୁଁ ଆଜି ଏ ଅବସ୍ଥା ପାଇଁ
ମୋ କଳା କରମର ଫଳ !!

ପାରିବାର ପଣ କାହାର ରହିନି
ହାରି ଯିବା ଗୋଟେ ଦିନ
ସୁକର୍ମ ଯାହାର ସୁଖେ ଦିନ ଯିବ
କୁକର୍ମର ହୀନିମାନ !!

ପାଟରଙ୍ଗା,ନୂଆସାହି,ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବି ଓ କବିତା



ନିରଞ୍ଜନ ସାହୁ

କବି ଓ କବିତା ଭିତରେ ସମ୍ପର୍କ
ଭକ୍ତ ଭଗବାନ ପରି
ନିମିଷେ ଅନ୍ତର ହୋଇଲେ ଉଭୟେ
ହୋଇଥାନ୍ତି ସଦା ଝୁରି ।

କବି ଭାବନାରେ କବିତା ସାଜଇ
ଅନୁପମା ରାଜଜେମା
ସେ କବିତା ପୁଣି ରୂପ ବଦଳାଇ
ସାଜେ ପରମାଣୁ ବୋମା
କବି ଚେତନାରେ କବିତା ପାଲଟେ
ଦିବ୍ୟ ସପନ ସୁନ୍ଦରୀ ।

କବିତା ଆଣଇ କବି ପାଇଁ ଯଶ
କବି ହୁଏ ପ୍ରତିଷ୍ଠିତ
କବି ଯେ ବଢ଼ାଏ କବିତାର ମାନ
ସୁଷମାରେ ବିମଣ୍ଡିତ
କବି ଓ କବିତା ପରିପୁରକ ଯେ
ପାରିବନି ଭିନ୍ନ କରି ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷ



ସତ୍ୟ ନାରାୟଣ ମିଶ୍ର

ସବୁ ହସର ଶେଷ ଫଗୁଣ ନୁହେଁ
ସବୁ ଲୁହର ଶେଷ ଶ୍ରାବଣ ନୁହେଁ
ସବୁ ବାଟର ଶେଷ ନମ୍ବର ନୁହେଁ
ସବୁ ପ୍ରେମର ଶେଷ ସିନ୍ଦୁର ନୁହେଁ
ସବୁ ଭୋଗର ଶେଷ ଜୀବନ ନୁହେଁ
ସବୁ ରୋଗର ଶେଷ ମରଣ ନୁହେଁ
ସବୁ ମୃତ୍ୟୁର ଶେଷ ଶ୍ମଶାନ ନୁହେଁ
ସବୁ ଋତୁର ଶେଷ ଗରମ ନୁହେଁ
ସବୁ ନଦୀର ଶେଷ ମୁହାଁଣ ନୁହେଁ
ସବୁ ଅକ୍ଷରର ଶେଷ ବିରାମ ନୁହେଁ
ସବୁ ଖେଳର ଶେଷ ବିଜୟ ନୁହେଁ
ସବୁ ଆରମ୍ଭର ଶେଷ ପ୍ରଳୟ ନୁହେଁ
ସବୁ ଦେବାର ଶେଷ କାମନା ନୁହେଁ
ସବୁ ସେବାର ଶେଷ ପାଉଣା ନୁହେଁ
ସବୁ ଆଶାର ଶେଷ ନିରାଶା ନୁହେଁ
ସବୁ ଦୋଷର ଶେଷ ଖୁଲାସା ନୁହେଁ
ସବୁ ଯନ୍ତ୍ରଣାର ଶେଷ ଆନନ୍ଦ ନୁହେଁ
ସବୁ ମନ୍ତ୍ରଣାର ଶେଷ ପ୍ରମାଦ ନୁହେଁ
ସବୁ କାମର ଶେଷ ନୁହେଁ ସାବାସୀ
ସବୁ ବିଚାରର ଶେଷ ନୁହେଁ ବି ଫାଶୀ

ସିଂଧେକେଲା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜନନୀ



ଦେବାର୍ଚ୍ଚନ
ମେହେର

ମାଆ ଗୋ ଜନମ ଜନନୀ ଜଗତଧାତ୍ରୀ,
ତୁମରି ପାଦ ପଦ୍ମରେ କୋଟି ପ୍ରଣତି ।।

ଧନ୍ୟ ଧନ୍ୟ ତୁମ ଧୈର୍ଯ୍ୟ ମାଆ ଗୋ ସ୍ନେହମୟୀ,
ନାହିଁ ତୁମ ଅନ୍ତରେ ଅହଙ୍କାର ମା ଗୋ କରୁଣାମୟୀ ।।

ନାହିଁ ସନ୍ତାନ ପ୍ରତି ବାଛ ବିଚାର ସମସ୍ତଙ୍କୁ କରୁ ନିଜର,
ଢ଼ାଳୁ ତୋ କରୁଣା ପୁଅ ଝିଅ ଭାବୁ ସଭିଙ୍କୁ ତୋର ।।

କେତେ କଷ୍ଟ ସହି ଅନ୍ତ ଫାଡ଼ି ଦେଲ ଜନମ,
ତୋ ତ୍ୟାଗ କୁ ଆଜି ମନେ ପକାଇ ମୁଁ ଧରେ କଲମ ।।

ତୋହରି ଆଶୀର୍ବାଦ ମୋ ମସ୍ତକରେ ରହୁ,
ତୋ ପରି ମାଆଟିଏ ପାଇବି ମୁଁ ଆଉ କାହୁଁ ।।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋଲର ଧନ୍ଦା



ମନୋଜ କୁମାର ବାରିକ

ଅଙ୍କରେ "ଶୁନ" ଗୋଲ

ଜ୍ୟାମିତି ରେ "ବୃତ୍ତ" ଗୋଲ

ଶୁକ୍ଲପକ୍ଷରେ ଉଇଁ ଜହ୍ନ - ପୂର୍ଣ୍ଣମୀ ଚାନ୍ଦ ଗୋଲ, ପୁନଶ୍ଚ

ନାରୀ ମୁହଁଟି ଗୋଲ ।

ଗୋଲରେ ସୃଷ୍ଟିର ଆରମ୍ଭ ତ ଗୋଲରେ ସୃଷ୍ଟିର ବିଲୀନ ।

ରଥ ଚକ ଗୋଲ ତ ଚକଆଖି ଗୋଲ

ଭକ୍ତ କହେ "ଜଗନ୍ନାଥସ୍ୱାମୀ, ନୟନପଥଗାମୀ ଭଵତୁମେ" ।

ଟଗର ଫୁଲ ଗୋଲ, ପୂଜାଥାଳି ଗୋଲ,

ଚନ୍ଦନ ଟିପ ପୁଣି ଗୋଲ, ଶନି ଦେହରେ ବଳୟ ,

ଗୋଲ ରୂପରେ ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ର ।

ମାଛର ଆଖି ଗୋଲ, ନାଗସାପର ମଣି ଗୋଲ

ଶେଷରେ ସମୟର ଚକ ଗୋଲ

ମଣିଷ ପଡେ, ଉଠେ

ଜୀବନ-ବୃତ୍ତ ତାର ନିର୍ଣ୍ଣୀତୀତ

ପାଣି ଭଉଁରୀ ଗୋଲ ପୁନଃଶ୍ଚ ଜଳଚକ୍ର ଗୋଲ ।

ସମରା, ତୁଷରା, ବଲାଙ୍ଗୀର ମୋ : ୯୦୭୮୪୯୩୮୮୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁର୍ବଳ ମୁହୂର୍ତ୍ତ



ସିଦ୍ଧେଶ୍ୱର ତ୍ରିପାଠୀ

ଆଗୋ ସୁନୟନା କରନି ବାହାନା
ତୋଳିନିଅ ବାହୁ ବନ୍ଧନରେ
ଲାଜର ଗହଣା ଦିଅଗୋ  ଉତ୍ତାରି
ଅଙ୍ଗବାସ ସବୁ ଯାଉ ଦୁରେ  ।

ରକ୍ତଜବା ପରି ତୁମସେ ଓଠରୁ
ଝରାଇ ଦିଅଗୋ ମଧୁରସ
ଏଇ ମଗୁସୁର  ଗହନ ରାତିରେ
ଏକାକିନି ଥରେ ଆସ ଆସ  ।

ଭୁଲିଯାଅ ତୁମ ପଛ ସଂସାରକୁ
ଅଙ୍ଗ ଦାସ ମୋତେ କର ଥରେ
ଆଗୋ ସୁନୟନା କରନି ବାହାନା
ତୋଳିନିଅ ବାହୁ ବନ୍ଧନରେ  ।

ରାତି ସାଥେସାଥେ ରତି ବଢୁଥିବ
ବଢି ଚାଲିଥିବ ଦୀର୍ଘଶ୍ୱାସ
କେଉଁ ଅତୀତର ମଲା ସପନ ମୋ
ଧିରେ ପାଉଥିବ ଜୀବନ୍ୟାସ  ।

ସମୟ ସରୁଛି ସ୍ମୃତିବି ଝରୁଛି
ଆଉ କିବା ଲାଭ ବିଳମ୍ବରେ
ଆଗୋ ସୁନୟନା କରନି ବାହାନା
ତୋଳି ନିଅ ବାହୁ ବନ୍ଧନରେ  ।

କବିର ଘର, କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
୭୦୦୮୩୧୫୦୪୦, ୮୦୧୮୨୪୭୭୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳ୍ପ କଲ୍ଲୋଳ



ବେଣୁଧର ସୁତାର

କେତେଭାବ କେତେ କଳ୍ପନା ଲହରୀ
ଉଚ୍ଛୁଳା ମନର ଭାବ ତରଙ୍ଗ
ଲଳିତ ମଧୁର ମହକ ସମ୍ଭାରେ
ବୁଣିଦିଏ ପ୍ରୀତି ବିଭୂତି ରଙ୍ଗ ।।

ଆଶା ଆକାଂକ୍ଷାର ମଧୁର ଅଭୀପ୍‌ସା
କଳ୍ପନାର ନୀଳ ମହ୍ଲାର ତୋଳେ
ଭାବ ତନ୍ମୟରେ ମତୁଆଲା ମନ
ନିଃଶବ୍ଦଶବ୍ଦର କଳ କଲ୍ଲୋଳେ ।।

ବଢ଼ି ବଢ଼ି ଯାଏ ମନର ଉଦ୍‌ବେଗ
ବିରାଟ ଆଶାର ପ୍ରତିଫଳନେ
ମାଟି ମଟାଳର ମିଠା ସମ୍ମୋହନ
ଭାବମୟତାର ଚାରୁ ବନ୍ଧନେ ।।

ନବ ପ୍ରଭାତର ବାଳାରୁଣ କର
ରୂପ ରୋଷଣୀର ଅମିୟ ଝର
ହିମ ଶିଶିରର ପ୍ରତିଫଳନରେ
ଚାରୁମୟ ଦିଶେ ଏମହୀ ପୁର ।।

ମୁଗ୍ଧ ମନୋହର ଉଷା ଉଷସୀର
ଗହଳ ଫୁଲର ବହଳ ବାସ
ଘନ ବନାନୀର ସୁଷମା ମଧୁର
ତନ୍ମୟ ତଟିନୀ ଛନ୍ଦ ବିନ୍ୟାସ ।।

ଶ୍ୟାମଳିନୀ ଧରା ସୁଷମା ପସରା
ଅନନ୍ତ ଆକାଶ ନୀଳିମା ରାଶି
ନୀଳ ପର୍ବତର ଦ୍ୟୁତି ମନୋହର
ନୀଳନଭକୋଳେ ବିମଳ ଶଶୀ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅମ୍ବରର ଅଙ୍ଗେ ବାହୁଡା ବିହଙ୍ଗେ
ବୃନ୍ଦଗାନ ଆହା କି ମନୋହର
ରଜନୀ ବଧୁର ଲାଳିତ୍ୟ ମଧୁର
ଜ୍ୟୋସ୍ନାସ୍ନାତ କଳେବର ରୁଚିର ।।

ପ୍ରକୃତିର ଶୋଭା ନୈସର୍ଗିକ ଆଭା
ଭରିଦିଏ ଭାଷା ହୃଦୟେ ଯାର
ଲେଖନୀର ସ୍ରୋତେ
ଝରେ ଅବା ସତେ
ଶବ୍ଦ ବ୍ରହ୍ମଙ୍କର ସୁର ଝଙ୍କାର ।।

ପୂତ ସାରସ୍ୱତ ବିପଣି ମାଳାରେ
ଶୋଭିତ ସାହିତ୍ୟ ସୁଧା ପ୍ରସୂନ
ଭଷା ଭାରତୀଙ୍କ ଅନୁକମ୍ପା ଘେନି
ରସମୟ ହୁଏ ଅନୁ ସୃଜନ ।।

ସୁନ୍ଦର ସୃଷ୍ଟିର ମହକ ପ୍ରଙ୍କାରେ
ବିଶ୍ୱମନେ ଭରେ ସାହିତ୍ୟ ପ୍ରୀତି
ଭାବ ଅନୁପ୍ରାସେ ବହଳ ବିଶ୍ୱାସେ
ଗାଏ ବିଶ୍ୱ ସୃଷ୍ଟି ମଙ୍ଗଳ ଗୀତି ।।

କେଶଦୁରାପାଳ, କେନ୍ଦୁଝର
ଦୂରଭାଷ-୯୧୭୮୫୭୮୨୪୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖରା ଛାଇ



ଗୁପ୍ତେଶ୍ୱର ଚାନ୍ଦ

ପରଚଣ୍ଡ ତାତି  ମିଳେ ଅନୁଭୂତି
ଯେବେ ଗ୍ରୀଷମ କାଳରେ ।
ପ୍ରାଣୀ ଏ ତାପିତ ତୃଷା ଆକୁଳିତ
ଧାବନ୍ତି ନଈ ନାଳ ରେ । ।୧

ନିରତେ ଅଙ୍ଗରୁ ବହେ ସ୍ୱେଦ ବିନ୍ଦୁ
ଶ୍ରମିକ ହାଲିଆ ହୋଇ  ।
ପାଦପ ଛାଇ କୁ କରି ନିରୀକ୍ଷଣ
ବିକଳେ ଧାଇଁ ଆସଇ  । ।୨

ଟଙ୍କା ସୁନା ଧନ ଦରବ ସେ କାଳେ
ଦେଇ କି ପାରିବ ଶାନ୍ତି  ?
ଏ କଥା ଗୋଟିକ ବୁଝୁନି ମଣିଷ
ଗଛ ହାଣେ ମନ୍ଦ ମତି । ।୩

ପଲକ ପାତରେ ହରି ନିଏ ଦୁଃଖ
ବନ୍ଧୁ ପଣେ ତରୁ-ଛାଇ ।
ପର ଉପକାର କଲେ ପୂଣ୍ୟ ମିଳେ
ଆପଣେ ଯାତନା ସହି । ।୪

ପର ଦୁଃଖେ ଦୁଃଖୀ ଯେ ସଂସାରେ ଭାଇ
ପରମ ସୁଖୀ ଟି ସେହି  ।
ପର ଆପଣା ର ନକରି ବିଚାର
ସଭିଙ୍କୁ ହସି ହସାଇ । ।୫

ଯେଉଁ ନାରୀ ଦିଏ ଅପାର ଆନନ୍ଦ
ମଣିଷ ସମାଜେ ଥାଇ  ।
କି ସୁଖ ମିଳଇ କେଜାଣି ଅଯଥା
ତା' ନେତ୍ରୁ ଅଶ୍ରୁ ଝରାଇ  । ।୬

ନିରିମମ ଭାବେ କରେ ଭ୍ରୂଣ ହତ୍ୟା
ଅତି ନିରିଦୟ ହୋଇ  ।
ଦୁହିତା ମହତ୍ତ୍ୱ ନ ବୁଝି ଜନନୀ
ଗରଭୁ ମାରି ଦିଅଇ  । ।୭

ସଭ୍ୟତାର ଦ୍ୱାହି  ଦିଏ ଏ ମଣିଷ
ବିବେକ ଟିକିଏ ନାହିଁ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୟା କ୍ଷମା ସିନା ଅସଲ ସମ୍ପଦ

ତା' ବିନେ ଦୀନ ବୋଲାଇ । ।୭

ସ୍ନେହ-ପ୍ରେମ-ଦୟା-ମମତାର ମୂର୍ତ୍ତି

ପରମ ଶକତି ମୟୀ ।

ତା' ବିହୁନେ ସାରା ସଂସାର ଅସାର

ଅମୃତ ବିଷ ଲାଗଇ । ।୮

ସବୁଠୁ ସୁନ୍ଦର ସୃଷ୍ଟି ଈଶ୍ୱର ଙ୍କ

ଆହ୍ଲାଦିନୀ ଶକ୍ତି ସେଇ ।

ସୃଷ୍ଟି ସରଜନା ପାଳନ ସଂହାର

କ୍ରିୟା ତିନି ତାଙ୍କୁ ନେଇ । ।୯

ପୁରୁଷ -ପ୍ରକୃତି ବେନି ଚକ ଘେନି

ଜୀବନ-ରଥ ଗଡ଼ଇ ।

ଏ ପୁରୁଷ ହେଲେ ମଧ୍ୟାହ୍ନ ର ଖରା

ପତ୍ନୀ ସୁଶୀତଳ ଛାଇ । ।୧୦

କବି ଶ୍ରୀ ଗୁପ୍ତେଶ୍ୱର ଚାନ୍ଦ୍ ; ଗ୍ରାମ/ପୋଷ୍ଟ-ସମାସିଙ୍ଘା ;

ଜିଲ୍ଲା-ଝାର୍ ସୁଗୁଡା ; ପିନ୍ କୋଡ୍- ୭୬୮୨୧୩ ;

ମୋ:-.୭୬୮୩୮୪୧୦୬୪.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେତେ କାଳ ଆଉ



ସୁବ୍ରତ କୁମାର ଜେନା

କେତେ କାଳ ଆଉ,

ବାନ୍ଧିବ ମିଛ ମାୟାର ବନ୍ଧନ,

ଏବେ ନୁହେଁ ତ କେବେ,

ନିଶ୍ଚୟ ଛାଡିବାକୁ ପଡିବ ଡୋରିକୁ ।

ପାରିବ କି କୁହ ?

ଅଟକାଇ ସମୟର ଯାତ୍ରାକୁ,

ମୁକ୍ତ ଆକାଶର ପକ୍ଷୀକୁ,

କାହିଁକି ଏତେ କଟକଣା ଆବଦ୍ଧ କାରାବାସ,

ମୁକ୍ତି ଅପେକ୍ଷାରେ ସଦା କ୍ରନ୍ଦନରତ ସେ,

ଥରେ ତ ତାର ଜ୍ୱଳନାକୁ ଅନୁଭବ କର,

କେତେ କାଳ ଆଉ ତାକୁ ଅଟକାଇବାକୁ,

ବିଞ୍ଚିଚାଲିଥିବ ଖୁଦ କଣିକା,

ଆ ପେଟରୁ ତା ପେଟରୁ କାଟି କାଟି ।

ଥରେ ତ ଚେଷ୍ଟାକରି ହୃଦୟଙ୍ଗମ କର,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁକ୍ତ ଆକାଶର ଆବାହନି ସଙ୍ଗୀତକୁ,
ଚଳ ଚଞ୍ଚଳ ଭାରି ଅସ୍ଥିର ସେ,
ନିଜ ରାଇଜକୁ ଫେରିବାକୁ,
ଜଡ଼ରୁ ଜଡ଼ତ୍ୱକୁ,
ଅସ୍ଥିରୁ ଅସ୍ତିତ୍ୱକୁ,
ପିଣ୍ଡରୁ ପ୍ରାଣଯାଏ,
କେତେକାଳ ଆଉ ବାନ୍ଧିପାରିବ ଏ ଅଠାକାଠି

ଏପାଖେ ଜୀବନ ଗାଉଛି ମଧୂର ମୂର୍ଚ୍ଛନା,
ତେଣେ ମୃତ୍ୟୁ ଚାହିଁଛି ବ୍ୟାଧ ଆଖିରେ,
ମୃତ୍ୟୁ ଆଉ ଜୀବନ ମଧ୍ୟରେ,
ନିତି ବଳିପଡୁଛି ମନ ଆଉ ସମ୍ପର୍କର ସଂଜ୍ଞା ,
ମହାପ୍ରୟାଣର ଦୀର୍ଘ ପ୍ରତିକ୍ଷାରେ ସେ ।

ତୁମର କଣ ହୃଦୟ ନାହିଁ !
ଯଦି ଅଛି ଏତେ ନିଷ୍ଠୁର କଣ ଲାଗି !
କେତେ କାଳ ଆଉ ନିଜର ମିଛ ଅହମିକା ଲାଗି,
ବାନ୍ଧିଚାଲିଥିବ ଆଉ କାହା ପାଦରେ ବେଡି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମକୁ ଡରିବାର ଅଛି,

ନିଜକୁ ସମାଜକୁ ନହେଲେ,

ସବୁରି ଉପରେଥିବା ଆଦୃଶ୍ୟମାନ ଶକ୍ତିକୁ,

କେତେକାଳ ଆଉ ଜାଣି ଜାଣି ଭୁଲର ପୁନରାବୃତ୍ତି କରୁଥିବ,

ସୁଧୁରି ଯାଅ ବେଳ ଥାଉ ଥାଉ ।

କାହିଁକି ପାରିବନି ତୁମେ !

ଥରେତ ତୀର୍ଥଙ୍କର ହୋଇଯାଅ,

ଥରେତ ଅଶୋକ ହୋଇଯାଅ,

ଥରେତ ବାଲ୍ମୀକି ହୋଇକି ଦେଖ,

ଜାଣିପାରିବ ସେ ଦୁନିଆ ଠାରୁ ଏ ଦୁନିଆ କେତେ ଭଲ ,

ଇଛା ସବୁ ପାଶୋରିଯିବେ,

କାହାକୁ କରାୟତ୍ତ କରିବାକୁ ବଳପୂର୍ବକ

ରାବଣ,କଂସ ପରି ଆସୁରତ୍ୱକୁ ବାହାନ କରି ।।।

ଶୂରଡିହ, ନନ୍ଦିପୁର, ଯାଜପୁର


ଦୂରଭାଷ -୮୨୪୯୨୨୦୮୩୦ .

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଲ ଯୋଡ଼ିଦେବା ମନକୁ ମନ



ଗୌରୀ ପଣ୍ଡା

ନେଇଛୁ ଜନମ ଏ ଧରା ଧାମରେ
ସୁନ୍ଦର ଜନମ ମଣିଷ ରୂପରେ ।
ଭାବରେ ଯୋଡୁଛୁ ଭାବନାର ଡୋରୀ
ଏମିତି କା ମନ ଅଛି କି କାହାରି ?
ମନକୁ ଯୋଡିବା ମନର ଭାବରେ
ଭାବନା ତ ଏଠି ଅଭାବ ଆଜିରେ ।
ଆଜି ଏ ସଂସାରେ ମନ ହିଁ ତ ନାହିଁ
ତେଣୁଜନ୍ମୁ ନାହିଁ ଭାବନା କା'ପାଇଁ ।
ଅତୀତରେ ଥିଲା ମଣିଷ ପଣିଆ
ମନ ଦେଇ କିଣୁଥିଲେ ଯେ ଦୁନିଆ ।
ବିଜ୍ଞାନ ର ଯୁଗ ଚାଲିଛି ବୋଲିତ
କମ୍ପ୍ୟୁଟର ହାତେ ମନର ପଣତ ।

ମନ ବୋଲି କାହା ପାଖରେ ଅଛି କି
ଅନଲାଇନ ରେ ଭାବ ହେଉଛି ଯୋଡିକି ।
ଆପଣା ର ଲୋକ ଭଲ ଲାଗୁନାହିଁ
ଅଜଣା ସମ୍ପର୍କ ଗଢି ଉଠୁଛଇ ।
ଫେସବୁକ ଠାରେ ମନ ଯୋଡିହୁଏ
ହ୍ୱାଟସପ ରେ ପୁଣି ସମ୍ପର୍କ ବଢାଏ ।
ପାଖେ ଥାଉ ପଛେ ଆପଣର ଲୋକ
ବୁଝନ୍ତି ନି କେହି ତାର ମନ ଦୁଃଖ ।
ଏ କି ବିଡମ୍ବନା, ସଂସାର ଚାଳନା
ମନ ପାଶେ ଥାଇ ଯୋଡି ଯେ ହୁଏନା ।
କେମିତି ଯୋଡିବା ମନ ସହ ମନ
ଆଜି ଏ ସଂସାରେ ଏତ ବଡ ପ୍ରଶ୍ନ ?

ଜୟପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂତନ ସମ୍ପର୍କ



ପଲ୍ଲବୀ ବାରିକ

ଟ୍ରେନ୍ ଗଡୁଛି,
ତା ସାଙ୍ଗରେ ଗଡୁଛି ଜୀବନର ଚକ
ଠିକ୍ ଘଣ୍ଟାର ସେକେଣ୍ଡ କଣ୍ଟାଟି ପରି ।

ଏହି ତ ଆଗ ଷ୍ଟେସନରେ ଓହ୍ଲେଇ ଗଲେ
ମୋ ଆଗ ସିଟରେ ବସିଥିବା
ସହଯାତ୍ରୀ ଜଣକ
ପୁରା ଗୋଟେ ରାତି ଆଉ ଅଧା ଦିନର
ପରିଚୟ, ଆଳାପ
ଆଉ ତା ପାନରୁ ବିରତି ନେଇ ।

ଛୋଟ ଝିଅକୁ ହାତଧରି ଓହ୍ଲେଇ ଦେଇ ଆସିଲି
ସସ୍ତ୍ରୀକ ସେ ହାତ ହଲେଇ ବିଦାୟ ଦେଲେ
ଆଉ ଟ୍ରେନ ପୁଣି ଚାଲିଲା ଆଗେଇ ।

ସିଟ୍ କୁ ଫେରି
ସକାଳର ଖବରକାଗଜରେ ମୁହଁ ଗୁଞ୍ଜି ଦେଲି
ଆଳାପର ମଧୁରିମାରେ
ଖବର କାଗଜ ପଢ଼େଇ ଯାଇଥିଲା ।

ଦିପହର ଖାଦ୍ୟର ବରାଦ ଦେବାକୁ
ମୁହଁ ଉଠେଇ ଜାଣିଲି
ମୋ ନୂତନ ସହଯାତ୍ରୀର ଭାଷା ମୁଁ ଜାଣିନି
କିନ୍ତୁ ଆମ ପତ୍ନୀମାନେ
ଗଳ୍ପରେ ନିମଗ୍ନ ।

ମୋ ଝିଅକୁ ପାଇଲି ତାଙ୍କ ଝିଅର
ବର୍ଥ୍‌ରେ
ସାଙ୍ଗ ହୋଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରି ସାରିଲେଣି ଏକ
ନୂଆ ଖେଳର ଉଦ୍ଭାବନ ।

ବାକିଥିଲୁ ଆମେ ଦି ଜଣ
ଖୋଜିନେଲୁ ମଝି ମଝି ଗୋଟେ ରାସ୍ତା ,
ହୋଇଗଲା
ଆମ ଭାବର ବି ଆଦାନ ପ୍ରଦାନ ।

ବୁଝିଲି ଗୋଟେ ଗନ୍ତବ୍ୟ ଆମର
ଠିକଣା ଦିଆନିଆ ହୋଇଗଲା
ଆଉ ପ୍ରତିଶ୍ରୁତି
ଦେଖା ହେଲେ ଚିହ୍ନି ପାରିବାର ।

ନଜର ପଡ଼ିଲା
ଆଜିର ଆଉ ଗଲା କାଲିର
ଘଟି ଯାଇଥିବା ଖବର ଗୁଡା ଉପରେ ,

ପତ୍ନୀ ଭୁଲି ଯାଉଛି ପତିକୁ
ପୁଅ ଭୁଲି ଯାଉଛି ପରିବାରକୁ
ବର୍ଷ ବର୍ଷର ସମ୍ପର୍କରୁ
ଛାଡି ଯାଉଛି ରଙ୍ଗ ।

ରୁନ୍ଧି ହୋଇଗଲା ଶ୍ୱାସ
କୋଉଠି ହଜୁଛି ବିଶ୍ୱାସ
ଏମିତି ବାର ଘଣ୍ଟା କି ଦେଢ଼ ଦିନ
ଭଳି ପୁରା ଜୀବନ କାଇଁକି ନୁହେଁ ,

ସବୁ ସମ୍ପର୍କ ହୁଅନ୍ତା
ଏ ଟ୍ରେନର ସମ୍ପର୍କ ଭଳି
ମଧୁର ଆଉ ବିଭୋର
ନଥାନ୍ତା ଭାଷା ବର୍ଣ୍ଣ କି ଭୌଗୋଳିକ
ବୈଷମ୍ୟ ।

ଗଣିତ ଶିକ୍ଷୟିତ୍ରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ପଟିଆ, ଭୁବନେଶ୍ୱର
୭୯୭୮୨୬୦୪୭୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶିଳ୍ପୀଶିଳା



ବାଲାଜୀ ସେଠୀ

ତୁମ ମନ ଗହନର ଉଙ୍କିମରା
ଅସମାହିତ ପ୍ରଶ୍ନ,,,,
ଝଡର ଇଗଲ ପରି କ୍ଷତାକ୍ତ ମନ,,,,
ଉପେକ୍ଷିତ ଲାଂଛିତ
ଭଙ୍ଗା ହୃଦୟର କୋହ,,,,
ଜ୍ୱାଳାମୁଖୀ ଆଖିରୁ ଥପ୍ ଥପ୍
ଝରି ପଡୁଥିବା ସ୍ୱାଭିମାନର ଲୁହ,,,
ଥର ଥର ଓଠ,,,,
ବାଷ୍ପାରୁଦ୍ଧ କଣ୍ଠ,,,,
ବିଗଳିତ କରି ପକାଉଛି
ମୋ ଉଦଣ୍ଡ ଭାବନାର ଖିଅଲିପଣକୁ

ମୁଁ ଦୁସ୍ଥ କ୍ରାନ୍ତିକାରୀ ନାୟକ,,,,
ଶସ୍ତ୍ର ଶାଣିତ ପଥର
ଉଦ୍ଭ୍ରାନ୍ତ ପଥିକ,,,,
ମୁଁ ଆଗ୍ନେୟର ସନ୍ଦିଗ୍ଧ ଅଗ୍ନି କଣା,,,,
ବେସାହାରା ମରୁଭୂମିର
ତୃଷାତୁର ଝରଣା,,,,
ମୁଁ ଅନ୍ତରୀକ୍ଷର ଧୂମକେତୁ,,,,
ବର୍ଷା, ବୈଶାଖ,ବସନ୍ତର
ନଗ୍ନ ପ୍ରେମ ଋତୁ,,,,
ମୁଁ ବିବ୍ରତ ସାଗରର
ଅଶାନ୍ତ ଲହଡ଼ି,,,,
ସୁପ୍ତ ସହରର ଲିଭିଲା ଦିହୁଡ଼ି,,,,

କୁହ,,,, ! ହେଇପାରିବ ତମେ
ଅସ୍ତାଚଳ ଭାନୁର ଆଶାର କିରଣ ? ? ? ?
ଜଳାଇ ପାରିବ ତୁମ ଆଖି ଲୁହରେ
ମଲା ମନରେ ମଶାଲ ? ? ? ?
ରକ୍ତାକ୍ତ ପାଦରେ ଚାଲି ପାରିବ
କଣ୍ଟକିତ ପଥ ? ? ? ?
ଅବିଶ୍ୱାସର ଦୁର୍ଗନ୍ଧରୁ ସାଉଁଟି ପାରିବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁବାସିତ କସ୍ତୁରୀର ବାସ ????

ସାଜି ପାରିବ ତ ତୁମେ

ଅହଲ୍ୟା ରୁ ଅଭିଶପ୍ତା ପାଷାଣୀ ????

ଭସ୍ମରୁ ହୋଇପାରିବ ତ ଚନ୍ଦନ

ତିଳ ତିଳ ଶିଳା ଦେହେ ଘଷି ହେଇ

ମୋ ମଥାର ତିଳକ ହେବାକୁ ????

କଣ ହେଲା,,,, ??

ନିରବ ରହିଗଲ ଯେ,,,,, !

ମୁଁ ଜାଣିଛି,,,,

ମୋର ଅବାନ୍ତର ପ୍ରଶ୍ନ,

ତମ ଅସମାହିତ ପ୍ରଶ୍ନର

ଉତ୍ତର ନୁହେଁ,,,,

ତଥାପି,,,

ମୁଁ ଉତ୍ତୀର୍ଣ୍ଣ ପ୍ରେମର ଉଦ୍ୟୋଗୀ,,,,

ତୁମ ସଂସ୍ପର୍ଶର ସାନିଧ୍ୟ

ମୋର ଚନ୍ଦ୍ର ତୋଳାର ଉପଲବ୍ଧି,,,,

ଅଭିଧାନର ସବୁ ପ୍ରୀତିଶବ୍ଦ

ସରିଗଲା ପରେ

ଆରମ୍ଭ ହେଇଥିବା

ନିରାଡ଼ମ୍ବର ପ୍ରେମ,,,,

ଯଦି ,,,

ବାଧା ବନ୍ଧନର

ପାହାଡ଼ ଆଡେଇବା

ଗୋଟିଏ ଜନ୍ମ ପାଇଁ ସମ୍ଭବ ନ ହୁଏ,

ତେବେ ସ୍ୱପ୍ନ ଦେଖିବା ଆସ !

ପ୍ରାଚୁର୍ଯ୍ୟଭରା ଭବ୍ୟ

ଦ୍ୱିତୀୟ କୋଣାର୍କରେ

ଯୁଗଟିଏ ପାଇଁ ଲାଗି ହେଇଯିବା

ନିହାଣ ମୁନର

ଆଞ୍ଚୁଡା ଖାଇ ଖାଇ

ପ୍ରଣୟ ପ୍ରଣାଳୀର "ଶିଳ୍ପୀଶିଳା"ହୋଇ,,,,,,,,,

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପବିତ୍ର ପ୍ରେମ



ଆଦରମଣି ପ୍ରଧାନ

ମୋ ପ୍ରେମର ଗଙ୍ଗା ଜଳେ
ତୁମକୁ ଦେଇଛି ଧୋଇ,,
ପାପର ଆଖି ତୁମକୁ
ପାରିବନି କେବେ ଛୁଇଁ,,,,, ।
ଆଜି ଏ ବେଳାରେ
ଖୋଜେ ମୁଁ ତୁମକୁ
ଫେରି ପାରିବକି
ଏ ଶୂନ୍ୟ ହୃଦୟ କୁ,,,,,, ।
ଏକା ଏକା ବଞ୍ଚିଛି ମୁଁ
ଲୁଚି ଲୁଚି କାନ୍ଦୁଛି
ବୁଝାଇ ଦେଉଛି ମନ କୁ ମୁଁ
ବାଧ୍ୟତା ରେ କେବେ ହସୁଛି,,,,,, ।

ଇଛା ହେଲେ ଖାଉଛି
ସ୍ୱପ୍ନ ସବୁ ହଜିଛି
ମନେ ନାହିଁ,,,
ନିଜକୁ କେବେ ସଜାଉଛି,,,,, ।
ମନ ଊଣା କଲେ
ଧରା ପଡି ଯାଉଛି
କଣ କରିବି ତୁମକୁ ତ ଝୁରୁଛି,,,, ।
ତୁମ ବିନା ମୋତେ ଏଠି
ଅନେକ କଷ୍ଟ ଲାଗୁଛି
କେବେ ଫେରିବ
ତୁମ ବାଟ ଚାହିଁ ବସିଛି,,,,, ।

ଚାନ୍ଦବାଲି , ଭଦ୍ରକ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେବଳ ଲେଖାଟିଏ ହେବି



ଦିନେଶ ମେହେର

କେବଳ ଲେଖାଟିଏ ହେବି ବନ୍ଧୁ
ଲେଖକ ଲେଖନୀ ମୁନରୁ
ଝରି ପଡୁଥିବି
ପ୍ରତି ଧାଡ଼ିରେ ତୁମ ପାଇଁ
ଅବିରତ ବହି ଯାଉଥିବି ।

କହି ଯାଉଥିବି ତୁମ ଅମୃତ ବାଣୀ
ଦୁନିଆକୁ କହି ଯାଉଥିବି
ରାମାୟଣ ମହାଭାରତ କାହାଣୀ ।

ଝରି ପଡୁଥିବ ତୁମ ଆଶିଷ
ଲଭି ଯାଉଥିବି ତୁମ ସ୍ନେହର ପରଶ
ଆହେ ବନ୍ଧୁ ତୁମ ହାତ ତଳେ
ରହିଥିବ ମଥା ମୋର ।

ତୁମ ଅଧର ହସ ଦେଖି
ଆନନ୍ଦରେ ନାଚି ବୁଲୁଥିବ ମନ ମୋର ।

ଆହେ ବନ୍ଧୁ
ସୁନାର ହରିଣୀ ଲୋଭ ନାହିଁ ମୋର
ତୁମ ସହ ସେପାରିରେ ରହିବାକୁ ଇଚ୍ଛା
ଏହି ଅଧମ ଆତ୍ମାର ।

ପଳାସ, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅତିରୁ ଇତି



ନାରାୟଣ ଚନ୍ଦ୍ର
ସେନାପତି

ଅତି ଦର୍ପ ହେଲା ଲଙ୍କାର ରାବଣ
ବାନର ଜାଳିଲା ତା ସ୍ୱର୍ଣ୍ଣ ଲଙ୍କା
ଅତି ଗର୍ବ କଲା ମହାମାନୀ ସାଜି
ପାଣ୍ଡବେ କରିଲେ ତା ମୁହଁବଙ୍କା ।

ଅତି ଦାନୀ ଭାବି ସବୁ ଭୁଲିଗଲା
ବଳୀ ବଳୀ ହେଲା ପାତାଳ ପୁରେ
ଅତି ସରଳିଆ ବିଶ୍ୱାସୀ ସାଜିଲେ
ଶିଆଳ ନାଚିବ ସୁବର୍ଣ୍ଣ ଘରେ ।

ଅତି ଜ୍ଞାନୀ ବୋଲି ନିଜକୁ ଭାବିଲେ
ଜ୍ଞାନୀଙ୍କ ଆଦର ହୋଇବ ଶୂନ୍ୟ
ଶକତିଆ ଭାବି ଡିଣ୍ଡିମ୍ବ ପିଟିଲେ
ପିମ୍ପୁଡ଼ି ମଣିବ ତା ଠୁ ବି ହୀନ ।

ଅତି ବାହାଦୁରୀ ଚିନ୍ତାରେ ପଶିଲେ
ଲଜ୍ଜିତ ହେବାକୁ ପଡେ ସର୍ବଦା
ଅତି ତୋଷାମଦ ସୀମା ଟପିଗଲେ
ସତସଙ୍ଗ ମେଳୁ ହୁଅଇ ବିଦା ।

ଅତି କଠୋର କି ନୀତିନିଷ୍ଠ ହେଲେ
ଏକଘରକିଆ ହେବାକୁ ପଡେ
ଅତି ସହିବାର ଭାବ ଦେଖେଇଲେ
ଝିଣ୍ଟିକା ଦର୍ପରେ ମଥାରେ ଚଢ଼େ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅକ୍ଷର ନ ଚିହ୍ନି ଦୋଷ ଧରୁଥିଲେ
ଅତି ବାହାସ୍ଫୋଟ ମାରୁଛି ଲାଗେ
ନିଜକୁ ନ ଚିହ୍ନି ପରକୁ କହିଲେ
ନିନ୍ଦା ଅପବାଦ ପାଉଣା ମାଗେ ।

ପ୍ରଶଂସା ପାଇଁକି ଜୁହାର ବାଣ୍ଟିଲେ
ଅତି ଭକ୍ତି ଲାଗେ ଚୋର ଲକ୍ଷଣ
ସ୍ଥାନ କାଳ ପାତ୍ର ନ ଦେଖି ହସିଲେ
ସଭିଏଁ କହନ୍ତି ବଦ୍ଧ ପାଗଳ ।

ଅତି ଭୁଲ୍ କରି ନିର୍ଦ୍ଦୋଷ ଭାବିଲେ
ପ୍ରତ୍ୟକ୍ଷେ ପରୋକ୍ଷେ ଲଜ୍ଜିତ ହେବା
ନିଜର ପ୍ରତିଭା ବିଜ୍ଞାପନ କଲେ
ନିପଟ ନିର୍ଲଜ ନିଷ୍ଟେ ଶୁଣିବା ।

ଅତି ବଡ଼ ବୋଲି ମନ୍ଦ ଶୁଣିବାକୁ
ମାଆ ବେଙ୍ଗଟିର ଫାଟିଲା ପେଟ
ଚୋର ଚାଲିକିଆ ନିଜକୁ ସଜାଇ
କାଉ ବି ଖାଇଲା ବିଷ୍ଠା ଝପଟ ।

ଅତିରୁ ଇତି  ଶବ୍ଦ ଦୁଇଟିକୁ
ଭାବିବେନି କେହି ଅଲୋଡା ପଦ
ଯେ ବୁଝେ ସେ ଜାଣେ ତାହାର ରହସ୍ୟ
ଅମୂଲ୍ୟ ମୂଲ ତା ଅର୍ଥ ନିନାଦ ।

ଅତିରୁ ଇତି ଉକ୍ତିକୁ ଯଦି ବା
ଆଖି କାନ ନାକ କରେ ସଙ୍ଗମ
ଭାଷା ସାହିତ୍ୟର ଗଭୀର ତତ୍ତ୍ୱଟି
ସଭିଙ୍କ ପଥକୁ କରେ ସୁଗମ ।

ଜମ୍ବୁରା,କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତିରୁ ଇତି



ବିଦ୍ୟୁତପ୍ରଭା ମିଶ୍ର

ଅତିରୁ ଇତି ହୋଇଥାଏ ବୋଲି
କହିଥାନ୍ତି ବିଜ୍ଞ ଜନ,
ଅତିଲୋଭ କରି  ଶୃଗାଳ ଯେସନ
ମଲା ଖାଇ ଧନୁ ଗୁଣ ।
ଅତି ଗର୍ବ କରି ରାବଣ ଯେପରି
ରାମଙ୍କ ହାତରେ ମଲା,
ଅତି ମାନ କରି କୌରବମାନେ
ରହିକି ପାରିଲେ ଭଲା ।
ଅତି ଦାନ କଲା ବଳୀ ମହାରାଜା
ପାତାଳେ ଚାପିଲେ ହରି,
ଅତି ଆଶା ତେଣୁ କର ନାହିଁ କେବେ
ମନରେ କାମନା ଭରି ।
ଅତି ଲେମ୍ବୁ ପରା ପିତା ଲାଗିଥାଏ
ଚିପୁଡ଼ିଲେ ରସ ପାଇଁ,
ଅତି ଖାଦ୍ୟ ଯଦି ଗ୍ରହଣ କରିବା
ଦେହେ ରୋଗ ଯାଏ ହୋଇ ।

ଅତି ଆଳସ୍ୟ ଯେ ଦୁଃଖ ଦେଇଥାଏ
ଅତି ଶ୍ରମେ ଆସେ କ୍ଳାନ୍ତି,
ଅତିର ମାତ୍ରାଟି ଅତୀବ ବିଷମ
ମନକୁ କରେ ଅଶାନ୍ତି ।
ଅତି କ୍ରୋଧ ହେଲେ ବୁଦ୍ଧି ଭ୍ରଂଶ ହୁଏ
ବୁଦ୍ଧିଭ୍ରଂଶ କରେ ନାଶ,
ଅତି ଥଣ୍ଡା ସ୍ଥାନେ ରହି ହୁଏ ନାହିଁ
ମରୁରେ ନମେଣ୍ଟେ ଶୋଷ  ।
ଅତି ତେଣୁ ସଦା ବର୍ଜନ କରିବା
ମନକୁ ବିବେକେ ବାନ୍ଧି,.
ଈଶ୍ୱର କରନ୍ତୁ ଅତି ଲୋଭ ମାତ୍ରା
ମନକୁ ନଦେଉ ଛନ୍ଦି ॥

ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହିମର ପରଶ



ବିଷ୍ଣୁ ପ୍ରସାଦ ମିଶ୍ର

ହିମ'ର ପରଶେ କଳିକା'ର ବୃନ୍ତେ
ଆଦ୍ୟରୁ ପଡ଼ିଲି ଅଳୀ ଚୁମ୍ବନେ,
ତନୁ ପରଶରେ ଲୋମ ଟାଙ୍କୁରିତ
ତାପିତ ଇଚ୍ଛୁକ ପ୍ରାଣୀର ମନେ. ୧

ଘନ ଧୁମ୍ରାଙ୍କିତେ ଆଚ୍ଛାଦିତ ଧରା
ପାର୍ଶ୍ୱ ଦୁର୍ବାଦଳ ଶୁସ୍କ ପରାୟ,
ଶିଶିର ପତିତ ପତ୍ର ଗହଳରେ
ଧରଣୀ "କି"  ମୁକ୍ତା ମଣ୍ଡିତ ମୟ .୨

ପ୍ରଭାତ'ର ଶୋଭା ପ୍ରଭାବିତ ହୋଇ
ହୁଏ ଆଭା କ୍ଷୀଣ ରବିଙ୍କ ତେଜ,
ଶୋଭାର ବର୍ଧକ ପର୍ବତ ଶିଖର
ଘନ ଧୂମ୍ର ଭରା କୁହୁଡ଼ି ବୋଝ. ୩

ଧାନ କ୍ଷେତେପୂର୍ଣ୍ଣ ହାରିଦ୍ର ରାଜିତ
ଅମଳ ସଂଗ୍ରହେ ପକ୍ୱତା ଶଷ୍ୟ,
ବନରାଜି ଦେହେ ଅଳସୀ କ୍ଷେତରେ
ପବନେ ଦୋଳିତ ବର୍ଦ୍ଧିତ ଲାସ୍ୟ. ୪

ହୀମ ପରଶରେ ହେମରାଜି ଶୋଭା
ଶଷ୍ୟ ଶ୍ୟାମଳୀତ ପୂର୍ଣ୍ଣ ଏ ଧରା,
ଚନ୍ଦ୍ର କିରଣ'ରେ ଶାନ୍ଦ୍ରତା'ର ପୁର୍ଣ୍ଣ
ଆଚ୍ଛାଦିତ ମନ୍ଦ ମରୁତ ଝରା. ୫

ଚ୍ୟୁତ ବୃନ୍ତେ ନବ ବକୁଳ ଉଙ୍କୁରେ
ସରସେ ଦ୍ୱିଜ କୂଳ ମୁଖରିତ,
ନବ ଶାବକଙ୍କ ମୃଦୁ ସ୍ୱର ଗୁଞ୍ଜେ
"ବୃକ୍ଷେ" ନବପତ୍ରିକା ଆଚ୍ଛାଦିତ. ୬

କୃଷକେ ଚଞ୍ଚଳ ଶସ୍ୟ ଅମଳରେ
କମଳ ଶୋଭିତ ପ୍ରଭାତୀ ଜଳେ,
ଶସ୍ୟ ପୁର୍ଣ୍ଣାଙ୍ଗତ ଶିଶିର ରାଜିତ
ହୀମଋତୁ ଏହି ଧରା କବଳେ. ୭

ରଥଶର୍ମା କଲୋନୀ, କୋରାପୁଟ,
୯୧୨୪୦୪୯୧୨୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଗାନ୍ଧୀବାଦ ଆଜି କବର ତଳେ



ନଳିନୀପ୍ରଭା ମିଶ୍ର

ଗାନ୍ଧୀ ବାଦ ଆଜି ନେଇଛି କବର
କାହିଁ ସେ ଅହିଂସା ଭାବ
ଛଦ୍ମମୁଖା ତଳେ କେତେ ଗାନ୍ଧୀ
ଆଜି ହୋଇଲେଣି ଆବିର୍ଭାବ ।
ସବୁ ତ ! ଓଲଟା ମାରଣା ନୀତିରେ
ଦେଶଟା ଥିଲା କି ହେଲା
କୁଜି ନେତା ମାନେ ଗଣ୍ଡା ଗଣ୍ଡା ସୃଷ୍ଟି
ସବୁ ଖାଲି ବତୀ ପେଲା ।
ଆପେ ବଞ୍ଚିଲେ ବାପର ନାଁ ରେ
କିଏ ବୁଝେ କାହା କଥା
ତେଲିଆ ମୁଣ୍ଡରେ ତେଲ ଜରଜର
ଗରୀବ ପାଉଛି ବ୍ୟଥା ।

ସାବରମତୀ ଟା କଥାରେ ରହିଛି
ନାରୀ ଜାତି ଅସମ୍ମାନ
ହାୟ ! ଗାନ୍ଧୀ ତୁମେ କେଉଁଠି ରହିଛ
ନ ଦେଖି ଆମ ଦୁର୍ଦ୍ଦିନ ।
ତୁମ ସ୍ମୃତି ଆଜି ଝାପସା ହେଲାଣି
ଦୁର୍ନିତି ସାଧୁଛି ବାଦ
କବର ନେଇଛି ତୁମ ନୀତି ସବୁ
କାହିଁ ସେହି ଗାନ୍ଧୀ ବାଦ
ତୁମକୁ ହରାଇ ଝୁରୁଅଛୁ ଆଜି
ମଣି ହରା ଫଣି ପ୍ରାୟ
କବର ନେଇଛି ଆଜି ଗାନ୍ଧୀ ବାଦ
କେ ବ୍ୟଥା ବୁଝିବ ହାୟ !

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗାନ୍ଧୀବାଦ ଆଜି କବର ତଳେ



ଭାରତୀ ସାହୁ

ନାହିଁ ସତ୍ୟ ଶାନ୍ତି ନାହିଁ ଦୟା କ୍ଷମା
ସଂସାର ଯେ ବିଷମୟ
ନୀତି ଆଦରଶ ଗଲାଣି ଚୁଲିକି
ଚାରିଆଡେ ଖାଲି ଭୟ ।

ମନେ ପଡ଼ିଯାଏ ଅତୀତର କୀର୍ତ୍ତି
ଦେଶ ଯେବେ ପରାଧୀନ
ଏ ଦେଶର ବୀର ପୁଙ୍ଗବ ଆସିଲେ
ଦେଶକୁ କଲେ ସ୍ୱାଧୀନ ।

ସେ ମହାତ୍ମା ଗାନ୍ଧୀ ଅହିଂସାକୁ ଅସ୍ତ୍ର
କରି ଦେଶ ପାଇଁ ଯୁଦ୍ଧ
ସ୍ୱାଧୀନତା ଆଣି ଦେଇଥିଲେ ହେଲେ
କବର ସେ ଗାନ୍ଧୀବାଦ ।

ବଡ଼ ବେଇମାନି ସ୍ୱାର୍ଥପର ଏଇ
ମଣିଷ ଜାତିଟା ପରା
ଯିଏ ସ୍ୱାଧୀନତା ଆଣି ଦେଇଥିଲେ
ତାଙ୍କ ବିନା ଯେ ଅଧୁରା ।

ଏ ଦେଶର ଭାଗ୍ୟ ଏ ଦେଶର ସ୍ୱପ୍ନ
ରହିଗଲା କାହିଁ ଲୁଚି
ଗାନ୍ଧୀବାଦ ଶବ୍ଦ ଶୁଣୁନାହିଁ କାନ
ସବୁ ଯେ ଦେଲେ ମୁରୁଛି ।

ସତେକି ଦୁନିଆ ଜାଣିନି ଚିହ୍ନିନି
ଗାନ୍ଧୀ ମହାତ୍ମାଟି କିଏ
ଆଜି ଲୋଡ଼ା ନାହିଁ ଶାସନ ଗାଦିରେ
ହାଏରେ ଜନତା ହାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧିକ ତୁମ ଦେଶ ଧିକ ତୁମ ମନ
ଧିକ ଏ ଶାସନ ଗାଦି
ସତେକି ଲାଗୁଛି ଗାନ୍ଧୀଙ୍କର ନୀତି
ସ୍ୱାର୍ଥ ଆଗେ ହେଲା ବନ୍ଦୀ ।

ବଂଚିଥିଲା ବେଳେ ନାହିଁ ତ ଆଦର
ମରିଗଲେ ଫୁଲମାଳ
ଗାନ୍ଧୀବାଦ ଆଜି କବର ତଳେ ଯେ
ଦିଶୁଅଛି ଜଳ ଜଳ ।

ଯୁନିଦା ପାଟଣା, ଦଶରଥ ପୁର, ଯାଜପୁର,
ମୋ-୭୮୫୫୮୪୧୧୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଡାକିବାବେଳ ହୋଇଯିବ ଶେଷ



ଦେବାଶିଷ ସିଂହ

ଜଳସ୍ରୋତ ନିକଟସ୍ଥ ରୋପିତ ବୃକ୍ଷ
କରିଥାଏ ସ୍ୱ ସମୟେ ଫଳ ଉତ୍ପନ୍ନ
ସବୁଜ ସତେଜ ରୂପ ତାହାର
ମଳିନ ପଡେ ନାହିଁ ଯାହାର ପତ୍ର ।

ଈଶ୍ୱର ସଂଲଗ୍ନ ଜୀବନ ଜୀବନବୃକ୍ଷ
ଜଳସ୍ରୋତ ନିକଟସ୍ଥ ରୋପିତବୃକ୍ଷ
ପତ୍ର ଯାହାର ପଡେ ନାହିଁ ମଳିନ
ସଦା ରହିଥାଏ ସବୁଜ ସତେଜ ।

ଈଶ୍ୱର ବିହୀନ ଜୀବନ ଥୁଣ୍ଟା ବରଗଛ
ଜୀବନ ନ ଥାଏ ଯାହାର
ଶୁଷ୍କ ମୃତବତ୍ ଯିଏ ଦଣ୍ଡାୟମାନ
ଜଳସ୍ରୋତ ଠୁ ବହୁ ଦୂରେ ଅବସ୍ଥାପିତ ।

ସତ୍ୟ ଜୀବନ୍ତ ଈଶ୍ୱରଙ୍କୁ ଦେଖ
ଅନୁସନ୍ଧାନ କର ଖୋଜ ପାଇବ
ସିଏ ଜୀବନ ପ୍ରାଣବନ୍ତ
କଥା କୁହା ପରମେଶ୍ୱର ।

ସମ୍ପର୍କ ନାହିଁ ଈଶ୍ୱରଙ୍କ ସହିତ
ସ୍ୱାର୍ଥ ବିଜଡ଼ିତ ମନୁଷ୍ୟ ଜୀବନ
ଦୁଃଖ ଆସିଲେ ଈଶ୍ୱର ଈଶ୍ୱର
ସୁଖ ସ୍ୱଚ୍ଛନ୍ଦରେ ଜୀବନ ଯାପନ ।

ଚେତୁ ନାହିଁ ମଣିଷ
ନିଶ୍ଚିନ୍ତ ରେ କରୁଛି
କାଳ କ୍ଷେପଣ
ସ୍ୱେଚ୍ଛାଚାରୀ ହୋଇ
କାଟୁଛି ଜୀବନ ।...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାଟୁଛି ଈଶ୍ୱର
ବିହୀନ ଜୀବନ
ବିଳାସ ବ୍ୟସନ
ଅନ୍ୟାୟ ଧନ
ଠୁଳ କରି ଚାଲିଛି
ନିତି ଦିନ ।

ଚେତୁ ନାହିଁ ମଣିଷ
ଅନ୍ୟାୟ ବିତ୍ତରେ
ଦେଇଛି ମନ
ଚେତନାର ଉପାୟ
କରୁ ନାହିଁ ଅବଲମ୍ବନ
କାଟୁଛି ଜୀବନ
ନିଜ ମନ ମୁତାବକ ।

ସଙ୍କଟ ଆସିଲେ
ପ୍ରଭୁ ପଦ ତଳେ
ସୁଖକୁ ଭେଟିଲେ
ପ୍ରଭୁ ସେବା ଭୁଲେ ।.....

ଏମିତି ଜୀବନ କାଳ ଭିତରେ
ଦୁଃଖରେ ପ୍ରଭୁ ପ୍ରଭୁ ଡାକ ଛାଡ଼େ

ମଣିଷ ସୁଖ ସମୟେ ପ୍ରଭୁଙ୍କୁ ଭୁଲିଯାଏ
ଦୁଃଖରେ ପ୍ରଭୁ ପ୍ରଭୁ ବୋଲି ଡାକୁଥାଏ
ପୂର୍ବ ଠାରୁ ଭୟଙ୍କର....
ଆସିଲାଣି ଘନାଇ
ମହା ସଙ୍କଟର ଦିନ
ପୋକ ମାଛି ସମ
ପ୍ରାଣ ନେବ ଯମ ।

ପ୍ରଭୁଙ୍କୁ ଡାକିବାର ବେଳ
ହୋଇଯିବ ଶେଷ
ସଙ୍କଟ ଭୟ
ମୃତ୍ୟୁ କେବଳ
କରିବ ରାଜତ୍ୱ.....
କାୟା ବିସ୍ତାର କରିବ ।.....

ବାଲେଶ୍ୱର, ୯୦୪୦୪୭୬୭୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହାର ମାନୁଥିବା ବୟସ



ମନୋଜ କୁମାର ଦାସ

ଦାରିଦ୍ରତାର କଷାଘାତ
ବିଚିତ୍ର ଦୁନିଆରେ
ସମୟ ସହିତ ବୟସର
ମାପକାଠି ପରଖୁଥାଏ
ସଫଳତାର ମାନଦଣ୍ଡ ।

ପରିଣତ ବୟସରେ
ଆଖିରେ ମେଞ୍ଚାଏ ନେନ୍ଦାର
ଦେହ ନେଚାକୋଚା
ବାସିଫୁଲ ପରି ମଉଳିଯାଏ
ଚମକ ନଥାଏ ଶରୀରରେ ।

ଯେତେ ଲୁଚାଇଲେ ଲୁଚେନା
ମୁଣ୍ଡରେ କଳାରଙ୍ଗ ବୋଳା
ଛାପା ଶରୀର ଚେହେରାଟା

ଅପରାହ୍ନ ବୟସରୁ ସତେଜ
କରିବାର ସଶକ୍ତ ପ୍ରୟାସ ।


ଲୁଚାଇ ହେବନି ଆଉ ବୟସ
ମାଟି ଠାରୁ ଆକାଶ ପର୍ଯ୍ୟନ୍ତ
ସବୁଦିନ ପାଇଁ ନୁହେଁ କେବଳ
ମିଛ ଅଭିନୟର ଦୁର୍ବଳତା ।

ଏ ମାନବ ଶରୀର ନୁହଁଇ
ସାରା ଜୀବନ ଚିରସ୍ଥାୟୀ
ଫୁଲପରି ଝରିପଡୁଥାଏ
ପରିପକ୍ୱ ସମୟର ଆହ୍ୱାନରେ ।

ଆଳିଜଂଗା, କପାଳେଶ୍ବର, ଠାକୁରପାଟଣା,
କେନ୍ଦ୍ରାପଡ଼ା, ୯୯୩୭୧୭୮୭୫୫

Magazine Downloaded from www.aahwaan.com

# ମୁଁ ନିମିତ୍ତ ମାତ୍ର



ସଂଯୁକ୍ତା ସାହୁ

ଏ ସୃଷ୍ଟିର ସୋନ୍ଦର୍ଯ୍ୟତାରେ ପ୍ରଭୁ
ସମସ୍ତଙ୍କୁ ଗଢିଛନ୍ତି ନିଜ ମର୍ଜିରେ
ବିଚିତ୍ର ତାଙ୍କର ସବୁ ଲୀଳାଖେଳା
ସାରା ଜଗତରେ ମୁଁ ନିମିତ୍ତ ମାତ୍ର
ବାଲି କଣିକାଠାରୁ ବି ନ୍ୟୁନ ମୁହିଁ
ଏଇ ନିହାରିକା ମଣ୍ଡଳ ସ୍ୱପ୍ନରେ
ଦିନେ ହୁଏତ ଅବିନାଶୀ ଏକ
ଆଶାର ପଦଧ୍ୱନୀ ନିମିଳିତ ଥିବା
ପିନ୍ଧିଥିବା ଶାଢ଼ୀ ଚିରି ହେବାଭଳି
ଏ ଘଟରୁ ସେ ଘଟକୁ ଆତ୍ମା ବି
ରୂପାନ୍ତର ହେଉଥିବ ନିୟତିର
ଆଉ ଉଭେଇଯିବ ମାଟିରୁ ଆକାଶ
ଜନ୍ମ ମୃତ୍ୟୁର ଛାଇଖେଳ ଲୁଚକାଳି
ମୋ ନିମିତ୍ତ ମାତ୍ର ନିଶୁନ୍ ବଖରା
ଖାଲିଘର ଫିକା ପାହାନ୍ତାର ଆଶା
ପାଣିଫୋଟକା ପରି ବୋହିପଡିବ
ମୁଁ ବୁଝିପାରେନି ମୋ ଜୀବନର ମୂଲ୍ୟ
ଚେଷ୍ଟା ବି କରିନି ଅର୍ଥ ବୁଝିବାକୁ
ପ୍ରଭୁ ଚାଲୁଥିବି ଜୀବନ ରାସ୍ତାରେ
ତୁମେ ଅନନ୍ତ ଅସୀମ ପରମେଶ୍ୱର
ତୁମେ ତ ସର୍ଜିଛ ସାରା ପାରାବାର
ସବି ଖଞ୍ଜିଦେଇଛ ଏ ଜଗତ ପାଇଁ
ତୁମ କରୁଣାର କାଣିଚାଏ ଦିଅ ପ୍ରଭୁ
ଚାଲିବାକୁ ଶେଷ ଦ୍ୱାର ପର୍ଯ୍ୟନ୍ତ
ଦୟା ରଖିଥିବ ମୋତେ ହେ ମହାବାହୁ
ତୁମ ଗଢ଼ା ମୁଁ ନିମିତ୍ତ ମାତ୍ର ।

ରାହାମା, ଜଗତସିଂହପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଗାଁ



ଶକ୍ତିଦା ବିଷୋୟୀ

(ଶଙ୍କରା ଭରଣ ଛନ୍ଦ)

ଜନନୀ ମୋ ଗାଆଁ ମାଟି ଚନ୍ଦନର ତୂଲ୍ୟ
ଭୂଲି ନାହିଁ ନ ଭୂଲିବି କେବେ ତା'ର ମୂଲ୍ୟ
    ସେ ମୋ ସରଗଠୁ ବଳି
ସେ ମାଟିରେ ଜନ୍ମ ମୋର ପ୍ରିୟ ସେହି ଧୂଳି । ।୧

ମୋ ଗାଆଁ ପାଣି ପବନ ପ୍ରାକୃତିକ ଦୃଶ୍ୟ
ମୋଜୀବନ ବଞ୍ଚାଇଛି ସୁସ୍ଥରେ ଅବଶ୍ୟ
    ତା ଛାତି ରେ ପାଦ ଦେଇ
ଚାଲି ସିଖିଅଛି ଆଜି ଖେଳି ବୁଲି ମୁହିଁ । ।୨

ଋଷୁକୂଲ୍ୟା ନଦୀ ପଠା ପର୍ବ ଜାନି ଯାତ୍ରା
ମୋର ପାଠଶାଳା ଖଳା ଆମ୍ବ ତୋଟା ମଜା
    ଚଉପାଶେ କେତେ ଫୁଲ
ସୁରଭିରେ ବମହକଇ ଦେବ କେ ତା ମୁଲ । ।୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଭିନ୍ନ ଫସଲ ଭରା ପଣସ କଦଳୀ
ଜାମୁ ସପୁରୀ ନଡ଼ିଆ ଶୋଭା ଭଳି ଭଳି
ପ୍ରିୟ ଅତି ସେ ମୋ ଗାଁ
ଜନ୍ମ ମାଟିର ସମ୍ବନ୍ଧ ରଖିବି ତା ନାଆଁ । ।୪

ଗ୍ରାମ ପରିଜନ କେତେ ଆତ୍ମିୟ ସ୍ୱଜନ
ଚଉଁରା ରେ ଦୀପ ଦାନ ଘଣ୍ଟା ଘଣ୍ଟି ନାଦ
ଜୀବନ ର ବଡ ସ୍ମୃତି
ପ୍ରାଣ ଥିବା ଯାଏ ନ ଭୁଲିବି ତାର ପ୍ରୀତି । ।୫

ସୋରଡ଼ା, ଗଞ୍ଜାମ୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିଷ୍ପତ୍ତିର ଚଟାଣରେ



ତୃପ୍ତିରାଣୀ ପାତ୍ର

ସମୟ ସ୍ରୋତରେ ଭାସମାନ ହୋଇ
ଘେରି ଆସେ ଯେବେ ସମସ୍ୟା
କିଂ କର୍ତ୍ତବ୍ୟ ବିମୁଢେ ମଥା ଘୁରଇ
ବୁଦ୍ଧି ନଦିଶଇ ସହସା ।

ଆଶାର ସୂରୁଯ ବିବେକେ ସଞ୍ଚାରି
ହେଉଥାଏ ସଦା ସେ ଘାରି
ନିଷ୍ପତ୍ତିର ଚଟାଣରେ ଦମ୍ଭ ଧରି
ଟାଳିଦିଏ ବିଭୁଙ୍କୁ ଧରି ।

ବିଶ୍ୱାସ ଢାଲଧରି ବିଭୁଙ୍କ୍‌କ ସୁମରି
ଚାଲିବା ଜଗତ ପଥରେ
ଡରିବାନି କେବେ ହାରିବାନି ପୁଣି
ଏ ଜୀବନର ଶେଷଯାଏ ।

ଲହୁଲୁହେ ଭିଜି ସବୁ ଦୁଃଖ ସହି
ଚାଲିବା ପଭୁ ଅନୁସରି
ସୁଚରିତ ଜ୍ଞାନ ଜୀବନେ ଦର୍ଶାଇ
ଆଲୋକର ପଥରେ ରହି ।

ପ୍ରେମ କାହାଣୀରେ ସଂଲଗ୍ନ ବିଚ୍ଛେଦ
ଦୁଇଟିର ପରିପୂରକ
ନିବିଡ଼ ଭାବର ସମ୍ପର୍କ ସ୍ୱଚ୍ଛନ୍ଦ
ନିଷ୍ପତ୍ତିରେ ସହାୟକ ।

ଏସି ଏଫ ଯବାନ ସୌମ୍ୟରଞ୍ଜନ
ବୃତାନ୍ତଟି ଦିଏ କଷଣ
ନହାରି ଜୀବନ ଆନପାଇଁ ପ୍ରାଣ
ନିଷ୍ପତ୍ତି ଚଟାଣରେ ପ୍ରାଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ କଲା ସେହି ଅଘଟଣମାନ

ଛଡାଇ ନେଲାରେ ସନ୍ତାନ

ହାଏରେ ସମାଜ ଶିକ୍ଷିତ ସୁଜନ

ବିଦ୍ୟା କି କଲା ଦଂଶନ ।

ସପନ ସମାନ ହୋଇଗଲା ଧ୍ୱଂସ

ଉଚ୍ଚଶିକ୍ଷା ଥାଇ କି ଲାଭ

ଜୀବନରେ ଯଦି ନଶୋଭେ ଆଭାସ

ଧନ୍ୟ ସେ ପ୍ରୀତି ସୌରଭ ।

ସହଦେବ ଖୁଣ୍ଟା, ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହୃଦୟର ପ୍ରୀତି ଜ୍ୟୋତି



ପଙ୍କଜିନୀ ଉପାଧ୍ୟାୟ

ନୀରବ ମଉନ ତମିସ୍ରା ଶଯ୍ୟାରେ ଶୋଇବାର ଉପକ୍ରମ
ମନ ଗହନରେ ଉଙ୍କି ମାରି ସ୍ମୃତି ସୃଷ୍ଟି କରେ ମହାଭ୍ରମ ।
ଝରକା ଫାଙ୍କରେ ଚାହିଁ ଦେଖେ ହେଲେ ଆକାଶରେ ମେଘରାତି
ବାଦଲ ଉହାଡୁ ଶୁଣି ପାରୁନି ମୁଁ ଚନ୍ଦ୍ରମାର ମଧୁଗୀତି ।

ଜହ୍ନ ଉଇଁବାର ସମ୍ଭାବନା ନାହିଁ ପଡୁନି ଚନ୍ଦ୍ର କିରଣ
ତାରା ତନୁପରେ ତମିସ୍ରାର ଛାୟା ହଜି ଯାଇଛି ସପନ ।
ତମସା ହଜାଇ ଦେଲା ମୋର ସୁଖ ମିଳିଲାନି ପ୍ରୀତି ଛୁଆଁ
ଭାଗ୍ୟ ଭବିତବ୍ୟ ଲେଖନୀ ଚାଳନା ଖେଳିଲା ମୋ ସାଥେ ଜୁଆ ।

ତଥାପି ନୈରାଶ୍ୟ ଘୋଟିନି ପ୍ରାଣରେ ଦେଇଛି ଅନ୍ଧାର ଟାଳି
ଦୁମୁଦୁମୁ ବର୍ଷା ଶୁଆଇ ଦେଉନି ତୁମ କଥା ହୁଏ ଭାଳି ।
ବିମଳ ଶରତ ଲଘୁଚାପ ଘେରେ ତନ୍ଦ୍ରା ଲେପିଦେଲା ପରେ
ତୁମ ପ୍ରୀତି ଜ୍ୟୋତି ଫୁଲ ହୋଇ ଫୁଟେ ହୃଦୟର ଅନ୍ଧକାରେ ।

ମୋ ହୃଦୟେ ସଖୀ ହୃଦୟକୁ ତୁମ ଯେଉଁ ଦିନ ଦେଲ ଛନ୍ଦି
ତୁମର ନିବିଡ ବାହୁବନ୍ଧନରେ ହୋଇଗଲି ମୁହିଁ ବନ୍ଦୀ ।

ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଥିଲେ ପାଶେ



ଗୀତାଞ୍ଜଳୀ ଭୂୟାଁ

ତୁମେ ଥିଲେ ପାଶେ
ମୋ ମନରେ ଲାଗେ
ଇନ୍ଦ୍ରଧନୁ ସପ୍ତରଙ୍ଗ
ଜୀବନ ଯମୁନା
କଳ କଳ ବହେ
ହୃଦୟେ ଉଠେ ତରଙ୍ଗ ।

ତୁମେ ଥିଲେ ପାଶେ
ଉଆଁସ ରାତି ରେ
ତୋଫା ଜହ୍ନାଲୋକ ଦିଶେ
ଖୁସିର ପାହାଡ଼
ଚଢ଼ିଛି କି ସତେ
ଆକାଶ ଛୁଇଁବା ଆଶେ ।

ତୁମେ ଥିଲେ ପାଶେ
ନିଦାଘ ର ଝାଞ୍ଜି
ବସନ୍ତ ମୃଦୁ ମଳୟ
କୋକିଳ କୂଜନେ
ପ୍ରୀତି ଜାଗେ ମନେ
ନଥାଏ ନିସଙ୍ଗ ଭୟ ।

ତୁମେ ଥିଲେ ପାଶେ
ସବୁ ଥିଲା ପରି
ଲାଗେ ମୋତେ ଭରପୁର
ନାନା ଜାତି ଫୁଲେ
ଅଗଣା ଚହଟେ
ମହକେ ଆତ୍ମବିଭୋର ।

ତୁମେ ଥିଲେ ପାଶେ
ରାତି ଅଣ୍ଟେ ନାହିଁ
ଦିନ ଲାଗେ ଭାରି ବଡ଼
ଦୂରେ ଚାଲିଗଲେ
ମନ ଖାଲି ଝୁରେ
ସବୁ ହୁଏ ଗଡବଡ଼ ।

କେନ୍ଦୁପାଟଣା, କଟକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବେଳାଭୂମିର ଶିଳ୍ପୀଟିଏ ମୁଁ



ବୀଣା ସାହୁ

ବେଳାଭୂମିର ବିସ୍ତୀର୍ଣ୍ଣ ବାଲୁକା ରାଶି
ସମୁଦ୍ରର ଘନ ନୀଳ ଜଳ
ଆକାଶ ସମୁଦ୍ର ଯେମିତି ଯାଇଥାନ୍ତି
ମିଶି,
ଯେମିତି ଦୁହେଁ ଦୁହିଁଙ୍କୁ ଆଲିଙ୍ଗନ କରୁଥାନ୍ତି ବସି ।

ସାଗର ଢେଉକୁ ଚୁମି ବିଜନ
ବେଳାରେ,
ସାଉଣ୍ଟେ ସ୍ମୃତି କୁ ଏକା ଏକା ବସି
ବେଳାଭୂମିରେ ବିଲୀନ ସାଗର ଜଳରେ ।

ସ୍ମୃତିକୁ ସାଉଣ୍ଟି ଏକାଠି କରଇ
ବେଳାଭୂମିର ଶିଳ୍ପୀଟିଏ ହୋଇ,
ବାଲିସ୍ତୁପ ଦେଖି ଚିତ୍ର ଗଢୁଥାଇ
ମୁହିଁ ।

ଗଢି ବସେ ସେହି ବେଳାଭୂମିରେ
ଜୀବନିକାର ଅଟ୍ଟାଳିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଚଳନ୍ତି ଦେବତା ଜଗତର ନାଥ
ଗଢେପୁଣି କୈବଲ୍ୟ କଣିକା ।

ବେଳାଭୂମିର ଶିଳ୍ପୀଟିଏ ମୁଁ
ମୋ ଜୀବନର ପ୍ରତିଟି ଛବି,
ଓଜାଡି ପରସେ ବାଲୁକା ପରତେ
ପର୍ଯ୍ୟଟନ ସ୍ଥଳୀରେ ସୌନ୍ଦର୍ଯ୍ୟର
ଦୃଶ୍ୟ ଆଶ୍ଚର୍ଯ୍ୟ ହୁଅନ୍ତି ପର୍ଯ୍ୟଟକ ଭାବି ।

ପର୍ଯ୍ୟାଟକ ଦେଖି ହୁଅନ୍ତି ମୁଗ୍ଧ
ସାଗର ତଟିନୀରେ ଢେଉ ତରଙ୍ଗ
ଭାରି ମନଲୋଭା ଛିଞ୍ଚି ହୋଇ ପଡୁଥିବା ଜଳ ଆଉ ଆକାଶରେ
ଉଡିଯାଉଥିବା ବିହଙ୍ଗ ।

ଆଙ୍କି ବସେ ଯେବେ ମୋ ଜୀବନିକା
ସବୁ ଦୁଃଖ ସୁଖ ଖରା ଛାଇ,
ଶିଳ୍ପୀଟିଏ ମୁଁ ବେଳାଭୂମି ଦେଖି ମନ
ମୋ ବଳୟୀ ।

ପ୍ରତି ମୁହୂର୍ତ୍ତରେ କୂଳରେ ଲହରୀ
ମାଡିଆସେ ଫେରିଯାଏ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିଳ୍ପୀଟିଏ ମୁଁ ବେଳାଭୂମିରେ
ନୂଆ ଉନ୍ମାଦନା ଭରି ନୂଆ ରୂପ ରେଖ ଆନନ୍ଦ ମନେ ଗଢୁଥାଏ ।

କେତେ ନୂଆ ନୂଆ ବାଲିଘର କରି
ନିତି ରଙ୍ଗ ବିରଙ୍ଗରେ ଚରିତ୍ରକୁ
ମୁଁ ଦିଏ ତାକୁ କରି ।

ଜୀବ ନିର୍ଜିବ ବସ୍ତୁ କଳ୍ପନା ରେ ଗଢେ
କେତେ ପଦଚିହ୍ନ ଲହଡ଼ିରେ ଲିଭିଯାଏ, ଆଉ କେତେକ କାହାଣୀରେ
ଲିପିବଦ୍ଧ ହୋଇ ରହିଯାଏ ।

ମୁଖରିତ ଶାନ୍ତ ଉପକୂଳ ବଶିଷ୍ଠ
ବେଳାଭୂମିର ଶିଳ୍ପୀଟିଏ ମୁଁ
ଶିଳ୍ପୀ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ଓ
ଶ୍ରେଷ୍ଠ ।

ଯୋଡ଼ା, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଗାଆଁ ଆଜି ହସୁଛି



ପ୍ରତାପ କିଶୋର
ରାଉତ

ପ୍ରତ୍ୟୁଷ ଅରୁଣ କିରଣ ଆଭାରେ
ମୋ ଗାଆଁ ଆଜି ହସୁଛି
ପକ୍ଷୀ କାକଳୀର ମଧୁର ମୂର୍ଚ୍ଛନା
ମୁଖରିତ ସତେ ହେଉଛି
ଶୁଭ ଶଙ୍ଖ ଧ୍ୱନି ଶୁଭୁଛି
ବେଦ ମନ୍ତ୍ର ସାଥେ ଓଁକାର ନାଦରେ
ହୃଦ ପୁଲକିତ ହେଉଛି ।
ମୋ ଗାଆଁ ଆଜି ହସୁଛି ।

ସରେ କମଳିନୀ ଭ୍ରମର ଗୁଞ୍ଜନେ
ଉଷାରାଣୀ ପାଦ ଥାପିଛି
ପ୍ରାଚୀ ଗଗନରେ ଲୋହିତ ରଙ୍ଗିମା
ହୃଦ ପୁଲକିତ କରୁଛି
ଚଷା ପୁଅ ହଳ ଯୋଚୁଛି
ରାମ ଲଇକ୍ଷଣ ଗଲେ ମୃଗମାରି
କଣ୍ଠରୁ ତା ଝରି ଆସୁଛି ।
ମୋ ଗାଆଁ ଆଜି ହସୁଛି ।

ମୋ ଗାଆଁର ପଥେ ଘର ଭୁଆଶୁଣି
ସଅଳ ନଦୀକୁ ଯାଉଛି
ତେରଛା ଚାହାଣୀ ସୁଢଳ ଭଙ୍ଗୀରେ
ପଛକୁ ଫେରି ସେ ଚାହୁଁଛି
ଲାଜରେ ଓଢଣୀ ଟାଣୁଛି
ଟୋକା ଦିଅର ଟା ସୁସୁରି ବଜାଇ
ହରକତ ଖାଲି କରୁଛି ।
ମୋ ଗାଆଁ ଆଜି ହସୁଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗହୀର ପାଟରେ ସବୁଜିମା କ୍ଷେତ
ମନ ସତେ କିଣି ନେଉଛି
ନଦୀ ପଠାଧାରେ ଗାଇଆଳ ପିଲା
ବଇଁଶୀ ବଜାଇ ଦେଉଛି
ମନଟା ଚଞ୍ଚଳ ହେଉଛି
କିଆବନ ତଳେ ଡାହୁକ ଶବଦ
ଭାସି ଭାସି ସତେ ଆସୁଛି ।
ମୋ ଗାଆଁ ଆଜି ହସୁଛି ।

ସଞ୍ଜ ନଇଁଗଲେ ବାରୁଣୀ ଗଗନେ
ଚିତ୍ର ପନ୍ତି କିଏ ଆଙ୍କୁଛି
ନୀଡ଼ ଫେରା ପକ୍ଷୀ ଆନନ୍ଦ ମନରେ
ମନ ଖୋଲି ଗୀତ ଗାଉଛି
ମନ୍ଦିରେ ଆଳତି ଶୁଭୁଛି
ଭକତ ହୃଦୟେ ଭକ୍ତି ର ମହକ
ମହ ମହ ସତେ ଭାସୁଛି ।
ମୋ ଗାଆଁ ଆଜି ହସୁଛି ।

ବୋଇତି କଖାରୁ ପୋଇ ଶାଗ ମଞ୍ଜା
ଚାଳ ଘରେ ଶୋଭା ପାଉଛି
ପୋଖରୀ ରେ ହଂସ ହଂସରାଳି ଖେଳ
ମନ ବିମୋହିତ କରୁଛି
କାଶତଣ୍ଡି ଶୋଭା ପାଉଛି
ଧୀର ପବନରେ ମଥାକୁ ହଲାଇ
କେତେ ଭଙ୍ଗିମା ରେ ନାଚୁଛି ।
ମୋ ଗାଆଁ ଆଜି ହସୁଛି ।

ପରସ୍ପର ମଧ୍ୟେ ଭାବ ବିନିମୟ
ଏକତା ର ମନ୍ତ୍ରେ ବାନ୍ଧିଛି
ସୁଖରେ ଦୁଃଖରେ କାନ୍ଧ ମିଳାଇଣ
ଜୀବନ କୁ ଧନ୍ୟ କରିଛି
ଭାଗ୍ୟବାନ ନିଜେ ମଣିଛି
ସେ ମାଟି ମମତା ହୃଦୟେ ରଖିଣ
ଦୂରରୁ ଜୁହାର କରୁଛି ।
ମୋ ଗାଆଁ ଆଜି ହସୁଛି ।

ଶିକ୍ଷକ, ଚମ୍ପକେଶ୍ୱର ଉଚ୍ଚ ବିଦ୍ୟାଳୟ
ପୋଇପାଣି, କେନ୍ଦୁଝର, ମୋ–୮୩୨୭୨୨୫୦୩୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟବଧାନ



ଶୁଭଲକ୍ଷ୍ମୀ ସେଠୀ

ତୁମର ସବୁ ସର୍ତ୍ତ କୁ ମୁଁ ମାନି ନେଇଥିଲି
ଆଞ୍ଜୁଳାଏ ଆପଣା ପଣକୁ ନେଇ
ମୁଁ ନିଜର କରିସାରିଥିଲି ତୁମକୁ
ତୁମେ ବି ଗୋଟାପଣେ
କାୟା ବିସ୍ତାର କରିସାରିଥିଲ
ମୋର ସର୍ବାଙ୍ଗ ଶରୀରେ
ଗଢି ସାରିଥିଲେ ପ୍ରେମର କୋଣାରକ
ଭାବିଥିଲି ତୁମ ମୋ ଭିତରେ ଥିବା ସେଇ ଟିକକ ବ୍ୟବଧାନ
ଆହୁରି ନିକଟତର ହୋଇ ଗଲା
କିନ୍ତୁ ହଠାତ୍ ଏ ବ୍ୟବଧାନଟା କଣ ପାଇଁ ଯେ ବଢିବାକୁ ଲାଗିଲା
ବୁଝିପାରିଲିନି ମୁଁ
ଏ ପ୍ରେମଟା ହଠାତ୍ ଏମିତି ବିଚ୍ଛେଦର ରୂପ ନେଲା କଣ ପାଇଁ
ଟୋପାଏ ପ୍ରେମ ନୀର ବରଷିବା ଆଗରୁ
ତୁମେ ମୋ ଠାରୁ ଦୁରେଇ ଗଲ
ବସନ୍ତ ଟା ପାଦ ଦେଉ ଦେଉ
ତୁମେ ଲଗେଇ ଦେଲ ନିଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେହ ଆଉ ମନରେ

ନିସର୍ତ୍ତ ଥିଲା ମୋ ପ୍ରେମ

ମୁଁ ଚାହିଥିଲି ହୃଦୟ ଖୋଲା ପ୍ରେମ

ଥରେ ବି ତୁମେ ଶୁଣିବାକୁ ଚାହିଁଲନି

ମୁଁ କଣ କହିବାକୁ ଚାହୁଁଥିଲି

ସବୁକିଛି ଓଲଟପାଲଟ ହୋଇଗଲା

ଅନେକ ଅସମାହିତ ପ୍ରଶ୍ନ ଭିତରେ

ମନଟା ଖାଲି ହେଉଥିଲା ଆଉଟୁ ପାଉଟୁ

ଯଦିଓ ପୃଥିବୀରୁ ସୂର୍ଯ୍ୟ ଙ୍କର ଦୂରତା

ମାପିବା ସହଜ ଥିଲା

କିନ୍ତୁ  ତୁମ ମୋ ଭିତରେ ଥିବା ବ୍ୟବଧାନ

ମାପିବାଟା ହୋଇଗଲା ବଡ ଜଟିଳ ଏବଂ କଷ୍ଟକର ବ୍ୟାପାର

ଆମର ଏଇ ଦୀର୍ଘ ବ୍ୟବଧାନ ର

ଶୂନ୍ୟସ୍ଥାନ ପରେ

ସମ୍ପର୍କରେ ରେ ପଡିଗଲା ପୂର୍ଣ୍ୟଛେଦ

ଆଠଗଡ଼, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକତା ଆମର ବଳ



ଭକ୍ତବନ୍ଧୁ ସାହୁ

ଏକତା ଅଭାବେ  ପରାଧୀନ ଦେଶ
କେତେଯେ କଷଣ ଦୁଃଖ
ଏକତାର ମନ୍ତ୍ର  ମନେ ଭରେ ବଳ
ଚଖାଏ ମୁକ୍ତିର ସୁଖ  ।୧
ଏକତାହିଁ ବଳ  ଏକତା ଶକତି
ଏକତାହିଁ ମୂଳମନ୍ତ୍ର
ଏକତା ଆଗରେ  ମୁଣ୍ଡ ନୁଆଁଇଲା
ଫିରିଙ୍ଗୀ ଶାସନ ତନ୍ତ୍ର ।୨
ବଳଶାଳୀ ହାତୀ  ହାର ମାନେ ଦେଖି
ପିମ୍ପୁଡି ଜାତିର ବଳ
ଶିକାରୀ କବଳୁ  ବଞ୍ଚାଏ ଜୀବନ
ସାହସିକ ପାରା ଦଳ  ।୩
ପେନ୍ଥାଏ ଅଙ୍ଗୁର  କେଡେ ମନୋହର
କେହେବ ରୂପରେ ତୁଲ୍ୟ
ପେନ୍ଥାରୁ ଖସିଲେ  ନ ପଚାରେ କେହି
କମିଯାଏ ତାର ମୂଲ୍ୟ  ।୪
ଜାତି ଧର୍ମ ଭାଷା  ଖାଦ୍ୟ ବେଶ ଭୁଷା
ପରମ୍ପରା ଆମ ଭିନ୍ନ
ଏକତା ସୂତାରେ  ଗୁନ୍ଥି ହେବା ସର୍ବେ
ଦେଶର ରଖିବା ମାନ  ।୫
ଭାରତ ମାତାର  ଆମେ ଟିକି ଫୁଲ
ଏକତା ଆମର ବଳ
ଏକତା ରଜ୍ଜୁରେ  ବାନ୍ଧି ହେବା ଆସ
ଜଗତେ ହେବା ସବଳ  ।୬

ଶିକ୍ଷକ,କପସିଲା(ତୁଷୁରା),ବଲାଙ୍ଗୀର
ମୋନଂ-୯୯୩୮୮୧୯୪୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେତେ କଥା ଏ ବନ୍ଧୁତ୍ୱର



ରୁଦ୍ର ନାରାୟଣ ଦାଶ

ହଁ ଏଇ କାର୍ତ୍ତିକ ଜାଡୁଆ ସକାଳରେ

ତୁ ଧରାର କୋଳରେ

କେତେ ନବ ଆଶାର ପଲ୍ଲବ

କେତେ ନବ ଭାବନା ବିପ୍ଳବ

ଆସିଥିଲୁ ମାତ୍ର ସୌଭାଗ୍ୟର କଥା

ରହିଗଲୁ ମୋ ସହ ଏଇ ଯେମିତି

ପଦ୍ମ ଗଛରେ ନଫୁଟି ସଦା ପାଣିରେ । ।

ଦେଖିନି ତତେ ମାତ୍ର କଥା ହଉ

ଏଇ ତାକୁ ତ ଦେଖି

ତୋ ପାଇଁ ପ୍ରେମିକ ମୋର ସେ ପ୍ରେମିକା

ଏଇ ଗୁପଚୁପ କଥା ବନ୍ଧୁତ୍ୱର ସେ

ଝଗଡ଼ା, ମିଠାଗପ ଆଉ ସେ ଶ୍ରାବଣର କାଦୁଅ ଛିଟା କଜିଆ

ପୁଣି ମିଶିଯାଉ ଆଉ କହିଦେଉ

ଯା ପଢେ ବସିକି ଗଧ ହେଇଯିବୁ  । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖାହେଇଥାନ୍ତ କି ବହୁ ପୂର୍ବରୁ

କେଜାଣି ଏ କିଭଳି ମିଳନ

ଭାଗ୍ୟର ସେ କେତେ ତମ ଅଧ୍ୟାୟରେ

ଯୋଡ଼ାଯିବ ଆମ ଭେଟଘାଟକୁ

ଆଉ ଲେଖିଯିବା ବନ୍ଧୁ-ପ୍ରୀତିର ସ୍ପନ୍ଦନ

ଦିକ୍ ଦିକ୍ କରି ଦଉଡୁଥିବ ଛାତି

ପୁଣି ତୁ କହୁଥିବୁ ଯା ଆଉଟିକେ ମାଙ୍କଡ ପରି ଡେଇଁ ଯା..

ପୁଣି ଚାଲିଥିବ ଖେଣ୍ଟାଖେଣ୍ଟି

ଆମେ ବାହାରିପଡ଼ିବା ଆମ ଲକ୍ଷ୍ୟ ପଥରେ

ହାୟ ! ହାତ ଛନ୍ଦି ହେଇଯାଇଥିବ ବନ୍ଧୁତ୍ୱରେ ଦୁହିଁଙ୍କର

ଏ ସାହିତ୍ୟ ବି କହୁଥିବ ତୁମେ ନିତି

ଚାଲିଆସିବ ଏ ସନ୍ଧ୍ୟାରେ ନବ ବିହଙ୍ଗ ହୋଇ

ସାହିତ୍ୟର ନୀଳ ନଦୀର ସେ ସବୁଜ ବେଳାଭୂମିକୁ.....

ଠିକଣା- ନୟାପଲ୍ଲୀ, ଭୁବନେଶ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ବୋଉ



ଡଃ ମାଙ୍ଗଳିକା
ମହାପାତ୍ର

ଛାତିରେ ଛାତିଏ କୋହ ନେଇ
କେମିତି ବଞ୍ଚିବାକୁ ହୁଏ ...
ଦେଖିଲେ ବୋଉକୁ ଜାଣି ହୁଏ
ବୋଉ ଗୋଟେ ମାଇଲ ଖୁଣ୍ଟ
ମୋ ପାଇଁ, ତୋ ପାଇଁ ...
ଆମ ସବୁ ଭାଇ ଭଉଣୀଙ୍କ ପାଇଁ

ଖରାବେଳେ ସୂର୍ଯ୍ୟ ପରି
ସଞ୍ଜବେଳେ ଜହ୍ନ ପରି
ଜଳୁଥିବା ବୋଉକୁ ମୁଁ ପଚାରେ
କ'ଣ ତୁ ପାଇଲୁ ଏଇ ସଂସାରେ
ଏତେ ଦହଗଞ୍ଜ ଭିତରେ
କେମିତି ଜୀଇଁଛୁ ସତରେ .. ! !

ତୋ ବୋଉ, ମୋ ଆଈ କଣ
ଜାଣି ନ ଥିଲା, କହି ନ ଥିଲା
ଏ ନୃଶଂସ ଦୁନିଆ ବିଷୟରେ
ବୋଉ ମୋର ହସୁଥିଲା
ପୁନେଇଁ ଜହ୍ନ ପରି
ଓଠରୁ ତା ମୁଠା ମୁଠା ମଲ୍ଲୀ

ଝରୁଥିଲା ଅମୃତ ପରି
ହସି ହସି ସେ କହିଲା
ଏଇ ବୋଉ ହେବା ଟା ହିଁ
ମୋର ଭାଗ୍ୟ ...
ମୋର ନାରୀତ୍ୱ ...
ମୋର ସାତ ଜନ୍ମର ପୂଣ୍ୟ

ତୁ ବୁଝିପାରିବୁନି ...
ବୋଉମାନେ ହିଁ ଜାଣନ୍ତି
କି ମହାର୍ଘ୍ୟ ଆନନ୍ଦ ମିଳେ
ଛୁଆମାନଙ୍କର "ବୋଉ" ଡାକରେ
ଦୁଃଖ ସବୁ ଲିଭିଯାଏ
ସେ ଅମୃତ ବେଳାରେ ...

ରେଭେନସା ବିଶ୍ୱବିଦ୍ୟାଳୟ, କଟକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜହ୍ନ ଓ ତାରା



ଭାଗିରଥୀ ଯାନୀ

ପୂର୍ଣ୍ଣିମୀ ସନ୍ଧ୍ୟାର ଶୀତଳ ଜ୍ୟୋଛନା
ମନେ ଭରେ ନୂଆ ସ୍ୱପ୍ନ,
ଶାନ୍ତ ସ୍ନିଗ୍ଧ ମନ ନିର୍ମଳ ଆଲୋକେ
ରାତିଟା ଲାଗଇ ଭିନ୍ନ ।

ଅନନ୍ତ ଗଗନେ ମିଞ୍ଜି ମିଞ୍ଜି କରି
ହସୁଥାନ୍ତି ତାରାଗଣ,
ଦେହେ ଦୀପ୍ତି ଭରି ତାରା ମେଳେ ଜହ୍ନ
ଦିଶୁଥାଏ ଶୋଭାବନ ।

ଆହେ ତାରାଗଣ ତୁମ ତନୁ ସାନ
ତଥାପି ରହିଛି ମାନ,
ଶୂନ୍ୟ ଆକାଶକୁ ଚାହିଁ ଦେଲେ କେହି
ଆଖି ରହେ କିଛି କ୍ଷଣ ।

କୋଟି ତାରାଗଣ ପାଇ ଦରଶନ
ପୁଣ୍ୟ ହୁଏ କ୍ଷୁଦ୍ର ତନୁ,
ଅନ୍ଧକାର ରାତ୍ରେ ଶୁଭ୍ର ଆଲୋକରେ
ଦୂର ହୁଏ ଦ୍ୱନ୍ଦ୍ୱ ମନୁ ।

ଚନ୍ଦ୍ରମା ସହିତ ଥିଲେ ତାରାଗଣ
ଲାଗେ ଅପୂର୍ବ ସୁନ୍ଦର,
ଘନ ଅନ୍ଧକାର ଏ ଶୂନ୍ୟ ଅମ୍ବର
ତାରା ବିନା ଅସୁନ୍ଦର ।

ସପ୍ତର୍ଷି ମଣ୍ଡଳ ଆକୃତିର ରୂପ
ପ୍ରଶନ ବାଚକ ଚିହ୍ନ,
ମିଞ୍ଜି ମିଞ୍ଜି ଜ୍ୟୋତି ଜଣାଇ ଦେଉଛି
ସପ୍ତ ଋଷିଙ୍କର ନାମ ।

ଏକ ଲୟେ ଦେଖ ଉତ୍ତର ଦିଗରେ
ଧ୍ରୁବତାରା ଅବସ୍ଥିତ,
ଦିଗ ନିରୂପକ ଭାବେ ଜଣାଶୁଣା
ଉଜ୍ଜ୍ୱଳ ନକ୍ଷତ୍ର ସେତ ।

ଦଳପଡା, ଖଜୁରୀପଡା, ଫୁଲବାଣୀ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଟରେ ଓଟ



ନୀଳମଣି ଚାନ୍ଦ

ଓଟରେ ଓଟ
ଓଧ ପରି ତୁ ତ ନୁହଁରେ ଛୋଟ ।
ହୋଇଛୁ ଡେଙ୍ଗା
ଆ' ଆଉଁଶିବି ନ ଧରି ଠେଙ୍ଗା ।
ପିଠିର କୁଜ
ପାଣିଥଳି ତା'ର ଏ କଥା ବୁଝ ।
ମରୁର ବାଲି
ସହଜେ ଆମେରେ ପାରୁନା ଚାଲି ।
ତୁ ଚାଲିପାରୁ
ଶୁଣିଛି ଜମାରୁ ଥକ୍କା ନ ମାରୁ ।
କରୁ ସାହାଯ୍ୟ
ତେଣୁ ନାଆଁ ତୋ'ର ମରୁଜାହାଜ ।
ମରୁ ତୋ' ଘର
କହରେ ବୁଲିଛୁ ତୁ କେତେ ଥର ?
ଆସିଲେ ଝଡ଼
ଶୋଇ ରହୁ ନ ହୋଇ ହଡବଡ଼ ।
ଖାଉ ତୁ ଯାହା
ବୁଲିଯିବା ବେଳେ ନେବିରେ ତାହା ।
ମରୁ ଉଦ୍ୟାନ
କହିଦେ' ଜାଣିବୁ କେମିତି ସ୍ଥାନ ।
ମରୀଚିକାଟି
ଦେଖି ମନ ତୋ'ର ହୁଏ ଫିକା କି ?
ଥର୍, ସାହାରା
ରହିକି ସେଠାରେ ଦେଉ ପହରା ?
ଖରାର ଦାଉ
ତୋ ପରି ସହିବ କିଏରେ ଆଉ ?
ଓଟରେ ଓଟ
ଜିରାଫ ପାଖରେ ଦିଶୁରେ ଛୋଟ ।
ତୁ ନୁହଁ ହିଂସ୍ର
କହିଲେ ଆମ ଗାଁ ମାଗୁଣି ମିଶ୍ର ।

୨୨, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯ମୋ:୯୪୩୭୨୦୨୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଇତିହାସର ଅବୁଝା କଳ୍ପନା



ଲିଟନ୍ କୁମାର ବେହେରା

ତୁମେ ଏଇ ପ୍ରେମିକର
ସୁନ୍ଦରୀ ପ୍ରେମିକା ନ ହେଲ ନାହିଁ,
ବିଶ୍ୱାସହରା ନିରୁପାୟ
କବିର କବିତାଟେ ହେଇ ତ ରହିବ !

ସମାଜର ବନ୍ଧନ ନା ନିୟମ
କି ଦୁନିଆର କୋଉ ରିତିନୀତି
ସବୁଠୁ ଉର୍ଦ୍ଧ୍ୱରେ ପରା ପ୍ରେମ
ତମକୁ ମୁଁ ଭୁଲିବି କେମିତି ?

ପାଉଁଜିର ଶବ୍ଦ ନ ଶୁଭିଲେ ନାହିଁ
ପ୍ରତିଧ୍ୱନିରେ ତୁମ ନାଁ ଶୁଣିବି,
ତମ ମୁହଁ ମୋତେ ନ ଦିଶିଲେ ନାହିଁ
ସଂଜ ନଇଁଗଲେ ଚାନ୍ଦ ଦେଖିନେବି ।

ନିଃଶବ୍ଦ ଅନ୍ଧାର ପଚାରେ ମୋତେ
ରେ ! ତୋ ନୀରବତାର ରହସ୍ୟ କହ
ମୁଁ କଣଟା କହିବି ଯେ ଆଉ,
ଅତ୍ୟଧିକ ପ୍ରେମରେ ପରା
କଥା କୁହେ,
ଛଳଛଳ ଆଖିର ଅଝରା ଲୁହ ।

ତୁମେ ନ ହୁଅ ପଛକେ ନାହିଁ
ମୋ ମନରେ ସବୁଦିନିଆ ଖୁସି,
ଏତିକି ତ କେତେ, ମୋ ପାଇଁ
ଭାବନାରେ ତୁମେ ଚାଲିତ ଆସୁଚ
ଠିକ୍ ସେଦିନ ଭଳି ମୋତେ ଚାହିଁ ଚାହିଁ
ମୋର ପ୍ରତିଟି କଥାରେ ହସି ହସି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାଜଧାନୀରେ ଶୀତ



ମଞ୍ଜୁରାଣୀ ମିଶ୍ର

ଶୀତ ଆସେ ରାଜରାସ୍ତା ବ୍ୟସ୍ତ ବିପଣିରେ
କିଛି ସ୍ମୃତି ଫେଣ୍ଟି ଦେଇ ଚାଇନିଜ ରେସ୍ତୋରାଁରା ନିଭୃତ କକ୍ଷରେ
ଶୀତ ଆସେ ଝୁଣ୍ଟି ପଡୁଥିବା ଦୁଃଖକୁ ଗୋଟାଇ
ଝୁମ୍ପୁଡ଼ିର ଖୋଲା ଝରକାରେ
ସାତସିଆଁ ସ୍ୱପ୍ନ ଆଉ ସୁରଭିକୁ ଏକାଠି ମିଶେଇ
ରିଫୁଇଜ ରମଣୀର ଖୋଲା ପିଠି କ୍ଲାନ୍ତ କବରୀରେ
ଚା ଭୋଜି ସଂଧ୍ୟାର ଆସର
ନାଲି ନେଳି ଆଲୁଅରେ
କୃତି ଆଉ ସ୍ୱୀକୃତିର ସାମୀଆନା ତଳେ
ପାନପାତ୍ର ଫଳକରେ ଲୋହିତ ମୁଦ୍ରାରେ
ଶୀତ ଆସେ ଅରଣ୍ୟର କ୍ଷୁଧା ନେଇ ମୁଠା ମୁଠା
ଆଦିମ ତୃଷ୍ଣାରେ
କୁହୁଡିର କାରୁକାର୍ଯ୍ୟ ହସନ୍ତ ଜ୍ୟୋସ୍ନାରେ
ଶୀତ ହୁଏ ଆନମନା ଅନ୍ଧଗଳି ଉପାନ୍ତରେ
କିଛି ପ୍ରାପ୍ତି ଶୂନ୍ୟତାକୁ ଖୋଜି
ରହସ୍ୟର କୁହେଳୀ କାବ୍ୟରେ

ହାଇଦ୍ରାବାଦ, ୭୩୮୦୨୬୫୭୬୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷଚିଠି ସ୍ମୃତିରେ ସ୍ମୃତିରେ



ହୃଷିକେଶ ମହାନ୍ତ

ମତେ ଭୁଲିଲ କି...ସଖୀ ?
କେବେଠୁ ହୋଇଛି ଠିଆ ଶାଳବୃକ୍ଷ ପରି
ଏ ଖାକିର ଜଙ୍ଗଲେ
ଫେରିବାକୁ ନାହିଁ ରାସ୍ତା ସୀମାନ୍ତ ଅଞ୍ଚଳେ
ଅବା ସମତଳେ
ମୁଁ ଏକ ଦ୍ରୋହି ପଳାତକ
ପ୍ରିୟା ତୁମ ପାଶେ
ମଥାନତ କରେ ଆଜି ତୁମ ପ୍ରୀତିର ଅଞ୍ଚଳେ
ଜୀବନର ଶେଷ ସୀମାନ୍ତରୁ ।

କାନ୍ଧରେ ମୋ ସବାର ଅଛି ମୃତ୍ୟୁର ଦୂତ
ହାତ ଧରି ମୋର ବାହିନିଏ ଆଜି
ବିପକ୍ଷର ମାୟା ନାଗଫାଶେ
ଭେଟିବାକୁ ମୋର ସ୍ମୃତିର ସମାଧିତଟେ
ଲେଖୁଛି ମୁଁ ଶେଷ ଚିଠି ବସି ମୃତ୍ୟୁର ନିକଟେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କି କରିବି ହାୟ କୁହ, କାପୁରୁଷ ନୁହେଁ ବୀର,
ବୀରପଣେ ପଣେ ନାଶି ନାଶ ହେଲି ଅମର
କିନ୍ତୁ ପ୍ରତିଶ୍ରୁତି ଗଲା ଭାଙ୍ଗି
ତୁମ ପାଶେ ଜନ୍ମ ଜନ୍ମାନ୍ତରର
ସଖୀ, ମୋତେ କ୍ଷମାକର
ଏ ବୀରଭୂମି ବୀରସୂତ କେ ଲୁଚିଛି ଅଞ୍ଚଳେ
ନାହିଁ ସାଖୀ ସଖି ନାହିଁ ସାଖି ଏ ଭୂମଣ୍ଡଳେ ।

ଆଜିବି ପ୍ରତିଧ୍ୱନି ଛଳେ ଏ ଅରଣ୍ୟ କରୁଛି ଧିକ୍କାର
ଶୁଣି ମୋର ସେଦିନର ସେଇ ଶେଷ ଚିତ୍କାର
ନଚିହ୍ନିଲା ସିଏ ମଣିଷ ବୋଲି
ଦେଇଗଲା ଆସି ମୃତ୍ୟୁ ଉପହାର
କି କରିବି କୁହ ପ୍ରିୟା...
ଗଢିଦେଲା ମୃତ୍ୟୁ ପୀଠ ଉରୀ ପୁଲୱାମା
ସେ ଅବିବେକୀ ଏ ଅରଣ୍ୟ ପଠାରେ ।

ଦେଖିନେବ ପ୍ରିୟା ଥରେ ମୋ ମୃତ୍ୟୁର କ୍ଷେତ୍ର
ଇତିହାସେ ଅବା ଭୂଗୋଳର ମାନଚିତ୍ରେ
ଭ୍ରମୁଥିବ ଆତ୍ମା ମୋର ଏଠି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଯିବ ଶାନ୍ତି ଢାଳି ତୁମ ନେତ୍ର
ଶୁଣ ଗୋ ପ୍ରିୟା ଶୁଣ
ଝରିଥିବ ରକ୍ତ ମୋର ସିକ୍ତଥିବ ମାଟି
ତହିଁରୁ ମୁଠାଏ ନେବ ଗୋ ସାଉଁଟି ।

ଦେବ ଗୋ ପୋତି ମୋ ଗାଁ ଘର ଦାଣ୍ଡ ଦୁଆରେ
ଦେଖୁଥିବି ଗ୍ରାମ ପରିଜନ ଆଉ ସଦୋରେ
କୁନିପିଲା ହେଉଥିବେ ବୋଳି
ଦୁଃଖ ସବୁ ଯିବି ସିନା ଭୁଲି
ତୁମେ ଦେଲେ ଗୋ ଛୁଇଁ
ଉଠିବି ଜୀଇଁ ରେଣୁ ରେଣୁରେ ସେ ସମୀରେ
ଚୁମିବି ଯେବେ ପିତା ମାତାଙ୍କ ଯୁଗ୍ମ ପୟରେ ।

ଚିହ୍ନିବା ଯଦି ସମ୍ଭବ ନୁହେଁ ହୁଏ ତୁମ ପକ୍ଷେ
କଡ ଲେଉଟାଇ ଦେଖିଯିବ ଏକେ ଏକେ
ତହୁଁ ଯଦି ନହେଲା ଚିହ୍ନି
ଦେଖିବ ତୁମ ସନ୍ତକ ଥିବ ମୋର ପାଶେ
ଆଦରେ ତୋଳିବ...
ରକ୍ତିମ ଥିବ ସେ ଯେଉଁ ସ୍ଥାନ ମୋ ନିକଟେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଡିଥିଲି ଟଳି ବକ୍ଷ ସିକ୍ତ ରୁଧିର ଲୋତକେ ।

ଟୋପା ଟୋପା ଲୁହ ଝରାଇ ଦେଇ ତୁମେ ଆଖିରୁ
ଧୋଇଦେବ ପ୍ରିୟା ରକତ ଧାର ମୋ ଶରୀରୁ
ସାଉଁଳି ଦେବ ମଥାକୁ ମୋର
ସଖୀ, ଶେଷ କଥା ଏକ ରଖିବ ମୋର
ରକ୍ତିମ କରିବ ରକତ ଧାର
ଆପଣା ହାତେ ଗୋଳିବ ସତୀ ହାତରେ ମୋର
ଶେଷ ଥର ପାଇଁ ପିନ୍ଧିନେବ ସଖୀ ରକ୍ତ ସିନ୍ଦୂର ।

ଧନ୍ୟ ହେବ ଜୀବନ ମୋର ପୂର୍ଣ୍ଣ ସର୍ବ ଆଶା
ସାର୍ଥକ ହେବ ଜନ୍ମ ମୋର ରହିଞ୍ଜ ଅଭିଳାଷା
ଲୋଡିବି ତୁମକୁ ଯୁଗେ ଯୁଗେ
ତୁମ ବିନା ନବଳାଇ ଆନ ଆଶା
ତୁମେ ଥିଲେ ସାଥିରେ,
କର୍ମ ମୋର ଧର୍ମ ମୋର ଅଙ୍ଗେ ସର୍ବ ଭୂଷା
ଅରୀ ଚୋରି ନାରୀ ସର୍ବେ ବଦଳିବେ ଦିଶା ।

ତିଲଝରୀ, ଆନନ୍ଦପୁର, କେନ୍ଦୁଝର,
ମୋ : ୭୩୭୦୪୩୪୭୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଡେଣାଟେ ପିନ୍ଧେଇ ଦେ



ଡା ନୀଳମାଧବ କର

ମେରୁଦ୍ରୁମଟିଏ ପରି

ତୋ ଆଶ୍ରାରେ

ଜଡେଇ ହେଇଥାଏ

ଲତାଟିଏ ହେଇ

ସାରା ଜୀବନର ଆଶା

...

ବିଶ୍ୱାସଟିକେ ଦେ ...

ବଦଳେଇ ଦେ ମୋ ଆକାଶ

ଜୀବନର ଦୃଶ୍ୟ - ଚିତ୍ରପଟ

ରଙ୍ଗେଇ ଦେ ଟିକେ

ଡେଣାଟେ ପିନ୍ଧେଇ ଦେ

ବହୁରୂପୀଟିଏ ପରି

ସଜେଇ ଦେ ମୋତେ

...

ବଦଳି ବଦଳେଇବାର

ଜୀବନଟେ ଭେଟି ଦେ ମୋତେ

...

ତୋ ଭରସାରେ

ଉଡ଼େଇ ଦେ ମୋତେ

ଅନ୍ତହୀନ ଦିଗବଳୟରେ,

ହଜିଯିବାକୁ ଦେ

ସୀମାହୀନ ଶୁନ୍ୟତାରେ

ତୋ ବିଶ୍ୱାସରେ

ଓଲଭରହାମ୍ପଟନ, ୟୁକେ

nmadhab@yahoo.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର



ପ୍ରଦୀପ କୁମାର
ଜିଳିକାରା

( ରାଗ- ମୁଖାରି )

ଜୟ ଇନ୍ଦ୍ରଜିତ ସୁତ... ଶ୍ରୀ ଅଭିମନ୍ୟୁ ସାମନ୍ତ...
ସିଂହାର ନାମେ ବିଖ୍ୟାତ..
କବି ପ୍ରବର.... ଭାଷାକାର... ୧

ଅଳଙ୍କାର ଯୁକ୍ତ ଲକ୍ଷ୍ୟ... ତହିଁରୁ ନୋହି ଅଲକ୍ଷ୍ୟ..
ଗୁଣୀ ବର୍ଣ୍ଣନେ ବିଲକ୍ଷ୍ୟ...
ବିଦଗ୍ଧ କବି.... ବାଣୀ ପବି... ୨

ରାଧାକୃଷ୍ଣ ପ୍ରୀତି ଗୀତ... ସର୍ଜନା ଅମୃତ ଜାତ....
ପଦ ପଦ୍ମ ସାର ଭୀତ...
ଯେହ୍ନେ ସରଘା... ରାଗାନୁଗା... ୩

ଚିନ୍ତାମଣି ବିଦଗ୍ଧରେ... ଚିନ୍ତାମଣି ସ୍ମରଣରେ...
ବିଦଗ୍ଧ ଚିନ୍ତାମଣିରେ....
ଅନନ୍ୟ କାବ୍ୟ... ରସୋଦ୍ଭବ.... ୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତବ ବାକ୍ୟ ସାଧୁ ଜନେ.... ନିଶି ଦୃଶ୍ୟ ଚନ୍ଦ୍ର ଯେହ୍ନେ..

କୁମୁଦ ବିକଚେ ପୂର୍ଣ୍ଣେ...

ନାଶେ ତମସା... ଜ୍ଞାନ ଭାଷା..... ୫

ଅସାହିତ୍ୟିକ ତର୍କେ... ବସୁନ୍ଧରାଧର ବୁକେ....

ଯେହ୍ନେ ଭୂଧର କଣ୍ଟକେ...

କରଇ ଚୂର... ତବ ଗୀର.... ୬

ଭାରତୀ ସ୍ୱର୍ଣ୍ଣ ଜଗତୀ... ସହାୟ ଯା'ଙ୍କୁ ଭାରତୀ...

ସାଧବେ କରି ଆରତୀ...

ପ୍ରଦୀପ କବି.... ପୂଜେ ଭାବି.... ୭

ତବ ଚରଣ ସରୋଜେ.... ମତ୍ତ ଭୃଙ୍ଗ ଯେହ୍ନେ ମଜ୍ଜେ

ନିଶି ଶେଷେ ପ୍ରାଣ ଭଜେ

ଏମନ୍ତ ଗତି... ହେଉ ପ୍ରାପ୍ତି.... ୮

ହାଡ଼ଶିଙ୍ଗୁଲା, ରାୟଗଡ଼ା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତେଣ୍ଡାର ଆର୍ତ୍ତଚିତ୍କାର



ରାଧାମୋହନ
ପୂଜାହାରୀ

ଶସ୍ୟଶ୍ୟାମଳରେ ପୂର୍ଣ୍ଣ ଏହି ବିଲ ବଣେ
ବିଦୀର୍ଣ୍ଣ ହୃଦୟେ କେହି କାନ୍ଦୁଥିଲା ଜଣେ
ଭୟଙ୍କର ଥିଲା ତା'ର ଆକୁଳ ଚିତ୍କାର
କାନ୍ଦି କହୁଥିଲା ମୋତେ କର ତୁ ଉଦ୍ଧାର । (୧)

ସହସା ମୁଁ ଚାହିଁ ଦେଲି ବିସ୍ମିତ ବଦନେ
ଥରୁଥିଲା ଭୂମି ତା'ର କରୁଣ ରୋଦନେ
ଥରୁଥିଲେ ମାଟି, ପାଣି, ପାଦପ, ପବନ
ତା' କ୍ରନ୍ଦନେ ବ୍ୟତିବ୍ୟସ୍ତ ହେଉଥିଲା ମନ । (୨)

ପାଖେ ଯାଇ ଛିଡ଼ା ହେଲି କିଏ ଜଣେ ବୋଲି
ଜରାଜୀର୍ଣ୍ଣ କାୟାକୁ ତା' ପ୍ରଣାମ ଟେ କଲି
ଆଶୀର୍ବାଦ ଦେବା ପାଇଁ ନ ଥିଲା ତା' ବଳ
ସେ ଲୋକଙ୍କ ଅନ୍ୟାୟର ଭୋଗୁଥିଲା ଫଳ । (୩)

ତା'କୁ ଚାହିଁ ଭାବିଲି ମୁଁ ଦୋଷ ବା କାହାର
ହୋଇଥିଲା ତା'ରି ପ୍ରତି କିନ୍ତୁ ଅବିଚାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନୁ ଦିନେ ସଂସ୍କୃତିରୁ ହଜିଲାଣି ନାମ
କୃଷି କାର୍ଯ୍ୟେ ଯନ୍ତ୍ର ବୃଦ୍ଧି ଅଟେ ପରିଣାମ ।(୪)

ଅସ୍ତିତ୍ୱଟା ବଞ୍ଚିରହୁ ସିଏ ଚାହୁଁଥିଲା
ଧୀରେ ଧୀରେ ଗଣ୍ଡି କିନ୍ତୁ ଉଇ ଖାଉଥିଲା
ଅପଲକେ ଚାହିଁ ମୋତେ ପ୍ରାଣ ମାଗୁଥିଲା
ଲୁହ ଭିଜା ନେତ୍ରେ ଆଜି ଟେଣ୍ଡା ଡାକୁଥିଲା ।(୫)

ଓଡ଼ିଶାର କୋଣେ ଅନୁକୋଣେ ଚାଷୀ ଭାଇ
ଟେଣ୍ଡା ଦ୍ୱାରା ପାଣି କାଢ଼ି ଜମି ସେଚେ ଯାଇ
ଜମି ଅତି ଉଚ୍ଚତାରେ ଥିବ ଯେତେବେଳେ
ଅସ୍ଥାୟୀ କୁଣ୍ଡରେ ପାଣି ବାନ୍ଧେ ସେତେବେଳେ ।(୬)

ଝରଣା, ଗାଡ଼ିଆ ପୁଣି ପୋଖରୀର ପାଣି
ଅସ୍ଥାୟୀ କୁଣ୍ଡରେ ସିଏ ରଖିଥାଏ ଆଣି
ଟେଣ୍ଡା ଦ୍ୱାରା ସେ ପାଣିକୁ ଚଷା ପୁଅ କାଢ଼େ
ଜୁନତା ବା ସେଣି ଦ୍ୱାରା ଜମି ମଧ୍ୟେ ଛାଡ଼େ ।(୭)

କେତେ ଆଦିବାସୀ ପୁଣି କେତେ ଜନଜାତି
ଟେଣ୍ଡା ଦ୍ୱାରା ପାଣିମଡ଼ା କାର୍ଯ୍ୟେ ଥା'ନ୍ତି ମାତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଠା ଜଳସେଚନର ଥିଲା କର୍ଣ୍ଣଧାର
ଆଜି କିନ୍ତୁ କୃଷି କାର୍ଯ୍ୟେ ନୁହେଁ ସେ କାହାର ।(୮)

କାଠେ ଓ ବାଉଁଶେ ଗଢ଼ା ଥିଲା ତା'ର କାୟା
କୃଷି କାର୍ଯ୍ୟେ ଏକଦା ସେ ରଚୁଥିଲା ମାୟା
ସମାଜରୁ ଆଜି କିନ୍ତୁ ହେଲାଣି ନିଶ୍ଚିହ୍ନ
ତା' ବିନା ଏ କୃଷି କ୍ଷେତ୍ର ଲାଗୁଛି ଶ୍ରୀହୀନ ।(୯)

ତା'ର ଏ ଅବସ୍ଥା ଦେଖି ବ୍ୟଥିତ ମୁଁ ହେଲି
କୋହ ଭରା ନେତ୍ରେ ତା'ଠୁ ବିଦାୟ ମୁଁ ନେଲି
ଭାବିଲି ତା' ପାଇଁ ଅବା କ'ଣ ମୁଁ କରିବି ?
କେମିତି ତା' ହୃଦୟର ଦୁଃଖ ମୁଁ ହରିବି ? (୧୦)

କି କହିବି ଆଜିର ଏ ଲୋକଙ୍କ ପ୍ରକୃତି
ଯନ୍ତ୍ର ମୋହ ପାଇଁ ତାଙ୍କ ଢେଣ୍ଡାର ସଂସ୍କୃତି
ହଜିବାକୁ ବସିଲାଣି ଢେଙ୍କି ଶିଳ ପରି
ଏ ଯୁଗେ ଆଉ କେ ତାଙ୍କୁ ନେବରେ ଆଦରି ? (୧୧)

ଅଧ୍ୟାପକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଲମ



ଦଣ୍ଡାସି ପ୍ରଧାନ

ମୁଁ ଅତି ସରଳ, ସୁଲଭ ସାମଗ୍ରୀଟିଏ ।
କିନ୍ତୁ ସାଧାରଣ ଭିତରେ ଅସାଧାରଣ ସୃଜିବାରେ କ୍ଷମବାନ,
କେଉଁ ଅନାଦି କାଳରୁ ଏବେଯାଏଁ ।
ମୁଁ ସମ୍ବଳହୀନ, ଧନହୀନ ବାଲ୍ମିକୀ ହୋଇ ମଧ୍ୟ,
ସୁତୀକ୍ଷ୍ଣ ଅସ୍ତ୍ରଟିଏ, ଅତି ଓ ଇତିହାସର ।
ଶାନ୍ତି ଓ କ୍ରାନ୍ତିର ବିଚାର ବାର୍ତ୍ତାରେ ,
ମୋ ପ୍ରଭୁଙ୍କ ବର୍ଦ୍ଧିତ ହୁଏ, ପ୍ରତିଭୁ ପତିଆରା ।୦୧

ମୁଁ ଜଡ଼ ।
କିନ୍ତୁ ମୋର ସ୍ୱାମୀଙ୍କ ଚିନ୍ତା ଓ ଚିନ୍ତନର କାନଭାସ୍ ରେ -
ଚିକ୍କଣ ଚିତ୍ରକୁ ରୂପୀପାରେ ସମ୍ୟକ୍ ଭାବରେ ।
ପାରଂପରିକ ଜଡତାକୁ ଗତିଶୀଳ କରାଏ ତ,
ଆଧୁନିକତାର ରଙ୍ଗ ବୋଳି ବଳିଷ୍ଠ କରିଥାଏ,
ପିଢ଼ିରୁ ପିଢ଼ିକୁ ।
କଳା ନୀଳ ନ୍ୟୂନାତିନ୍ୟୁନ ତରଳ
ବାୟୁ ଭୋଜ୍ୟଭୁକ୍ ହେଲେ ବି -

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁଁ ପରିପୁଷ୍ଟ ସମର୍ଥବାନ୍ ନିର୍ଜୀ ନାମୀଟିଏ ;

ଜଡ଼ରେ ଜୀବନ ଭରିବାରେ ।୦୨

ମୋର ଜାତି, ବର୍ଣ୍ଣ, ଲିଙ୍ଗ ଭେଦବିଚାର କିଛି ନାହିଁ ।

ସମତ୍ୱ ମୋର ଅହଙ୍କାର !!

ମୁଁ ପାପ ନା ପାତକୀ ?

ଅବା ଧର୍ମ ,ତୀର୍ଥ, ପୁଣ୍ୟ ନା ପୁଣ୍ୟାତ୍ମା ? ?

ମାତ୍ର ନିର୍ବାଣର ମନ୍ତ୍ର, ଯନ୍ତ୍ର, ତନ୍ତ୍ରାୟୁଦ୍ଧ ଟିଏ ;

ଧର୍ମ-ଅର୍ଥ-କାମ-ମୋକ୍ଷ ନିମିତ୍ତ !!

ମୁଁ ସତ୍ୟ, ଶିବ, ସୁନ୍ଦର, ଶାଶ୍ୱତ ନିର୍ବିକାର

ଆନନ୍ଦ ନହେଲେ ସୁଦ୍ଧା,

ଅର୍ପିପାରେ ଅମୃତମୟ ସାଗର ଶାସ୍ତ୍ର ,

ଆବ୍ରହ୍ମ ପ୍ରଶାନ୍ତି ନିଳୟ; ଅନାଦିରୁ ଅନନ୍ତ ଯାଏଁ ।

ମୁଁ କ୍ଷୟଶୀଳ ହେଲେ ବି ଅକ୍ଷୟର ସ୍ରଷ୍ଟା ;

ମନରୁ ମନଈଶ ପର୍ଯ୍ୟନ୍ତ, ନବ ନିର୍ମାଣରେ ।୦୨

ମୁଁ ନା ବୁଦ୍ଧି, ନା ବୃତ୍ତି, ନା ନିଶାଖୋର ଧୃତି ଓ ଧୂର୍ତ୍ତର

ପ୍ରଗଲ୍ଭ ପାଗଳ ?

ଏମିତି ହେଲେ ବି ମୁଁ ପୂଜ୍ୟ, ଆରାଧ୍ୟ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଦ୍ଧ, ବୁଦ୍ଧ ଓ ସୁଧୀଜନେ ଆଦୃତ ଯୁଗେ ଯୁଗେ ।
ମୁଁ ଦୟା, କ୍ଷମା ଅବା ଦଣ୍ଡ କେବେ ନଥିଲି କି ,
ଏବେ ବି ନୁହେଁ ।
ମାତ୍ର ମୋତେ ନିମିତ୍ତ ନେଇ, ଅଜାଡି ଦିଆଯାଏ ଅସୁମାରୀ ସମ୍ମାନ !
କର୍ମ ପ୍ରବଣତା ଧାରାରେ ।
ଏଣୁ ମୁଁ କୃତଜ୍ଞ ସମସ୍ତଙ୍କ ନିକଟରେ;
ସଫଳତା ଓ ପରିପୂର୍ଣ୍ଣତାର ସମନ୍ୱୟ ସାଉଁଟି ।୦୩

ମୋ ସୃଷ୍ଟିର ସାର୍ଥକତା ଓ ସାମର୍ଥ୍ୟକୁ ନେଇ
ମୁଁ ବେଶ୍ ଆନନ୍ଦିତ--
ସମୂହ ସେବାରେ ; ବିବିଧତାର ବିଶ୍ୱାସ ରତ୍ନସିଂହାସନ
ଆବୋରି ଆଗକୁ ମଧ୍ୟ !!
ମୋ ତ୍ୟାଗସିଦ୍ଧ ସାରସ୍ୱତ ସିଦ୍ଧି –
ଆବିଷ୍କାର କରେ ଅସତ୍ ରୁ ସତ୍ –
ପ୍ରକାଶିତ ହୁଏ ଜ୍ଞାନ, ଅଜ୍ଞାନ ଅନ୍ଧକାରରୁ--
ଭିନ୍ନ ଭିନ୍ନ ରୂପରୂପାନ୍ତରେ ସୁରଭିତ ସୌଭାଗ୍ୟ,
ମୃତରୁ ଅମୃତ ପର୍ଯ୍ୟନ୍ତ ଶାନ୍ତି ସଂସ୍ଥାପନେ ।୦୪

ସମ୍ପାଦକ (ସାହିତ୍ୟ), ଉପାନ୍ତ ସାହିତ୍ୟ ସେବା ସାଂସ୍କୃତିକ ସଂସଦ, ପାତ୍ରପୁର, ଗଞ୍ଜାମ ।
ଭ୍ରାମ୍ୟଭାଷ : ୮୭୬୦୨୯୪୯୬୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଏ ସେ ?



ଶ୍ରୀକ୍ଷେତ୍ର ସୁନ୍ଦର

ହଁ, ତା ଉପସ୍ଥିତି କୋଳାହଳ ସୃଷ୍ଟି କରେ
ହସ ବୁଣିଦିଏ ସଭିଁଙ୍କ ଓଠରେ ସେ
କଅଁଳ ପାଦ ସ୍ପର୍ଶରେ ତା ମାଟି ମହକେ
ତାର ସେ ଢଳଢଳ ନୟନ, ନୀରିହା ଚାହାଣି
ନ କହି ବି ସବୁ କହିପାରେ, ନିଃଶବ୍ଦରେ
କେବେକେବେ ଆଖି କୋଣରୁ ତା କଜ୍ୱଳର ସରହଦ ଡେଇଁ
ମୁକ୍ତା ସବୁ ଟୁପ୍-ଟାପ୍ ଝରି ପଡେ
କେବେ ପୁଣି ଥର ଥର ଓଠରୁ ତା ନୀରବରେ ଜହ୍ନ-ତାରା ହସେ
କେଜାଣି-କାହିଁକି-କେମିତି ସେ ଅତି ଆପଣାର ଲାଗେ

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲେଟ, ବରଗଡ
ମୋ - ୯୦୯୦୨୭୭୮୦୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଇଟି ପୃଥିବୀ



ସୁଧର୍ମା ଡାଙ୍ଗୁଆ

ଦୁଇଟି ପୃଥିବୀ ମୋର ।
ରହେ ଗୋଟିଏରେ ,
କିନ୍ତୁ ବଞ୍ଚେ ଅନ୍ୟଟିରେ
ଭଙ୍ଗା, କୋଳାହଳ ଓ ଅସ୍ଥିର ପୃଥିବୀରେ
ଭାଙ୍ଗିଗଲେ ମନ
ଛିଣ୍ଡା ସ୍ମୃତିର ଚାଦର ଘୋଡାଇ
ଲୁହଭିଜା ଆଖିକୁ ଲୁଚେଇ
ଚାଲିଯାଏ
ଆର ପୃଥିବୀକୁ ।
ସେଇଠି ତୁମେ ରୁହ ।

ଅଦୃଶ୍ୟ, ନିରାକାର ଓ ନୀରବରେ
ସ୍ପର୍ଶ କରିପାରେନାହିଁ ,
କିଛି କହିବି ପାରେନାହିଁ
କେବଳ
ଭଉଁରୀ ପବନ ପରି ଆସ
ମୋର ଅବୁଝା ମନକୁ ବୁଝେଇକି
ପୁଣି ଲୀନ ହୋଇଯାଅ
ସେହି ଅଦୃଶ୍ୟ ପୃଥିବୀରେ ।
ରହିବାର ହିଁ ଅଛି ମୋତେ
ଏହି ବାସ୍ତବ ପୃଥିବୀରେ
କିନ୍ତୁ
ବଞ୍ଚୁଛି ଆଜି ମୁଁ
ତୁମର ସେହି ଅଦୃଶ୍ୟ ପୃଥିବୀରେ ।

କଳା ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ, ଲିଙ୍ଗିପୁର, ଗୋସାଣି,
ପାରଳାଖେମୁଣ୍ଡି , ଗଜପତି
ମୋ - ୯୦୭୮୪୩୯୮୦୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବାପା ମୋର



ଅନସୂୟା ପଣ୍ଡା

ଅନିବାର ବାପା ଉପେକ୍ଷିତ ରକ୍ତର ସ୍ୱାକ୍ଷରରେ
ରାଜ ରାସ୍ତାରେ, ରାତିର ଅନ୍ଧାରରେ, ଦିନର ଐଶ୍ୱର୍ଯ୍ୟରେ
ସ୍ୱାର୍ଥାନ୍ଧ ସମ୍ପର୍କ ଭିତରେ, ବୋହୁକରି ଆଣିଥିବା କଣ୍ଢେଇ ହାତରେ
ମଣିଷ କରି ଉଭିଦେଇଥିବା ପୁଅର କଟାକ୍ଷରେ ।

ବାପା ପୂଜିତ ଲୋକ ଦେଖାଣିଆ ପିତୃ ଦିବସର ମହାପର୍ବରେ
ଫେସବୁକ ହ୍ୱାଟ ସପ, ଟିଉଟର, ଇନ୍‌ସ୍‌ଟାଗ୍ରାମରେ
ନିଆରା ଶବ୍ଦ ସବୁ ଋଦ୍ଧିମନ୍ତ କରେ, ଭିନ୍ନ ଭିନ୍ନ ପୋଷ୍ଟରେ
ବାପା ପୂଜା ପାଆନ୍ତି ଫଟ ଉଠିବା ଯାଏ
ଗୋଟେ ସୀମିତ ସମୟାନ୍ତର ଯାଏ ।

ବାପା ମୋର ଶକ୍ତିମାନ ସ୍ରଷ୍ଟାଟିଏ
ଦରଦୀ ହୃଦୟର ଅନ୍ତରଙ୍ଗ ବନ୍ଧୁଟିଏ
ଅବେଳ ଝାଞ୍ଜିରେ, ମୁଣ୍ଡ ଉପରେ ଛତାଟିଏ
ସଂସାର ବନ୍ଧନର ଚାବି କାଠିଟିଏ
ଯା ପାଖେ ଶତ ଶତ ମଥାନତ ହେବାକୁ ଭାରି ଇଚ୍ଛା ହୁଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେତେସବୁ କୁହାକଥା, ନକରିବା କାମରେ
ମୁଁ ଚାଖିଛି ତାଙ୍କ ଉଦ୍ଦେଶ୍ୟ, ତ୍ୟାଗରେ
ମିଶିଛି ଅଯୁତ ସ୍ୱପ୍ନ ପ୍ରତ୍ୟେକଟି ଲୁହରେ
ପରିବାରର ସବୁ ଅର୍ଥ ଓ ଅନର୍ଥକୁ
ଶେଯତଳେ ଜାକିଦିଅନ୍ତି ଶାନ୍ତିର ଆଶାରେ ।

ପିଲାଙ୍କ ହସକୁ ଭରୁଥିଲେ, ଚଲାପଥକୁ ସୁଗମ କରିବାରେ
ତା ସ୍ୱପ୍ନରେ ରଙ୍ଗ ଭରୁଥିଲେ, ଜୀବନର ଶେଷ ରକ୍ତବୁନ୍ଦାରେ
ଗହଳ ନିଦାଘେ, କିମ୍ବା ବର୍ଷା କାକର ଭିଜା ମାଟିରେ
ଆମରଣ ଦେହର ସାମର୍ଥ୍ୟ ନିଗାଡିବାରେ ।

ଆଖିରେ ଲୁହ ଆସିଗଲେ, କହନ୍ତି ତୁ ଫେରିଯା
କାଳେ କିଛି ବିଘ୍ନ ହେବ ବା, ଘଟିବ ଅଘଟଣ,
ମୋ ପିଲାର ଜୀବନ ଯାତ୍ରାରେ
ମୁଁ ତ ଅତିଥି ଏଇ କେତେଟା ଦିନର
ତା ଆଗରେ କିନ୍ତୁ ଲମ୍ବିଛି ସ୍ୱପ୍ନର ସହର ।

ବୟସ ଗଡିଚାଲେ କ୍ଷିପ୍ରଗତିରେ
ଅବସନ୍ନ ଓ କ୍ଳାନ୍ତ ହୋଇଯାଆନ୍ତି ବାପା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୋଗ ସହ ମିଶି ନୂଆ ସମ୍ବନ୍ଧ କ୍ଷତାକ୍ତ କରନ୍ତି
ପାଲଟନ୍ତି ଅଲୋଡା ଦ୍ରବ୍ୟଟିଏ ।

ତାଙ୍କରି ବୟସର ଏ ମ୍ଲାନ ଅପରାହ୍ନରେ
ଏମିତି ଅନେକ ମିଛ ଆଶ୍ୱାସନା, ପୀଡକର ସ୍ତୁତି  ଆଉ ଗାନ
ବାପା ଅଣନିଶ୍ୱାସୀ ବୃଦ୍ଧାଶ୍ରମର ଅନ୍ଧାରି ଜେଲରେ
ବିକ୍ଷିପ୍ତ ମନରେ ବାପା ହେବାର ଅବଶୋଷରେ ।

ଗାଁ ର ବିରାଟ ରୂପାନ୍ତରିତ ଉଆସରେ
ସୁଗଭୀର ଲୁହରେ, କେରିକେରି ନିର୍ଜନତାରେ
ନିର୍ମୋହରେ କାଳିଆକୁ ଭଜି ଭଜି
ଅପେକ୍ଷା କରି ରହନ୍ତି ଲୀନ ହେବା ପାଇଁ  ।

ଚାଲ ଆମେ ଫେରିଯିବା
ସେଇ ଦୁନିଆକୁ ଯେଉଁଠି ବାପାଙ୍କର
ଆଶିଷ ଭରା  ହାତରଖି ଯିବା  କାନ୍ଧରେ
ଆଉ ଫେରିଖାଇବା ଏକା ସାଙ୍ଗରେ  ।

ଚାଲ ଆମେ ସର୍ଜନା କରିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ଇଚ୍ଛାକୁ ସମ୍ମାନ କରିବା

ସେମାନଙ୍କୁ କିଛିଟା ସମୟ ଦେବା,

ସନ୍ଧ୍ୟାବେଳେ ଦୁଇପଦ କଥାହେବା ।

ନୂଆ ଏକ ରାମରାଜ୍ୟର

ପର୍ଶୁରାମଙ୍କ ଦୁର୍ଦ୍ଧଷ ଚରିତ୍ରକୁ ଚିତ୍ରଣ କରିବା

ଶ୍ରବଣକୁମାର ନ ହେଇ ପାରିଲେବି

ଭୀଷ୍ମ ନହେଲେବି କିଛି କଥାକୁ ତାଙ୍କର ପୂରଣ କରିବା ।

ଆସ ନୂଆକରି କଥାରେ ନୁହଁ, କାମରେ ଚିତ୍ରିତ କରିବା

ପରିକଳ୍ପନା କି ଭାଷାରେ ନୁହଁ, ଭାବରେ ଜ୍ୱଳନ୍ତ କରିବା

ଆଶାଶୂନ୍ୟ ମନରେ ତାଙ୍କର ଉଚ୍ଛ୍ୱାସ ଭରିବା,

ଯେଉଁଠି ରାମଚରିତ, କୃଷ୍ଣ ଉତ୍ସବ

ସେଇଠି ଆମେ ଅନ୍ତର ଆତ୍ମାକୁ ମୁଖରିତ କରିବା ।

ଇଞ୍ଜିନିୟରିଂ କଲେଜ, ବୁର୍ଲା, କଲୋନୀ,

ସମ୍ବଲପୁର, ଓଡିଶା, ୭୬୮୦୧୮, ମୋ:-୯୪୩୯୨୧୯୯୬୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମେରୀ ଖ୍ରୀଷ୍ଟମାସ ଓ ସାନ୍ତା ଅଙ୍କଲ



ପ୍ରହ୍ଲାଦ ସାହୁ

ଚଉଦିଗ  ହର୍ଷ ଉଲ୍ଲାସ ଓ ଆନନ୍ଦରେ ମୁଖରିତ
ମନରେ ଉତ୍ସାହ ଉଦ୍ଦୀପନା ଲହଡି ମାରୁଥାଏ
ହୃଦୟରେ ପ୍ରଭୁ ଜୀଶୁଙ୍କ ପ୍ରତି ଅଶେଷ ଧନ୍ୟବାଦ ।

ସତେ ଯେମିତି ଏକ ନୂଆ ଯୁଗର ଅୟମାରମ୍ଭ ....
ପରିବେଶ ଆଶାନୁରୂପ ଅନୁକୂଳ
ସବୁଜିମା ଭରା ପ୍ରକୃତି ରାଣୀ
ବୃକ୍ଷଲତାର ରୂପ ପରିବର୍ତ୍ତନର ପ୍ରାରମ୍ଭ
ପତ୍ରଝଡା ବୃକ୍ଷଲତା ବସ୍ତ୍ର ହୀନ ପରି ଲାଗୁଥାଏ
ଆଜି ବହୁ ପ୍ରତୀକ୍ଷିତ ମେରି ଖ୍ରୀଷ୍ଟ ମାସ .... ।

ଚାରିଆଡେ କୋଳାହଳ ପୂର୍ଣ ଜନସମାଗମ,
ଗହଳି ମଧ୍ୟରୁ ଧିରେ ଧିରେ କେହି ଜଣେ
ସ୍ମଶୃଧାରି ଲାଲ ବସ୍ତ୍ର ପରିହିତ
ମୁଖରେ ହସର ସମ୍ଭାର ବିଜଡିତ
ବଳିଷ୍ଟ କାୟ ବ୍ୟକ୍ତି ଅଗ୍ରଗାମୀ ହେଉଥିବାର ଦୃଶ୍ୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆବାଳ ବୃଦ୍ଧ ବନିତା ଅପଲକ ନୟନରେ ଦେଖୁଥିଲେ
ସେହି ମନଲୋଭା ବ୍ୟକ୍ତିତ୍ୱଙ୍କ ରାଜହଂସି ଚାଲିକୁ
ସମସ୍ତ ପରିବେଶ ଆହୁରି ମୁଖରିତ ହୋଇଯାଇଥିଲା
ତାଙ୍କର ଥରୁଟିଏ ମାତ୍ର ଦର୍ଶନ ମିଳି ଯାଆନ୍ତାକି ।

ସମସ୍ତଙ୍କ ମୁହଁରେ ଗୋଟିଏ ଶବ୍ଦ ସ ମା ମେରି ଖ୍ରୀଷ୍ଟ
ଧରାପୃଷ୍ଠ ରେ ସାନ୍ତା ଅବତରଣ କରିଛନ୍ତି
ସାନ୍ତା କ୍ଲୋଜ୍ ସମସ୍ତଙ୍କ ର ପ୍ରୀୟ ଅଙ୍କଲ
ଛୋଟ ପିଲାଙ୍କ ର ସବୁଠୁ ଅତି ନିଜର ସେ
ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିତରି ଦେଲେ
କାହିଁ କେତେ ଅସୁମାରି ଗୁଚ୍ଛା ଗୁଚ୍ଛା ଉପହାର ।

କାହାପାଇଁ ସ୍ଲେଟ୍, ଖଡି, ପେନ୍, ପେନସିଲ ତ
କାହାକୁ ଛତା, ଯୋତା ସଙ୍ଗେ ଆସବାବ ପତ୍ର
ଚକୋଲେଟ, ଟଫି, ମିଠାଇ ଏବଂ ଭଳି ଭଳି କେକ୍ ।

ସବୁକିଛି ସମ୍ଭବ ଭିତରେ ଏକ ଅସମ୍ଭବ ବାର ବାର
କଡ ଲେଉଟାଇ ପଟ୍ଟ ପରିବର୍ତ୍ତନ କରୁଥିଲା.......

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଲିଙ୍ଗନ କରିବାର ଇଚ୍ଛାଶକ୍ତି ବିଲୁପ୍ତ ହୋଇ ଯାଇଛି
ଅଂଗ୍ରେଜ ଷ୍ଟାଇଲ ର ହାତ ମିଳିବାରୁ ବଞ୍ଚିତ
ଚୁମ୍ବନ ଟିଏ ଦେବାପାଇଁ ଭାବାବେଗ ମରିଯାଇଛି ।

ସତେ ଯେମିତି ଏ ସମଗ୍ର ବିଶ୍ୱ ଆଜି ଛୁଆଁ ଅଛୁଆଁ,
ଜାତିଆଣ ଭାବ, ଉଚ୍ଚ-ନୀଚ ର ସୀମାରେଖାର ପରିପୂରକ ।
ମୁହଁ ଆବଦ୍ଧ, ମସ୍ତକ ଆବୃତ, ହସ୍ତ ପଦ କପଡା ଆଚ୍ଛାଦିତ ।

ମନୁଷ୍ୟ କେବଳ ମାତ୍ର ସମୟର ଦାସ -
ଏବେ ଏଠି ତୃଷାର୍ତ୍ତ କୁ ଅଭାବ ଜଳ,
କିନ୍ତୁ ତା ପାଶେ ପର୍ଯ୍ୟାପ୍ତ ସାନିଟାଇଜର ।

ଯେଉଁ ଜନଗହଳି ମୁଖରିତ ହେଉଥିଲା
ନିମିଷକ ରେ ଜନଶୂନ୍ୟ, ଚାରିଆଡ ଖାଁ ଖାଁ....
ଛାତି ଥରି ଉଠିଲା ଏବଂ ମନେପଡ଼ିଗଲା -
"ଦୋ ଗଜ ଦୂରି, ମାସ୍କ ହେ ଜରୁରି"
ହେ ସାନ୍ତା, ଏତିକି ନିବେଦନ -
ଏ ଧରାପୃଷ୍ଠ ରୁ କରୋନା କୁ କର ପତନ ।
କରୋନା କୁ କର ପତନ ।

ନୂଆଦିଲ୍ଲୀ, ୮୧୭୮୭୪୪୦୭୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରହସ୍ୟ



ନାରାୟଣ ଦାସ

ବିତି ଯାଉଥିବା କିଛି ଅମୂଲ୍ୟ ମୁହୂର୍ତ୍ତର
ଜ୍ଞାତ ଅବା କିଛି ଅଜ୍ଞାନତା ଅନ୍ଧକାରରେ
ଅନେକ କିଛି ଲୁଚି ଯାଏ ସମୟର ଚୋରାବାଲିରେ
ଉତ୍ତର ନ ପାଇ ନିରାଶ ହୃଦୟ ତାକୁ ସ୍ଥାନ ଦେଇ ଥାଏ
ରହସ୍ୟ ନାମକ ସେଇ ଅଦୃଶ୍ୟ ଶବ୍ଦକୋଷରେ ।

କସ୍ତୁରୀ ସନ୍ଧାନ କରି ନିରୀହ ମୃଗ ସେ
ଭ୍ରମି ଚାଲିଥାଏ ଦୂର ବନ ଦେଶେ
ଚତୁର ମନୁଷ୍ୟ ହେଲେ ବି ପଶୁ ଠାରୁ ବିକଶିତ
ସମ୍ମୁଖରେ ସବୁ ଘଟି ଯାଉଥିଲେ ବି ଆଖି ବୁଜି ଦିଏ
ବାଲ୍ୟ କାଳେ ଯେଉଁ ବସ୍ତୁ ଲାଗି ବହିଲା ଅଶ୍ରୁ ଧାର
କୈଶୋର ସମୟେ ସେ ସବୁ ଆଉ ଲୋଡା ନାହିଁ ତାର ।

ଯୌବନର ଉନ୍ମାଦନାରେ
ଭାସି ଯାଏ ମରୁଭୂମି ମରୀଚିକା ପଛରେ
ଅସୀମ ଶକ୍ତି ସଞ୍ଚୟ କରି ସେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଞ୍ଚିତ ବାସ୍ତବତା ଠାରୁ ଦୁରେ ଚାଲିଯାଏ,

ପଥଭ୍ରଷ୍ଟ ହୁଏ, ଯନ୍ତ୍ରଣା ସହି ପ୍ରତ୍ୟାଗମନ କରିଥାଏ

ପୁନଶ୍ଚ ବାସ୍ତବ ରୂପକୁ ଏକ ନୂତନ ଅବତାରରେ ।

ସାଂସାରିକ ବ୍ୟକ୍ତି ଦାୟିତ୍ୱବୋଧ ର ସାରଥି ହୁଏ

ଆପଣା ସ୍କନ୍ଧରେ କର୍ମଭାର ନେଇ ଅଗ୍ରସର ହୁଏ

ଅସ୍ତାଚଳ ସୂର୍ଯ୍ୟ ଲକ୍ଷ୍ୟ ନେଇ

ସୁଚାରୁ ରୂପରେ ନିଜ କର୍ତ୍ତବ୍ୟ ସମ୍ପାଦନ କରେ

ବସ୍ତୁବାଦୀର ବାସ୍ତବତାକୁ ହୃଦୟଙ୍ଗମ କରି

ଆଶା ଆକାଂକ୍ଷା ନିଜର ଦାୟିତ୍ୱ କଳରେ ପେଶି ହେଇଯାଏ ।

କେନ୍ଦ୍ର ବିନ୍ଦୁ ଥିବା ଯୌବନର ହୀରକ ସାମଗ୍ରୀ

ତୁଚ୍ଛ ଲାଗି ଥାଏ ବୟସର ସାୟଂ କାଳରେ

ବିତତ୍ରସ୍ତ ହୋଇ ସଂସାର ଜାଲରୁ ମୁକ୍ତି ପାଇଁ

ହରିନାମ ଆଶ୍ରା କରେ ଜୀବନର ଶେଷ ପାହାଚରେ

ଅନନ୍ତ ଆକାଂକ୍ଷା ନେଇ ବଞ୍ଚିଥିବା ଜୀବଟି ଶେଷରେ

ନିଶ୍ୱ ହୋଇ ପୃଥିବୀ ପୃଷ୍ଠ ତ୍ୟାଗ କରେ ।

ପ୍ରକୃତ ରହସ୍ୟ ମନୁଷ୍ୟ ଜୀବନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନ ନେଇ ଗତିଶୀଳ

ବାଲ୍ୟ କାଳେ ଯୌବନର ଆକାଂକ୍ଷା

ଯୌବନରେ ଅଭିଜ୍ଞତାର ଅଭିଳାଷା

ବୃଦ୍ଧ କାଳେ ଶୈଶବ ଆଶାରେ ବିଶ୍ରାମର ପ୍ରତୀକ୍ଷା

ଅତୀତର ମୂଲ୍ୟବାନ ବର୍ତ୍ତମାନ ମୂଲ୍ୟହୀନ

ବର୍ତ୍ତମାନ ହୃତପିଣ୍ଡ ସ୍ପନ୍ଦନ ଭବିଷ୍ୟତ ଚିନ୍ତାର କାରଣ

ଏପରି ଜୀବନ ଯାହା ମନୁଷ୍ୟର

ରହସ୍ୟ ନୁହେଁ ତ ଆଉ କଣ ?

ନାରାୟଣ ଦାସ

(ହିନ୍ଦୀ ଶିକ୍ଷକ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ ତ ଭରସା



ଶୁଭମ୍ କୁମାର ସାହୁ

ରଜନୀ କେବେ ତ କହେନା ଜହ୍ନକୁ
ଉଇଁବାକୁ ରଜନୀକୁ
ତଥାପି ଜହ୍ନଟେ କାହିଁକି କୁହ
ଉଇଁଯାଏ ରଜନୀକୁ ।।

ନୟନ କେବେ ତ କହେନା ସ୍ୱପ୍ନକୁ
ନିଦ ରେ ଆସିବାକୁ
ତଥାପି ସପନ କାହିଁକି କେଜାଣି
ଚାଲିଆସେ ପରା ନିଦକୁ ।।

ଭଅଁର କେବେ ତ କହେନା ଫୁଲକୁ
ପାଇବାକୁ ଭଲ ତାକୁ
ତଥାପି ଫୁଲଟେ ଚୁପିଚୁପି କାଇଁ
ମନଦିଏ ଭଅଁରକୁ ।।

ଶ୍ରାବଣ କେବେ ତ କହେନା ମେଘକୁ
ବରଷିବାକୁ ମାଟିକୁ
ତଥାପି ମେଘଟେ ଝିପି ଝିପି ହୋଇ
ଝରିପଡେ କାଇଁ ମାଟିକୁ ।।

ହୃଦୟ କେବେ ତ କହେନା ମନକୁ
ମନ ସାଥେ ଲାଖିବାକୁ
ତଥାପି ମନଟେ ଧୀରେ ଧୀରେ କାଇଁ
ପାଇ ଯାଏ ଭଲ ମନକୁ ।।

ଠିକଣା : ସା : ପଦାପଡ଼ା ପୋ : ଗୁଡିଖାଲ
ଜିଲ୍ଲା : ବାଲେଶ୍ୱର, ୭୫୬୦୩୦
ଇମେଲ୍ : sahoosubham603@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ବିନୟ ମିଶ୍ର

ବର୍ତ୍ତମାନର ନିଷ୍ପତ୍ତି ଯାହା ଭବିଷ୍ୟତ ମୂଲ୍ୟ
ତାର,
କଷୁଚି ଗଣିତ ଆଜିଯାଏ ବସି
ପାଇନି ଯାର ଉତ୍ତର ।୧ ।

ସମ୍ପର୍କ ଏମିତି ଖିଆଲି ଭାବରେ
ବିତିଗଲା କେଉଁପରି,
ମୁହୂର୍ତ୍ତେ ମୁହୂର୍ତ୍ତେ ଆନମନା କରେ
ଭଗ୍ନ ହୃଦୟ ଧରି ।୨ ।

ଚାରିସୂତ୍ରର ବିଫଳତା ଦେଖି
ଭାବୁଛି ଖିଅ ପାଉନି,
ଭଗ୍ନାଂଶରେ ହର ଲବ ଦଶମିକ
ବର୍ଗମୂଳ ବି ଦିଶୁନି ।୩ ।

ଜୀବନର ଅଙ୍କ କଷାରେ ଦୁର୍ବଳ
ସଫଳତା ପାଇବାକୁ,
ଆଉ କେତେଥର ଜନ୍ମ ହେବି ବୋଧେ
ଜୀବନକୁ ବୁଝିବାକୁ ।୪ ।

ନିବିଡ଼ତା କେତେ ନିଗିଡା ଆଖିରେ
ଅସହାୟବୋଧ ଆଣେ,
ବୁଝିପାରେନାହିଁ ଅଭ୍ୟନ୍ତର ଭାଷା
ଲେଖା ଯାହା ପ୍ରତିକ୍ଷଣେ ।୫ ।

ବାହାରୁ ଦେଖିଲେ ଭାରି ଭଲ ଦିଶେ
ଭିତରଟା ଲାଗେ ଶୁନ୍ୟ,
ଖଟା ମିଠା ହର୍ଷ ବିଷାଦ ସାହିତ୍ୟ
ଜୀବନର ରସାୟନ ।୬ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେହ ଭୂଗୋଳର ମାନଚିତ୍ର ଯେତେ

କ୍ଷଣକେ ବଦଳିଯାଏ,

ସ୍ମୃତି ବିସ୍ମୃତିର ଚିତ୍ରାଙ୍କନ ସବୁ

ରେଖା ଚିତ୍ର ହୋଇଯାଏ ।୭ ।

ଅଲେଖା ରହିଛି ରଫ ଖାତା ପୁଣି

କଲମରେ ନାହିଁ କାଳି,

କେମିତି କହିବି ମୁଁ ଭଲ ମଣିଷ

ନାହିଁ କେ ମୋ ଠୁ ବଳି ?୮ ।

ମଲ୍ଲୀପୁର, ନିଆଳି, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଲଗା କରନା ବାପାମାଆଙ୍କୁ



ଶିଶିର କୁମାର ପଣ୍ଡା

ବଡ଼ପୁଅ ଘର ଭୁବନେଶ୍ୱରରେ
ସାନ ରହେ ଯାଜପୁରରେ
ବୁଢ଼ା ଝୁରୁଅଛି ବୁଢ଼ୀକୁ ଆଜିବି
ରହିକି ତା'ଠାରୁ ଦୂରରେ ।

ଦୁଇ ପୁଅ ଯେବେ ଅଲଗା ହୋଇଲେ
ବାଣ୍ଟିନେଲେ ବାପା ମାଆକୁ
ଜଣେ ବଡ଼ପାଖେ ଜଣେ ସାନପାଖେ
କେହି ଦେଖିଲେନି କାହାକୁ ।

ବୁଢ଼ା ମନଯାଇ ବୁଢ଼ୀ କରିଥିବା
ବାଇଗଣ ଆଳୁ ଭାଜିରେ
ବୋହୂ ରାନ୍ଧିଥିବା ରସାକଷା ଆଉ
ଭଲ ଲାଗୁନାହିଁ ଆଜିରେ ।

ଦେହପା' ଅସୁକ ହୋଇଲେ ବୁଢ଼ାର
ଲୋଡୁଛି ବୁଢ଼ୀର ହାତକୁ
ଯେତେ ସଦେଇକି ବୋହୂ ଦେଉପଛେ
ମନ ତା' ପଖାଳ ଭାତକୁ ।

ଏଇ ବୟସରେ କେବେବି ଅଲଗା
କରନାହିଁ ବାପା ମାଆଙ୍କୁ
ଯେମିତି ଦେଖିବେ ସେମିତି କରିବେ
ନିଜର ଭାବୁଛ ଯାହାକୁ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୭୨୨୮



Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ରବି ନାରାୟଣ ସାହୁ

ମାଆ ମୋର ଗୁରୁ ମାଆ ମୋ ଜନନୀ ମାଆ ମୋର ସର୍ବସଂହା ।
ଯାହା ପାଇଁ ମୁଁ ଭୂମିରେ ପାଦଦେଲି ତାର ନାମ ହେଲା ମାଆ ।।

ମାଆ ବୋଲି ଯେଉଁ ଦୁଇଟି ଅକ୍ଷର ସଂସାରରେ ସରି କିଏ ।
ଯାର ନାମ ଧରି ପୁତ୍ର ଯେ ଅମର ଜାଣଭାଇ ମାଆ ସିଏ ।।

ମାଆର ମମତା ସର୍ବ ଫଳଦାତା ଅଭାବର ନାହିଁ ପ୍ରଶ୍ନ ।
ମାଆ ମମତା ଠୁ ଆଉ କା ଆଦର କେଉଁ ଗୁଣେ ହେବସମ ।।

ନଭରୁ ବୃହତ ମାଆର ପଣତ ନାହିଁ ଯାର ମାପକାଠି ।
ଶ୍ରେଷ୍ଠ ଛାୟାଦାୟି ଶକ୍ତି ପ୍ରଦାୟିନୀ ଧନ୍ୟ ବିଧି ମାତା ସୃଷ୍ଟି ।।

ଭୋକ ଲାଗୁଥିଲେ ଖୁଆଇ ଯେ ଦିଏ ପଣତରେ ମୁହଁପୋଛି ।
ଅଳି କରୁଥାଏ ପୁଅ ଯାହା ପାଇଁ ସବୁ ଆଣିଦିଏ ଖୋଜି ।।

ଚାନ୍ଦ ମାଗୁଥିଲେ ଚାନ୍ଦ ଠାର ଦିଏ ମାଆହାତେ ସତେ ଚାନ୍ଦ ।
ଅମୃତ ଦାୟିନୀ ମଧୁର ଭାଷିନୀ ମାଆ କେବେ ନୁହେଁ ମନ୍ଦ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହାତଧରି ମୋତେ ଚାଲି ଶିଖାଇଛି ପାଦେ ପାଦକୁ ମିଶାଇ ।
ମାଆ ସାହା ହେଲେ ଆସୁ ଯେତେ ଦୁଃଖ ସବୁବେଳେ ମୁଁ (ପୁଅ) ହସଇ ।।

ପୁଅ ଯେବେ କାନ୍ଦେ ମାଆ ଲୁହ ପୋଛେ କୋଳେତାର ଆଉଯାଏ ।
ସ୍ୱର୍ଗ ଭଳି ଲାଗେ ଥିଲେ ମାଆ କୋଳେ ସ୍ୱର୍ଗଠୁ ବି ବଳିଯାଏ ।।

ମାଆ ଠାରୁ ବଡ଼ ସଂସାରରେ ନାହିଁ ପାଖେ ଥାଉ ଯେତେ ଧନ ।
ସୁନା ରୂପା ଠାରୁ ମାଆ ପାଇଁ ପରା ପୁଅ ତା କୋଟିଏ ରତ୍ନ ।।

ମାଆ ଶାନ୍ତ ମୂର୍ତ୍ତି ମାଆ ଉଗ୍ରମୂର୍ତ୍ତି ମାଆ ସର୍ବ ଶକ୍ତିମୟୀ ।
ଯେତେ କଷ୍ଟ ଆସୁ କ୍ଷୂର୍ଣ୍ଣ ହୋଇଯାଏ ଡାକିଦେଲେ ମାଆବୋଲି ।।

ମାଆର ମହିମା ନାହିଁ ଯାର ସୀମା ଅଜ୍ଞାତ ଯେ ଧାତା ଶିବ ।
ଯେତେ ଭାବେ ଯିଏ ଯେମିତି ବା ଲେଖୁ ମାତ୍ର ପ୍ରାୟେକ ଦିଶିବ ।।

ଭୁଷଣ୍ଡପୁର, ଖୋର୍ଦ୍ଧା
ଦୂରଭାଷ:-୨୨୮୯୮୨୪୨୮୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାନ୍ତକବି ଲକ୍ଷ୍ମୀକାନ୍ତ



ଶଙ୍କର ବିଶ୍ୱାଳ

ଓଡ଼ିଆ ସାହିତ୍ୟେ ବିବିଧ ବିଭାଗେ
ଲେଖିଲ ଚାଳନା କରି,
କାନ୍ତକବି ରୂପେ ଲକ୍ଷ୍ମୀକାନ୍ତ ବାବୁ
ଲେଖିଲ ରଚନା ବଳୀ ।

ଭିନ୍ନଭିନ୍ନ ରେଚ ଲେଖାରେ
ହେଲେସେ ସୁପରିଚିତ,
ପାଠକ ମହଲେ ଲେଖାପାଇଁ ତାଙ୍କ
ସଭିଏଁ ଦେଖନ୍ତି ତାଙ୍କ ସାହିତ୍ୟ ।

୧୮୮୮ ଡ଼ିସେମ୍ବର ୯ରେ ଜନ୍ମିଲ
ମାଣବସା ଗୁରବାର ଦିନ,
କଟକ ଜିଲ୍ଲାର ଧୂଳୁଧୁଳିଆ ଗଳେ
ଉଛୁଳି ଉଠେତା ମନ ।

ପିତାଥିଲେ ତାଙ୍କ, ମହାପାତ୍ର ବାବୁ
ଡ଼ାକପଡ଼ା ଗ୍ରାମ ବାସିନ୍ଦା,
ମାତା ଥିଲେ, ତାଙ୍କ ରାଧାମଣି
କଣ୍ଟାପଡ଼ା ଜମିଦାର କନ୍ୟା ।

ଗୁରବାରେ ଜନ୍ମିବାରୁ
ନାମ ହେଲା ଲକ୍ଷ୍ମୀକାନ୍ତ,
ତମରି ଲେଖାରେ ଲିଭିଲାନି କିଛି
ସବୁ ହେଲା ମହାଯଶ ।

ଗୁଡ଼ିଆଳୀ, କବିସୂର୍ଯ୍ୟନଗର, ଗଞ୍ଜାମ
ମୋ-୬୩୭୨୨୬୯୯୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାଇର ଆଳାପ



ସ୍ମୃତିରଞ୍ଜନ ପାତ୍ର

ସୁନୀଳ ତଟିନୀ ତଟେ ଫୁଟେ ନୀଳୋତ୍ପଳ
ଗହନ ଲତିକା କୋଳେ କେକୀ କୋଳାହଳ
ନୀଳାମ୍ବର ରୂପ ଘେନି ବହୁଛି ଯମୁନା
ପାଦପର ଛାୟା ତଳେ ରାଧାର କଳ୍ପନା ।।

ଚାହିଁଅଛି ବେନି ନେତ୍ର ବିଦୂର ଭୂମିକୁ
ଧେନୁପଲ ଗହଳିରେ କାହ୍ନୁ ର ମୁହଁ କୁ
ପୁରିଉଠେ ମନ ତାର ପ୍ରଭୁଙ୍କ ଦର୍ଶନେ
କୃଷ୍ଣ ବିନା ଅଧା ଲାଗେ ରାଧିକା ଜୀବନେ ।।

ତୋଳି ଆଣେ ନାନାରଙ୍ଗ ସୁଗନ୍ଧ ନିଆଳୀ
ଗୁନ୍ଥିଦିଏ ଶରଧାରେ ପ୍ରିୟ ଗଳାମାଳି
ପଲ୍ଲବିତ ହୋଇଉଠେ ରାଇର ହୃଦୟ
କାହ୍ନୁ ର ସ୍ପର୍ଶରେ ବହେ ବାସନ୍ତୀ ମଳୟ ।।

ବ୍ରଜର ଧୂଳିରେ ସିଏ ଗୋପୀଙ୍କ ମେଳରେ
ରାତିର ନିଶାରେ ସିଏ ବଂଶୀର ତାଳରେ
ଲବଣୀ ଆଧାମ ଯେତେ ଗୋଟିକା ଖୁଆଇ
ତଥାପି ବୁଝେନା କାହ୍ନୁ ମାଟିକୁ ଭୁଞ୍ଜାଇ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହରେ କହରେ କାହ୍ନା ଆଉ ତୁ ଲୁଚାନା
ମୋ ପ୍ରାଣେ କଷ୍ଟ ଦେଇ ମିଛ ତୁ କହନା
ମୋର ପ୍ରାଣପ୍ରିୟ ପ୍ରଭୁ ମୁଁ ତୁମ ନାୟିକା
ପ୍ରୀତିର ବର୍ଷାରେ ସିକ୍ତ ରାଗିଣୀ ଗାୟିକା ।।

ସଂସାର ସୁନ୍ଦର ସଖି ମୁଁ ତୁମ ଶ୍ରୀରାଧା
ଅମୃତ ପ୍ରୀତିରେ ପୂର୍ଣ୍ଣ ତଥାପି ମୁଁ ଅଧା
କୃଷ୍ଣମୟ କରି ଦିଅ ମୋ ପ୍ରିୟ କେଶବ
ରଚନା ରମଣୀ ମୁହିଁ ହେ ପ୍ରିୟ ମାଧବ ।।

ଅଲତକ୍ତ ଦିଶିଲାଣି ପଶ୍ଚିମ ଆକାଶ
ତଥାପି ଅଧୁରା ଅଟେ ରାଧିକା ମୁହାଁସ
ଫେରିଆସ ସଞ୍ଜ ହୋଇ ନିଶିର ବିଳାପ
ଇତିପୂର୍ଣ୍ଣ ହୋଇଯିବ ରାଇର ଆଳାପ ।।

ବାଲିଘାଟ, ଗୋପାଳପୁର, ପୁରୀ, ୨
ହ୍ୱାଟ୍ସଆପ୍ : ୯୩୪୮୯୭୦୦୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧୈର୍ଯ୍ୟ



ବିଶ୍ୱନାଥ ଭୁଏ

ମାଁ ବୁଆ ସାଂଗେ ଛ' ଛୁଆକେ ନେଇ କରି ଗୁଟେ ଚାଷୀ ପରିବାର୍ ଟେ ଥିଲା । ନିଜର୍ ଜମିବାଡ଼ି କିଛି ନାଇଁ ଥେଇ । ହେଲେ ବି ଅଲ୍'ଗା ଲୁକର୍ ଜମିନୁ ଚାଷ୍ କରୁଥିଲେ । ଯାହା ଭି କମଉଥିଲେ, ସେଥିର୍ ଭିତ୍'ରୁ ଅଧା ଜମି ମାଲିକ୍ କେ ଦେଉଥିଲେ ଅଉ ଅଧା ତାପ୍'ନେ ରଖୁଥିଲେ । ଏନ୍ତା ଚାଲିଥେ ନ ସବୁ ଥର । ହେଲ ଭି ସବୁ ଥର ତ ସମାନ୍ ନେ ହଏ । ଇଆଡ୍ ସେଆଡ୍ ଉଧାର୍ ଆନିକରି ବିଚ୍'ରା ଚାଷୀ ଟା ସୁଝି ନେ ପାର୍'ଲା ଅଉ ବାଧ୍ୟ ହେଲା ଆତ୍ମ ହତ୍ୟା କର୍'ବାର୍ କେ । ମାଁ ଟା ବିଧବା ହେଇଗଲା ଅଉ ଛ' ଛୁଆ ଅନାଥ୍ ହେଇଗଲେ । ପରିବାର୍ କେ ଚଲାବାର୍ ଟା କେଥ୍'ନି ମୁସ୍'କିଲ୍ ହେଲା । ହେଲେ ବି ମାଁ ଟା ପରିବାର୍ କେ ଚଲାବାର୍ ଲାଗି ଧୈର୍ଯ୍ୟହରା ନେ ହେଇ କରି ଗାଁର ଘରେ ଘରେ ଗୁହାଲର୍ ଖତ୍ ଫିକ୍'ଲା । ଛ' ଟା ଭାଏ ବୁହେନ୍ ଭିତରୁ ଦୁଇଟା ପିଲା, ଚାଏର୍'ଟା ଟୁକେଲ୍ । ଦୁଇଟା ବଡ୍ ବଡ୍ ଟୁକେଲ୍ ଗାଁ ନୁ ବୁତାକାମ୍ ଗଲେ । ଦୁଇଟା ଭାଏବୁହେନ୍ ଅନାଥ୍ ଆଶ୍ରମ୍ ନୁ ରହିକରି ପାଠ୍ ପଢ଼୍'ଲେ । ସବୁନୁ ସାନ୍ ସାନ୍ ପିଲା ଟୁକେଲ୍ ଘରେ ରହେଲେ । ହେଲେ ବି ଇ ପରିବାର୍ କେ ବହୁତ୍ ଲୋକ୍ ସାହାଯ୍ୟ ସହଯୋଗ୍ କରୁଥିଲେ । ହେଥିର୍ ଲାଗି ବଲି ଧିରେ ଧିରେ ବଡ୍ ବଡ୍ ଦୁହି ଟୁକେଲ୍ ବିହା ହେଲେ । ଅନାଥ୍ ଆଶ୍ରମ୍ ନୁ ଯେନ୍ ରହୁଥିଲେ ଭାଏ ବୁହେନ୍ ଭଲ୍ ପାଠ୍ ପଢ଼ିକରି ଲୋକଙ୍କର୍ ସହଯୋଗ୍ ଥି ଚାକିରି କର୍'ଲେ । ପିଲାଟା ମାଷ୍ଟର୍ ଚାକିରି କର୍'ଲା ଅଉ ଟୁକେଲ୍ ଟା ନର୍ସ ହେଲା । ସବୁନୁ ସାନ୍ ପିଲା ଟୁକେଲ୍ ଗ୍ରାଜୁଏସନ୍ କର୍'ଲେ । ପରିବାର୍

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଲାଗି ବଲି ଇ ପରିବାର୍ ଶେଷ୍ କେ ଭଲ୍ ଘର୍ ଟେ ଭି ବନାଲେ । ସବୁ ଦୁଃଖ୍ କେ ସହିକରି, ଧୈର୍ଯ୍ୟ ଧରିକରି, ଲୋକଙ୍କର୍ ସାହାଯ୍ୟ ସହଯୋଗ୍ ପାଇକରି ଇ ପରିବାର୍ ଏତେ ଆଗ୍'କେ ବଢ଼ି ସମାଜ୍ ଥି ଗୁଟେ ଉଦାହରଣ୍ ହେଇଗଲେ । ସମ୍'କୁ ବତେଇ ଦେଲେ ଯେ - ଯେତ୍'କି ଭି ବିପଦ୍ ଆସୁ ଆମେ ଯଦି ଧୈର୍ଯ୍ୟ ଧରି କରି ବିପଦ୍ ର ସାମ୍ନା କର୍'ମା ତା'ହେଲେ ଆମେ ଆଗ୍'କେ ବଢ଼ି ପାର୍'ମା । ଜରୁରୀ ସମିଆଁ ଥି ଆମର୍ ଆଖର୍ ପାଖର୍ ଲୁକ୍'କୁ ଧୈର୍ଯ୍ୟ ଧରାବାର୍ ଲାଗି ବିପଦ୍ ସମିଆଁ କେ ସହଯୋଗ୍, ସାହାଯ୍ୟ କର୍'ମା ।

କେଶାଇପାଲି, ଭଟଲି

ଜିଲ୍ଲା - ବରଗଡ଼, ମୋ-୯୬୬୮୮୭୮୪୮୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଧରମ ଭାଇ



ସତ୍ୟନାରାୟଣ ମିଶ୍ର

ଫି ବଛର ବାଗିର୍ ଏଜ୍ ବି ଭାଇ ଜୀଇଁ ତିଆ ପରବ୍, ସବୁ ବହେନ୍ ମାନେ ଭାଇ ର୍ ଶୁଭ ମଙ୍ଗଲ୍ ମାନସିକ କରି ନିର୍ଜଲା ଉପାସ କରସନ୍ । ଦୁର୍ଗା କୁଠି ନେ ଦୁବ ଶହେ ଆଠ ଚଢେଇ କରି ଭାଇ କେ ବନ୍ଧାସନ୍ । ହାତେ ସେନ ସର୍ଦା ମନେ ଜୁଇଁତିଆ ବାନ୍ଧି ଦେସନ୍ ।

ହେନ୍ତା ମୋର୍ ବହେନ୍ ରୁପା ବି ମୋର୍ ଲାଗି ଉପାସ କରିଥିବା, ଗୁଟେ ମା ର୍ ଛୁଆ ନି ହେଲେ କାଁ ହେଲା ? ମୁଇ ତ ତାହାର ଧରମ ଭାଇ ।ତାର୍ ନିଜର ଭାଇ ନିଲ ର୍ ଥାନୁ ବି ସେ ମତେ ଯହ ସନମାନ୍ କର୍ସି । ଆଜି ଆମର ଲାଗି ନିର୍ଜଲା ଉପାସେ ରହିଥିବା ବିଚରି ରୁପା ".. । ଜେଲ୍ କୁଠି ଭିତରେ ଏକଲା ରହି କରି ମନେ ମନେ ଭାବୁଛେ ରୁପା ର୍ ଧରମ ଭାଇ କରନ୍ ।ତାକେ ବିମଲ ବଦମାସ ର ମର୍ଡର କେସ୍ ଥି ଛ ବଛର୍ ସଜା କାଟବା ର୍ ଅଛେ ।କେସ କେ ବିଚାର କରି ମାନ୍ୟବର ତାକେ ଆଜୀବନ ଜେଲ ନାଇଁ ଦେଇ କରି ଗୁଟେ ବର୍ଷ ଲାଗି ସଜା ଦେଇଛନ୍ ।

ବାର ବାର୍ ମନେ ପଡି ଯାଉଛେ ସେ ଦିନ ର୍ ସେ ରାକ୍ଷସ ବଦମାସ ବିମଲ ର୍ କାରନାମା ଆରୁ ମରନ୍ ବିଷେ ।ରୁପା ର୍ ଇଛା ନାଇଁ ଥିଲେ ବି ଏକ ତରଫା ଭଲ ପାଇ ବସିଥିଲା ବିମଲ୍ ।ସବୁ ବେଲେ ହଇରାନ୍ ହରକତ୍ କରୁଥିଲା ରୁପା କେ ।କରନ୍ ଇ କଥା ସୋର୍ ପାଇ କରି କଡା ତାଗିଦ୍ ବି କରିଥିଲା ସେ ବଦମାସ କେ । ହେଲେ, କେତେ ମାସ ଲେ ଲାଗି ଚୁପ ଚାପ୍ ରହିଥିଲା ସେ ।ଇ ଭିତିରେ ରୁପା ର୍ ଲାଗି ଗୁଟେ ଘରୁ ବିହା ର୍ ପ୍ରସ୍ତାବ୍ ବି

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଆସିଗଲା । ପିନ୍ଧାନୀ ନଡ଼ିଆ ଧରା ପରବ୍ ସାରିଥିଲା ନ । ଦିନ୍ ଗୁଟେ ଗାଧି ଯିବା ବାଟେ ଏକଲା ସଜ୍ ପାଇ କରି ରୁପା କେ ପଛ ଆଡୁ ଧରି ପକାଲା ବିମଲ । ତାକେ ଜବରଦସ୍ତ ଘିଚା ଟନା କଲା ବେଳେ ଦୁରିଆ ନୁ ଦେଖି ପାର୍ଲା କରନ୍ । ନରଦି ଆସି କରି ରୁପା କେ ତାର୍ ହାତୁ ବଞ୍ଚେଇ ଥିଲା ସେ । ଦୁହିଁ ଲୋକର ଭିତିରେ ଜୋର ଦାର୍ ମାଡ଼ ବି ଚାଲଲା । ବିମଲ ଚାକୁ ବାହାର କରି କରନ୍େକ ମାରବା ଲାଗି ହାତ ଟେକଲା ବେଳେ ରୁପା ର୍ ହାତୁ ପଥର ଗୁଟେ ର୍ ବାଜି କରି ଚାକୁ ପଡି ଗଲା ତଲେ ଠିଆ ହେଇ ।

ମାଡ଼ ର୍ ସୁରେ କରନ୍ ତାକେ ପେଲେହି ଦେଲା କେ ସେ ଚାକୁ ଉପରେ ଏକା ମୁହୁଁ ମାଡି କରି ପଡିଗଲା ବିମଲ୍ ।ଚାକୁ ଛଟେଛାଟ୍ ଭୁଷି ହେଇଗଲା ତାର ଛାତି ନେ । ନିଜର ଚାକୁ ଥି ନିଜେ ମଲା ସିନା ,ହେଲେ ମର୍ଡର କେସ୍ ଥି ଫସିଗଲା ସେ । ବିଚାର ଚାଲି ଥାଏ ନ ଦି ମାସ ଯାକେ । ପରକୁତ୍ ଘଟନା ବିଷେ ଥି ମୁହୁଁ ନାଇଁ ଖୁଲୁଥାଇ କରନ୍ । ଚାକୁ ଥି ତାର ଆଙ୍ଗୁଠ ଚିନ୍ହହା ତ ନାଇଁ ଜନା ପଡି । କେନ୍ତା ମଡର ହେଲା ବୋଲି ତାକେ ଯେତେ ପଚର୍ଲେ ନି କହୁଥାଇ କୋର୍ଟ ନେ । ଯେନ୍ ଦିନେ ସୁନଲା ରୁପା ବିହା ସରି ଗଲା ନ, ତାର ଉତୁରୁ ସତ ଘଟନା କେ ଖୁଲି ଥିଲା କୋର୍ଟ ବିଚାର ପତି ଆଘେ । ଓକିଲ କଥା କାଟି କରି କହୁଥେ " ଇଟା ଗୁଟେ ମନ ଗଢ଼ା କଥାନି । ଦୁଇ ମାସ ହେଲା ନାଇଁ କହୁଥାଇ ଆଜି କହୁଛେ କେନ୍ତା ? ବିଚାର ପତି କେ ଚାହି କରି କରନ୍ କହେଲା " ମୋର୍ ବହନୀ ର୍ ବିହା ନାଇଁ ସର୍ବା ଯାକେ ମୁଇଁ ଇ କଥା ଟା ନାଇଁ ଖୁଲି ଥାଇ ହଜୁର୍ ! ଯଦି ତାର ଶଶୁର ଘରେ ଇ କଥା ଜାଣିଥିତେ , ଅଯଥା ସଂଧେହେ କରି ବିହା ଘର ଭାଙ୍ଗି ଦେଇ ଥିତେ ।ମୁଇ ସେ ଡରେ କିଛି ନାଇଁ କହୁଥାଇ ।ଏତକେ ଆପଣ ଯାହା ରାଏ ଦେବେ ଯାହା ସଜା ଦେବେ ଦଉନ୍ ।ମୋର୍ ଆରୁ ଆପତି ନାଇଁ "

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଚାରପତି ବିଚାର କଲେ ଆରୁ ମତେ ନିର୍ ଦୁଷି ମାନି କରି ଆଜୀବନ ସଜା ନାଇଁ ଦେଇ କରି ଖାଲି ଗୁଟେ ବଛର ଲାଗି ସଜା ଦେଲେ । ଆର ବଛର କେ ମୁଇ ଇନୁ ମୁକୁଲି ଥିମି । ଠିକ୍ ଇଂତା ଭାଇ ଜୀତା ଦିନେ ମୋର୍ ବହେନ୍ ମତେ ଦୁବ ଉତୁରେଇ କରି ଜୀଉତିଆ ପିନ୍ଧାବା ।"

ଜେଲ କୁଠି ଭିତିରେ ଭାବି ଭାବି ତାର ଦିନ ମୁକୁଲିବା ର୍ ଦିନ ଗନୁଛେ ରୁପା ର୍ ଧରମ ଭାଏ କରନ୍ ।

ସିଂଧେକେଲା, ବଲାଙ୍ଗୀର

ମୋ : ୯୪୮୩୭୦୪୯୧୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ହେତୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରକାଶିତ Aahwaan.com

Magazine Downloaded from www.aahwaan.com

# “ଛିଚା” ମନ୍



ସୁନିଲ କୁମାର ଅଗସ୍ତି

ଫକ୍ ଫକା

ଧୋବ୍ ଫର୍ ଫର୍

ଶରାବନର୍ "ପୁନୀ" ଜନ୍ ,

"ଛିଚା" ଶରାବନର୍

ଆଏ  ଲସ୍ ଲସା

ତହକେ ମନ୍ ଛନ୍ ଛନ୍ ,,

ଜାଏତ୍ ଧରମ୍ ........

ନାଁଇ ବାରି

ଧାଇଁ ଯାଏସ ତମେ ଛିଚା

ହର୍ ଘର୍ ଦୁଆର୍ କେ ,

ଭାବ୍ ପିରତୀ ......

ଜଗେଇ ଦେସ

ମୁନୁଷ୍ ଜୀବନେ

ଛିଚା ତମେ ,,

ଶିଖବା କାଏ

ମୁନୁଷ୍ ତମର୍ ନୁ"

ବାଟବାର୍ କା"ଯେ

ଗୁନ୍ ଜ୍ଞାନର୍ "ଛିଚା" ,

ହେଲେ ମୁନୁଷ୍

ଛିଚାର୍ ଡରହେ

ଦଉଛେ ଖାପି

ମନ୍ ଝରକା ,,

ଟିଟିଲାଗଡ଼, ବଲାଙ୍ଗୀର

ମୋ : ୭୬୮ ୪୯୬ ୯୬୩୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମେ ଗୁଟେ ଗୁଟେ ନାଟର୍ ପାଟ୍



ସନ୍ତୋଷ କୁମାର ବେହେରା

ମୋର୍ ମୋର୍ ବଲି କେତେ କହେସୁ ଗା
ତୋର୍ ଟା ତ କିଛି ନାଇଁ
ଗଲାବେଲେ ସାଂଗେ ନାଇଁ ନେଇପାରୁ
ଯିବୁ ରେ ଲଂଗଲା ହେଇ ।୧।

ଦୁଇ ଦିନର୍ ଲାଗି ନାଟ୍ କରୁଛୁ ରେ
ଘିଁଚିଟାନି ହେଇ କେତେ
ପାଟ୍ ସରିଗଲେ ସବୁ ହିଟେଇ ଦେବୁ
ଲଗେଇ ଥିସୁ ନାଟେ ଯେତେ ।୨।

ଗରବ୍ ଅହଁକାର ସବୁ ତ ବେକାର
ଧନ୍ ଦଉଲତ ଯେତେ
ତୁଇ ମରିଗଲେ ଡଂଙ୍ଖା କାର୍ ହେବା
ଫୁଟାନି ଦେଖାସୁ କେତେ ।୩।

ବେଲ୍ ଥଉଁ ଥଉଁ ତରକି ରହି ଥା
ହିସାବ୍ କିତାବ୍ କରି
ହରି ନାମ୍ ଟିକେ ଜପ୍ କରୁ ଥା
ଡଂଗା ଯଦି ହେବୁ ପାରି ।୪।

ମାୟା ମୋହ ଜାଲେ ପଡି ରହିଛୁ ଗା
ହଉଛୁ ରେ ସାନିଘାଟି
ଯାହା ତୁଇ କମାବୁ ତାହା ତ ପାଏବୁ
ମିଶି ଯିବୁ ଦିନେ ମାଟି ।୫।

ଧନ୍ କମେଇଛୁ ଜନ୍ କମେଇଛୁ
କମେଇଛୁ ମାନ୍ ଯେତେ
ମଲାବେଲେ କିହେ ସାଂଗେ ନେଇଁ ଯଅନ୍
ଯିବୁ ଏକଲା ଖାଲି ହାତେ ।୬।

ଆମେ ଗୁଟେ ଗୁଟେ ତ ନାଟର୍ ପାଟ୍
ଆସି ଅଛୁଁ ନାଟ୍ କରି
ନାଟ୍ ସରି ଗଲେ, ପାଟ୍ ସରି ଯିବା
ଘର୍ କେ ଯିମା ସଭେଁ ଫିରି ।୭।

କପସିଲା, ତୁଷୁରା, ବଲାଙ୍ଗିର
ଫୋ:ନ:--୭୭୩୫୬୧୫୧୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇସ୍କୁଲ୍ ଡାକୁଛେ ମତେ

(ସମ୍ବଲ୍‌ପୁରୀ ଶିଶୁ କବିତା)



ରାଧାମୋହନ
ପୂଜାହାରୀ

କାହିଁ କେତେ ଦିନୁ ସୁର୍ ପଡ୍‌ଲାନ
ମୋର୍ ଇସ୍କୁଲର୍ କଥା,
ତାହାକେ ଦେଖ୍‌ମି ବୋଲି ମୁଇଁ ଥରେ
ହେଉଛେଁ କେତେ ଯେ ଅଥା,
ଖୁଲିଦେ ପ୍ରଭୁ ମୋର୍ ଇସ୍କୁଲ୍ ଆଜି
ଏତ୍‌କି ଭିକ୍ଷା ମାଗୁଛେଁ,
ମୋତେ ଝୁରି ଝୁରି ହାତ୍ ଠାରି ମୋତେ
ମୋର୍ ଇସ୍କୁଲ୍ ଡାକୁଛେ ।

ସୁର୍ ପଡ୍‌ଲାନ ଆଜ୍ଞାକର୍ କଥା
ପ୍ରାର୍ଥନା ସୁର୍ ପଡୁଚେ,
ସାଙ୍ଗ୍ ସାଥୀକୁ ମୋର୍ ଭେଟ୍‌ମି ବୋଲି
ତହଁକ୍ ମୋର୍ ବଢୁଛେ,
ଖାଇ ଛୁଟି ହେବା ବୋଲି ମିଲୁ ଦଦା
ଘଣ୍ଟିଟା ଧରି ଆସୁଚେ,
ମୋତେ ଝୁରି ଝୁରି ହାତ୍ ପସ୍‌ରେଇ
ମୋର୍ ଇସ୍କୁଲ୍ ଡାକୁଛେ ।

କଲାପଟାର୍ ସେ ଧୋବ୍ ଧୋବ୍ ଲେଖା
କଠିନ୍ ଶବଦ୍ ଯେତେ,
ଇସ୍କୁଲ୍‌ନୁ ଭିନେ ହେଲା ଦିନ୍ ଠାନୁ
ପାସ୍‌ରି ହେଉଛେ ହେତେ,
ଖାଁ ଖାଁ ଲାଗୁଛେ ମୋର୍ ଖେଲ୍ ପଡ଼ିଆ
ବଗିଚା ନୁରା ଲାଗୁଛେ,
ମୋତେ ଝୁରି ଝୁରି ହାତ୍ ଠାରି ଆଜି
ମୋର୍ ଇସ୍କୁଲ୍ ଡାକୁଛେ ।

ଅଧ୍ୟାପକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମର୍ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ !



ବିଶ୍ୱନାଥ ଭୁଏ

ଅନ୍'ଧାର୍ ଦୁନିଆଁର୍ ଉଜାଲା ହେଇ
ଦେସନ୍ ସମ୍'କୁ ବାଟ୍ ଦେଖେଇ
କାନ୍'ଲା ମୁହେଁ ଉଷତ୍ ହେଇ
ଦୁଖ୍ ଯେତେ ସବୁ ଦେସନ୍ ଦୂରେଇ ।
ଆମର୍ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ.... !

ନେ ଥାକନ୍ କେତେବେଲେ ଭି
ସେବାର୍ ବାଟେ ଚାଲି ଚାଲି
ଅଲ୍'ଗାଲୁକର୍ କର୍'ସନ୍ ଚିନ୍ତା
ନିଜର୍ କଥା କେ ଯାଇ ଭୁଲି ।
ଆମର୍ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ.... !

ରଖ୍'ସନ୍ ସମ୍'କୁ ଭଲ୍ କରି
ବିଶ୍ୱଆସ୍ ଡୁରେ ବାନ୍ଧି ଦେଇ
ପୂଜା ପାଏସନ୍ ଚାର୍'ହିକୁତି ସଥେ
ଗରିବ୍ ଲୁକର୍ ଭଗବାନ୍ ହେଇ ।
ଆମର୍ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ.... !

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ - ୯୬୭୮୮୭୮୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ



ସହଦେବ ପ୍ରଧାନ

ଓଁ ନମଃ ଭଗବତେ ବାସୁଦେବାୟ !

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋ[3]ମଂ
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।
ମୁକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ
ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।
ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।
ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବି ଭାବୁକାଃ ।

ଶ୍ରୀମଦ୍ଭାଗବତ ମହାପୁରାଣର ୧୦ମ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ୧୦ମ ସ୍କନ୍ଧର ପ୍ରଥମାର୍ଦ୍ଧ ଗୋପଲୀଳା ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ଦଶମ ସ୍କନ୍ଧ ପ୍ରଥମାର୍ଦ୍ଧ ଗୋପଲୀଳାର ବିଷୟ ସୂଚୀଠାରୁ ଆରମ୍ଭ କରି ସର୍ବମୋଟ ୪୮ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରାଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ- ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ ।।

ଦଶମ ସ୍କନ୍ଧ - ୯୬ ଟି ଅଧ୍ୟାୟ ଗୋପଲୀଳା – ୪୮ ଅଧ୍ୟାୟ (ନିରୋଧ) ଭାଗବତର ୮ମ ଲକ୍ଷଣ

| ସଂଖ୍ୟା | ଅଧ୍ୟାୟ | ବିଷୟ ବସ୍ତୁ |
|---|---|---|
| ୧ | ପ୍ରଥମ | ଧରଣୀ ସମେତ ବ୍ରହ୍ମାଦି ଦେବଗଣ କ୍ଷୀରସିନ୍ଧୁତଟେ ବିଷ୍ଣୁଙ୍କୁ ସ୍ତୁତି କରିବା ଏବଂ ବିଷ୍ଣୁଙ୍କ ଆଶ୍ୱସନା । |
| ୨ | ଦ୍ୱିତୀୟ | ବସୁଦେବ-ଦେବକୀ ବିବାହ, କଂସର ମୃତ୍ୟୁ ବିଷୟକ ଶୂନ୍ୟବାଣୀ ଏବଂ କଂସ ଦ୍ୱାରା ଦେବକୀପୁତ୍ର ବଧ । |
| ୩ | ତୃତୀୟ | ବଳରାମଙ୍କ ଜନ୍ମ ଏବଂ ଦେବକୀ ଗର୍ଭସ୍ଥିତ ଭଗବାନଙ୍କୁ ବ୍ରହ୍ମାଦି ଦେବଗଣଙ୍କ ସ୍ତୁତି । |
| ୪ | ଚତୁର୍ଥ | ଶ୍ରୀକୃଷ୍ଣଙ୍କ ଜନ୍ମ; ଶ୍ରୀକୃଷ୍ଣଙ୍କୁ ଗୋପପୁରରେ ରଖି ତଥା ଅମ୍ବିକାଙ୍କୁ ଘେନି ବସୁଦେବଙ୍କ ପ୍ରତ୍ୟାବର୍ତ୍ତନ । |
| ୫ | ପଞ୍ଚମ | କଂସକୁ ଅମ୍ବିକାଙ୍କ ଚେତାବନୀ, ବସୁଦେବ-ଦେବକୀଙ୍କୁ ବନ୍ଦୀରୁ ମୁକ୍ତି, ଅସୁରମାନଙ୍କ ଦ୍ୱାରା ଅସଂଖ୍ୟ ନବଜାତ ଶିଶୁବଧ । |
| ୬ | ଷଷ୍ଠ | ଗୋପରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ, ନନ୍ଦଙ୍କ ମଥୁରା ଗମନ ଓ କଂସଙ୍କୁ କର ପ୍ରଦାନ - ବସୁଦେବଙ୍କ ସହ ନନ୍ଦଙ୍କ ସମ୍ଭାଷଣ ଓ ଗୋପକୁ ପୁନରାଗମନ । |
| ୭ | ସପ୍ତମ | ପୁତନା ବଧ ଓ ଶ୍ରୀକୃଷ୍ଣଙ୍କ ପାଇଁ ରିଷ୍ଟ ଶାନ୍ତିକରଣ । |
| ୮ | ଅଷ୍ଟମ | ଶକଟାସୁର ଓ ତୃଣାବର୍ତ୍ତ ବଧ । |

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୯ ନବମ କୃଷ୍ଣ-ବଳରାମଙ୍କ ନାମକରଣ ଓ ଶ୍ରୀକୃଷ୍ଣଙ୍କ ବାଳକ୍ରୀଡ଼ା ଏବଂ ତାଙ୍କ ମୁଖ ଗହ୍ୱରରେ ଯଶୋଦାଙ୍କ ଅନନ୍ତ ବ୍ରହ୍ମାଣ୍ଡ ଦର୍ଶନ ।

୧୦ ଦଶମ ଶ୍ରୀକୃଷ୍ଣଙ୍କର ଦଧିଭାଣ୍ଡ ଭଞ୍ଜନ ଲୀଳା ଏବଂ ରୋଳରେ ବନ୍ଧନ ।

୧୧ ଏକାଦଶ ନାରଦଙ୍କ ଅଭିଶାପରେ ଯାମଳାର୍ଜୁନ (କୁବେରଙ୍କ ୨ ପୁତ୍ର ନଳକୁବେର ଓ ମଣିଗ୍ରୀବ) ଙ୍କ ମୋକ୍ଷ ।

୧୨ ଦ୍ୱାଦଶ ଗୋପଛାଡ଼ି ଗୋପାଳଙ୍କର ବୃନ୍ଦାବନ ଗମନ ଏବଂ ବତ୍ସାସୁର ଓ ବକାସୁର ବଧ ।

୧୩ ତ୍ରୟୋଦଶ ଅଘାସୁର (ବକାସୁର ଓ ପୁତନାର ଭାଇ) ବଧ ।

୧୪ ଚତୁର୍ଦ୍ଦଶ ବ୍ରହ୍ମାଙ୍କ ଦ୍ୱାରା ଗୋପାଳାଦି ହରଣ; ଅପହୃତ ବାଳକଙ୍କ ରୂପରେ ସ୍ୱୟଂ ଶ୍ରୀକୃଷ୍ଣ ପ୍ରକଟିତ ହେବା ଏବଂ ବ୍ରହ୍ମାଙ୍କ ମୋହଭଙ୍ଗ ।

୧୫ ପଞ୍ଚଦଶ ଶ୍ରୀକୃଷ୍ଣଙ୍କୁ ବ୍ରହ୍ମାଙ୍କ ସ୍ତୁତି ।

୧୬ ଷୋଡ଼ଶ ଧେନୁକାସୁର ବଧ ଓ କାଳିନ୍ଦି ହ୍ରଦରେ ବିଷାକ୍ତ ଜଳ ପିଇ ମରିଥିବା ବାଳକାଦିଙ୍କୁ ଜୀବନଦାନ ।

୧୭ ସପ୍ତଦଶ କାଳୀୟ ଦଳନ ।

୧୮ ଅଷ୍ଟାଦଶ କାଳିନ୍ଦି ହ୍ରଦରେ କାଳୀୟ ନିବାସର କାରଣ ଏବଂ ଦାବାଗ୍ନିରୁ ଗୋପବାଳକଙ୍କ ଉଦ୍ଧାର ।

୧୯ ଊନବିଂଶ ଭାଣ୍ଡୀର ବଟମୂଳେ ବାଳକ୍ରୀଡ଼ା ଓ ପ୍ରଳମ୍ବାସୁର ବଧ ।

୨୦ ବିଂଶ ମୁଞ୍ଜବନରେ ଅଗ୍ନିପାନ କରି ଶ୍ରୀକୃଷ୍ଣଙ୍କ ଦ୍ୱାରା ଗୋରୁ ଓ ବାଳକମାନଙ୍କ ରକ୍ଷଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

୨୧ ଏକବିଂଶ ବର୍ଷା ଓ ଶରତ୍ ଋତୁ ବର୍ଣ୍ଣନା ।

୨୨ ଦ୍ୱାବିଂଶ ବେଣୁଗୀତ – ଶ୍ରୀକୃଷ୍ଣଙ୍କର ବେଣୁଗୀତ ଦ୍ୱାରା କିପରି ଫଳ, ଫୁଲ, ଘାସ, ବୃକ୍ଷ, ଜଙ୍ଗଲ, ଶବରୀ, ମେଘ, ନଦୀ ଆଦି ଆକୃଷ୍ଟ ହୁଅନ୍ତି ତାହାର ବର୍ଣ୍ଣନ ।

୨୩ ତ୍ରୟୋବିଂଶ ଗୋପୀଙ୍କ କାତ୍ୟାୟନୀ ବ୍ରତ ଓ ବସ୍ତ୍ରହରଣ ଲୀଳା ।

୨୪ ଚତୁର୍ବିଂଶ ବ୍ରାହ୍ମଣପତ୍ନୀଙ୍କ ପ୍ରତି ଶ୍ରୀକୃଷ୍ଣଙ୍କ ଅନୁଗ୍ରହ ।

୨୫ ପଞ୍ଚବିଂଶ ଇନ୍ଦ୍ରପୂଜା ଭଞ୍ଜନ ଓ ଗୋବର୍ଦ୍ଧନଗିରି ପୂଜା ପାଳନ ।

୨୬ ଷଡବିଂଶ ଇନ୍ଦ୍ରକୋପରୁ ପ୍ରଳୟତୁଲ୍ୟ ବୃଷ୍ଟି ଏବଂ ଶ୍ରୀକୃଷ୍ଣଙ୍କ ଦ୍ୱାରା ଗୋବର୍ଦ୍ଧନ ଧାରଣ ।

୨୭ ସପ୍ତବିଂଶ ଶ୍ରୀକୃଷ୍ଣଙ୍କ ମହିମାରେ ବିସ୍ମିତ ଗୋପାଳଙ୍କ ସନ୍ଦେହ ନନ୍ଦଙ୍କ ଦ୍ୱାରା ମୋଚନ - ଗୋପଶଙ୍କା ଖଣ୍ଡନ ।

୨୮ ଅଷ୍ଟବିଂଶ ସୁରଭି ଓ ଇନ୍ଦ୍ରଙ୍କ ଦ୍ୱାରା ଶ୍ରୀକୃଷ୍ଣଙ୍କ ସ୍ତୁତି ଏବଂ ଅଭିଷେକ ।

୨୯ ଊନତ୍ରିଂଶ ବରୁଣପୁରରୁ ନନ୍ଦଙ୍କ ଉଦ୍ଧାର ତଥା ଗୋପାଳମାନଙ୍କୁ ବରୁଣପୁର ଓ ବୈକୁଣ୍ଠ ଦେଖାଇବା ।

୩୦ ତ୍ରିଂଶ ରାସଲୀଳା ଆରମ୍ଭ ଓ ଶ୍ରୀକୃଷ୍ଣଙ୍କ ଅନ୍ତର୍ଦ୍ଧାନ ।

୩୧ ଏକତ୍ରିଂଶ ଗୋପୀମାନଙ୍କର ଶ୍ରୀକୃଷ୍ଣାନ୍ୱେଷଣ ।

୩୨ ଦ୍ୱାତ୍ରିଂଶ ଗୋପୀଗୀତ ।

୩୩ ତ୍ରୟୋତ୍ରିଂଶ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ଏବଂ ଗୋପୀମାନଙ୍କୁ ସାନ୍ତ୍ୱନା ।

୩୪ ଚତୁଃତ୍ରିଂଶ ମହାରସ ।

୩୫ ପଞ୍ଚତ୍ରିଂଶ ସୁଦର୍ଶନ ବିଦ୍ୟାଧରର ନନ୍ଦଙ୍କୁ ଗିଳିବା ଓ ସର୍ପ ଶରୀରରୁ ମୋକ୍ଷଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୩୬ ଷଟ୍‌ତ୍ରିଂଶ ଯକ୍ଷ ଶଙ୍ଖଚୂଡ଼ (କୁବେରଙ୍କ ଅନୁଚର) ଙ୍କ ଗୋପୀଙ୍କୁ ଅପହରଣ ଓ ବଳରାମ-ଶ୍ରୀକୃଷ୍ଣଙ୍କ ଦ୍ୱାରା ବଧ ।

୩୭ ସପ୍ତତ୍ରିଂଶ ବୃନ୍ଦାବନ ବିହାର ଓଯୁଗଳ ଗୀତ ।

୩୮ ଅଷ୍ଟତ୍ରିଂଶ ଷଣ୍ଢାସୁର ବଧ ।

୩୯ ଊନଚତ୍ୱାରିଂଶ ରାମକୃଷ୍ଣଙ୍କୁ ଆଣିବା ପାଇଁ କଂସର ନାନା ଯୋଜନା ଓ ସେମାନଙ୍କୁ ଆଣିବା ପାଇଁ ଅକ୍ରୂର ପ୍ରେରଣ ।

୪୦ ଚତ୍ୱାରିଂଶ କେଶୀ ଓ ବ୍ୟୋମାସୁର(ମୟାସୁରର ପୁତ୍ର) ବଧ ଏବଂ ନାରଦକୃତ ଶ୍ରୀକୃଷ୍ଣ ସ୍ତୁତି ।

୪୧ ଏକଚତ୍ୱାରିଂଶ ଅକ୍ରୂରଙ୍କ ବ୍ରଜଯାତ୍ରା ଓ ଶ୍ରୀକୃଷ୍ଣ ଦର୍ଶନ ।

୪୨ ଦ୍ୱିଚତ୍ୱାରିଂଶ କୃଷ୍ଣ ବଳରାମଙ୍କ ମଥୁରା ଗମନ; ଗୋପୀମାନଙ୍କ ବିଳାପ ଏବଂ କାଳିନ୍ଦୀ ଜଳ ମଧ୍ୟରେ ଅକ୍ରୂରର ବିଷ୍ଣୁପୁର ଦର୍ଶନ ।

୪୩ ତ୍ରିଚତ୍ୱାରିଂଶ ଅକ୍ରୂରଙ୍କ ଦ୍ୱାରା ଶ୍ରୀକୃଷ୍ଣସ୍ତୁତି ।

୪୪ ଚତୁଶ୍ଚତ୍ୱାରିଂଶ ଶ୍ରୀକୃଷ୍ଣଙ୍କ ମଥୁରା ପ୍ରବେଶ; ରଜକ ବଧ ଏବଂ ସୁଦାମା ମାଳୀକୁ ବର ପ୍ରଦାନ ।

୪୫ ପଞ୍ଚଚ୍‌ତ୍ୱାରିଂଶ କୁବ୍ଜାର ଅପୂର୍ବ ସୌନ୍ଦର୍ଯ୍ୟ ଲାଭ; ଧନୁର୍ଭଙ୍ଗ ଏବଂ କଂସର ଭୟ ।

୪୬ ଷଟ୍‌ଚତ୍ୱାରିଂଶ କୁବଳୟା ଗଜ ବଧ ଏବଂ ରଙ୍ଗସଭାରେ ପ୍ରବେଶ ।

୪୭ ସପ୍ତଚତ୍ୱାରିଂଶ ଚାଣୁର-ମୁଷ୍ଟିକ ସହ ମଲ୍ଲଯୁଦ୍ଧ ଓ କଂସବଧ ।

୪୮ ଅଷ୍ଟଚତ୍ୱାରିଂଶ ଉଗ୍ରସେନଙ୍କ ରାଜ୍ୟାଭିଷେକ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମ୍ପୂର୍ଣ୍ଣ ଦଶମ ସ୍କନ୍ଧଟି ଭଗବାନଙ୍କର ମାନବରୂପୀ ଅବତାରର ଲୀଳା ଉପରେ ଆଧାରିତ ଅଟେ । ଭଗବାନ ସମସ୍ତ ଦେହଧାରୀଙ୍କ ଅନ୍ତରରେ ଅନ୍ତର୍ଯ୍ୟାମୀରୂପେ ରହି ଅମୃତ ଦାନ କରୁଛନ୍ତି ଓ ବାହାରେ କାଳରୂପରେ ରହିଛନ୍ତି । ମନୁଷ୍ୟରୂପେ ଦୃଶ୍ୟମାନ ହେବା ହେଉଛି ତାଙ୍କର ଏକ ଲୀଳାମାତ୍ର । ଦଶମ ସ୍କନ୍ଧରେ ଗୋପଲୀଳା ଓ ଦ୍ୱାରିକାଲୀଳା ମାଧ୍ୟମରେ ଭଗବାନଙ୍କର ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟରେ ପରିପୂର୍ଣ୍ଣ ଲୀଳାସବୁ ବର୍ଣ୍ଣନା କରାଯାଇଛି ।

## ଦଶମ ସ୍କନ୍ଧ(ଗୋପଲୀଳା) ଅଧ୍ୟାୟଗତ ସାରାଂଶ

ପ୍ରଥମ ଅଧ୍ୟାୟରେ ଭଗବାନଙ୍କର ପୃଥିବୀକୁ ଆଶ୍ୱସନା ବିଷୟ ବର୍ଣ୍ଣନା କରାଯାଇଛି ।

ଦୁଷ୍ଟ ନିବାରି ସନ୍ଥ ପାଳୁ । ତୁ ନାଥ ପରମ ଦୟାଳୁ ।।
ଗୋବିନ୍ଦ କଥା ପରଶନ । ହେଲେ ତାରଇ ତିନି ଜଣ ।।
ଶ୍ରୋତା ବକତା ଯେ ପଚ୍ଛରି । ଏ ତିନି ଜଣ ଯାନ୍ତି ତରି ।।
ତା ପାଦ ଗଙ୍ଗାଜଳ ଯେହ୍ନେ । ତାରଇ ସ୍ନାନ ପିଣ୍ଡଦାନେ ।।
ନାମମାତ୍ରେକେ ପାପ ନାଶେ । ତାରଇ ସେ ତିନି ପୁରୁଷେ ।।

ଭୂପୃଷ୍ଠରେ ଅସୁରମାନଙ୍କ ଅକଥନୀୟ ଅତ୍ୟାଚାର ବଢିଗଲା । ଅସୁରଙ୍କ ଅତ୍ୟାଚାରରେ ପୃଥିବୀ ବ୍ରହ୍ମାଙ୍କ ନିକଟରେ ଧେନୁ ରୂପରେ ନିଜ ଦୁଃଖ ଜଣାଇଲେ । ପୃଥିବୀ ଓ ଦେବତାମାନେ ଅତ୍ୟନ୍ତ ଦୁଃଖ ପାଇଲେ । ପୃଥିବୀ ସମେତ ଦୁଃଖି ଦେବଗଣ ବ୍ରହ୍ମାଙ୍କ ନିକଟରେ ପ୍ରାର୍ଥନା କଲେ । ବ୍ରହ୍ମାଙ୍କ ଅନୁରୋଧ କ୍ରମେ ବିଷ୍ଣୁ ଦେବଗଣଙ୍କୁ ସାନ୍ତ୍ୱନା ଦେଲେ ଓ ମର୍ତ୍ତ୍ୟରେ ଜନ୍ମ ନେବାକୁ ନିର୍ଦ୍ଦେଶ ଦେଲେ । ମର୍ତ୍ତ୍ୟମଣ୍ଡଳରେ ଗୋପେ ଗୋପୀ ଗୋପାଳ ରୂପେ ଜନ୍ମ ହୋଇ ଏବଂ ଯାଦବ ଆଦି ସାତବଂଶେ ଜନ୍ମ ହୋଇ କଂସର ବିଶ୍ୱାସ ଭାଜନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ରହିବାକୁ ଦେବଗଣଙ୍କୁ ବିଷ୍ଣୁ ଆଦେଶ ଦେଲେ ।

ଦ୍ୱିତୀୟ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ପ୍ରଥମ ଅଧ୍ୟାୟର ଅବଶିଷ୍ଟାଂଶ) ରେ ବସୁଦେବ ଓ ଦେବକୀଙ୍କ ବିବାହ ଏବଂ କଂସଦ୍ୱାରା ଦେବକୀଙ୍କର ଛଅ ପୁଅଙ୍କ ହତ୍ୟା ବର୍ଣ୍ଣନା କରାଯାଇଛି । ଭୋଜ ବଂଶୀୟ ରାଜା ଶୂରସେନ ମଥୁରା ମଣ୍ଡଳରେ ଶାସନ କରୁଥିଲେ । ଶୂରଙ୍କ ପୁତ୍ର ବସୁଦେବ, ଉଗ୍ରସେନଙ୍କ ପୁତ୍ର କଂସଙ୍କ କକେଇ-ଝିଅ ଭଉଣୀ ଦେବକୀ (ଅର୍ଥାତ୍ ଉଗ୍ରସେନଙ୍କ ଭାଇ ଦେବକଙ୍କ କନ୍ୟା)ଙ୍କୁ ବିବାହ କଲେ । ବର କନ୍ୟା ବିଦାୟ ବେଳେ ଅତି ଉଲ୍ଲାସ ମନରେ କଂସ ରଥ ଚଳାଇ ଯାଉଥିବା ସମୟରେ ସେ ଆକାଶବାଣୀ ଶୁଣିଲେ ଯେ ସେହି ବସୁଦେବ-ଦେବକୀଙ୍କ ସନ୍ତାନ ହିଁ ତାର ମୃତ୍ୟୁର କାରଣ ହେବ ।

ରେ ରେ ରେ କଂସାସୁର ଶୁଣ ।  ନ ଜାଣୁ ଆପଣା ମରଣ । ।
ଯା ରଥ ବାହୁ ତୁ ଉସତେ ।  ତୋତେ ମାରିବେ ତାର ସୁତେ । ।
ଅଷ୍ଟମ ଗର୍ଭେ ଅବତରି ।  ମହୀ ରଖିବେ ତୋତେ ମାରି । । ୧୦/୨/୩୪

ତେଣୁ ରାଗରେ କଂସ ସେମାନଙ୍କୁ ମାରିବାକୁ ଉଦ୍ୟତ ହେଲା ।

ମୃତ୍ୟୁଁ ମାଇଲେ ଯିବ ସରି ।  ଦେବଙ୍କ ସଙ୍ଗେ କିମ୍ପା କଳି । ।

ଫଳରେ ଭୟରେ ବସୁଦେବ କଂସକୁ ଧର୍ମ ମହିମା ଶୁଣାଇ ଏହି ହତ୍ୟା ପାପରୁ ନିବୃତ୍ତ ହେବାକୁ ଏବଂ ଦେବକୀ (ଯିଏ କି କଂସର ନିଜ ଭଉଣୀ ହିଁ)କୁ ନ ମାରିବାକୁ କହିଲେ ।

ବାଳକ ବୃଦ୍ଧ ଯେ ତରୁଣ ।  ଅବଶ୍ୟ ହୋଇବ ମରଣ । ।
ଦେହ ବହିଲେ ନିଶ୍ଚେ ମରି ।  ମରଣ ଛାରେ କିମ୍ପା ଡରି । ।
ମର୍ତ୍ତ୍ୟେ ମନୁଷ୍ୟ ଦେହ ବହି ।  ଦେବତା ହୋଇଲେ ମରଇ । ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରାଣୀ ଜନ୍ମନ୍ତି ବାରମ୍ବାର । କେ ପୁତ୍ର କେ କାହା ପିଅର । ।

ସକଳେ କର୍ମେ ଆତଯାତ । କର୍ମେ ବନ୍ଧନେ ତାତମାତ । । ୧୦/୨/୩୮

ଏ ଜୀବ ଯିବାର ନିକଟେ । ନେଇ ସଇ ଅନ୍ୟ ଘଟେ । ।

ପ୍ରାଣୀର ଭଲମନ୍ଦ ବାଣୀ । ମରଣ କାଳେ ତାହା ଜାଣି । । ୧୦/୨/୩୯

ଜୀବ ମାରନ୍ତି ଆତ୍ମ ସୁଖେ । ଅନ୍ତେ ସେ ପଡ଼ନ୍ତି ନରକେ । । ୧୦/୨/୪୪

ଦେବକୀର ପୁତ୍ର ଜାତ ହେଲେ କଂସକୁ ଦେଇଦେବେ ବୋଲି ବସୁଦେବ ପ୍ରତିଜ୍ଞା କଲେ । ବସୁଦେବ, ପୁତ୍ର ଜାତ ହେବାରୁ କଂସକୁ ଦେବାରୁ, ବସୁଦେବ ସତ୍ୟ ରକ୍ଷା କରିଥିବା ବିଷୟ ହୃଦୟଙ୍ଗମ କରି କଂସ ତାଙ୍କୁ ପୁତ୍ର ଫେରାଇଦେଲା । କିନ୍ତୁ ନାରଦଙ୍କ ପରାମର୍ଶ କ୍ରମେ ପୁଣି ପରବର୍ତ୍ତି ଦିନ ଯାଇ ସେ ଦେବକୀ ପୁତ୍ରକୁ କୋଳରୁ ନେଇ ହତ୍ୟା କଲା । ସେମାନଙ୍କୁ ବନ୍ଦୀଘରେ ରଖିଲା । କଂସ ନିଜ ପିତା ଉଗ୍ରସେନଙ୍କୁ ବନ୍ଦୀ କଲା । ସେ ନିଜର ହିତକାଂକ୍ଷୀ ମାନଙ୍କୁ ମଧ୍ୟ ହତ୍ୟା କଲା । ସେ ଜାଣିଥିଲା ଯେ, ସେ ନିଜେ ପ୍ରଥମେ କାଳନେମି ଅସୁର ଥିଲା ଏବଂ ବିଷ୍ଣୁ ତାକୁ ମାରିଦେଇଥିଲେ । ସେ ନିଜେ ଶୂରସେନ ରାଜ୍ୟ ଶାସନ କରିବାକୁ ଲାଗିଲା ।

ତୃତୀୟ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ଦ୍ୱିତୀୟ ଅଧ୍ୟାୟ) ରେ ଦେବକୀଙ୍କ ଗର୍ଭରେ ଭଗବାନଙ୍କ ପ୍ରବେଶ ଓ ଗର୍ଭସ୍ଥିତ ଭଗବାନଙ୍କୁ ଦେବଗଣର ସ୍ତୁତି ବିଷୟ ବର୍ଣ୍ଣିତ । କଂସ ନିଜେ ବହୁତ ବଳବାନ୍ ଥିଲେ । ପୁଣି ସେ ମଗଧ ନରେଶ ଜରାସନ୍ଧଠାରୁ ବହୁ ସାହାଯ୍ୟ ପାଉଥିଲା । ତା ସାଥି ପ୍ରଳମ୍ବାସୁର, ବକାସୁର, ଚାଣୁର, ତୃଣାବର୍ତ୍ତ, ଅଘାସୁର, ମୁଷ୍ଟିକ, ଅରିଷ୍ଟାସୁର, ଦ୍ୱିବିଦ, ପୁତନା, କେଶୀ, ଧେନୁକ, ବାଣାସୁର, ଭୌମାସୁର ଆଦି ତାର ସହାୟକ ଥିଲେ । ଏମାନଙ୍କ ସାହଯ୍ୟରେ ସେ ଯଦୁବଂଶୀମାନଙ୍କୁ ବିନାଶ କରିବାରେ ଲାଗିଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫଳରେ ଯଦୁବଂଶୀମାନେ ଭୟଭୀତ ହୋଇ କୁରୁ, ପାଞ୍ଚାଳ, କେକୟ, ଶାଲ୍ୱ, ବିଦର୍ଭ, ନିଷଧ, ବିଦେହ ଓ କୋଶଳ ଆଦି ଦେଶକୁ ଯାଇ ସେଠାରେ ରହିଲେ । କଂସ ଗୋଟି ଗୋଟି କରି ଦେବକୀଙ୍କର ଛ'ଟି ପୁତ୍ରକୁ ମାରିଦେଲା । ଶେଷଦେବ (ଅନନ୍ତ) ଦେବକୀଙ୍କ ସପ୍ତମ ଗର୍ଭରେ ରହିଲେ । ଭଗବାନ ଯୋଗମାୟାଙ୍କୁ ଆଦେଶ ଦେଇ ବଳରାମ (ଶେଷଦେବ)ଙ୍କୁ ରୋହିଣୀ ଗର୍ଭରେ ରଖିଥିଲେ । ଏବଂ ଯୋଗମାୟାଙ୍କୁ ନନ୍ଦଙ୍କ ପତ୍ନୀ ଯଶୋଦାଙ୍କ ଗର୍ଭରୁ ଜାତ ହେବାକୁ କହିଲେ । ସେହି ଶେଷଦେବଙ୍କ ନାମ ସଂକର୍ଷଣ, ବଳରାମ, ବଳଭଦ୍ର ଇତ୍ୟାଦି ରହିଲା । କଂସ ଭାବିଲା ଯେ,

ଜୀବ ମାରଣେ ସୁଖ ନାହିଁ । ନରକେ ପଡିବି ନା ଯାଇ । ।
ପାପଙ୍କ ମଧ୍ୟେ ପରମାଦ । ସ୍ତିରୀ ଗର୍ଭିଣୀ ସ୍ୱସା ବଧ । ।
ଏ ତିନି କର୍ମ ଯେ କରନ୍ତି । ଜୀବନ ଥାଉଁ ସେ ମରନ୍ତି । ।
ଜୀବନ ଛାଡ଼ିବାର କାଳେ । ନିନ୍ଦିତ ବୋଲନ୍ତି ସକଳେ । ।
ଇହ ଲୋକରେ ଅପଯଶ । ମରଣେ ନରକେ ପ୍ରବେଶ । । ୧୦/୩/୨୨

କଂସ ଏମନ୍ତ ଭାବେ ବିଚାରି ବନ୍ଦୀଶାଳାରୁ ବାହୁଡ଼ିଲା । ଶୟନେ ସପନେ ତାକୁ ହରି ଭୟ ଦେଖାଗଲା । ରାତି ପାହିବାରୁ ବନ୍ଦୀଗୃହକୁ ଆସି ଦେବଦେବୀ ସମେତ ସମସ୍ତେ ଶ୍ରୀକୃଷ୍ଣ ଜନନୀ ଚରଣେ ସ୍ତୁତି କଲେ ।

ସଂସାରଟା ହେଉଛି ଏକ ସନାତନ ବୃକ୍ଷ । ଏକମାତ୍ର ପ୍ରକୃତି ହିଁ ଏହି ବୃକ୍ଷର ଆଶ୍ରୟ । ସୁଖ ଓ ଦୁଃଖ ହେଉଛି ଏହାର ଦୁଇଟି ଫଳ । ସତ୍ତ୍ୱ, ରଜ ଓ ତମ ହେଉଛି ଏହାର ତିନି ମୂଳ । ଧର୍ମ, ଅର୍ଥ, କାମ ଓ ମୋକ୍ଷ ହେଉଛି ଏହାର ଚାରି ରସ । ଏହା ପାଟି ମାଧ୍ୟମରେ ଜ୍ଞାନ ଅନୁଭବ କରେ । ସେଗୁଡ଼ିକ ହେଲା – ଶ୍ରୋତ୍ର, ତ୍ୱଚା, ନେତ୍ର, ରସନା ଓ ନାସିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାମକ ପଞ୍ଚଇନ୍ଦ୍ରିୟ । ଏହି ବୃକ୍ଷର ଛଅଟି ଅବସ୍ଥା ରହିଛି, ଯଥା – ଜନ୍ମ, ଅସ୍ତିତ୍ୱ, ବୃଦ୍ଧି, ପରିବର୍ତ୍ତନ, କ୍ଷୟ ଓ ବିନାଶ । ଏହି ବୃକ୍ଷର ସାତପରସ୍ତ ବକ୍କଳ ରହିଛି, ଯଥା – ଚର୍ମ (ରସ), ରୁଧିର (ରକ୍ତ), ମାଂସ, ମେଦ (ଚର୍ବି), ଅସ୍ଥି, ମଜ୍ଜା ଓ ଶୁକ୍ର (ବୀର୍ଯ୍ୟ) । ଏହାର ଆଠଟି ଶାଖା ହେଲା - ପଞ୍ଚମହାଭୂତ, ମନ, ବୁଦ୍ଧି ଓ ଅହଂକାର । ଏହାର ନଅଟି କୋରଡ଼ ହେଉଛି ମୁଖ ଆଦି ନବଦ୍ୱାର । ଏହି ବୃକ୍ଷର ଦଶଟି ପତ୍ର ହେଲା - ପ୍ରାଣ, ଅପାନ, ବ୍ୟାନ, ଉଦାନ, ସମାନ, ନାଗ, କୂର୍ମ, କୃକଳ, ଦେବଦ[3] ଏବଂ ଧନଞ୍ଜୟ ନାମକ ଦଶ ପ୍ରାଣ । ଏହି ସଂସାରରୂପୀ ବୃକ୍ଷରେ ଦୁଇଟି ପକ୍ଷୀ ଅଛନ୍ତି; ସେମାନେ ହେଲେ ଜୀବ ଓ ଈଶ୍ୱର (ପରମ) । ଏମନ୍ତ ବୃକ୍ଷ ରୂପ ବହି ମହୀଭାରା ଉଶ୍ୱାସ କରିବାକୁ ସମସ୍ତେ ସ୍ତୁତି କଲେ । ଏହି ଉକ୍ତି ମାଧ୍ୟମରେ ଭଗବାନଙ୍କ ଗୁଣ, ପ୍ରକୃତି ଓ ମହିମା ମଧ୍ୟ ବର୍ଣ୍ଣନା କରାଯାଇଛି ।

ଦେବଗଣ ଦେବକୀଙ୍କୁ କହିଲେ ଯେ ସମସ୍ତଙ୍କ ମଙ୍ଗଳ ପାଇଁ ଭଗବାନ ସ୍ୱୟଂ ତାଙ୍କ ଗର୍ଭକୁ ଆସିଛନ୍ତି । ଆଉ ସେ କଂସକୁ ଭୟ କରିବା ଉଚିତ ନୁହେଁ । କଂସର କାଳ ଶେଷ ହେବ । ଭଗବାନ ଆପଣଙ୍କ ଠାରୁ ଜାତ ହୋଇ ଯଦୁବଂଶ ରକ୍ଷା କରିବେ ତଥା ମହୀଭାରା ଉଶ୍ୱାସିବେ ।

ଚତୁର୍ଥ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ତୃତୀୟ ଅଧ୍ୟାୟ) ରେ ଭଗବାନ ଶ୍ରୀକୃଷ୍ଣଙ୍କ ଧରାଧାମରେ ଆବିର୍ଭାବ ବିଷୟ ବର୍ଣ୍ଣନା କରାଯାଇଛି । ରୋହିଣୀ ନକ୍ଷତ୍ର, ବୃଷ ରାଶିରେ ଚନ୍ଦ୍ର ଥାଇ ଭାଦ୍ରବମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ରାତ୍ରି ଅର୍ଦ୍ଧ ସମୟରେ ବନ୍ଦୀଶାଳାରେ ବସୁଦେବ ମାନସ ତେଜରୁ ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣଙ୍କ ଜନ୍ମ ହେଲା । ବିଭିନ୍ନ ଆଭୂଷଣରେ ସୁଶୋଭିତ ନବଜାତ ଶିଶୁର ପ୍ରତ୍ୟେକ ଅଙ୍ଗରୁ ଅପୂର୍ବ ଛଟା ଝଲସି ଉଠୁଥିଲା । ଭଗବାନ ଜନ୍ମ ହୋଇଥିବା ଜାଣି ବସୁଦେବ ଉଲ୍ଲସିତ ହେଲେ ଏବଂ କଂସର କୋପରୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୟଭୀତ ବି ହେଲେ । ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳନର ମାନସିକ ମାଧ୍ୟମରେ ବ୍ରାହ୍ମଣମାନଙ୍କୁ ଦାନ ଦେବା ସଂକଳ୍ପ କଲେ । ଭଗବାନଙ୍କ କାନ୍ତି, ଶୋଭା ତଥା ସୌନ୍ଦର୍ଯ୍ୟ ଦେଖି ସେ ତାଙ୍କୁ ସ୍ତୁତି କରିବାକୁ ଲାଗିଲେ । ଭଗବାନଙ୍କର ମହିମା ଗାନ କରିବାରେ ଲାଗିଲେ । ମାତା ଦେବକୀ ମଧ୍ୟ ଭଗବାନଙ୍କୁ ଜାଣି ପାରି ତାଙ୍କୁ ସ୍ତୁତି କରିବାକୁ ଲାଗିଲେ ।

ସ୍ୱାୟମ୍ଭୁବ ମନୁ ଅନ୍ତରେ ଦେବକୀ ଓ ବସୁଦେବଙ୍କର ପ୍ରଥମ ଜନ୍ମ ହୋଇଥିଲା । ଦେବକୀଙ୍କ ନାମ ପୃଶ୍ନି ଓ ବସୁଦେବଙ୍କ ନାମ ସୁତପା ଥିଲା । ସେତେବେଳେ ସେମାନେ ଦୁଃଖକଷ୍ଟରେ କାଳାତିପାତ କରୁଥିଲେ । ଭଗବାନ ତାଙ୍କ କୋଳରେ ଜନ୍ମ ହେବା ପାଇଁ ସେମାନେ ବର ମାଗିଥିଲେ । ସେତେବେଳେ ଭଗବାନ ପୃଶ୍ନିଗର୍ଭ ନାମରେ ଜନ୍ମ ନେଲେ । ୨ୟ ଜନ୍ମରେ ଦେବକୀ ହେଲେ ଅଦିତି ଓ ବସୁଦେବ ହେଲେ କଶ୍ୟପ । ଶ୍ରୀକୃଷ୍ଣ, ଉପେନ୍ଦ୍ର ନାମରେ ତାଙ୍କ ଗର୍ଭରେ ଜାତ ହେଲେ (ଯିଏ କି ବାମନ ଅବତାର) । ୩ୟ ଜନ୍ମରେ ଦେବକୀ ଓ ବସୁଦେବଙ୍କର ପୁତ୍ରରୂପେ ଶ୍ରୀକୃଷ୍ଣ ଜନ୍ମ ହେଲେ ।

ଦେବକୀ ଓ ବସୁଦେବଙ୍କ ପୂର୍ବଜନ୍ମ ବୃତ୍ତାନ୍ତ ଶୁଣାଇ ଶ୍ରୀକୃଷ୍ଣ ତାଙ୍କୁ ଗୋପରେ ନେଇ ଛାଡ଼ିବାକୁ କହିଲେ । ଶିଙ୍କୁଳି ଓ କବାଟ ଖୋଲିଗଲା ଉଗ୍ରସେନ ବାଟ ଓଗାଳିଲେ କିନ୍ତୁ ଭଗବାନଙ୍କ ପରିଚୟ ଓ ଆଦେଶ ପାଇ ସେ ରାସ୍ତା ଛାଡ଼ିଦେଲେ । ବାଟରେ ଯମର ଭଉଣୀ ଯମୁନା ନଦୀ ଉଛୁଳି ଉଠୁଥିଲା । କିନ୍ତୁ ଭଗବାନଙ୍କୁ ଜାଣି ପାରି ତାଙ୍କୁ ବାଟ ଦେଲା । ତା ପରେ ବସୁଦେବ ନନ୍ଦ ପୁରେ ପ୍ରବେଶ କଲେ । ସମସ୍ତେ ନିଦ୍ରା ବିମୋହିତ ହୋଇଥିଲେ । ବସୁଦେବ ଯଶୋଦାଙ୍କ କୋଳରେ ଶ୍ରୀକୃଷ୍ଣଙ୍କୁ ଶୁଆଇ, ଯୋଗମାୟାଙ୍କୁ ନେଇ ମଥୁରାକୁ ଫେରିଆସିଲେ । ଯଶୋଦା ତାଙ୍କ ସନ୍ତାନ ପ୍ରସବ ସମୟରେ ଅଚେତ ଥିବାରୁ ସେ ତାହା ଜାଣି ପାରିଲେ ନାହିଁ । ମଥୁରାର ବନ୍ଦୀଶାଳାରେ ବସୁଦେବ ପହଞ୍ଚିଲା ପରେ ପୁଣି ଶିଙ୍କୁଳି ଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କବାଟ ଲାଗିଗଲା । ସମସ୍ତେ ଚେତା ପାଇଲେ ।

ପଞ୍ଚମ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ଚତୁର୍ଥ ଅଧ୍ୟାୟ) ରେ କଂସ ହାତରୁ ଖସି ଯୋଗମାୟା ଆକାଶରେ ଆବିର୍ଭାବ ହେବା ଏବଂ କଂସକୁ ଚେତାବନୀ ଶୁଣାଇବା ବିଷୟ ବର୍ଣ୍ଣିତ । ରାତି ପାହିବା ମାତ୍ରେ କଂସ ଆସି ବନ୍ଦୀଶାଳାରେ ପହଞ୍ଚି ଦେବକୀଠାରୁ ସେହି କନ୍ୟା ଯୋଗମାୟାକୁ ଛଡ଼ାଇ ନେଇଗଲା । ତାକୁ ଶିଳାରେ ଛେଚିବାକୁ ଉଦ୍ୟତ ହେବା ସଙ୍ଗେ ସଙ୍ଗେ ଶିଶୁଟି ତା ହାତରୁ ଖସି ଆକାଶମାର୍ଗରୁ ତାର ମୃତ୍ୟୁ ରହସ୍ୟ ଚେତାବନୀ ଦେଲା । କଂସ ଅତ୍ୟନ୍ତ ଭୟଭୀତ ହୋଇଗଲା । ତା ପରେ ସେ ଭଉଣୀ ଦେବକୀଙ୍କୁ ସାନ୍ତ୍ୱନା ଦେବାକୁ ଲାଗିଲା ।

ଦେହ ବହିଲେ ନିଶ୍ଚେ ମରି । ସଂସାର ନୁହଁଇ କାହାରି ।।
ବୃକ୍ଷର ତଳେ ଯେହ୍ନେ ଆସି । ପଥୁକି ବିଶ୍ରାମନ୍ତି ବସି ।।
ପୁଣି ଚଳନ୍ତି ଶ୍ରମ ସାରି । ସେ ବୃକ୍ଷ ନୁହଇ କାହାରି ।।
ତେମନ୍ତେ ମାୟା ଏ ସଂସାର । କେ ପିତା କେ ପୁତ୍ର କାହାର ।।
ଅର୍ଜିଲା କର୍ମେ ଆତଯାତ । ମାୟା ଭିଆଣ ତାତମାତ ।।
ବୁଦ୍ଧି ବିଚାରେ ଯାହା କରି । ଭୁଞ୍ଜଇ ସେ ଫଳ ଆବୋରି । ।୧୦/୫/୧୯ ରୁ ୨୨
ଆୟୁଷ ଯଶ ବଳ ଧର୍ମ । ଲୋକ ଆଶିଷ ଶୁଭ କର୍ମ ।।
ଏ ଆଦି ସର୍ବ ନାଶ କରେ । ହିଂସା କରନ୍ତି ଯେହୁ ପରେ ।। ୧୦/୫/୪୬

ଷଷ୍ଠ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ପମ ଅଧ୍ୟାୟ) ରେ ଗୋକୁଳରେ ଭଗବାନଙ୍କର ଜନ୍ମମହୋତ୍ସବ ପାଳନ ବିଷୟ ବର୍ଣ୍ଣିତ । ନନ୍ଦ ପୁତ୍ରର ଜନ୍ମ ଉତ୍ସବ ପାଳନ କରି କଂସକୁ ଖଜଣା ଦେବା ପାଇଁ ଆସି ବସୁଦେବଙ୍କ ସହ ଦେଖାସାକ୍ଷାତ୍ କଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସପ୍ତମ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ଷଷ୍ଠ ଅଧ୍ୟାୟ) ରେ ପୁତନା ବଧ ହୋଇଛି । ଶ୍ଲୋକ ୧ ରୁ ୬ ମଧ୍ୟରେ ପୁତନାର ରୂପ ସୌନ୍ଦର୍ଯ୍ୟ ତଥା ମାୟାରୂପୀ ଶୋଭା ବର୍ଣ୍ଣନ । ଶ୍ଲୋକ ୭ ରୁ ୧୪ ମଧ୍ୟରେ ଶ୍ରୀକୃଷ୍ଣ ପୁତନାର କ୍ଷୀର ସଙ୍ଗେ ପ୍ରାଣ ଶୋଷିବା ବିଷୟ ବର୍ଣ୍ଣନ ।

ପୁତନାର ପୂର୍ବ ଜନ୍ମ ବୃତ୍ତାନ୍ତ - ପୁତନା ପୂର୍ବ ଜନ୍ମରେ ଦାନବରାଜ ବଳିର ରତ୍ନମାଳା ନାମ୍ନୀ କନ୍ୟା ଥିଲା । ବାମନ ରୂପୀ ଭଗବାନଙ୍କୁ ଦେଖି ତା'ମନରେ ପୁତ୍ରସ୍ନେହ ଜାତ ହେଲା । ଏମିତି ପୁଅ ପାଇଥିଲେ, ତାଙ୍କୁ ସ୍ତନ୍ୟରୁ କ୍ଷୀରପାନ କରାଇଥାନ୍ତି ବୋଲି ଭାବିଲା । କିନ୍ତୁ ପରେ ବାମନଙ୍କ ଛଳନା ଜାଣିବା ପରେ ଭାବିଲା ଯେ, ଏମିତି ପୁଅ ପାଇଥିଲେ, ତାକୁ ସ୍ତନ୍ୟରୁ ବିଷପାନ କରାଇଥାନ୍ତି । ତେଣୁ ସେ ରାକ୍ଷସୀ ରୁପେ ଜନ୍ମ ନେଇ ଭଗବାନଙ୍କୁ ବିଷ ପାନ କରାଇ ନିଜେ ମୃତ୍ୟୁବରଣ କରିଥିଲା । ଶ୍ଲୋକ ୧୫ ରୁ ୨୦ ମଧ୍ୟରେ ପୁତନାର ଅସୁରୀରୂପ ବର୍ଣ୍ଣନା ଓ ତା ବକ୍ଷ ଉପରେ ବାଳକୃଷ୍ଣଙ୍କର ସ୍ଥିତି ଦୃଶ୍ୟ ବର୍ଣ୍ଣନା ତଥା ଶ୍ରୀକୃଷ୍ଣଙ୍କ ପାଇଁ ରିଷ୍ଟଶାନ୍ତିକରଣ ସ୍ତୁତି କରାଗଲା । ତା ପରେ କୃଷ୍ଣଙ୍କ ସର୍ବାଙ୍ଗରେ ଗୋ-ରଜ ଲଗାଇଦିଆଗଲା । ଶେଷରେ ତାଙ୍କର ଦ୍ୱାଦଶ ଅଙ୍ଗରେ ଗୋବର ଲଗାଇ କେଶବାଦି ନାମ ଦ୍ୱାରା ତାଙ୍କୁ ଶୁଦ୍ଧି କରାଗଲା । ଯେଉଁ ୧୨ ନାମ ଉଚ୍ଚାରଣ କରି ୧୨ ଅଙ୍ଗକୁ ସ୍ପର୍ଶ କରାଯାଏ, ତାହା ପଦ୍ମପୁରାଣରେ ଏପରି ପ୍ରଦ[3]-

ଲଲାଟେ କେଶବଂ ଧ୍ୟାୟେନ୍ନାରାୟଣମଥୋଦରେ ।
ବକ୍ଷଃସ୍ଥଳେ ମାଧବଂ ତୁ ଗୋବିନ୍ଦଂ କଣ୍ଠକୂବରେ ।।
ବିଷ୍ଣୁଂ ଚ ଦକ୍ଷିଣେ କୁକ୍ଷୌ ବାହୌ ଚ ମଧୁସୂଦନମ୍ ।
ତ୍ରିବିକ୍ରମଂ କନ୍ଧରେ ତୁ ବାମନଂ ବାମପାଶ୍ୱର୍କେ ।।
ଶ୍ରୀଧରଂ ବାମବାହୌ ତୁ ହୃଶୀକେଶଂ ତୁ କନ୍ଧରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୃଷ୍ଠେ ତୁ ପଦ୍ମନାଭଂ ଚ କଟ୍ୟାଂ ଦାମୋଦରଂ ନ୍ୟସେତ୍ ।।

ଶ୍ଳୋକ ୨୧ ରୁ ୨୯ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଗୋପ-ଗୋପୀମାନଙ୍କ ଆଶୀର୍ବଚନ । ଶ୍ଳୋକ ୩୨ ରୁ ୩୪ ମଧ୍ୟରେ ପୁତନାର ଶବଦାହ ବର୍ଣ୍ଣନ । ଶ୍ଳୋକ ୪୩ ଓ୪୪ ମଧ୍ୟରେ ନନ୍ଦଙ୍କ ଦ୍ୱାରା ଯଜ୍ଞ ଓ ଦାନ ମାଧ୍ୟମରେ ଶ୍ରୀକୃଷ୍ଣଙ୍କ ରିଷ୍ଟଶାନ୍ତିକରଣ ।

ଅଷ୍ଟମ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ସପ୍ତମ ଅଧ୍ୟାୟ) ରେ ଶକଟଭଞ୍ଜନ ଓ ତୃଣାବର୍ତ୍ତ ଉଦ୍ଧାର ବିଷୟ ବର୍ଣ୍ଣିତ । ଶ୍ଳୋକ ୬ ଓ ୭ ମଧ୍ୟରେ ଶକଟାସୁର ବଧ ।

ଶକଟାସୁରର ପୂର୍ବ ଜନ୍ମ ବୃତ୍ତାନ୍ତ - ହିରଣ୍ୟାକ୍ଷର ପୁତ୍ର ଉତ୍କଚ ଅତ୍ୟନ୍ତ ବଳଶାଳୀ ଓ ବିଶାଳକାୟ ରାକ୍ଷସ ଥିଲା । ଦିନେ ସେ ଲୋମଶରଷିଙ୍କ ଆଶ୍ରମକୁ ଯାଇ ସେଠାକାର ବୃକ୍ଷଗୁଡ଼ିକୁ ଭାଙ୍ଗି ପକାଇଲା । ଋଷି ରାଗରେ ତାକୁ ଦେହରହିତ ହୋଇ ଯିବାକୁ ଅଭିଶାପ ଦେଲେ । ଉତ୍କଚ ଅସୁର ଋଷିଙ୍କୁ ବିକଳରେ ପ୍ରାର୍ଥନା କରିବାରୁ ଋଷି ତାକୁ ଦୟା କରି ସେ ବାୟୁ ପ୍ରଧାନ ଶରୀର ପାଇବ ଏବଂ ବୈବସ୍ୱତ ମନୁ ଅନ୍ତରେ ଶ୍ରୀକୃଷ୍ଣଙ୍କ ପାଦ ସ୍ପର୍ଶ ପାଇ ମୁକ୍ତି ପାଇବ ବୋଲି କହିଲେ । ତେଣୁ ସେ ଅସୁର ଶକଟରେ ପ୍ରବେଶ ହେଲା ଓ ଶ୍ରୀକୃଷ୍ଣଙ୍କ ପାଦ ସ୍ପର୍ଶ ପାଇ ମୁକ୍ତି ପାଇଲା ।

ଶ୍ଳୋକ ୧୩ ରୁ ୨୮ ମଧ୍ୟରେ ତୃଣାବର୍ତ୍ତ ଅସୁରର ଆଗମନ ଓ ପ୍ରଳୟ ତାଣ୍ଡବ ଛଳରେ ଶ୍ରୀକୃଷ୍ଣଙ୍କୁ ଉଠାଇନେବା । କିନ୍ତୁ ଶୂନ୍ୟ ମାର୍ଗରେ ଶ୍ରୀକୃଷ୍ଣ ଅସୁରର ଗଳା ରୁନ୍ଧି ଦୁଇ ହାତରେ ତାର ଗଳା ଚାପି ମାରିଦେଲେ । ସେ ଅସୁର ଆସି ତଳେ ପଡ଼ି ଚୁରମାର ହୋଇଗଲା । ତୃଣାବର୍ତ୍ତ ପୂର୍ବ ଜନ୍ମ ବୃତ୍ତାନ୍ତ - ପାଣ୍ଡୁଦେଶରେ ସହସ୍ରାକ୍ଷ ନାମକ ଜଣେ ରାଜା ଥିଲେ । ସେ ଦିନେ ଯମୁନା ତଟରେ ରାଣୀମାନଙ୍କ ସଙ୍ଗେ ବିହାର କରୁଥିବାବେଳେ ସେହି ବାଟେ ଦୈବାତ୍ ଦୁର୍ବାସା ଋଷି ଆସିଲେ । କିନ୍ତୁ ରାଜା ତାଙ୍କୁ ପ୍ରଣାମ କଲେ ନାହିଁ । ଋଷି ତାଙ୍କୁ ରାକ୍ଷସ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଇଯିବାକୁ ଅଭିଶାପ ଦେଲେ । କିନ୍ତୁ ପରେ ରାଜା ମୁନିଙ୍କ ଚରଣେ ପଡ଼ି କ୍ଷମା ମାଗିବାରୁ ମୁନି କହିଲେ ଶ୍ରୀକୃଷ୍ଣଙ୍କ ଅଙ୍ଗସ୍ପର୍ଶ ପାଇ ସେ ମୁକ୍ତି ପାଇବ । ସେହି ରାଜା ତୃଣାବର୍ତ୍ତ ହୋଇଥିଲେ ଏବଂ ଶ୍ରୀକୃଷ୍ଣଙ୍କ ଅଙ୍ଗସ୍ପର୍ଶ ପାଇ ମୁକ୍ତି ପାଇଲେ ।

ଶ୍ଳୋକ ୨୯ ରୁ ୩୭ ମଧ୍ୟରେ ଗୋପବାସୀ କୃଷ୍ଣଙ୍କୁ ଆଣି ଯଶୋଦାକୁ ଦେଲେ । ଯଶୋଦା ପୁତ୍ରକୁ ସ୍ତନ୍ୟ କ୍ଷୀରପାନ କଲାବେଳେ ସେ ହାଇ ମାରିଲେ । ମାତା ଯଶୋଦା ପୁତ୍ର ମୁଖରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଦେଖିଲେ । ଯଶୋଦାଙ୍କ ସ୍ତନରୁ କ୍ଷୀର ଆପେ ଆପେ ବୋହିଯାଉଥିଲା । ଯେତେ କ୍ଷୀର ପିଇଲେ ବି କୃଷ୍ଣ ତୃପ୍ତି ହେଲେ ନାହିଁ । ମାତା ତାଙ୍କୁ ଅଜୀର୍ଣ୍ଣ ହେଇଯିବା ଭୟ ଆଶଙ୍କା କଲେ । କିନ୍ତୁ କୃଷ୍ଣ ତାଙ୍କୁ କହିଲେ ଯେ ସେ ଏକା ତାଙ୍କ କ୍ଷୀର ପିଉନାହାନ୍ତି, ସମଗ୍ର ବିଶ୍ୱ ସେହି କ୍ଷୀର ପିଉଛନ୍ତି । ଏହା କହି ସେ ମାଆଙ୍କୁ ନିଜ ପାଟି ଦେଖେଇ ଦେଇ ଥିଲେ । ତାହା ଦେଖି ଯଶୋଦା ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ।

ସ୍ତନ୍ୟଂ କିୟତ୍ ପିବସି ଭୂର୍ଯ୍ୟଲମର୍ଭକେତି ବର୍ତ୍ତିର୍ଷ୍ୟମାଣବଚନାଂ ଜନନୀଂ ବିଭାବ୍ୟ ।
ବିଶ୍ୱଂ ବିଭାଗି ପୟସୋଽସ୍ୟ ନ କେବଳୋଽହମସ୍ମାଦଦର୍ଶି ହରିଣା କିମୁ ବିଶ୍ୱମାସେ । ।

ମାତା ଯଶୋଦା ଏହା ଦେଖି ଡ଼ରିଗଲେ, କିନ୍ତୁ ବାତ୍ସଲ୍ୟ ପ୍ରେମରେ ଭାବ ବିହୋଳ ହୋଇ ତାହା ବିଶ୍ୱାସ ନ କରି, ବିଶ୍ୱର ଏତେ ଅଳିଆ ତାଙ୍କ ପୁଅର ପାଟିରେ ପଶିପାରିବ ନାହିଁ, ତାଙ୍କ ଆଖି ଦୋଷରୁ ହିଁ ଏପରି ଦେଖାଗଲା ବୋଲି ଭାବି ସେ ଆଖି ବୁଜି ଦେଲେ ।

ନବମ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ଅଷ୍ଟମ ଅଧ୍ୟାୟ)ରେ ନାମକରଣ ସଂସ୍କାର ଓ ବାଲ୍ୟଲୀଳା ବର୍ଣ୍ଣନ । ଯଦୁବଂଶର ପୁରୋହିତ ହେଉଛନ୍ତି ଗର୍ଗ ମୁନି । ସେ ବସୁଦେବଙ୍କ ବୋଲ ମାନି ଗୁପ୍ତଭାବରେ ନନ୍ଦଙ୍କ ନିକଟକୁ ଯାଇ ବଳରାମ ଓ ଶ୍ରୀକୃଷ୍ଣଙ୍କ ନାମକରଣ କଲେ । ସୁର ନର ରଞ୍ଜିବା ଗୁଣ ଯୋଗୁଁ ରାମ ଓ ଅଧିକ ବଳବାନ୍ ଯୋଗୁଁ ବଳ । ତେଣୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଭୟର ସଂଯୋଗରେ ବଳରାମ ନାମ । ଗର୍ଭରେ ଦୁର୍ଗା ଆକର୍ଷି ଥିଲେ ବୋଲି ନାମ ସଂକର୍ଷଣ । ନନ୍ଦ ପୂର୍ବ ଜନ୍ମରେ ଜଣେ ଶ୍ରେଷ୍ଠ ବସୁ ଥିଲେ । ଅଷ୍ଟବସୁଙ୍କ ମଧ୍ୟରେ ତାଙ୍କ ନାମ ଦ୍ରୋଣ ଥିଲା ଓ ତାଙ୍କ ପତ୍ନୀଙ୍କ ନାମ ଥିଲା ଧରା । ସେମାନେ ବ୍ରହ୍ମାଙ୍କୁ ଅନୁରୋଧ କରିଥିଲେ ଯେ ସେମାନଙ୍କ ଧରାପୃଷ୍ଠରେ ଜନ୍ମ ନେଲା ପରେ ଭଗବାନ ତାଙ୍କ କୋଳରେ ଲୀଳା କ୍ରୀଡ଼ା କରିବେ । ବ୍ରହ୍ମା ତଥାସ୍ତୁ କହିଥିଲେ । ଏଣୁ ବଳରାମ ଓ ଶ୍ରୀକୃଷ୍ଣ ବ୍ରଜରେ ରହି ବ୍ରଜବାସୀଙ୍କୁ ବାଲ୍ୟଲୀଳାରେ ଆନନ୍ଦିତ କରିବାକୁ ଲାଗିଲେ ।

ଦଶମ ଅଧ୍ୟାୟ (ମୂଳ ସଂସ୍କୃତରେ ନବମ ଅଧ୍ୟାୟ) ରେ ଶ୍ରୀକୃଷ୍ଣଙ୍କର ଉଦୂଖଳରେ ବନ୍ଧନ । କାର୍ତ୍ତିକ ମାସକୁ ଦାମୋଦର ମାସ କୁହାଯାଏ । ସେହି ମାସରେ ଅର୍ଜୁନ ବୃକ୍ଷ ଦୁଇଟି (ଯାମଳାର୍ଜୁନ) କୁ ମୁକ୍ତି ଦେବାକୁ କୃଷ୍ଣ ଭାବିଲେ । ସେହି ବୃକ୍ଷ ଦ୍ୱୟ ପୂର୍ବକାଳରେ ଯକ୍ଷରାଜ କୁବେରଙ୍କ ପୁତ୍ର ଥିଲେ । ସେମାନଙ୍କ ନାମ ନଳକୁବେର ଓ ମଣିଗ୍ରୀବ । ସେମାନଙ୍କର ଧନ, ସୌନ୍ଦର୍ଯ୍ୟ ଓ ଐଶ୍ୱର୍ଯ୍ୟ ଯୋଗୁଁ ଗର୍ବ ଓ ଅହଂକାର ଦେଖି ଦେବର୍ଷି ନାରଦ ସେମାନଙ୍କୁ ଶାପ ଦେଇ ଥିବାରୁ, ସେମାନେ ବୃକ୍ଷ ହୋଇଯାଇଥିଲେ ।

ଏକାଦଶ ଅଧ୍ୟାୟ (ମୂଳ ସଂସ୍କୃତରେ ଦଶମ ଅଧ୍ୟାୟ) ରେ ଯାମଳାର୍ଜୁନ ଉଦ୍ଧାର । ମାତା ଯଶୋଦା, ଶ୍ରୀକୃଷ୍ଣ ଦୁଷ୍ଟାମୀ କରିବାରୁ ତାଙ୍କୁ ଯାମଳା ଓ ଅର୍ଜୁନ ଗଛ ଦୁଇଟିରେ ବାନ୍ଧିଥିଲେ । କିନ୍ତୁ ସେହି ବୃକ୍ଷ ଦୁଇଟିକୁ ଭଗବାନ ଭାଙ୍ଗିଦେଇ ସେମାନଙ୍କୁ ମୁକ୍ତି ଦେଇଥିଲେ ।

ଏହି ଅଧ୍ୟାୟରେ ଯାମଳାର୍ଜୁନ ଉଦ୍ଧାର ସାଙ୍ଗକୁ ଆଉ କେତେକ ମର୍ମବାଣୀ ବି ବର୍ଣ୍ଣନା କରାଯାଇଛି, ଯଥା -

ସଂପଦ ମଦେ ଯେହୁ ଅନ୍ଧ । ସଂପଦ ନାଶ ତା ଔଷଧ ।।



Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧନୀ ମାନଙ୍କ ପାଖରେ ୩ଟି ଦୋଷ ଦେଖାଯାଏ; ଯଥା- ଧନ, ଧନଜନିତ ଅଭିମାନ ଓ ଧନତୃଷ୍ଣା । ଦରିଦ୍ରର ୧ମ ୨ଟି ଦୋଷ ନଥାଏ; କେବଳ ୩ୟ ଦୋଷଟି ଥାଏ । ତେଣୁ ସତ୍ପୁରୁଷଙ୍କର ସଙ୍ଗ ଲାଭ କରି ଧନତୃଷ୍ଣା ନଷ୍ଟ ହୋଇଗଲେ ଧନୀମାନଙ୍କ ଅପେକ୍ଷା ଦରିଦ୍ର ଶୀଘ୍ର ଆତ୍ମକଲ୍ୟାଣ ଲାଭ କରେ । ଧନ ହେଉଛି ସ୍ୱୟଂ ଏକ ଦୋଷ । ୭ମ ସ୍କନ୍ଧରେ କୁହାଯାଇଛି, ଯେତିକିରେ ପେଟ ପୁରିଯିବ, ତାହା ଠାରୁ ଅଧିକକୁ ନିଜର ବୋଲି ଭାବୁଥିବା ଲୋକ ଚୋର ଏବଂ ସେ ଦଣ୍ଡ ପାଇବାକୁ ଯୋଗ୍ୟ – ସସ୍ତେନୋ ଦଣ୍ଡମର୍ହତି । ଭଗବାନ ମଧ୍ୟ କହନ୍ତି, 'ମୁଁ ଯାହାକୁ ଅନୁଗ୍ରହ କରେ ତାର ଧନ ଛଡ଼ାଇ ନିଏ ।' ତେଣୁ ସତ୍ପୁରୁଷମାନେ ପ୍ରାୟତଃ ଧନୀମାନଙ୍କୁ ଉପେକ୍ଷା କରିଥାଆନ୍ତି ।

ଦ୍ୱାଦଶ ଅଧ୍ୟାୟ (ମୂଳ ସଂସ୍କୃତରେ ୧୧ଶ ଅଧ୍ୟାୟ) ରେ ଗୋକୁଳରୁ ବୃନ୍ଦାବନ ଯାତ୍ରା ତଥା ବତ୍ସାସୁର ଓ ବକାସୁର ଉଦ୍ଧାର । ବୟୋଜ୍ୟେଷ୍ଠ ଉପନନ୍ଦଙ୍କ ପରାମର୍ଶକ୍ରମେ ସମସ୍ତ ଗୋପବାସୀ ବୃନ୍ଦାବନକୁ ଚାଲିଗଲେ । ଦିନକର କଥା ବୃନ୍ଦାବନରେ ବଣକୁ ବଣ ବୁଲି ଗୋପାଳପୁଅମାନେ ଗାଈ ଚରାଉଥିବା ସମୟରେ କଂସର ସଖା ବତ୍ସାସୁର ଓ ପରେ ବକାସୁର ସେମାନଙ୍କୁ ମାରିବାକୁ ପୋଖରୀ କୂଳକୁ ଆସିଲେ କିନ୍ତୁ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କୁ ମାରିଦେଲେ ।

ତ୍ରୟୋଦଶ ଅଧ୍ୟାୟ (ମୂଳ ସଂସ୍କୃତରେ ୧୨ଶ ଅଧ୍ୟାୟ) ରେ ଅଘାସୁର ଉଦ୍ଧାର କଥା ବର୍ଣ୍ଣିତ । ଅଘାସୁର ଥିଲା ପୁତନା ଓ ବକାସୁରର ଭାଇ । ସେ କୃଷ୍ଣ ବଳରାମଙ୍କୁ ମାରିବାକୁ ଆସିଲା କିନ୍ତୁ ଭଗବାନ ତାକୁ ବଧ କରିଦେଲେ ।

ଚତୁର୍ଦ୍ଦଶ ଅଧ୍ୟାୟ (ମୂଳ ସଂସ୍କୃତରେ ୧୩ଶ ଅଧ୍ୟାୟ) ରେ ଗୋପୀଙ୍କ ବସ୍ତ୍ର ହରଣ ତଥା ପଞ୍ଚଦଶ ଅଧ୍ୟାୟ (ମୂଳ ସଂସ୍କୃତରେ ୧୪ଶ ଅଧ୍ୟାୟ) ରେ ବ୍ରହ୍ମାକୃତ ଭଗବତ୍ ସ୍ତୁତି ବର୍ଣ୍ଣିତ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୋହର ପାଦେ ଗୋପୀନାଥ । ଶରଣ ନ ପଶେ ଯାବତ । ।

ତାବତ କାମ କ୍ରୋଧ ବଳେ । ଡ଼କା କରନ୍ତି ଅବହେଳେ । ।

ଗୃହ ହୁଅଇ ବନ୍ଦିଘର । ମୋହ ଶାଙ୍କୁଳି ଏ ପୟର । ।

ଦାରା ତନୟ ମୋହେ ଜଡ଼ି । ଦୁଃଖ ସଂକଟେ ଥାନ୍ତି ପଡ଼ି । ।୧୦/୧୫/୩୬

ଷୋଡ଼ଶ ଅଧ୍ୟାୟ (ମୂଳ ସଂସ୍କୃତରେ ୧୫ଶ ଅଧ୍ୟାୟ) ରେ ଧେନୁକାସୁର ଉଦ୍ଧାର ଓ ଗୋପବାଳକମାନଙ୍କୁ କାଳିୟନାଗର ବିଷରୁ ବଞ୍ଚାଇବା ବିଷୟ ବର୍ଣ୍ଣନା କରାଯାଇଛି । ଧେନୁକାସୁରର ଗର୍ଦ୍ଦଭ ରୂପ । ସେ ଯମୁନା କୂଳରେ ତାଳବଣରେ ରହୁଥିଲା । ତାକୁ ୬ ବର୍ଷ ବୟସରେ ଶ୍ରୀକୃଷ୍ଣ ବଧ କରିଥିଲେ ।

ସପ୍ତଦଶ ଅଧ୍ୟାୟ (ମୂଳ ସଂସ୍କୃତରେ ୧୬ଶ ଅଧ୍ୟାୟ) ରେ ଶ୍ରୀକୃଷ୍ଣଙ୍କୁ କାଳିୟନାଗ ଦଂଶନ କରିବାକୁ ଉଦ୍ୟତ ହେଲା, କିନ୍ତୁ ତାକୁ ଭଗବାନ ବଧ କରି ଉଦ୍ଧାର ଓ ମୋକ୍ଷ କରିଥିଲେ ।

ଅଷ୍ଟାଦଶ ଅଧ୍ୟାୟ (ମୂଳ ସଂସ୍କୃତରେ ୧୭ଶ ଅଧ୍ୟାୟ) ରେ କାଳିୟନାଗ କାଳିୟହ୍ରଦକୁ ଆସିବାର କାରଣ ତଥା ଭଗବାନଙ୍କ ଦ୍ୱାରା ବ୍ରଜବାସୀମାନଙ୍କୁ ଦାବାନଳରୁ ଉଦ୍ଧାର ବିଷୟ ବର୍ଣ୍ଣିତ । ସର୍ପମାନେ କାହିଁକି ରମଣକ ଦ୍ୱୀପରେ ରହି ଗରୁଡ଼କୁ ପାଳି କରି ପ୍ରତ୍ୟେକ ମାସରେ ଗୋଟିଏ ଲେଖାଏଁ ସର୍ପ ପଠାଉଥିଲେ, ତାହାର ରହସ୍ୟ ସମ୍ପର୍କରେ ମହାଭାରତ ଆଦି ପର୍ବରେ ଏ ବିଷୟରେ ଗୋଟିଏ ଆଖ୍ୟାନ ଅଛି । ଏକଦା ସର୍ପମାତା କଦ୍ରୁ ଓ ଗରୁଡ଼ଙ୍କ ମାତା ବିନତା ଦୂରରୁ ଉଚ୍ଚୈଃଶ୍ରବା ଅଶ୍ୱକୁ ଦେଖି ତାହାର ଲାଞ୍ଜ କଳା ଅଥବା ଧଳା ଏଥିରେ ବାଜି ରଖିଲେ । ସର୍ତ୍ତ ଥିଲା, ଯିଏ ହାରିଯିବ ସେ ଅନ୍ୟର ଦାସୀ ହୋଇ ରହିବ । ବିନତା ସର୍ବାଙ୍ଗ ଧଳା ବୋଲି କହି ଠିକ୍ ଉତ୍ତର ଦେଲେ, କିନ୍ତୁ କଦ୍ରୁ କହିଲେ, ଅଶ୍ୱର ଦେହ ଧଳା ହୋଇଥିଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବି ଲାଞ୍ଜ କଳା ଅଟେ । କଦ୍ରୂ ହାରିଯିବ ବୋଲି ଭାବି, ଅଶ୍ୱର ଲାଞ୍ଜ କଳା କରି ଦେବାକୁ ତା ପୁତ୍ରମାନଙ୍କୁ କହିଲା । ପରଦିନ ସର୍ପମାନେ ଲାଞ୍ଜରେ ଲାଖି ରହି କଦ୍ରୁର ଉକ୍ତିକୁ ସତ୍ୟ ପ୍ରମାଣିତ କରିଦେଲେ । ବିନତା କଦ୍ରୁର ଦାସୀ ହୋଇ ରହିଲେ । ଗରୁଡ଼, ପରବର୍ତ୍ତି କାଳରେ, ସ୍ୱର୍ଗରୁ ଅମୃତ ଆଣି ସର୍ପଙ୍କୁ ଦେଇ ନିଜ ମାତାକୁ ଦାସୀପଣରୁ ମୁକ୍ତ କଲେ । ପ୍ରତିଶୋଧରେ ସେ ସର୍ପମାନଙ୍କୁ ଖାଇଯାଉଥିଲା । ସର୍ପମାନେ ଭୟରେ ବ୍ରହ୍ମାଙ୍କ ଠାରେ ଅନୁରୋଧ କରିବାରୁ ପ୍ରତି ମାସରେ ପାଳି କରି ଗୋଟିଏ ଲେଖାଏଁ ସାପ ଗରୁଡ଼ ନିକଟକୁ ପଠାଇବା ପାଇଁ ବ୍ରହ୍ମା ସାପ ମାନଙ୍କୁ କହିଲେ । ସେହିଦିନଠୁଁ ସର୍ପମାନେ ପାଳି କରି ପ୍ରତିମାସରେ ଗୋଟିଏ ଲେଖାଏଁ ସର୍ପ ଗରୁଡ଼ ପାଖକୁ ପଠାଇଲେ ।

ଗରୁଡ଼ଙ୍କ ସର୍ତ୍ତ ଅନୁସାରେ ସର୍ପମାନଙ୍କ ପାଳି ପଡୁଥିଲା । କିନ୍ତୁ କାଳୀୟ ଅମାନ୍ୟ କରି ଗରୁଡ଼ଙ୍କ ସହ ଯୁଦ୍ଧ କରି ପରାସ୍ତ ହୋଇ କାଳିନ୍ଦି ହ୍ରଦରେ ଆତ୍ମଗୋପନ କଲା । ଯମୁନାରେ ଥିବା କାଳିନ୍ଦୀ ହ୍ରଦରେ ଗରୁଡ଼ ପଶି ପାରୁ ନଥିଲା, କାରଣ ପୂର୍ବେ ସେହି ହ୍ରଦରେ ବହୁତ ମାଛ ରହୁଥିଲେ । ଦିନେ ଭୋକରେ ଗରୁଡ଼ ସେହି ହ୍ରଦକୁ ମାଛ ଖାଇବାକୁ ଆସିଲା । ସେଠାରେ ତପସ୍ୟାରତ ସୌଭରି ମୁନି ତାକୁ ମନା କରିବା ସତ୍ତ୍ୱେ ବଡ଼ ମାଛଟିଏ ଧରି ସେଠାରୁ ପଳେଇଗଲା । ସେହି ମାଛଟି ସେଠାର ରାଜା ଥିଲା, ତେଣୁ ମାଛମାନେ ଶୋକ କଲେ ଏବଂ ଏହା ଦେଖି ସୌଭରି ମୁନି ଗରୁଡ଼କୁ ଅଭିଶାପ ଦେଲେ ଯେ ଯଦି ସେ ସେହି ହ୍ରଦ ଭିତରେ ପଶିବ, ତେବେ ସେ ମରିବ । ଏହି ଅଭିଶାପ ବିଷୟ କାଳୀୟକୁ ଜଣାଥିଲା, ତେଣୁ ସେ ଆସି ଏହି ଜଳରେ ରହିଲା । ବର୍ତ୍ତମାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିର୍ଭୟ ପାଇ ପୁଣି ରମଣକ ଦ୍ୱୀପକୁ ଚାଲିଗଲା ।

ଊନବିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୧୮ଶ ଅଧ୍ୟାୟ)ରେ ପ୍ରଳମ୍ବାସୁର ଉଦ୍ଧାର, ବିଂଶ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଧ୍ୟାୟ (ମୂଳ ସଂସ୍କୃତରେ ୧୯ଶ ଅଧ୍ୟାୟ)ରେ ଗାଇଗୋରୁ ଓ ଗୋପାଳମାନଙ୍କର ଦାବାନଳରୁ ଉଦ୍ଧାର ଏବଂ ଏକବିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୨0ଶ ଅଧ୍ୟାୟ) ରେ ବର୍ଷା ଓ ଶରତଋତୁର ବର୍ଣ୍ଣନା କରାଯାଇଛି । ମୂଳ ସଂସ୍କୃତରେ ୨0ଶ ଅଧ୍ୟାୟର ଶ୍ଳୋକ ୩ରୁ ୩୧ ମଧ୍ୟରେ ବର୍ଷାଋତୁ ଏବଂ ୩୨ ରୁ ୪୯ ମଧ୍ୟରେ ଶରତ୍ ଋତୁ ବର୍ଣ୍ଣନା କରାଯାଇଛି ।

ଦ୍ୱାବିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୨୧ଶ ଅଧ୍ୟାୟ)ରେ ବେଣୁଗୀତ ତଥା ତ୍ରୟୋବିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୨୨ଶ ଅଧ୍ୟାୟ) ରେ ଗୋପୀମାନଙ୍କ ବସ୍ତ୍ରହରଣ ବିଷୟ ବର୍ଣ୍ଣନ ।

ଚତୁର୍ବିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୨୩ଶ ଅଧ୍ୟାୟ) ରେ ବ୍ରାହ୍ମଣପତ୍ନୀମାନଙ୍କ ଶ୍ରୀକୃଷ୍ଣଙ୍କ ଅନୁଗ୍ରହ ବିଷୟ ବର୍ଣ୍ଣିତ । ବ୍ରାହ୍ମଣ ପତ୍ନୀମାନଙ୍କ ପୂର୍ବଜନ୍ମ ବୃତ୍ତାନ୍ତ - ବ୍ରାହ୍ମଣ ପତ୍ନୀମାନେ ପୂର୍ବରୁ ସପ୍ତର୍ଷିଙ୍କର ସଦଗୁଣ୍‌ସମ୍ପନ୍ନା ତଥା ପତିବ୍ରତା ସ୍ତ୍ରୀ ଥିଲେ । ଥରେ ଅଗ୍ନିଦେବ ଏମାନଙ୍କ ଅଙ୍ଗ ସ୍ପର୍ଶ କରିଦେବାରୁ ସପ୍ତର୍ଷିଙ୍କ ମଧ୍ୟରୁ ଅଙ୍ଗିରା ରାଗିଯାଇ ଅଗ୍ନିକୁ କହିଲେ, "ତୁମେ ସର୍ବଭକ୍ଷୀ ହୁଅ"; ତତ୍‌ସହିତ ଋଷିପତ୍ନୀମାନଙ୍କୁ କହିଲେ – "ତୁମେମାନେ ମନୁଷ୍ୟ ଯୋନିରେ ଜନ୍ମ ହୁଅ ।" ସପ୍ତର୍ଷିଙ୍କ ପତ୍ନୀମାନେ ଅନୁନୟ ବିନୟ ହେଲେ, ତେଣୁ ଅଙ୍ଗିରା କହିଲେ, "ତୁମେମାନେ ମନୁଷ୍ୟ ଯୋନିରେ ଜନ୍ମ ହେବ, କିନ୍ତୁ ଶ୍ରୀକୃଷ୍ଣଙ୍କୁ ସାକ୍ଷାତ୍ ଦର୍ଶନ କର ଗୋଲକ ଧାମକୁ ଯିବ ।"

ପଞ୍ଚବିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୨୪ଶ ଅଧ୍ୟାୟ) ରେ ଇନ୍ଦ୍ରଯଜ୍ଞ ନିବାରଣ ହୋଇଛି । ଶ୍ରୀକୃଷ୍ଣ ଅନୁଧ୍ୟାନ କଲେ ଯେ, ଗୋପାଳମାନେ ଇନ୍ଦ୍ରଙ୍କର ପୂଜା କରିବାକୁ ସକଳ ପ୍ରକାର ଆୟୋଜନ କରୁଛନ୍ତି । ସେମାନଙ୍କୁ ସେ ବୁଝାଇଲେ ଯେ ଇନ୍ଦ୍ରଙ୍କ ପୁଜା ନ କରି ଭଗବାନଙ୍କର ହିଁ ପୂଜା କରଣୀୟ । ମଣିଷ ନିଜ କର୍ମ ଅନୁସାରେ ଫଳ ପାଏ । ଯେ କର୍ମ କରେ ନାହିଁ ତାକୁ ଭଗବାନ ବି ଫଳ ଦେଇ ପାରିବେ ନାହିଁ । ଯଦି ସବୁ ପ୍ରାଣୀ ନିଜର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କର୍ମର ହିଁ ଫଳ ପାଆନ୍ତି । ଇନ୍ଦ୍ର ମନୁଷ୍ୟର ପୂର୍ବସଂସ୍କାର ଅନୁସାରେ ପ୍ରାପ୍ତ କର୍ମଫଳକୁ ବଦଳାଇ ପାରିବେ ନାହିଁ । ତେବେ ଇନ୍ଦ୍ରଙ୍କୁ ପୂଜା କରିବା ଉଚିତ ନୁହେଁ ।

କର୍ମର ମତେ ଦୁଃଖ ସୁଖ । ଜନ୍ମ ମରଣ ହୋଏ ଦେଖ । ।

କର୍ମଟି ଦୁଃଖସୁଖ ଦାତା । ବିଶ୍ୱ ସଂସାରେ ବଳବନ୍ତା । ।

ଭୋ ତାତ କର୍ମ ପାଦେ ସେବ । କର୍ମ ହୁଁ ନାହିଁ ଅନ୍ୟ ଦେବ । ୧୦/୨୫/୧୩ ରୁ ୧୫

ଅର୍ଥାତ୍ ପ୍ରାଣୀ ନିଜର କର୍ମ ଅନୁସାରେ ହିଁ ଜନ୍ମେ ଏବଂ ମରେ । ତାକୁ ତାର କର୍ମ ଅନୁସାରେ ହିଁ ଦୁଃଖ, ସୁଖ, ଭୟ, ମଙ୍ଗଳ ଓ ଅମଙ୍ଗଳ ଫଳ ମିଳିଥାଏ । ଯଦି କର୍ମରୁ ସବୁ କିଛି ମିଳେ ବୋଲି ନ ମାନି, ଈଶ୍ୱରଙ୍କୁ ହିଁ କର୍ମଫଳଦାତା ବୋଲି ଧରାଯାଏ, ତେବେ ମଧ୍ୟ ସେ କର୍ମ କରୁଥିବା ମନୁଷ୍ୟକୁ ହିଁ ତାର କର୍ମାନୁସାରେ ଫଳ ଦେବେ । ଯେ କର୍ମ କରୁ ନାହିଁ, ତା'ଉପରେ ତାଙ୍କର ପ୍ରଭୁତ୍ୱ ରହିବ ନାହିଁ । (ତାକୁ ସେ ଫଳ ଦେଇପାରିବେ ନାହିଁ) ।

ସ୍ୱଭାବେ ଜୀବ ଆତଯାତ । ସ୍ୱଭାବେ ସରେ ଜଗତ । ।

କର୍ମର ବଳେ ଦେହ ଘେନି । ଜୀବ ଭ୍ରମଇ ନାନା ଯୋନି । ।

କର୍ମ ଯେ ଶତ୍ରୁ ମିତ୍ର ହୋଇ । ଗୁରୁଙ୍କ ପ୍ରାୟେ ଶିକ୍ଷା ଦେଇ । ।୧୦/୨୫/୧୬ ରୁ ୧୮

ଯେ ପ୍ରାଣୀ ନିଜ କର୍ମ ଛାଡ଼ି । ଅନ୍ୟ ଜୀବିକା ଲୋଭେ ଲୋଡ଼ି । ।

ଦୁର୍ଗତି ପଥ ଆବୋରନ୍ତି । ଯେସନେ ବିଟପୀ ଯୁବତି । । ୧୦/୨୫/୧୯

ଗିରି ଗୋବର୍ଦ୍ଧନ ପୂଜା ପଦ୍ଧତି - ଆୟୋଜନ ଓ ସମାପନର ଏକାଦଶପଦ୍ଧତି ।

୧) ପୂଜା ପୂର୍ବଦିନ ସମସ୍ତ ଭକ୍ତ ମିଶି ଏକ ସଭା କରି ପୂଜା ବିଷୟରେ ଆଲୋଚନା କରିବେ ।

୨) ପୂଜା ପୂର୍ବରୁ ପୂଜାର ଆୟୋଜନ ନିମନ୍ତେ ସହୃଦୟ ଯଥାଶକ୍ତି ଭକ୍ତମାନେ କିଛି କିଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦାନ ସ୍ୱରୂପ ଚାନ୍ଦା ଧନ (ପଇସା, ପରିବା, ଚାଉଳ, ଅନ୍ୟ କିଛି) ଦେବେ ।

୩) ଖିରି, ପୁରି, ହାଲୁଆ, ବୁନ୍ଦି ଠାରୁ ଆରମ୍ଭ କରି ମୁଗ ଡ଼ାଲି ପର୍ଯ୍ୟନ୍ତ ସମସ୍ତ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରାଯାଇ ତଥା ଫୁଲ, ଫଳ, ଧୂପ, ଦୀପ ଇତ୍ୟାଦି ପୂଜା ସ୍ଥାନକୁ ନିଆଯାଉ ।

୪) ଗାଁର ସବୁ କ୍ଷୀର ସଂଗ୍ରହ କରାଯାଉ । (ସେ ଦିନ ଗାଁର କ୍ଷୀର ଅନ୍ୟ କେହି ନେବେ ନାହିଁ ବା କାହାକୁ ବିକ୍ରି କରାଯିବ ନାହିଁ । ସେହି କ୍ଷୀର ପୂଜାରେ ଲଗାନ୍ତୁ ।

୫) ଏହି ପୂଜାରେ ଭାଗ ନେବା ସଭ୍ୟମାନେ ତଥା ଅନ୍ୟ ଭକ୍ତମାନେ ଶୌଚ-ଶୁଦ୍ଧି ହୋଇ ଉତ୍ତମ ବସ୍ତ୍ର ପରିଧାନ କରି, ସଜବାଜ ହୋଇ ପୂଜାରେ ଉପସ୍ଥିତ ହୁଅନ୍ତୁ ଏବଂ ପୂଜାର ଚନ୍ଦନ ଲଗାନ୍ତୁ ।

୬) ଗ୍ରାମର ପୁରୋହିତଙ୍କ ଦ୍ୱାରା ପୂଜା, ଯଜ୍ଞାଦି କର୍ମ କରାଇ, ପୁରୋହିତଙ୍କୁ ଭୋଜନ ଓ ଯଥାଶକ୍ତି ଦାନ ଦକ୍ଷିଣା ଦିଆଯାଉ । ଏବଂ ତାଙ୍କର ଚରଣସ୍ପର୍ଶ ପୂର୍ବକ ଆଶୀର୍ବାଦ ନିଅନ୍ତୁ ।

୭) ପୂଜା ଅନ୍ତେ ବୃକ୍ଷମୂଳ-ଅଧିଷ୍ଠିତ ମୂର୍ତ୍ତି ସ୍ୱରୂପ ଗିରିରାଜ ଗୋବର୍ଦ୍ଧନଙ୍କୁ ସପ୍ତବାର ପରିକ୍ରମା କରନ୍ତୁ ।

୮) ଗାଈ ଗୋରୁଙ୍କୁ ଘାସ ଓ ସୁସ୍ୱାଦୁ ଭୋଜନ, ପିଠା, ମିଷ୍ଟାନ୍ନ ଖାଇବାକୁ ଦିଆଯାଉ ।

୯) ଗୋ ରକ୍ଷକ ତଥା ଗୋପାଳକମାନଙ୍କ ଚରଣ ଧୋଇ, ନମସ୍କାର କରି ମିଷ୍ଟାନ୍ନ, ଅନ୍ନ ଭୋଜନ ଇତ୍ୟାଦି ଦେବା ସାଙ୍ଗକୁ ଧନ, ବସ୍ତ୍ର, ନାରିକେଳ, ପୁଷ୍ପମାଳା ଆଦି ଦାନ କରି ସମ୍ମାନ କରାଯାଉ ।

୧୦) ପୂଜାର ପ୍ରସାଦ ସାରନ୍ତୁ ଓ ଅନ୍ୟମାନଙ୍କୁ ସେହି ପ୍ରସାଦ ବାନ୍ଟନ୍ତୁ ।

୧୧) ପରିଶେଷରେ ଆଚାଣ୍ଡାଳ ବ୍ରାହ୍ମଣ ସମସ୍ତଙ୍କୁ ଏପରି କି କୁକୁର-ବିରାଡ଼ି ମାନଙ୍କୁ ବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଦ୍ୟ ଦ୍ରବ୍ୟ ଦେଇ ସନ୍ତୁଷ୍ଟ କରାନ୍ତୁ ।

ଷଟ୍ତ୍ରିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୨୫ଶ ଅଧ୍ୟାୟ) ରେ ଗୋବର୍ଦ୍ଧନ ଧାରଣ । ଇନ୍ଦ୍ର ପୂଜା ନ ପାଇବାରୁ ନନ୍ଦଙ୍କ ପ୍ରତି ରାଗିଯାଇ ପ୍ରବଳ ବର୍ଷା କରାଇବାକୁ ମେଘମାନଙ୍କୁ ଆଦେଶ ଦେଲେ । ଚାରି ପ୍ରକାର ମେଘର ନାମ - ଆବର୍ତ୍ତ (ନିର୍ଜଳ ମେଘ), ସଂବର୍ତ୍ତ (ବହୁଜଳ ମେଘ), ପୁଷ୍କର (ଦୁଷ୍କର ଜଳ ମେଘ) ଏବଂ ଦ୍ରୋଣ (ଶସ୍ୟ ପ୍ରସୂୟକ ମେଘ) । ଏବଂ ନିଜେ ପବନ ଦେବଙ୍କ ସହ ମିଶି ବଜ୍ରାଘାତ କରିବାକୁ ଉଦ୍ୟତ ହେଲା । ତେଣେ ଭଗବାନ ଶ୍ରୀକୃଷ୍ଣ ବି ଇନ୍ଦ୍ରର ଗର୍ବ ଗଞ୍ଜନ କରିବାକୁ ପ୍ରସ୍ତୁତି କଲେ ।

ସକୃଦେବ ପ୍ରପନ୍ନାୟ ତବାସ୍ମୀତି ଚ ଯାଚତେ ।

ଅଭୟଂ ସର୍ବଭୂତେଭ୍ୟୋ ଦଦାମ୍ୟେତଦ୍ବ୍ରତଂ ମମ । ।

ଅର୍ଥାତ୍ – 'ଯେ କେବଳ ଥରଟିଏ ମୋର ଶରଣକୁ ଆସିଯାଏ ଓ 'ପ୍ରଭୂ ! ମୁଁ ତୁମର' ବୋଲି ଯାଚନା ପ୍ରାର୍ଥନା) କରେ, ତାକୁ ମୁଁ ସକଳପ୍ରାଣୀଙ୍କ ଭୟରୁ ମୁକ୍ତ କରିଦିଏ । ଏହା ହେଉଛି ମୋର ବ୍ରତ ।' ଏହା କହି ଭଗବାନ ଗୋବର୍ଦ୍ଧନ ପର୍ବତକୁ ନିଜ କନିଷ୍ଠ ଅଙ୍ଗୁଳିରେ ଉତ୍ତୋଳନ କରି ଧରିଲେ । ଇନ୍ଦ୍ର ସାତ ଦିନ ଧରି ଯେତେ ବର୍ଷା କରିବାରୁ ବି ଗୋପାଳଙ୍କର କିମ୍ବା ଗୋ ଓ ଗୋବତ୍ସାଙ୍କର କିଛି ବି କ୍ଷତି ହେଲା ନାହିଁ ।

ସପ୍ତବିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୨୬ଶ ଅଧ୍ୟାୟ)ରେ ଶ୍ରୀକୃଷ୍ଣଙ୍କ ପ୍ରଭାବ ବିଷୟରେ ନନ୍ଦଙ୍କ ସହିତ ଗୋପାଳମାନଙ୍କର କଥାଭାଷା ବର୍ଣ୍ଣନା କରାଯାଇଛି ।

ଅଷ୍ଟବିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୨୭ଶ ଅଧ୍ୟାୟ)ରେ ଶ୍ରୀକୃଷ୍ଣଙ୍କ ଅଭିଷେକ ବର୍ଣ୍ଣନ । ଭଗବାନଙ୍କ ଶକ୍ତିକୁ ଅପମାନିତ କରିଥିବାରୁ ଇନ୍ଦ୍ର ଆସି କ୍ଷମା ମାଗିଲେ । ଏବଂ ଭଗବାନଙ୍କର ମହିମା ଗାନପୂର୍ବକ ତାଙ୍କୁ ସ୍ତୁତି କଲେ । ଭଗବାନ ଇନ୍ଦ୍ରଙ୍କୁ ସାନ୍ତ୍ୱନା ଦେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଲେ,

ଯେ ମୋ ସମ୍ପଦେ ଅନ୍ଧ ହୋଇ । ଅଜ୍ଞାନେ ମୋତେ ନ ଜାଣଇ । ।
ସେ ଅପରାଧେ ଦଣ୍ଡ ପାଇ । ତାହାର ସୁଖ ଲେଶ ନାହିଁ । ।
ଯାହାକୁ ହୁଅଇ ସଦୟେ । ସଂପଦ ହରଇ ଥୋକାଏ । ।
ପୁଣି ଜାଣଇ ଯେବେ ମୋତେ । ନାମ ଜପଇ ହୃଦ ଗତେ । ।
ମୋହର ଭାବେ ଯେ ପଶଇ । ଜନ୍ମ ମରଣ ତାର ନାହିଁ । ।

ସେତେବେଳେ ଇନ୍ଦ୍ର ଭଗବାନଙ୍କୁ ପ୍ରସଂସା କରି ତାଙ୍କୁ 'ଗୋବିନ୍ଦ' ନାମ ଦେଇଥିଲେ ।

ଊନତ୍ରିଂଶ ଅଧ୍ୟାୟରେ (ମୂଳ ସଂସ୍କୃତରେ ୨୮ଶ ଅଧ୍ୟାୟ) ରେ ଅପହୃତ ନନ୍ଦଙ୍କୁ ବରୁଣ ପୁରରୁ ଉଦ୍ଧାର । ଅର୍ଥାତ୍ ନନ୍ଦଙ୍କୁ ବରୁଣ ଅପହରଣ କରିନେଇଯାଇଥିଲେ । ଏହାରି ମୂଳ ଉଦ୍ଦେଶ୍ୟ ଥିଲା କି ଶ୍ରୀକୃଷ୍ଣ ନନ୍ଦଙ୍କୁ ଉଦ୍ଧାର କରିବାକୁ ଗଲେ ବରୁଣ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିପାରିବେ । କାରଣ ମାନବରୂପରେ ଲୀଳା କରିବାକୁ ଆସି ଭଗବାନ ବହୁତ ଦିନ ରହିଗଲେ, ତେଣୁ ବରୁଣ ଅଧୀର ହୋଇ ପଡ଼ିଥିଲେ ।

ତ୍ରିଂଶ ଅଧ୍ୟାୟରେ (ମୂଳ ସଂସ୍କୃତରେ ୨୯ଶ ଅଧ୍ୟାୟ) ରେ ଶ୍ରୀକୃଷ୍ଣଙ୍କ ରାସଲୀଳା ଆରମ୍ଭ ହେଲା ।

ଷୋଳ ସହସ୍ର ଗୋପନାରୀ । ମୋତେ ବରିଲେ ତପ କରି । ।
ମୁଁ ତାଙ୍କ ପୁରାଇବି ଆଶ । ସେ ମୋର ଭକତ ବିଶ୍ୱାସ । ।
ଅନେକ ଜନ୍ମେ ତପ କରି । ଏବେ ହୋଇଲେ ଗୋପନାରୀ । । ୧୦/୩୦/୧

ସମସ୍ତ ଗୋପନାରୀ ନିଜ ନିଜ ସ୍ୱାମୀ ଓ ନିଜ ବାସ ଛାଡ଼ି କୃଷ୍ଣଙ୍କ ନିକଟକୁ ଦୌଡ଼ିଲେ । ସେତେବେଳେ ଶ୍ରୀକୃଷ୍ଣ ସେମାନଙ୍କୁ ନିଜ ନିଜ ଘରକୁ ଫେରିଯିବା ପାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଝେଇଛନ୍ତି ।

ପର ପୁରୁଷେ ଚିତ୍ତ ଦେଇ । ଯେ ନାରୀ ରମେ ଦେହ ବହି ।।
ତାହାଙ୍କ ନାହିଁ ସୁଖ ଲେଶ । ନରକେ ହୋ'ନ୍ତି ପରବେଶ ।।
ନିନ୍ଦିତ ହୋନ୍ତି ବେନି ଲୋକେ । ନିରାଶ ହୋନ୍ତି ସ୍ୱାମୀ ସୁଖେ ।।
ବିଧବା ହୋନ୍ତି ଜନ୍ମ ସାତ । ଯେ ନାରୀ ସ୍ୱାମୀ ଅଭକତ ।।୧୦/୩୦/୨୬

ଏକତ୍ରିଂଶ ଅଧ୍ୟାୟରେ (ମୂଳ ସଂସ୍କୃତରେ ୩୦ଶ ଅଧ୍ୟାୟ) ରେ ଶ୍ରୀକୃଷ୍ଣଙ୍କ ବିରହରେ ଗୋପୀମାନଙ୍କର ବ୍ୟାକୁଳତା ପ୍ରକାଶ ପାଇଛି । ଦ୍ୱାତ୍ରିଂଶ ଅଧ୍ୟାୟରେ (ମୂଳ ସଂସ୍କୃତରେ ୩୧ଶ ଅଧ୍ୟାୟ) ରେ ଗୋପିକାଗୀତ ତଥା ତ୍ରୟୋତ୍ରିଂଶ ଅଧ୍ୟାୟରେ (ମୂଳ ସଂସ୍କୃତରେ ୩୨ଶ ଅଧ୍ୟାୟ) ରେ ଗୋପୀଙ୍କ ମେଳରେ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ଓ ଗୋପୀମାନଙ୍କୁ ସାନ୍ତ୍ୱନା ପ୍ରଦାନ ଏବଂ ଚତୁତ୍ରିଂଶ ଅଧ୍ୟାୟରେ (ମୂଳ ସଂସ୍କୃତରେ ୩୩ଶ ଅଧ୍ୟାୟ) ରେ ମହାରାସ ବର୍ଣ୍ଣନ କରାଯାଇଛି । ଭଗବାନ ସମଗ୍ର ଜଗତର ସ୍ୱାମୀ । ପ୍ରକୃତରେ ତାଙ୍କର କୌଣସି ବସ୍ତୁ ପ୍ରତି ଆସକ୍ତି ନ ଥିଲା ।

ଜଗତ ଜନ ଗୁରୁ ପିତା । ଗତି ଅଗତି ଇଷ୍ଟ ଦାତା ।।
ଯା ନାମ ମୁକତି ପସରା । ସେ କିମ୍ପା କଲେ ପର ଦାରା ।। ୧୦/୩୪/୨୮
ନିଜ ମହିମା ଆତ୍ମାରତ । ସେ କିମ୍ପା କଲେ ବିପରୀତ ।।
କି ଅଭିପ୍ରାୟ ନ ଜାଣଇଁ । ସଂଶୟ ଛେଦ ମୋ ଗୋସାଇଁ ।। ୧୦/୩୪/୨୯

ଭକ୍ତିରେ ହେଉ, ସ୍ନେହରେ ହେଉ ବା କାମବାସନାରେ ହେଉ ଅଥବା ଶତ୍ରୁତାରେ ହେଉ, ଜୀବ ଯେ କୌଣସି ପ୍ରକାରେ ଭଗବାନଙ୍କ ସହ ସମ୍ବନ୍ଧ ସ୍ଥାପନ କରିବା ହିଁ ଶ୍ରେୟସ୍କର ପନ୍ଥା – 'କାମାଦ୍ ଦ୍ୱେଷାଦ୍ ଭୟାତ୍ ସ୍ନେହାତ୍ ଯଥା ଭକ୍ତ୍ୟେଶ୍ୱରେ ମନଃ । ଆବେଶ୍ୟ ତଦଘଂ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହିତ୍ୱା ବହବସ୍ତଦ୍ ଗତିଂ ଗତାଃ' (ଶ୍ରୀମଦ୍ ଭାଗବତ ୭/୧/୨୯) ।

ସଦାଶିବଙ୍କୁ ଅନୁସରଣ କରି ଯଦି କେହି ବିଷ ପାନ କରେ, ତେବେ ସେ ତତ୍ କ୍ଷଣାତ୍ ଭସ୍ମ ହୋଇଯିବ । 'ନୈତତ୍ ସମାଚରେଜ୍ଜାତୁ ମନସ୍ୟାପି ହ୍ୟନୀଶ୍ୱରଃ । ବିନଶ୍ୟତ୍ୟାଚରନ୍ ମୌଢ୍ୟାତ୍ ଯଥା ରୁଦ୍ରୋଽବ୍ଧିଜଂ ବିଷମ୍' (ଶ୍ରୀମଦ୍ ଭାଗବତ ୧୦/୩୪/୩୧) (ସଂସ୍କୃତ ୩୩) । ଅତଏବ ଭଗବାନଙ୍କୁ ଭଗବାନ ବୋଲି ସ୍ୱୀକାର କଲେ ତାଙ୍କର ରାସଲୀଳା ଭଳି ଅଲୌକିକ ଲୀଳା ବିଷୟରେ କୌଣସି ସଂଦେହ ରହିବ ନାହିଁ । ମୂର୍ଖତା ବଶତଃ କୌଣସି ପୁରୁଷ ବା ସ୍ତ୍ରୀ ଏପରି କଲେ ତାର ବିନାଶ ହେବା ସୁନିଶ୍ଚିତ ।

ଏହି ଅଧ୍ୟାୟରେ ପ୍ରାକୃତ ଏବଂ ଅପ୍ରାକୃତ ଶରୀର ବିଷୟରେ ବ୍ୟାଖ୍ୟା କରାଯାଇଅଛି । ଏବଂ ଏଥିରେ ଦୁଇ ପ୍ରକାର ସାଧନା ବିଷୟରେ କୁହା ଯାଇଛି, ଯଥା – ମର୍ଯ୍ୟାଦାପୂର୍ଣ୍ଣ ବୈଧ ସାଧନା ଓ ମର୍ଯ୍ୟାଦାରହିତ ଅବୈଧ ପ୍ରେମସାଧନା । ଏଠାରେ ଗୀତାର ଉଦାହରଣ ଦେଇ ଏହି ସବୁ ବିଷୟ ଗୁଡ଼ିକୁ ସ୍ପଷ୍ଟ ଭାବେ ବୁଝା ଯାଇଛି । ସ୍ୱକୀୟା ଓ ପରକୀୟା ପ୍ରେମ ବିଷୟରେ ବର୍ଣ୍ଣନା କରାଯାଇଛି । ଗୋପୀମାନେ ସ୍ୱକୀୟା ଥିଲେ, କିନ୍ତୁ ସେମାନଙ୍କଠାରେ ପରକୀୟା ଭାବଥିଲା । ସ୍ୱକୀୟାରେ ପତ୍ନୀ ସ୍ୱାମୀଙ୍କ ଦ୍ୱାରା ପରିବାର ପୋଷଣର ବି ଆଶା ରଖିଥାଏ ।

ପଞ୍ଚତ୍ରିଂଶ ଓ ଷଟ୍ତ୍ରିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୩୪ଶ ଅଧ୍ୟାୟ) ରେ ସୁଦର୍ଶନ ଓ ଶଙ୍ଖଚୂଡ଼ ବଧ ଏବଂ ଉଦ୍ଧାର ବର୍ଣ୍ଣିତ । ନନ୍ଦଙ୍କୁ ଅଜଗର ଧରିଲା । ଅଜଗରକୁ ଶ୍ରୀକୃଷ୍ଣ ନାଶ କଲେ ଯେ ସେଥିରୁ ସୁଦର୍ଶନ ଯେ କି ଏକ ବିଦ୍ୟାଧର ଥିଲା ସେ ଉଦ୍ଧାର ପାଇଲା । ବଳରାମ ଶ୍ରୀକୃଷ୍ଣ ଗୋପୀମାନଙ୍କ ସହ ସ୍ୱଚ୍ଛନ୍ଦ ଗୀତ ଗାଇ ବୁଲୁଥିବା ସମୟରେ ଶଙ୍ଖଚୂଡ଼ (କୁବେରଙ୍କ ଜଣେ ଅନୁଚର) ନାମକ ଏକ ଯକ୍ଷ ଆସି ସେଠାରେ ପହଞ୍ଚିଲା । ସେ ଗୋପୀମାନଙ୍କୁ ଧରି ଚାଲି ଯାଉଥିଲା । କୃଷ୍ଣ ବଳରାମ ଦୁଇ ଭାଇ ସେହି ଶଙ୍ଖଚୂଡ଼କୁ ଧରିବା ପାଇଁ ଉଦ୍ୟତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ । କିନ୍ତୁ ବଳରାମ ଗୋପୀମାନଙ୍କ ସୁରକ୍ଷା ପାଇଁ ସେମାନଙ୍କ ପାଖରେ ରହିଗଲେ । ଶ୍ରୀକୃଷ୍ଣ ତା ମୁଣ୍ଡରେ ବିଧା ମାରି ତା ମୁଣ୍ଡ ଗଣ୍ଡି ଅଲଗା କରିଦେଲେ । ତା ମୁଣ୍ଡରେ ଥିବା ମଣି ଆଣି ବଳରାମଙ୍କ ହାତକୁ ବଢ଼େଇଦେଲେ ।

ସପ୍ତତ୍ରିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୩୫ଶ ଅଧ୍ୟାୟ) ରେ ଯୁଗଳଗୀତ ବର୍ଣ୍ଣିତ ।

ପଥିକ ଯେହ୍ନେ ପଥ ଶ୍ରମେ । ମିଳନ୍ତି ବୃକ୍ଷର ଆଶ୍ରମେ । ।
ଶ୍ରମ ସାରିଲେ ଯେଝା ମତେ । ଚଳନ୍ତି ବୃକ୍ଷ ଥାଇ ପଥେ । ।
ଏସନ ସଂସାର କୁଟମ୍ବ । ସୁଖ ଦୁଃଖରେ ପରାଭବ । ।
ବିନା ଗୋବିନ୍ଦ ଆଶ୍ରେ ତାର । ନାହିଁ କେବଣ ପ୍ରତିକାର । ।

ଅଷ୍ଟତ୍ରିଂଶ ଅଧ୍ୟାୟରେ (ମୂଳ ସଂସ୍କୃତରେ ୩୬ଶ ଅଧ୍ୟାୟ) ରେ ଅରିଷ୍ଟାସୁର ଉଦ୍ଧାର ଓ ବ୍ରଜ ଯିବା ପାଇଁ ଅକ୍ରୂରଙ୍କୁ କଂସର ପ୍ରେରଣା ବର୍ଣ୍ଣିତ । ଅରିଷ୍ଟାସୁର ଷଣ୍ଢରୂପ ଧରି ବ୍ରଜନାରୀମାନଙ୍କୁ ଡ଼ରଉଥିଲା, ତାକୁ ଶ୍ରୀକୃଷ୍ଣ ବଧ କଲେ ।

ଊନଚତ୍ୱାରିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୩୭ଶ ଅଧ୍ୟାୟ) ରେ ଅକ୍ରୂରଙ୍କ ବ୍ରଜପୁର ଯାତ୍ରା ବିଷୟ ବର୍ଣ୍ଣନା କରଯାଇଛି । ଚତ୍ୱାରିଂଶ ଅଧ୍ୟାୟରେ (ମୂଳ ସଂସ୍କୃତରେ ୩୭ଶ ଅଧ୍ୟାୟର ଅବଶିଷ୍ଟାଂଶ) ରେ ଶ୍ରୀକୃଷ୍ଣ କେଶୀ ଓ ବ୍ୟୋମାସୁର ବଧ କରିଛନ୍ତି । କେଶୀ ଓ ବ୍ୟୋମାସୁର ଉଦ୍ଧାର ତଥା ନାରଦଙ୍କ ଦ୍ୱାରା ଭଗବାନଙ୍କୁ ସ୍ତୁତି ବର୍ଣ୍ଣନ । କେଶୀ ନାମକ ଦୈତ୍ୟ ଘୋଡ଼ା ରୂପ ଧରି ଶ୍ରୀକୃଷ୍ଣଙ୍କୁ ମାରିବାକୁ ଆସିଥିଲା କିନ୍ତୁ ଭଗବାନ ତାକୁ ବଧ କରିଦେଲେ । ପରେ ଗୋପାଳବାଳକମାନଙ୍କୁ ବ୍ୟୋମାସୁର ଚୋରାଇ ନେଉଥିଲା, କିନ୍ତୁ କୃଷ୍ଣ ତାର ଛଳ ଜାଣିପାରି ତାକୁ ବଧ କରିଥିଲେ ।

ଏକଚତ୍ୱାରିଂଶ ଅଧ୍ୟାୟରେ (ମୂଳ ସଂସ୍କୃତରେ ୩୮ଶ ଅଧ୍ୟାୟ) ରେ ଅକ୍ରୂର ଆଗମନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର୍ଣ୍ଣନା କରାଯାଇଛି ।

ଦ୍ୱିଚତ୍ୱାରିଂଶ ଅଧ୍ୟାୟରେ (ମୂଳ ସଂସ୍କୃତରେ ୩୯ଶ ଅଧ୍ୟାୟ) ରେ ଅକ୍ରୂର ପ୍ରତିଯାନ । ଏବଂ ତ୍ରିଚତ୍ୱାରିଂଶ ଅଧ୍ୟାୟରେ (ମୂଳ ସଂସ୍କୃତରେ ୪୦ଶ ଅଧ୍ୟାୟ) ରେ ଅକ୍ରୂର ସ୍ତୁତି ।

ଚତୁଷ୍ଚତ୍ୱାରିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୪୧ଶ ଅଧ୍ୟାୟ) ରେ ରଙ୍ଗଭୂମି ମଥୁରାରେ କୃଷ୍ଣ-ବଳରାମଙ୍କ ପ୍ରବେଶ । ରଜକର ପୂର୍ବଜନ୍ମ ବୃତ୍ତାନ୍ତ - ତ୍ରେତୟା ଯୁଗର ସୀତାଙ୍କୁ ସମାଲୋଚନା କରିବା ରଜକ । ସୁଦାମା ମାଳୀର ପୂର୍ବଜନ୍ମ ବୃତ୍ତାନ୍ତ - ହେମମାଳୀ ନାମକ ଜଣେ ମାଳୀ କୁବେରଙ୍କ ଚିତ୍ରରଥ ନାମକ ଉଦ୍ୟାନର ଯତ୍ନ ନେଉଥିଲା । ସେ ଭକ୍ତିମାନ, ଶାନ୍ତ, ଦାନଶୀଳ ଓ ସତ୍ସଙ୍ଗୀ ଥିଲା । ଶ୍ରୀକୃଷ୍ଣଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରିବା ଆଶାରେ ସେ ଶିବଙ୍କର ଉପାସନା କଲା । ଶିବ ତା'ଉପରେ ପ୍ରସନ୍ନ ହୋଇ ଦ୍ୱାପରରେ ତା' ମନୋବାଞ୍ଛା ପୂରଣ ହେବ ବୋଲି ବର ଦେଇଥିଲେ ।

ପଞ୍ଚଚତ୍ୱାରିଂଶ ଅଧ୍ୟାୟରେ (ମୂଳ ସଂସ୍କୃତରେ ୪୨ଶ ଅଧ୍ୟାୟ) ରେ ରଙ୍ଗସଭା ବର୍ଣ୍ଣିତ । କୃଷ୍ଣ ବଳରାମ ମଥୁରରେ ପହଞ୍ଚି ଚାଣୁର, ମୁଷ୍ଟିକ ଆଦି ମଲ୍ଲମାନଙ୍କର ବଧ କଲେ ।

ଷଟ୍‌ଚତ୍ୱାରିଂଶ ଅଧ୍ୟାୟେ (ମୂଳ ସଂସ୍କୃତରେ ୪୩ଶ ଅଧ୍ୟାୟ) ରେ କୁବଳୟାପୀଡ଼ ବଧବର୍ଣ୍ଣିତ ।

କୁବଳୟାପୀଡ଼ ଗଜର ପୂର୍ବଜନ୍ମ ବୃତ୍ତାନ୍ତ - ଦୈତ୍ୟରାଜ ବଳିର ମନ୍ଦମତି ନାମକ ଏକ ବିଶାଳକାୟ ଓ ବଳବାନ୍ ପୁତ୍ର ଥିଲା । ଥରେ ରଙ୍ଗନାଥଙ୍କ ଦର୍ଶନ ନିମନ୍ତେ ଯାଉଥିବା ଯାତ୍ରୀଙ୍କ ମଧ୍ୟରେ ସେ ମଦୋନ୍ମତ୍ତ ହାତୀ ପରି ଖୁବ୍ ଜୋରରେ ହାତ ହଲାଇ ଯାଉଥିବା ବେଳେ ଅନେକ ଲୋକଙ୍କୁ ଦଳି ଚକଟି ପକାଇଲା । ବୃଦ୍ଧ ତ୍ରିତ ମୁନି ମଧ୍ୟ ଏହାର ଶୀକାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଲେ । ସେ ତାକୁ ହାତୀ ହୋଇଯିବାକୁ ଅଭିଶାପ ଦେଲେ । କିନ୍ତୁ ପରେ ତା ଅନୁରୋଧରେ ସେ ଶ୍ରୀକୃଷ୍ଣଙ୍କ ହାତ ବାଜି ମୁକ୍ତି ହେବ ବୋଲି ମୁନି ତାକୁ କହିଥିଲେ । ସେହି ଅଭିଶାପ ହେତୁ ସେ ବିନ୍ଧ୍ୟ ପର୍ବତରେ କୁବଳୟାପୀଡ଼ ହାତୀ ହୋଇ ବୁଲୁଥିଲା ଏବଂ ଜରାସନ୍ଧ ତାକୁ ଧରି ଆଣି କଂସକୁ ଯୌତୁକ ରୂପେ ଦେଇଥିଲେ । ସେହି ଗଜ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ ହୋଇ ପରମ ଗତି ପାଇଲା ।

ସପ୍ତଚତ୍ୱାରିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୪୪ଶ ଅଧ୍ୟାୟ) ରେ କଂସବଧ ବର୍ଣ୍ଣିତ । କୃଷ୍ଣ ବଳରାମଙ୍କୁ ଦେଖି କଂସ ମଞ୍ଚାରୁ ପଡ଼ି ମୃତ୍ୟୁବରଣ କଲା ।

ଅଧର୍ମ କୂଟ ସଭା ଯହିଁ । ପଣ୍ଡିତେ ନ ବସିବ ତହିଁ । ।
ସଭାର ଦୋଷ ଯେ ଜାଣନ୍ତି । ବିଚାରି ପ୍ରବେଶ ନ ହୋ'ନ୍ତି । ।
ଜାଣି ନ ଜାଣି ପକ୍ଷ ବହି । ନରକେ ପଡ଼ନ୍ତି ସେ ଯାଇ । । ୧୦/୪୭/୧୦

ଅଷ୍ଟଚତ୍ୱାରିଂଶ ଅଧ୍ୟାୟ (ମୂଳ ସଂସ୍କୃତରେ ୪୫ଶ ଅଧ୍ୟାୟ) ରେ ଉଗ୍ରସେନଙ୍କ ସିଂହାସନ ଆରୋହଣ ବର୍ଣ୍ଣିତ । କୃଷ୍ଣ ଓ ବଳରାମ ଉଗ୍ରସେନଙ୍କୁ ରାଜା କରି ବିଦ୍ୟା ପଠନ ନିମନ୍ତେ ଗୁରୁକୂଳକୁ ଯାଇ ପୁଣି ମଥୁରାକୁ ପ୍ରତ୍ୟାଗମନ କଲେ ।

ତାତ ଜନନୀ ଉପକାର । ଶୁଝି ପାରିବ କେ କୁମର । ।
ଗର୍ଭେ ବହନ୍ତି ଦୁଃଖ ସହି । ପୁଣ ପାଳନ୍ତି କ୍ଷୀର ଦେଇ । ।
ସର୍ବ ସଂପଦ ପୁଣ ଦେଇ । ତାହାଙ୍କ ପୋଷଣେ ଜୀଅଇ । ।
ତାହାଙ୍କ ପ୍ରତି ଉପକାରେ । ଶତ ବରଷେ କେହୁ ପାରେ । ।
ସେ ତାତ ଜନନୀ ପୋଷଣେ । ସମର୍ଥ ନୁହନ୍ତି ଯେ ଜନେ । ।
ତାହାଙ୍କ ଜୀବନର ଅନ୍ତେ । ବେଗେ ମିଳନ୍ତି ଯମଦୂତେ । ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କର ଚରଣ ବାନ୍ଧି କୋପେ । ଘେନାଇ ଯାନ୍ତି ପରଲୋକେ । ।

ନିରାଶ ପଥେ ସେ ବିକଳେ । କାନ୍ଦନ୍ତି କ୍ଷୁଧାର ଆକୁଳେ । ।

ତାଙ୍କ ବିକଳ ଦେଖି ପଥେ । କୋପେ ବୋଲନ୍ତି ଯମଦୂତେ । ।

ମାତାପିତାଙ୍କୁ ଦୁଃଖ ଦେଇ । ଜୀବନ ପୋଷିଲୁ ଯେ ତୁହି । ।

ଯମ ଯେ ବୋଲିବେ ଅପାର । ଦଣ୍ଡିବେ ତାହାର ଉପର । ।

ବୋଲିବେ ପୂଣ୍ୟ ଥିଲା ତୋର । ପାପେ ସେ ହୋଇଲା ଅନ୍ତର । ।

ଏବେ ଖାଇବୁ ଆଉ କିସ । ଏମନ୍ତ ବୋଲି ତାର ମାଂସ । ।

କାଟି ତାହାର ମୁଖେ ଦ୍ୟନ୍ତି । ନିର୍ଦ୍ଧୟେ ଯଷ୍ଟି ପ୍ରହାରନ୍ତି । ।

ଭୋ ତାତ ଶୁଣ ଏକଚିତ୍ତେ । ବିପ୍ରେ କହନ୍ତି ବେଦମତେ । ।

ତାତ ମାତାଙ୍କ ବୃଦ୍ଧ କାଳେ । ନିଜ ଭାରିଯା ଶିଶୁ ମେଳେ । ।

ଗୋରୁ ବ୍ରାହ୍ମଣ ଗୁରୁଜନ । ଏହାଙ୍କୁ ନ ଦେଇ ଭୋଜନ । ।

ଯେ ପ୍ରାଣୀ ଆତ୍ମାକୁ ତୋଷନ୍ତି । ଜୀବନ ଥାଉଁ ସେ ମରନ୍ତି । ।୧୦/୪୮/୫ ରୁ ୭

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ସର୍ବେଷାମ୍ ଅଧ୍ୟାୟନାମ୍ ସାରସଂଗ୍ରହ ବିଶ୍ଳେଷଣ ଚିତି ସମାପ୍ତଃଯମ୍ ଗୋପଲୀଳା ଦଶମ ସ୍କନ୍ଧଃ ।

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।

ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ । ।

ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।

ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ୍ତ୍ରହୀନଂ. କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ବର ।

ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ । ।

ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।

ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ବର । ।

କ୍ରମଶଃ - - - - - - -

। ହରି ଓଁ ତତ୍ ସତ୍ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ

ମୋବାଇଲ୍ ନଂ – ୭୩୭୨୧୩୩୭୩୫

e-mail: sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉପକାରୀ ତୁଳସୀ



ରାଜୀବ ଲୋଚନ ପାଣିଗ୍ରାହୀ

ଏ ବିଶ୍ୱରେ ପ୍ରତ୍ୟେକ ବୃକ୍ଷ, ଲତା, ଗୁଳ୍ମ, ତୃଣ, ଜୀବ, ଯନ୍ତୁ, ମାଟି, ଇତ୍ୟାଦିର ଔଷଧୀୟ ଗୁଣ ରହିଛି ଯାହା ମନୁଷ୍ୟକୁ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ଆବଶ୍ୟକ । ସେଥି ମଧ୍ୟରୁ ଛୋଟିଆ ତୃଣ ଜାତୀୟ ଗଛଟିଏ ତୁଳସୀ । ତୁଳସୀ ଏମିତିକା ଏକ ଗଛ ଯେ ଦିନର ପ୍ରତି ମୁହୂର୍ତ୍ତରେ ଆମକୁ ବା ବାୟୁମଣ୍ଡଳକୁ ଅମ୍ଳଜାନ ଦିଏ ଓ ଅଙ୍ଗାରକାମ୍ଳ ନିଏ । ଏଣୁ ଏହି ଗଛଟିକୁ ଘର ସାମ୍ନାରେ ଓ ବାଡ଼ିରେ ରଖି ପୂଜା କରାଯାଏ । ପୂର୍ବରୁ ସକାଳୁ ଉଠିଲେ ଘରର ମା ଭଉଣୀ ବା ସ୍ତ୍ରୀ ଲୋକମାନେ ତୁଳସୀ ଚଉରା ମୂଳେ ଗୋବର ଲିପି ପୂଜା କରୁଥିଲେ ଯାହାର ଶକ୍ତିରେ କୌଣସି ଅନିଷ୍ଟକାରୀ ଶକ୍ତି ଘର ଭିତରକୁ ପ୍ରବେଶ କରି ପାରିବେ ନାହିଁ । ଏଥିରୁ ଯେଉଁ ବାଷ୍ପ ବାହାରେ ତାହା ବିଷାକ୍ତ ଜୀବ, ଯନ୍ତୁ, କୀଟକୁ ଅସୁବିଧାରେ ପକାଏ । ତେଣୁ ମାଙ୍ଗଳିକ କାର୍ଯ୍ୟ ପ୍ରଥମେ ଜଳ ତୁଳସୀ କାର୍ଯ୍ୟସ୍ଥଳରେ ରଖି ଉଦକ ପାତ୍ରଂ, ଗୋମୟଂ..... ଶ୍ଳୋକ ପଢ଼ାଯାଏ । ଦେଶୀ ତୁଳସୀ ପତ୍ର, ଗାଈ ଗୋବର ରଖାଯାଏ ଓ ଗୋବର ପାଣି ସିଞ୍ଚନ କରାଯାଏ । ଏହାଦ୍ୱାରା କୌଣସି ଅନିଷ୍ଟ ଶକ୍ତି ବା କୀଟ ଆସି ଯାଇଥିଲେ ସେଠାରୁ ଚାଲିଯିବେ । ତୁଳସୀ ବ୍ରହ୍ମଚର୍ଯ୍ୟର ଏକ ଅମୋଘ ଅସ୍ତ୍ର । ବିଧବା ମହିଳା, ସନ୍ୟାସୀ ଓ ବୈଷ୍ଣବ ଧର୍ମାବଲମ୍ବୀମାନେ ସକାଳୁ ନିତ୍ୟକର୍ମ ସାରି ଜଳତୁଳସୀ ସେବନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରନ୍ତି ।

ତୁଳସୀ ଏମିତି ଏକ ଔଷଧ ଯାହାଦ୍ୱାରା ତାମସିକ ଗୁଣକୁ କମାଇବା, ମନ ମସ୍ତିଷ୍କକୁ ସ୍ଥିର ରଖିବା, ପେଟରୋଗ ଓ ସଂକ୍ରମଣଜନିତ ରୋଗକୁ ଶରୀରରେ ପ୍ରବେଶ ନ କରାଇବା, ସନ୍ତୁଳିତ କରିବା ଓ ହଟାଇବାରେ ସାହାଯ୍ୟ କରେ । ଏମିତିକି ବିଷାକ୍ତ ଜୀବ କାମୁଡ଼ାରେ ମଧ୍ୟ ତୁଳସୀ ଔଷଧ ରୂପେ ଲାଭଦାୟୀ ଅଟେ । ଭଗବାନ ବିଷ୍ଣୁଙ୍କ ପ୍ରିୟ ତୁଳସୀ । ପୁରାଣ ପୃଷ୍ଟକୁ ପାଠ କଲେ ଜଣାଯାଏ ବିଷ୍ଣୁ ତୁଳସୀଙ୍କୁ ଏକ ପବିତ୍ର ଗଛରୁପେ ଘରେ ଘରେ ପୂଜା ପାଇବା ସହ ପ୍ରତିଦିନ ଅଙ୍ଗଲାଗି ହେବ । ଏଣୁ ଓଡ଼ିଆ ଘରର ମା ମାନେ ତୁଳସୀ ମୂଳ ପୂଜକଲା ବେଳେ ବୋଲନ୍ତି;

ମା ଗୋ ତୁଳସୀ ଦେବୀ

"ଅଟୁ କୃଷ୍ଣଙ୍କ ପ୍ରାଣ ବଲ୍ଲବୀ

ପ୍ରଭାତୁ ଉଠିଣ ତୋ ମୁଖ ଚାହିଁ

ସନ୍ଧ୍ୟାବେଳେ ସନ୍ଧ୍ୟା ଦେଇ

ଓଦା ବସ୍ତ୍ର ପିନ୍ଧି ତୋତେ ପୂଜିଲି

ବୈକୁଣ୍ଠ ଲଭିବା ପାଇଁ ।"

ସତ୍ୟଯୁଗେ ତୋର ନାମ ବୃନ୍ଦାବତୀ

ତ୍ରେତୟା ଯୁଗେ ମାଳତୀ

ଦ୍ୱାପର ଯୁଗରେ ତ୍ରିପୁରା

କଳିଯୁଗେ ବୃନ୍ଦାବତୀ ।

ପ୍ରତ୍ୟହ ତୁଳସୀ ସେବନ କଲେ ରଜ ଓ ବୀର୍ଯ୍ୟ ପୁଷ୍ଟ ହୋଇ ଅପୁତ୍ରିକ ପୁତ୍ରପ୍ରାପ୍ତି ହୁଏ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁଳସୀ ଗଛରୁ ପ୍ରାଣ ଚାଲିଗଲେ ତାହାର କାଷ୍ଠକୁ ବେକରେ ମାଳା କଲେ ଓ ମନ୍ତ୍ର ବୋଳିଲା ବେଳେ ମାଳା ଗଡ଼ାଇଲେ ଦେହର ଓ ଅଙ୍ଗୁଷ୍ଠୀର ସଂସ୍ପର୍ଶରେ ଆସି ଔଷଧୀୟ ଗୁଣ ଜାତ ହୁଏ । ଏଣୁ ତୁଳସୀ ପୂଜା ବେଳେ ଓଡ଼ିଆ ଘରଣୀ ବୋଲନ୍ତି;

ତୁଳସୀର ମାଳ ତୁଳସୀର ଚୁଳ
ତୁଳସୀ ଭୂଷଣ କଲେ
ତୁଳସୀ ମୂଳରେ ଲୟ ଲଗାଇଲେ
ନୀଳଚକ୍ର ଦିଶୁଥାଇ ।

ତୁଳସୀକୁ ଭଗବାନଙ୍କ ବିଭିନ୍ନ ରୂପ ଭାବେ ବର୍ଣ୍ଣନା କରାଯାଇଛି;

ମୂଳେ ତୋର ଗଙ୍ଗା
ଡାଳେ ତୋର ବିଷ୍ଣୁ
ପତ୍ରେ ଦେବତାର ବାସ
ତୋ ପତ୍ର ପଡିଲେ
ମଣୋହି ହୁଅଇ
କହେ ଗୋରେଖ ଦାସ ।

ତୁଳସୀ ମୂଳେ ଉତ୍ସର୍ଗର ଭାବ ଜାଗ୍ରତ ହୋଇ ପୁରାଣରେ ଲେଖା ଅଛି;

ତୁଳସୀ ମୂଳେ ଦେଲି ଜାଗର
ତୁଳସୀ ବୋଇଲେ ମାଗେ ବର
ମାଗିଲି ବର
କାନକୁ ସୁନା ପେଢ଼ିକି କନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାର ବରଷର ଧାନ ପୁରୁଣା

କାଖେ ପୁଅ ପଣତେ ଶୁଅ

ଜୀବନ ଯାକ ଅହ୍ୟ ହୁଅ

ମରିଗଲେ ବୈକୁଣ୍ଠେ ନିଅ ।

ଏହିଭଳି ଅନେକ କଥା ପୁରାଣରେ, ଓଡ଼ିଆ ଲୋକକଥା, ଢଗ ଢମାଳିରେ ବର୍ଣ୍ଣିତ ଅଛି ଯାହା ପୂର୍ବଜ ମାନେ ମାନି ପରିବାର ଓ ସମାଜରେ ଶୃଙ୍ଖଳିତ ଜୀବନ ଯାପନ କରିଥିଲେ ।

ଆସ୍କା, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପରମାତ୍ମା



ପଙ୍କଜ କୁମାର ପାଣିଗ୍ରାହୀ

ଚିରନ୍ତନ, ଶାଶ୍ୱତ ପରମାତ୍ମା ସଂସାରର ସୃଷ୍ଟିକର୍ତ୍ତା ଭାବେ ସର୍ବଧର୍ମ ଗ୍ରହୀତ । ସମଗ୍ର ଅନନ୍ତ ସୃଷ୍ଟିର ଆଧାର ଭାବେ ସର୍ବଧର୍ମ ବିଦିତ । ଅଶରୀରରେ ନିରାକାର ଭାବେ ସର୍ବବିଦ୍ୟମାନ ବୋଲି ହିନ୍ଦୁ ଧର୍ମରେ ଗ୍ରହୀତ ପରମାତ୍ମାଙ୍କ ପ୍ରତି ମଣିଷର ରୁଚି ଏକ ଭିନ୍ନ ରୂପରେ ଦେଖା ଦେଇଥାଏ !

ସେହି ପରମାତ୍ମାଙ୍କ ସାନିଧ୍ୟ ଲାଭ କରିବା ପାଇଁ ଯୁଗ ଯୁଗ ଧରି ମଣିଷ ଚେଷ୍ଟାରତ ଥାଇ ଅକୃତକାର୍ଯ୍ୟ ହେବାର ରହସ୍ୟ ଭିନ୍ନ ?!!

ପରମାତ୍ମା ଅର୍ଥାତ ନିରାକାର, ଭଗବାନଙ୍କ ବିଷୟ ଆଲୋଚନାକୁ ନିଆଗଲେ କେତେକ ଲୋକ ଭକ୍ତିପୂତ ପ୍ରଣାମ, ମୁଣ୍ଡିଆ ମାରିବା ଆରମ୍ଭ କରିଥା'ନ୍ତି ଯାହାଙ୍କ ମାନ୍ୟତାର ରୁଚି ଏକ ଭିନ୍ନ ରୂପରେ ଦେଖା ଦେଇଥାଏ । ଅନ୍ୟ ପକ୍ଷରେ ଅଧିକାଂଶ ମଣିଷ ପରମାତ୍ମାଙ୍କ ପ୍ରତି ରଖିଥିବା ପ୍ରଗାଢ଼ ଭକ୍ତିର ପ୍ରକାଶରେ ଅତ୍ୟନ୍ତ ଭାବାବେଗ ପ୍ରଦର୍ଶନ ପୂର୍ବକ ନିଜର ଆନ୍ଦୋଳିତ ବିଚାରଧାରକୁ ଏମିତି ରଙ୍ଗେଇ ବ୍ୟାଖ୍ୟା କରିଥା'ନ୍ତି ଯେ ସମ୍ମୁଖରେ ରହି ଦେଖୁଥିବା ମଣିଷ ମଧ୍ୟ ସମଭାବ ଜ୍ଞାପନ ନକରି ରହିପାରିବ ନାହିଁ । କାରଣ ନିରାକାର, ଭଗବାନଙ୍କ ଗ୍ରହଣୀୟତା ମଣିଷ ପାଖରେ ଏକ ଶେଷ ସୋପାନର ସ୍ଥଳ ଯାହାଙ୍କ ସାନିଧ୍ୟ ଲାଭ କରିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଇଁ ଆଜି ସମଗ୍ର ସଂସାରରେ ସେ ନିଜକୁ ଉତ୍ତୋଳିତ କରିଥିବା ଅନୁଭୁତି ଅତ୍ୟନ୍ତ ମର୍ମସ୍ୱର୍ଶୀ ! ଚିରନ୍ତନ, ଶାଶ୍ୱତ ନିରାକାର ପରମାତ୍ମା, ଭଗବାନ ସମ୍ପୂର୍ଣ୍ଣ ଅନନ୍ତର ସୃଷ୍ଟିକର୍ତ୍ତା ସହିତ ପୃଥିବୀ ପୃଷ୍ଠରେ ଚରାଚର ଜୀବଜଗତ, ନିର୍ଜୀବ ବସ୍ତୁ, ପଦାର୍ଥ ଗୁଡିକର ମଧ୍ୟ ସୃଷ୍ଟିକର୍ତ୍ତା ଭାବେ ବିଶ୍ୱବ୍ୟାପୀ ଗ୍ରହଣୀୟତାକୁ ଅନୁଶୀଳନ କରି ଦେଖିବା ବିଷୟ ଏହାଯେ.............

ଭଗବାନ ଏମିତି ଏକ ଶକ୍ତିର ଆଧାର ଯାହାଙ୍କ ସ୍ୱର୍ଶ, ଦର୍ଶନ କିମ୍ବା ଅନୁଭବ ପୃଥିବୀର ସମସ୍ତ ଧର୍ମ, ସମ୍ପ୍ରଦାୟର ମଣିଷଙ୍କ ପାଖରେ ଅସମ୍ଭବ ହୋଇ ରହିଛି ଅଦ୍ୟାବଧି । ହୁଏତ ସେହି ଭଗବାନ ଦୁନିଆର ସମସ୍ତ ଜିନିଷକୁ ବସ୍ତୁ ବାଚକ କରି ନିଜକୁ ନିରାକାର ଅବସ୍ଥାରେ ରଖିଛନ୍ତି ନିଜର ସ୍ୱାତନ୍ତ୍ର୍ୟତା ପ୍ରମାଣ କରିବା ପାଇଁ ବୋଲି ଅନୁଭବ ହେଉଛି ଆମର ! କହିବାକୁ ଗଲେ ପୃଥିବୀ ପୃଷ୍ଠାରେ ଅବସ୍ଥିତ ସମସ୍ତ ସମ୍ପ୍ରଦାୟ, ଧର୍ମ, ଜାତିର ଲୋକେ ଇଶ୍ୱରଙ୍କ ଉପସ୍ଥିତିକୁ ଏକାଭଳି ଦେଖିଥା'ନ୍ତି ଏବଂ ତାଙ୍କୁ ଅନୁଭବ ବିହୀନ ନିରାକାର ଭାବେ ଗ୍ରହଣ କରିଥା'ନ୍ତି । ହେଲେ ସବୁ ଧର୍ମ ଗୁଡିକରେ ବର୍ଣ୍ଣିତ ଭଗବାନଙ୍କ ପୃଥିବୀ ପୃଷ୍ଠରେ ଅବତୀର୍ଣ୍ଣ ହୋଇଥିବା ବିଭିନ୍ନ ଅବତାର ଗୁଡିକ ସେହି ଇଶ୍ୱରଙ୍କ ଇଛାରେ ପ୍ରେରିତ ହୋଇଥିବା ମାନ୍ୟତା ରହିଛି । ମନେ ହୁଏ ସତେ ଯେମିତି ଏକକିତା ପୃଥିବୀକୁ ଖଣ୍ଡବିଖଣ୍ଡିତ କରି ସାମ୍ପ୍ରଦାୟୀକ ବିଚାର ସୃଷ୍ଟିକରି ମଣିଷ ସମାଜରେ ହିଂସାତ୍ମକ, ବୈମାତୃକ ମନୋଭାବ ସୃଷ୍ଟି କରାଯିବା ଲକ୍ଷ୍ୟ ରଖି ଇଶ୍ୱର ଏମିତି କରିଛନ୍ତି ନା ଏହା ମଣିଷ ମନର ନିଜସ୍ୱ ଷଡ଼ଯାନ୍ତ୍ରୀକ ବିଚାରଧାରାରୁ ନିର୍ଗତ ଏକ ସାମାଜିକ ଦୁଃଷ୍ପ୍ରଭାବ ବୁଝିବା କଷ୍ଟ ହୋଇପଡୁଛି ଆମର ସ୍ୱଳ୍ପ ଜ୍ଞାନ ମଧ୍ୟରେ । କାରଣ ଗୋଟିଏ ସମ୍ପ୍ରଦାୟ ଠାରୁ ଅନ୍ୟ ଗୋଟିଏ ଭଗବାନଙ୍କ ଉପରେ ଯେଉଁ ସବୁ ପ୍ରତିଷ୍ଠା ପ୍ରଦାନ କରିଛନ୍ତି ସେଇଥିରେ ଅନେକ ଅସାମଞ୍ଜସ୍ୟତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିଲକ୍ଷିତ ହେଉଥିବା ବେଳେ ସେମାନେ ସମସ୍ତେ ଈଶ୍ୱର ଏକ ବୋଲି କହୁଛନ୍ତି । ବଡ ଆଶ୍ଚର୍ଯ୍ୟ ଲାଗେ ସେମାନଙ୍କ ବିଶ୍ଳେଷଣ ଗୁଡିକ ଶୁଣିଲେ !

କୁହାଯାଏ ଯେତେବେଳେ ପୃଥିବୀ ପୃଷ୍ଠାରେ କୌଣସି ଅଭାବନୀୟତା ଦେଖାଦିଏ ଭଗବାନ କୌଣସି ରୂପରେ ଧାରା ପୃଷ୍ଠାରେ ଅବତରଣ କରି ସମସ୍ୟାର ସମାଧାନ କରି ଆସୁଛନ୍ତି । ତଥାକଥିତ ହିନ୍ଦୁମାନଙ୍କର ଚାରିଟି ଯୁଗ ମଧ୍ୟରେ ସତ୍ୟ, ଦ୍ୱାପର ଓ ତ୍ରେତୟା ଯୁଗରେ ଯେଉଁ ସବୁ ଅଭାବନୀୟତା ଦେଖା ଦେଇଥିଲା ହୁଏତ ଆଜିର ଏହି କଳି ଯୁଗରେ ସେଗୁଡିକ ସଂକୁଚିତ ହୋଇ ବର୍ତ୍ତମାନ ପୃଥିବୀ ପୃଷ୍ଠରେ ଶାନ୍ତି, ମାନବୀୟତା ଏବଂ ସାମାଜିକ ସଦ୍ଭାବ ବିଚାର ଯଥେଷ୍ଟ ଅଧିକ ରହିଥିବା ଅନୁମାନ କରାଯାଇ ପାରେ ତୁଳନାତ୍ମକ ସେହି ସମୟର ମଣିଷ ମାନଙ୍କ ବିଚାରଧାରା । ଏହା ଆମେ କହୁନାହୁଁ ! ବରଂ ସେହି ଧାର୍ମିକ ଚେତନାର ବିଶ୍ଳେଷଣରୁ ନିର୍ଗତ ହେଉଛି ! କାରଣ କଳି ଯୁଗରେ ଭାଗବାନଙ୍କର କୌଣସି ଅବତାର ଅବତୀର୍ଣ୍ଣ ହୋଇନାହିଁ ଯେହେତୁ ଆଜି ସମୟର ମଣିଷ ଗୁଡିକ ପାଖରେ କୌଣସି ଅଭାବନୀୟତା ପରିବର୍ତ୍ତେ ଯଥେଷ୍ଟ ମାନବୀୟ ଚରିତ୍ର ପ୍ରସ୍ଫୁଟିତ ହେଉଥିବା ଅନୁଭବ ରହିଥିବା ସ୍ୱୟଂ ନିରାକାରଙ୍କର ବୋଲି ଅନୁମାନ କରି ହେଉଛି । ନତୁବା ପୃଥିବୀ ପୃଷ୍ଠରେ ଆଜି ସମୟରେ ଭଗବାନଙ୍କ ଅବତୀର୍ଣ୍ଣ ହେବା ଆବଶ୍ୟକତା ରହିଛି କି ନାହିଁ ପ୍ରତ୍ୟେକେ ନିଜକୁ ନିଜେ ପଚାରି ବୁଝିବା ଆବଶ୍ୟକ । ତଥାପି ପ୍ରଭୁଙ୍କ ଦେଖାନାହିଁ................ ! !

କୌଣସି ଭଲ ହେଉ କି ମନ୍ଦ ବିଚାରକୁ ଆମେ ଭଗବାନଙ୍କ କରୁଣା ବୋଲି ଭାବି ଥାଉ ଏବଂ କହିଥାଉ ମଧ୍ୟ । ହେଲେ ଯେକୌଣସି କଥାରେ ଭଲ ହେଲେ ମଧ୍ୟ ଭଲ, ମନ୍ଦ ହେଲେ ମଧ୍ୟ ଭଲ ବୋଲି ବିଚାରି ଭଗବାନଙ୍କ ଦ୍ୱାରା ନିଆଯାଇ ଥିବା ସମସ୍ତ ନିର୍ଣ୍ଣୟକୁ ସମ୍ମାନ ଦେବା ଆମର ସହଜାତ, ସାମାଜିକ ଶୈଖିକ ଚରିତ୍ର । କିନ୍ତୁ କୌଣସି ଘଟଣାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସଂଯୋଜିତ ବିଷୟ ହେଉ କିମ୍ବା ନିଜସ୍ୱ କାର୍ଯ୍ୟ ଦକ୍ଷତା, ଅଭାବନୀୟତା ଉପରେ କୌଣସି ବିଶ୍ୱାସ, ଆଲୋଡନ ସୃଷ୍ଟି ନକରି ସବୁ କଥାରେ ସେହି ନିରାକାର ଭଗବାନଙ୍କ ଉପରେ ନ୍ୟସ୍ତ କରିଥାଉ ସତେ ଯେମିତି ସ୍ୱୟଂ ଭଗବାନ ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତର କାର୍ଯ୍ୟଧାରା, ପ୍ରଣାଳୀ ଗୁଡିକୁ ସଞ୍ଚାଳିତ କରିବା ପାଇଁ ପ୍ରତିଶୃତି ବଦ୍ଧ ହୋଇ ରହିଛନ୍ତି । କିନ୍ତୁ ସେସବୁ ଆମ ଇଛାରେ ନୁହେଁ ବରଂ ତାଙ୍କର ଯାହା ଇଛା ସେହିଭଳି ହେଉଥିବା ସର୍ବ ଗ୍ରହଣୀୟତା ଦେଖିବାକୁ ମିଳୁଛି । ଯାହା ହେଉ ସେହି ନିରାକାରଙ୍କ ସାନିଧ୍ୟ ପାଇବା ପାଇଁ ଅହରହ ଆତ୍ମବିହ୍ୱଳିତ ମଣିଷ ସୃଷ୍ଟି ଆରମ୍ଭରୁ ଏ ପର୍ଯ୍ୟନ୍ତ ଜଣେ ହେଲେ ସାଧାରଣ ମଣିଷ ପାଇପାରିଥିବା କୌଣସି ଉଦାହରଣ ନଥାଇ ଆମେ ଏତେ ଉତ୍କଣ୍ଠିତ ହୋଇ ରହିବା ଉଦେଶ୍ୟ କ'ଣ ଆମ ବୁଝିବା ବାହାରେ, ଜଣେ ସାଧାରଣ ମଣିଷ ହିସାବରେ । ଯେଉଁ ଅସାଧାରଣ ମଣିଷ ଗୁଡିକ ଭଗବାନଙ୍କ ସାନିଧ୍ୟ ପାଇ ସାଧାରଣ ମଣିଷ ମାନଙ୍କୁ ତାଙ୍କରି ପ୍ରେମ ବାଣ୍ଟିଛନ୍ତି, ବାଣ୍ଟୁଛନ୍ତି ସେମାନଙ୍କ ସହିତ ଭାଗିଦାରୀତା କରୁଥିବା ସାଧାରଣ ମଣିଷ ଗୁଡିକର ଉପସ୍ଥିତ ପରିସ୍ଥିତି କ'ଣ ଆମେ କହିବା ଆବଶ୍ୟକ ନୁହେଁ, ବରଂ ନିଜେ ନିଜେ ହିଁ ବୁଝିବା ପାଇଁ ଚେଷ୍ଟା କରିବା ବିଧେୟ । ତଥାପି ଯାହା ହେଉ ସେହି ନିରାକାରଙ୍କ ଜଣେ ସ୍ୱାଭିମାନୀ ଭକ୍ତ ଯାହା ଆମ ମନକୁ ଆସିଲା କରି ଚାଲିବା ଏବଂ ପରବର୍ତ୍ତୀ ସମୟରେ କ୍ଷମା ପ୍ରାର୍ଥନା କରିବାରେ କୌଣସି ଅନିୟମିତତା ନରଖି ତାଙ୍କର କ୍ଷମା, କରୁଣା ପାଇବା ଆଶାୟୀ ଜଣେ ନିରୀହ, ନିର୍ବୋଧ ସାଧାରଣ ମଣିଷ ଆମେ ।

ଅଖଣ୍ଡ ବିଶ୍ୱର ସ୍ରଷ୍ଟା ପୃଥିବୀ ପୃଷ୍ଠାରେ ଖଣ୍ଡ ବିଖଣ୍ଡିତ କରି ସୃଷ୍ଟି କରିଥିବା ସମ୍ପ୍ରଦାୟ, ଗୋଷ୍ଠୀ ଗୁଡିକ ମଧ୍ୟରେ କନ୍ଦଳ ସୃଷ୍ଟି କରି କେଉଁ ଉଦ୍ଦେଶ୍ୟ ରଖି ଚୁପ ରହିଛନ୍ତି ବୁଝିବେ କେବଳ ସେହି ସାନ୍ନିଧ୍ୟ ଲାଭ କରିଥିବା ଅସାଧାରଣ ମଣିଷ ବ୍ୟତୀତ ଆମଭଳି ସାଧାରଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଣିଷଙ୍କ ଭାବ ବହିର୍ଭୁତ ବିଷୟ । ବିଭିନ୍ନ ଦଳ, ଗୋଷ୍ଠୀ, ସମ୍ପ୍ରଦାୟ, ଜାତି, ଧର୍ମ ମଧ୍ୟରେ ଆଶାତୀତ ଭେଦଭାବ ସୃଷ୍ଟି କରି ଚାଲିଥିବା ସାମାଜିକ ଅନୈତିକ କାର୍ଯ୍ୟରେ ସ୍ୱୟଂ ଭଗବାନ ଆନନ୍ଦିତ କି ନିରାନନ୍ଦ ସମୟ କହିବ ସେ କ'ଣ ପଦକ୍ଷେପ ନେଉଛନ୍ତି । କିନ୍ତୁ କହିବାକୁ ଗଲେ ହଜାର ହଜାର ବର୍ଷ ଅତିବାହିତ ଆଜି ସମୟର ଅତ୍ୟନ୍ତ ଅସାମାଜିକ ବ୍ୟାପକତାକୁ ଅନୁଧ୍ୟାନ କଲେ ବାସ୍ତବିକ ସେହି ତଥାକଥିତ ଭଗବାନଙ୍କ କୌଣସି ସତ୍ତା ଅଛିକି ନାହିଁ ସନ୍ଦେହ ସୃଷ୍ଟି କରୁଛି ମନରେ । ଯଦି ବାସ୍ତବରେ ରହିଥା'ନ୍ତା ତାହେଲେ ତାଙ୍କରି ନାମ ଧରି କରାଯାଉଥିବା ଭ୍ରଷ୍ଟାଚାର, ଅନୈତିକତା ବିରୁଦ୍ଧରେ ନିଶ୍ଚିତ କଠୋର ପଦକ୍ଷେପ ନିଆଯାଇ ଥା'ନ୍ତା ତାଙ୍କରି ଦ୍ୱାରା ଯାହା ହେଉନାହିଁ । ଅର୍ଥାତ ଏମିତି କୌଣସି ସତ୍ତାହୀନ ନିରାକାର ଶକ୍ତି ରହିଥିବା ଅସମ୍ଭବ ଭଳି ମନେ ହେଉଛି ଆମର ।

କାରଣ ବିଭିନ୍ନ ଅନୁସନ୍ଧାନ, ଗବେଷଣାମୂଳକ ତଥ୍ୟ ଅନୁଯାୟୀ ପୃଥିବୀ କେବଳ ଅସଂଖ୍ୟ ଧୂଳିକଣାରୁ ସୃଷ୍ଟି ହୋଇଥିବା ଅନୁମାନ କରନ୍ତି ବୈଜ୍ଞାନିକ ମାନେ ଯାହାର ମୂଳ ଆଧାର ଗୁଡିକ ଏପର୍ଯ୍ୟନ୍ତ ଅଲୌକିକ ହୋଇ ରହିଛି । କିନ୍ତୁ କୌଣସି ଆଧାରବିହୀନ ଦାର୍ଶନିକ ଅନୁମାନରୁ ଉଦ୍ଧୃତ ଭାବଧାରା ଗୁଡିକୁ ନିଜସ୍ୱ ଜୀବନ ଶୈଳୀରେ ଅଂଗୀକାର କରି ବାସ୍ତବତାର ଅନୁଭବ ବିହୀନ ଗୋଟିଏ ମନସ୍ତାତ୍ତ୍ୱିକ ଅଲୌକିକ ଭାବଧାରା ମଧ୍ୟରେ ନିଜକୁ ସଂକୁଚିତ କରି ରଖି ଜୀବନ ଯାତ୍ରାକୁ କେଉଁ ଦିଗଗାମୀ କରିଥା'ନ୍ତି ବିଶ୍ୱାସରେ ଅନ୍ଧ ଭକ୍ତ ବୃନ୍ଦ ସେମାନେହିଁ ଜାଣନ୍ତି । ଅଧିକନ୍ତୁ ଭଗବାନଙ୍କ ପ୍ରେରିତ ଦୂତ ବୋଲି କହୁଥିବା ଉପସ୍ଥିତ ସମାଜରେ ଗ୍ରହଣ କରାଯାଉଥିବା ମଣିଷ ଗୁଡିକର ପୁର୍ବାନୁଭୂତି ତଥା ବ୍ୟକ୍ତିଗତ ଚାରିତ୍ରିକ ବିଶ୍ଳେଷଣ ପରିସର ବହିର୍ଭୁତ ମାନ୍ୟତା ପ୍ରଦାନ କରି ନିରୀହ, ନିର୍ବୋଧ କେଉଁ ଦିଗଗାମୀ ହେଉଛନ୍ତି ସେମାନେହିଁ ଜାଣନ୍ତି । କିନ୍ତୁ ପ୍ରକୃତିର ନିୟମ ଆଗରେ କୌଣସି ସତ୍ତା ବିହୀନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବସ୍ତୁ, ପଦାର୍ଥ କିମ୍ବା ଶକ୍ତି ରହିବା ପ୍ରାବଧାନ ରହିନଥିବା ଏକ ସତ୍ୟ ଯାହା ଚିରନ୍ତନ । ଏହି ନିରାକାର ମଣିଷର ଅବଚେତନ ଜ୍ଞାନର ଏକ ପ୍ରତିବିମ୍ବିତ ପ୍ରହେଳିକା ମାତ୍ର ଯାହା ସାହାଯ୍ୟରେ ଚତୁର ନିର୍ବୋଧଙ୍କୁ ପ୍ରତାରିତ କରିବାର ଏକ ସ୍ୱଚ୍ଛ ପ୍ରଚ୍ଛଦ ପଟର ଆଢୁଆଳେ ରହିଥବା ଚିତ୍ରିତ, ଚେହେରା ଛଡା ଆଉ କିଛି ନୁହେଁ ଯାହାକୁ ବୁଝିବା ସାଧାରଣ ଲୋକଙ୍କ ପାଖରେ ସହଜସାଧ୍ୟ ହୋଇ ନଥିଲେ ମଧ୍ୟ ଅସମ୍ଭବ ନୁହେଁ । କିନ୍ତୁ ଏହି ମାୟାରୁ ନିବୃତ ହୋଇ ସତ୍ୟକୁ ଆଦରିବାକୁ ହେଲେ ଯଥେଷ୍ଟ ଇଛା ଶକ୍ତି ସହିତ ସହନଶୀଳତା ଏବଂ ଧାର୍ଯ୍ୟର ଆବଶ୍ୟକତା ରହିଛି ଯାହା ସାଧାରଣ ଲୋକେ କରିବାରେ ଅସମର୍ଥ ହେଉଥିବା ହେତୁ ପ୍ରଚଳିତ ପାରମ୍ପରିକ ରୀତି, ନୀତି ସହିତ ନିଜକୁ ଖାପ ଖୁଆଇ ଚାଲିବା ଗୋଟିଏ ସାଧାରଣ ମାନସିକତାରେ ପରିବର୍ତ୍ତିତ ଆଜିର ଏହି ଅବସ୍ଥାରେ ବଂଚୁଥିବା ମଣିଷଙ୍କ ଭବିଷ୍ୟତ କ'ଣ ସେମାନଙ୍କୁ ହିଁ ଜଣାଥିବ ବୋଲି ଆମର ବିଚାରରେ ଆପଣଙ୍କ ଅନୁଭବ ବ୍ୟାଖ୍ୟା କରିବେ ବୋଲି ଆଶା..... !

ପଙ୍କଜ କୁମାର ପାଣିଗ୍ରାହୀ ।
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ.
ଦୂରଭାଷ.: ୯୪୩୭୬୩୨୪୯୧୭.

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅରଣ୍ୟରୋଦନ



ଅନିଲ୍ ଦେ

କୋଣାର୍କ ଧ୍ୱଂସ ହୋଇଯିବ; କେହି କିଛି କରିବେ ନାହିଁ । ଏହା ମୋର ଉଚ୍ଛ୍ୱସିତ ବିଳାପ ନୁହେ; ପ୍ରମାଣନିର୍ଭର ବିଶ୍ୱାସ । ପୂର୍ବେ ବହୁଥର ଲେଖାଲେଖି କରିଛି; କେହି ଶୁଣି ନାହାନ୍ତି । ତଥାପି ଆଉଥରେ ମୁହଁ ଖୋଲୁଛି; ହୁଏତ ସେ ନୀରବତା ଭଙ୍ଗ ହେବ ।

କୋଣାର୍କ କହିଲେ ଅଧିକାଂଶ ମଣିଷ ଭାବିଥାନ୍ତି, ଅସଂଖ୍ୟ ଦୃଷ୍ଟିନନ୍ଦନ ଭାସ୍କର୍ଯ୍ୟ, ଯୌନଚର୍ଚ୍ଚାର ଉନ୍ମୁକ୍ତ ପ୍ରଦର୍ଶନୀ ଏବଂ ଅସୁମାରୀ କିମ୍ବଦନ୍ତୀ । କେହି ଚିନ୍ତା ମଧ୍ୟ କରିବାକୁ ଚାହାନ୍ତି ନାହିଁ, ଏ ବିଶାଳ ଶୃଷ୍ଟି ପଛରେ କୌଣସି ମହତ ଦର୍ଶନ କାର୍ଯ୍ୟ କରିଥିଲା କି; ଯାହା ଏ ଦୃଷ୍ଟିନନ୍ଦନ ମହାନତା ଠାରୁ ଆହୁରି ମହାନ ? ମୁଁ ଆଜି ଆପଣମାନଙ୍କୁ ସେଇ ମହାନତା କଥା କହିବି ଯାହାର ସଂରକ୍ଷଣ କଥା କେହି ଚିନ୍ତା ସୁଦ୍ଧା କରୁନାହାନ୍ତି ଏବଂ ଯାହାର ସଂରକ୍ଷଣ ବର୍ତମାନ ପୃଥିବୀରେ ଜରୁରୀ ।

ଆଜି ଏହାର ଦେବାଳୟ ପରିଚିତି ଲୋପ ପାଇଯାଇଛି । ସମସ୍ତ ବିଭ୍ରାନ୍ତି ସେଇଠାରେ ନିହିତ । ଦୃଷ୍ଟିଭଙ୍ଗୀର ପରିବର୍ତନ କରିଲେ ଦେଖିବାକୁ ପାଇବେ ଏ ସମସ୍ତ ଶିଳ୍ପ; ଏପରିକି ମିଥୁନ ସୃଷ୍ଟି, ଦେବତାଙ୍କ ମହିମା କୀର୍ତ୍ତନ କରିବାକୁ ଉଦ୍ଦିଷ୍ଟ; ଓଲଟାଟା ନୁହେଁ । କୋଣାର୍କକୁ ସୂର୍ଯ୍ୟରଥ କୁହାଯାଇଥାଏ କିନ୍ତୁ ଶାସ୍ତ୍ରମତେ ସୂର୍ଯ୍ୟ ଗୋଟିଏ ଚକଥିବା ରଥରେ ବିଶ୍ୱ ପରିକ୍ରମା କରନ୍ତି; ୨୪ ଚକ୍ରର ପରିକଳ୍ପନା ଆସୁଛି କଠ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉପନିଷଦରୁ (I .iii .୪) ଯେଉଁଥିରେ ମନୁଷ୍ୟ ଦେହକୁ ରଥ ସହିତ ତୁଳନା କରାହୋଇଛି । କିନ୍ତୁ ସେ ରଥର ଶକ୍ତି ମୂଳତଃ ସୌର କିରଣ ନିର୍ଭର । ଏଇଠାରେ ସ୍ଥପତିର କଳ୍ପନା ମିଶି ସୃଷ୍ଟି ହୋଇଛି ମାନବ ଜଗତର ଅନନ୍ତ ଯାତ୍ରାର ଚକ୍ର; ଦିନ, ପକ୍ଷ, ମାସ, ବର୍ଷ, ଜନ୍ମ ଠାରୁ ଜନ୍ମାନ୍ତର; ଅନନ୍ତ କାଳର ବିବର୍ତ୍ତନରେ । ମିଥୁନ ଶିଳ୍ପର ମୂଳ ଆସିଛି ବ୍ରହଦାରଣ୍ୟକ ଉପନିଷଦରୁ (iv.iii.21 ) ଯାହାର ଅର୍ଥ, ମାନବ ମାନବୀର ମିଳନର ଚରମ ମୁହୁର୍ତ୍ତରେ ଯେପରି, ଅନ୍ତର, ବାହାର, ଶୋକ, ଲଜ୍ଜା, ଅପରାଧବୋଧ, ପ୍ରାପ୍ତି, ଅପ୍ରାପ୍ତି ସମସ୍ତ ବୋଧ ଲୁପ୍ତ ହୋଇଯାଏ ସେଇପରି ଆତ୍ମା ଓ ପରମାତ୍ମାର ମିଳନ, ସମସ୍ତ  ପ୍ରାପ୍ତି ଅପ୍ରାପ୍ତି ଊର୍ଦ୍ଧ୍ୱରେ । ମଧ୍ୟଯୁଗ ପୂର୍ବେ ମଧ୍ୟ ଏହା ଉପସ୍ଥାପିତ ହୋଇଛି ଅର୍ଦ୍ଧନାରୀଶ୍ୱର ପରିକଳ୍ପନାରେ ଏବଂ ଏଯୁଗରେ ମଧ୍ୟ ହୋଇପାରେ  ଆଧୁନିକ ଶିଳ୍ପ ପରିଭାଷାରେ ।

ବିଶ୍ୱକୁ ଏ ସୃଷ୍ଟିର ସବୁଠାରୁ ବଡ ଅବଦାନ, ଧର୍ମ ମାଧ୍ୟମରେ ଧର୍ମ ସମନ୍ୱୟ ଏବଂ ସାମାଜିକ ସ୍ଥିରତା । ଯେଉଁ secular ଚିନ୍ତାରେ ସୂର୍ଯ୍ୟ ଏକମାତ୍ର ଦେବତା ଯାହାଙ୍କ କରୁଣା ବର୍ଷିତ ହୋଇଥାଏ ଜାତି, ଧର୍ମ, ଦେଶ, କାଳର ବିଭେଦ ନଥାଇ । ଏ ଚିନ୍ତା ଆଧୁନିକ ଚିନ୍ତାଧାରା ଠାରୁ ମଧ୍ୟ ଅଗ୍ରବର୍ତ୍ତୀ ଚିନ୍ତା ଯାହା ବର୍ତ୍ତମାନର ପୃଥିବୀରେ ସର୍ବାଧିକ ପ୍ରଯୁଜ୍ୟ ।

କଣ ସଂରକ୍ଷଣ କରିବେ ତାହା ନେଇ କୌଣସି ସ୍ୱଚ୍ଛ ଧାରଣା କାହାରି ନାହିଁ; ନା ଅଛି ସହମତ । ଦିବଂଗତ ଭାସ୍କର ରଘୁନାଥ ମହାପାତ୍ର ୨୦୧୩ରେ ପଦ୍ମବିଭୁଷଣ ପାଇବା ପରେ ଯେତେବେଳେ ସରକାରଙ୍କୁ ପ୍ରବର୍ତ୍ତେଇଲେ ତାଙ୍କର ପରିକଳ୍ପିତ ଦ୍ୱିତୀୟ କୋଣାର୍କ ଗଢିବାକୁ, ମୁଖ୍ୟ ସଚିବଙ୍କ ପୌରହିତ୍ୟରେ ପ୍ରସ୍ତାବଟି ଆଲୋଚିତ ହେଲା । ଜଣେ ବିଜ୍ଞ ଅଧିକାରୀ କହିଲେ କେବଳ ଜଗମୋହନଟିଏ ଗଢା ହେବ କି ସମ୍ପୂର୍ଣ ମନ୍ଦିର, ମୁଖ୍ୟମନ୍ତ୍ରୀଙ୍କୁ ପଚାରିବା - ମନ୍ଦିରହୀନ ମୁଖଶାଳା ! ! ରଘୁନାଥ ନିଜେ ବାରମ୍ବାର କହିଲେ ସେ ଗୋଟିଏ ଅବିକଳ ନକଲ ଗଢିଦେବେ କିନ୍ତୁ କହିଲେ ନାହିଁ, ଯେତେବଳେ ମଡେଲଟିର ତିନିପା ଧ୍ୱଂଶ ହୋଇ ଯାଇଛି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଏବଂ କୌଣସି ନିର୍ଭରଯୋଗ୍ୟ ଲିଖିତ ତଥ୍ୟ ନାହିଁ ନକଲଟି ହେବ କିପରି ? ରଘୁନାଥ ଜଣେ ଖ୍ୟାତିମାନ ଭାସ୍କର ଥିଲେ; ସ୍ଥପତି ନୁହନ୍ତି । ଫରକଟା କଣ ମନୁସ୍ମୃତିରେ ଏବଂ ଶୁକ୍ରନୀତିରେ ବର୍ଣ୍ଣିତ ।

ମୋର ବିଶ୍ୱାସ ଏକମାତ୍ର ପ୍ରତୀକାତ୍ମକ ପୁନର୍ନିର୍ମାଣ ସମ୍ଭବ ଏବଂ ପ୍ରୟୋଜନ ମଧ୍ୟ, ଯେଉଁଥିରେ ରହିବ କୋଣାର୍କର ଶିଳ୍ପିକ ଏବଂ ଆଧ୍ୟାତ୍ମିକ ନିର୍ଯାସ । Autocad ସହଯୋଗେ କେତେଗୁଡିଏ ଡ୍ରଇଂ କରି KHPT (Kalinga Heritage Preservation Trust) ତରଫରୁ ଭାରତୀୟ ବିଦ୍ୟାଭବନରେ ଗୋଟିଏ ସାଧାରଣ ସଭାରେ ଉପସ୍ଥାପିତ କରାହେଲା ୧୬.୨.୨୦୧୩ । ସହଯୋଗୀ ଥିଲେ INTACH ଏବଂ ଉପସ୍ଥିତ ଥିଲେ ବହୁ ପ୍ରସ୍ତର ଶିଳ୍ପୀ, ବୁଦ୍ଧିଜୀବୀ, ଇଂଜିନିୟର ଓ ସ୍ଥପତି । ସର୍ବସମ୍ମତ ମତ ହେଲା ନୂଆ ସୂର୍ଯ୍ୟ ମନ୍ଦିରଟିଏ ଗଢା ହେବ ଆଧୁନିକ ଢାଞ୍ଚାରେ ଯେଉଁଥିରେ ମୂଳ କୋଣାର୍କର ସୌରଭ ଥିବ । ପ୍ରସଙ୍ଗ ତ କହି ରଖେ ସେଇ ସଭାରେ, ସଦ୍ୟ ପଦ୍ମବିଭୁଷଣ ପ୍ରାପ୍ତ ରହୁନାଥଙ୍କୁ ଆମେ ପ୍ରଥମେ ସମ୍ବର୍ଦ୍ଧିତ କରିଥିଲୁ ।

ଆମେ ପୁଣି ଡ୍ରଇଂ କରିବାକୁ ଲାଗିଲୁ ଏବଂ ବର୍ଷକ ପରେ ପୁଣି ସେହିଠାରେ ସେଇ ଶ୍ରୋତାମଣ୍ଡଳୀ ସମ୍ମୁଖରେ ୩.୩.2014ରେ ତାହା ଉପସ୍ଥାପିତ କରାହେଲା । ସଂଖ୍ୟାଧିକ ସମର୍ଥନ ମିଳିବାରୁ ପରବର୍ତୀ ସମୟରେ ଆମେ କ୍ରମଶଃ detalingକୁ ଆଗେଇଲୁ । କିନ୍ତୁ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ମଧ୍ୟ ଚିନ୍ତାର ଦୈନ୍ୟ ଅଛି । ୭.୩.୨୦୨୦ରେ ଯେତେବେଳେ ବହୁ ଘଷା-ମଞ୍ଜା ହେବାପରେ ଯୋଜନାଟି ସେଇ ମଞ୍ଚରେ ଉପସ୍ଥାପିତ ହେଲା, ଜଣେ ପ୍ରତିଷ୍ଠିତ ବୁଦ୍ଧିଜୀବୀ, ସ୍ଥାପତ୍ୟରେ ଆଧୁନିକତା ପ୍ରବେଶର ଘୋର ବିରୋଧ କରିଲେ ଏବଂ ସୂର୍ଯ୍ୟଙ୍କ globality ଓଡ଼ିଆ ସଂସ୍କୃତି ବିରୋଧୀ କହିଲେ । ସେ ମହାଶୟ କୋଣାର୍କ ଉପରେ ଦୁର୍ବୋଧ୍ୟ ଆଧୁନିକ କବିତା ଲେଖିଛନ୍ତି ଏବଂ ଏକସମୟରେ ସ୍ତମ୍ଭ ଲେଖାରେ ଲେଖିଥିଲେ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

"ଯିଏ ଯାହାର ହୁଅନ୍ତୁ ସୂର୍ଯ୍ୟ ସମସ୍ତଙ୍କର" ।

ସରକାରୀ ସଂରକ୍ଷକ ଅର୍ଥାତ ASIର ଚିନ୍ତାଧାରା ଆହୁରି ବିଚିତ୍ର । ବିଗତ ୩୫ ବର୍ଷ ଧରି ଦେଶୀ ବିଦେଶୀ ବହୁ ବିଶେଷଜ୍ଞ କହି ଆସୁଛନ୍ତି ଜଗମୋହନ ଭିତରୁ ବାଲି କାଢି ସଂରକ୍ଷଣ କର; ASI ଶୁଣିବାକୁ ନାରାଜ । ସେଇମାନଙ୍କ ଏନ୍‌ଡୋସ୍କୋପିକ ଫୋଟୋଗ୍ରାଫରେ ଭିତରେ ଯେତେ ପଥର ଖସିଥିବାର ଦିଶୁଛି ଆଉ କିଛି ଯୋଗ ହେଲେ ଜଗମୋହନର ପୀଢ଼ ଛାତ ଭିତରକୁ ଭୁଶୁଡି ପଡିବ; ବିଶାଳ plinth ମଧ୍ୟ ରକ୍ଷା ପାଇବ ନାହିଁ । ଭାରତ ସରକାର ଜୋର ଦେଇ କିଛି କହୁ ନାହାନ୍ତି । ଓଡିଶା ସରକାର ଭାରତ ସରକାର ଉପରେ ବୋଝ ଲଦି ଦେଇ ନୀରବରେ ବସିଛନ୍ତି । ASIର ଦ୍ୱିଧା, ବୋଧଗମ୍ୟ କିନ୍ତୁ ବୋଧଗମ୍ୟ ନୁହେଁ; କାହିଁକି ଲୁପ୍ତାଙ୍ଗ ଭାସ୍କର୍ଯ୍ୟ ଗୁଡିକର ପୁନଃଅଙ୍ଗ ସଂଯୋଜନ ହେଉ ନାହିଁ ! ASI ଊନବିଂଶ ଶତାବ୍ଦୀରେ ବ୍ରିଟିଶ ଶାସକ ନିକଟରୁ ପ୍ରାପ୍ତ କୋଡ଼ ଦୋହରାଉଛନ୍ତି - It will falsify authenticity । ପ୍ରଶ୍ନ, ଗୋଟିଏ ପାଦ ହସ୍ତହୀନ ନର୍ତ୍ତକୀ କଣ ନର୍ତ୍ତକୀ ଭଳି ଦିଶୁଛି ? ସଂରକ୍ଷଣ ହେଉଛି ପଥର; ନା ସେଥିରେ ଫୁଟାଯାଇଥିବା ଭାବ ? ଖ୍ରୀଷ୍ଟିଆନ ଜଗତର ଧର୍ମଗୁରୁ ପୋପଙ୍କ ଭାଟିକାନରେ ଥିବା ପ୍ରସିଦ୍ଧ ଭାସ୍କର୍ଯ୍ୟ Pietaର ମାତା ମେରିଙ୍କ ଭଗ୍ନ ହସ୍ତ ଓ ନାକ ଯୋଡ଼ା ହୋଇ ପାରିଛି କିନ୍ତୁ କୋଣାର୍କ ନର୍ତ୍ତକୀ, ରାଜପୁରୁଷ ଅଥବା ମିଥୁନ ଅସ୍ପୃଶ୍ୟ ! ଖୋଦ ବ୍ରିଟେନରେ ପରିବର୍ତ୍ତନର ହାୱା ବହିଲାଣି - ନବନିର୍ମିତ Coventry Cathedral - କିନ୍ତୁ ASI ଆନଡ଼ । ଗୋଟେ ଯୋଡ଼େ INTACH ଅଥବା KHPTକୁ ପଚାରେ କିଏ ? ଜନ ଆନ୍ଦୋଳନ କାହିଁ ?

ପରାଧୀନ ଭାରତର ଦେଢ଼ଶହ ବର୍ଷ ତଳର ଗୋଟିଏ କାର୍ଯ୍ୟ କଥା କହିବା ପ୍ରାସଙ୍ଗିକ ହେବ । ୧୮୬୮ରେ Royal Society of Arts, ଲଣ୍ଡନ, ତଦନୀନ୍ତନ ଭାରତ ସରକାରଙ୍କୁ ଗୋଟିଏ ମୋଟା ଟଙ୍କା ଦେଲେ ପୁରାକୀର୍ତ୍ତି ମାନଙ୍କର ପଞ୍ଜିକରଣ ପାଇଁ । ପୂର୍ବ ଭାରତରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ ଭାର ପଡିଲା ରାଜେନ୍ଦ୍ର ଲାଲ ମିତ୍ରଙ୍କ ଉପରେ । ସିଏ ଗୋଟିଏ ଦଳ ଧରି ବାହାରିଲେ ଭୁବନେଶ୍ୱରକୁ । ସେଥିରେ ଥିଲେ ଛାଞ୍ଚ ତିଆରି ମିସ୍ତ୍ରୀ, ଚିତ୍ରକର ଆର୍ଟିଷ୍ଟ, ଫୋଟୋଗ୍ରାଫର ଓ draftsman । ବହୁଦିନ ଧରି ସେମାନେ ଯେଉଁ କାର୍ଯ୍ୟ କରିଲେ ତାହା ସରକାରୀ archiveକୁ ସମୃଦ୍ଧ କରିଲା ଏବଂ ମିତ୍ର ରଚିତ Antiquities of Orissaରେ ଅମର ହୋଇଗଲା ।

କୋଣାର୍କର ମୂର୍ତ୍ତି ଚୋରି ପ୍ରସଙ୍ଗରେ ASI ଦ୍ୱାରା ଗଠିତ National Conferenceରେ (୨୮/୨୯ ଫେବୃଆରୀ ୨୦୨୦) ପ୍ରସ୍ତାବ ରଖିଥିଲି କୋଣାର୍କର ପ୍ରତି ବର୍ଗଫୁଟର ଫଟୋ ରଖା ହେଉ ଯାହା ଡିଜିଟାଲ ଯୁଗରେ ଅତି ସହଜ । ପ୍ରସ୍ତାବ ପ୍ରଶଂସିତ ହେଲା କିନ୍ତୁ କାର୍ଯ୍ୟକାରୀ ହେଲା ନାହିଁ । Utkal University of Cultureକୁ ପ୍ରସ୍ତାବ ଦେଇଥିଲି ସଂରକ୍ଷଣ ଏବଂ ନୂତନ କୋଣାର୍କ ଗଠନ ଉପରେ ଗୋଟିଏ workshop ହେଉ । ପତ୍ରପ୍ରାପ୍ତି ସ୍ୱୀକାର ହେଲା ନାହିଁ ।

ଗୋଟିଏ ପ୍ରସଙ୍ଗ ଯାହା ସର୍ବାଧିକ ଅବହେଳିତ ତାହା ମନ୍ଦିର ନିର୍ମାଣର engineering । ମନମୋହନ ଗାଙ୍ଗୁଲିଙ୍କ ପରେ ଏଦିଗରେ ଗବେଷଣା ହୋଇ ନାହିଁ । ଓଡ଼ିଆ ଜାତି ଏହାର ପ୍ରୟୋଜନ ମଧ୍ୟ ବୋଧ କରୁନାହିଁ । କାରଣ ସେ ୧୨ ସଂଖ୍ୟାଟିର କୁହୁକରେ ତନ୍ଦ୍ରାଛନ୍ନ । ବାରଶହ ବଢ଼େଇ ବାର ବର୍ଷରେ, ଶ୍ରେଷ୍ଠ ପ୍ରସ୍ତର ଶିଳ୍ପୀ ମାନଙ୍କର କାମ କରିଦେଲେ; ଶେଷକୁ ବାରବର୍ଷର ଗୋଟିଏ ବାଳକ ୨୧୦ ଫୁଟ ଉଚ୍ଚରେ ୧୮ ଫୁଟ ଉଚ୍ଚ ପଥର କଳସଟିଏ ବସେଇ ଦେଇ ଶୂନ୍ୟ ମାର୍ଗରେ ୨୭୦ ଫୁଟ ଲମ୍ଫ ଦେଇ ଚନ୍ଦ୍ରଭାଗାରେ ପ୍ରାଣବଳି ଦେଲା !

ଏ ମନ୍ଦିରରେ ଆକଳିତ ୨,୩୭,୦୦୦ ଟନ ପଥର ଯୋଡ଼ରେ କୌଣସି ଚୁନ ମସଲା ନଥାଇ କିପରି ହଜାର ବର୍ଷ ରହୁଥିଲା କେହି ପଚାରିଲେ ନାହିଁ । ବର୍ତ୍ତମାନ ମନ୍ଦିର ସବୁ ce-

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ment ଯୋଡ଼ରେ ହେଉଛି ଯାହାର ଆୟୁ ୨୦୦ ବର୍ଷ ମଧ୍ୟ ନୁହେଁ କାରଣ ସିମେଣ୍ଟର ଜୀବନ 150 ବର୍ଷ ଠାରୁ କମ ।

ପ୍ରଖ୍ୟାତ ଇଞ୍ଜିନିଅର ଡ଼: ଗୋପାଳ ମିତ୍ରଙ୍କ ସହଯୋଗୀତାରେ KHPT ଯେତେବେଳେ ଡିଜାଇନ କରିବାକୁ ଆରମ୍ଭ କରିଲା ୨୦ଟି ଅସମାହିତ ପ୍ରଶ୍ନର ସମ୍ମୁଖୀନ ହେଲା । Institution of Engineers ମିଟିଂ ଟିଏ କରି ଚୁପ ରହିଗଲେ । IIT ଭୁବନେଶ୍ୱର ଶୁଣିବା ଅବସରରେ ମୋର ହୃଦଘାତ ହୁଏ । ବହୁତ ଯତ୍ନ ନେଇ ବଂଚେଇଦେଲେ କିନ୍ତୁ ପ୍ରସ୍ତାବ ଆଗେଇଲା ନାହିଁ । IIT ମାଡ୍ରାସ ସ୍ୱପ୍ରଣୋଦିତ ହୋଇ ଗୋଟିଏ ପ୍ରଶ୍ନ ଉପରେ ଗବେଷଣା ଆରମ୍ଭ କଲେ ଏବଂ ୨୦୧୮ World Heritage Day ଦିନ ମୋତେ ଡ଼ାକିନେଇ ସମ୍ବର୍ଦ୍ଧିତ କଲେ । ଗବେଷଣାର ଫଳାଫଳ ଏବେ ମଧ୍ୟ ବ୍ୟବହାରିକ ହୋଇ ନାହିଁ । ବାକି ସବୁ କରିବ କିଏ ? KHPT ଭିନ୍ନ ପନ୍ଥାରେ ଆଗଉଛି ।

ସରକାର କଣ କଲେ ? ୪ ମେ ୨୦୧୬ ବିଧାନସଭାରେ ମନ୍ତ୍ରୀ କହିଲେ ନୂତନ କୋଣାର୍କ ଗଢିବାର ଯୋଜନା ସରକାରଙ୍କର ନାହିଁ । ସେ ଆହୁରି ମଧ୍ୟ କହିଲେ, ସରକାର ଏପରି କୌଣସି ଯୋଜନା କରିଲେ, ବୁଦ୍ଧିଜୀବି, ଭାସ୍କର, ଐତିହାସିକ ଓ ବିଶେଷଣଙ୍କ ମାନଙ୍କର ପରାମର୍ଶ  ନେବେ । ଆଜିକା ସମ୍ବାଦ, ରାଜସ୍ଥାନର କେହି ଜଣେ ମୁକେଶ ଜୈନ, ଚନ୍ଦ୍ରଭାଗାରେ ନବୀନ ବାବୁଙ୍କ ନାମରେ ନୂତନ କୋଣାର୍କ ଗଢ଼ୁଛି । ତେବେ କେଇ ବର୍ଷ ତଳେ ପୁରୀରେ ଜଗନ୍ନାଥ ମନ୍ଦିର ଗଢୁଥିବାର ଇସ୍କନକୁ ସରକାର ବିଦାୟ କଲେ କାହିଁକି ? ଇସ୍କନତ ବିଶ୍ୱରେ ସର୍ବାଧିକ ଜଗନ୍ନାଥ ଚେତନା ପ୍ରଚାର କରିଛି  !

ଦେଶରେ ଶହ ଶହ ବିଭିନ୍ନ ଦେବଦେବୀଙ୍କ ମନ୍ଦିର ଗଢା ହେଉଛି; ସ୍ୱାଧୀନ ଦେଶରେ ସରକାର ବାଧା ଦେଇ ପାରିବେ ନାହିଁ । କିନ୍ତୁ କେହି ଯେବେ କୁହେ ଦ୍ୱିତୀୟ ଅଥବା ନବୀନ କୋଣାର୍କ ଗଢୁଛି ତେବେ ହୁଏତ ଜନତାର ଚିନ୍ତା ଭାବନା କଥା ଭାବି ସରକାର ହସ୍ତକ୍ଷେପ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରି ପାରନ୍ତି । ହସ୍ତକ୍ଷେପ କରିବା ପୂର୍ବେ ସରକାର ନିଜେ କହିଥିବା ବିଶେଷଜ୍ଞମାନଙ୍କ ପରାମର୍ଶ ନେବେ କି ଏବଂ ସେମାନେ କିଏ ?

ସରକାର କଥା ଛାଡ; ସେ ନିଜେ କରିଲେ ମଧ୍ୟ ଦେଶବାସୀଙ୍କ ଟିକସରୁ ଖର୍ଚ୍ଚ କରିବେ ! ଓଡ଼ିଆ diaspora-ପ୍ରେମୀ; (ଦେଶ ଏବଂ ଦେଶ ବାହାରର) ଓଡ଼ିଆମାନେ କରିପାରନ୍ତେ ଇଚ୍ଛା ଥିଲେ ? ଅଳ୍ପଦିନ ତଳେ ଗଠିତ ବିଶ୍ୱ ଓଡିଶା ନାମକ ଗୋଟିଏ ଅନୁଷ୍ଠାନର କେନିଆ ସଦସ୍ୟ ୨୦,୦୦୦ ଡଲାର ଅର୍ଥାତ ପ୍ରାୟ ୧୫ଲକ୍ଷ ଟଙ୍କା ଦାନ କରିଛନ୍ତି ବିଦେଶରେ ବାସ କରୁଥିବା ଓଡ଼ିଆଙ୍କ ତାଲିକା ତିଆର କରିବାକୁ । ତିନିବର୍ଷ ତଳେ କାନାଡ଼ାରେ ବାସ କରୁଥିବା ଜଣେ ଓଡ଼ିଆ ସେଠାକାର ଗୋଟିଏ ମ୍ୟୁଜିୟମର ଉନ୍ନତି କଲ୍ପେ ୫ ମିଲ୍ଲିୟନ ଡ଼ଲାର ଦାନ କରିଥିବାରୁ ଓଡ଼ିଶାର ଗଣମାଧ୍ୟମ ଆହ୍ଲାଦରେ ନାଚି ଗଲେ । ସେତକ ଅର୍ଥ ଅର୍ଥାତ ୩୭.୫ କୋଟି ଟଙ୍କାରେ ଜମି କିଣି ମନ୍ଦିର ତିଆରି ଆଗେଇ ଯାଆନ୍ତା । ସେ ମହାଶୟ ପତ୍ରପ୍ରାପ୍ତି ସୁଦ୍ଧା ସ୍ୱୀକାର କରିଲେ ନାହିଁ । କୁଆଡ଼େ ଗଲେ ଓଡ଼ିଆ ଐତିହ୍ୟ ସଂରକ୍ଷଣ ପାଇଁ କାନ୍ଦୁଥିବା ଓଡ଼ିଆ ଭାଇମାନେ ?

କେତେକ ରକ୍ଷଣଶୀଳ ଭାବିଥାନ୍ତି ପୁରାତନର ସ୍ମୃତିରେ ନୂତନ ସୃଷ୍ଟି, ସଂରକ୍ଷଣ ନୁହେଁ । ଆହୁରି ପାଦେ ଆଗେଇ କେତେକ ଭାବିଥାନ୍ତି ଅବିକଳ ନକଲ ନହେଲେ ସ୍ମୃତି ରକ୍ଷା ହେଲା ନାହିଁ । ଦ୍ୱିତୀୟ ଧାରଣାଟି ସତ୍ୟ ହୋଇଥିଲେ ଆଜି ରାମ ମନ୍ଦିର ଗଢା ହୁଅନ୍ତା ନାହିଁ ଏବଂ ଗୁଜରାଟରେ ସୋମନାଥ ମନ୍ଦିର ୮ଥର ଭାଙ୍ଗିଲେ ସୁଦ୍ଧା ପୁନର୍ନିର୍ମାଣ ହୁଅନ୍ତା ନାହିଁ । ଅବିକଳ ନକଲ ସମ୍ଭବ ହେଲେ ତାହା ସ୍ମରଣିକା ପଦବାଚ୍ୟ ହୋଇ ପରେ କିନ୍ତୁ ଆର୍ଟ ହିସାବରେ ନୁହେଁ । ଉଦାହରଣ: ତାଜମହଲର ୮ଟି ନକଲ ହେଲାଣି, ପ୍ରସିଦ୍ଧ ଚିତ୍ର ମୋନାଲିସାର ଶହ ଶହ କପି ହୋଇଛି କିନ୍ତୁ କେହି ମୂଳର ମାନ୍ୟତା ପାଇନାହାନ୍ତି । ଅଥଚ ମୂଳର ସୌରଭ ଥାଇ ନୂତନ ସୃଷ୍ଟି ଆଦର ଲାଭ କରିଛି । Coventry Cathedral କଥା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିଛି; ଦିଲ୍ଲୀର lotus temple ସେଇ ଧାରାରେ ଗଣା ହେବ । ଇସ୍କନ ଗଢୁଥିବା ୫୦୦ ଫୁଟ ଉଚ୍ଚ ମନ୍ଦିର Indo-Aryan ହୋଇ ମଧ୍ୟ ଅତ୍ୟାଧୁନିକ । ଏପରି intangible conservation କୁ ୟୁନେସ୍କୋ ମଧ୍ୟ ମାନ୍ୟତା ଦେଉଛି ।

ଏ ଦେଶକୁ ମୋର କ୍ଷୁଦ୍ର ସେବା, *ଅର୍କକ୍ଷେତ୍ର କୋଣାର୍କ* ଯାହାର ଦ୍ୱିତୀୟ ସଂସ୍କରଣ ହୋଇଯାଇଛି; *The Sun Temple of Konark* ଯାହା ବିଶ୍ୱ ପରିଚିତି ଲାଭ କରିଛି ଏବଂ ଗଠନ କରିଥିବା Kalinga Heritage Preservation Trust (KHPT) ମୋର ସୃଷ୍ଟି ହେଲେ ମଧ୍ୟ ଏଠାରେ ସମାବେଶ ଘଟିଛି କେତେକ ଖ୍ୟାତିମାନ ସ୍ଥପତି, ଭାସ୍କର, ଐତିହାସିକ, ଗବେଷକ, ଇଂଜିନିୟର, ପ୍ରସ୍ତର ବିଶେଷଜ୍ଞ, କବି, ଶିଳ୍ପୀ ଓ ବୁଦ୍ଧିଜୀବିଙ୍କ । ମୁଁ ବିଶ୍ୱାସ କରେ ଐତିହ୍ୟ ସଂରକ୍ଷଣ ଗୋଟିଏ multidiscipline କାର୍ଯ୍ୟ । ବିଗତ ଦଶବର୍ଷରେ ଯେଉଁସବୁ କାର୍ଯ୍ୟ କରିଛୁ, ତାହା ସଂରକ୍ଷଣରେ ଯୁକ୍ତ ଅଥବା ନବନିର୍ମାଣରେ ଆଗ୍ରହୀମାନଙ୍କ ପାଇଁ ମୂଲ୍ୟବାନ ଦସ୍ତାବେଜ । ସୁଉପଯୋଗ ହେଲେ ଏ ବର୍ଦ୍ଧିତ ବୟସରେ ଶ୍ରମ ସାର୍ଥକ ହେବ ।

ଲେଖକ : *Arka Kshetra Konarka* & *The Sun Temple of Konark*

ଇମେଲ୍ – anildey1931@gmail.com

Chairman, Kalinga Heritage Preservation Trust

ଭ୍ରାମ୍ୟଭାଷ : ୯୪୩୯୩୭୬୮୫୨

ଅରୁଣୋଦୟ ନଗର, କଟକ, ୭୫୩୦୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନଭେମ୍ବର ବିପ୍ଳବ



ଅସିତ ମହାନ୍ତି

୧୯୧୭ରେ ସମ୍ପନ୍ନ ହୋଇଥିବା ମହାନ ଋଷ ବିପ୍ଲବର ୧୦୪ତମ ବାର୍ଷିକୀ ପୁରା ବିଶ୍ୱରେ ପାଳନ କରାଯାଉଛି । ନଭେମ୍ବର ୭ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ଐତିହାସିକ ଦିବସଟିକୁ ପୁରା ବିଶ୍ୱରେ ପାଳନ କରାଯାଏ । ଏହି ୧୦ ଦିନ ଭିତରେ ପୁରା ଦୁନିଆ ହଲି ଯାଇଥିଲା । ୧୯୧୭ ମସିହା ୦୭ ନଭେମ୍ବରରେ, ସୋଭିଏତ୍ ଋଷରେ ମହାନ ବୈଜ୍ଞାନିକ ସମାଜବାଦୀ ବିପ୍ଲବ ସମ୍ପର୍ଣ୍ଣ ହୋଇଥିଲା ଏବଂ ସେଠାକାର ଗରିବ ଚାଷୀମୁଲିଆ ମାନଙ୍କର ମସିହା ଏବଂ କ୍ରାନ୍ତିର ଅଗ୍ରଦୂତ ଭ୍ଲାଡିମିର୍ ଇଲିଚ୍ ଲେନିନଙ୍କ ନେତୃତ୍ୱରେ ଏକ ନୂତନ ମାନବତା, ନୂତନ ସଭ୍ୟତା ଏବଂ ଏକ ନୂତନ ସଂସ୍କୃତି ଜନ୍ମ ନେଇଥିଲା । ବିଶ୍ୱ ଇତିହାସରେ, ସାମ୍ରାଜ୍ୟବାଦୀ ତଥା ପୁଞ୍ଜିପତିଙ୍କ ଶକ୍ତି ଏବଂ ସତ୍ତାକୁ ପଲଟାଇ ଦିଆଗଲା ଏବଂ ସେଠାରେ କୃଷକ ଏବଂ ଶ୍ରମିକମାନଙ୍କର ଶକ୍ତି ଏବଂ ସରକାର ଜନ୍ମ ହେଲା ଏବଂ ମାନବ ଇତିହାସରେ ପ୍ରଥମ ଥର ପାଇଁ କୃଷକ ଏବଂ ଶ୍ରମିକମାନେ ସେମାନଙ୍କ ଭାଗ୍ୟର ସୃଷ୍ଟିକର୍ତ୍ତା ହେଲେ ଏବଂ ସେମାନେ ମଧ୍ୟ ନୂତନ ମାନବ କଲ୍ୟାଣ, ସାଧାରଣ ଜନକଲ୍ୟାଣ, ଜନସାଧାରଣ ଉପଯୋଗି ସମାନତା ସପକ୍ଷରେ ଏପରି କିଛି ନୀତି ଜନ୍ମ ଦେଇଥିଲେ, ଯାହାର ବିବରଣୀ ନିମ୍ନଲିଖିତ-

ଅକ୍ଟୋବର ବିପ୍ଲବ ପରେ କ୍ଷମତାକୁ ଆସିଥିବା ମହାନ ସୋଭିଏତ୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରକାର ଏହାର ଦେଶ ତଥା ସମାଜର ସମସ୍ତ ନାଗରିକଙ୍କୁ ସୁରକ୍ଷାର ଗ୍ୟାରେଣ୍ଟି ପ୍ରଦାନ କରିଥିଲେ, ରୋଗୀଙ୍କୁ ମାଗଣା ଚିକିତ୍ସା ଏବଂ ବୃଦ୍ଧାବସ୍ଥା ପେନସନର ଗ୍ୟାରେଣ୍ଟି ପ୍ରଦାନ କରିଥିଲେ, ବୈପ୍ଳବିକ ସରକାର ଶୋଷିତ ଜନତାଙ୍କ ହୃଦୟ ଓ ମନରୁ ହଜାର ହଜାର ବର୍ଷର ଭୟକୁ ହଟାଇ ଦେଇଥିଲେ । ଏହା ବେକାରୀ, ଅନ୍ୟାୟ, ଶୋଷଣ, ଭେଦଭାବ, ରୋଗ, ବୃଦ୍ଧାବସ୍ଥା ଏବଂ ଅବନତିର ଭୟ ଥିଲା । ପୁଞ୍ଜିବାଦୀ ବ୍ୟବସ୍ଥା ଅସୁରକ୍ଷିତତା, ଶୋଷଣ, ଭେଦଭାବ ଏବଂ ଅନ୍ୟାୟର ମୂଳଦୁଆ ଉପରେ ନିର୍ମିତ, ତାପରେ ସମାଜବାଦୀ ବ୍ୟବସ୍ଥା ସେହି ସମସ୍ତ ବିକୃତି ଏବଂ ଅନାବଶ୍ୟକ ଭୟର ମୂଳଦୁଆର ଅନ୍ତ କରିଦେଇଥିଲା । ନୂତନ ବୈପ୍ଳବିକ ସମାଜବାଦୀ ବ୍ୟବସ୍ଥା ସ୍ୱାର୍ଥପରତା ଭାବନାକୁ ଦୁରକରି ସମସ୍ତଙ୍କୁ ସମାନ କଲା । ବୁଦ୍ଧି ଏବଂ ଚେତନାକୁ ମୁକ୍ତ କରି ଦେଶର ସମସ୍ତ ନାଗରିକଙ୍କୁ ଭଲ କାରିଗର, ଟେକନିସିଆନ, ଇଞ୍ଜିନିଅର, ଡାକ୍ତର ଏବଂ ଉଚ୍ଚକୋଟୀର ବୁଦ୍ଧିଜୀବୀ ଏବଂ ସବୁଠାରୁ ବଡ଼କଥା ହେଉଛି ପ୍ରତ୍ୟେକ ନାଗରିକଙ୍କୁ ଉପଯୁକ୍ତ ମନୁଷ୍ୟ ଭାବେ ତିଆରି କରିଦେଇଥିଲା । ଲୋକମାନଙ୍କର ଚିନ୍ତା ଚେତନାରେ ଭିତରେ କରୁଣା, ଦୟା, ସହିଷ୍ଣୁତା ଆଦି ମାନବୀୟ ଗୁଣ ସହିତ ସମସ୍ତେ ମିଳିମିଶି ରହିବା, ମିଳିମିଶି ଖିଆପିଆ ଏବଂ ଶାନ୍ତିପୂର୍ଣ୍ଣ ଭାବେ ରହିବାର ଅଭ୍ୟାସ ଶିଖାଇ ଦେଇଥିଲା । ନୂଆ କ୍ରାନ୍ତିକାରୀ ନୀତି ସହାୟତାରେ ପିଲାମାନଙ୍କଠାରୁ ଆରମ୍ଭକରି ସ୍ତ୍ରୀ - ପୁରୁଷ ସମସ୍ତଙ୍କୁ ଶିଖାଇଦେଲା ଯେ ସମାଜରେ ଉତ୍ପନ୍ନ ହେଉଥିବା ସବୁକିଛି ବ୍ୟକ୍ତିଗତ ନୁହେଁ ବରଂ ଏହା ସମସ୍ତଙ୍କର । ଏଠାକାର ସଂସ୍କୃତି ସମସ୍ତଙ୍କର, ଏହାର ମାଲିକ କେହି ଜଣେ ନୁହନ୍ତି । ଏହି ନୂଆ ବ୍ୟବସ୍ଥା ଋଷର ଲୋକମାନଙ୍କୁ "ମୋର" ସ୍ଥାନରେ "ଆମର" କହିବା ଶିଖାଇ ଦେଇଥିଲା । ସମସ୍ତଙ୍କ ମୁହଁରୁ ଶୁଣିବାକୁ ମିଳିଲା- ଆମ ଦେଶ, ଆମ କାରଖାନା, ଆମ ଜମି, ଆମ ଦୋକାନ, ଅର୍ଥାତ ସବୁକିଛି ଆମର, ଆମ ଦେଶର ଏବଂ ମୁଁ, ମୋର ଭଳି ସ୍ୱାର୍ଥି ଶବ୍ଦଗୁଡିକୁ ସବୁଦିନ ପାଇଁ ଶେଷ କରି ଦିଆଯାଇଥିଲା । ସମାଜବାଦୀ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ବିଚାରଧାରା ଏହି ଉନ୍ନତ ଏବଂ ମାନବୀୟ ସଂସ୍କୃତିର ମଞ୍ଜି ବୁଣିଦେଇଥିଲା । କାର୍ଯ୍ୟ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଥିଲା, କୌଣସି ପୁରୁଷ କିମ୍ବା ସ୍ତ୍ରୀ ନିଷ୍କ୍ରିୟ ରହିପାରିବେ ନାହିଁ, ସମସ୍ତଙ୍କୁ ଶ୍ରମର ପ୍ରତିଷ୍ଠାର ଶିକ୍ଷା ଦିଆଗଲା, କାର୍ଯ୍ୟ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ କରାଗଲା, କୌଣସି କାମ ଛୋଟ ନୁହେଁ, ପ୍ରତ୍ୟେକ କାର୍ଯ୍ୟର ଗୁରୁତ୍ୱ ରହିଛିର ଚିନ୍ତାଧାରା ବିକଶିତ କରାଗଲା । ସେଠାରେ ଅଧ୍ୟୟନ ଏବଂ କାର୍ଯ୍ୟ କରିବାର ଇଚ୍ଛା ପିଲାମାନଙ୍କଠାରେ ବିକଶିତ କରାଗଲା । ଦାରିଦ୍ର୍ୟ ହେଉଛି ସମସ୍ତ ଅପରାଧର ଜନନୀ, ତେଣୁ ସେଠାରେ ଦାରିଦ୍ର୍ୟ ଦୂରୀକରଣ କରି ସମସ୍ତ ମନ୍ଦତା ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦିଆଗଲା ଏବଂ ଜୀବନର ମୌଳିକ ଆବଶ୍ୟକତା ସମସ୍ତଙ୍କ ପାଇଁ ଉପଲବ୍ଧ ହେଲା, ଯାହାଫଳରେ ସେଠାରେ ଭିକାରୀ, ବଞ୍ଚିତ ଲୋକ, ରାତିରେ ଭୋକରେ ଶୋଇବାକୁ ଯାଉଥିବା ଲକ୍ଷ ଲକ୍ଷ ଲୋକଙ୍କ ବିକୃତ ସଂସ୍କୃତି ସୃଷ୍ଟି ହୋଇପାରିଲା ନାହିଁ, ସମସ୍ତଙ୍କୁ ଶିକ୍ଷା, ଖାଦ୍ୟ ଏବଂ ରୋଜଗାରର ଗ୍ୟାରେଣ୍ଟି ଦିଆଗଲା, ଏହିପରି ଭାବରେ ଅପରାଧର ସମସ୍ତ ରାସ୍ତା ବନ୍ଦ ହୋଇଯାଇଥିଲା ଏବଂ ସେହି ସବୁ ପରିସ୍ଥିତି ଦେଶରୁ ହଟାଯାଇଥିଲା । ଏହାର ନାଗରିକମାନଙ୍କ ମଧ୍ୟରେ ଜାତି, ରଙ୍ଗ, ବୃତ୍ତିର ଭେଦଭାବ ଏବଂ ପାର୍ଥକ୍ୟ ବିଲୋପ ହେଲା । ସମସ୍ତ ମଣିଷ ଭାଇ- ଭାଇ, ସମସ୍ତଙ୍କ ପାଇଁ କାମ ଅଛି, ସମସ୍ତେ ସମସ୍ତଙ୍କ ପାଇଁ ଏବଂ ସବୁକିଛି ଦେଶର ପ୍ରତ୍ୟେକ ନାଗରିକଙ୍କ ପାଇଁ, ଏହି ଭାବନା ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲା । ସେଠାରେ ଥିବା ପ୍ରତ୍ୟେକ ନାଗରିକଙ୍କୁ ସୁସ୍ଥ, ବିକଶିତ ଏବଂ ଶକ୍ତିଶାଳୀ କରାଯାଇଥିଲା । ବିଶ୍ୱର ପଛୁଆ ଜାତି ଏବଂ ଶ୍ରେଣୀ ପାଇଁ ସୋଭିଏତ୍ ୟୁନିଅନ୍ ସମାନତାର ଦେଶ ହୋଇଗଲା ଏବଂ ସେଠାରେ ସମାନତା ଏବଂ ସାମ୍ୟବାଦର ମଞ୍ଜି ବୁଣାଗଲା । ମେହେନତି ଲୋକମାନଙ୍କ ପାଇଁ ସତେ ଯେପରି ସ୍ୱର୍ଗ ପୃଥିବୀକୁ ଅଣାଯାଇଥିଲା । ବିପ୍ଳବ ପରେ ନୂତନ ମାନବିକତା, ନୂତନ ସଭ୍ୟତା ଏବଂ ସଂସ୍କୃତିର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉପଯୋଗ କରାଯାଇଥିଲା । ଋଷର ସମାଜବାଦୀ ବିପ୍ଲବ ଏହି ସମସ୍ତ ଗୁଣର ଏକ ବଡ଼ ଧରଣର ପରିବର୍ତ୍ତନ ଆଣିଥିଲା । ଏହି ସମସ୍ତ ଜିନିଷ ସମଗ୍ର ବିଶ୍ୱ ପାଇଁ ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ ଏବଂ ଅବିଶ୍ୱାସନୀୟ ଥିଲା, କିନ୍ତୁ ଏହା ସଂପୂର୍ଣ୍ଣ ସତ୍ୟ ଏବଂ ବାସ୍ତବ ମଧ୍ୟ ଥିଲା । ଏକ ନୂତନ ସଭ୍ୟତା ଏବଂ ସଂସ୍କୃତି ପ୍ରଚଳିତ ହେଲା ଯଥା ସମତା, ସମାନତା ଏବଂ ଭାଇଚାରାର ଯୁଗ ଆରମ୍ଭ ହେଲା । ଋଷ ବିପ୍ଲବ ପରେ ବିଜ୍ଞାନ ଏବଂ ବୈଜ୍ଞାନିକ ସଫଳତା ମନୁଷ୍ୟର ସେବାରେ ରଖାଗଲା । ମେସିନ୍ ଦ୍ୱାରା ମାନବ ଶ୍ରମ ସହଜ ହେଲା, ମେସିନ୍ ମାନବଙ୍କ ସେବାରେ ରଖାଗଲା । ରୁଷ ବିପ୍ଲବ ଜୀବନର ସୁରକ୍ଷାକୁ ନିଶ୍ଚିତ କରିଥିଲା । ବୈଜ୍ଞାନିକ, ଆଧୁନିକ ଏବଂ ଆବଶ୍ୟକ ଶିକ୍ଷା ଆରମ୍ଭ କରାଗଲା । ମହିଳାଙ୍କୁ ଉପଯୁକ୍ତ ସମ୍ମାନ ସହିତ ବେଶ୍ୟା ବୃତ୍ତି ସମ୍ପୂର୍ଣ୍ଣ ଭାବେ ନିପାତ ହୋଇଥିଲା । ଋଷ ବିପ୍ଲବ ସମସ୍ତଙ୍କୁ ମାଗଣା ଏବଂ ଆଧୁନିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଯୋଗାଇଲା, ସମସ୍ତଙ୍କୁ ସାମାଜିକ ଭାବରେ ଉପଯୋଗୀ ଶିକ୍ଷା ବିନା ପଇସାରେ ଯୋଗାଇ ଦିଆଗଲା । ପିଲାମାନେ ସର୍ବୋତ୍ତମ ନାଗରିକ ଏବଂ ମଣିଷ ହେବା ପାଇଁ ଶିକ୍ଷିତ ହୋଇଥିଲେ । ଏପରି ବିକାଶ ଦେଖି ପୃଥିବୀର ପ୍ରତିଭା ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ ସେମାନଙ୍କର ସକାରାତ୍ମକ ବକ୍ତବ୍ୟ ଦେଇଯାଇଛନ୍ତି ଯାହା ଇତିହାସର ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି । ଏମାନଙ୍କ ମଧ୍ୟରୁ ବିପ୍ଲବ ପୂର୍ବରୁ ଏବଂ ବିପ୍ଲବ ସମ୍ପର୍ଣ୍ଣ ହେବା ପରେ ମନୀଷୀ ରହିଛନ୍ତି । ସହିଦ ଭଗତ ସିଂ, ନେତାଜୀ ସୁଭାଷ ବୋଷ, ଉତ୍କଳମଣି ଗୋପବନ୍ଧୁ ଦାସ, ରବୀନ୍ଦ୍ର ନାଥ ଠାକୁର, ଆଲବର୍ଟ ଆଇନଷ୍ଟାଇନ, ମାକସିମ ଗୋର୍କୀ, ଚାର୍ଲି ଚାପଲିନ, ରୋମାଁ ରୋଲା, ମହାତ୍ମା ଗାନ୍ଧୀ, ବର୍ଣ୍ଣାଡ଼ ଶ, ଜବାହାରଲାଲ ନେହେରୁ, ପ୍ରେମଚାନ୍ଦ, ପଲ ରବଶନ, ନେଲେସନ ମେଁଡେଲା । ମେଘନାଦ ସାହା ଏବଂ ହେଲେନ୍ କେଲରଙ୍କ ଭଳି ବ୍ୟକ୍ତିତ୍ୱ ରୁଷର ଆଶ୍ଚର୍ଯ୍ୟ ପ୍ରକାର ପରିବର୍ତ୍ତନ ପ୍ରତି ଆକୃଷ୍ଟ ହୋଇ ପ୍ରଶଂଶା କରିଯାଇଛନ୍ତି ।

ସୁଜନପୁର, ଯାଜପୁର , ୯୩୪୮୭୬୮୧୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଓଡ଼ିଶାର ପ୍ରଥମ ବାଚସ୍ପତି



ଅକ୍ଷୟ କୁମାର ରାଉତ

ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଅନେକ ସଂଗ୍ରାମୀ ବଳି ପଡିଗଲେ । ସେମାନଙ୍କ ଭିତରୁ ଅନେକ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଆପୋଷହୀନ ଭାବରେ ଲଢେଇ କରୁଥିଲେ । ଦେଶସେବା ଥିଲା ସେମାନଙ୍କର ଜୀବନର ବ୍ରତ । ଏହିଭଳି ଯେଉଁ କେତେଜଣ ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ନିଜ ନୀତିରୁ ବିଚ୍ୟୁତ ହୋଇ ନଥିଲେ । ମୁକୁନ୍ଦ ପ୍ରସାଦ  ଦାସ ସେମାନଙ୍କ ଭିତରୁ ଥିଲେ ଅନ୍ୟତମ ।

ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ ନିକଟରେ ଏକ ଛୋଟ ଗାଁ ପାବର୍ତୀପୁର । ଏହି ଗାଁରେ ଏକ ସଂଭ୍ରାନ୍ତ କରଣ ବଂଶରେ ୧୮୮୭ ମସିହା ଅଗଷ୍ଟ ମାସ ୧୨ ତାରିଖରେ ହର ପ୍ରସାଦ ଦାସଙ୍କ ବଡ ପୁତ୍ରରୂପେ ଜନ୍ମ ଗ୍ରହଣ କଲେ ମୁକୁନ୍ଦ ପ୍ରସାଦ । ତାଙ୍କର ଦୁଇଭାଇ ଓ ଗୋଟିଏ ଭଉଣୀ ମଧ୍ୟ ଥିଲେ । ମୁକୁନ୍ଦ ପ୍ରାସଦ ଗାଁରୁ ପାଠପଢା ଆରମ୍ଭ କରି ସୋର ମାଇନର ସ୍କୁଲରେ ପାଠପଢିଲେ । ମାଲବାହୀ ରେଳଗାଡିରେ ବସି ମାଇନର ପରୀକ୍ଷା ଦେବା ପାଇଁ ଭଦ୍ରକ ଯାଇଥିଲେ । ମୁକୁନ୍ଦ ପ୍ରସାଦ ଜଣେ କୃତି ଛାତ୍ର ଥିଲେ । ସେ ତାଙ୍କର ପିଉସାଙ୍କ ନିକଟରେ ରହି ବାଲେଶ୍ୱର ମିଶନ  ସ୍କୁଲରେ ମେଟ୍ରିକ ପାଠ ପଢୁଥିଲେ । ତାଙ୍କ ପିତା ଜଣେ ପ୍ରଥମିକ ଶିକ୍ଷକ ଥିବାରୁ ମୁକୁନ୍ଦ ପ୍ରସାଦ ପିଉସାଙ୍କ ଉପରେ ନିର୍ଭର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରୁଥିଲେ । ପିଉସା ମେସ୍ ଖର୍ଚ୍ଚ ବାବଦକୁ ଦିନକୁ ୬ ପଇସା ଦେଉଥିଲେ । ମୁକୁନ୍ଦ ପ୍ରସାଦ ଭଦ୍ରକରୁ ନୌକାରେ ଆସି କଟକରେ ମେଟ୍ରିକ ପରୀକ୍ଷା ଦେଇ ମେଟ୍ରିକ ପାସ୍ କରିଥିଲେ । ମୁକୁନ୍ଦ ପ୍ରସାଦ ଆର୍ଥିକ ଅଭାବ ଯୋଗୁ କଲେଜରେ ପଢ଼ିପାରି ନଥିଲେ । ସେ ଘରୋଇ ଭାବେ ପାଢ଼ପଢ଼ି କଲିକତାରେ ମୁକ୍ତ୍ୟାର ପରୀକ୍ଷା ଦେଇ ସଫଳତାର ସହ କୃତକାର୍ଯ୍ୟ ହେଲେ । ବାଲେଶ୍ୱରସ୍ଥ ଝାଡେଶ୍ୱର ମନ୍ଦିର ନିକଟରେ ଗୋଟିଏ ଭଡାଘର ନେଇ ମୁକ୍ତ୍ୟାର କାର୍ଯ୍ୟ ଆରମ୍ଭ କରିଥିଲେ । ସେ ଥିଲେ ଜଣେ ସ୍ୱାଧୀନଚେତା ନିର୍ଭୀକ ସତ୍ୟର ପୂଜାରୀ ମଣିଷ, ଅତି କମ୍ ଦିନ ମଧ୍ୟରେ ସେ ଜଣେ ନାମଜାଦା ମୁକ୍ତ୍ୟାର ଓ ଆଇନଜୀବୀ ଭାବେ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ଲାଭ କଲେ । ଥରେ କୌଣସି ଏକ କେସ୍ ସମ୍ବନ୍ଧରେ କଲିକତା ଯାଇଥିଲେ, ଯିବା ପୂର୍ବରୁ ସମସ୍ତଙ୍କୁ କହିଥିଲେ ଯଦି ଏହି କେସରେ ସେ ହାରିଯାଆନ୍ତି, ତେବେ ସେ ପବିତ୍ର ଗଙ୍ଗା ନଦୀରେ ଆତ୍ମ ବିସର୍ଜନ କରିବେ, କିନ୍ତୁ ସେ କେସରେ ବିଜୟୀ ହୋଇ ଖୁସିରେ ଘରକୁ ଫେରିଲେ ।

ଦିନେ ବାଲେଶ୍ୱରର କଲେକ୍ଟର ଦେବ ସାହେବଙ୍କୁ ଏସ୍.ଡି.ଓ.ଙ୍କ କୋର୍ଟରେ ସାକ୍ଷୀ ଦେବାକୁ ପଡିଲା । ମୁକ୍ତ୍ୟାର ଭାବେ ମୁକୁନ୍ଦ ପ୍ରସାଦ ଦେଖିଲେ ଯେ କଲେକ୍ଟର ଏସ୍.ଡି.ଓ.ଙ୍କ ନିକଟରେ ଏକ ଚଉକି ଉପରେ ବସିଛନ୍ତି । ତେଣୁ ମୁକୁନ୍ଦ ପ୍ରସାଦ କିଛି ପଚାରି ପାରିଲେ ନାହିଁ । ବିଳମ୍ବ ହେତୁ ଏସ୍.ଡି.ଓ. ମୁକ୍ତ୍ୟାର ମୁକୁନ୍ଦ ପ୍ରସାଦଙ୍କୁ ପଚାରିଲେ ସାହେବ ତ ଅନେକ ବେଳୁ ଆସିଲେଣି । ଆପଣ ତାଙ୍କୁ ପଚାରିବାର ଯାହା ଅଛି ଡେରି ନକରି ପଚାରନ୍ତୁ । ମାତ୍ର ମୁକ୍ତ୍ୟାର ଜଣକ ସ୍ୱଷ୍ଟ ଭାବେ କହିଲେ- କଲେକ୍ଟର ସାକ୍ଷୀଦେବା ସ୍ଥାନରେ ଛିଡା ହେଲା ପରେ ସେ ତାଙ୍କୁ କିଛି ପଚାରିବେ । ଏହି କଥାରେ କଲେକ୍ଟର ସାହେବ ରାଗି, ସାକ୍ଷୀ ଗଡାକୁ ଯାଇ ଛିଡା ହେଲେ । ଏହାପରେ ମୁକ୍ତ୍ୟାର ତାଙ୍କୁ ଜେରା କରିଥିଲେ । ଏହି ନିର୍ଭୀକ ଓ ସ୍ପଷ୍ଟବାଦୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁକ୍ତ୍ୟାର ଜଣକ ହେଉଛନ୍ତି ଆମ ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ ।

ମୁକୁନ୍ଦ ପ୍ରସାଦ କଠୋର ପରିଶ୍ରମ କରି ଜଣେ ସଫଳ ସଚ୍ଚୋଟ ଓ ନିଷ୍ଠାପର ଆଇନଜୀବୀ ଭାବେ ଦକ୍ଷତା ପ୍ରତିପାଦନ କରି ସାରିବା ପରେ, ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ରଙ୍କ କନ୍ୟା ଜାହ୍ନବୀ ଦେବୀଙ୍କୁ ବିବାହ କରିଥିଲେ । ଜାହ୍ନବୀ ଦେବୀ ଥିଲେ ଜଣେ ନାରୀ ନେତ୍ରୀ । ପରବର୍ତ୍ତୀ ସମୟରେ ସେ ମୁକୁନ୍ଦ ପ୍ରସାଦଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ।

ପରାଧୀନ ଭାରତବର୍ଷରେ ସାଧାରଣ ଲୋକେ ଇଂରେଜ ସରକାରଙ୍କ କଠୋର କୁଶାସନ ଓ ଅନ୍ୟାୟ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ । ମୁକୁନ୍ଦ ପ୍ରସାଦ ଆଇନ ମାଧ୍ୟମରେ ନିର୍ଭୀକ ସ୍ୱର ଉତ୍ତୋଳନ କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ । ବିନା ଅପରାଧରେ ସରଳ ସୁନ୍ଦର ଲୋକମାନେ ନାନା କଷ୍ଟ ଭୋଗ କରୁଥିଲେ । ମୁକୁନ୍ଦ ପ୍ରସାଦ ବିନା ପଇସାରେ ଅନେକ ମକଦ୍ଦମା ଲଢି ପ୍ରକୃତ ନ୍ୟାୟ ଲୋକମାନଙ୍କୁ ଦେଇ ପାରୁଥିଲେ । ଏଥିରେ ବାଲେଶ୍ୱର କଲେକ୍ଟର, ମୁକୁନ୍ଦ ପ୍ରସାଦଙ୍କ ଉପରେ ଅସନ୍ତୁଷ୍ଟ ହୋଇ ମିଥ୍ୟା ମକଦ୍ଦମା ଦାଏର କଲେ । ଏହି ମିଥ୍ୟା ମକଦ୍ଦମାରୁ ଉଦ୍ଧାର ପାଇବା ପାଇଁ ମୁକୁନ୍ଦ ପ୍ରସାଦ ମଧୁ ବାବୁଙ୍କର ସହାୟତା ଲୋଡିଲେ । ମୁକୁନ୍ଦ ପ୍ରସାଦଙ୍କ ବିଚାର ଦିନ ବାଲେଶ୍ୱର ଅଦାଲତରେ ମଧୁବାବୁ ପଂହଚି ଦେଖିଲେ ମିଶଲରେ ଜଜ୍‌ଙ୍କ ନିକଟରେ କଲେକ୍ଟର ବସିଛନ୍ତି । ତେଣୁ କାହାକୁ କିଛି ନକହି ଡାକବଙ୍ଗଳାକୁ ଚାଲିଗଲେ । ଏହାପରେ ଜଜ୍ ବିବ୍ରତ ହୋଇ ପେସ୍କାରଙ୍କୁ ପ୍ରକୃତ କାରଣ କଣ ବୁଝିବା ପାଇଁ ମଧୁବାବୁଙ୍କ ନିକଟକୁ ପଠାଇଲେ । ମଧୁବାବୁ ପେସ୍କାରଙ୍କୁ ଦେଖି ଚଢା ଗଳାରେ କହିଲେ, "ତୁମ ଜଜଙ୍କୁ କହିଦେବ, ସେ ବ୍ରିଟିସ୍ କ୍ରାଉନ୍‌ଙ୍କୁ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଅପମାନିତ କରିଛନ୍ତି ଯେଉଁ ସରକାରୀ କର୍ମଚାରୀ କ୍ରାଇନଙ୍କୁ ଅପଦସ୍ତ କରେ, ସେ ସରକାରୀ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହେଁ । ତେଣୁ ତୁମ ଜଜ୍ ତାଙ୍କ ପଦବୀରେ ରହିବା ଅନୁଚିତ । ଜଜ୍ ମୁଦାଲାକୁ ନିଜ ପାଖରେ ମିଶଲରେ ବସାଇ ଅନ୍ୟାୟ କରିଛନ୍ତି, ତେଣୁ ମୁଁ ଚାଲି ଅସିଲି” ପେସ୍କାର ମଧୁବାବୁଙ୍କ କଥା ଜଜ୍‌ଙ୍କୁ ଜଣାଇବାରୁ ଜଜ୍ ନିଜର ଭୁଲ ବୁଝିପାରିଲେ ଓ ମଧୁବାବୁଙ୍କୁ ବଙ୍ଗଳାରେ ଦେଖାକରି ଭୁଲସ୍ୱୀକାର କଲେ । ଯଥା ସମୟରେ ଜଜ୍ ନିଜର ରାୟ ଘୋଷଣା କରି ମୁକୁନ୍ଦ ପ୍ରସାଦଙ୍କୁ ନିର୍ଦ୍ଦୋଷରେ ଖଲାସ କଲେ ।

ମୁକୁନ୍ଦ ପ୍ରସାଦ ଛାତ୍ର ଥିବା ବେଳେ ୧୯୦୭ ମସିହାରେ ଉତ୍କଳ ୟୁନିୟନ କଂଗ୍ରେସ ଦ୍ୱାରା ପରିଚାଳିତ ଦେଶ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲେ । ବ୍ରିଟିଶ ଶାସକଙ୍କ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ । ଜଣେ ବିଶିଷ୍ଟ ସମାଜ ସେବୀ ଓ ସ୍ୱାଧୀନତାସଂଗ୍ରାମୀ ଭାବରେ ତାଙ୍କର ପତ୍ନୀ, ପୁତ୍ର ଓ କନ୍ୟା ସମସ୍ତଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରାଇଥିଲ । ସେ ହରେକୃଷ୍ଣ ମହତାବଙ୍କର ଜଣେ ଘନିଷ୍ଠ ସହେଯାଗୀ ହୋଇଯାଇଥିଲେ । ମୁକୁନ୍ଦ ପ୍ରସାଦଙ୍କ ବାସଭବନ ପାଲଟି ଯାଇଥିଲା, କଂଗ୍ରେସର ବହୁନେତା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଘରୋଇ ଅଫିସ୍ । ତାଙ୍କ ଘରେ ମହାତ୍ମା ଗାନ୍ଧୀ, ଜୟପ୍ରକାଶ ନାରାୟଣ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ଅନେକ ବଡ ବଡ ଜାତୀୟବାଦୀ ନେତା ଅତିଥି ହୋଇଥିଲେ । ଉତ୍କଳ ସମ୍ମିଳନୀରେ ମୁକୁନ୍ଦ ପ୍ରସାଦ ଓଡିଶାର ଗମନାଗମନ, ବାଣିଜ୍ୟ ଓ ଶିକ୍ଷାର ଉପରେ ଗୁରୁତ୍ୱ ଦେଉଥିଲେ ।

ଥରେ ମୁକୁନ୍ଦ ପ୍ରସାଦଙ୍କୁ ଇଂରଜ ସରକାର ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କଲେ । ଏହି କେସରେ ଲଢିବା ପାଇଁ ବିଶିଷ୍ଟ ଆଇନଜ୍ଞ ଓ ସ୍ୱାଧୀନତା ସଂଗ୍ରାମୀ ଚିତ୍ତରଂଜନ ଦାସ ଦାୟିତ୍ୱ ନେଲେ, ବହୁଦିନ ପର୍ଯ୍ୟନ୍ତ ବିଚାର ଚାଲିଲା । ଶେଷରେ ମୁକୁନ୍ଦ ପ୍ରସାଦ ନିର୍ଦ୍ଦୋଷରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖଲାସ ହେଲେ ।

୧୯୨୭ ମସିହାରେ ମହାତ୍ମା ଗାନ୍ଧୀ ଓଡିଶା ଗସ୍ତରେ ଆସି ଡିସେମ୍ବର ୧୪ ତାରିଖ ଦିନ ମୁକୁନ୍ଦ ପ୍ରସାଦଙ୍କ ଘରେ ଅତିଥି ହୋଇ, ବାଲେଶ୍ୱରର ବିଭିନ୍ନ ସଭାସମିତିମାନଙ୍କରେ ଭାଷଣ ଦେଇଥିଲେ । ମୁକୁନ୍ଦ ପ୍ରସାଦ ବାଲେଶ୍ୱର ଷ୍ଟେସନ ପଡିଆଠାରେ ଏକ ବିରାଟ ସଭାର ଆୟୋଜନ କରିଥିଲେ । ମହାତ୍ମା ଗାନ୍ଧୀ ଏହି ସଭାରେ ଭାଷଣ ଦେଇଥିଲେ । ଏହି ସଭାରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, ସୁଭଦ୍ରା ମହତାବ, ନନ୍ଦକିଶୋର ଦାସ ଓ ନୀଳାମ୍ବର ଦାସ ସମେତ ବହୁ ବିଶିଷ୍ଟ ନେତା ଓ କଂଗ୍ରେସର କର୍ମୀ ଯୋଗ ଦେଇଥିଲେ । ଏହାପରେ ମୁକୁନ୍ଦ ପ୍ରସାଦ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇନ ବ୍ୟବସାୟଙ୍କୁ ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ।

୧୯୨୮ ମସିହାରେ କଲିକତା ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, କୋକିଳ ଦେବୀ, ସରଳା ଦେବୀ, ରମାଦେବୀ ଓ ସରୋଜିନୀ ଚୌଧୁରୀ ଆଦି ନାରୀନେତ୍ରୀମାନେ ଓଡିଶାରୁ ପ୍ରତିନିଧିତ୍ୱ କରିଥିଲେ । ୧୯୩୦ ମସିହାରେ ଇଂଚୁଡିଠାରେ ଲବଣ ସତ୍ୟାଗ୍ରହରେ ମୁକୁନ୍ଦ ପ୍ରସାଦ, ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀ, ରମାଦେବୀ, ଜାହ୍ନବୀ ଦେବୀ ଓ କୋକିଳ ଦେବୀ ଯୋଗ ଦେଇଥିଲେ । ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ ଗିରଫ ହୋଇ କାରାବରଣ କରିଥିଲେ । କିନ୍ତୁ ମୁକୁନ୍ଦ ପ୍ରସାଦ ମାଜିଷ୍ଟ୍ରେଟ ଜ୍ଞାନ ବାବୁଙ୍କ ସହାୟତାରେ ଖଲାସ ହୋଇଯାଇଥିଲେ । ମୁକୁନ୍ଦ ପ୍ରସାଦଙ୍କ ସହଯୋଗରେ ୧୯୩୧ ମସିହାରେ ବାଲେଶ୍ୱଠାରେ ଓଡିଶାର ପ୍ରଥମ ଉତ୍କଳ ମହିଳା ସମ୍ମିଳନୀ ଅନଷ୍ଠିତ ହୋଇଥିଲା । ଏଥିରେ ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଥିଲେ ଶ୍ରୀମତୀ ଜାହ୍ନବୀ ଦେବୀ । ୧୯୪୨ ମସିହାରେ "ଭାରତଛାଡ" ଆନ୍ଦୋଳନରେ ବହୁ ନେତା ଗିରଫ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିଲେ, ଏଥିରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଶ୍ରୀମତୀ ଜାହ୍ନବୀ ଦେବୀ କାରାବରଣ କରିଥିଲେ । ସ୍ୱାମୀ ମୁକୁନ୍ଦ ପ୍ରସାଦଙ୍କ ପ୍ରେରଣା ଯୋଗୁ ଜାହ୍ନବୀ ଦେବୀ ସ୍ୱାଧୀନତା ଆନ୍ଦୋଳନରେ ବହୁବାର ଗିରଫ ହୋଇଥିଲେ । ହଜାରୀବାଗ୍ ଜେଲରୁ ଖଲାସ ହୋଇ ଓଡିଶା କଂଗ୍ରେସର ନେତାମାନେ ପ୍ରଥମେ ମୁକୁନ୍ଦ ପ୍ରସାଦଙ୍କୁ ସାକ୍ଷାତ କରୁଥିଲେ । ମୁକୁନ୍ଦ ପ୍ରସାଦ ସେମାନଙ୍କର ରହିବା, ଖାଇବ ଓ ସୁବିଧା ଅସୁବିଧାର ସମସ୍ତ ଖର୍ଚ୍ଚ ବହନ କରୁଥିଲେ । ବ୍ରିଟିଶ ସରକାରଙ୍କ ୧୯୩୫ ମସିହା ଭାରତ ଆଇନ୍ ଅନୁଯାୟୀ ଓଡିଶା ବିହାରରୁ ଅଲଗା ହୋଇ, ୧୯୩୬ ମସିହା ଏପ୍ରିଲ ପହିଲା ଦିନ ବିଧିବଦ୍ଧ ଭାବେ ଓଡିଶା ସ୍ୱତନ୍ତ୍ର ରାଜ୍ୟ ରୂପେ ଘୋଷିତ ହେଲା । ତେଣୁ ରାଜ୍ୟ ବିଧାନସଭାର ୬୦ଟି ଆସନ ନିମନ୍ତେ ନିର୍ବାଚନ କରାଗଲା । ଏହି ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ ମଧ୍ୟ ସଂଖ୍ୟାଲଘୁ ବିରୋଧୀ ଦଳର ନେତା ପାରଳାଖେମୁଣ୍ଡିର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଓଡିଶାର ପ୍ରଧାନମନ୍ତ୍ରୀ ଓ ମୁକୁନ୍ଦ ପ୍ରସାଦ ଦାସ ପ୍ରଥମ ବାଚସ୍ପତି ଭାବରେ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଥିଲେ । ରେଭେନସା କଲେଜରେ ବିଧାନସଭାର ପ୍ରଥମ ଅଧିବେଶନ ୧୯୩୭ ମସିହା ଜୁଲାଇ ୨୮ ତାରିଖ ଦିନ ବସିଥିଲା । ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ବିଧାନସଭାର ସମସ୍ତ ସଭ୍ୟଙ୍କୁ ଠିଆହୋଇ ‘ବନ୍ଦେ ମାତରମ୍’ ଗାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବାଚସ୍ପତି ଭାବରେ ଓଡିଶାର ସମସ୍ତ ବିଚ୍ଛିନ୍ନାଚଂଳକୁ ଓଡିଶାରେ  ମିଶେଇବା ପାଇଁ ଅବିରତ ଚେଷ୍ଟା ଚଳାଇଥିଲେ । ବାଚସ୍ପତି ଭାବରେ ବିଧାନସଭାରେ ବ୍ୟବହୃତ  ଭାଷା ପ୍ରଶ୍ନୋତର, ତର୍କ-ବିତର୍କ ଆଦି ନିୟମ, ଆଦର୍ଶ ଓ ପରମ୍ପରା ଉପରେ ତାଙ୍କର ଗଭୀର ଦକ୍ଷତା ଥିଲା । ତାଙ୍କର ଅନେକ ଉପାଦେୟ ନିଷ୍ପତି ବିଧାନସଭାର ଗୌରବ ବୃଦ୍ଧି କରିଥିଲା । ପରବର୍ତି କାଳରେ ମୁକୁନ୍ଦ ପ୍ରସାଦ ବାଚସ୍ପତି ମାନଙ୍କ ନିମନ୍ତେ ଆଦର୍ଶ ହୋଇଯାଇଥିଲେ  ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୧୯୬୦ ମସିହାରେ ବିଶ୍ୱ କୃଷି ପ୍ରଦର୍ଶନୀ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶାରୁ ମୁକୁନ୍ଦ ପ୍ରସାଦ ପ୍ରତିନିଧି ରୂପେ ଯୋଗଦେଇ କୃଷିର ବିକାଶ ପାଇଁ କେତେକ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ । ତାଙ୍କ ଗ୍ରାମରେ ପ୍ରଥମେ ଜାପାନୀ କଳଲଙ୍ଗଳ ସାହାଯ୍ୟରେ ଚାଷ କରିଥିଲେ । କୃଷି ବ୍ୟତୀତ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ସଙ୍ଗୀତର ବହୁ ଉନ୍ନତି ସାଧିତ କରିଥିଲେ । ସେ ଏକ ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା କରିଥିଲେ । ତାଙ୍କର ୨ ପୁତ୍ର ଗୌର ଗୋପାଳ ଓ ନଟ ଗୋପାଳ । ନଟ ଗୋପାଳଙ୍କ ଅକାଳ ମୃତ୍ୟୁରେ, ସେ 'ନଟଗୋପାଳ' ନାମରେ ଗୋଟିଏ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଗଢିଥିଲେ ।

ମୁକୁନ୍ଦ ପ୍ରସାଦ ଜଣେ ସଂଗ୍ରାମୀ, ନିର୍ଭୀକ, ସ୍ୱଷ୍ଟବାଦୀ, ଆଦର୍ଶ ଓ ସରଳ ମଣିଷ ଥିଲେ । ଏହି ନିଷ୍କପଟ ସରଳ ଉତ୍କଳମାତାର ବରପୁତ୍ର ୧୯୬୯ ମସିହା ନଭେମ୍ବର ମାସ ୭ ତାରିଖରେ ଆମ ଠାରୁ ଚିରଦିନ ପାଇଁ ବିଦାୟ ନେଇଥିଲେ ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍ସିଂହପୁର
ମୋ-୯୯୩୭୨୯୧୪୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜ୍ୟେଷ୍ଠ ହିଁ ଶ୍ରେଷ୍ଠ



ସାଇ ପ୍ରସାଦ ସାହୁ

ଉତ୍କଳର ସଂସ୍କୃତି ଓ ସଭ୍ୟତା ବହୁ ପ୍ରାଚୀନ । ଏଠାରେ ବାର ମାସରେ ତେର ପର୍ବ । ବିଭିନ୍ନ ସମୟରେ ଆମ ରାଜ୍ୟ ଓଡ଼ିଶାରେ ବହୁ ସଂଖ୍ୟକ ପର୍ବପର୍ବାଣୀ ପାଳନ କରାଯାଇଥାଏ । ସେଥିମଧ୍ୟରୁ ଅନେକ ପର୍ବ ଓଡ଼ିଶାର ସମ୍ପୂର୍ଣ୍ଣ ନିଜସ୍ୱ, ଐତିହ୍ୟ ସଂପନ୍ନ ଓ ମହତ୍ତ୍ୱପୂର୍ଣ୍ଣ । କାହିଁ କେଉଁକାଳରୁ ଦେବତାମାନଙ୍କୁ ମର୍ତ୍ତ୍ୟରେ ମାନବ ରୂପରେ ସଜେଇ ଓଡ଼ିଶା ପାଳି ଆସୁଛି ଅନେକ ଓଷା, ବାର, ବ୍ରତ ଓ ପର୍ବ । ଦେବତ୍ୱ ଓ ମାନବୀୟ ଭାବନାର ସମନ୍ୱୟର ପରିପ୍ରକାଶ ଓଡ଼ିଶାର ମାଟି, ପାଣି, ପବନ ଓ ଜନଜୀବନକୁ କରିଛି ଆହୁରି ପବିତ୍ର ଓ ସ୍ୱତନ୍ତ୍ର । ପର୍ବମାନଙ୍କ ମଧ୍ୟରେ ଓଡ଼ିଆମାନଙ୍କର ନିଜସ୍ୱ ପର୍ବ ହେଉଛି ପ୍ରଥମାଷ୍ଟମୀ । ଭାରତର ଅନ୍ୟ କୌଣସି ରାଜ୍ୟରେ ଏହି ପର୍ବ ପାଳନ କରା ଯାଉଥିବାର ବେଶ୍ ଦେଖିବାକୁ ମିଳେ ନାହିଁ । ଏଥିରେ ଓଡ଼ିଆ ମାନଙ୍କ ନିଜସ୍ୱ ସ୍ୱତନ୍ତ୍ରତା ରହିଛି । ମାସ ଚକ୍ରରେ ମାର୍ଗଶୀର ମାସ ଶ୍ରେଷ୍ଠ ହୋଇଥିବାରୁ ଏହି ମାସର ମାହାତ୍ମ୍ୟ ପୁରାଣ ଓ ଧର୍ମଶାସ୍ତ୍ର ମାନଙ୍କରେ କୀର୍ତ୍ତିତ ହୋଇଛି । ଏହି ମାସର ପ୍ରାଧାନ୍ୟ ମଧ୍ୟ ଅନେକ । ପ୍ରଥମାଷ୍ଟମୀ ଓଡ଼ିଆଙ୍କର ଏକ ସୁପରିଚିତ ଓ ପାରମ୍ପରିକ ପର୍ବ । ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହି ପର୍ବ ପାଳିତ ହୋଇଥାଏ । ଯାହାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଥମାଷ୍ଟମୀ ବା ଲୋକମୁଖରେ ଅଷ୍ଟେଇଁ ବୋଲି କୁହାଯାଇଥାଏ ।

ପ୍ରଥମାର ଅପଭ୍ରଂଶ ହେଉଛି ପଢୁଆଁ । ପରିବାରରେ ଜ୍ୟେଷ୍ଠଙ୍କୁ ସମ୍ମାନ, ଦାୟିତ୍ୱବୋଧ ଓ ଆୟୁବୃଦ୍ଧିର କାମନା ସହ ମାମୁଁଘର ସହିତ ସମ୍ପର୍କକୁ ନିବିଡ଼ ଓ ଦୃଢ଼ିଭୂତ କରାଇବା ଏହି ପର୍ବର ମୁଖ୍ୟ ବୈଶିଷ୍ଟ୍ୟ । ସାଧାରଣତଃ ଏହି ପର୍ବରେ ଘରର ପ୍ରଥମ ସନ୍ତାନକୁ ବିଶେଷ ସମ୍ମାନ ଦିଆଯାଇଥାଏ । ବଂଶାନୁକ୍ରମେ ପରିବାରରେ ଯେଉଁମାନେ ଜ୍ୟେଷ୍ଠ, ପିଢ଼ି ପରେ ପିଢ଼ି ତାଙ୍କରି ଉପରେ ଘର ପରିବାରର ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ ।

ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କର୍ତ୍ତବ୍ୟପରାୟଣତା ସମ୍ପର୍କରେ ସଚେତନତା ସହ ପରିବାରର ସମସ୍ତଙ୍କୁ ସାଥିରେ ନେଇ ଚାଲିବାର ମହାନତା ସମ୍ପର୍କରେ ଶୈଶବ ଦିନରୁ ହିଁ ଏଥିରୁ ଶିକ୍ଷା ମିଳିଥାଏ । ପରୁହାଁ ହେବାକୁ ନେଇ ଘରର ବଡ଼ପୁଅ ଝିଅମାନେ ଏବଂ ଭଣଜା ଭାଣିଜୀମାନଙ୍କ ମନରେ ଉଦ୍ଦୀପନା ଓ ଆଗ୍ରହ ସୃଷ୍ଟି ହୋଇଥାଏ । ଶାସ୍ତ୍ର ଏବଂ ପଣ୍ଡିତଙ୍କ ମତାନୁଯାୟୀ, ଏହି ପର୍ବ ଜ୍ୟେଷ୍ଠମାନଙ୍କର ଆୟୁବୃଦ୍ଧି ପାଇଁ କରାଯାଉଥିବାରୁ ଭଣଜା ଭାଣିଜୀ ଓ ଘରର ବଡ଼ ପୁଅଝିଅ ପରୁହାଁ ହେବାର ପରମ୍ପରା ପର୍ବର ମୁଖ୍ୟ ଆକର୍ଷଣ । ଜ୍ୟେଷ୍ଠ ସନ୍ତାନଗଣ ପିଣ୍ଡଦାନ ଅଧିକାରୀ, ପରିବାରର ପ୍ରତିପୋଷକ ଓ ପିତାମାତାଙ୍କର ହିତକାରୀ ।

ଏହିଦିନ ପ୍ରତ୍ୟୁଷରୁ ଘରର ଜ୍ୟେଷ୍ଠ ପିଲାମାନଙ୍କୁ ହଳଦୀ ପାଣିରେ ଗାଧୋଇ ଦେଇ ନୂଆ ବସ୍ତ୍ର ପରିଧାନ କରାଇବା ପରେ ଅଗଣାରେ ଥିବା ତୁଳସୀ ଚଉଁରା ନିକଟରେ ପୂଜା କରାଯାଏ । ହଳଦୀ ପାଣିରେ ଗାଧୋଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ଏହାପରେ ମାମୁଁ ଘରୁ ଆସିଥିବା ନୂଆ ପୋଷାକ ପରିଧାନ କରି ମୁଣ୍ଡରେ ଚନ୍ଦନ ଟିପା ଲଗାଇ ପରିବାରର ମା, ଜେଜେମା'ଙ୍କ ଦ୍ୱାରା ବନ୍ଦାପନା ହୋଇ ପରୁହାଁ ହୋଇଥାନ୍ତି । ଏହି ପର୍ବର ଅନ୍ୟ ଏକ ବୈଶିଷ୍ଟ୍ୟ ସ୍ୱରୂପ କେବଳ ମାମୁଁଘରୁ ଆସିଥିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୋଷାକ ପରିଧାନ କରି ଜ୍ୟେଷ୍ଠମାନେ ହିଁ ପରୁହାଁ ହୋଇଥାନ୍ତି । ପୌରଣିକ ତଥ୍ୟ ଅନୁଯାୟୀ, ଏହି ଦିନ ମା' ଦେବକୀଙ୍କ ଗର୍ଭରେ ଶ୍ରୀକୃଷ୍ଣ ରହିଥିଲେ ଏବଂ ଦଶମାସ ଦଶଦିନ ପରେ ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଜନ୍ମଗ୍ରହଣ କରିଥିଲେ । ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପ୍ରାଣ । ଜଗନ୍ନାଥଙ୍କ ପାଇଁ ଏହି ପର୍ବ ପାଳନ ହେଉଥିବା ବେଳେ ଏହିଦିନ ମନ୍ଦିର ମାନଙ୍କରେ ବଡ଼ଭାଇ ବଳଭଦ୍ରଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇ ହଳଦୀ ପତ୍ରରେ ପ୍ରସ୍ତୁତ ସୁସ୍ୱାଦୁ ଏଣ୍ଡୁରୀ ପିଠା ଭୋଗ ଲାଗି କରାଯାଇଥାଏ ।

ହଳଦୀ ପତ୍ରରେ ତିଆରି ଏଣ୍ଡୁରୀ ପିଠା ପ୍ରଥମାଷ୍ଟମୀର ପ୍ରଧାନ ବିଶେଷତ୍ୱ । ଅନ୍ୟ କୌଣସି ପିଠାରେ ହଳଦୀ ପତ୍ର ବ୍ୟବହୃତ ହୁଏ ନାହିଁ । ଆମ ସଂସ୍କୃତିରେ ହଳଦୀ ଏକ ଦିବ୍ୟ ଏବଂ ଶୁଭ ଦ୍ରବ୍ୟ । ଓଡ଼ିଆ ଘରର ଯେକୌଣସି ଶୁଭ କାର୍ଯ୍ୟରେ ଗୋଟା ହଳଦୀ ଖଣ୍ଡିଏ କିମ୍ବା କଟା ହଳଦୀ ଗୁଳାଟିଏ ବନ୍ଦାପନା ଥାଳିରେ ରଖାଯାଏ । ଏପରିକି ଝିଅ ଶାଶୁ ଘରକୁ ଯିବା ସମୟରେ ମା' ମାନେ ତାଙ୍କ ପେଡ଼ିରେ ଝିଅର ଶୁଭ ମନାସୀ ସାତଖଣ୍ଡି ଗୋଟା ହଳଦୀ ପକାଇଥାନ୍ତି ।

ପ୍ରଥମାଷ୍ଟମୀରେ ହଳଦୀପତ୍ରର ବ୍ୟବହାର ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରଥମାଷ୍ଟମୀର ଏଣ୍ଡୁରୀ ପିଠା ପାଇଁ ହଳଦୀ ପତ୍ରର ବ୍ୟବହାର ଏକ ଅନନ୍ୟ ପରମ୍ପରା । ପ୍ରଥମାଷ୍ଟମୀର ପୂର୍ବଦିନ ଏଣ୍ଡୁରୀ ପିଠା ପାଇଁ ଅଧାର ହାଣ୍ଡି ପ୍ରସ୍ତୁତ କରାଯାଇଥାଏ । ଅଧାର ହାଣ୍ଡି ମଧ୍ୟରେ ସରୁ ସରୁ କାଠି ଖଞ୍ଜା ହୋଇ ସ୍ୱତନ୍ତ୍ର ଶୈଳୀରେ ଏହା ତିଆରି ହୋଇଥାଏ । ହଳଦୀପତ୍ରରେ ବଟାଯାଇଥିବା ଉଆପାଖିଆ ଚାଉଳ ଏବଂ ବିରି ସହ ଏହି ପିଠାରେ ନଡ଼ିଆ, ଛେନା ଓ ଖସାପୁର ମଧ୍ୟ ଦିଆଯାଏ । ଗାଁ ଗହଳିରେ ଏହି ପିଠା ଅଷ୍ଟମୀ ଦିନରୁ ଆଠଦିନ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥାଏ ଏବଂ ଶେଷଦିନ ଯେଉଁ ପିଠା ପ୍ରସ୍ତୁତ ହୋଇଥାଏ ତାକୁ ଅଧାର ଭଙ୍ଗା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପିଠା ବୋଲି ମଧ୍ୟ କୁହାଯାଇଥାଏ । ହଳଦୀ ପତ୍ରରେ ପ୍ରସ୍ତୁତ ଏହି ପିଠାର ଔଷଧୀୟ ଗୁଣ ମଧ୍ୟ ରହିଛି । ପିଠା ହଳଦୀ ପତ୍ରରେ ତିଆରି ହୋଇଥିବାରୁ ଏହା ଜୀବାଣୁନାଶକ ଏବଂ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ।

ଅରୁଆ ଚାଉଳରେ ତିଆରି ଏଣ୍ଡୁରୀ ପିଠା ମଧ୍ୟରେ ଯଥେଷ୍ଟ ଫରକ ଥାଏ । ଅରୁଆ ଚାଉଳ ତିଆରି ପିଠା ସହଜରେ ହଜମ ହୋଇନଥାଏ । କିନ୍ତୁ ଉଆପାଖିଆ ଚାଉଳରେ ଶର୍କରା, ଶ୍ୱେତସାର ଓ ପୁଷ୍ଟିସାର ରହିଥିବାରୁ ତାହା ସହଜରେ ହଜମ ହୋଇଥାଏ । ଅରୁଆ ଧାନକୁ ଉଆପାଖିଆ କରାଯିବା ପରେ ଏହାର ମାନ ବଢ଼ିଥାଏ । ଏଣ୍ଡୁରୀ ପିଠା ତିଆରିରେ ହଳଦୀ ପତ୍ର ବ୍ୟବହାର ହେଉଥିବାରୁ ହଳଦୀ ପତ୍ରର ଚାହିଦା ସବୁଠୁ ଅଧିକ ।

ପ୍ରଥମାଷ୍ଟମୀର ଅନ୍ୟ ଏକ ନାମ ହେଉଛି "ସୌଭାଗିନୀ ଅଷ୍ଟମୀ" । ଏହି ସମୟରେ କୃଷକ କ୍ଷେତ୍ରରୁ ପ୍ରଥମ ଧାନ ଅମଳ କରି ଘରକୁ ଆଣିଥାଏ । ଧାନ ହେଉଛି କୃଷକର ସୌଭାଗ୍ୟର ପ୍ରତୀକ । ତେଣୁ ଧାନ ଆଦାୟ ଓ ଅମଳକୁ କୃଷକ ଘରେ ସନ୍ତାନ ଜନ୍ମ ହେଲେ ଯେପରି ଖୁସି ମନାନ୍ତି, ଅମାରକୁ ପ୍ରଥମ ଫସଲର ଧାନ ଆସିଲେ ସେପରି ଅନୁଭବ କରନ୍ତି । ଘରେ ଧନଧାନ୍ୟରେ ଭରପୁର ହେଲେ କୃଷକ ସର୍ବଦା ଖୁସିରେ ରହେ । ତେଣୁ ପ୍ରଥମାଷ୍ଟମୀକୁ ସୌଭାଗିନୀ ଅଷ୍ଟମୀ ବୋଲି କୁହାଯାଇଥାଏ । ତାନ୍ତ୍ରିକମାନଙ୍କ ପାଇଁ ପ୍ରଥମାଷ୍ଟମୀର ରାତ୍ରି ହେଉଛି ତନ୍ତ୍ର ସାଧନର ପ୍ରକୃଷ୍ଟ ସମୟ । ଏହି ଅଷ୍ଟମୀ ଦିନ କାଳ ଭୈରବଙ୍କ ବ୍ରତ ଉପବାସ କଲେ ମନୁଷ୍ୟ ପୂର୍ବ ପାପରୁ ମୁକ୍ତି ପାଇଥାଏ । ତେଣୁ ପ୍ରଥମାଷ୍ଟମୀକୁ “କାଳଭୈରବାଷ୍ଟମୀ" ମଧ୍ୟ କୁହାଯାଏ । କାଳଭୈରବାଷ୍ଟମୀକୁ କେହି କେହି ପାପନାଶିନୀ ଅଷ୍ଟମୀ ବୋଲି ମଧ୍ୟ କହିଥାନ୍ତି । ଏହି ଅଷ୍ଟମୀରେ ଲିଙ୍ଗରାଜ ମହାପ୍ରଭୁ ତାଙ୍କ ମାମୁଁଘର କପାଳି ମଠକୁ ପଢୁଆଁ ହେବା ପାଇଁ ଯାଇଥାନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରିବାରର ପ୍ରଥମ ସନ୍ତାନକୁ ଶ୍ରଦ୍ଧା ଓ ସମ୍ମାନ କରିବା କ୍ଷେତ୍ରରେ ସେମାନଙ୍କ ପ୍ରତି ପରିବାରର ଗୁରୁଦାୟିତ୍ୱ ସମ୍ପର୍କରେ ସୂଚିତ କରିବା ମଧ୍ୟ ହେଉଛି ଏହାର ଭାବାର୍ଥ । ପ୍ରଥମାଷ୍ଟମୀର ସକାଳର ପ୍ରଥମ ସୂର୍ଯ୍ୟର ପୁଲକରେ ଜ୍ୟେଷ୍ଠ ସନ୍ତାନକୁ ସ୍ନାନ ଓ ଦେବାଳୟରେ ଠାକୁରଙ୍କ କୃପାପ୍ରାପ୍ତି ସହ ସମସ୍ତଙ୍କ ଶୁଭାଶୀର୍ବାଦ ନେବାର ଚେତନା ହେଉଛି ଓଡ଼ିଆ ପ୍ରଥମାଷ୍ଟମୀର ମୂଳଭିତ୍ତି । ପ୍ରଥମାଷ୍ଟମୀ ହେଉଛି ସାମାଜିକ ମୂଲ୍ୟବୋଧ ତଥା କୃଷିଭିତ୍ତିକ ମହାନ୍ ସାଂସ୍କୃତିକ ପରମ୍ପରାର ନିଦର୍ଶନ, ଯାହା ଭାରତରେ ଅନ୍ୟତ୍ର ବିରଳ ।

ସାଇପ୍ରସାଦ ସାହୁ
ସିନ୍ଧେକେଲା ,ବଲାଙ୍ଗୀର
ଭ୍ରାମ୍ୟ ଭାଷ – ୯୯୩୭୦୩୪୭୪୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆମେ ଓ ଆମ ଅଧୋଗତିର କାରଣ



ପ୍ରହ୍ଲାଦ ସାହୁ

ଆଜି ଦେଶର ନୂତନ ପିଢିକୁ ଆକର୍ଷିତ କରି ରଖିଥିବା ତିନୋଟି କ୍ଷେତ୍ର ହେଉଛି ସିନେମା, କ୍ରିକେଟ୍ ଏବଂ ରାଜନୀତି । ଏହି ତିନୋଟି କ୍ଷେତ୍ରର ଲୋକଙ୍କର ରୋଜଗାର ଏବଂ ପ୍ରତିଷ୍ଠା ସବୁ ଠାରୁ ଅଧିକ । ଏହି ତିନୋଟି କ୍ଷେତ୍ର ହେଉଛି ଆଧୁନିକ ଯୁବକ ଯୁବତୀମାନଙ୍କର ଆଦର୍ଶ । ବର୍ତ୍ତମାନ ସେମାନଙ୍କର ବିଶ୍ୱାସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । "ବିଶ୍ୱାସନୀୟତାର ଅନୁପସ୍ଥିତିରେ ଜିନିଷଗୁଡ଼ିକର ପ୍ରାସଙ୍ଗିକତା ରହେ ନାହିଁ ।" ଯେତେବେଳେ ଜିନିଷ ମହଙ୍ଗା ହୁଏ, ଅବିଶ୍ୱାସନୀୟ ହୁଏ, ଅପ୍ରାସଙ୍ଗିକ ହୁଏ, ସେତେବେଳେ ତାହା ଦେଶ ଏବଂ ସମାଜ ପାଇଁ ଅର୍ଥହୀନ ତଥା ବେଳେବେଳେ ଆତ୍ମଘାତୀ ମଧ୍ୟ ହୋଇଥାଏ । ଯେକୌଣସି ସାଧାରଣ ବ୍ୟକ୍ତି ଧନ, ଲୋକପ୍ରିୟତା ଏବଂ ଷ୍ଟେଟସ ପ୍ରତି ପ୍ରଭାବିତ ହୋଇ ଯାଇଥାନ୍ତି ।

କ୍ରିକେଟରେ ମ୍ୟାଚ୍ ଫିକ୍ସିଂ । ରାଜନୀତିରେ ଗୁଣ୍ଡାଗର୍ଦ୍ଦି ଓ ଦୁର୍ନୀତି । ବଲିଉଡରେ ଡ୍ରଗସ୍ କିମ୍ବା ବେଶ୍ୟାବୃତ୍ତି ।

ଏସବୁ ପଛରେ ମୁଖ୍ୟ କାରଣ ହେଉଛି ଅର୍ଥ ଏବଂ ଏହି ଅର୍ଥକୁ ସେମାନଙ୍କ ନିକଟରେ ଆମେ ପହୁଞ୍ଚାଇଥାଉ । ଏହା ହେଉଛି ଆମର ମୂର୍ଖାମି ବା ମୂର୍ଖତାର ପରାକାଷ୍ଠା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୩୦-୪୦ ବର୍ଷ ପୂର୍ବେ କ୍ରିକେଟରମାନଙ୍କ ବିଶେଷ କିଛି ନଥିଲା । ୨୦-୩୦ ବର୍ଷ ପୂର୍ବେ ମଧ୍ୟ ରାଜନୀତିରେ ଏତେ ହଲଚଲ ନଥିଲା । ୬୦-୭୦ ବର୍ଷ ପୂର୍ବେ ପ୍ରସିଦ୍ଧ ଅଭିନେତା ମାନଙ୍କୁ ଏତେ ପାରିଶ୍ରମିକ ମିଳୁ ନଥିଲା । ଧୀରେ ଧୀରେ ସେମାନେ ଆମକୁ ଲୁଟିବା ଆରମ୍ଭ କଲେ ଏବଂ ଆମେ ମଧ୍ୟ ଖୁସିରେ ଲୁଣ୍ଠିତ ହୋଇ ଚାଲିଲୁ । ଆମେ ଏହି ମାଫିଆର କବଳରେ ଫସି ରହି ଆମ ପିଲାମାନଙ୍କର ଭବିଷ୍ୟତ ତଥା ଆମ ଦେଶର ଭବିଷ୍ୟତକୁ ମଧ୍ୟ ନଷ୍ଟ କରି ଚାଲିଲେ ।

ଅତୀତରେ, କ୍ରିକେଟର ଏତେ ଗର୍ବି ନଥିଲେ । ରାଜନେତାମାନେ ଏତେ ଅହଂକାରୀ ନଥିଲେ । ଚଳଚ୍ଚିତ୍ରଗୁଡିକ ଏତେ ଅଶ୍ଳୀଳ ଏବଂ ବେକାର ନଥିଲା । ଆଜି ତ ଏମାନେ ସବୁ ଆମର ଭଗବାନ ପାଲଟି ଯାଇଛନ୍ତି ।

ଯେଉଁ ଦେଶରେ ବିଶିଷ୍ଟ ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ପ୍ରଫେସର ଓ ବଡ ଅଧିକାରୀମାନଙ୍କୁ ବର୍ଷକୁ ୧୫ ଲକ୍ଷରୁ ୨୦ ଲକ୍ଷ ଟଙ୍କା ମିଳିଥାଏ; ଯେଉଁ ଦେଶର ରାଷ୍ଟ୍ରପତି ବାର୍ଷିକ ୧ କୋଟିରୁ କମ୍ ରୋଜଗାର କରିଥାନ୍ତି; ସେହି ଦେଶରେ ଜଣେ ଚଳଚ୍ଚିତ୍ର ଅଭିନେତା ପ୍ରତି ବର୍ଷ ୧୦ କୋଟିରୁ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ରୋଜଗାର କରି ପାରିଥାନ୍ତି । ଏହି ଅଭିନେତା କିମ୍ବା ଅଭିନେତ୍ରୀମାନେ ଏମିତି କ'ଣ କରନ୍ତି ଯେ ଏକ ଚଳଚ୍ଚିତ୍ର ପାଇଁ ସେମାନଙ୍କୁ ୫୦ କୋଟି କିମ୍ବା ୧୦୦ କୋଟି ଟଙ୍କା ଦିଆଯାଉଛି ? ବାସ୍ତବରେ, ସେମାନେ ଏପରି ଭାବରେ କ'ଣ କରିଥାନ୍ତି ଯେ ବର୍ଷରେ ଏତେ କମେଇ ଥା'ନ୍ତି ଯାହାକୁ ଦେଶର ସର୍ବୋଚ୍ଚ ବୈଜ୍ଞାନିକ ସେତିକି ରୋଜଗାର କରିବାକୁ ହୁଏତ ୧୦୦ ବର୍ଷ ଲାଗିପାରେ ?

ଆମର ପିଲାମାନେ ମୂର୍ଖ ପରି ସଲମାନ୍ ଖାନ୍, ଆମୀର ଖାନ୍, ଶାହାରୁଖ ଖାନ୍, ଅମିତାଭ ବଚ୍ଚନ, ଧର୍ମେନ୍ଦ୍ର, ଜିତେନ୍ଦ୍ର, ହେମା, ରେଖା, ଜୟା ବଚ୍ଚନଙ୍କୁ ଆଦର୍ଶ ମାନୁଛନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆମ ଦେଶର ବିକାଶରେ ସେମାନଙ୍କର ଅବଦାନ କ'ଣ ? କ'ଣ ସହଯୋଗ କରିଛନ୍ତି ସେମାନେ ?

ଭାରତରେ ୬ ଲକ୍ଷରୁ ଅଧିକ ଲୋକ ରାଜନୀତି କରି ଜୀବିକା ନିର୍ବାହ କରନ୍ତି । ଆଜି ଏହି ସଂଖ୍ୟା ଏକ କୋଟିରେ ଯାଇ ପହଞ୍ଚିଯାଇଛି । ଯେଉଁ ଦେଶରେ ଏକ ପିଅନ ନୌକରୀ ପାଇଁ ହଜାର ହଜାର ଉଚ୍ଚ ଶିକ୍ଷା ପ୍ରାପ୍ତ ବେକାର ଯୁବକ ଯୁବତୀ ଲମ୍ବା ଲାଇନ ଲଗେଇ ବର୍ଷ ବର୍ଷ ଧରି ଅପେକ୍ଷାରତ ଏବଂ ଯଦିଓ ଫାଷ୍ଟ ସିଲେକ୍ସନ ଲିଷ୍ଟରେ ନାମ ଆସିଯାଏ ତେବେ ସେକେଣ୍ଡ ଇଣ୍ଟରଭିଉ ପାଇଁ ଜନ୍ମରୁ ଏଯାବତ ପ୍ରତ୍ୟେକ ସାର୍ଟିଫିକେଟ ଦେଖେଇବାକୁ ପଡିଥାଏ ସେହି ଦେଶରେ ରାଜନେତାମାନଙ୍କର ସିଲେକ୍ସନ ବିନା ସାର୍ଟିଫିକେଟ ବିନା ଶିକ୍ଷାଗତ ଯୋଗ୍ୟତାର ଆମେ ମାନେ କରିଥାନ୍ତି । ସେଠି ଆମେ ସେମାନଙ୍କ ଠାରୁ କେବଳ ଦୁର୍ନୀତି, ଗୁଣ୍ଡାଗର୍ଦି, ଭ୍ରଷ୍ଟାଚାର ବ୍ୟତିତ ଆଉ ଅଧିକ କଣ ବା ଆଶା ରଖିବା ?

କିଛି ଦିନ ପୂର୍ବରୁ, ପର୍ତ୍ତୁଗାଲର ଜଣେ ଡାକ୍ତରାଣୀ ବିତସ୍ପୃହ ହୋଇ କହିଲେ, "ଏବେ ରୋନାଲଡୋ ପାଖକୁ ଯାଅନା, ଯାହାକୁ ତୁମେ ଲକ୍ଷ ଲକ୍ଷ ଟଙ୍କା ଦିଅ । ମୁଁ ତ କେବଳ କେତେ ହଜାର ଟଙ୍କା ପାଏ । ସେ... ?" ମୁଁ ଦୃଢ ଭାବରେ ବିଶ୍ୱାସ କରେ - ଯେଉଁ ଦେଶରେ ଯୁବ ପିଢି, ଛାତ୍ରମାନଙ୍କର ଆଦର୍ଶ ବୈଜ୍ଞାନିକ, ଡାକ୍ତର, ଗବେଷଣାକାରୀ, ଏକାଡେମିସିଆନ୍ ଇତ୍ୟାଦି ନ ହୋଇ, ଅଭିନେତା, ରାଜନେତା ଏବଂ କ୍ରୀଡ଼ାବିତ୍ ହେବେ, ସେତେବେଳେ ଯଦିଓ ସେମାନଙ୍କର ଆର୍ଥିକ ପ୍ରଗତି ହେବ, ଦେଶ କଦାପି ଅଗ୍ରଗତି କରିବ ନାହିଁ । ସାମାଜିକ, ବୌଦ୍ଧିକ, ସାଂସ୍କୃତିକ, ରଣନୀତି ଅନୁଯାୟୀ ଦେଶ ସର୍ବଦା ପଛୁଆ ରହିବ । ଏପରିକି ଦେଶର ଏକତା ଏବଂ ଅଖଣ୍ଡତା ସର୍ବଦା ବିପଦରେ ରହିବ । ଯେତେବେଳେ ୟୁରୋପ କରୋନା ଦ୍ୱାରା ଧ୍ୱଂସ ହେଉଥିଲା ଏବଂ ଡାକ୍ତରମାନଙ୍କୁ ଲଗାତାର ଅନେକ ମାସ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପର୍ଯ୍ୟନ୍ତ ଟିକେ ମଧ୍ୟ ବିରତି ମିଳୁନଥିଲା ।

ଯେଉଁ ଦେଶରେ ଅନାବଶ୍ୟକ ଏବଂ ଅପ୍ରାସଙ୍ଗିକ କ୍ଷେତ୍ରର ପ୍ରାଧାନ୍ୟତା ବୃଦ୍ଧି ପାଇବ, ସେହି ଦେଶ ଦିନକୁ ଦିନ ଦୁର୍ବଳ ହୋଇଯିବ । ଦେଶରେ ଦୁର୍ନୀତିଗ୍ରସ୍ତ ତଥା ଦେଶଦ୍ରୋହୀ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବ, ସଚ୍ଚୋଟ ବ୍ୟକ୍ତିମାନେ ଧରାଶାୟୀ ହେବେ ଏବଂ ଜାତୀୟତାବାଦୀ ଲୋକମାନେ ଅତି କଷ୍ଟଦାୟକ ଜୀବନଯାପନ କରିବାକୁ ବାଧ୍ୟ ହେବେ ।"

ସବୁ କ୍ଷେତ୍ରରେ କିଛି ଭଲ ଲୋକ ମଧ୍ୟ ରହିଥାନ୍ତି । ସେମାନଙ୍କର ବ୍ୟକ୍ତିତ୍ୱ ପାଇଁ ସେମାନେ ସର୍ବଦା ସମ୍ମାନ ଯୋଗ୍ୟ । ପ୍ରତିଭାବାନ, ସଚ୍ଚୋଟ, କର୍ତ୍ତବ୍ୟନିଷ୍ଠ, ସମାଜସେବୀ, ଦେଶପ୍ରେମୀ, ଜାତୀୟତାବାଦୀ, ଲଢୁଆ ଓ ସାହସୀ ଲୋକଙ୍କୁ ଆମର ଆଦର୍ଶ କରିବା ଆବଶ୍ୟକ ।

ଆଜି ଆମ ସମସ୍ତଙ୍କୁ ଜାଗ୍ରତ ହେବା ଦରକାର ଏବଂ ଆମକୁ ନାଟୁଆ, ମଦୁଆ, ବେଧୁଆ, ବଦମାସି, ଗୁଣ୍ଡା, ବଂଶବାଦୀ, ଜାତିବାଦୀ ତଥା ଦୁର୍ଦ୍ଦାନ୍ତ ଦେଶଦ୍ରୋହୀଙ୍କୁ ଅପମାନିତ କରି ତଥା ସାମାଜିକ, ଅର୍ଥନୀତିକ ଏବଂ ରାଜନୈତିକ ଦୃଷ୍ଟିରୁ ସେମାନଙ୍କୁ ବହିଷ୍କାର କରିବାକୁ ପଡିବ । ଯଦି ଆମେ ଏହା ନ କରିପାରିବା ତେବେ ଦେଶ ରସାତଳଗାମୀ ହେବା ସୁନିଶ୍ଚିତ ଏବଂ ଦେଶର ଅଧୋଗତି ମଧ୍ୟ ନିଶ୍ଚିତ ।


ନୂଆଦିଲ୍ଲୀ: ୮୧୭୮୭୪୫୨୭୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁସ୍ତକ ସମୀକ୍ଷା




'ଆଶାର ବଳୟ', କବୟିତ୍ରୀ ଶ୍ରୀମତୀ ଅନସୂୟା ପଣ୍ଡାଙ୍କର ପ୍ରଥମ କବିତା ସଂକଳନ । ୫୪ଟି ସ୍ୱରଚିତ କବିତା ଏଥିରେ ସ୍ଥାନ ପାଇଛି । ସବୁ କବିତା ଗୁଡିକ ବିଭିନ୍ନ ପତ୍ରପତ୍ରିକାରେ ଓ ଖବରକାଗଜରେ ପ୍ରକାଶିତ ଓ ବେଶ୍ ଆଦୃତ । ବିଗତ କୋଡିଏ ବର୍ଷ ଧରି ତାଙ୍କ ଲେଖନୀରୁ ନିସୃତ, ଅନୁଭବ ପୁଷ୍ପର ମାଳା ହୋଇଛି ଏହି ସଂକଳନ । ତାଙ୍କ ଚିନ୍ତା, ଚେତନା, ଚିନ୍ତନ, ମନନ, ଅବଗାହନ ଓ ଅନୁସନ୍ଧାନ ଭିତରୁ ନୂତନ କାବ୍ୟିକ ଧାରା ଜନ୍ମ ନେଇଥିବା ମନେ ହୁଏ । ସବୁ କବିତା ଗୁଡିକରେ ଶବ୍ଦ ସଂଯୋଜନା ଅତ୍ୟନ୍ତ ଶକ୍ତିଶାଳୀ, ମନୋମୁଗ୍ଧକର ଓ ରୁଚି ସମ୍ପନ୍ନ । ପ୍ରାରମ୍ଭିକ ଆଦ୍ୟକଥାନୀ ସୃଜନମୟ ପ୍ରତିବଦ୍ଧତାର ପରିଚୟ ଦେଇଛି । ବରେଣ୍ୟ ପଣ୍ଡିତ ଡ: ପ୍ରବୋଧ କୁମାର ମିଶ୍ର, ଡି. ଲିଟ. ମହୋଦୟଙ୍କ ସଂକ୍ଷିପ୍ତ ବାର୍ତ୍ତା ସୁଖପାଠ୍ୟ ଓ ପ୍ରଶଂସନୀୟ । ସୁନ୍ଦର ପ୍ରଛଦ ଓ କଳେବରରେ ସଂକଳନଟି ସାବଲୀଳ, ସୁବୋଧ୍ୟ, ରୋଚକ, ସାର୍ଥକ ଓ ଅତୁଳନୀୟ । ନୂତନତ୍ୱରେ ଗୁଣଙ୍କ ପାଠକ-ପାଠିକାଙ୍କ ଦ୍ୱାରା ଆକର୍ଷିତ ହୋଇଉଠିବ ଏହାର ଅନ୍ତସ୍ପନ୍ଦନ ଓ ସୌନ୍ଦର୍ଯ୍ୟବୋଧ ।

Link for E-book:-https://www.amazon.in/dp/9390821762/ref=cm_sw_r_awdo_navT_a_WZX18MJ43804KHK8M4E7

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜାନୁଆରୀ ୨୦୨୨

ଲେଖା ପଠାଇବାର ଶେଷ ତାରିଖ : ୩ ଜାନୁଆରୀ ୨୦୨୨

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan